# ସୂଚୀପତ୍ର


| | | |
|---|---|---|
| **ମଡ୍ୟୁଲ ୩** | **ଆଧୁନିକ ଭାରତ** | |
| ପାଠ ୧୬ | ୧୮୫୭ ମସିହା ପର୍ଯ୍ୟନ୍ତ ଭାରତରେ ବ୍ରିଟିଶ ଶାସନର ସଂସ୍ଥାପନ | 01 |
| ପାଠ ୧୭ | ବ୍ରିଟିଶ ଉପନିବେଶବାଦର ଆର୍ଥିକ ପ୍ରଭାବ | 21 |
| ପାଠ ୧୮ | ଆଧୁନିକ ଭାରତରେ ସାମାଜିକ ପରିବର୍ତ୍ତନ | 36 |
| ପାଠ ୧୯ | କମ୍ପାନୀ ଶାସନକୁ ଜନବିରୋଧ | 56 |

| | | |
|---|---|---|
| **ମଡ୍ୟୁଲ ୪** | **ଭାରତର ସ୍ୱାଧୀନତା ସଂଗ୍ରାମ ଓ ସମସାମୟିକ ଭାରତ** | |
| ପାଠ ୨୦ | ରାଷ୍ଟ୍ରବାଦ | 68 |
| ପାଠ ୨୧ | ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ | 83 |

| | | |
|---|---|---|
| **ମଡ୍ୟୁଲ ୫** | **ବିଂଶ ଶତାବ୍ଦୀର ପୃଥିବୀ** | |
| ପାଠ ୨୨ | ୧୯୦୦ର ବିଶ୍ୱ ଉନବିଂଶ ଶତାବ୍ଦୀର ମହତ୍ୱ | 113 |
| ପାଠ ୨୩ | ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଋଷ ବିପ୍ଳବ : | 128 |
| ପାଠ ୨୪ | ଯୁଦ୍ଧ ମଧ୍ୟବର୍ତ୍ତୀ ସମୟ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ | 142 |
| ପାଠ ୨୫ | ଶୀତଳ ଯୁଦ୍ଧ ଏବଂ ଏହାର ରାଜନୀତି | 169 |
| ପାଠ ୨୬ | ରାଷ୍ଟ୍ରୀୟ ମୁକ୍ତି ଆନ୍ଦୋଳନ | 190 |
| ପାଠ ୨୭ | ସାମାଜିକ ପରିବର୍ତ୍ତନ | 210 |
| ପାଠ ୨୮ | ବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବର୍ତ୍ତନ | 221 |

- ପାଠ ଉପରେ ପ୍ରତିକ୍ରିୟା





୧୬

# ୧୮୫୭ ମସିହା ପର୍ଯ୍ୟନ୍ତ ଭାରତରେ ବ୍ରିଟିଶ ଶାସନର ସଂସ୍ଥାପନ

ଭାରତରେ ଇଂରେଜମାନଙ୍କର ଔପଚାରିକ ଶାସନ ଆରମ୍ଭ ହେବା ପୂର୍ବରୁ ଭାରତୀୟ-ଇଉରୋପୀୟ ଆର୍ଥିକ ସମ୍ବନ୍ଧର ଏକ ପୃଷ୍ଠଭୂମି ରହିଥିଲା । ଇଂରେଜ ଇଷ୍ଟ ଇଣ୍ଡିଆ କମ୍ପାନୀ ୧୬୦୦ ମସିହାରେ ସ୍ଥାପିତ ହୋଇଥିଲା । ଏହାକୁ ମଧ୍ୟ ଜନ କମ୍ପାନୀ ବୋଲି କୁହା ହେଉଥିଲା । ଏହା ସଂଯୁକ୍ତ ସେୟର କମ୍ପାନୀ ଭାବରେ ଲଣ୍ଡନର ବ୍ୟବସାୟୀମାନେ ସ୍ଥାପନା କରି ପ୍ରାଚ୍ୟ ଭାରତୀୟ ଅଞ୍ଚଳରେ ବ୍ୟବସାୟ କରୁଥିଲେ । ଏହି ସମୟରେ ପର୍ତ୍ତୁଗୀଜ, ଡଚ, ଫରାସୀ ଏବଂ ଡେନିସ ପରି ଇଉରୋପୀୟମାନେ ଭାରତରେ ନିଜ ନିଜର ପ୍ରଭୁତ୍ୱ ବିସ୍ତାର କରୁଥିଲେ । ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀ ପ୍ରଥମେ ସନ ୧୬୧୨ରେ ନିଜର ପଦ ବିସ୍ତାର କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସେହି ବର୍ଷ ତତ୍କାଳୀନ ମୋଗଲ ବାଦସାହା ଜାହାଙ୍ଗୀର ବ୍ରିଟିଶ୍ ମହାରାଣୀ ଏଲିଜାବେଥ ପ୍ରଥମଙ୍କ ରାଜଦୂତ ସାର ଟମାସରୋଙ୍କୁ ସୁରଟରେ ବ୍ୟବସାୟ କେନ୍ଦ୍ର ସ୍ଥାପନ କରିବା ପାଇଁ ଅଧିକାର ପ୍ରଦାନ କରିଥିଲେ । ଭାରତରେ ଇଂରେଜ ରାଜତ୍ୱର ଔପଚାରିକ ଶୁଭାରମ୍ଭ ସନ୍ ୧୭୫୭ରେ ପଲାସୀ ଯୁଦ୍ଧ ପରେ ହୋଇଥିବାର ଜଣାଯାଏ । ପଲାସୀ ଯୁଦ୍ଧ ପରେ ବଙ୍ଗଳାର ନବାବ ନିଜ ଅଞ୍ଚଳକୁ ଇଂରେଜମାନଙ୍କୁ ସମର୍ପିତ କରିଥିଲେ । ଏହାପରେ ଏହି ବ୍ୟବସାୟିକ କମ୍ପାନୀ ଧୀରେ ଧୀରେ ରାଜନୈତିକ ଶକ୍ତିରେ ବଦଳିଗଲା ଏବଂ ଭାରତକୁ ଶାସନ କଲା । ବର୍ତ୍ତମାନ ଏହା ପାଖରେ ସହାୟକ ସରକାର ତଥା ସୈନ୍ୟ ଶକ୍ତି ରହିଥିଲା ଏବଂ ଏହା ୧୮୫୮ ମସିହା କମ୍ପାନୀ ସରକାରର ବିଘଟନ ପର୍ଯ୍ୟନ୍ତ ସହାୟତା କରି ଆସୁଥିଲା । ଏହାପରେ ଇଂରେଜ ସରକାରଙ୍କ ଭାରତ ସରକାର ଅଧିନିୟମ ୧୮୫୮ ବଳରେ ଭାରତକୁ ଇଂରେଜ ସରକାରଙ୍କ ଅଧିନସ୍ଥ କରାଗଲା ।

## ଉଦ୍ଦେଶ୍ୟ

ଉକ୍ତ ପାଠ୍ୟ ଅଧ୍ୟୟନ ପୂର୍ବକ ତୁମେ

- ଭାରତରେ ରାଜନୈତିକ ଏବଂ ବ୍ୟବସାୟିକ କ୍ଷେତ୍ରରେ ୟୁରୋପୀୟ ଭାଗିଦାରମାନଙ୍କୁ ଜାଣିପାରିବ ।
- ଅଷ୍ଟାଦଶ ଶତାବ୍ଦୀରେ ଇଂରେଜ ଏବଂ ଫରାସୀମାନଙ୍କ ମଧ୍ୟରେ ସଂଘର୍ଷର କାରଣମାନ ଜାଣି ପାରିବ ।
- ବଙ୍ଗଳାରେ ଇଂରେଜ ଶକ୍ତିର ଉଦୟ ସମ୍ପର୍କରେ ଜାଣିବ ।
- ଭାରତରେ ଇଂରେଜ ଶକ୍ତିର ବିସ୍ତାର ସମ୍ପର୍କରେ ଜାଣିପାରିବ ।
- ଲର୍ଡ ୱେଲେସଲିଙ୍କ ଦ୍ୱାରା ହୋଇଥିବା ସହାୟକ ସନ୍ଧିଗୁଡ଼ିକ ଜାଣିପାରିବ ।

- ଲର୍ଡ ଡେଲ ହାଉସୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ରାଜସ୍ୱଲୋପ ନୀତି ଅଧ୍ୟୟନ କରିବ, ଭାରତରେ ଇଂରେଜ ଶାସନର ବିସ୍ତାରର କାରଣମାନ ଜାଣି ପାରିବ ।

## ୧୬.୧ ଏସିଆ ସହିତ ଇଉରୋପୀୟ ପୂର୍ବ ବାଣିଜ୍ୟିକ ନୂତନ ଚରଣ

ଷୋଡଶ ତଥା ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟିକ ମାର୍ଗରେ ଅଧିକାର ସ୍ଥାପିତ କରିବା ସତ୍ତ୍ୱେ ଇଉରୋପୀୟମାନେ ଦୀର୍ଘକାଳୀନ ଭାରତ ଏବଂ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରେ ଚାଲି ଆସିଥିବା ମୂଳ ବ୍ୟବସାୟୀଙ୍କ ଢ଼ାଞ୍ଚାକୁ ବଦଳାଇବାର ସୁଯୋଗ ପାଇନଥିଲେ । ଇଉରୋପରେ ଭାରତୀୟ ବସ୍ତୁଗୁଡିକର ଚାହିଦା, ଭାରତରେ ଇଉରୋପୀୟ ବସ୍ତୁଗୁଡିକର ଚାହିଦା ତୁଳନାରେ ଅନେକ ଅନ୍ତର ଥିଲା । ବ୍ୟବସାୟୀମାନେ ଇଉରୋପରେ ଭାରତୀୟ ବସ୍ତୁଗୁଡିକୁ ବିକ୍ରିକରି ଅନେକ ଲାଭ କରୁଥିଲେ । କାରଣ ଇଉରୋପୀୟ ବସ୍ତୁଗୁଡିକ ତୁଳନାରେ ଭାରତୀୟ ବସ୍ତୁଗୁଡିକ ଉତ୍କୃଷ୍ଟ ଗୁଣବତ୍ତା ତଥା ସ୍ୱଳ୍ପ ମୂଲ୍ୟରେ ମିଳୁ ଥିଲା । ଏହାର ଫଳ ସ୍ୱରୂପ ଭାରତକୁ ଇଉରୋପର ଅର୍ଥ ଆଗମନ ସହିତ ଇଉରୋପୀୟ ବ୍ୟାପାରୀମାନେ କଡା ପ୍ରତିଦ୍ୱନ୍ଦିତାର ସମ୍ମୁଖୀନ ହୋଇଥିଲେ କାରଣ ସେମାନେ ଭାରତୀୟ ବସ୍ତୁମାନଙ୍କର ମୂଲ୍ୟ ସହିତ ସେଗୁଡିକର ସମତା ରକ୍ଷା ହୋଇ ପାରୁନଥିଲା କିମ୍ୱା ଗୁଣବତ୍ତାର ମୁକାବିଲା ମଧ୍ୟ ହୋଇ ପାରୁନଥିଲା ।

ବାସ୍ତବିକ ନିଜ ସ୍ଥାପନାର ୫୦ ବର୍ଷ ପର୍ଯ୍ୟନ୍ତ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତରେ ଉପନିବେଶ ପ୍ରତିଷ୍ଠାର ରୁଚି ରଖିନଥିଲା ପରନ୍ତୁ ପର୍ତ୍ତୁଗୀଜମାନଙ୍କ ଦ୍ୱାରା ପ୍ରଣିତ ନୀତିକୁ ଅନୁସରଣ କରି କେବଳ ବାଣିଜ୍ୟ ବ୍ୟବସାୟରେ ନିୟୋଜିତ ହେବାକୁ ପସନ୍ଦ କରୁଥିଲା । ୧୬୫୦ ବେଳକୁ ପରିବର୍ତ୍ତନ ଆସିଲା । ଏହି ସମୟରେ ପୁରୁଣା ରାଜତନ୍ତ୍ରର ଅନୁଗାମୀ ବ୍ୟବସାୟୀସାନଙ୍କର ଶକ୍ତି ଛିନ୍ନ ଭିନ୍ନ ହୋଇଗଲା ଏବଂ ବ୍ୟାପାରୀମାନଙ୍କର ଏକ ନୂତନ ବର୍ଗ କମ୍ପାନୀକୁ କବଳିତ କରି ବସିଲେ । ଏମାନେ ଆମେରିକା ତଥା ୱେଷ୍ଟଇଣ୍ଡିଜ ଉପନିବେଶର ବ୍ୟାପାରୀମାନଙ୍କ ଦ୍ୱାରା ସ୍ଥାପିତ ଢ଼ାଞ୍ଚା ଅନୁସରଣ କରି ଇଂଲଣ୍ଡ, ଆଫ୍ରିକା ତଥା ଭାରତକୁ ପରସ୍ପର ମଧ୍ୟରେ ଯୋଡି ଦେଲେ । ଔପନିବେଶିକ ମନ୍ତ୍ରର ଜାଲ ବିଛାଯାଇ ପରସ୍ପର ସମ୍ୱନ୍ଧର ଜଟିଳ ଜାଲ ତନ୍ତ୍ର ବିକଶିତ କରାଗଲା ।

ଅଷ୍ଟାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ମୋଗଲବଂଶର ପତନହେଲା । ଏହି ରାଜନୈତିକ ଶୂନ୍ୟସ୍ଥାନକୁ ବଙ୍ଗଳା, ହାଇଦରାବାଦ, ଅବଧ, ପଞ୍ଜାବ ତଥା ମରହଟ୍ଟା ଭଳି ଆଞ୍ଚଳିକ ଶକ୍ତିଗୁଡିକ ପୂରଣ କରିପାରିଥିଲେ । କିନ୍ତୁ ଏହି ଶକ୍ତିଗୁଡିକ ଭାରତରେ ରାଜନୈତିକ ସ୍ଥିରତାର ପରିବେଶ ପ୍ରସ୍ତୁତି କରିପାରି ନଥିଲେ, ତଥା ଏମାନେ ସତ୍ତା ଲୋଲୁପ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀକୁ ଭାରତରେ ତାହାର ପଦ ପ୍ରସାରଣ ନିମିତ୍ତ ଉପଯୁକ୍ତ ଅବସର ପ୍ରଦାନ କରିଥିଲେ । ଏବେ ଭାରତରେ ଶାସନ କରିବା ନିମିତ୍ତ ଔପନିବେଶିକ ବିଧି ସଂହୀତାର ଆବଶ୍ୟକତା ଥିଲା, ଏବଂ ଏହା ମାଧ୍ୟମରେ ସଂସ୍ଥା ତଥା ନିୟମ ପ୍ରଣୟନର ଆବଶ୍ୟକତା ଥିଲା । ସେମାନେ ଇଂରେଜ ସାମ୍ରାଜ୍ୟ ବିସ୍ତାର ନିମିତ୍ତ ତିନୋଟି ଉପାୟ ଅବଲମ୍ୱନ କଲେ । ସେଗୁଡିକ ଥିଲା (୧) ଯୁଦ୍ଧ ଏବଂ ବିଜୟ (୨) ସହାୟକ ସନ୍ଧି ପ୍ରଣାଳୀ (୩) ରାଜସ୍ୱଲୋପ ନୀତି ଅବଲମ୍ୱନ କରି ବିଭିନ୍ନ ଅଞ୍ଚଳଗୁଡିକ ଅଧିଗ୍ରହଣ । ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ଭାବରେ ତତକ୍ଷଣାତ୍ ସାମରିକ ଅଭିଯାନ





କିମ୍ବା ରାଜ୍ୟଗୁଡ଼ିକୁ ପ୍ରତ୍ୟକ୍ଷ ଅଧିଗ୍ରହଣ ଥିଲା । ଏହି କ୍ଷେତ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବ୍ରିଟିଶ ଇଣ୍ଡିଆ କୁହାଯାଉଥିଲା । କାଳକ୍ରମେ କୁଟନୀତି ପ୍ରୟୋଗ ଦ୍ୱାରା ନିଜ ସ୍ଥିତି ସୁଦୃଢ଼ କରିବା ପାଇଁ ସ୍ଥାନୀୟ ଶାସକମାନଙ୍କ ସହିତ ସନ୍ଧି ତଥା ବୁଝାମଣା କରାଗଲା ।

### ପାଠଗତ ପ୍ରଶ୍ନ ୧୬.୧

୧. ଭାରତରେ ନିଜର ଶାସନ ସ୍ଥାପନା ନିମିତ୍ତ ଇଂରେଜମାନେ କେଉଁ ପନ୍ଥା ଅବଲମ୍ବନ କରିଥିଲେ ?

..........................................................................................

୨. ଅଷ୍ଟାଦଶ ଶତାବ୍ଦୀ ପ୍ରଥମାର୍ଦ୍ଧରେ ଭାରତର ପ୍ରମୁଖ ପ୍ରାନ୍ତିୟ ରାଜ୍ୟମାନଙ୍କର ନାମ ଲେଖ ?

..........................................................................................

## ୧୬.୨ ଦକ୍ଷିଣ ଭାରତରେ ଆଂଗଲ-ଫରାସୀ ସଂଘର୍ଷ

ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ କେବଳ ଦୁଇଟି ଇଉରୋପୀୟ କମ୍ପାନୀ ଭାରତରେ ଥିଲେ । ଏମାନେ ଇଂରେଜ ଏବଂ ଫରାସୀ କମ୍ପାନୀ । ଭାରତୀୟ ସମ୍ବଳ ନିମିତ୍ତ ପରସ୍ପର ମଧ୍ୟରେ ପ୍ରତିଯୋଗୀତା କରୁଥିଲେ । ଇଂରେଜ-ଫରାସୀ ଶତ୍ରୁତାରୁ ତିନୋଟି କର୍ଣ୍ଣାଟକ ସମରର ରୂପ ନେଇ ଅଷ୍ଟାଦଶ ଶତାବ୍ଦୀରେ ଦକ୍ଷିଣ ଭାରତରେ ଇଂଲଣ୍ଡର ବିଜୟ ସ୍ୱରୂପ ଯୁଗାନ୍ତକାରୀ ଘଟଣାର ଜନ୍ମ ଦେଲା । ନିଜର ପ୍ରାଧାନ୍ୟ ବିସ୍ତାର ନିମିତ୍ତ ଇଷ୍ଟଇଣ୍ଡିଆ କମ୍ପାନୀ ଫରାସୀମାନଙ୍କୁ ଭାରତୀୟ କ୍ଷେତ୍ରରୁ ପରିସମାପ୍ତି କରିବା ଆବଶ୍ୟକ ହୋଇପଡ଼ିଲା । ଇଉରୋପରେ ସପ୍ତବର୍ଷୀୟ ଯୁଦ୍ଧର (୧୭୫୬-୧୭୬୩) ପରିଣାମ ସ୍ୱରୂପ ଭାରତରେ ମଧ ଇଂରେଜ ଓ ଫରାସୀମାନେ ନିଜ ନିଜ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାରେ ସାମିଲ ହୋଇଗଲେ । ୱାଣ୍ଡିୱାସ ଯୁଦ୍ଧ କ୍ଷେତ୍ରରେ ତୃତୀୟ କର୍ଣ୍ଣାଟ ଯୁଦ୍ଧରେ ଫରାସୀମାନଙ୍କୁ ପରାଜିତ କରି ଇଂରେଜମାନେ ଏକ ଶତାବ୍ଦୀ ପୁରୁଣା ସଂଘର୍ଷର ପରିସମାପ୍ତି ଘଟାଇଲେ । ଏହି ବିଜୟ ଇଂରେଜ ବଣିକ କମ୍ପାନୀକୁ ଅନ୍ୟ ଇଉରୋପୀୟ ବଣିକ କମ୍ପାନୀଗୁଡ଼ିକ ତୁଳନାରେ ଏକ ସୁଦୃଢ଼ ସ୍ଥିତି ପ୍ରଦାନ କରିଥିଲା । ସାର୍ ଆୟାରକୁଟ ୧୭୫୦ରେ ୱାଣ୍ଡିୱାସ ଯୁଦ୍ଧରେ ଫରାସୀମାନଙ୍କୁ ପରାସ୍ତକଲେ ତଥା ପରବର୍ଷ ପଣ୍ଡିଚେରୀକୁ ଇଂଲଣ୍ଡ ତା'ର ଏକ ଅଂଶ କରିନେଲା । ଦକ୍ଷିଣରେ ଡ୍ୟୁପ୍ଲେକ୍ସ ତଥା ବୁସିଙ୍କ ଦ୍ୱାରା ହୋଇଥିବା କାର୍ଯ୍ୟ ୧୭୬୦-୬୧ରେ ନଷ୍ଟ ହୋଇଗଲା । ଭାରତରେ ଫରାସୀ ସମ୍ପତ୍ତି ପ୍ୟାରିସ ସନ୍ଧି (୧୭୬୩) ଦ୍ୱାରା ପୁଣି ଫେରାଇ ଦିଆଗଲା । ଏହି କଳହ ଲଣ୍ଡନରେ ସମାଧାନ କରାଯାଇ ଇଷ୍ଟଇଣ୍ଡିଆ ସପକ୍ଷରେ ନିର୍ଣ୍ଣୟ ଦିଆଗଲା କାରଣ ଭାରତରେ ତା'ର ଶକ୍ତିଶାଳୀ ନୌସେନା, ପ୍ରଗତିଶୀଳ ସୈନ୍ୟଶକ୍ତି, ଉତ୍କୃଷ୍ଟ ନେତୃତ୍ୱ, ଇଂଲଣ୍ଡ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ସହଯୋଗ ତଥା ବଙ୍ଗଳାର ନିୟନ୍ତ୍ରଣର ଫଳସ୍ୱରୂପ ପ୍ରଚୁର ସମ୍ବଳ ଥିଲା । କର୍ଣ୍ଣାଟ ସମର ଘଟଣାର ପରିଣାମ ସ୍ୱରୂପ ଭାରତୀୟ ଆଞ୍ଚଳିକ ଶକ୍ତିମାନଙ୍କର ଦୁର୍ବଳତା (ବିଶେଷ କରି ବିଶାଳ ସେନା ଥିବା ସତ୍ତ୍ୱେ କ୍ଷୁଦ୍ର ଇଉରୋପୀୟମାନଙ୍କ ସହିତ ଲଢ଼େଇ କରିବା ପାଇଁ ଅକ୍ଷମତା ତଥା ନୌ ସେନା ଅଭିଯାନ ନିମିତ୍ତ ଅସମର୍ଥତା) ସ୍ପଷ୍ଟ ହୋଇଗଲା ତଥା ଅଷ୍ଟାଦଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ରାଜନୈତିକ ଉପରେ ଏହା ଗମ୍ଭୀର ପ୍ରଭାବ ପକାଇଲା ।

**ପାଠଗତ ପ୍ରଶ୍ନ - ୧୬.୨**

୧. ତୃତୀୟ କର୍ଣ୍ଣାଟ ସମର ସମୟରେ କେଉଁ ଯୁଦ୍ଧ ଇଂରେଜ ଏବଂ ଫରାସୀ ମଧ୍ୟରେ ହେଉଥିବା ଭାରତଉପରେ ପ୍ରାଧାନ୍ୟ ପାଇଁ କଳହର ପରିସମାପ୍ତି ଘଟାଇଲା ?

..............................................................................................

୨. କର୍ଣ୍ଣାଟ ସମରର ପରିଣାମ ଉପରେ ବିଚାର କର ।

..............................................................................................

୩. କର୍ଣ୍ଣାଟ ସମର ସଂଘର୍ଷରେ ଇଂରେଜମାନଙ୍କର ସଫଳତାର କାରଣ କ'ଣ ?

..............................................................................................

## ୧୬.୩ ବଙ୍ଗଳା ଉପରେ ଇଂରେଜର ଅଧିକାର: ପଲାସୀଠାରୁ ବକ୍ସାର ପର୍ଯ୍ୟନ୍ତ (୧୭୫୭-୧୭୬୫)

କୌଣସି ପ୍ରମୁଖ ଭାରତୀୟ ଶକ୍ତି ସହିତ ଇଂରେଜମାନଙ୍କର ପ୍ରଥମ ସଂଘର୍ଷ ବଙ୍ଗଳାରେ ହୋଇଥିଲା । ୧୭୫୭ରୁ ୧୭୬୩ ମଧ୍ୟରେ ନବାବମାନଙ୍କ ଦ୍ୱାରା ଇଂରେଜକୁ ଧିରେ ଧିରେ ରାଜ ହସ୍ତାନ୍ତରର ଇତିହାସ ଥିଲା ବଙ୍ଗଳାର ଇତିହାସ । ଆଠ ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ, ତିନିଜଣ ସୁଲତାନ, ସିରାଜ-ଉଦ୍-ଦୌଲା, ମୀର-ଜାଫର ତଥା ମୀର-କାସିମ ବଙ୍ଗଳା ଉପରେ ଶାସନ କରିଥିଲେ । ମାତ୍ର ଏମାନେ ନବାବ ପଦର ପ୍ରଭୁସତ୍ତା ବଜାୟ ରଖିବାକୁ ଅସଫଳ ହୋଇଥିଲେ । ପରିଶେଷରେ ନବାବଙ୍କ ହାତରୁ ସତ୍ତା ଖସିଯାଇ ଇଂରେଜମାନଙ୍କ ହାତକୁ ଚାଲିଗଲା । ବ୍ୟାପାରରେ ଇଂରେଜମାନେ ଏସିଆର ବଣିକମାନଙ୍କ ସହିତ ପ୍ରତିଦ୍ୱନ୍ଦ୍ୱିତା କରି ପାରିଲେ ନାହିଁ । ତେଣୁ ସେମାନେ ପଲାସୀ ବିଦ୍ରୋହର ଦ୍ୱାହି ଦେଇ ୧୭୫୭ ମସିହାରେ ବଙ୍ଗଳାକୁ ଜୋରଜବରଦସ୍ତ ନିଜ ଆୟତ୍ତକୁ ନେବାକୁ ଚାହିଁଲେ । ପରିଣାମ ସ୍ୱରୂପ ଇଂରେଜମାନେ ବଙ୍ଗଳାରେ ଜୟଲାଭ କଲେ । ମାତ୍ର ଯେଉଁ ବ୍ୟାପାର ପାଇଁ ସେମାନେ ଏ ସବୁ କରିବା ପାଇଁ ଲାଳାୟିତ ହୋଇଥିଲେ ସେହି ବ୍ୟାପାରର ପତନ ହୋଇଗଲା । ଯେତେବେଳେ ସିରାଜ-ଉଦ୍-ଦୌଲା ୧୭୫୬ରେ ଅଲୀ ବର୍ଦ୍ଦିଖାଁଙ୍କର ଉତ୍ତରାଧିକାରୀ ହେଲେ କମ୍ପାନୀ ତଥା ଏହାର କର୍ମଚାରୀଙ୍କ ଦ୍ୱାରା ବାଣିଜ୍ୟ ବ୍ୟବସାୟୀକ ସୁବିଧାର ଦୁରୂପଯୋଗ ପୂର୍ବ ସଂଘର୍ଷର ବିଷୟ ହୋଇଯାଇଥିଲା । କମ୍ପାନୀକୁ ମୋଗଲ ବାଦଶାହ ଫରୁକ୍‌ଶାୟାରଙ୍କ ଦ୍ୱାରା ତାଙ୍କର ଆୟ ଏବଂ ନିର୍ଯ୍ୟାତ ନିମିତ୍ତ କିଛି ବିଶେଷାଧିକାର ପ୍ରାପ୍ତ ହୋଇଥିଲା । ରାଜକୀୟ ପରମାନ ମୁତାବିକ କମ୍ପାନୀକୁ ବର୍ଷକୁ ମାତ୍ର ଟ. ୩୦୦୦ ପ୍ରଦାନ କରିବାର ଥିଲା ଏବଂ ଏହା ବଦଳରେ ସେମାନେ ବଙ୍ଗଳାରେ କରମୁକ୍ତ ବ୍ୟାପାର କରିପାରିବେ । କମ୍ପାନୀର କର୍ମଚାରୀମାନେ ଉକ୍ତ ବିଶେଷାଧିକାରର ପ୍ରୟୋଗ ତଟବର୍ତ୍ତୀୟ ବ୍ୟାପାର ପାଇଁ ମଧ୍ୟ ପ୍ରୟୋଗ କରିଦେଲେ । ପରିଶେଷରେ ଏସିଆ ତଥା ଅନ୍ତର୍ଦେଶୀୟ ବ୍ୟାପାରରେ ମଧ୍ୟ ସୁବିଧାର ସ୍ପଷ୍ଟ ଉଲଘଂନ କଲେ ।

ନବାବଙ୍କର ଅନୁମତି ବିନା କଲିକତା ଆଖପାଖରେ ଦୁର୍ଗ ନିର୍ମାଣ, ନବାବଙ୍କ ଅଧିକାରକୁ ଖୋଲାଖୋଲି ଅବମାନନା କରିବା ତଥା ତାଙ୍କର ଶତ୍ରୁମାନଙ୍କୁ ପ୍ରଶ୍ରୟ ଦେବା ଇତ୍ୟାଦି ଘଟଣାମାନ ନବାବଙ୍କୁ କ୍ରୋଧାନ୍ୱିତ କରିଥିଲା । କମ୍ପାନୀ ଅଧିକାରୀମାନଙ୍କ ପାଇଁ ଏହା ମଧ୍ୟ ସନ୍ଦେଶ ଥିଲା ଯେ ନବାବ ବଙ୍ଗଳାରେ ଫରାସୀମାନଙ୍କ ସହିତ ସନ୍ଧି ପାଇଁ ପ୍ରସ୍ତୁତ ହେଉଛନ୍ତି ।



ନୋଟସ୍

କଲିକତା ଉପରେ ସିରାଜ ଉଦ୍ଦୌଲ୍ଲାଙ୍କ ଆକ୍ରମଣକୁ ଏକ ଖୋଲାଖୋଲି ସଂଘର୍ଷର ଅବତାରଣା କରାଗଲା । ନବାବଙ୍କ ବିରୋଧରେ ଷଡଯନ୍ତ୍ର ରଚନା ପୂର୍ବକ ଇଂରେଜମାନଙ୍କର ପ୍ରତିକ୍ରିୟା ଆରମ୍ଭ ହେଲା । ସେଥିରେ ନବାବଙ୍କ ନିକଟତମ-ରାୟ-ଦୁର୍ଲଭ, ଉମୀନଚାନ୍ଦ, ମୀର-ଜାଫର ତଥା ଜଗତ ସେଠ ସାମିଲ ଥିଲେ । ତେଣୁ ୧୭୫୭ରେ ଇଂରେଜମାନଙ୍କର ପଲାସୀ ଯୁଦ୍ଧରେ (୨୩ ଜୁନ, ୧୭୫୭) ବିଜୟ ପୂର୍ବନିର୍ଦ୍ଧାରିତ ଥିଲା । ଏହା ସୈନ୍ୟ ଶକ୍ତିର ପରାକାଷ୍ଠା ପରିବର୍ତ୍ତେ ଏକ ଷଡଯନ୍ତ୍ର ଥିଲା । ଏବଂ ଏହା ଇଂରେଜମାନଙ୍କୁ ଯୁଦ୍ଧ ଜୟଲାଭରେ ସହାୟତା କରିଥିଲା । ଇଂରେଜମାନଙ୍କୁ ସହାୟତା କରିଥିବା ଯୋଗୁଁ ସେନାପତି ମିରଜାଫର୍‌ଙ୍କୁ କ୍ଲାଇବ ନବାବ୍‌ପଦ ପ୍ରଦାନ କଲେ । ମୀର-ଜାଫର କମ୍ପାନୀକୁ ଉପହାର ସ୍ୱରୂପ ଏକକୋଟି ସତସ୍ତରି ଲକ୍ଷ ମୁଦ୍ରା ପ୍ରଦାନ କଲେ ତଥା କମ୍ପାନୀ ଅଧିକାରୀମାନଙ୍କୁ ଅନେକ ଲାଞ୍ଚ ଦେଲେ । ମାତ୍ର ମିରଜାଫର କମ୍ପାନୀ ଅଧିକାରୀମାନଙ୍କର ଅଧିକରୁ ଅଧିକ ମାଗଣକୁ ପୂର୍ଣ୍ଣ କରିବାରେ ଅସଫଳ ହେଲେ ତଥା ଇଂରେଜମାନେ ମଧ ଡଚ କମ୍ପାନୀ ପ୍ରତି ନବାବଙ୍କ ଅଧିକ ସମ୍ପର୍କ ବୃଦ୍ଧି ହେଉଥିବାର ସଂଶୟ ଥିଲା । ପଲାସୀ ଯୁଦ୍ଧ ପରେ ନବାବ ମିର-ଜାଫରଙ୍କୁ ୧୭୬୦ରେ ହଟାଇ ଦେଲେ ତଥା ଇଂରେଜ ଦ୍ୱାରା ମିରକାଶିମଙ୍କୁ ଏହି ବିଶ୍ୱାସରେ ସିଂହାସନ ପ୍ରଦାନ କଲେ କି ସେ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବେ । ନୂଆ ନବାବ ତାଙ୍କୁ ସହାୟତା ପୂର୍ବକ କମ୍ପାନୀକୁ ତା'ର ଦୈନିକ ଖର୍ଚ୍ଚ ନିମିତ୍ତ ବର୍ଦ୍ଧମାନ, ମିଦନାପୁର ଓ ଚିଟଗାଁ ଆଦିର ଅଧିକାର ପ୍ରଦାନକଲେ । ଉକ୍ତ ସନ୍ଧି ଇଂରେଜ ସେନାକୁ ଫରାସୀ ସେନା ବିରୁଦ୍ଧରେ ଅଭିଯାନ ପାଇଁ ସହାୟତା କରିଥିଲା (୧୭୬୦-୬୧) । ମୀରକାଶିମ ଦେଇଥିବା ଅର୍ଥ କଲିକତା ପରିଷଦକୁ ଦକ୍ଷିଣ ଭାରତରେ ହୋଇଥିବା ଯୁଦ୍ଧ ପାଇଁ ଆର୍ଥିକ ସହାୟତା ହୋଇଥିଲା । ନବାବଙ୍କୁ ଏକ ପ୍ରମୁଖ ପ୍ରଶାସନିକ ବ୍ୟବସ୍ଥା ସ୍ଥାପନ ନିମିତ୍ତ ସଫଳତା ପ୍ରାପ୍ତି ହେଲା ମାତ୍ର ବିଶେଷାଧିକାର ସମ୍ପର୍କରେ ଯେପରିକି କମ୍ପାନୀ ଦ୍ୱାରା କର ମୁକ୍ତ ବ୍ୟାପାର ବିଷୟରେ ଦ୍ୱନ୍ଦ ଉପୁଜିଲା । ପ୍ରତ୍ୟୁତ୍ତରରେ ମିର୍-କାଶିମ ଦୁଇ ବର୍ଷ ପାଇଁ ଭାରତୀୟ ତଥା ଇଂରେଜୀ ବ୍ୟାପାରକୁ କରମୁକ୍ତ କଲେ । ଏହି ପଦକ୍ଷେପ ଫଳରେ ଇଂରେଜ ବିଶେଷାଧିକାର ଉପରେ ଆଘାତ ଲାଗିଲା କାରଣ ସେମାନେ ଏହାକୁ ନିଜ ପାଇଁ ସଂରକ୍ଷିତ କରି ରଖିଥିଲେ । ଇଂରେଜମାନେ ଭାରତୀୟ ବଣିକମାନଙ୍କ ସହିତ ସମ ସର୍ତ୍ତାବଳୀରେ ପ୍ରତିଦ୍ୱନ୍ଦିତା କରିପାରିଲେ ନାହିଁ । ନବାବଙ୍କ ଦ୍ୱାରା ସେନାକୁ ସଂଗଠିତ କରିବାର ପ୍ରୟାସ ତଥା ମୁର୍ଶିଦାବାଦରୁ ମୁଙ୍ଗେରକୁ ରାଜଧାନୀ ସ୍ଥାନାନ୍ତରକୁ କମ୍ପାନୀ ଏକ ଅକ୍ଷମଣୀୟ ଅପରାଧ ରୂପେ ପରିଗଣିତ କଲା ।

ମେଜର ଆଡାମସଙ୍କ ନେତୃତ୍ୱରେ ଇଂରେଜ ସେନା ବଙ୍ଗଳାର ନବାବ ମିରକାଶିମଙ୍କୁ ଜୁନ୍ ୧୭୬୩ରେ ପରାସ୍ତ କଲେ । ମିରକାଶିମ ପାଟନାକୁ ପଳାୟନ କଲେ ଏବଂ ସମ୍ରାଟ ଦ୍ୱିତୀୟ ଶାହା ଆଲାମ୍ ଓ ସୁଜା-ଉଦ୍-ଦୌଲ୍ଲା (ଅବଧର ନବାବ ତଥା ମୋଗଲ ସାମ୍ରାଜ୍ୟର ୱାଜିର)ଙ୍କ ସହାୟତା ଲୋଡିଲେ । ଝଗଡା ଶିଖରରେ ପହଞ୍ଚିଲା ଯେତେବେଳେ ପାଟଣାରେ କମ୍ପାନୀର ମୁଖ୍ୟ ଅଧିକାରୀ ପାଟଣା ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ପ୍ରୟାସ କଲେ । ଏହା ଯୁଦ୍ଧର କାରଣ ହେଲା । ମୀରକାସିମ ଏକ କୁଶଳ ପ୍ରଶାସକ ଥିଲେ ପରନ୍ତୁ ଏକ ଯୋଗ୍ୟ ଏବଂ କୁଶଳ ସେନାପତି ନଥିଲେ । ତେଣୁ ତାଙ୍କ ସୈନ୍ୟମାନେ ପରାଜିତ ହେଲେ । ଯେତେବେଳେ ସେ ଅବଧ ଅଭିମୁଖେ ପଳାୟନ ପାଇଁ ବାଧ୍ୟ ହେଲେ ସେତେବେଳେ ଦ୍ୱିତୀୟ ସାହ ଆଲମ ତଥା ନବାବ ୱାଜୀର ନିଜର ପୂର୍ବ ଭାଗ ସୁବାର ପ୍ରତିରକ୍ଷା ପାଇଁ ସ୍ଥିର କଲେ । ଏହି ସଂଘର୍ଷ ପାଟଣ ପର୍ଯ୍ୟନ୍ତ ବ୍ୟାପିଗଲା ତଥା ୨୨ ଅକ୍ଟୋବର ୧୭୬୪ରେ ବକ୍ସର ଯୁଦ୍ଧ ଆରମ୍ଭ ହେଲା । ନବାବ

ଓ୍ୱଜୀର ରୋହେଲା ଅଞ୍ଚଳ ଆଡକୁ ପଳାୟନ କଲେ କିନ୍ତୁ ଦ୍ୱିତୀୟ ଶାହଆଲମ ଇଂରେଜ ସହିତ ସନ୍ଧି କଲେ । ବଙ୍ଗଳାର ତତ୍କାଳୀନ ଇଂରେଜ ଗଭର୍ଣ୍ଣର ଲର୍ଡ କ୍ଲାଇବ ଓ ଅବଧର ନବାବ ଓ୍ୱାଜୀର ସୁଜାଉଦ୍ଦୌଲ୍ଲାଙ୍କ ସହିତ ଏଲାହାବାଦଠାରେ ଏକ ସନ୍ଧି ଚୁକ୍ତି କଲେ । ଏହା ଫଳରେ ଯୁଦ୍ଧର କ୍ଷତି ପୂରଣ ସ୍ୱରୂପ ସେ ପଚାଶ ଲକ୍ଷ ଟଙ୍କା ଦେଇ ତାଙ୍କର ରାଜ୍ୟ ଫେରି ପାଇଲେ । ସେ କମ୍ପାନୀ ସହିତ ଏଭଳି ଏକ ରକ୍ଷାତ୍ମକ ବୁଝାମଣା କରିନେଲେ । ଅବଧ ଏବେ ଇଂରେଜମାନଙ୍କ ପାଇଁ ମଧ୍ୟବର୍ତ୍ତୀ ରାଜ୍ୟରେ ପରିଣତ ହେଲା । ଦ୍ୱିତୀୟ ଶାହ ଆଲାମ ବର୍ତ୍ତମାନ ଏକ ପଳାତକ । ଦିଲ୍ଲୀ ବର୍ତ୍ତମାନ ରହିଲାର ଶାସକ ନଜିବ-ଉଦ-ଦୌଲ୍ଲାଙ୍କ ଅଧିନ ହୋଇଗଲା । ଇଂରେଜମାନେ ଦ୍ୱିତୀୟ ଶାହା-ଆଲାମଙ୍କୁ କୋରା ଏବଂ ଏଲ୍ଲାହାବାଦ ପ୍ରଦାନ କଲେ । ଏହା ବାବଦରେ ସେ କମ୍ପାନୀକୁ ନିୟମିତ ବାର୍ଷିକ ୨୬ଲକ୍ଷ ଟଙ୍କା ପାଇବାର ପ୍ରତିଶୃତି ପାଇଲେ ବଙ୍ଗଳା, ବିହାର ଏବଂ ଓଡିଶାର ଦିଓ୍ୱାନି ପ୍ରଦାନ କଲେ ।




ମାନଚିତ୍ର ୧୬.୧ : ୧୭୮୩ ମସିହାରେ ଭାରତ



ନୋଟସ୍

## ପାଠଗତ ପ୍ରଶ୍ନ - ୧୬.୩

୧. ୧୭୫୭ରେ ବଙ୍ଗଳାର ଶାସକ ଥିଲେ:

(କ) ଶୁଜା-ଉଦ-ଦୌଲା (ଖ) ସିରାଜ-ଉଦ-ଦୌଲା

(ଗ) ମୀର କାଶିମ (ଘ) ମୀର ଜାଫର

୨. ପଲାସୀ ଯୁଦ୍ଧ କେବେ ହୋଇଥିଲା ?

(କ) ସନ ୧୭୫୭ରେ (ଖ) ସନ ୧୭୬୪ରେ

(ଗ) ସନ ୧୭୬୫ରେ (ଘ) ସନ ୧୭୭୧ରେ

୩. ପଲାସୀ ଯୁଦ୍ଧର କାରଣ କ'ଣ ଥିଲା ?

.......................................................................................

୪. ମୀରଜାଫରଙ୍କୁ ଗାଦିଚ୍ୟୁତ କଲାପରେ ୧୭୬୦ରେ ବଙ୍ଗଳାର ନବାବ କିଏ ହେଲେ ?

.......................................................................................

୫. ବକ୍ସାର ଯୁଦ୍ଧର କାରଣମାନ ଉଲ୍ଲେଖ କରନ୍ତୁ ।

.......................................................................................

## ୧୬.୪ ବଙ୍ଗଳାରେ ଦ୍ୱୈତ୍ୟ ଶାସନ ପ୍ରଣାଳୀ

ବଙ୍ଗଳାରେ କମ୍ପାନୀ ଶାସନ ସ୍ଥାପନାର ପ୍ରାରମ୍ଭରେ ମୋଗଲ ସାମ୍ରାଜ୍ୟର ପ୍ରଶାସନ ପଦ୍ଧତିକୁ ହିଁ କେବଳ ଅନୁସରଣ କରାଗଲା । ମୋଗଲ ପ୍ରଶାସନ ମୁଖ୍ୟତଃ ଦୁଇଟି ବିଭାଗରେ କାର୍ଯ୍ୟ କରୁଥିଲା, ନିଜାମତ ଓ ଦୀୱାନୀ । ବ୍ୟାପକ ଅର୍ଥରେ ନିଜାମତର ଅର୍ଥ କାନୁନ ବ୍ୟବସ୍ଥା ଓ ଆଇନ ଏବଂ ଶୃଙ୍ଖଳାର ପ୍ରଶାସନ ତଥା ଫୌଜଦାରୀ ବିଚାର ଯେତେବେଳେ ଦେୱାନୀ ରାଜସ୍ୱ ପ୍ରଶାସନ ତଥା ନାଗରିକ କାନୁନ ସମ୍ବନ୍ଧିତ ଥିଲା । ପ୍ରାଦେଶିକ ସୁବେଦାରମାନେ ନିଜାମତ ଦାୟିତ୍ୱରେ ଥିଲେ (ତାଙ୍କୁ ମଧ୍ୟ ନାଜିମ କୁହାଯାଉଥିଲା) ଏବଂ ଦିୱାନମାନେ ରାଜସ୍ୱ ପ୍ରଶାସନ ଅଧିକାରୀ ଥିଲେ । ଏଲାହାବାଦ ସନ୍ଧି ପରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗଳାର ଦେୱାନୀ ଦାୟିତ୍ୱ ନେଲେ । ମାତ୍ର ଲର୍ଡ କ୍ଲାଇଭ ବଙ୍ଗଳାର ପ୍ରଶାସନ ଭାର ସିଧାସଳଖ ଗ୍ରହଣ କରିବାକୁ ପସନ୍ଦ କଲେ ନାହିଁ । ଏହି ଦାୟିତ୍ୱ ନବାବଙ୍କର ନାଏବ ଦିୱାନ ଏବଂ ନାଏବ ନାଜିମ ମହମ୍ମଦ ରାଜା ଖାଁଙ୍କ ଉପରେ ନ୍ୟସ୍ତ କରାହୋଇଥିଲା । ନାଏବ ଦିୱାନ ଭାବରେ ନବାବଙ୍କର ପ୍ରତିନିଧିତ୍ୱ କରୁଥିଲେ । ଏପରି ଭାବରେ ନବାବଙ୍କୁ ଦେୱାନୀ ତଥା ଫୌଜଦାରୀ ଦୁଇପ୍ରକାରର ଆଇନକୁ ବୁଝିବାକୁ ପଡୁଥିଲା । ମାତ୍ର ସେ ନିଜ କାର୍ଯ୍ୟ ମହମ୍ମଦ ରାଜା ଖାଁଙ୍କ ମାଧ୍ୟମରେ ପରିଚାଳନା କରିବାର ଥିଲା ଯେ କି ଇଂରେଜ କମ୍ପାନୀ ନିୟନ୍ତ୍ରଣ, ନିର୍ଦ୍ଦେଶକ ତଥା ନିରୀକ୍ଷକ ଭାବରେ ରହିଥିଲେ । ଦିୱାନ ଦାୟିତ୍ୱରେ ଥାଇ କମ୍ପାନୀ ରାଜସ୍ୱ ଓସୁଲ ପ୍ରତ୍ୟକ୍ଷ ଭାବରେ କରୁଥିଲେ । ସେହି ସମୟରେ ଉପ-ନିଜାମ ନିଯୁକ୍ତି ଅଧିକାର ଦ୍ୱାରା ସେମାନେ ନିଜାମତ ଅର୍ଥାତ୍ ପୋଲିସ/ ନ୍ୟାୟିକ ଶକ୍ତି ଉପରେ ନିୟନ୍ତ୍ରଣ ରଖିଥିଲେ । ଏପରି ବ୍ୟବସ୍ଥା ଦ୍ୱୈତ୍ୟ ଶାସନ ପ୍ରଣାଳୀ ଭାବରେ





ବିଦିତ ହେଲା । ଏହି ପ୍ରଣାଳୀ ଦ୍ୱାରା ଇଂରେଜ ପାଖରେ କୌଣସି ଉତ୍ତର ଦାୟିତ୍ୱ ବିନା ଶକ୍ତି ଏବଂ ସଂସାଧନ ଥିଲା । ମାତ୍ର ନବାବଙ୍କ ପାଖରେ ବିନା ଶକ୍ତିରେ ଶାସନ ପରିଚାଳନାର ଉତ୍ତର ଦାୟିତ୍ୱ ଥିଲା । ଏ ପ୍ରକାର କୁଶାସନର ପୂର୍ଣ୍ଣ ଉତ୍ତରଦାୟିତ୍ୱ ନବାବଙ୍କର ହିଁ ଥିଲା । ମୋଗଲ ବାଦଶାହଙ୍କୁ ପ୍ରଦତ୍ତ ମାମୁଲି ଅର୍ଥ ବଦଳରେ ସମସ୍ତ ରାଜସ୍ୱ କମ୍ପାନୀ ଆୟର ଏକ ଅନନ୍ୟ ସାଧନ ଥିଲା ।

### ପାଠଗତ ପ୍ରଶ୍ନ ୧୬.୪

୧. ନିଜାମ ତଥା ଦିୱାନୀକୁ ସ୍ପଷ୍ଟ କରନ୍ତୁ ।

..................................................................................................

୨. ଦ୍ୱୈତ୍ୟ ଶାସନ ପ୍ରଣାଳୀର ତାତ୍ପର୍ଯ୍ୟ କ'ଣ ?

..................................................................................................

୩. ଲର୍ଡ କ୍ଲାଇବ ଦ୍ୱୈତ୍ୟ ଶାସନ ପଦ୍ଧତିର ଆରମ୍ଭ କାହିଁକି କଲେ ?

..................................................................................................

## ୧୬.୫ ବିସ୍ତାରର ବିଚାରଧାରା-ସାଧନ ଏବଂ ପଦ୍ଧତି

ଏକ ବ୍ୟାପାରିକ କମ୍ପାନୀର ଭୂମିକାକୁ ବଦଳାଇ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଧୀରେ ଧୀରେ ଭାରତର ସର୍ବୋଚ୍ଚ ରାଜନୈତିକ ଶକ୍ତିରେ ପରିଣତ ହେଲା । ଅନ୍ୟ କେତେକ ପ୍ରାଦେଶିକ ଶକ୍ତିମାନେ ମଧ୍ୟ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଅଧୀନ ହୋଇଗଲେ । ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହୀଶୁର (ଆଧୁନିକ କର୍ଣ୍ଣାଟକ)ର ମହାନ ଶାସକ ହାଇଦର ଅଲ୍ଲି ତଥା ତାଙ୍କର ପୁତ୍ର ଟିପୁ ସୁଲତାନ ଇଂରେଜ ଫୌଜକୁ ଅସ୍ତବ୍ୟସ୍ତ କରି ପକାଇଲେ । ହାଇଦର ଅଲ୍ଲି ସନ ୧୭୪୯ରେ ମହୀଶୁର ସେନାର ସେନାପତି ଥିଲେ । ୧୭୬୧ରେ ସେ ମହୀଶୁରର ଶାସକ ହେଲେ । ସନ ୧୭୮୫ରେ ସାର ଆୟାର କୁଟଙ୍କ ହାତରେ ପରାଜିତ ହେବା ପର୍ଯ୍ୟନ୍ତ ସେ କମ୍ପାନୀ ବିରୋଧରେ ସଂଘର୍ଷ ଜାରି ରଖିଥିଲେ । ପରିଶେଷରେ ୧୭୯୯ରେ ଟିପୁ ସୁଲତାନଙ୍କ ବୀରଗତି ପ୍ରାପ୍ତି ପରେ ମହୀଶୁର ଉପରେ ଇଂରେଜମାନଙ୍କର ଅଧିକାର ସ୍ଥାପିତ ହୋଇଗଲା । ସନ ୧୭୭୨ ଠାରୁ ୧୮୧୮ ମଧ୍ୟରେ ହୋଇଥିବା ଇଂରେଜ-ମରହଟ୍ଟା ସମର ଚାଲିବା ଫଳରେ ମରହଟ୍ଟା ସାମ୍ରାଜ୍ୟର ଶକ୍ତି ଧୀରେ ଧୀରେ କ୍ଷୀଣ ହୋଇଗଲା । ପରିଶେଷରେ କିଛି ମରହଟ୍ଟା ଅଞ୍ଚଳ ଇଂରେଜମାନଙ୍କ ହାତକୁ ଚାଲିଗଲା । ମରହଟ୍ଟା ତଥା ମହୀଶୁର ଅଭିଯାନରେ ଆର୍ଥର ୱେଲେସଲିଙ୍କ ନେତୃତ୍ୱରେ ଇଂରେଜ ସମ୍ପୂର୍ଣ୍ଣ ଦକ୍ଷିଣ ଭାରତ (କିଛି ଫରାସୀ ତଥା ସ୍ଥାନୀୟ ଶାସକଙ୍କୁ ବାଦ ଦେଇ) ପଶ୍ଚିମ ଭାରତ ତଥା ପୂର୍ବ ଭାରତର ଭୁଭାଗ ଉପରେ ଆଧିପତ୍ୟ ସ୍ଥାପନା କରିନେଇଥିଲେ ।

ଦ୍ୱିତୀୟ ପଦ୍ଧତି ଥିଲା ଇଂରେଜ ତଥା ସ୍ଥାନୀୟ ଶାସକଙ୍କ ମଧ୍ୟରେ ହୋଇଥିବା ସହାୟକ ସନ୍ଧି । ଏହି ଯୋଜନା ଦ୍ୱାରା ଆସନ୍ତା ସମୟମାନଙ୍କରେ ଦେଶୀୟ ରାଜ୍ୟ କିମ୍ବା ଗଡଜାତ ରାଜ୍ୟମାନଙ୍କର

ନୋଟସ୍




ମାନଚିତ୍ର ୧୬.୨: ୧୭୯୭-୧୮୦୫ ମଧ୍ୟର ଭାରତ

ପ୍ରତିଷ୍ଠା ହେଲା । ଲର୍ଡ ୱେଲେସଲିଙ୍କ ଦ୍ୱାରା ୧୭୯୮ ମସିହାରେ ସହାୟକ ସନ୍ଧି ପ୍ରସ୍ତାବ ଅଣାଗଲା । ଏହି ସନ୍ଧି ଅନ୍ତର୍ଗତ ଇଂରେଜ ଭାରତୀୟ ଦେଶୀୟ ରାଜ୍ୟମାନଙ୍କର ବହିଃ ଶତ୍ରୁ -ବିପଦ ତଥା ଅନ୍ତର୍ଦ୍ୱନ୍ଦରୁ ରକ୍ଷା କରିବାକୁ ସ୍ୱୀକାର କଲେ । ଏହା ବଦଳରେ ଏହି ସନ୍ଧିକୁ ସ୍ୱୀକାର କରିଥିବା ଭାରତୀୟ ଶାସକମାନଙ୍କୁ ଇଂରେଜ ସୈନ୍ୟ ଦଳର ଛାଉଣୀ କରି




ମାନଚିତ୍ର ୧୬.୩: ୧୮୫୬ର ଭାରତ

ସେମାନଙ୍କ ଦେଖାଶୁଣା ନିମିତ୍ତ ଏମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ବାଧ୍ୟ କରୁଥିଲେ। ଏହି ସନ୍ଧିରେ ହସ୍ତାକ୍ଷର କରିବା ଶାସକମାନେ ଇଂରେଜମାନଙ୍କର ପୂର୍ବାନୁମତି ବିନା ଅନ୍ୟ କୌଣସି ସନ୍ଧି କରିପାରୁନଥିଲେ ବା ଅନ୍ୟ କୌଣସି ଯୁଦ୍ଧରେ ଭାଗ ନେଇ ପାରୁ ନଥିଲେ। ଏହି ରାଜ୍ୟମାନଙ୍କରେ ଜଣେ ଇଂରେଜ ପଦାଧିକାରୀ (ରେସିଡେଣ୍ଟ)ଙ୍କର ନିଯୁକ୍ତି ହେଉଥିଲା ଏବଂ ସେ ରାଜ୍ୟର ଆନ୍ତରିକ ମାମଲାରେ ହସ୍ତକ୍ଷେପ କରି ପାରୁଥିଲେ। ଏପରି ବ୍ୟବସ୍ଥା ଇଂରେଜମାନଙ୍କ ସମ୍ପ୍ରସାରଣ ପଦ୍ଧତିର ବରଦାନ ସିଦ୍ଧ ହେଲା କାରଣ କୌଣସି ଅର୍ଥ ଖର୍ଚ୍ଚ ବିନା ଇଂରେଜ



ନୋଟସ୍

ପାଖରେ ଏକ ବିଶାଳ ସେନା ଉପଲବ୍ଧ ହୋଇଗଲା । ଏପରିକି ଏହି ବ୍ୟବସ୍ଥା ଫଳରେ ଭାରତୀୟ ଦରବାରରେ ଅନ୍ୟାନ୍ୟ ବିଦେଶୀ ପ୍ରଭାବକୁ ହଟାଇ ଦିଆଗଲା । ଏହି ସନ୍ଧିରେ ସାମିଲ ହୋଇଥିବା ପ୍ରଥମ ରାଜ୍ୟ ହାଇଦରାବାଦ ଥିଲା । ଏହାର ନିଜାମ ସନ ୧୭୯୮ରେ ଏହି ସନ୍ଧିରେ ସ୍ୱାକ୍ଷର କରିଥିଲେ । ତାଙ୍କ ନିଜ ଦରବାରରୁ ଫରାସୀ ଅଧିକାରୀମାନଙ୍କୁ ବହିଷ୍କାର କରି ସେମାନଙ୍କ ସ୍ଥାନରେ ଇଂରେଜ ଅଧିକାରୀମାନଙ୍କୁ ନିଯୁକ୍ତି ଦେବାକୁ ବାଧ କରାଗଲା । ସେ ଇଂରେଜ ସେନାର ରକ୍ଷଣାବେକ୍ଷଣ ନିମିତ୍ତ ବେହ୍ଲାରୀ ତଥା କୁଡପ୍ପା କ୍ଷେତ୍ର ଇଂରେଜକୁ ପ୍ରଦାନ କରିଥିଲେ । ଏହି ସନ୍ଧିଟି ଗଡଜାତ ରାଜ୍ୟ (କିମ୍ବା ଦେଶୀୟ ରାଜ୍ୟ) ସୃଷ୍ଟି କରିଥିଲା । ଏହି ରାଜ୍ୟଗୁଡିକ ମଧ୍ୟରେ କୋଚିନ(୧୭୯୧) ଜୟପୁର(୧୭୯୪), ତ୍ରାଭାଙ୍କର (୧୭୯୫), ହାଇଦରାବାଦ(୧୭୯୮) ଏବଂ ମହୀଶୁର (୧୭୯୯) ପ୍ରମୁଖ ଥିଲେ । ମିଶ୍ରଣ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରେ ସାମିଲ ହୋଇଥିଲେ ପଶ୍ଚିମ ଭୁଭାଗ (ରୋହିଲା ଖଣ୍ଡ, ଗୋରଖପୁର ତଥା ଦୋଆବ) ୧୮୦୧, ଦିଲ୍ଲୀ (୧୮୦୩) ତଥା ସିନ୍ଧୁ (୧୮୪୩) । ସନ ୧୮୪୯ରେ ଆଙ୍ଗଲୋ-ସିଖ ଯୁଦ୍ଧ ପରେ ପଞ୍ଜାବ, ଉତ୍ତର-ପଶ୍ଚିମ-ସୀମା କ୍ଷେତ୍ର ତଥା କାଶ୍ମିରକୁ ଜୟକଲେ । ସନ ୧୭୫୪ରେ ବେରାର ତଥା ୨୨ ବର୍ଷ ପରେ ଅବଧ ରାଜ୍ୟ ମଧ୍ୟ ଇଂରେଜ ରାଜ୍ୟର ଅଂଶ ହୋଇଗଲା । ସହାୟକ ସନ୍ଧି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୂତନ ରାଜ୍ୟଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ଆଣି ଭାରେତରେ ଇଂରେଜ ସାମ୍ରାଜ୍ୟର ବିସ୍ତାର କରିବା ଏବଂ ଫରାସୀମାନଙ୍କର ପ୍ରଭାବ ହ୍ରାସ କରିବା । ଏହା ଫଳରେ ଇଂରେଜ ଭାରତରେ ପ୍ରମୁଖ ରାଜନୈତିକ ଶକ୍ତି ହୋଇଗଲା ।

ଇଂଲଣ୍ଡର ଅଧୀନ ହେବା ପାଇଁ ଶେଷ ରାଜ୍ୟ ଥିଲା ପଞ୍ଜାବ ଓ ତାହା ୧୮୪୯ରେ ଇଂଲଣ୍ଡର ରାଜ୍ୟର ଏକ ଅଂଶ ହୋଇଗଲା । ଏଠାରେ ମହାରାଜା ରଣଜିତ ସିଂଙ୍କର ଶାସନ ଥିଲା । ସେ ବିଭିନ୍ନ ଶିଖ ମିଶଲ ଗୁଡିକୁ ଏକ ରାଜ୍ୟରେ ସଂଗଠିତ କରିଥିଲେ ତଥା ସେ ଆଧୁନିକ ପ୍ରଶାସନ ପଦ୍ଧତି ସ୍ଥାପନା କରିଥିଲେ । ତାଙ୍କର ସେନା ଇଂରେଜ ସେନା-ବ୍ୟତୀତ ଏସିଆର ଦ୍ୱିତୀୟ ବୃହତ୍ତ ସଂଗଠିତ ସେନା ଥିଲା । ଇଷ୍ଟଇଣ୍ଡିଆ କମ୍ପାନୀ ମହାରାଜା ରଣଜିତ ସିଂଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଥିଲେ । କିନ୍ତୁ ୧୮୩୯ରେ ତାଙ୍କର ମୃତ୍ୟୁର ଏକ ଦଶନ୍ଧି ମଧ୍ୟରେ ଦୁଇଟି ଇଂରେଜ-ଶିଖ ସମର ହୋଇଗଲା । ପରିଶେଷରେ ୧୮୪୯ରେ ପଞ୍ଜାବ ମଧ୍ୟ ଇଂରେଜ ରାଜ୍ୟର ଅଂଶ ବିଶେଷ ହୋଇଗଲା ।

ରାଜସତ୍ୱ ଲୋପ ନୀତି ଡେଲହାଉସୀଙ୍କ କୃତ କୁଟନୀତି । ଏହା କମ୍ପାନୀର 'ଅଧିଗ୍ରହଣ' ନୀତି ଥିଲା । ଡେଲହାଉସୀ ୧୮୪୮ରୁ ୧୮୫୬ ମସିହା ମଧ୍ୟରେ ଭାରତର ଗଭର୍ଣ୍ଣର ଜେନେରାଲ ଥିଲେ । ସେ ସମୟରେ ଭାରତୀୟ ରାଜାମାନେ ବଂଶଗତ ପ୍ରାକୃତିକ ଉତ୍ତରାଧିକାରୀ, ଅର୍ଥାତ୍ ପୁତ୍ର ନହେବା ସ୍ଥିତିରେ ନିଜ ରାଜ୍ୟର ସୁରକ୍ଷା ନିମିତ୍ତ ପୋଷ୍ୟପୁତ୍ର ଗ୍ରହଣ ପ୍ରବର୍ତ୍ତିତ ଥିଲା । କିନ୍ତୁ ରାଜସତ୍ୱ ଲୋପ ନୀତି ଅନୁଯାୟୀ ଯେକୌଣସି ଭାରତୀୟ ରାଜ୍ୟ, ସେଗୁଡିକ ଇଂରେଜ ରାଜ୍ୟ ଅଧୀନ ହେଉ କିମ୍ବା ଏହା ଦ୍ୱାରା ବ୍ରିଟିଶ ଅଧିନସ୍ଥ ପ୍ରଣାଳୀର ସହାୟକ ରାଜ୍ୟ ଭାବେ ନିର୍ମିତ ହୋଇଥାଉ, ସେମାନଙ୍କର ଶାସକ ଅକ୍ଷମ ହେବା ସ୍ଥିତି କିମ୍ବା ସେମାନଙ୍କର ପୁତ୍ର ନ ହେବାର ସ୍ଥିତିରେ ବ୍ରିଟିଶ ରାଜ୍ୟର ଅଧୀନ ହେଲା । ଏ ପ୍ରକାର ଭାରତୀୟମାନଙ୍କ ଦ୍ୱାରା ଉତ୍ତରାଧିକାରୀ ଚୟନ କରିବା ସର୍ବୋଚ୍ଚତାକୁ କେବଳ ସମାପ୍ତ କଲାନାହିଁ ପରନ୍ତୁ ଇଂରେଜ ଭାରତୀୟ ଶାସକମାନଙ୍କର ଦକ୍ଷତା ନିର୍ଦ୍ଧାରଣ କ୍ଷମତାକୁ ମଧ୍ୟ ପରିସମାପ୍ତି କଲା ।

ଏପରି ନୀତି ଲାଗୁ କରିବା ସହିତ ଇଂରେଜ ଏହି ଉପମହାଦ୍ୱୀପରେ ପୂର୍ଣ୍ଣ ତଥା ପ୍ରଭାବୀ ପ୍ରଶାସନିକ ନିୟନ୍ତ୍ରଣ ସ୍ଥାପନ କଲା। ଏହି ସିଦ୍ଧାନ୍ତର ଉପଯୋଗ ଦ୍ୱାରା ସତାରା, ଜୟପୁର, ସମ୍ବଲପୁର, ନାଗପୁର ତଥା ଝାନ୍‌ସି ଭଳି ରାଜ୍ୟଗୁଡ଼ିକୁ ଇଂରେଜ ବିଲୟ କରି ଦେଇଥିଲା। ଅବଶ୍ୟ ଇଂରେଜ ଦ୍ୱାରା ହୋଇଥିବା ରାଜ୍ୟଗୁଡ଼ିକର ଅଧିଗ୍ରହଣକୁ ନ୍ୟାୟ ସଙ୍ଗତ କୁହାଗଲା ଯେ ଶାସକମାନେ ଅଯୋଗ୍ୟ ଥିଲେ ତଥା ପ୍ରଜାମାନଙ୍କର କଲ୍ୟାଣ ପ୍ରତି ନିଜର ଗୁରୁଦାୟିତ୍ୱ ବହନ କରିବାରେ ଅକ୍ଷମ ଥିଲେ। ୧୮୫୦ରେ ଅବଧର ନବାବଙ୍କ ସହିତ ଏପରି କରାଯାଇଥିଲା।

## ପାଠଗତ ପ୍ରଶ୍ନ ୧୬.୫

୧, ଭାରତରେ ଇଂରେଜ ରାଜ୍ୟ ବିସ୍ତାର ନିମିତ୍ତ ଲର୍ଡ ୱେଲେସଲିଙ୍କ ଦ୍ୱାରା କେଉଁ ଉପାୟ ଅବଲମ୍ବନ କରାଯାଇଥିଲା ?

........................................................................................................

୨. ସହାୟକ ସନ୍ଧିକୁ ଆପଣ କ'ଣ ବୁଝୁଛନ୍ତି ?

........................................................................................................

୩. ଲର୍ଡ ଡେଲହାଉସୀଙ୍କ ରାଜ୍ୟ ବିଲୋପ ନୀତିକୁ ସ୍ପଷ୍ଟ କରନ୍ତୁ।

........................................................................................................

## ୧୬.୬ ଔପନିବେଶିକ ପ୍ରଶାସନିକ ପ୍ରଣାଳୀର ବିକାଶ

ସନ ୧୭୫୭ରେ କମ୍ପାନୀ ଏକ ବୃହତ୍ତ ରାଜନୈତିକ ଶକ୍ତି ରୂପେ ପ୍ରତିଷ୍ଠିତ ହେବା ପୂର୍ବରୁ ସାମ୍ବିଧାନିକ ପରିବର୍ତ୍ତନର ଆବଶ୍ୟକତା ଅନୁଭବ ହେଲା। କମ୍ପାନୀର କାର୍ଯ୍ୟକୁ ଅନିୟନ୍ତ୍ରୀତ ଭାବରେ ଛାଡ଼ିବା ପାଇଁ ଇଂରେଜ ସରକାର ଇଚ୍ଛୁକ ନଥିଲେ। ବ୍ୟାପାରି ତଥା ଉତ୍ପାଦକମାନେ କମ୍ପାନୀର ଏକ ଚାଟିଆ ନୀତି ସମାପ୍ତ କରିବା ପାଇଁ ଚାପ ପ୍ରୟୋଗ କଲେ। ସରକାରଙ୍କ ଦ୍ୱାରା ବ୍ୟାପକ ଭ୍ରଷ୍ଟାଚାରକୁ ନେଇ ବଙ୍ଗଳାରେ ଜନତାଙ୍କ ଆକ୍ରୋସ ବହ୍ନି ଥିଲା। 'ମୁକ୍ତ ବ୍ୟାପାର' ମୁଖ୍ୟ ଦାବିଥିଲା। ଇଂରେଜମାନେ ସଂସଦରେ କେତେକ ଅଧିନିୟମ ଲାଗୁ କଲେ ଏବଂ ପ୍ରଥମେ ୧୭୭୩ର ରେଗୁଲେଟିଂ ଆକ୍ଟ ଆସିଲା । ଯାହା କମ୍ପାନୀର ବଣିକମାନଙ୍କର ମୁକ୍ତ ଗତିବିଧି ଉପରେ ଲଗାମ ଲଗାଇବା ପାଇଁ କମ୍ପାନୀର ଅଧିନସ୍ତ କ୍ଷେତ୍ରମାନଙ୍କରେ କିଛି ଆଇନ ଲାଗୁ କରିବା ସମ୍ବନ୍ଧିତ ଥିଲା। ଏଥିରେ କମ୍ପାନୀ ଶାସନର ଅବଧି ୨୦ ବର୍ଷ ପର୍ଯ୍ୟନ୍ତ ସୀମିତ ରଖି ମାତ୍ର ପୁନଃ ପ୍ରବର୍ତ୍ତନ ନିମିତ୍ତ ସମୀକ୍ଷା କରିବା ଏକାନ୍ତ ଅପରିହାର୍ଯ୍ୟ ହେଲେ ଏହି ଅଧିନିୟମରେ ବଙ୍ଗଳା, ମୁମ୍ବଇ ତଥା ମାନ୍ଦ୍ରାଜ କ୍ଷେତ୍ର ଉପରେ ଇଂରେଜ ସରକାରଙ୍କୁ ସର୍ବୋଚ୍ଚ ଅଧିକାର ପ୍ରଦାନ କରିବାରେ ଏହି ଅଧିନିୟମରେ ଉକ୍ତ ତିନୋଟି କ୍ଷେତ୍ରକୁ ବଙ୍ଗଳା ଗଭର୍ଣ୍ଣର ଅଧିନରେ ସଂଯୁକ୍ତ କରି ଭାରତରେ ଏକୀକୃତ ପ୍ରଶାସନ ବ୍ୟବସ୍ଥାର ଶୁଭାରମ୍ଭ କରାଗଲା। ବଙ୍ଗଳାର ଗଭର୍ଣ୍ଣରଙ୍କୁ ଏବେ ଗଭର୍ଣ୍ଣର ଜେନେରାଲ କୁହାଗଲା। ୱାରେନ ହେଷ୍ଟିଙ୍ଗସ ପ୍ରଥମ ଗଭର୍ଣ୍ଣର ଜେନେରାଲ ଥିଲେ।(୧୭୭୩-୧୭୮୫) ପିଟସ ଇଣ୍ଡିଆ ଆକ୍ଟ(୧୭୮୪)କୁ ଅସମ୍ପୂର୍ଣ୍ଣ





ବ୍ୟବସ୍ଥା କୁହାଯାଉଥିଲା କାରଣ ଏହା ସଂସଦ ତଥା କମ୍ପାନୀର କେତେକ ଅଧିକାରୀମାନଙ୍କ ସହିତ ମଧ୍ୟସ୍ତତା ପାଇଁ ପ୍ରୟାସ କରିଥିଲା। ବୋର୍ଡ-ଅଫ୍-କଣ୍ଟ୍ରୋଲ (ନିୟନ୍ତ୍ରଣ ବୋର୍ଡ) ସ୍ଥାପନା କରି ସଂସଦର ପ୍ରଭାବକୁ ବୃଦ୍ଧି କରାଗଲା, ଯାହାର ସମସ୍ତ ସଦସ୍ୟ ବ୍ରିଟିଶ ମନ୍ତ୍ରୀମଣ୍ଡଳରୁ ବଛା ଯାଉଥିଲା। ଜଣେ ଗଭର୍ଣ୍ଣର ଜେନେରାଲ ଭାବରେ ଲର୍ଡ କର୍ଣ୍ଣୱାଲିସ କମ୍ପାନୀ ପ୍ରଶାସନକୁ ବ୍ୟବସାୟିକ, ଅମଲାତନ୍ତ୍ର ତଥା ଇଉରୋପୀୟ ଢାଞ୍ଚା ପ୍ରଦାନ କଲେ (୧୭୮୬-୧୭୯୩)। ସେ କମ୍ପାନୀ କର୍ମଚାରୀମାନଙ୍କ ଦ୍ୱାରା ବ୍ୟାପାରକୁ ବେଆଇନ ଘୋଷଣା କଲେ, ବ୍ୟାପାରିକ ତଥା ପ୍ରଶାସନିକ କାର୍ଯ୍ୟକୁ ପୃଥକ କଲେ ତଥା କମ୍ପାନୀ କର୍ମଚାରୀମାନଙ୍କର ବେତନର ସୁଧାର ଆଣିଲେ।

ରାଜସ୍ୱ ସଂଗ୍ରହ କମ୍ପାନୀର ମୁଖ୍ୟ କାର୍ଯ୍ୟ ହୋଇ ଯାଇଥିଲା। ତେଣୁ ଲର୍ଡ କର୍ଣ୍ଣୱାଲିସ ବଙ୍ଗଳାରେ ଜମିଗୁଡିକର ମାଲିକାନା ଜମିଦାରମାନଙ୍କୁ ପ୍ରଦାନ କଲେ। ଏହା ବଦଳରେ ଜମିଦାରମାନେ ସରକାରଙ୍କୁ ଏକ ନିଶ୍ଚିତ ରାଜସ୍ୱ ଏକ ନିର୍ଦ୍ଧାରିତ ତାରିଖରେ ପଇଠ କରୁଥିଲେ। ଏହି ବ୍ୟବସ୍ଥା ଦୀର୍ଘ ଦିନ ଧରି ଚାଲି ଆସୁଥିଲା। ତେଣୁ ଏହାକୁ ସ୍ଥାୟୀ ବନ୍ଦୋବସ୍ତର ନାମ ଦିଆଗଲା। ଏହି ବ୍ୟବସ୍ଥା ଜମିଦାରୀ ବ୍ୟବସ୍ଥା ନାମରେ ପରିଚିତ। ଏହି ବ୍ୟବସ୍ଥା ତତ୍କାଳିନ ପରିଣାମ ଏପରି ହେଲା ଯେ ଜମିଦାରମାନେ ଭୂମିର ମାଲିକ ହୋଇଗଲେ, କୃଷକ ମାନେ ଜମି ଉପରେ ଭଡାଟିଆ ହୋଇଗଲେ। ପୁଣି ଜମି ଏବେ କିଣା ବିକାର ସମ୍ପତ୍ତି ହୋଇଗଲା ତଥା ଶାସନକୁ କୃଷି ସମ୍ବନ୍ଧିତ ବିସ୍ତାର ତଥା ବିକାଶର ପ୍ରତିବନ୍ଧକ ହେଲା। ସେ ସମୟରେ ମୁମ୍ବଇ ତଥା ମାନ୍ଦ୍ରାଜରେ ରୟତୱାରୀ ବନ୍ଦୋବସ୍ତ ନିୟମ ଅଣାଗଲା ଯେଉଁଥିରେ କୃଷକ ବାର୍ଷିକ ଖଜଣା ସିଧା ସଳଖ ସରକାରଙ୍କୁ ପ୍ରଦାନ କରୁଥିଲେ।

୧୮୧୩ ଚାର୍ଟର ଆକ୍ଟ ବଳରେ କମ୍ପାନୀର ଭାରତ ସହିତ ଏକାଧିକାର ସମାପ୍ତ ହୋଇଗଲା। ରାଜସ୍ୱ, ପ୍ରଶାସନ ତଥା ନିଯୁକ୍ତି ଇତ୍ୟାଦି କମ୍ପାନୀ ନିୟନ୍ତ୍ରଣରେ ରହିଲା। ୧୮୩୩ ଚାର୍ଟର ଆକ୍ଟ ଦ୍ୱାରା ଚୀନ ସହିତ କମ୍ପାନୀର ବ୍ୟାପାର ସମ୍ବନ୍ଧିତ ଏକାଧିକାର ଉଚ୍ଛେଦ ହେଲା। ଏହି ଆକ୍ଟ ପୁଣି ଗଭର୍ଣ୍ଣର ଜେନେରାଲ ତଥା ଏହାର ସହାୟକ ପରିଷଦର ଆଇନ ପ୍ରଣୟନ କ୍ଷମତା ଓ ବିଧାୟୀ ସମନ୍ଧୀ କ୍ଷମତା କାଢ଼ି ନିଆଗଲା।

ଇଂରେଜ କ୍ଷେତ୍ରରେ ବିସ୍ତାର ତଥା ବର୍ଦ୍ଧିତ ପ୍ରଶାସନିକ ଆବଶ୍ୟକତାକୁ ଦେଖି ଅମଲାତନ୍ତ୍ରର ଆବଶ୍ୟକତା ପଡିଲା। ୧୭୮୫ରେ ଲର୍ଡ କର୍ଣ୍ଣୱାଲିସ କମ୍ପାନୀର ଅଧିକାରୀମାନଙ୍କୁ ଏକ ପେଶାଦାର ସଙ୍ଗଠନରେ ପରିଣତ କଲେ ଯେଉଁଥିରେ ଭଲ ଦରମା ମିଳୁଥିଲା। ସେମାନଙ୍କର ନିଜର ବ୍ୟବସାୟ ନଥିଲା କିମ୍ବା ଶିଳ୍ପର ଉତ୍ପାଦନରେ ସେମାନଙ୍କର କୌଣସି ଭୂମିକା ନଥିଲା। ଏମାନେ ନିୟମିତ ପଦୋନ୍ନତି ତଥା ପେନସନରେ ହକଦାର ହେଉଥିଲେ। ଏଗୁଡିକ ସମସ୍ତ ଉଚ୍ଚପଦସ୍ଥ ଇଂରେଜମାନଙ୍କ ନିମିତ୍ତ ସଂରକ୍ଷିତ ହେଉଥିଲା ଏବଂ ଭାରତୀୟମାନେ ଏଥିରୁ ବଞ୍ଚିତ ଥିଲେ। କର୍ଣ୍ଣୱାଲିସ ବଙ୍ଗଳାରେ ପ୍ରତି ଜିଲ୍ଲାରେ ଇଂରେଜ ନ୍ୟାୟାଧୀଶମାନଙ୍କୁ ତଥା ରାଜସ୍ୱ ସଂଗ୍ରହ ନିମିତ୍ତ ଇଂରେଜ ରାଜସ୍ୱ କଲେକ୍ଟରମାନଙ୍କୁ ନିଯୁକ୍ତି କଲେ। ସନ ୧୮୦୬ରେ କମ୍ପାନୀ ନିଜର ନବ ନିଯୁକ୍ତିପ୍ରାପ୍ତ ଯୁବ କର୍ମଚାରୀମାନଙ୍କୁ ଲଣ୍ଡନ ନିକଟରେ ଥିବା ହ୍ୟାଲିବୋରି କଲେଜରେ ପ୍ରଶିକ୍ଷଣ ଦେଲେ। ନିଯୁକ୍ତିଗୁଡିକ ତଥାପି ସଂରକ୍ଷଣାତ୍ମକ ବ୍ୟବସ୍ଥା ଅନ୍ତର୍ଗତ ହେଉଥିଲା। ସନ ୧୮୨୯ରେ ସମ୍ପୂର୍ଣ୍ଣ ବ୍ରିଟିଶ-ଭାରତରେ ଛୋଟ ଛୋଟ ଜିଲ୍ଲା ସ୍ଥାପନା କରି ଏହି ପ୍ରଣାଳୀକୁ ସୁଦୃଢ଼ କରାଗଲା କାରଣ ଜଣେ ବ୍ୟକ୍ତି ରାଜସ୍ୱ ସଂଗ୍ରାହକ, ବିଚାରପତି ତଥା







ପୋଲିସ ପ୍ରମୁଖ ଦାୟିତ୍ୱ ଇତ୍ୟାଦି ନିର୍ବାହ କରୁଥିଲେ । ସେ ସମ୍ପୂର୍ଣ୍ଣ ନିରଙ୍କୁଶ ଭାବେ କାର୍ଯ୍ୟ କରୁଥିଲେ । ୧୮୩୩ ମସିହା ପରେ କମ୍ପାନୀ ନିଜର ମନୋନୀତ ପ୍ରାର୍ଥୀମାନଙ୍କ ମଧ୍ୟରୁ ପ୍ରତିଯୋଗୀତାମୂଳକ ପରୀକ୍ଷା ଦ୍ୱାରା କର୍ମଚାରୀ ଚୟନ କରୁଥିଲେ । ୧୮୫୩ ମସିହ ପରେ ଏହାର ଚୟନ ଯୋଗ୍ୟତା ଭିତ୍ତିରେ କେବଳ ପରୀକ୍ଷା ଦ୍ୱାରା ସମ୍ପାଦିତ ହେଉଥିଲା । ଏହି ପରୀକ୍ଷାରେ କେବଳ ଇଂରେଜ ଆଶାୟୀ ପ୍ରାର୍ଥୀମାନେ ଭାଗ ନେଇ ପାରୁଥିଲେ । ଇଣ୍ଡିୟାନ ସିଭିଲ ସର୍ଭିସ (୧) ଉଚ୍ଚ ବେତନ ଭୋଗୀ ଥିଲେ (୨) ରାଜନୈତିକ କ୍ଷମତା ଉପଭୋଗ କରୁଥିଲେ ଯାହାକି ସେତେବେଳେ ଇଂଲଣ୍ଡରେ ଥିବା ଅମଲାମାନେ ସେଭଳି କ୍ଷମତା ପ୍ରାପ୍ତ ନଥିଲେ ।

### ପାଠଗତ ପ୍ରଶ୍ନ ୧୬.୬

୧. ଇଷ୍ଟଇଣ୍ଡିଆ କମ୍ପାନୀର ଗତିବିଧିକୁ ନିୟନ୍ତ୍ରଣ କରିବା ପାଇଁ ବ୍ରିଟିଶ ସଂସଦ ସର୍ବ ପ୍ରଥମେ କେଉଁ ଅଧିନିୟମ ଲାଗୁ କଲେ ?

..........................................................................................

୨. ବଙ୍ଗଳାର ପ୍ରଥମ ଗଭର୍ଣ୍ଣର ଜେନେରାଲ କିଏ ଥିଲେ ?

..........................................................................................

୩. ୧୮୩୩ର ଚାର୍ଟର ଆକ୍ଟ ମୁଖ୍ୟ ବିଶେଷତା କ'ଣ ଥିଲା ?

..........................................................................................

୪. ଲଣ୍ଡନ ନିକଟରେ ଥିବା କେଉଁ କଲେଜରେ କମ୍ପାନୀ ଅଧିକାରିମାନଙ୍କର ପ୍ରଶିକ୍ଷଣ ହେଉଥିଲା ?

..........................................................................................

## ୧୬.୭ ନ୍ୟାୟିକ ସଂଗଠନ

ଅଷ୍ଟାଦଶ ଶତାବ୍ଦୀ ମଧ୍ୟଭାଗ ପର୍ଯ୍ୟନ୍ତ ଇଂରେଜ ବଙ୍ଗଳା, କଲକତା ତଥା ମୁମ୍ବେଇ ଭଳି ପ୍ରମୁଖ କ୍ଷେତ୍ରମାନଙ୍କରେ ନିଜର ସ୍ଥିତି ସୁଦୃଢ଼ କରିଥିଲା । ଏହା ସହିତ ସେହି ସ୍ଥାନମାନଙ୍କରେ ଇଂରେଜ ନ୍ୟାୟିକ ବ୍ୟବସ୍ଥାର ମଧ୍ୟ ବିକାଶ ହେଲା । ବମ୍ବେ, କଲକତା ଓ ମାନ୍ଦ୍ରାଜରେ ସନ ୧୭୨୭ରେ ଦିୱାନୀ ମକଦ୍ଦମା ନିମିତ୍ତ ମହାପୌର ନ୍ୟାୟାଳୟର ସ୍ଥାପନା ହେଲା । ସନ ୧୭୭୨ରେ ଏକ ବ୍ୟାପକ ନ୍ୟାୟିକ ବ୍ୟବସ୍ଥା, ଯାହାକୁ ଅଦାଲତ କୁହାଗଲା, ଏହା ଦିୱାନୀ ଓ ଫୌଜଦାରୀ ନ୍ୟାୟ କ୍ଷେତ୍ର ପାଇଁ ସ୍ଥାପିତ ହେଲା । ନିଜ ନିଜର ପରମ୍ପରାଗତ ନିୟମ ଜାଣି ପ୍ରମୁଖ ନ୍ୟାୟାଧିଶଙ୍କୁ ସହାୟତା କରିବା ପାଇଁ ଉଭୟ ହିନ୍ଦୁ ପଣ୍ଡିତ ଏବଂ ମୁସଲମାନ କାଜି (ସାରିଆ ଓ ବିଚାରପତି)ମାନଙ୍କୁ ନିଯୁକ୍ତି ଦିଆଗଲା । ମାତ୍ର ବ୍ୟାପକ ଭାବରେ ଇଂରେଜମାନେ ସାଧାରଣ ତଥା ବୌଦ୍ଧିକ ଆଇନ ହିଁ ଲାଗୁ କରୁଥିଲା । ଭାରତରେ ସମ୍ପୂର୍ଣ୍ଣ ଇଂରେଜ ନ୍ୟାୟ ପ୍ରଣାଳୀରେ ଦୁଇଟି ମୂଳ ସିଦ୍ଧାନ୍ତିକ ନିୟମ ନିରୂପିତ ହୋଇଥିଲା । ଆଇନର ଶାସନ (Rule of law) ତଥା ଆଇନର ସମକ୍ଷ ସମାନତା (Equality before law) ଅତଏବ ସିଦ୍ଧାନ୍ତ ଅନୁସାରେ ଆଇନ





ସର୍ବୋପରି ଉର୍ଦ୍ଧ୍ୱରେ ଥିଲା (କିଛି ନିୟମ ଅଧିକାର ବିଶେଷାଧିକାର ତଥା କର୍ତ୍ତବ୍ୟର ବାଖ୍ୟା ହୋଇଥିଲା । ତଥା ସମସ୍ତ ନାଗରିକ ଯେ କୌଣସି ଧର୍ମର ହୋଇଥାନ୍ତୁନା କାହିଁକି, ଜାତି କିମ୍ବା ବର୍ଗ ବିଶେଷରେ ଆଇନ ଆଗରେ ସମସ୍ତେ ସମାନ ଥିଲେ । ପ୍ରତ୍ୟକ୍ଷୀକରଣ ଯାଚିକାର ସିଦ୍ଧାନ୍ତରେ ସ୍ପଷ୍ଟ କରା ହୋଇଥିଲାକି ସ୍ଥାନୀୟ ଅଧିକାରୀ ଅଥବା ନ୍ୟାୟିକ ପ୍ରାଧିକରଣର ଲିଖିତ ଆଦେଶ ବିନା କୌଣସି ବ୍ୟକ୍ତିଙ୍କୁ ଗିରଫ କରି ଜେଲରେ ଭର୍ତ୍ତି କରାଯାଇ ପାରିବ ନାହିଁ । ଏପରିକି ସରକାରୀ କର୍ମଚାରୀମାନଙ୍କୁ ମଧ୍ୟ ସେମାନଙ୍କ କାର୍ଯ୍ୟର ଆଧାର ଉପରେ ଆଇନ ପରିଧି ମଧ୍ୟରେ ପ୍ରଶ୍ନ କରାଯାଉଥିଲା । ଆଇନର ଶାସନର (Rule of law) ସ୍ୱାଭାବିକ ପରିଣତି ଆଇନର ସମକ୍ଷ ସମାନତା ଥିଲା ଯାହା କାନୁନର ଶାସନ (Rule of law) ର ଅନୁସରଣ କରୁଥିଲା । କାନୁନର ସମକ୍ଷ ସମାନତା ବିଭିନ୍ନ ଜାତିରେ ବାଣ୍ଟି ହୋଇଥିବା ଭାରତୀୟ ସମାଜ ନିମିତ୍ତ ଆଦର୍ଶ ଆଇନ ହୋଇଗଲା ।

ରେଗୁଲେଟିଂ ଆକ୍ଟ(୧୭୭୩) ଅନୁଯାୟୀ କାଉନସିଲରେ ସମ୍ରାଟ ଦ୍ୱାରା କଲିକତାର ପ୍ରେସିଡେନସି ସହରରେ ଏକ ସର୍ବୋଚ୍ଚ ନ୍ୟାୟାଳୟ ସ୍ଥାପନା କରାଗଲା । ଏହି ଅଧିନିୟମ ଅନ୍ତର୍ଗତ ସର୍ବୋଚ୍ଚ ନ୍ୟାୟାଳୟ ପାଖରେ ବଙ୍ଗଳା, ବିହାର ତଥା ଓଡିଶାର ସମସ୍ତ ପ୍ରକାର ନ୍ୟାୟ ପରିଧିକୁ ଦୃଷ୍ଟିଦେବାର ଅଧିକାର ଥିଲା । ଏଥିରେ କେବଳ ଗୋଟିଏ ସର୍ତ୍ତ ଥିଲା ଯେ ସେହି ପରିସ୍ଥିତିରେ ବିବାଦୀୟ ରାଶି ୪୦୦୦ଟଙ୍କାରୁ ଅଧିକ ହେଉଥିଲେ ଏହା ନ୍ୟାୟ ପାଇଁ ଲଣ୍ଡନର ପ୍ରିଭିକାଉନସିଲ୍‌ରେ ଅପିଲ ହୋଇ ପାରୁଥିଲା । ପରିଶେଷରେ ମାଦ୍ରାଜ ତଥା ବମ୍ବେରେ କ୍ରମଶଃ ୧୮୦୧ ଏବଂ ୧୮୨୩ରେ ସର୍ବୋଚ୍ଚ ନ୍ୟାୟଳୟର ସ୍ଥାପନା ହେଲା ।

ଲର୍ଡ କର୍ଣ୍ଣୱାଲିସ ଜିଲ୍ଲା ସ୍ତରରେ କାର୍ଯ୍ୟକାରୀ ତଥା ନ୍ୟାୟୀକ କାର୍ଯ୍ୟକୁ ଅଲଗା ଅଲଗା କରିଦେଲେ । ସୁଦୂର ଦିୱାନୀ ଅଦାଲତ ଦିୱାନୀ ମାମଲାରେ ଅପିଲ କରିବା ପାଇଁ ସର୍ବୋଚ୍ଚ ସଂସ୍ଥା ଥିଲା ଯାହା ଅଧୀନରେ ଦିୱାନୀ ଅପିଲର ଚାରିଟି ପ୍ରାନ୍ତୀୟ ନ୍ୟାୟାଳୟ କଲିକତା, ଢ଼ାକା, ମୁର୍ଶିଦାବାଦ ତଥା ପାଟଣା ଥିଲା । ତା ପଛକୁ ସ୍ଥାନୀୟ ସ୍ତରରେ ଜିଲ୍ଲା ନ୍ୟାୟଳୟ ରେଜିଷ୍ଟାର ନ୍ୟାୟଳୟତଥା କେତେକ ଅଧିନସ୍ଥ ନ୍ୟାୟଳୟମାନ କ୍ରମାନୁସାରେ ଥିଲା । କେତେକ ଫୌଜଦାରୀ ଅପରାଧ ମାମଲା ସମାଧାନ ପାଇଁ ସରକାର ସକ୍ରିୟ ଥିଲେ । ତେଣୁ ସର୍କିଟ ନ୍ୟାୟାଳୟମାନ କଲିକତା, ଢ଼ାକା, ମୁର୍ଶିଦାବାଦ ତଥା ପାଟଣା ଅଧିନ କ୍ଷେତ୍ରମାନଙ୍କରେ ଥିଲେ ଏବଂ ସେଗୁଡିକ କଲିକାରେ ଥିବା ସଦର ନିଜାମତ ଅଦାଲତ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ସନ ୧୮୩୧ରେ ୱିଲିୟମ ବେଣ୍ଟିକ ଏହି ଚାରିଟି ପ୍ରାନ୍ତିୟ ନ୍ୟାୟଳୟଗୁଡିକ ସମାପ୍ତ କରି ସେମାନଙ୍କର କାର୍ଯ୍ୟକୁ କମିଶନର ତଥା ଜିଲ୍ଲାଧିକାରୀ ମଧ୍ୟରେ ବାଣ୍ଟି ଦେଲେ ।

**ପାଠଗତ ପ୍ରଶ୍ନ -୧୬.୭**

୧. ଆଇନର ଶାସନ (Rule of law) ତଥା ଆଇନର ସମକ୍ଷ (Equality before law) ସମାନତାକୁ ସ୍ପଷ୍ଟ କରନ୍ତୁ ।

.......................................................................................................

୨. ସନ ୧୭୭୩ରେ ରେଗୁଲେଟିଂ ଆକ୍ଟ ଅନୁସାରେ କେଉଁ ଜିଲ୍ଲାରେ ସର୍ବୋଚ୍ଚ ନ୍ୟାୟଳୟର ସ୍ଥାପନ ହେଲା ?

.......................................................................................................







ଅତଏବ ନିର୍ଯ୍ୟାସ ସ୍ୱରୂପ ଭାରତରେ ଇଂରେଜ ଶାସନ ଭାରତ ଇତିହାସର ମୋଡ ବଦଳାଇ ଦେଲା । ଇଂରେଜମାନେ ଭାରତକୁ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଆସିଥିଲେ । ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ସ୍ଥାପନା ଏସିଆ ବ୍ୟାପାର ଏକାଧିକାରକୁ ନେଇ ଗଠିତ ହୋଇଥିଲା । ଭାରତରେ ବ୍ୟାପାରିକ ଅଧିକାର ପ୍ରାପ୍ତ କରିବା ପାଇଁ, ଇଂରେଜମାନେ କେତେକ ରାଜ୍ୟଗୁଡ଼ିକୁ ଅଧିଗ୍ରହଣ କଲେ ତଥା ନିଜର ନିୟମ ତଥା ନୀତିକୁ ସ୍ଥାପନା କଲେ । ଖୁବ୍ ଶୀଘ୍ର ସମ୍ପୂର୍ଣ୍ଣ ଭାରତୀୟ ଉପମହାଦ୍ୱୀପ ଇଂରେଜ ଶାସନାଧୀନ ହୋଇଗଲା । ଯାହାହେଉନା କାହିଁକି ସେମାନଙ୍କର ନୀତି ଭାରତୀୟମାନଙ୍କ ଦ୍ୱାରା ଆଗ୍ରାହ୍ୟ ହେଲା ଏବଂ ସେମାନେ ମିଳିତ ହୋଇ କମ୍ପାନୀ ବିରୋଧରେ ୧୮୫୭ରେ ବିଦ୍ରୋହ କଲେ । ଏହା କମ୍ପାନୀର ସନନ୍ଦକୁ ସମାପ୍ତ କରିଦେଲା ତଥା ଭାରତୀୟ ଶାସନ ବ୍ରିଟେନର ମହାରାଣୀଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣକୁ ଆସିଗଲା । ୧୮୫୮ରେ ଭାରତରେ ଇଣ୍ଡିଆନ ଗଭର୍ଣ୍ଣମେଣ୍ଟ ଆକ୍ଟ ଫଳରେ ଭାରତ ସରକାର ଅଧିନିୟମ ଅନୁସାରେ କମ୍ପାନୀ ଶାସନ ପରିବର୍ତ୍ତେ ବ୍ରିଟିଶ ରାଜବଂଶ ଶାସନ ଜାରି ହେଲା ।

## ତୁମେ କ'ଣ ଶିଖିଲ

ଆପଣ ଭାରତୀୟ ଉପ ମହାଦ୍ୱୀପ ଉପରେ ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ସ୍ଥାପନା ବିଷୟରେ ପଢ଼ିଲେ । ଆପଣଙ୍କ ପଢ଼ାରେ କେମିତି ୧୭୫୭ରେ ପଲାସୀ ଯୁଦ୍ଧ ପରେ ବଙ୍ଗଳାର ନବାବ ଇଂରେଜ ସେନା ସମ୍ମୁଖରେ ନିଜ ଅଧିକୃତ ଅଞ୍ଚଳକୁ କ୍ଷେତ୍ରକୁ ସମର୍ପଣ କଲେ ତଥା ସନ ୧୭୬୫ରେ ଯେତେବେଳେ କମ୍ପାନୀକୁ ବଙ୍ଗଳା ତଥା ବିହାରର ଦିୱାନୀ ଅର୍ଥାତ୍ ରାଜସ୍ୱ ସଂଗ୍ରହର ଅଧିକାର ପ୍ରାପ୍ତି ହେଲା ଅଥବା ସନ ୧୭୭୨ରେ ଯେତେବେଳେ କମ୍ପାନୀ କଲିକତାରେ ନିଜର ରାଜଧାନୀ ସ୍ଥାପନା କରି ପ୍ରଥମ ଗଭର୍ଣ୍ଣର ଜେନେରାଲ ୱାରେନହେଷ୍ଟିଂଙ୍କୁ ନିଯୁକ୍ତି କରି ଶାସନରେ ପ୍ରତ୍ୟକ୍ଷ ରୂପେ ଲିପ୍ତ ହୋଇ କିପରି ଇଂରେଜ ଶାସନର ବିସ୍ତାର କଲେ ତାହା ମଧ୍ୟ ପଢ଼ିଲେ । ଏହି ପ୍ରକ୍ରିୟା ଭାରତର ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଚାଲିଥିଲା । ଇଂରେଜ ସରକାରଙ୍କର ବିସ୍ତାର ଏବଂ ସଂସ୍ଥାପନାରେ ସହାୟକ ସନ୍ଧି ବ୍ୟବସ୍ଥା ତଥା ଡେଲହାଉସୀଙ୍କର ରାଜ୍ୟ ବିଲୋପ ନୀତି ଅନ୍ତର୍ଗତ ଅଧିଗ୍ରହଣ ନୀତିର ସହାୟ ହେଲା । ଏହି ଅଧ୍ୟାୟରେ ଭାରତରେ ୧୮୫୮ରୁ ପୂର୍ବ ବ୍ରିଟିଶ ପ୍ରଶାସନିକ ତଥା ନ୍ୟାୟିକ ସଂସ୍ଥାଗୁଡିକ ସଂସ୍ଥାପନକୁ ମଧ୍ୟ ପରିବର୍ତ୍ତନ କରିଦେଲା । ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀର ଶାସନ ୧୮୫୮ ପର୍ଯ୍ୟନ୍ତ ଚାଲିଲା ଯେତେବେଳେ ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ୧୮୫୮ର ପରିଣାମ ସ୍ୱରୂପ ବ୍ରିଟିଶ ସରକାର ଭାରତର ପ୍ରତ୍ୟକ୍ଷ ନିୟନ୍ତ୍ରଣ ନିଜ ହାତକୁ ନେଇନେଲେ ।

## ପଠାନ୍ତ ପ୍ରଶ୍ନ

୧. ଭାରତରେ ଇଂରେଜ ସର୍ବୋଚ୍ଚତା କେମିତି ପ୍ରାପ୍ତ କଲା ?

୨. ଲର୍ଡ ୱେଲେସଲି ବ୍ରିଟିଶ ଶକ୍ତିର ବିସ୍ତାର କିପରି କଲେ ? ସହାୟକ ସନ୍ଧିର ଗୁଣ-ଦୋଷ ଗୁଡିକ ବାଖ୍ୟା କର ।

୩. ଭାରତରେ ଇଂରେଜ ରାଜ୍ୟ ବିସ୍ତାର ନିମିତ୍ତ ଡେଲହାଉସୀଙ୍କ ଦ୍ୱାରା ପ୍ରବର୍ତ୍ତିତ ନୀତିଗୁଡିକର ବିସ୍ତୃତ ବିବରଣୀ ପ୍ରଦାନ କର ।

୪. ଭାରତରେ ବ୍ରିଟିଶ ନ୍ୟାୟିକ ସଂଗଠନଗୁଡିକ ସମ୍ପର୍କରେ ବର୍ଣ୍ଣନା କର ।



ନୋଟସ୍

## ୧୬.୧ ପାଠଗତ ପ୍ରଶ୍ନର ଉତ୍ତର

୧. ଇଂରେଜମାନେ

(କ) ଯୁଦ୍ଧ ତଥା ବିଜୟ,

(ଖ) ସହାୟକ ସନ୍ଧି ବ୍ୟବସ୍ଥା ତଥା,

(ଗ) ରାଜ୍ୟ ବିଲୋପ ନୀତି ଦ୍ୱାରା ରାଜ୍ୟଗୁଡ଼ିକ ଅଧିଗ୍ରହଣ କରି ବ୍ରିଟିଶ ଶାସନର ବିସ୍ତାର କଲେ ।

୨. ବଙ୍ଗଳା, ମହୀଶୂର, ହାଇଦରାବାଦ୍, ଅବଧ, ପଞ୍ଜାବ ତଥା ମରହଟ୍ଟା ସାମ୍ରାଜ୍ୟ ।

**୧୬.୨**

୧. ଜାନୁଆରୀ ୧୭୬୦ରେ ୱାଣ୍ଡିୱାସ ଯୁଦ୍ଧ

୨. ଇଂରେଜ ସର୍ବୋଚ୍ଚତା ସ୍ଥାପିତ ହେଲା ତଥା ଭାରତୀୟ କ୍ଷେତ୍ରୀୟ ଶକ୍ତିଗୁଡ଼ିକର ନୌ ସୈନିକ ହସ୍ତକ୍ଷେପ ଲାଗି ଅସମର୍ଥତା, ବୃହତ୍ତ ସେନା ହୋଇ ମଧ୍ୟ ଛୋଟ ଇଉରୋପୀୟ ଶକ୍ତିଗୁଡ଼ିକୁ ପ୍ରତିରୋଧ କରିବାକୁ ଅସମର୍ଥ ଇତ୍ୟାଦି ଦୁର୍ବଳତା ଆହୁରି ଅଧିକ ସ୍ପଷ୍ଟ ହୋଇଗଲା ।

୩. ଭାରତରେ ହୋଇଥିବା କର୍ଣ୍ଣାଟ ଯୁଦ୍ଧରେ ଇଂରେଜ ସଫଳତାର ମୁଖ୍ୟ କାରଣ ଥିଲା- ଭାରତରେ ଏହାର ସୁଦୃଢ଼ ନୌଶକ୍ତି, ଉତ୍କୃଷ୍ଟ ନେତୃତ୍ୱ ତଥା ପ୍ରଗତିଶୀଳ ସୈନ୍ୟ ଶକ୍ତି, ଇଂଲଣ୍ଡ ସରକାରଠାରୁ କମ୍ପାନୀକୁ ମିଳିଥିବା ସହଯୋଗ ତଥା ବଙ୍ଗଳାର ସଂସାଧନ ଉପରେ ଅଧିକାର ।

**୧୬.୩**

୧. ସିରାଜ-ଉଦ-ଦୌଲା

୨. (କ) ୧୭୫୭

୩. ଜୁନ୍ ୧୭୫୬ରେ ସିରାଜଉଦୌଲାଙ୍କ କଲିକତା ଫର୍ଟ ଉଇଲିୟମ ଉପରେ ପ୍ରାରମ୍ଭିକ ଆକ୍ରମଣ ତଥା ଦଖଲ ଜୁନ୍ ମାସରେ କଲିକତା, ୧୭୫୬, ୧୭୧୭ରେ ପ୍ରଦତ୍ତ ମୋଗଲ ସାମ୍ରାଜ୍ୟ ବହିଃ ବାଣିଜ୍ୟ ଅନୁମତି (ଦସ୍ତାଙ୍କ)ର ବ୍ରିଟିଶମାନଙ୍କ ଦ୍ୱାରା ଦୁରୁପଯୋଗ, ଇଂରେଜମାନଙ୍କର ନବାବଙ୍କ ଦରବାର ଉପରେ ହସ୍ତକ୍ଷେପ ତଥା ନବାବଙ୍କ ଅନୁମତିବିନା ଫୋର୍ଟ ଉଇଲିୟମ କିଲ୍ଲାରେ ସମର ସଜ୍ଜିତ ତଥା ଶସସ୍ତ୍ରୀକରଣ ।

୪. ମୀର କାଶିମ

୫. ଇଂରେଜ ତଥା ଭାରତୀୟ ବଣିକମାନଙ୍କ ପାଇଁ ସମାନ ବ୍ୟାପାର କର ତଥା ନବାବ ଦ୍ୱାରା ମୁର୍ଶିଦାବାଦରୁ ମୁଙ୍ଗେର ରାଜଧାନୀ ସ୍ଥାନାନ୍ତରଣ ଏବଂ ସେନା ପୁର୍ନସଂଗଠନ, ମୀରକାଶିମଙ୍କୁ ପଦଚ୍ୟୁତ କରିବା ମୁଖ୍ୟ କାରଣ ଥିଲା ତାହାର ପରିଣତି, ଶେଷରେ ବକ୍ସର ଯୁଦ୍ଧ ହୋଇଥିଲା ।



ନୋଟସ୍



**୧୬.୪**

୧. ନିଜାମଙ୍କର ଅଭିପ୍ରାୟ: ଆଇନ ଶୃଙ୍ଖଳାର ପ୍ରଶାସନ ଏବଂ ଫୌଜଦାରୀ ମାମଲାର ବିଚାର । ଦେୱାନୀର ଅର୍ଥ ରାଜସ୍ୱ ପ୍ରଶାସନ ତଥା ନାଗରିକ ନ୍ୟାୟ ।

୨. କମ୍ପାନୀ ଦେୱାନ ହେବା ଫଳରେ ସେ ରାଜସ୍ୱ ସଂଗ୍ରହ କରୁଥିଲା, ନବାବଙ୍କର ଡେପୁଟି ନବାବ ହେବା ଦ୍ୱାରା ନିଜାମତ ବା ପୋଲିସ ଅଥବା ନ୍ୟାୟିକ ଶକ୍ତିର ନିୟନ୍ତ୍ରଣ କରୁଥିଲା ।

୩. କମ୍ପାନୀ ବଙ୍ଗଳାର ପ୍ରଶାସନର ଉତ୍ତର ଦାୟିତ୍ୱ ପ୍ରତ୍ୟକ୍ଷ ରୂପେ ବହନ କରିବାକୁ ଚାହୁଁ ନଥିଲା । ସେମାନେ କେବଳ ରାଜସ୍ୱ ସଂଗ୍ରହ ପାଇଁ ଇଚ୍ଛୁକ ଥିଲେ ।

**୧୬.୫**

୧. ସୈନ୍ୟ ଅଭିଯାନ ତଥା ସହାୟକ ସନ୍ଧି ବ୍ୟବସ୍ଥା ।

୨. ଏହି ବ୍ୟବସ୍ଥା ଦ୍ୱାରା, ଇଂରେଜ ଅଧୀନ ଭାରତୀୟ ଶାସକମାନେ ନିଜ ନିଜ ରାଜ୍ୟରେ ଇଂରେଜ ସେନାକୁ ସୁରକ୍ଷା ନିମିତ୍ତ ରଖିବାକୁ ପଡୁଥିଲା । ତଥା ସେହି ସେନା ନିମିତ୍ତ ଦେୟ (ଅର୍ଥ) ପ୍ରଦାନ କରିବାକୁ ହେଉଥିଲା । ସେହି ରାଜାମାନେ ସେମାନଙ୍କର ବୈଦେଶିକ ବ୍ୟାପାର ବ୍ରିଟିଶମାନଙ୍କ ପାଖରେ ସମର୍ପଣ କରିଦେଇଥିଲେ । ଏହା ପରିବର୍ତ୍ତେ ଇଷ୍ଟଇଣ୍ଡିଆ କମ୍ପାନୀ ସେମାନଙ୍କ ଶତ୍ରୁମାନଙ୍କଠାରୁ ସୁରକ୍ଷା ପ୍ରଦାନ କରୁଥିଲା ।

୩. ରାଜସତ୍ୱ ବିଲୋପ ନୀତି, ଲର୍ଡ ଡେଲହାଉସୀଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅଧିଗ୍ରହଣ ନୀତି ଥିଲା । ଯେ କୌଣସି ଭାରତୀୟ ରାଜ୍ୟ, ଯେଉଁମାନେ ଇଂରେଜ ଅଧିନସ୍ଥ ବ୍ୟବସ୍ଥାରେ ଦାସ ରାଜ୍ୟ ଭାବରେ ଇଂରେଜର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ଥିଲେ କିମ୍ବା ଇଂରେଜମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲେ, ଶାସକ ବା ପୁତ୍ର ନ ହେବାର ସ୍ଥିତି ତଥା ସେମାନଙ୍କର ଅକ୍ଷମ ହବାର ସ୍ଥିତିରେ ସେଗୁଡିକ ସ୍ୱତଃ ବ୍ରିଟିଶ ରାଜ୍ୟ ଅଧିନ ହୋଇ ଯାଉଥିଲା ।

**୧୬.୬**

୧. ୧୭୭୩ର ରେଗୁଲେଟିଂ ଏକ୍ଟ

୨. ୱାରେନ ହେଷ୍ଟିଂସ

୩. ୧୮୩୩ର ଚାର୍ଟର ଅଧିନିୟମରେ ଚିନ ବ୍ୟାପାର ଉପରେ କମ୍ପାନୀର ଏକାଧିକାରକୁ ସମାପ୍ତି କରାଗଲା ।

୪. ହେଲିବରି କଲେଜ

**୧୬.୭**

୧. ଆଇନର ଶାସନ (Rule of law) ତଥା ଆଇନର ସମକକ୍ଷ ସମାନତା (Equality before law) ର ଅର୍ଥ ଥିଲା ଯେ ଆଇନଠାରୁ କେହି ବଡ ନୁହନ୍ତି (କିଛି ନିୟମ ଯେଉଁଥିରେ ଅଧିକାର, ବିଶେଷାଧିକାର ତଥା କର୍ତ୍ତବ୍ୟର ବାଖ୍ୟା ହୋଇଅଛି) ତଥା ସମସ୍ତ





ନାଗରିକ ଯେ କୌଣସି ଧର୍ମ, ଜାତି ବା ଅଞ୍ଚଳର ହୁଅନ୍ତୁ ସମସ୍ତେ ଆଇନ ଆଗରେ ସମାନ ଅଟନ୍ତି ।

୨. କଲିକତାର ପ୍ରେସିଡେଣ୍ଟସି ସହର ।

**ପାଠଗତ ପ୍ରଶ୍ନର ସଙ୍କେତ**

୧. ଦେଖନ୍ତୁ ଉପଖଣ୍ଡ ୧.୨

୨. ଦେଖନ୍ତୁ ଉପଖଣ୍ଡ ୧.୫ ଅନୁଚ୍ଛେଦ ୧-୨

୧. ଦେଖନ୍ତୁ ଉପଖଣ୍ଡ ୧.୫ ଅନୁଚ୍ଛେଦ ୪

୧. ଦେଖନ୍ତୁ ଉପଖଣ୍ଡ ୧.୭

**ଶବ୍ଦାବଳୀ**

୧. **ଇଷ୍ଟଇଣ୍ଡିଆ କମ୍ପାନୀ :** ସନ ୧୬୦୦ରେ ସ୍ଥାପିତ ସଂଯୁକ୍ତ-ସେୟର ଏକ କମ୍ପାନୀ ଥିଲା କାରଣ କମ୍ପାନୀର ବଣିକମାନେ ଭାରତରେ ବାଣିଜ୍ୟ କରିବା ପାଇଁ ଲଣ୍ଡନରୁ ଆସିଥିଲେ । ଆରମ୍ଭରେ ବ୍ୟାପାରରେ ସଂଲଗ୍ନ ଏହି କମ୍ପାନୀ ଭାରତରେ ୧୮୫୮ ପର୍ଯ୍ୟନ୍ତ ଶାସନ କରିଥିଲେ ।

୨. **ଦ୍ୱୈତାତ୍ମକ ଅଥବା ଦୋହରା ପ୍ରଶାସନ :** ବକ୍ସାର ଯୁଦ୍ଧ ପରେ ଏହି ବ୍ୟବସ୍ଥା ବଙ୍ଗଳାରେ ଲାଗୁ ହୋଇଥିଲା । ବଙ୍ଗଳାର ଦିୱାନ ଭାବରେ ରାଜସ୍ୱ ପ୍ରତ୍ୟକ୍ଷ ଅସୁଲ କରୁଥିଲା ଏବଂ ସେହି ସମୟରେ ନିଜାମତ ବା ପୋଲିସ ତଥା ନ୍ୟାୟିକ କ୍ଷମତା ନବାବଙ୍କ ପାଖରେ ଥିଲା ।

୩. **ସହାୟକ ସନ୍ଧି ବ୍ୟବସ୍ଥା :** ଭାରତୀୟ ରାଜ୍ୟଗୁଡିକ ଇଂରେଜ ରାଜ୍ୟରେ ସମ୍ମିଳିତ କରିବା ଉଦ୍ଦେଶ୍ୟରେ ଲର୍ଡ ୱେଲେସଲି ସହାୟକ ସନ୍ଧି ବ୍ୟବସ୍ଥା ଲାଗୁ କଲେ । ଏହି ସିଦ୍ଧାନ୍ତ ଅନୁସାରେ ଇଂରେଜ ଶାସନାଧୀନ ଦେଶୀୟ ରାଜ୍ୟଗୁଡିକ ନିଜ ସେନା ବ୍ୟତୀତ ଇଂରେଜ ସେନାଙ୍କୁ ନିଜ ରାଜ୍ୟର ରକ୍ଷଣାବେକ୍ଷଣ ଓ ସୁରକ୍ଷା ପାଇଁ ରଖିବାକୁ ପଡୁଥିଲା । ନିଜ ନିଜର ବର୍ହି ବ୍ୟାପାରରେ ଏମାନେ ଇଂରେଜ ସରକାରଙ୍କ ପାଖରେ ନିର୍ଭରଶୀଳ ହେବାକୁ ପଡୁଥିଲା । ଏହା ବଦଳରେ ଇଷ୍ଟଇଣ୍ଡିଆ କମ୍ପାନୀ ସେମାନଙ୍କର ପ୍ରତିଦ୍ୱନ୍ଦୀମାନଙ୍କଠାରୁ ରକ୍ଷା କରୁଥିଲେ ।

୪. **ରାଜସତ୍ୱ ଲୋପ ନୀତି :** ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ ଡେଲହାଉସୀଙ୍କ ଦ୍ୱାରା ପ୍ରସ୍ତାବିତ ରାଜସତ୍ୱ ଲୋପ ନୀତି ଇଂରେଜ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ପ୍ରଣିତ ଏକ ଅଧିଗ୍ରହଣ ନୀତି ଥିଲା । ଏହି ସିଦ୍ଧାନ୍ତର ଅନ୍ତର୍ଗତ ଇଂରେଜ ରାଜ୍ୟର ଅଧିନ ସମସ୍ତ ଭାରତୀୟ ରାଜ୍ୟ ସ୍ୱତଃ ଇଂରେଜ ରାଜ୍ୟର ଅଂଶ ହୋଇଯିବେ ଯଦି ସେହି ରାଜ୍ୟମାନଙ୍କର ଶାସକ ଅକ୍ଷମ ହୁଅନ୍ତି ବା ଅଯୋଗ୍ୟ କିମ୍ୱା ବିନା ଉତ୍ତରାଧିକାରୀରେ ମୃତ୍ୟୁ ବରଣ କରନ୍ତି ।

୫. **ଚାର୍ଟର ଏକ୍ଟ :** ଇଷ୍ଟଇଣ୍ଡିଆ କମ୍ପାନୀର ଗତିବିଧିକୁ ନିୟନ୍ତ୍ରିତ କରିବା ପାଇଁ ସଂସଦ ଚାର୍ଟର ଏକ୍ଟ ପାରିତ କଲା ଯେଉଁଥିରେ କମ୍ପାନୀକୁ କେତେକ ବ୍ୟାପାରିକ ବିଶେଷାଧିକାର





ତଥା ୧୮୫୮ ପର୍ଯ୍ୟନ୍ତ ଭାରତ ଉପରେ ଶାସନ କରିବାର ଅଧିକାର ପ୍ରଦାନ କରାଗଲା । ୧୭୯୩ରେ ପାରିତ ଚାର୍ଟର ଏକ୍ଟ ଅନୁସାରେ କମ୍ପାନୀକୁ ଭାରତରେ ଶାସନ କରିବାକୁ ୨୦ ବର୍ଷ ପାଇଁ ଅଧିକାର ପ୍ରଦାନ କରାଗଲା । ତତ୍‌ପଶ୍ଚାତ୍ କ୍ରମଶଃ ୧୮୧୩,୧୮୩୩ ତଥା ୧୮୫୩ ମାନଙ୍କରେ ଏହି ଅଧିନିୟମର ସଂଶୋଧନ ହୋଇଥିଲା ।

୬. **ଆଇନର ଶାସନ :** ଏହାର ଅର୍ଥ ଆଇନ ସବୁଠାରୁ ଉର୍ଦ୍ଧ୍ୱରେ । କେହି ଆଇନର ଉର୍ଦ୍ଧ୍ୱରେ ନୁହନ୍ତି ଏବଂ ଏହା ସମସ୍ତଙ୍କ ଉପରେ ଲାଗୁ ହୋଇଥାଏ । ସେ ଶାସକ ହେଉନ୍ତୁ କିମ୍ବା ସାଧାରଣ ପ୍ରଜା, ସରକାର କିମ୍ବା ନାଗରିକ, କେହି ବି ଆଇନ ଉପରେ ନୁହନ୍ତି ତଥା ଆଇନରୁ ମୁକ୍ତ କେହି ନୁହନ୍ତି ତଥା ଆଇନ ପରିଧିରେ କେହି ହେଲେ ଛାଡ ପାଇବାର ହକଦାର ନୁହନ୍ତି ।

୭. **ଆଇନର ସମକ୍ଷ ସମାନତା :** ଆଇନର ସମକ୍ଷ ସମାନତା ସିଦ୍ଧାନ୍ତ ଅନୁସାରେ ଆଇନ ଆଗରେ ସମସ୍ତେ ସମାନ ଅଟନ୍ତି, କାହାରିକୁ ବିଶେଷାଧିକାର ପ୍ରାପ୍ତ ହୋଇନଥାଏ । ଆଇନ ସମକକ୍ଷତାରେ ଜାତି, ଧର୍ମ ତଥା ବର୍ଗରୁ ଉର୍ଦ୍ଧ୍ୱରେ ଆଇନ କାର୍ଯ୍ୟକାରୀତାକୁ ଜନ୍ମ ଦେଲା ।



ନୋଟସ୍

# ୧୭

# ବ୍ରିଟିଶ ଉପନିବେଶବାଦର ଆର୍ଥିକ ପ୍ରଭାବ

ବ୍ରିଟେନ ଭାରତୀୟ ଉପନିବେଶ ସହିତ ସମ୍ବନ୍ଧ ରାଜନୈତିକ ସହଯୋଗିତା ଥିଲା । ମାତ୍ର ଏହି ସମ୍ପର୍କର କେନ୍ଦ୍ରବିନ୍ଦୁ ଆର୍ଥିକ ଶୋଷଣରେ ପରିଣତ ହୋଇଗଲା । ଉପନିବେଶବାଦ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଜ ରାଷ୍ଟ୍ରକୁ ଲାଭ ପ୍ରଦାନ କରିବା ବରଂ ଏହା ଉପନିବେଶର ହାନି ଉପରେ ପର୍ଯ୍ୟବେକ୍ଷିତ । ଏହି ଅଧ୍ୟାୟରେ ଆମେ ଉପନିବେଶବାଦ ପ୍ରକ୍ରିୟା ଅନ୍ତର୍ଗତ ଆର୍ଥିକ ଶୋଷଣର ବିବିଧ ଦିଗ ସମ୍ବନ୍ଧରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

- ଏହି ପାଠର ଅଧ୍ୟୟନ କରିବା ପରେ ଆପଣ:
- ଭାରତରେ ବ୍ରିଟିଶ ଉପନିବେଶବାଦ ପ୍ରକ୍ରିୟାର ତିନୋଟି ଚରଣ ଜାଣିପାରିବେ
- ଭାରତର ଗ୍ରାମୀଣ କ୍ଷେତ୍ରରେ ଉପନିବେଶୀୟ ରାଜସ୍ୱ ବୁଝାମଣା ଦ୍ୱାରା ଆସିଥିବା ପରିବର୍ତ୍ତନକୁ ଜାଣି ପାରିବେ ।
- ଉପନିବେଶରେ କରାଯାଇଥିବା ଉପନିବେଶୀ-ପୁଞ୍ଜିବାଦୀ-ପରିବର୍ତ୍ତନର ମିଶ୍ରିତ ପ୍ରଭାବରେ ବିଶ୍ଳେଷଣ କରିପାରିବେ ।
- ପୂର୍ବବର୍ତ୍ତୀ ରାଷ୍ଟ୍ରବାଦୀମାନଙ୍କ ଦ୍ୱାରା ପ୍ରଣିତ ସମ୍ପତ୍ତିର ପ୍ରବାହ ସିଦ୍ଧାନ୍ତର ବାଖ୍ୟା କରିପାରିବେ ।
- ଉପନିବେଶରେ ଉପନିବେଶବାଦୀ ଆଧୁନିକତାର ଭିନ୍ନ ପ୍ରକୃତିକୁ ବୁଝି ପାରିବେ ତଥା ଏହା ମଧ୍ୟ ବୁଝିପାରିବେ ଯେ ପ୍ରଗତି ଆବଶ୍ୟକ ରୂପେ ଏହାର ପରିଣାମ ନ ଥିଲା ।

### ବ୍ରିଟିଶ ଉପନିବେଶବାଦର ଚରଣ

ଔପନିବେଶିକ ଶୋଷଣ ମୁଖ୍ୟତଃ ତିନୋଟି ଚରଣରେ ବିକଶିତ ହୋଇଥିଲା । ବାଣିଜ୍ୟବାଦର ପ୍ରଥମ ଚରଣ (୧୭୫୭-୧୮୧୩) ଏକ ପ୍ରକାର ଲୁଟପାଟ ଥିଲା ଯେଉଁଥିରେ ଅତିରିକ୍ତ ଭାରତୀୟ ରାଜସ୍ୱର ପ୍ରୟୋଗ ଇଂଲଣ୍ଡକୁ ଚାଲି ଯିବା ସମୟରେ, ଭାରତ ପ୍ରସ୍ତୁତ ଉତ୍ପାଦନଗୁଡିକ କିଣିବା ପାଇଁ ଉଦ୍ଦିଷ୍ଟ ଥିଲା । ଦ୍ୱିତୀୟ ଚରଣ (୧୮୧୩-୧୮୫୮) ମୁକ୍ତ ବ୍ୟାପାର ଥିଲା ଯେଉଁଥିରେ ଭାରତର କଞ୍ଚାମାଲ ସ୍ରୋତ ରୂପେ ପରିବର୍ତ୍ତିତ ହୋଇଗଲା ତଥା ବ୍ରିଟେନର ଉତ୍ପାଦନ ପାଇଁ ଏକ ବଜାର ହୋଇଗଲା । ଭାରତର ବ୍ୟାଙ୍କ, ବିଦେଶୀ ବ୍ୟାପାର ସଂସ୍ଥା ତଥା ପ୍ରବନ୍ଧ ସଂସ୍ଥାନଗୁଡିକୁ ନିୟନ୍ତ୍ରିତ କଲା । ଏହି ଚରଣରେ ମୁଖ୍ୟତଃ ଉପନିବେଶବାଦୀ ଅର୍ଥ ବ୍ୟବସ୍ଥାକୁ ଔଦ୍ୟୋଗିକ ତଥା କୃଷି କ୍ଷେତ୍ରରେ ଅନେକ ଆର୍ଥିକ ନୀତି ପ୍ରଣୟନ କରି ଶୋଷଣ କରାଗଲା ।

## ୧୭.୧ ବ୍ରିଟିଶ ଉପନିବେଶବାଦର ପ୍ରଥମ ଚରଣ

ପ୍ରଥମ ଚରଣ ସାଧାରଣଭାବରେ ୧୭୫୭ରେ ପ୍ରାରମ୍ଭ ହେଲା, ଯେତେବେଳେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଉପମହାଦ୍ୱୀପର ପୂର୍ବ ତଥା ଦକ୍ଷିଣ ଭାଗରେ ରାଜସ୍ୱ ଏକତ୍ର କରିବାର ଅଧିକାର ପ୍ରାପ୍ତ କରି ନେଇଥିଲା । ଏହି କାର୍ଯ୍ୟ ୧୮୧୩ ପର୍ଯ୍ୟନ୍ତ ଚାଲିଲା, ଯେତେବେଳେ ଭାରତୀୟ ବ୍ୟାପାର ଉପରେ କମ୍ପାନୀର ଏକାଧିକାର ସମାପ୍ତ ହୋଇଗଲା ।

ବ୍ରିଟିଶ ଭାରତରେ ଇଂଲଣ୍ଡର ମହାରାଣୀ ପ୍ରଥମ ଏଲିଜାବେଥଙ୍କ ଦ୍ୱାରା ସମର୍ଥିତ ବ୍ରିଟିଶମାନେ, ମହାରାଣୀ ପ୍ରଥମ ଏଲିଜାବେଥଙ୍କ ଦ୍ୱାରା ପ୍ରବର୍ତ୍ତିତ ରୟାଲ ଚାର୍ଟର ଦ୍ୱାରା (କେବଳ ଭାରତ ସହିତ ବାଣିଜ୍ୟ କାରବାର ପାଇଁ) ବଳରେ କେବଳ ଗୋଟିଏ ବାଣିଜିକ୍ୟ କମ୍ପାନୀ ରୂପେ ସପ୍ତଦଶ ଶତାବ୍ଦୀରେ ଭାରତକୁ ଆସିଥିଲେ । ସେମାନେ ତାଙ୍କର ପ୍ରଥମ କାରଖାନା ବଙ୍ଗଳାର ହୁଗୁଳି ନଦୀ କୂଳରେ ସ୍ଥାପନା କରିଥିଲେ । କମ୍ପାନୀ, ମୋଗଲ ବାଦଶାହାଙ୍କ ଠାରୁ ଅନୁମତି ବା ଦସ୍ତକ ପ୍ରାପ୍ତି ନିମିତ୍ତ ସଫଳ ହୋଇଥିଲେ ଯେ ସେମାନଙ୍କର ବ୍ୟାପର ନିଃଶୁଳ୍କ ରହିବ । ଏହା ଫଳରେ କମ୍ପାନୀ କର୍ମଚାରୀମାନଙ୍କ ମଧ୍ୟରେ ଭ୍ରଷ୍ଟାଚାର ବୃଦ୍ଧି ହେଲା କାରଣ ସେମାନେ ବ୍ୟାପକ ସ୍ତରରେ ଫରମାନକୁ ବ୍ୟକ୍ତିଗତ ବ୍ୟାପାରରେ ଅପବ୍ୟବହାର କଲେ । ଏହାର ଅର୍ଥ ଥିଲା ଯେ ଏହା ବଙ୍ଗଳାର ସୁବେଦାର (ଯିଏ ପରବର୍ତ୍ତୀ ସମୟରେ ନବାବ କହିଲେ)ଙ୍କୁ ସୀମା ଶୁଳ୍କ ପରି ରାଜସ୍ୱରେ ବହୁତ କ୍ଷତି ସହିବାକୁ ପଡିଥିଲା । ଏହା ଏକ ଜ୍ୱଳନ୍ତ ବିବାଦାସ୍ପଦ ମୁଦ୍ଦା ଥିଲା ଏବଂ ତାହା ୧୭୫୧ର ପଲାସୀ ଯୁଦ୍ଧ ପାଇଁ ପ୍ରମୁଖ କାରଣମାନଙ୍କ ମଧ୍ୟରୁ ପ୍ରମୁଖ ଥିଲା ।

ସେହି ସମୟରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀର ମୁଖ୍ୟ କାର୍ଯ୍ୟ ଭାରତରେ ମସଲା, କାର୍ପାସ ତଥା ରେଶମ ଇତ୍ୟାଦି କ୍ରୟକରି ସେଗୁଡିକ ବ୍ରିଟେନର ବଡ ବଡ ବଜାରରେ ବହୁତ ଲାଭରେ ବିକ୍ରି କରିବା ଯାହାର ମୂଲ୍ୟ ଅନେକ ଗୁଣ ଅଧିକ ଥିଲା । ଏହାର ଅର୍ଥ ଏପରି ହେଲାକି ଏହି ବସ୍ତୁଗୁଡିକ ବଦଳରେ ବ୍ରିଟେନରୁ ବହୁମାତ୍ରାରେ ସ୍ୱର୍ଣ୍ଣ-ରୌପ୍ୟ ଭାରତକୁ ଆସୁଥିଲା । ଭାରତକୁ ବୁଲିୟନ ପ୍ରବାହ ବନ୍ଦ କରିବା ପାଇଁ ବହୁ ପ୍ରଚେଷ୍ଟା ପରେ ମଧ୍ୟ ଭାରତୀୟ ସମାଗ୍ରୀ ବଦଳରେ ଭାରତରେ ବ୍ରିଟିଶ ଦ୍ରବ୍ୟମାନ ବିକ୍ରି କରାଯାଇ ପାରିଲା ନାହିଁ । ବସ୍ତୁଗୁଡିକ କ୍ରୟରେ ଥିବା ବ୍ୟବଧାନର ଅତିରିକ୍ତ କମ୍ପାନୀକୁ ଏକ ବଡ ଭାଗ ଇଉରୋପରେ ଅନ୍ୟ ଶକ୍ତିମାନଙ୍କ ସହିତ ହେଉଥିବା ଯୁଦ୍ଧରେ ମଧ୍ୟ ଖର୍ଚ୍ଚ କରିବାକୁ ପଡୁଥିଲା । ସେହି ୟୁରୋପୀୟ ଶକ୍ତିମାନେ ମଧ୍ୟ ସମାନ ପଦାର୍ଥ ବାଣିଜ୍ୟ କରି ନିଜ ଦେଶକୁ ନେବା ପାଇଁ ଚାହୁଁଥିଲେ । ସେମାନେ ଥିଲେ ପର୍ତ୍ତୁଗୀଜ, ଡଚ ଏବଂ ଫରାସୀ । ଏହିପରି ପଲାସୀ ଯୁଦ୍ଧ ଏବଂ ବକ୍ସର ଯୁଦ୍ଧ ପରେ ପରେ ବଙ୍ଗଳାରେ ଦ୍ୱିୱାନୀ ଲାଭ କଲା । (ଶୁଳ୍କ ଆଦାୟ କରିବା କ୍ଷମତା) ଫଳରେ ଭାରତରେ ଆର୍ଥିକ ଖର୍ଚ୍ଚ ବହୁନିର୍ମିତ୍ତ କମ୍ପାନୀ ପାଇଁ ଅର୍ଥ ଆଦାୟ ପାଇଁ ରାସ୍ତା ଖୋଲି ଯାଇଥିଲା ।

### ଭୁରାଜସ୍ୱ ନୀତି

୧୭୬୫ରେ ଇଷ୍ଟଇଣ୍ଡିଆ କମ୍ପାନୀକୁ ବଙ୍ଗଳା, ବିହାର ତଥା ଓଡିଶାର ଦିୱାନୀ ପ୍ରାପ୍ତି ପରେ ବ୍ରିଟିଶ ପ୍ରଶାସନର ମୁଖ୍ୟ କାର୍ଯ୍ୟ ଥିଲା ଉପନିବେଶରୁ ଅଧିକରୁ ଅଧିକ ରାଜସ୍ୱ ଅସୁଲ କରିବା କୃଷି କର କମ୍ପାନୀର ଆୟର ମୁଖ୍ୟ ସ୍ରୋତ ଥିଲା । ଏବଂ ସେଥିରୁ ବ୍ରିଟେନରେ ପୁଞ୍ଜି ଲଗାଣକାରୀଙ୍କୁ ଲାଭାଂଶ ପ୍ରଦାନ କରାଯାଉଥିଲା । ସେଥିପାଇଁ ଇଂରେଜ ପ୍ରଶାସନ ଏହି ଲକ୍ଷରେ ଅନେକ ପ୍ରକାର ଭୂ-କର ବ୍ୟବସ୍ଥା ପରୀକ୍ଷାମୂଳକ ଭାବରେ ପ୍ରଚଳନ କରୁଥିଲେ । ଏହି



ନୋଟସ୍

ପରୀକ୍ଷାମୂଳକ ବ୍ୟବସ୍ଥା ଆଂଶିକ ଭାବରେ ଔପନିବେଶିକ ରାଜ୍ୟ ଏବଂ ତାର ପ୍ରଜାମାନଙ୍କ ସମ୍ପର୍କର ପରିଭାଷାକୁ ସ୍ପଷ୍ଟ କରୁଥିଲା ।

୧୭୭୨ରେ ବଙ୍ଗଳାର ଗଭର୍ଣ୍ଣର ୱାରେନହେଷ୍ଟିଂ ବଙ୍ଗଳା କ୍ଷେତ୍ରରେ ରାଜସ୍ୱ-କୃଷିର (Revenue favming) ବ୍ୟବସ୍ଥା ପ୍ରାରମ୍ଭ କଲେ । ଉକ୍ତ ବ୍ୟବସ୍ଥାରେ ଇଉରୋପୀୟ ଜିଲ୍ଲା କଲେକ୍ଟରମାନେ ସର୍ବାଧିକ ନିଲାମଧାରୀଙ୍କୁ ରାଜସ୍ୱ ସଂଗ୍ରହ କରିବା ଅଧିକାର ଦେଉଥିଲେ । ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଅସଫଳ ରହିଲା ତଥା ଏହି ପ୍ରଣାଳୀରେ ନିରଙ୍କୁଶ ରାଜସ୍ୱ ଆଦାୟ ଦ୍ୱାରା କୃଷକମାନଙ୍କୁ ବରବାଦ କରିଦିଆଗଲା ।

ଏପରି ଭୟଙ୍କର ଭୁଲ ପ୍ରଚଳନକୁ ସୁଧାରିବା ପାଇଁ ସନ ୧୭୯୩ରେ ଲର୍ଡ କର୍ଣ୍ଣୱାଲିସ ସ୍ଥାୟୀ ବନ୍ଦୋବସ୍ତ ପ୍ରାରମ୍ଭ କଲେ । ଏହି ବ୍ୟବସ୍ଥାଦ୍ୱାରା ଜମିଦାର, ଯେଉଁମାନେ ପୂର୍ବରୁ ରାଜସ୍ୱ ସଂଗ୍ରହ କରିବାର ଅଧିକାର ଥିଲା, ଏବେ ସେମାନେ ଭୂମିର ମାଲିକ ହୋଇଗଲେ । କମ୍ପାନୀର ରାଜସ୍ୱ ଦାବି ସମ୍ପୂର୍ଣ୍ଣ ଭାବରେ ନିର୍ଦ୍ଧାରିତ ଥିଲା । କିନ୍ତୁ ଯଦି ଜମିଦାରଙ୍କ ରାଜସ୍ୱ ସମ୍ପୂର୍ଣ୍ଣ କରିବା ପାଇଁ ଅସଫଳ ରହୁଥିଲେ ତାହେଲେ ତାଙ୍କୁ ତାଙ୍କ ଜମିରୁ ବେଦଖଲ କରି ଦିଆଯାଉଥିଲା ଏବଂ ସରକାର ଜମିକୁ ନିଲାମ କରି ଦେଉଥିଲେ । ଏହି ବ୍ୟବସ୍ଥା ଜରିଆରେ ରାଜ୍ୟ ଜମିଦାରମାନଙ୍କ ଏକ ବ୍ୟାପାରିବର୍ଗ ଗଠନ କଲେ, ଯେଉଁମାନେ ଲାଭ କମାଇବା ପାଇଁ ନିଜ ନିଜର ଭୂମି ଉପରେ ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ । ଏହା ଅତିରିକ୍ତ କମ୍ପାନୀ ପାଇଁ ମଧ୍ୟ ପ୍ରତ୍ୟେକ କୃଷକ ସ୍ଥାନରେ କିଛି ଜମିଦାରମାନଙ୍କ ସହିତ କଥାବାର୍ତ୍ତା କରିବା ସୁବିଧା ହେଲା ତଥା ସମାଜ ଏକ କ୍ଷମତାଶାଳୀ ବର୍ଗ ବ୍ରିଟିଶ ପ୍ରଶାସନର ଅନୁଗତ ହୋଇଗଲେ ।

କିନ୍ତୁ ଏହି ବ୍ୟବସ୍ଥାର ବର୍ଦ୍ଧିଷ୍ଣୁ ରାଜସ୍ୱ ବୋଝ କୃଷକମାନଙ୍କୁ ଦାରିଦ୍ର୍ୟତାର ଦଳଦଳିକୁ ଠେଲି ଦେଲା । କେତେକ ଜମିଦାରମାନେ ମଧ୍ୟ ଏହି ସର୍ତ୍ତ ମାନିବାରେ ସମସ୍ୟା ଦେଖାଦେଲା । ଯେଉଁମାନେ ଠିକ୍ ସମୟରେ ଭୂରାଜସ୍ୱ ପଇଠ କରିପାରୁ ନଥିଲେ ସେମାନେ ଜମିରୁ ହାତ ଧୋଇ ବସୁଥିଲେ । ଏହି ବ୍ୟବସ୍ଥା ଫଳରେ ମଧ୍ୟ ସାମନ୍ତବାଦର ବୃଦ୍ଧି ହେଲା । ଯଥା:- ଜମିଦାର ଏବଂ କୃଷକମାନଙ୍କ ମଧ୍ୟରେ କେତେକ ଦଲାଲ ଜନ୍ମ ନେଲେ ଏବଂ ସେମାନେ କୃଷକମାନଙ୍କୁ ଅସୁବିଧାରେ ପକାଇ ଯନ୍ତ୍ରଣା ଦେଲେ ।

ଦଲାଲମାନଙ୍କୁ ରାଜସ୍ୱ ସଂଗ୍ରହ କାର୍ଯ୍ୟରୁ ଅନ୍ତର କରିବା ପାଇଁ ତା' ସହିତ ରାଜ୍ୟ ଭୂମିରୁ ମିଳୁଥିବା ଆୟର ବୃହତ୍ତ ଭାଗ ପାଇବା ଆଶାରେ, ସନ ୧୭୯୨ରେ ଆଲେକଜାଣ୍ଡର ରିଡ ମାନ୍ଦ୍ରାଜ କ୍ଷେତ୍ରରେ ରୟତବାରୀ ବ୍ୟବସ୍ଥା ଆରମ୍ଭ କଲେ । ଏହାପରେ ବମ୍ବେରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଗଲା । ଏହି ବ୍ୟବସ୍ଥା ଅନୁସାରେ ପ୍ରତି ଗାଁରେ ପୃଥକ ଭାବରେ ରାଜସ୍ୱ ଏକତ୍ରିତ କରାଯାଉଥିଲା କିନ୍ତୁ ପରେ ପରେ ପ୍ରତ୍ୟେକ ଚାଷୀର ପୃଥକ ପୃଥକ ମୂଲ୍ୟାଙ୍କନ କରାଯାଉଥିଲା । ଏହି ପ୍ରକାର ଜମିଦାର ବଦଳରେ ଚାଷୀ ଭୂମି ମାଲିକ ହୋଇଗଲେ । ଏହି ବ୍ୟବସ୍ଥା ଦ୍ୱାରା ରାଜସ୍ୱ ସଂଗ୍ରହ ବୃଦ୍ଧି ହେଲା । ମାତ୍ର ମୂଲ୍ୟାଙ୍କନ ତ୍ରୁଟି ପୂର୍ଣ୍ଣ ଥିଲା ଫଳରେ କୃଷକ ଖଜଣାର ବଡ ବୋଝ ଉଠାଇ ପାରିଲେନି । ଜମି ଦଲାଲମାନେ ଅଧିକରୁ ଅଧିକ ଲାଭବାନ ହୋଇଗଲେ ।

ଭାରତର ଉତ୍ତର ତଥା ଉତ୍ତର-ପଶ୍ଚିମରେ ୧୮୨୨ ମସିହା ପରେ ମହଲବାରୀ ବ୍ୟବସ୍ଥା ଲାଗୁ କରାଗଲା, ଯେଉଁଥିରେ ଗ୍ରାମ ସମାଜ ତଥା ଅଧିକତ୍ତର ମାମଲାରେ ତାଲୁକଦାରମାନଙ୍କ ସହିତ

ବୁଝାମଣା କରାଗଲା । ଏପରି ପ୍ରତ୍ୟେକ ବିତ୍ତିୟ ଭାଗକୁ ମହଲ କୁହାଗଲା । ଏହି ବ୍ୟବସ୍ଥା ଅନ୍ତର୍ଗତ ସାମୁହିକ ସମ୍ପତ୍ତି ଅଧିକାରକୁ ପରିହତ କରାଗଲା ।

ଇଂରେଜ ରାଜସ୍ୱ ନୀତିଗୁଡିକର ପରିଣାମ ସ୍ୱରୂପ କୃଷି ବିକାଶର ଗତି ଅବରୁଦ୍ଧ ହୋଇଗଲା ତଥା କୃଷକ ନିଜ ଭୂମି ଉପରେ କରଜଦାର ହୋଇଗଲା । ଏହି କାରଣରୁ ଜମିଦଲାଲଙ୍କ ସଂଖ୍ୟା ବୃଦ୍ଧି ହେଲା ତଥା ଗ୍ରାମୀଣ ଅଞ୍ଚଳରେ ସୁଧଖୋରଙ୍କ ସୁଧ ବଢ଼ାଇବାରେ ମଧ ସହାୟତା ହେଲା । ଭୂ-ମାଲିକ ତଥା ଜମିଦାର ବ୍ରିଟିଶ ଔପନିବେଶବାଦର ମୁଖ୍ୟ ବର୍ଗ ତଥା ସହଯୋଗୀ ହୋଇଗଲେ ।

ଦେୱାନୀ ଅଧିକାର ପ୍ରାପ୍ତିର ଅର୍ଥ ଥିଲା ଯେ ଏବେ ବଙ୍ଗଳାର ସମୃଦ୍ଧ କ୍ଷେତ୍ରରେ କମ୍ପାନୀ ସ୍ଥାନୀୟ ଶାସକ, ଜମିଦାର ତଥା ବ୍ୟାପାରିମାନଙ୍କ ସମ୍ପତ୍ତିକୁ ନିୟନ୍ତ୍ରିତ କରି ପାରୁଥିଲେ । ଏମାନଙ୍କୁ ବ୍ରିଟେନରେ ବିକ୍ରି ପାଇଁ ପଠା ଯାଉଥିବା ମାଲ୍‌କୁ କ୍ରୟ କରିବା ପାଇଁ ଉପଯୋଗ କରା ଯାଉଥିଲା । ବଡ ମାତ୍ରାର ସମ୍ପତ୍ତି ତଥା କମ୍ପାନୀ ଅଧିକାରୀମାନଙ୍କ ଦ୍ୱାରା ଅସାଧୁ ଉପାୟରେ ଅର୍ଜିତ ସମ୍ପତ୍ତି ବଙ୍ଗଳାରୁ ବ୍ରିଟେନକୁ ଚାଲିଗଲା । ସ୍ୱଗୃହ ପ୍ରତ୍ୟାବର୍ତ୍ତନ ପୂର୍ବରୁ କମ୍ପାନୀ ଅଧିକାରୀମାନେ ବହୁ ମାତ୍ରାରେ ଅର୍ଥ କମାଇ ଥିଲେ ତଥା ସେମାନଙ୍କର ବିଳାସୀ ଜୀବନ ଶୈଳୀ କାରଣରୁ ସେମାନଙ୍କୁ ବ୍ରିଟେନରେ ନବାବ ବୋଲାଗଲା । ଏହି ଅର୍ଥରେ ବଡ ଭାଗ କମ୍ପାନୀକୁ ବ୍ରିଟେନରେ ଔଦଗିକ କ୍ରାନ୍ତିରେ ପୁନଃ ବିନିଯୋଗ କରିବା ପାଇଁ ଉତ୍ସାହିତ କରିଥିଲା । ଭୂ-ରାଜସ୍ୱ ପାଇଁ ଅଧିକରୁ ଅଧିକ ଲାଭ ଆଶାରେ ଭାରତୀୟ କ୍ଷେତ୍ରୀୟ ବିସ୍ତାରରେ ଅଧିକ ଉଗ୍ର ତଥା ଆକ୍ରମଣ ନୀତିଗୁଡିକ ଆପଣେଇ ନେବା ଲାଗି ବାଧ ହେଲେ ।

## ପାଠଗତ ପ୍ରଶ୍ନ -୧୭.୧

୧. ଭାରତରେ ବ୍ରିଟିଶ ଔପନିବେଶିକତା ବାଦ ତିନୋଟି ଚରଣ କ'ଣ କ'ଣ ?

..............................................................................................

୨. ପଲାସୀ ଯୁଦ୍ଧ ପାଇଁ ଦାୟୀ ମୁଖ୍ୟ ଘଟଣା କେଉଁ କେଉଁ ଥିରେ ଥିଲା ?

..............................................................................................

୩. କାହା ସହିତ କମ୍ପାନୀ ବଙ୍ଗଳାରେ ସ୍ଥାୟୀ ରାଜସ୍ୱ ବୁଝାମଣା କରିଥିଲା ?

..............................................................................................

୪. କେଉଁ କ୍ଷେତ୍ରରେ ସର୍ବ ପ୍ରଥମ ରୟତୱାରୀ ପ୍ରଥାର ଆରମ୍ଭ ହେଲା ?

..............................................................................................





## ୧୭.୨ ବ୍ରିଟିଶ ଉପନିବେଶବାଦର ଦ୍ୱିତୀୟ ଚରଣ (ମୁକ୍ତ ବ୍ୟାପାର)

ଦ୍ୱିତୀୟ ଚରଣର ୧୮୧୩ରେ ଚାର୍ଟସ ଏକ୍ଟ ପ୍ରବର୍ତ୍ତନ ସହିତ ପ୍ରାରମ୍ଭ ହୋଇଥିଲା । ସେତେବେଳେ କମ୍ପାନୀ ଭାରତରେ ବାଣିଜ୍ୟ ଏକାଧିକାର ହରାଇ ବସିଲା । ୧୮୫୮ରେ ଏହା ସମାପ୍ତ ହୋଇଗଲା ସେହିସମୟରେ ଭାରତର ବ୍ରିଟିଶ ଶାସିତ ଅଞ୍ଚଳରେ ବ୍ରିଟିଶ କାରବାର ପ୍ରତ୍ୟକ୍ଷ ନିୟନ୍ତ୍ରଣ ତଥା ପ୍ରଶାସନ ସୁଦୃଢ କଲା ।

କମ୍ପାନୀର ଲାଭାଂଶ ବୃଦ୍ଧି ସହିତ ସେମାନଙ୍କର ବ୍ରିଟିଶ ସରକାରଙ୍କ ଠାରୁ ପାଉଥିବା ସମର୍ଥନ ଅନିଶ୍ଚିତ ହାଇଗଲା । ପୂର୍ବରୁ ସଂସଦର କୌଣସି ସଦସ୍ୟକୁ ଇଷ୍ଟଇଣ୍ଡିଆ କମ୍ପାନୀର ଲାଭ ମିଳୁଥିଲା ଯେଉଁମାନେ ସରକାରରେ ନିଜର ସ୍ଥିତିକୁ ସୁଦୃଢ଼ ରଖିବାକୁ କମ୍ପାନୀର ସଂସଧନର ପ୍ରୟୋଗ କରୁଥିଲେ । କିନ୍ତୁ ଯେତେବେଳେ ବ୍ରିଟେନରେ ବିଭିନ୍ନ ସ୍ତରରେ ପ୍ରଗତି ହେଲା ସେତେବେଳେ ସଂସଦର ସମ୍ବିଧାନରେ ଧିରେ ଧିରେ ପରିବର୍ତ୍ତନ ହେବାକୁ ଲାଗିଲା । ଏଡାମ ସ୍ମିଥଙ୍କ ଦ୍ୱାରା ଲିଖିତ ପୁସ୍ତକ "ଏନ୍ ଇନକ୍ୱାରୀ ଇନ ଟୁଦି ନେଚର ଆଣ୍ଡ କଜେସ ଅଫ୍ ଦି ୱେଲଥ ଅଫ ନେସନସ"ର ଆର୍ଥିକ ବିଚାରର ଏକ ଶୈଳୀ ଉପରେ ଆଲୋକପାତ କରିଛି, ଯାହା କମ୍ପାନୀଗୁଡିକ ଦ୍ୱାରା ଉଠାଉ ଥିବା ମୁକ୍ତ ବ୍ୟାପାର ନୀତିର ଲାଭକୁ ଇଙ୍ଗିତ କରୁଛି । କମ୍ପାନୀର ଆୟ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ସଂସଦ ଏକକ କମ୍ପାନୀର ଅଧିକାରୀମାନଙ୍କ ଉପରେ ଆକ୍ରମଣ କଲା । ଦୁରାଚାର ଆରୋପ ଲଗାଗଲା । ସଂସଦରେ ମୁକ୍ତ ବ୍ୟାପାରରେ ଦାବିଦାରମାନେ ଉନବିଂଶ ଶତାବ୍ଦୀରେ ଭାରତକୁ ସିଧା ପ୍ରବେଶ କରିବା ପାଇଁ ଦାବି କଲେ । ଫଳରେ ୧୮୧୩ରେ ଚାର୍ଟର ଏକ୍ଟ ଅନୁମୋଦିତ ହୋଇଗଲା । ଏହିପରି ଭାରତରେ ଏକାଧୀକାରର ସମାପ୍ତି ହୋଇ କମ୍ପାନୀ ଅଧିନରେ ଥିବା ଭାରତର ନିୟନ୍ତ୍ରଣ ବ୍ରିଟେନର ମହାରାଣୀଙ୍କ ହାତକୁ ଚାଲିଗଲା ।

'ମୁକ୍ତ ବ୍ୟାପାର' ଭାରତୀୟ ଉପନିବେଶର ସ୍ୱରୂପକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା । ପ୍ରଥମେ ସେମାନେ ଭାରତୀୟ ବଜାରକୁ ଶସ୍ତାରେ ମେସିନ ପ୍ରସ୍ତୁତ ଦ୍ରବ୍ୟ ଅଧିକ ମାତ୍ରାରେ ଉତ୍ପାଦନ କରିବା ସହିତ ଭାରତୀୟ ବଜାରକୁ ଖୋଲି ଦିଆଗଲା । ଏହି ବ୍ୟାପାର ଉପରେ କୌଣସି ଶୁଳ୍କ ପ୍ରତିବନ୍ଧକ ରହିଲା ନାହିଁ । ମହଙ୍ଗା ତଥା ହସ୍ତ ନିର୍ମିତ ଭାରତୀୟ ବସ୍ତୁ ଯାହାକି ବ୍ରିଟେନରେ ବହୁତ ଲୋକପ୍ରିୟ ଥିଲା, ସେଗୁଡିକ ଉପରେ ପ୍ରତିବନ୍ଧିକ ସୀମା ଶୁଳ୍କ ଦର ଲାଗୁ ଫଳରେ ପ୍ରତିବନ୍ଧକ ଲାଗିଗଲା ।

ଦ୍ୱିତୀୟରେ ବ୍ରିଟିଶ-ଭାରତୀୟ କ୍ଷେତ୍ର, ଖାଦ୍ୟ ତଥା କଞ୍ଚାମାଲର ସ୍ରୋତ ଭାବରେ ବ୍ରିଟେନ ପାଇଁ ବିକଶିତ ହେଲା, ଯାହା ନିର୍ମାଣ କ୍ଷେତ୍ରରେ ତୀବ୍ର ପ୍ରଗତିରେ ଅଗ୍ନି ସଂଯୋଗ କଲା । ଏହା ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥାର ଉଦୟ ନିମିତ୍ତ ଅତ୍ୟାବଶ୍ୟକ ଥିଲା । ଏହି ପରିବର୍ତ୍ତନ ଭାରତରେ ସମ୍ପୂର୍ଣ୍ଣଭାବେ ପୂର୍ବରୁ ଭୋଗ କରୁଥିବା ସମତୁଲ ବାଣିଜ୍ୟ ବ୍ୟବସ୍ଥାକୁ ବଦଳାଇ ଦେଲା । ଏହି ଚରଣରେ ଭାରତରେ କୃଷିରେ ବ୍ୟବସାୟୀକରଣର ଜଟିଳ ପ୍ରକ୍ରିୟା ତଥା ଔଦ୍ୟୋଗୀକରଣର ପ୍ରକ୍ରିୟା ଦ୍ୱାରା ବିଶୁଦ୍ଧ ଔପନିବେଶିକ ଅର୍ଥ ବ୍ୟବସ୍ଥାର ଶୁଭାରମ୍ଭ ହେଲା । ଏହା ନିମ୍ନରେ ଆଲୋଚିତ ହେଲା ।

### କୃଷି ବ୍ୟବସାୟୀକରଣ

ଏପରି ବିଶ୍ୱାସ କରାଯାଏ ଯେ ଔପନିବେଶବାଦୀ ପ୍ରଶାସନରେ କୃଷିର ବ୍ୟବସାୟୀକରଣକୁ ଜନ୍ମ

ଦେଲା ଯାହା ଭାରତୀୟ ଉପନିବେଶରେ ଅନେକ ସ୍ଥାନରେ କୃଷକମାନଙ୍କ ସ୍ଥିତିରେ ସୁଧାର ଆଣିଲା । ସନ ୧୭୬୦ ଉପରାନ୍ତ କୃଷି ଉତ୍ପାଦନର ପ୍ରବୃତ୍ତି, ସମୁଦ୍ରପାରି ବଜାରମାନଙ୍କରେ ଭାରତୀୟ ପ୍ରାଥମିକ ଉତ୍ପାଦିତ ବସ୍ତୁଗୁଡ଼ିକର ଚାହିଦା ଉପରେ ସଂଚାଳିତ ହେଉଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ରପ୍ତାନି ହେଉଥିବା ବସ୍ତୁଗୁଡ଼ିକ ମଧ୍ୟରେ ମୁଖ୍ୟ ଥିଲା-ଅଫିମ, କପା ତଥା ରେଶମ । ଧୀରେ ଧୀରେ କଞ୍ଚା ଝୋଟ, ଖଦ୍ୟ ଶସ୍ୟ, ତୈଳବୀଜ ତଥା ଚା, ନୀଳ ଏବଂ ଅଫିମକୁ ସ୍ଥାନ ନେଇନେଲା । କଞ୍ଚା କାର୍ପାସ, ସର୍ବାଧିକ ଚାହିଦା ଥିବା ଉତ୍ପାଦନ ହୋଇଗଲା । ଲାଭଦାୟକ ଫସଲର ବ୍ୟାପକ ତାକୁ ଦେଖି ୧୮୫୦ରେ ଟ୍ରେଡନେଟୱାର୍କକୁ ପ୍ରୋତ୍ସାହିତ କରିବା ପାଇଁ ରେଳ ବ୍ୟବସ୍ଥା ଆରମ୍ଭ ହେଲା ।

କିନ୍ତୁ ଏହି ବ୍ୟବସାୟୀକରଣ ଏକ କୃତ୍ରିମ ପ୍ରଣାଳୀ ଭାବେ ଆଗକୁ ଆସିଲା । ସେଥିପାଇଁ କୃଷି କ୍ଷେତ୍ରରେ ବିକାଶର ଗତି ସିମୀତ ହୋଇଗଲା । ଏହା କୃଷି କ୍ଷେତ୍ରରେ ବୈଶମ୍ୟତାକୁ ଜନ୍ମ ଦେଲା । କିନ୍ତୁ ବ୍ରିଟେନ ପରି ପୁଞ୍ଜିବାଦୀ ଭୂ-ମାଲିକ ମାନଙ୍କର ଢ଼ାଞ୍ଚା ସୃଷ୍ଟି ହୋଇପାରିଲାନି । ବୃହତ କ୍ଷେତ୍ରରେ ଏକା ସାଙ୍ଗରେ ହେଉଥିବା ଔଦ୍ୟଗିକ ବିକାଶର ଅଭାବର ଅର୍ଥ ଥିଲା, ସଞ୍ଚିତ କୃଷି ଆୟର ନିବେଶ ନିମିତ୍ତ କୌଣସି ଉଚିତ୍ ଉପାୟ ନଥିଲା, ଯାହାକୁ ଔଦ୍ୟୋଗିକ ପୁଞ୍ଜିରେ ପରିବର୍ତ୍ତନ କରାଯାଇ ପାରିବ । ଉତ୍ପାଦନ କ୍ଷମତାରେ ବିସ୍ତାର ତଥା କୃଷିକୁ ସଂଗଠିତ କରିବା ମଧ୍ୟ ଏକ ବିପଦଜନକ କାର୍ଯ୍ୟ ଥିଲା, କାରଣ ଏହି କ୍ଷେତ୍ରରେ ଦୂରସ୍ଥ ବିଦେଶୀ ବଜାର ଥିଲା ଯେଉଁଠି ଦାମ ନିମ୍ନ ଉର୍ଦ୍ଧ୍ୱ ହେଉଥିଲା । ଏବେ ଉପନିବେଶବାଦୀ ରାଜ୍ୟରେ କୃଷି ବିଶେଷଜ୍ଞମାନଙ୍କର କୌଣସି ସୁରକ୍ଷା ପ୍ରଦାନ କରାଯାଉ ନଥିଲା । ଏହି ପ୍ରକାର ବ୍ୟବସାୟୀକରଣରେ ଉପ-ଜାଗୀରଦାରୀ ସ୍ତର ସାରା ଦେଶରେ ବୃଦ୍ଧି କରାଗଲା । ତଥା ଏହି ଧନ ବ୍ୟାପାର ତଥା ସୁଧଖୋରମାନଙ୍କ ମାଧ୍ୟମରେ ସଂଯୋଜିତ ହେଲା ।

ନିର୍ଯ୍ୟାତ ବ୍ୟାପାର ମାଧ୍ୟମରେ ଧନ ବୃଦ୍ଧି ବ୍ରିଟିଶ ବ୍ୟବସାୟୀଙ୍କ ଗୃହରେ ପହଞ୍ଚିଲା ଯାହା ନୌପରିବହନ ଓ ବୀମା ଉଦ୍ୟୋଗକୁ ନିୟନ୍ତ୍ରିତ କଲା । ଏହା ସହିତ କମିଶନ ଏଜେଣ୍ଟ, ବ୍ୟାପାରୀ ତଥା ବ୍ୟାଙ୍କ ମାଲିକମାନଙ୍କ ଉପରେ ମଧ୍ୟ ଲଗାମ ଲଗାଗଲା । ଉପନିବେଶରେ ଯେଉଁମାନେ ଭାଗ୍ୟଶାଳୀ ଥିଲେ ସେମାନଙ୍କ ମଧ୍ୟରେ ବଡ ବଡ କୃଷକ, କିଛି ବଡ ବଡ ଭାରତୀୟ ବ୍ୟାପାରୀ ତଥା ସାହୁକାରମାନେ ଥିଲେ । ବ୍ୟବସାୟୀକରଣ ଫଳରେ ଗ୍ରାମୀଣ କ୍ଷେତ୍ରରେ ଭୂମ୍ୟାଧିକାରୀ ତଥା ସାହୁକାରମାନଙ୍କର ସମ୍ପତ୍ତି ଢ଼ାଞ୍ଚାକୁ ସୁଦୃଢ଼ କଲା ।

ବ୍ୟବସାୟୀକରଣର ଏହି ତଥାକଥିତ ବ୍ୟବସ୍ଥା ଯାହା ପୁଞ୍ଜିବାଦୀ କୃଷିର ପ୍ରମୁଖ ଭୂମିକା ଗ୍ରହଣ କଲା ବୋଲି ଧରାଗଲା ଏହା ଶୋଷଣ କରୁଥିବା ତଥା ଦାସଭଳି କାମ କରୁଥିବା ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିଲା । ଆସାମର ଚା ବଗିଚାରେ (ଗୋରାମାନଙ୍କ ମାଲିକାନାରେ) ଚା ଉତ୍ପାଦନ ହେଉଥିଲା । ସେମାନେ ଏକରାରନାମା ଭଳି ନିୟମରେ ବନ୍ଧିତ ଶ୍ରମିକମାନଙ୍କୁ କ୍ରୀତଦାସ ଭଳି ଖଟାଉ ଥିଲେ । ଗୋରା ନୀଳ ଚାଷୀମାନେ କୃଷକମାନଙ୍କୁ ସେମାନଙ୍କ ଜମିରେ ନୀଳ ଚାଷ କରିବା ପାଇଁ ବାଧ୍ୟ କରୁଥିଲେ । ମାତ୍ର ଏଥିରେ ଖୁବ୍ କମ୍ ଲାଭ ହେଉଥିଲା ତଥା ଏହା କୃଷିଚକ୍ରକୁ ମଧ୍ୟ ପ୍ରଭାବିତ କରୁଥିଲା । ଏଥିରେ ଅମାନବିକ ଜୋର ଜବରଦସ୍ତି ହେଉଥିବାରୁ ନୀଳ ବିଦ୍ରୋହର ଜନ୍ମ ନେଲା । ୧୮୫୯-୬୦ରେ ପଶ୍ଚିମ କ୍ଷେତ୍ରରେ କାର୍ପାସ ଉତ୍ପାଦନ କ୍ଷେତ୍ରରେ ତଥା ପୂର୍ବ ଭାରତରେ ଝୋଟ ଉତ୍ପାଦନରେ ସିମୀତ ସଫଳତା ମିଳିଥିଲା-ମାତ୍ର

ଉତ୍ପାଦନ ଏବଂ ସଂଗଠନରେ ପୁଞ୍ଜିବାଦୀ ସୁଧାର ଅପେକ୍ଷା ଏହି ଅଭିବୃଦ୍ଧିର କାରଣ ଥିଲା ଚାହିଦାର ଅଭିବୃଦ୍ଧି । ଚାଷୀମାନଙ୍କୁ ଅଧିକ ଖଜଣା ଦେବାକୁ ପଡୁଥିବାରୁ ସେମାନେ ଲାଭଦାୟକ କୃଷି କରିବାକୁ ବାଧ ହେଉଥିଲେ । ଅନ୍ୟ ଏକ ପକ୍ଷରେ ଚାଷ କାର୍ଯ୍ୟରୁ ଦୂରେଇ ଯିବା ଏବଂ ଅନ୍ୟପକ୍ଷରେ ବାଜରା ତଥା ଜଅ ଓ ଡାଲି ଚାଷ ଲାଭ ଚାଷରେ ବଦଳି ଯିବା ଫଳରେ ଦୁର୍ଭିକ୍ଷ ସମୟରେ କୃଷିର ବିପର୍ଯ୍ୟୟ ସୃଷ୍ଟି ହେଲା । ଦାକ୍ଷିଣାତ୍ୟରେ କାର୍ପାସ ଚାଷ କ୍ଷେତ୍ରରେ ୧୮୭୦ ଦଶକରେ ତୁଳାର ଚାହିଦା ପୃଥିବୀରେ କମିଯିବା ଫଳରେ ସେଠାକାର କୃଷକମାନେ ଋଣଗ୍ରସ୍ତ ହୋଇ ଦୁର୍ଭିକ୍ଷରେ ପୀଡ଼ିତ ହେଲେ । ଏହାର ଫଳ ହେଲା କୃଷକ ଆନ୍ଦୋଳନ । ୧୯୩୦ରେ ଝୋଟ ଶିଳ୍ପଗୁଡ଼ିକ ଧ୍ୱଂସ ପାଇବା ଫଳରେ ବଙ୍ଗଳାରେ ୧୯୪୩ରେ ଏକ କରାଳ ଦୁର୍ଭିକ୍ଷ ଦେଖାଗଲା । ଯଦିଚ ଏହି ଦୁର୍ଭିକ୍ଷର କାରଣମାନ ବିସ୍ତୃତ ଭାବରେ ଐତିହାସିକମାନଙ୍କ ଦ୍ୱାରା ଲିଖିତ ଅଛି ତଥାପି ଏହା ସ୍ୱୀକାର୍ଯ୍ୟ ଯେ ଜନସଂଖ୍ୟା ବୃଦ୍ଧି ଅପେକ୍ଷା ଖାଦ୍ୟ ଶସ୍ୟ ଉତ୍ପାଦନ ଆପେକ୍ଷିକ ଭାବରେ ଅନେକ ଗୁଣରେ କମି ଯାଇଥିଲା ଏବଂ ଲକ୍ଷ ଲକ୍ଷ ଲୋକ ଅନାହାର ଏବଂ ମହାମାରୀରେ ମୃତ୍ୟୁବରଣ କରୁଥିଲେ ।



ଚିତ୍ର ୧୭.୧- ବଙ୍ଗଳାର ଦୁର୍ଭିକ୍ଷ ୧୯୪୩

ଔପନିବେଶିକ ସରକାର ଭାରତର ଉତ୍ତର, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପଶ୍ଚିମ ଭାଗରେ କେତେକ କେନାଲମାନ ନିର୍ମାଣ କରି ସେଠାରେ ସିମୀତ କୃଷି ଉତ୍ପାଦନର ସୁଧାର ଆଣିଥିଲେ । ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବା ପୂର୍ବ ଭାରତରେ ରାଜସ୍ୱ ସଂଗ୍ରହ ବୃଦ୍ଧିର କୌଣସି ସମ୍ଭାବନା ନଥିବାରୁ ଏହି ଅଭିଯାନରୁ ଦୂରରେ ରଖିଥିଲେ । ଏଭଳି ରାଜସ୍ୱକୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ନେଇଯିବା, ତଥା ବିଷମ ସ୍ଥିତିରେ ସହାୟତା ଏପରି ନିମ୍ନରେ ଥିଲା, ଯାହା ଏହି ଧନ-ନିବେଶର କାରଣ ହେଲା । ଏହି ସିମୀତ କ୍ଷେତ୍ରରେ ବିଶେଷ କରି ପଞ୍ଜାବର କେନାଲର ଉପଯୋଗରେ ସମୃଦ୍ଧତାର ଭିତ୍ତି ପ୍ରସ୍ତୁତ କଲା କିନ୍ତୁ ଏହା କେବଳ ଅମୀର କୃଷକମାନଙ୍କ







ପର୍ଯ୍ୟନ୍ତ ରହିଗଲା ଯେଉଁମାନେ ଉଚ୍ଚ ଜଳକର ଦେଇ ପାରୁଥିଲେ । ଏହା ଲାଭ ଦାୟକ ଫସଲ ଯଥା ଚିନି, କାର୍ପାସ, ଗହମକୁ ପ୍ରସ୍ୟାହିତ କଲା ମାତ୍ର ମୋଟା ଖାଦ୍ୟ ଶସ୍ୟ ତଥା ଡାଲିର ଉତ୍ପାଦନ କମିଗଲା । ସଂଯୁକ୍ତ ପ୍ରଦେଶ ଭଳି କେତେକ କ୍ଷେତ୍ରରେ ଏହି ଉପାୟ ସ୍ଥାନୀୟ ଲୋକଙ୍କ ପାଇଁ ଅନୁକୂଳ ହେଲା ନାହିଁ । ଏହା ସନ୍ତସନ୍ତିଆ ଏବଂ ଅତ୍ୟଧିକ ଲବଣାକ୍ତର କାରଣ ଥିଲା ।

୧୮୫୩ରେ ଲର୍ଡ ଡେଲହାଉସୀ ଭାରତରେ ରେଳ ମାର୍ଗ ନିର୍ମାଣ କରିବା ପାଇଁ ସିଦ୍ଧାନ୍ତ ନେଲେ । ଅବଶ୍ୟ ରେଲୱେକୁ ହିଁ ବ୍ରିଟିଶ ଶାସନରେ ମୁଖ୍ୟ ବିକାଶର ମୋହର ବୋଲି ଅଭିହିତ କରାଯାଏ । କିନ୍ତୁ ଭାରତରେ ରେଳପଥ ନିର୍ମାଣ ଭାରତୀୟ ଅର୍ଥନୈତିକ ବିକାଶର ଔପନିବେଶିକ ଢ଼ାଞ୍ଚାକୁ ସୁଦୃଢ଼ କଲା । ରେଲୱେର ନେଟୱର୍କ ଆଭ୍ୟନ୍ତରୀଣ ବଜାରଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା ହେଲା ତଥା ଉତ୍ପାଦନ ନିମିତ୍ତ କଞ୍ଚାମାଲର ସ୍ରୋତ ଅନୁସନ୍ଧାନ କରିବାରେ ସହୟତା ହେଲା । ଏହା ସହିତ ଆଭ୍ୟନ୍ତରୀଣ ବଜାରଗୁଡ଼ିକୁ ପରସ୍ପର ସହିତ ଯୋଡ଼ିବା ପରିବର୍ତ୍ତେ ସମୁଦ୍ରତଟ ସହରଗୁଡ଼ିକ ସହିତ ଯୋଡି ଦିଆଗଲା । ରେଲୱେ ତନ୍ତ୍ର ଏହି ପ୍ରକାର ବିଦେଶୀ ବାଣିଜ୍ୟରେ ଅଧିକ ଲାଭ ସୃଷ୍ଟି କଲା । ଦେଶର ସୀମା କ୍ଷେତ୍ରରେ ତିଆରି ହୋଇଥିବା ଲାଇନ ସୈନ୍ୟ ଅଭିଯାନକୁ ପ୍ରାରମ୍ଭ କରିପାରିବା ସହିତ କିଛି ଅଭାବ ଅନାଟନ ଅଞ୍ଚଳରେ ଦୁର୍ଭିକ୍ଷର ମୁକାବିଲା ପାଇଁ ରେଲୱେ ତିଆରି ହେଲା । ସର୍ବୋପରି ସମ୍ପୂର୍ଣ୍ଣ ପରିଯୋଜନା ବ୍ରିଟିଶ ପୁଞ୍ଜିରେ ନିର୍ମାଣ ହେବା ସହିତ ବ୍ରିଟେନର ନିବେଶକମାନଙ୍କ ପାଞ୍ଚ ପ୍ରତିଶତ ଲାଭାଂଶ ଗ୍ୟାରେଣ୍ଟି ଦିଆଗଲା । ଏହାକୁ ଭାରତୀୟ ରାଜସ୍ୱରୁ ଭରଣା କରା ହେଉଥିଲା । ଉଚ୍ଚ ସ୍ତରୀୟ କୁଶଳତା ତଥା ମେସିନାରୀ, ରେଲୱେ ଧାରଣା, କୋଇଲା ଇତ୍ୟାଦି ରେଲୱେ ଉପକରଣ ବ୍ରିଟେନରୁ ଆମଦାନୀ କରାହେଉଥିଲା । ଏହାଦ୍ୱାରା ସୁନିଶ୍ଚିତ କରାଗଲା କି ରେଲୱେ ନିର୍ମାଣର ବିବିଧ ପ୍ରଭାବ ଭାରତଠାରୁ ଦୂରରେ ରହିବ ।

ଅନ୍ୟ ଘଟଣାମାନଙ୍କ ମଧରେ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକ (ରେଲୱେ ଫଳରେ)ଅଧିକୃତ ହେବା ପରେ ଭାରତୀୟ ହସ୍ତଶିଳ୍ପ ଉଦ୍ୟୋଗ ଗୁଡ଼ିକ ନଷ୍ଟ କରି ଦିଆଗଲା । ମାତ୍ର ସେହି ହସ୍ତ ଶିଳ୍ପଗୁଡ଼ିକ ସ୍ଥାନୀୟ ଶାସକ ତଥା ବିଦେଶୀ ବଜାର ଦ୍ୱାରା ଆଦୃତ ହେଉଥିଲା । ବ୍ରିଟେନର ନିୟନ୍ତ୍ରଣ ବୃଦ୍ଧି ସହିତ ଚିରାଚରିତ ଦେଶୀୟ ନ୍ୟାୟାଳୟଗୁଡ଼ିକର ବିଲୟ ଘଟିଲା । ବ୍ରିଟିଶମାନେ ମଧ ଅଶମ ସୀମା ଶୁଳ୍କ ପଦ୍ଧତି ଲାଗୁକଲେ । ଏହି ବର୍ଦ୍ଧିତ ଚୁଙ୍ଗୀକର ଫଳରେ ଭାରତୀୟ ପଦାର୍ଥଗୁଡ଼ିକ ବ୍ରିଟିଶ ବଜାରରେ ପ୍ରବେଶକୁ ପ୍ରତିବନ୍ଧକ ଲଗାଗଲା । ଏହା ପରିବର୍ତ୍ତେ ଇଉରୋପରେ ଶିଳ୍ପ ବିପ୍ଳବ ଫଳରେ ମେସିନ ପ୍ରସ୍ତୁତ ଶସ୍ତା ବ୍ୟବହାରିକ ସାମଗ୍ରୀମାନ ଭାରତୀୟ ବଜାରମାନଙ୍କରେ ପ୍ଳାବିତ ହେଲା । ଏହା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ନପାରି ଭାରତୀୟ ସାମଗ୍ରୀଗୁଡ଼ିକ ଉଭୟ ଦେଶୀୟ ତଥା ବଦେଶୀ ବଜାରରେ ସେମାନଙ୍କର ସତ୍ତା ହରାଇ ବସିଲେ । ଏହି ଧ୍ୱଂସକାରୀ ପ୍ରଣାଳୀ ଅନୌଦ୍ୟୋଗୀକରଣକୁ ଜନ୍ମ ଦେଲା ଓ ଏହାର ଚାପ ଭାରତ ମାଟିରେ ବଢ଼ିବା ପାଇଁ ଲାଗିଲା ।

## ପାଠଗତ ପ୍ରଶ୍ନ ୧୭.୨

୧. ଅଷ୍ଟାଦଶ ଶତାବ୍ଦୀରେ କେଉଁ ଅର୍ଥଶାସ୍ତ୍ର ମୁକ୍ତ ବ୍ୟାପାର ସିଦ୍ଧାନ୍ତର ସ୍ଥାପନା କଲେ ?

........................................................................................................



ନୋଟସ୍

୨. କୃଷିର ବ୍ୟବସାୟୀକରଣ କିପରି ଦୁର୍ଭିକ୍ଷର କାରଣ ହେଲା ?

.......................................................................................

୩. ବ୍ରିଟିଶମାନଙ୍କ ଦ୍ୱାରା ନିର୍ମିତ ଜଳସେଚନ କେନାଲମାନଙ୍କ ଦ୍ୱାରା କେଉଁ ଅଞ୍ଚଳ ଲାଭବାନ ହୋଇଥିଲା ?

.......................................................................................

୪. କିପରି ବ୍ରିଟେନର ଔଦ୍ୟୋଗିକ କ୍ରାନ୍ତି ବ୍ରିଟିଶ-ଇଣ୍ଡିଆରେ ଅନୌଦିକରଣକୁ ଜନ୍ମ ଦେଲା ?

.......................................................................................

## ୧୭.୩ ବ୍ରିଟିଶ ଉପନିବେଶବାଦର ତୃତୀୟ ଚରଣ

ବ୍ରିଟିଶ ଭାରତର ତୃତୀୟ ଚରଣ ୧୮୬୦ ମସିହାରେ ପ୍ରାରମ୍ଭ ହୋଇଥିଲା । ସେତେବେଳେ ଭାରତ, ବିସ୍ତାରିତ ବ୍ରିଟିଶ ସାମ୍ରାଜ୍ୟର ଏକ ଅଂଶ ହୋଇ ବ୍ରିଟିଶ ରାଜସିଂହାସନର ନିୟନ୍ତ୍ରଣ ଓ ସାର୍ବଭୌମତାର ଅଧିନ ହୋଇଗଲା । ଏହି ସମୟ ଏକ ପ୍ରକାର ଆର୍ଥିକ-ସାମ୍ରାଜ୍ୟବାଦ ଥିଲା ଏବଂ ଏହି ସମୟରେ ବିଦେଶୀ ପୁଞ୍ଜି ଭାରତୀୟ ଉପନିବେଶରେ ନିବେଶିତ ହେଉଥିଲା । ଏହି ପୁଞ୍ଜି ବ୍ରିଟିଶ ବ୍ୟାଙ୍କ, ଆମଦାନି-ରପ୍ତାନି ସଂସ୍ଥା ତଥା ପ୍ରବନ୍ଧକ ପ୍ରତିନିଧିମାନଙ୍କ ଘନିଷ୍ଟ ସହଯୋଗରେ ସଂଗଠିତ ହେଉଥିଲା ।

ଯଦିଚ ଉପନିବେଶବାଦ ପ୍ରକ୍ରିୟା ବିଭିନ୍ନ ଚରଣମାନଙ୍କରେ ବିଭାଜିତ ହୋଇ ଅଛି ତଥାପି ଜଣେ ମନେରଖିବା ଉଚିତ ଯେ ଏହି ସମୟ ନିର୍ଦ୍ଧାରଣ ମନଇଚ୍ଛା ଏକତରଫା ହୋଇଅଛି । ତୃତୀୟ ଚରଣ କେବଳ ଦ୍ୱିତୀୟ ଚରଣ ପ୍ରବୃତ୍ତିର ସମ୍ମିଳୀତ ପରିପ୍ରକାଶ ଥିଲା । ଏହି ଚରଣର ପଠନ ଅଧିକ ଲାଭଦାୟକ ହେବ କାରଣ ଏହି ଚରଣରେ ଶୋଷଣର ପୁରୁଣା ତଥା କୃର କାର୍ଯ୍ୟଶୈଳୀ ସହିତ ନୂତନ ଏବଂ କଠୋର ନୀତି ମାନ ଗ୍ରହଣ କରାଯାଇଥିଲା । ଯାହା ହେଉନା କାହିଁକି ତୃତୀୟ ଚରଣର ମହତ୍ୱପୂର୍ଣ୍ଣ ଗତିବିଧି ଥିଲା ବିକଶିତ ତଥା ଔଦ୍ୟୋଗିକ ଦେଶ ତଥା ଏସିଆ, ଆଫ୍ରିକା ଏବଂ ଲାଟିନ ଆମେରିକା ଉପନିବେଶଗୁଡିକ ମଧରେ ପ୍ରବଳ ପ୍ରତିଦ୍ୱନ୍ଦିତା । ଉନବିଂଶ ଶତାବ୍ଦୀରେ ଫ୍ରାନ୍ସ, ଜର୍ମାନୀ, ବେଲଜିୟମ ତଥା ଆମେରିକା ଏବଂ ଏପରିକି ଜାପାନ ମଧ୍ୟ ଔଦ୍ୟୋଗିକରଣର ସ୍ୱାର୍ଥ ଚାଖିଥିଲେ । ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦିତାର କାରଣ ବ୍ରିଟେନର ପ୍ରଭାବ ଧୀରେ ଧୀରେ କମ୍ ହେବାରେ ଲାଗିଲା । ନୂତନ ବଜାର ଅନୁସନ୍ଧାନ, ଓ କଞ୍ଚାମାଲ୍‌ର ସନ୍ଧାନ ନିମିତ୍ତ ଏହି ଦେଶଗୁଡିକ ନୂତନ ଉପନିବେଶ ଖୋଜିବାରେ ଲାଗିଲେ । ଏହା ସହିତ ସେମାନେ ତାଙ୍କ ପାଖରେ ଥିବା ବର୍ତ୍ତମାନ ଔପନିବେଶିକ ବସ୍ତିଗୁଡିକ ଉପରେ ସେମାନଙ୍କର ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କଲେ । ଆର୍ଥିକ ବ୍ୟବସ୍ଥାରେ ପୁଞ୍ଜି ସଂଗ୍ରହର ବ୍ୟବସ୍ଥାକୁ ମଧ ଶ୍ରୀ ଗଣେଷ କରିଦେଲେ ଯାହା କମ୍ ସଂଖ୍ୟାରେ ବ୍ୟାଙ୍କ ଏବଂ ବ୍ୟବସାୟରେ କେନ୍ଦ୍ରିତ ଥିଲା । ଏହି ପୁଞ୍ଜିକୁ ଔଦ୍ୟୋଗିକ ଉତ୍ପାଦନର ଗତିକୁ ଆହୁରି ତୀବ୍ର କରାଗଲା ଏବଂ କଞ୍ଚାମାଲର ତୀବ୍ର ପ୍ରବାହ ରଖିବାକୁ ଉପନିବେଶର ଅଧିକ ପୁଞ୍ଜି ନିବେସ କରାଗଲା ।

ଅନ୍ୟାନ୍ୟ ପୁଞ୍ଜିବାଦୀ ବିକାଶଶୀଳ ଦେଶମାନଙ୍କରେ ଅଧିକ ଶୁଳ୍କ ପ୍ରତିବନ୍ଧକ ଯୋଗୁଁ ବ୍ରିଟେନ

ପ୍ରସ୍ତୁତ ଉତ୍ପାଦନର ସଙ୍କୋଚନ ପ୍ରକ୍ରିୟାକୁ ଜନ୍ମ ଦେଲା। ବ୍ରିଟେନକୁ କୃଷିଭିତ୍ତିକ ଉତ୍ପାଦିତ ଦ୍ରବ୍ୟମାନଙ୍କର ପ୍ରଚୁର ଆମଦାନୀର ଆବଶ୍ୟକତା ପଡିବାରୁ ଅନ୍ୟାନ୍ୟ ଦେଶ ସହିତ ବାଣିଜ୍ୟ ସମ୍ପର୍କରେ ଭୟଙ୍କର ଅବସ୍ଥା ସୃଷ୍ଟି ହେଲା। ବ୍ରିଟେନର କ୍ଷତିର ଭରଣା ପାଇଁ ଭାରତ ଭୂମିକା ମହତ୍ୱପୂର୍ଣ୍ଣ ପ୍ରମାଣିତ ହେଲା। ଭାରତ ଉପରେ ନିୟନ୍ତ୍ରଣ ଦ୍ୱାରା ଏହା ସୁନିଶ୍ଚିତ ହେଲା ଯେ ଲାଙ୍କାସାୟାର ଲୁଗା ନିମିତ୍ତ ଏକ ବନ୍ଧନୀ ବଜାର ମହଜୁଦ ଅଛି। ସର୍ବୋପରି ଭାରତର ଅନ୍ୟାନ୍ୟ ଦେଶମାନଙ୍କୁ ବଳକା କଞ୍ଚାମାଲର ରପ୍ତାନି ଫଳରେ କ୍ଷତି ହେଉଥିବା ଅନ୍ୟାନ୍ୟ ବ୍ୟାପାରକୁ ଭରଣା କରିଥିଲା ।

ଯେତେବେଳେ ଗୋଟିଏ ପଟରେ ଦେଶୀ ହସ୍ତଶିଳ୍ପଗୁଡିକ ଦୁର୍ବଳ ହୋଇପଡିଲେ ସେହି ସମୟରେ ଏହି ଉପନିବେଶରେ ନୂତନ ଉଦ୍ୟୋଗ ଆରମ୍ଭ ନିମିତ୍ତ ଉଦ୍ୟମ ଆରମ୍ଭ ହୋଇଥିଲା। ଯଦିଚ ଔପନିବେଶିକ ସରକାର ମୁକ୍ତ-ବ୍ୟାପାର ସମ୍ବନ୍ଧରେ କଥା କହୁଥିଲା ମାତ୍ର ରାଜ୍ୟର ଭେଦଭାବ ପୂର୍ଣ୍ଣ ନୀତି ପରିପ୍ରେକ୍ଷିରୁ ସ୍ୱଦେଶୀ ବ୍ୟବସାୟକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବା ପାଇଁ ପଡୁଥିଲା। ବ୍ରିଟିଶ ପୁଞ୍ଜି ପ୍ରାଥମିକ ଅବସ୍ଥାରେ ରେଲୱେ, ଝୋଟ ଶିଳ୍ପ, ଚା ବାଗାନ ଏବଂ ଖଣିରେ ନିବେଶ କରାଯାଇଥିଲା। ଭାରତୀୟ ପୁଞ୍ଜି ବଜାର ୟୁରୋପୀୟ ବ୍ୟାଙ୍କି ସଂସ୍ଥା ଦ୍ୱାରା ସଂଚାଳିତ ହେଉଥିଲା। ଯେତେବେଳେ ଉପଲବ୍ଧ ବ୍ୟାଙ୍କିଙ୍ଗ୍ ସଂଯୁକ୍ତ ବ୍ୟବସ୍ଥା ଦ୍ୱାରା ବ୍ରିଟିଶ ଉଦ୍ୟୋଗୀମାନଙ୍କ ପାଇଁ ସହଜ ପୁଞ୍ଜି ଉପଲବ୍ଧି ହେଉଥିଲା ସେତେବେଳେ ଭାରତୀୟ ବ୍ୟାପାରୀମାନେ କେବଳ ପରିବାର କିମ୍ବା ଜାତିଗତ ସଂଗଠନ ଉପରେ ନିର୍ଭରଶୀଳ ଥିଲେ। ବ୍ରିଟିଶ ବ୍ୟାଙ୍କିଂ କମ୍ପାନୀ ତଥା ବ୍ରିଟିଶ ଟ୍ରେଡ଼ିଂ ମାନଙ୍କର ଲାଭ ବହୁତ ସୁନିୟୋଜିତ ଭାବରେ ଚେମ୍ବର୍ସ ଅଫ୍ କମର୍ସ ତଥା ପ୍ରବନ୍ଧକ ସଂସ୍ଥାମାନଙ୍କ ଦ୍ୱାରା ସଂଚାଳିତ ହେଉଥିଲା। ପ୍ରଥମ ବିଶ୍ୱ ଯୁଦ୍ଧ ପରେ ପରେ ବ୍ରିଟିଶ ପ୍ରବନ୍ଧନ ସଂସ୍ଥା ଦ୍ୱାରା ଔଦ୍ୟୋଗିକ ପୁଞ୍ଜିର ୭୫ ପ୍ରତିଶତ ଭାଗକୁ ନିୟନ୍ତ୍ରଣ କରାଯାଉଥିଲା। ଏହି ସିମୀତ ଔଦ୍ୟୋଗିକରଣରୁ ପ୍ରାପ୍ତ ଅଧିକତମ ଆୟ ବ୍ରିଟେନକୁ ଫେରସ୍ତ ଦିଆଯାଉଥିଲା।

ମାତ୍ର ଅନେକ କଠିନତା ସତ୍ତ୍ୱେ ଭାରତୀୟ ବ୍ୟାପାରୀମାନେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇଲେ ଏବଂ ସେହି ସମୟରେ ବ୍ରିଟେନ ଅର୍ଥନୀତି କଠିନ ସମୟ ମଧ୍ୟରେ ଗତିକରୁଥିଲା। ଜି.ଡି.ବିରଳା ଏବଂ ସ୍ୱରୂପା ନନ୍ଦ ହେମ ଚାନ୍ଦ ଭଳି କେତେକ କଲିକତାର ମାରୱାଡ଼ି ବ୍ୟାପାରୀ ଝୋଠ ଶିଳ୍ପମାନଙ୍କରେ ପୁଞ୍ଜି ନିବେଶ କରିଥିଲେ। ଧୀରେ ଧୀରେ ସେମାନଙ୍କର ନିୟନ୍ତ୍ରଣ କୋଇଲା ଖଣି, ଚିନି କଳ ଏବଂ କାଗଜ ଶିଳ୍ପ ଭଳି ଅଞ୍ଚଳକୁ ବ୍ୟାପିଗଲା ଏପରିକି ସେମାନେ କେତେକ ଇଉରୋପୀୟ କମ୍ପାନରଗୁଡିକୁ କିଣି ନେଇ ପାରିଲେ। ଭାରତୀୟ ପୁଞ୍ଜିର ଜବରଦସ୍ତ ସଫଳତା ପଶ୍ଚିମରେ ଲୁଗା ଉଦ୍ୟୋଗରେ ଦେଖା ଯାଇଥିଲା, ଯେଉଁମାନେ ନିଜ ସଫଳତାକୁ ସଙ୍ଗଠିତ କରିବା ପାଇଁ ବିଶ୍ୱ ଯୁଦ୍ଧ (୧୯୧୪-୧୮)ପରେ ପରେ ବଡ ଧରଣର ଲାଭ ଉଠାଇଲେ ତଥା ଏହା ପାଖାପାଖି ଲଙ୍କାସାୟାରର ବରାବର ସ୍ଥିତିକୁ ଆସିଯାଇଥିଲା। କିଛି ପ୍ରତିଷ୍ଠିତ ବ୍ୟବସାୟୀ ସମାଜ ଯଥା:ଗୁଜରାତୀ, ବଣିଆ, ପାର୍ଶୀ, ବୋହରା ଏବଂ ଭାଟିଆ ଏହି କ୍ଷେତ୍ରରେ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ହୋଇଗଲେ। ଟାଟା ଲୌହ ଇସ୍ପାତ କମ୍ପାନୀକୁ ସରକାରୀ ସଂରକ୍ଷଣ ମିଳିବା ସହିତ ଇସ୍ପାତ କମ୍ପାନୀର ନେତୃତ୍ୱ ନେବାର ସୁଯୋଗ ପ୍ରାପ୍ତ ହୋଇଥିଲା।





ପ୍ରଥମ ବିଶ୍ୱ ଯୁଦ୍ଧ ଉପରାନ୍ତରେ ବିଦେଶୀ ବଜାର ସହିତ ସଂଯୋଗ ପୁନଃ ପ୍ରତିଷ୍ଠିତ ହେଲା । କିନ୍ତୁ ପୁନଃ ଅର୍ଥନୈତିକ ଅବପତନ (୧୯୨୯-୧୯୩୩) ବର୍ଷମାନଙ୍କରେ ଘରୋଇ ବଜାରଗୁଡିକ ତୁଳନାତ୍ମକ ଭାବରେ ଦେଶୀ ଉଦ୍ୟୋଗୀମାନଙ୍କ ପାଇଁ ଲାଭ ଉଠାଇବା ପାଇଁ ମୁକ୍ତ ହୋଇଗଲା କାରଣ ସେତେବେଳେ ବିଦେଶୀ ବ୍ୟାପାର ଅବନତି ଘଟିଥିଲା । ଉପନିବେଶବାଦୀ ସରକାର ଚିନି ତଥା କାର୍ପାସ ଉଦ୍ୟୋଗଗୁଡିକୁ କିଛି ସୁରକ୍ଷା ପ୍ରଦାନ କରିଥିଲେ । କୃଷିକ୍ଷେତ୍ରରେ ମୂଲ୍ୟ ହ୍ରାସକୁ ଦେଖି ଏହି ପଦକ୍ଷେପ ନିଆଯାଇଥିଲା । ସ୍ୱଳ୍ପ ମୂଲ୍ୟ କୃଷି ପୁଞ୍ଜି ନିବେଶ ପରିବର୍ତ୍ତେ ନିବେଶକାରୀମାନେ ଔଦ୍ୟୋଗିକ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ବାଧ୍ୟ ହେଲେ । ଭାରତୀୟମାନେ ମଧ୍ୟ ବୀମା ତଥା ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଲମ୍ଫ ପ୍ରଦାନ କରିଥିଲେ । ପୁଣି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ (୧୯୩୯-୪୫) ଯେତେବେଳେ ବିଦେଶୀ ଆର୍ଥିକ ପ୍ରଭାବ ହ୍ରାସ ହେବା ପ୍ରାରମ୍ଭ ହେଲା, ଭାରତୀୟ ଉଦ୍ୟୋଗପତିମାନେ ଭାରି ଲାଭ କମାଇଲେ । ନିଜ ନିଜର ସିମୀତ ସଫଳତାରେ ଉତ୍ସାହିତ ହୋଇ ଭାରତୀୟ ପୁଞ୍ଜିବାଦୀ ବର୍ଗମାନେ ନିଜ ନିଜର ସମ୍ପର୍କ ଭାରତୀୟ ରାଷ୍ଟ୍ରବବାଦୀମାନଙ୍କ ସହିତ ଯୋଡିବାକୁ ଲାଗିଲେ । ଖୁବ୍ ଶୀଘ୍ର ସେମାନେ ରାଜ୍ୟମାନଙ୍କ ଅଧିନରେ ଭାରୀ ଉଦ୍ୟୋଗମାନ ସ୍ଥାପନା କରିବା ପାଇଁ ଦାବି ଆରମ୍ଭ କରିଥିଲେ ଏବଂ ବିଦେଶୀ ପୁଞ୍ଜିର ପ୍ରବେଶ ପ୍ରସଙ୍ଗକୁ ନେଇ ଏମାନେ ନିଜକୁ ସଙ୍ଗଠିତ କରିବା ଆରମ୍ଭ କରିଦେଲେ ।

କିନ୍ତୁ ବ୍ୟାପକ ରୂପେ ଏହି ସଫଳତାକୁ ସଠିକ୍ ପରିପ୍ରେକ୍ଷୀରେ ଦେଖିଲେ ଏହି ବିକାଶ ଘରୋଇ ବଜାର ପର୍ଯ୍ୟନ୍ତ ସିମୀତ ଥିଲା ଏବଂ ଆଗକୁ ସ୍ୱଦେଶୀ ପୁଞ୍ଜିକୁ ଉପନିବେଶବାଦି ଅର୍ଥ ବ୍ୟବସ୍ଥାର ଢ଼ାଞ୍ଚା ପ୍ରତି ଦୁର୍ବଳତାଗୁଡିକ ବିରୋଧରେ ଏକ ଲମ୍ବା ଲଢ଼େଇ ଲଢ଼ିବାର ଥିଲା । ଭାରତୀୟମାନଙ୍କର ଗରିବତାକୁ ଦେଖି ପ୍ରଗତିର ସମ୍ଭାବନାରେ ନିରାଶ ହେବାକୁ ପଡୁଥିଲା ।

ଦାଦାଭାଇ ନାରୋଜୀ, ଏମ.ଜି.ରାଣା ଦେ ଏବଂ ଆର.ସି.ଦତ୍ତ ଭଳି ପ୍ରାରମ୍ଭିକ ସମୟର ଭାରତୀୟ ଜାତୀୟବାଦୀମାନେ ବ୍ରିଟେନ ନିକଟରୁ ଭାରତରେ ପୁଞ୍ଜିବାଦୀ ଔଦ୍ୟୋଗୀକରଣର ଆଶା ରଖିଥିଲେ ମାତ୍ର ଉପନିବେଶବାଦୀ ଆର୍ଥିକ ନୀତିମାନଙ୍କରେ ଏମାନେ ଅସନ୍ତୁଷ୍ଟ ଥିଲେ । ପରିଣାମତଃ ଏମାନେ ଉନବିଂଶ ଶତାବ୍ଦୀର ଶେଷରେ ଉପନିବେଶବାଦର ଭୟଙ୍କର ଆର୍ଥିକ ଆଲୋଚନା କଲେ । ଦାଦାଭାଇ ନାରୋଜୀ "ସମୃଦ୍ଧିର ପଳାୟନ" ଅବଧାରଣାକୁ ଆଗେଇ ନେଇଥିଲେ । ତାଙ୍କ ଅନୁସାରେ ଭାରତରେ ଗରୀବ, ଭାରତୀୟ ସମ୍ପଦ ଧୀରେ ଧୀରେ ବ୍ରିଟେନକୁ ପଳାୟନର ପରିଣାମ ଥିଲା । ଏହି ପଳାୟନ ଅଧିକ ସୁଧ ଯାହା ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀକୁ ବିଦେଶୀ କରଜ ପରିଶୋଧ କରିବା ପାଇଁ ଉଦ୍ଦିଷ୍ଟ, ସୈନ୍ୟ ଖର୍ଚ୍ଚ, ରେଲୱେ ତଥା ଅନ୍ୟ ଢ଼ାଞ୍ଚାଗତ ସେବାମାନଙ୍କରେ ବିଦେଶୀ ନିବେଶ ଉପରେ ନିଶ୍ଚିତ ସୁଧ, ଇଂଲଣ୍ଡରେ ପ୍ରତ୍ୟେକ ଲିଖନ ସମାଗ୍ରୀଗୁଡିକର ଆମଦାନୀ, ବ୍ରିଟିଶ ସରକାରଙ୍କ ଦ୍ୱାରା ଭାରତରେ ଶାସନ କରିବା ପାଇଁ ସୈନ୍ୟ ତଥା ନାଗରିକ ଅଧିକାରୀମାନଙ୍କର ନିଯୁକ୍ତି, ରାଜ ସଚୀବମାନଙ୍କର ବେତନ, ବ୍ରିଟିଶ ଶାସନ ପାଇଁ ସରକାରଙ୍କର ଦ୍ୱାରା ନିଯୁକ୍ତ ସାମରୀକ ତଥା ସାଧାରଣ ଅଧିକାରୀମାନଙ୍କ ଭତ୍ତା ଓ ତାଲିମ ନିମିତ୍ତ ଖର୍ଚ୍ଚ ପାଇଁ ହୋଇଥିଲା । ଯଦିଚ ଏହି ନିର୍ଗତ ସମସ୍ତ ଭାରତୀୟ ରପ୍ତାନୀ ମୂଲ୍ୟର ଏକ ଛୋଟ ଅଂଶ ଥିଲା ତଥାପି ଏହା ଯଦି ଭାରତରେ ନିବେଶିତ ହୋଇଥାନ୍ତା ତାହାହେଲେ ଉପନିବେଶବାଦୀ ଆର୍ଥିକ ନୀତିଗୁଡିକୁ ନେଇ ଏକ ମୁଖ୍ୟ ପ୍ରଶ୍ନ ଉଠୁଥିଲା କି କ'ଣ ଭାରତରେ କିଛି ବିକାଶ ହେଲା? ଏହି ପ୍ରଶ୍ନର ଉତ୍ତର ସରଳ ନୁହେଁ ।





ଆମ୍ଭେମାନେ ଅଷ୍ଟାଦଶ ଶତାବ୍ଦୀର ମୋଗଲ ସାମ୍ରାଜ୍ୟଠାରୁ ଆରମ୍ଭ କରୁଛୁ ଯେତେଦିନ ପର୍ଯ୍ୟନ୍ତ ବ୍ରିଟିଶମାନେ ନିଜକୁ ମୁଖ୍ୟ ଶକ୍ତି ରୂପେ ସ୍ଥାପିତ କରିପାରି ନଥିଲେ । ଏହି ମତ ଥିଲା ଯେ ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସମୟ ପତନ ଆଡକୁ ଅଗ୍ରସର ହେଉଥିଲା ଏବଂ ଗମ୍ଭିର ଆର୍ଥିକ ସମସ୍ୟା ତଳକୁ ଆସି ଯାଇଥିଲା । ଏହା ଉପରେ ଐତିହାସିକମାନେ ଏକମତ ହୋଇନଥିଲେ । ଆମେ ମୋଗଲ ସାମ୍ରାଜ୍ୟର ପତନକୁ ନେଇ ଏକ ବୃହତ୍ତ ଦୃଷ୍ଟିକୋଣ ଗ୍ରହଣ କରିବାର ଆବଶ୍ୟକତା ରହିଛି । କାରଣ ପରେ ପରେ କେତେକ ଐତିହାସିକ ଏହି ସିଦ୍ଧାନ୍ତକୁ ଓଲଟାଇ ଦେଲେ ଏବଂ ଏମାନେ ନୂତନ ବିଦ୍ରୋହ ସମୁହର ଉଦୟକୁ ମୋଗଲ ସାମ୍ରାଜ୍ୟର ପତନର କାରଣ ବୋଲି କହିଲେ । ଏମାନେ ତର୍କ ବାଢ଼ିଲେ ଯେ ସମ୍ପୂର୍ଣ୍ଣ ମୋଗଲ କାଳ ସମ୍ପନ୍ନତା ତଥା ଆର୍ଥିକ ବିକାଶର ଯୁଗ ଥିଲା । ସଙ୍କଟର ସମୟ ନଥିଲା । ରାଜନୈତିକ ଢ଼ାଞ୍ଚାରେ ସ୍ଥାନୀୟ ଜମିଦାର ଏବଂ ନଗର ସଂସ୍ଥା (Urban guild) ମାନଙ୍କ ହାତରେ ବ୍ୟାପକ ଶକ୍ତି ତଥା ସ୍ୱାୟତ୍ତତା ଥିଲା ଯାହା ଫଳରେ ସେମାନେ ଅତିରିକ୍ତ ସମ୍ପତ୍ତି ଠୁଳ କରି ପାରୁଥିଲେ । ମୁରାଦାବାଦ, ବରେଲୀ, ଅବଧ, ବନାରସ ତଥା ବଙ୍ଗଳା ଏହି ଅତିରିକ୍ତ କ୍ଷେତ୍ରର ମୁଖ୍ୟ ଥିଲେ । ଚାଷକାର୍ଯ୍ୟର ପ୍ରସାର ନିମିତ୍ତ ଜଙ୍ଗଲଗୁଡିକ ପରିଷ୍କାର କରାଯାଇଥିଲା । କୃଷିକ୍ଷେତ୍ରରେ କ୍ରମଶଃ ଉତ୍ପାଦନ ବୃଦ୍ଧି ତଥା ଜଟିଳ ସଂବନ୍ଧର ସ୍ଥାପନା ଜମିଦାର ତଥା ଜମିଦାରମାନଙ୍କୁ ଅତିରିକ୍ତ ସଂଗ୍ରହ ପାଇଁ ଯୋଗ୍ୟ କରାଗଲା ଏବଂ ସେମାନେ ନୂତନ କ୍ଷେତ୍ରିୟ ଶକ୍ତି ରୂପେ ମୋଗଲ ସାର୍ବଭୌମତ୍ୱକୁ ଆହ୍ୱାନ ଦେଲେ ।

## ପାଠଗତ ପ୍ରଶ୍ନ ୧୭.୩

୧. କେଉଁ ବିଶ୍ୱ ଘଟଣା ଭାରତୀୟ ଉଦ୍ୟୋଗପତିମାନଙ୍କୁ ପ୍ରଥମ ଥର ପାଇଁ ବ୍ୟାପକ ଭାବରେ ଅଭିବୃଦ୍ଧି ପାଇଁ ସହାୟକ ହେଲା ?

.................................................................................................

୨. କିଏ ସମ୍ପତ୍ତି ବହିର୍ଗତର ସିଦ୍ଧାନ୍ତ ପରିବର୍ତ୍ତନ କରିଥିଲେ ?

.................................................................................................

୩. କ'ଣ ପରବର୍ତ୍ତୀ ଐତିହାସିକମାନେ ଅଷ୍ଟାଦଶ ଶତାବ୍ଦୀକୁ ଆର୍ଥିକ ରୂପରେ ଅନଗ୍ରସର ବୋଲି ଦେଖିଥିଲେ ?

.................................................................................................

ଏହି ପ୍ରକାର ଭାରତର ଯେଉଁ ଛବି ଆମ୍ଭମାନଙ୍କୁ ମିଳୁଛି ଏହା ଏପରି ଆର୍ଥିକ ସ୍ଥିତିରେ ଥିଲା ଯେଉଁଥିରେ ପ୍ରଗତିର ଅପାର ସମ୍ଭାବନା ଥିଲା । ପୁଣି ଆମେ ଗରିବର ବାଖ୍ୟା କେଉଁ ପ୍ରକାର କରିପାରିବା, ଯାହାର ପରିଚୟ ଆମେ ୨୦୦ ବର୍ଷର ଉପନିବେଶବାଦର ଅବସାନ ପରେ ମିଳୁଛି ? କିଛି ଲେଖକଙ୍କର ମତ ଯେ ବ୍ରିଟିଶମାନେ ଭାରତକୁ ଆଂଶିକ ରୂପେ ଆଧୁନିକ ହେବା ପାଇଁ ପ୍ରଜନ୍ କରିଥିଲେ । କିନ୍ତୁ ଉପସ୍ଥିତ ପରମ୍ପରାଗତ ଢ଼ାଞ୍ଚାର କାରଣରୁ ସେମାନେ



ନୋଟସ୍

ଅସଫଳ ହୋଇଗଲେ । କିନ୍ତୁ ଆମେ ଅନୁଭବ କରୁଛୁ କି ଏହା ଅଧା-ଅଧୁରା ବିକାଶ, କେବଳ ସେମାନଙ୍କର ମାତୃଭୂମିକୁ ସୁବିଧା ଦେବା ପାଇଁ କରାଯାଇଥିଲା । ନିମ୍ନବର୍ଗର ପଛୁଆ ହେବାରେ ମଧ ଔଦ୍ୟୋଗିକ କ୍ରାନ୍ତିରେ ଦ୍ୱିତୀୟ ଅବତାର ବୋଲି ଦେଖାଯାଇପାରେ ଯେତେବେଳେ ଏହି କ୍ରାନ୍ତିର ମୁଖ୍ୟ ବିନ୍ଦୁ ପଶ୍ଚିମ ଥିଲା । ଏହି ପ୍ରକ୍ରିୟା ବ୍ରିଟେନରେ ଔଦ୍ୟୋଗିକ କ୍ରାନ୍ତିକୁ ଜନ୍ମ ଦେଲା, ଯାହା ଭାରତୀୟ ସମାଜରେ ପଛୁଆ ରହିବାର କାଏମ ରଖିଲା । କାରଣ ବ୍ରିଟିଶ ଅର୍ଥ ବ୍ୟବସ୍ଥା, ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ପରପରାଙ୍ଗଭୋଜୀ ରୂପେ ଆଶ୍ରିତ ଥିଲା । 'ମୁକ୍ତ ବ୍ୟାପାର' ରୂପୀ ବିଶ୍ୱର ଅର୍ଥ ବ୍ୟବସ୍ଥାର ଅଭିନ୍ନ ପ୍ରଣାଳୀ ରୂପେ ବ୍ରିଟେନ ଅର୍ଥ ବ୍ୟବସ୍ଥା ଭାରତୀୟ ଅର୍ଥ ବ୍ୟବସ୍ଥା ସହିତ ସଂଯୋଜିତ ହୋଇଥିଲା ।

ସନ ୧୯୪୭ରେ ଭାରତ ପୂର୍ବ ଔଦ୍ୟୋଗିକରଣ ସ୍ଥିତିରେ ନଥିଲା । ଅତଏବ ସ୍ୱତନ୍ତ୍ରତା ପର ଆର୍ଥିକ ପ୍ରଗତିର ଢ଼ାଞ୍ଚାକୁ ଆମେ ପାଶ୍ଚାତ୍ୟର ଔଦ୍ୟୋଗିକରଣର ପ୍ରଣାଳୀକୁ ତୁଳନା କରିପାରିବା ନାହିଁ । ୧୯୪୭ରେ ଭାରତ ପ୍ରଥମ ରାଷ୍ଟ୍ରଭାବରେ ପଶ୍ଚିମର ପୁଞ୍ଜିବାଦୀ ବିକାଶର ଅଙ୍ଗ ହୋଇ ଯାଇଥିଲା । ମାତ୍ର ଏହା କମ୍ପାନୀର ପାରଦର୍ଶିତା ବଳରେ ୧୯୪୭ରେ ସ୍ୱାଧୀନ ଭାରତ ଔପନିବେଶବାଦୀ ଢ଼ଙ୍ଗରେ ଆଧୁନୀକରଣ ସମୟରେ ପାଦ ରଖିଥିଲା (ପରମ୍ପରାଗତ) ଯାହାକି ପରମ୍ପରାଗତ, ଢ଼ାଞ୍ଚାଗତ ରୂପେ ପଛୁଆ ତଥା ଅବିକଶିତ ଥିଲା ।

## ତୁମେ କ'ଣ ଶିଖିଲ ?

ଭାରତରେ ଉପ ମହାଦେଶରେ ନିଜର ଶାସନ ସ୍ଥାପିତ କରିବା ପାଇଁ ବ୍ରିଟିଶମାନଙ୍କର ଉପନିବେଶରେ ଆର୍ଥିକ ସନ୍ତୁଳନ ହିଁ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶୋଷଣର ଏହି ପ୍ରବୃତ୍ତି ଶାସନର ରୂପ ବଦଳାଇ ଦେଲା ଯାହା ବ୍ରିଟେନରେ ମଧ ପରିବର୍ତ୍ତନର ଜନ୍ମ ଦେଲା । ଏଥିରେ ମଧ ଉପନିବେଶରେ ଆର୍ଥିକ, ସାମାଜିକ ତଥା ରାଜନୈତିକ ପରିଣତି ଦେଖାଦେଲା । ଉପନିବେଶୀ ରାଜ୍ୟ ଅନ୍ତର୍ଗତ ହେବାକୁ ଥିବା ବିକାଶକୁ ଆଧୁନିକରଣର ସଂଜ୍ଞା ଦିଆଗଲା କିନ୍ତୁ ଉପନିବେଶ ଉପରେ ଏହାର ଭିନ୍ନ ପ୍ରଭାବ ପଡିଲା ଯାହା ପ୍ରଗତି ବଦଳରେ ପଛୁଆ ହବାର କାରଣ ହେଲା । ପରିଶେଷରେ ସଂସାଧନର ସନ୍ତୁଳନ, ଦେଶକୁ ଇଉରୋପରେ ଔଦ୍ୟୋଗିକରଣର ଯୋଗ୍ୟତା ଆଣିଦେଲା ।

## ପାଠାନ୍ତ ପ୍ରଶ୍ନ

୧. ବ୍ରିଟିଶ ଦ୍ୱାରା ଲାଗୁ ହୋଇଥିବା ନୀତିଗୁଡିକ କ'ଣ ଥିଲା ? ଉପନିବେଶର ଗ୍ରାମୀଣ କ୍ଷେତ୍ରରେ ଏହାର କ'ଣ ପ୍ରଭାବ ପଡିଲା ?

୨. ଉପନିବେଶରେ କୃଷିର ବ୍ୟବସାୟୀକରଣ ଏକ ସୁଦୃଢ ପ୍ରଣାଳୀ କେଉଁ ପ୍ରକାରର ?

୩. ଆର୍ଥିକ ସାମ୍ରାଜ୍ୟର ବାଖ୍ୟା କରନ୍ତୁ ।

## ପାଠଗତ ପ୍ରଶ୍ନର ଉତ୍ତର

**୧୭.୧**

୧. ପ୍ରଥମ ଚରଣ ବ୍ୟାପାରବାଦର ଥିଲା (୧୭୫୭-୧୮୧୩) ପ୍ରତ୍ୟକ୍ଷ ଲୁଟପାଟ, ଦ୍ୱିତୀୟ ଚରଣ (୧୮୧୩-୧୮୫୮) ମୁକ୍ତ ବ୍ୟାପାର ତଥା ତୃତୀୟ ଚରଣ ୧୮୫୦ରୁ ପରବର୍ତ୍ତୀ ସାମ୍ରାଜ୍ୟବାଦ ଥିଲା ।





୨. କମ୍ପାନୀ ଅଧିକାରୀମାନଙ୍କ ଦ୍ୱାରା ନିଜ ନିଜର ବ୍ୟକ୍ତିଗତ ବ୍ୟାପାର ନିମିତ୍ତ ଦସ୍ତକର ଦୁରୁପଯୋଗ ବଙ୍ଗଳାର ନବାବଙ୍କୁ କ୍ରୋଧିତ କଲା ।

୩. ଜମିଦାର

୪. ମାନ୍ଦ୍ରାଜ ତଥା ବମ୍ବେ କ୍ଷେତ୍ର

**୧୭.୨**

୧. ଏଡାମ ସ୍ମିଥ

୨. ଲାଭଜନକ ଫସଲର ଉତ୍ପାଦନକୁ ଖାଦ୍ୟ ଫସଲର ମୂଲ୍ୟ ବଦଳରେ ପ୍ରୋତ୍ସାହନ ଦିଆଗଲା ।

୩. ପଞ୍ଜାବ

୪. ବ୍ରିଟେନର ମେସିନ ତିଆରି ଉତ୍ପାଦନରେ ଭାରତୀୟ ବଜାର ପ୍ଲାବିତ ହେଲା ଏବଂ ଭାରତୀୟ ହସ୍ତଶିଳ୍ପ ସେମାନଙ୍କ ସହିତ ମୁକାବିଲା କରିପାରିଲା ନାହିଁ ।

**୧୭.୩**

୧. ପ୍ରଥମ ବିଶ୍ୱ ଯୁଦ୍ଧ

୨. ଦାଦା ଭାଇ ନାରୋରଜୀ

୩. ନା, ପରବର୍ତ୍ତୀ ସମୟରେ ଇତିହାସକାରମାନେ ଅଷ୍ଟାଦଶ ଶତାବ୍ଦୀକୁ ଆର୍ଥିକ ବିକାଶ ତଥା ସମ୍ପନ୍ନତାର ଯୁଗ କହିଲେ ।

## ପାଠାନ୍ତ ପ୍ରଶ୍ନର ସଙ୍କେତ

୧. ପ୍ରଭାଗ ଦେଖ ୧୭.୧ ଭୂ-ରାଜସ୍ୱ ନୀତି

୧. ପ୍ରଭାଗ ଦେଖ ୧୭.୨ କୃଷିର ବ୍ୟବସାୟୀକରଣ

୧. ପ୍ରଭାଗ ଦେଖ ୧୭.୩ ବ୍ରିଟିଶ ଉପନିବେଶବାଦର ତୃତୀୟ ଚରଣ

## ଶବ୍ଦାବଳୀ

୧. ବ୍ୟାପାରବାଦ - ଷୋଡଶ ତଥା ଅଷ୍ଟମ ଶତାବ୍ଦୀରେ ଇଉରୋପରେ ପ୍ରଚଳିତ ଏକ ଆର୍ଥିକ ସିଦ୍ଧାନ୍ତ ଯେଉଁଥିରେ ରାଜ୍ୟ ଉପନିବେଶ ମାଧ୍ୟମରେ ସୁନା ରୂପାର ପ୍ରବାହ ସୁନିଶ୍ଚିତ କରୁଥିଲା ତଥା ବ୍ୟାପାର ଏବଂ ସଂସାଧନ ଉପରେ ନିୟନ୍ତ୍ରଣ ରଖୁଥିଲା ।

୨. ବୁଲିୟନ - ବହୁମୂଲ୍ୟ ଧାତୁ ଭଳି ସମ୍ପତ୍ତି ଯେପରି ସୁନା ଓ ରୂପା

୩. ଦୀବାନୀ - ରାଜସ୍ୱ ଏକତ୍ର କରିବାର ଅଧିକାର

୪. ତାଲୁକଦାର - ବ୍ରିଟିଶ ଶାସନ ପୂର୍ବରୁ ଗ୍ରାମୀଣ କ୍ଷେତ୍ରରେ ରାଜସ୍ୱ ଅଧିକାର

୫. ଏକାଧିକାର - ବ୍ୟାପାର ବିଷୟରେ ବିଶେଷ ଅଧିକାର



ନୋଟସ୍

୬. ସୀମା ଶୁଳ୍କ - ରପ୍ତାନି ନିମିତ୍ତ ଲଗା ଯାଇଥିବା ଶୁଳ୍କ

୭. ବ୍ୟବସାୟୀକରଣ- ବ୍ୟାପାରିକ ଉଦ୍ଦେଶ୍ୟରେ କୌଣସି ନିୟମକୁ ବଦଳାଇବା

୮. ମୁକ୍ତ ବ୍ୟାପାର - ଅନ୍ତରାଷ୍ଟ୍ରୀୟ ବ୍ୟାପାର ଯାହା ସରକାରର କୌଣସି ପ୍ରତିବନ୍ଧରୁ ମୁକ୍ତ ହେବ ।

୯. ଶ୍ରମିକ ବନ୍ଧନ - ନା କେବଳ ଅର୍ଥ ମଜୁରୀ ଭାବରେ ବା

ଯୁକ୍ତ ପ୍ରକାର - ଅନ୍ୟାନ୍ୟ ଶକ୍ତି ପ୍ରଭାବ ପରିଣାମ ସ୍ୱରୂପ ବାଧ୍ୟକାରୀ ଶ୍ରମ ଯଥା- ମାନସିକ, ଶାରୀରିକ, ପରମ୍ପରା ଗତ, ରାଜନୈତିକ ଇତ୍ୟାଦି ।

୧୦. ବିବିଧ ପ୍ରଭାବ - ଅର୍ଥ ଶାସ୍ତ୍ରରେ ଏକ ସିଦ୍ଧାନ୍ତ ଯେଉଁଥିରେ ଅନ୍ୟାନ୍ୟ ଆର୍ଥିକ ଗତିବିଧିଗୁଡିକୁ ପ୍ରଭାବିତ କରିବା ପାଇଁ ଅତିରିକ୍ତ ଚର୍ଚ୍ଚା ହେବା । ଯେମିତିକି ରେଲୱେର ନିର୍ମାଣରେ ଡବ୍ବା ତଥା ଟ୍ରକ୍‌ରେ ନିର୍ମାଣ ହେବା ସ୍ଥିତିରେ ଲୁହା, ଇସ୍ପାତ ତଥା କୋଇଲାର ମୂଲ୍ୟ ବୃଦ୍ଧି ହେବା । ଏହି କାରଣରୁ ବଡ ସଂଖ୍ୟାରେ ଲୋକମାନଙ୍କ ରୋଜଗାର ମଧ୍ୟ ପ୍ରାପ୍ତ ହେଲା ।

୧୧. ନିଅଣ୍ଟ - ଯେତେବେଳେ ବ୍ୟାପାରରେ ଆୟଠାରୁ ଅଧିକ ଖର୍ଚ୍ଚ ହୁଏ ।

ନୋଟସ୍

# ୧୮

# ଆଧୁନିକ ଭାରତରେ ସାମାଜିକ ପରିବର୍ତ୍ତନ

ଅଷ୍ଟାଦଶ ଠାରୁ ଉନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତୀୟ ଉପମହାଦ୍ୱୀପରେ ଅନେକ ମହତ୍ୱପୂର୍ଣ୍ଣ ସାମଜିକ ପରିବର୍ତ୍ତନ ଘଟିଲା । ବ୍ରିଟିଶ ଶାସନର ପ୍ରାରମ୍ଭ, ସାମାଜିକ ତଥା ଧାର୍ମିକ ସଂସ୍କାରମାନଙ୍କର ବର୍ଦ୍ଧିତ ଅଭିପ୍ସା, ମଧ୍ୟମ ବର୍ଗର ଉଦୟ, ବ୍ରିଟିଶ ଏବଂ ଭାରତୀୟ ଭାଷାମାନଙ୍କରେ ସମାଚାର ପତ୍ରମାନଙ୍କର ପ୍ରଗତି, ଦେଶର ଭୌତିକ ଢ଼ାଞ୍ଚା, ଅର୍ଦ୍ଧ ରାଜନୈତିକ ଏକିକରଣମାନ ଏହି ପରିବର୍ତ୍ତନ ନିମିତ୍ତ ଉତ୍ତରଦାୟୀ ଥିଲେ । ମୋଗଲ ସାମ୍ରାଜ୍ୟର ସମାପ୍ତି ପରେପରେ ଅଷ୍ଟାଦଶ ଶତାବ୍ଦୀରେ କେତେକ ଦେଶୀୟ ରାଜ୍ୟମାନଙ୍କର ଉଦୟ ହେଲା । ଶାସନର ଏହି ଶୂନ୍ୟତାରୁ ବ୍ରିଟିଶ ଶାସନର କ୍ରମଶଃ ବିସ୍ତାର ହେଲା, ଯେଉଁଥିରେ ପୂର୍ଣ୍ଣତଃ ଅସାମାନ୍ୟ ଶାସନ ବ୍ୟବସ୍ଥାକୁ ଜନ୍ମ ଦେଲା ଓ ତାହାର ପ୍ରଭାବ ଦୀର୍ଘକାଳୀନ ହେଲା ।

## ଉଦ୍ଦେଶ୍ୟ

ଏହି ପାଠ୍ୟର ଅଧ୍ୟୟନ ଉପରାନ୍ତ ତୁମେ:

- ଭାରତରେ ବ୍ରିଟିଶ ଶାସକମାନଙ୍କ ସାଂସ୍କୃତିକ ନୀତିର ବିସ୍ତୃତ ରୂପରେଖ ସହିତ ପରିଚିତ ହୋଇପାରିବ ।
- ଓରିଣ୍ଟୋଲିଷ୍ଟ ଏବଂ ଏଙ୍ଗଲୋ ରାଜ୍ୟ ମଧ୍ୟରେ ସଂଘର୍ଷ ସ୍ୱଭାବର ସମୀକ୍ଷା କରିପାରିବ ।
- ଭାରତରେ ଶିକ୍ଷିତ ବର୍ଗ ଉପରେ ବ୍ରିଟିଶ ଶାସନର ପ୍ରଭାବ କହିପାରିବ
- ସାମାଜିକ ଏବଂ ଧାର୍ମିକ ଜୀବନର ମନ୍ଦଗୁଣଗୁଡିକ ଉଲ୍ଲେଖ କରି ପାରିବ
- ଆଧୁନିକ ଭାରତୀୟ ବୁଦ୍ଧିଜୀବୀ ବର୍ଗର ଉଦୟର ପୃଷ୍ଠଭୂମିର ବର୍ଣ୍ଣନା କରି ପାରିବ
- ସେମାନଙ୍କ ଦ୍ୱାରା କରାଯାଇଥିବା ସୁଧାର ଆନ୍ଦୋଳନ ତଥା ଉଲ୍ଲିଖିତ ବିଷୟ ଉପରେ ଚର୍ଚ୍ଚା କରି ପାରିବ ।
- ଭାରତରେ ପଶ୍ଚିମୀ ଶିକ୍ଷାର ପ୍ରଗତିର ସୋପାନକୁ ଚିହ୍ନି ପାରିବ ଏବଂ
- ଭାରତରେ ପତ୍ରକାରିତାର ବିକାଶର ବିଭିନ୍ନ ସୋପାନ ସମ୍ବନ୍ଧରେ ଜାଣି ପାରି ବ ।

## ୧୮.୧ ଭାରତରେ ବ୍ରିଟିଶ ସାଂସ୍କୃତିକ ନୀତି

ବ୍ରିଟିଶ ଶାସନର ପ୍ରାରମ୍ଭିକ ସମୟରେ କେତେକ ଉପନିବେଶବାଦୀ ବିଚାରଧାରାମାନ ସମାନ୍ତର ଭାବରେ ବିଦ୍ୟମାନ ଥିଲା । ଏହା ଇଂଲଣ୍ଡରେ ଶାସନର ସଫଳ ସଂଚାଳନ କରିବା ପାଇଁ





ସର୍ବାଧିକ ଉପଯୁକ୍ତ ଉପାୟ ସମ୍ବନ୍ଧରେ ଭିନ୍ନ ଭିନ୍ନ ବିଚାର ଧାରାମାନ ଥିଲା । ନୀତିଗୁଡ଼ିକ ସାମାନ୍ୟତଃ ଇଉରୋପ ଏବଂ ବିଶେଷତଃ ଇଂଲଣ୍ଡର ବିଶେଷ ବିଚାର ଧାରାର ଲୋକପ୍ରିୟତା ଉପରେ ଆଧାରିତ ଥିଲା । ଏହା ସହିତ ଭାରତ-ଇଉରୋପରେ ଉଚ୍ଚ ପଦସ୍ଥ ବ୍ରିଟିଶ ପଦାଧିକାରୀମାନଙ୍କ ପୂର୍ବ ଆଗ୍ରହ ବା ବିଚାର ଉପରେହିଁ ଆଧାରିତ ଥିଲା । ପଲାସୀ (୧୭୫୭) ତଥା ବକ୍ସାର(୧୭୬୪) ଯୁଦ୍ଧ ପରେ ଜୟ କରାଯାଇଥିବା ରାଜ୍ୟଗୁଡ଼ିକ ଉପରେ ଶାସନ କରିବା ପାଇଁ ବ୍ରିଟିଶ ଶାସକମାନେ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇଥିଲେ । ଏହା ଦେଖିବାକୁ କୌତୁହଳପୂର୍ଣ୍ଣ ଥିଲା ଯେ ବିଭିନ୍ନ ବିଚାରଧାରାମାନ ବିଭିନ୍ନ ସମୟରେ କେନ୍ଦ୍ରିଭୁତ ହୋଇଥିଲା ।

**ପ୍ରାଚ୍ୟବିଦ**

ଭାରତରେ ବ୍ରିଟିଶ ପ୍ରଶାସକମାନଙ୍କର ପ୍ରଥମ ପିଢ଼ି, ଯେମିତି ୱାରେନ ହେଷ୍ଟିଂସ, ୱିଲିୟମ ଜୋନସ, ଜୋନାଥନ ଡଙ୍କନ ଇତ୍ୟାଦି ଏହି ବିଚାରକୁ ଲୋକପ୍ରିୟ କଲେ ଯେ ଭାରତର ଏକ ସ୍ୱର୍ଣ୍ଣିମ ଅତୀତ ଥିଲା, ଯାହା ଧୀରେ ଧୀରେ ଲୁପ୍ତ ହୋଇଗଲା । ଏମାନଙ୍କୁ ବିଦ୍ୱାନ ତଥା ପ୍ରଶାସକମାନଙ୍କୁ ପ୍ରାଚ୍ୟବିଦ୍ କୁହାଯାଉଥିଲା । ଏମାନେ ଭାରତୀୟ ଭାବନା ଏବଂ ପରମ୍ପରାକୁ ଜାଣିବା ଏବଂ ପ୍ରସାର କରିବାକୁ ଇଚ୍ଛୁକ ଥିଲେ । ଏମାନଙ୍କ ଅନୁସାରେ ଭାରତ ସମ୍ବନ୍ଧରେ ସଠିକ ଭାବେ ହୃଦୟଙ୍ଗମ କରିବା ଫଳରେ ଏହି ଦେଶରେ ସେମାନଙ୍କର ଶାସନକୁ ସୁଦୃଢ଼ କରିପାରିବେ । ଏହି ତର୍କକୁ ଆଗକୁ ବଢ଼ାଇବାକୁ ଯାଇ ଆମେ କହିପାରିବୁ ଯେ ପ୍ରାଚ୍ୟବିଦମାନେ ଭାରତର ଅତୀତକୁ ଏପରି ବାଖ୍ୟାକଲେ ଯେପରିକି ଭାରତରେ ଔପନିବେଶିକ ଶାସନ ଜରୁରୀ ଥିଲା । ସେମାନଙ୍କର ପ୍ରୟାସଦ୍ୱାରା ଅନେକ ସଂସ୍ଥା ଅସ୍ତିତ୍ୱକୁ ଆସିଥିଲେ ଯଥା ୱାରେନ ହେଷ୍ଟିଂସଙ୍କ ଦ୍ୱାରା ସ୍ଥାପିତ କଲିକତା ମାଦ୍ରାସା (୧୭୮୧) ୱିଲିୟମ ଜୋନସ ଦ୍ୱାରା ସ୍ଥାପିତ ଏସିଆଟିକ ସୋସାଇଟି ଅଫ ବେଙ୍ଗଲ(୧୭୮୪) ଏବଂ ଜୋନାଥନ ଡଙ୍କନ ଦ୍ୱାରା ସ୍ଥାପିତ ବନାରସ ସଂସ୍କୃତ ମହାବିଦ୍ୟାଳୟ (୧୭୯୪) ।

ୱିଲିୟମ ଜୋନସ ପ୍ରାଚୀନ ଭାରତୀୟ ଭାଷା ଶିଖିଲେ ତଥା ସଂସ୍କୃତ ଏବଂ ପ୍ରାଚୀନ ପଶ୍ଚିମୀ ଭାଷା ମଧ୍ୟରେ ଅନେକ ମହତ୍ୱପୂର୍ଣ୍ଣ ଭାଷାଗତ ସମତା ପାଇଲେ ଯେମିତି ଗ୍ରୀକ ଏବଂ ଲାଟିନ । ସେହି ସମୟରୁ ୫୦ ବର୍ଷ ପର୍ଯ୍ୟନ୍ତ ଏସିଆଟିକ ସୋସାଇଟି ଜ୍ଞାନ ତଥା ସଂସ୍କୃତର ମହତ୍ୱପୂର୍ଣ୍ଣ ଗ୍ରନ୍ଥମାନଙ୍କର ଅନୁବାଦର ଏକ ଦୁର୍ଲ୍ଲଭ କେନ୍ଦ୍ର ତିଆରି କରୁଥିଲେ । ଏସିଆଟିକ ରିସର୍ଚ୍ଚସ ନାମରେ ଏକ ମହତ୍ୱପୂର୍ଣ୍ଣ ପତ୍ରିକା ମଧ୍ୟ ପ୍ରକାଶିତ ହେଉଥିଲା । ୱାରେନ ହେଷ୍ଟିଂସଙ୍କର ବିଚାର ଥିଲା ଯେ ହିନ୍ଦୁମାନଙ୍କର ନିୟମ କାନୁନ ଶତାବ୍ଦୀ ଧରି ଅପରିବର୍ତ୍ତିତ ରହି ଆସିଛି । ଏଇଥିପାଇଁ ଯଦି ଏହି ଦେଶରେ ନିଜର ସତ୍ତା ସ୍ଥାପିତ କରିବାର ଅଛି ତାହେଲେ ସେମାନଙ୍କୁ ସଂସ୍କୃତ ତଥା ଏହି ନିୟମକୁ ବୁଝିବାକୁ ପଡିବ । ହିନ୍ଦୁମାନଙ୍କର ରୀତି-ନୀତି ସମ୍ବନ୍ଧରେ ଏକ ସମୁଳ ଧାରଣା ଦେବା ପାଇଁ ଏନ.ବି.ହେଲହେଡ ୧୭୭୬ରେ ଏ କୋଡ ଅଫ ଜେନଟୁ ଲଜ ନାମକ ପୁସ୍ତକ ଲେଖିଥିଲେ ।

ବ୍ରିଟିଶ ପ୍ରଶାସକମାନଙ୍କ ଭାରତୀୟ ସଭ୍ୟତା ତଥା ସଂସ୍କୃତି ସମ୍ବନ୍ଧରେ ପରିଚିତ କରାଇବା ପାଇଁ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି ହେଲା । ୧୮୦୧ରେ ଫୋର୍ଟ ଉଇଲିୟମ କଲେଜର ସ୍ଥାପନା କରି ସେଠାରେ ସିଭିଲ ସର୍ଭିସରେ ଚୟିତ ଯୁବ ବ୍ରିଟିମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇ ଭାରତରେ ପ୍ରଶାସନିକ ସେବାରେ ନିଯୁକ୍ତି ଦିଆ ଯାଉଥିଲା । ଏହି କଲେଜ ଭାରତ ସମ୍ବନ୍ଧରେ ଜ୍ଞାନ



ନୋଟସ୍



ପ୍ରଦାନରେ ପ୍ରମୁଖ କେନ୍ଦ୍ର ହୋଇଗଲା । ଏଠାରେ କେତେକ ବିଭାଗ ଭାରତୀୟ ଭାଷା ଏବଂ ସାହିତ୍ୟରେ ଅନୁସନ୍ଧାନ ନିମିତ୍ତ ସମର୍ପିତ ହୋଇଥିଲେ ।

**ଆର୍ଥିକ ତଥା ପ୍ରଶାସନୀୟ ନୀତି ଉପରେ ବିଚାରର ପ୍ରଭାବ**

ପ୍ରଶାସନିକ ତଥା ଅର୍ଥନୈତିକ ନୀତିଗୁଡ଼ିକ ଉପରେ ବିଚାରର ପ୍ରଭାବ ଆର୍ଥିକ ତଥା ପ୍ରଶାସକୀୟ ନୀତିଗୁଡ଼ିକ ଉପରେ ସ୍ପଷ୍ଟ ଭାବରେ ଦେଖା ଯାଉଥିଲା । ୧୭୮୬ରେ ଗଭର୍ଣ୍ଣର ଜେନେରାଲ ପଦ ସମ୍ଭାଳିବା ବ୍ୟକ୍ତି ଲର୍ଡ କର୍ଣ୍ଣୱାଲିସ ଅଷ୍ଟାଦଶ ଶତାବ୍ଦୀରେ ହ୍ୱିଗ ରାଜନୈତିକ ଦର୍ଶନରେ ଅନେକ ପ୍ରଭାବିତ ଥିଲେ । ଏହି ହ୍ୱିଗ ଦର୍ଶନରେ ସରକାରର ମୁଖ୍ୟ ଅଙ୍ଗଗୁଡ଼ିକ ଅର୍ଥାତ୍ କାର୍ଯ୍ୟପାଳିକା, ବିଧାୟିକା ଏବଂ ନ୍ୟାୟପାଳିକା ନିଶ୍ଚିତ ଭାବେ ପୃଥକ ହେବା ଆବଶ୍ୟକ । ଏହା ଫଳରେ ପରସ୍ପର ପରସ୍ପରକୁ ବାଧା ତଥା ଭାରସାମ୍ୟ ପ୍ରଦାନ କରୁଥିବେ । ଫଳରେ କୌଣସି ଅଙ୍ଗ ସ୍ୱେଚ୍ଛାଚାରୀ ହୋଇପାରିବେ ନାହିଁ । ଅଷ୍ଟାଦଶ ଶତାବ୍ଦୀରେ ଇଂଲଣ୍ଡର ଦୁଇଜଣ ପ୍ରମୁଖ ରାଜନୈତିକ ବିଚାରକ, ଫିଲିପ ଫ୍ରାନସିସ ତଥା ଏଡମଣ୍ଡ ବର୍କ ଥିଲେ । ବର୍କ ଜୋର ଦେଇ କହିଥିଲେ ଯେ ଭାରତୀୟଙ୍କର ସମୃଦ୍ଧି ସୁନିଶ୍ଚିତ । ଭାରତୀୟମାନଙ୍କଠାରୁ ଫାଇଦା ଉଠାଇବା ପୂର୍ବରୁ ସେମାନଙ୍କର ସମୃଦ୍ଧିକୁ ସୁନିଶ୍ଚିତ କରିବା ଉଚିତ । ତାଙ୍କର ମିତ୍ର ତଥା କଲିକତା ସର୍ବୋଚ୍ଚ ପରିଷଦର ଜଣେ ସଦସ୍ୟ ଫିଲିପ ଫ୍ରାନସିସ, ବଙ୍ଗଳାର ପ୍ରଶାସନିକ ସମ୍ପତ୍ତି ସମ୍ବନ୍ଧରେ ଏକ ବ୍ୟାପକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନାର ପ୍ରଭାବ ୧୭୯୩ରେ ଅଣାଯାଇଥିବା ଲର୍ଡ କର୍ଣ୍ଣୱାଲିସଙ୍କ ସ୍ଥାୟୀ ବନ୍ଦୋବସ୍ତ ନୀତି ଉପରେ ଦେଖା ଦେଇଥିଲା । ଏବଂ ଏହା ବଙ୍ଗଳା, ବିହାର ତଥା ଓଡ଼ିଶାରେ ଲାଗୁ କରାଯାଇଥିଲା । ବଙ୍ଗଳାର ପ୍ରଶାସନରେ ସୁଦୃଢ଼ ହ୍ୱିଗ ନୀତିର ପରିବର୍ତ୍ତନ କର୍ଣ୍ଣୱାଲିସ ୧୭୯୩ରେ ଆରମ୍ଭ କରିବାରେ ସଫଳ ହେଲେ । ଆପଣମାନେ ବ୍ରିଟିଶ ଶାସନର ଆର୍ଥିକ ବ୍ୟବସ୍ଥାର ଅଧ୍ୟୟନ ସମୟରେ ସ୍ଥାୟୀ ବନ୍ଦୋବସ୍ତ ବିଷୟରେ ଅନେକ କିଛି ପଢ଼ିବେ ।

ଶିଳ୍ପବିପ୍ଳବ ଅନୁଭୂତ ହେବାରେ ଇଂଲଣ୍ଡ ଥିଲା ପ୍ରଥମ ଦେଶ ଥିଲା ଯେଉଁଠି ଔଦ୍ୟୋଗିକ କ୍ରାନ୍ତି ଅନୁଭବ କରାଗଲା ତଥା ଯାହାର ପରିଣାମ ସ୍ୱରୂପ ଏଠାରେ ତିଆରି ଉତ୍ପାଦନଗୁଡ଼ିକ ଜମା ହୋଇଗଲା । ଇଂରେଜ ପୁଞ୍ଜିପତି ଏବେ ବ୍ରିଟିଶ ଉପନିବେଶରେ ମୁକ୍ତ ବ୍ୟାପାର ନିମିତ୍ତ ଶକ୍ତି ପ୍ରୟୋଗ କରିବା ପାଇଁ ଲାଗିଲେ । ସେମାନେ ବ୍ରିଟିଶ ସରକାରଙ୍କ ଉପରେ ଭାରତରେ କମ୍ପାନୀର ଏକାଧିକାରକୁ ପୂର୍ଣ୍ଣ କରିବା ପାଇଁ ଚାପ ପକାଇଲେ । ମୁକ୍ତ ବ୍ୟାପାର ତତ୍ତ୍ୱ ପ୍ରଣେତା ଅନେକ ନୀତି ନିର୍ଦ୍ଧାରକମାନଙ୍କୁ ଭାରତରେ ପ୍ରଭାବ ପକାଇଲେ । ପରିଶେଷରେ ୧୮୧୩ ମସିହାରେ ଚାର୍ଟାର ଆକ୍ଟ ଭାରତ ସହିତ କମ୍ପାନୀର ଏକ ଚାଟିଆ ବ୍ୟାପାରକୁ ଲୋପ କରିଦେଲା ।

**ପାଠଗତ ପ୍ରଶ୍ନ ୧୮.୧**

୧. ପ୍ରାଚ୍ୟବିତମାନଙ୍କ ଦ୍ୱାରା ସ୍ଥାପିତ ପ୍ରମୁଖ ଅନୁଷ୍ଠାନ ଗୁଡ଼ିକର ନାମ ଲେଖ ।

..............................................................................................

୨. ଭାରତରେ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏସିଆଟିକ ସୋସାଇଟିର ଭୂମିକା ଉଲ୍ଲେଖ କର ।

..............................................................................................

୩. ଫୋର୍ଟ ଉଇଲିୟମ କଲେଜର ସ୍ଥାପନା କିଏ କରିଥିଲେ ?

..............................................................................................

୪. ସର୍ବ ପ୍ରଥମ ଔଦ୍ୟୋଗିକ କ୍ରାନ୍ତି କେଉଁ ଦେଶରେ ହୋଇଥିଲା ?

..............................................................................................

୫. ଭାରତ ସହିତ ଏକ ଚାଟିଆ ବାଣିଜ୍ୟ କେଉଁ ଆଇନ ସମାପ୍ତ କରିଥିଲା ?

..............................................................................................

## ୧୮.୨ ସାମାଜିକ-ଧାର୍ମିକ ସୁଧାର

ଉନବିଂଶ ଶତାବ୍ଦୀରେ ସାମାଜିକ ତଥା ଆମ ସଂସ୍କାର ପାଇଁ ଆଗ୍ରହ ସବୁଠାରୁ ପ୍ରମୁଖ ବିଶେଷତା ଥିଲା । ଏହା ଫଳରେ ଜାତି ତଥା ସମ୍ପ୍ରଦାୟର ବନ୍ଧନକୁ ସମାପ୍ତ କରାଯାଇ ପାରିବ । ଭାରତରେ ସାମାଜିକ ଏବଂ ଧାର୍ମିକ ସଂସ୍କାରର ଏକ ଲମ୍ବା ପରମ୍ପରା ରହିଛି । ପ୍ରାଚୀନକାଳରେ ସଂସ୍କାରର ଏହି ପ୍ରବୃତ୍ତି ଉପନିଷଦ, ବେଦ, ଜୈନ, ବଜ୍ରଜାନ ତଥା ତନ୍ତ୍ରବାଦରେ ଦେଖା ଯାଇଥିଲା । ମଧ୍ୟଯୁଗରେ ଭକ୍ତି ସନ୍ଥ ତଥା ସୁଫି ସନ୍ଥମାନେ ଲୋକପ୍ରିୟତା ଲାଭ କରିଥିଲେ । ବ୍ରିଟିଶ ପ୍ରଶାସକମାନଙ୍କର ପ୍ରଥମ ପିଢ଼ୀ ଦ୍ୱାରା ଭାରତର ଅତୀତ ବିଷୟରେ ଜିଜ୍ଞାସା, ଶିକ୍ଷିତବର୍ଗମାନଙ୍କୁ ସେମାନଙ୍କର ଅସ୍ତିତ୍ୱକୁ ଜାଣିବାର ଚେତନା ଜାଗରଣ କରିବା ପାଇଁ ସହାୟତା ହେଲା । ପ୍ରାରମ୍ଭିକ ସଂସ୍କାରର ଉପଯୁକ୍ତ ଉତ୍ତର ପାଇଁ ଚିନ୍ତନ ଆରମ୍ଭ ହେଲା । ମାତ୍ର ପାଶ୍ଚାତ୍ୟ ପ୍ରଭାବଦ୍ୱାରା ଆଧୁନିକି କରଣର କାର୍ଯ୍ୟକ୍ରମ ପ୍ରତିଷ୍ଠିତ ହୋଇପାରି ନଥିଲା କାରଣ ସଂସ୍କାର କାରଣରୁ କେବଳ ଭାରତର ଅତୀତକୁ ଖୋଜା ହେଉଥିଲା ।

### ବଙ୍ଗଳାରେ ପୁନର୍ଜାଗରଣ

ବଙ୍ଗଳାରେ ପ୍ରାରମ୍ଭ ହୋଇଥିବା ସଂସ୍କାର ଆନ୍ଦୋଳନକୁ ବଙ୍ଗଳା ପୁନର୍ଜାଗରଣ ବୋଲି ନାମିତ କରାଯାଇଥିଲା । ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଏବଂ ବିପିନ ଚନ୍ଦ୍ର ପାଲ ଉନବିଂଶ ଶତାବ୍ଦୀର ପ୍ରଗତିକୁ ବଙ୍ଗଳାର ନବଜାଗରଣର ସମୟ ବୋଲି ଅଭିହିତ କରୁଥିଲେ । ବଙ୍ଗଳାର ପ୍ରଗତିକୁ ଇଉରୋପୀୟ ନବଜାଗରଣ ସହିତ ତୁଳନା କରିବା ସଠିକ୍ ହେବ ନାହିଁ ଯେହେତୁ ଏହି ଦୁଇଟି ବିଷୟର ସନ୍ଦର୍ଭ ଏବଂ ଭଙ୍ଗୀ ସର୍ବଥା ପୃଥକ ଅଟେ । ଯାହା ହେଉନା କାହିଁକି ଯେତେବେଳେ ଆମେ ବଙ୍ଗଳାର ପୁନର୍ଜାଗରଣ କଥା କହୁଛୁ ସେତେବେଳେ ଆମ୍ଭେ ଏହି ବିକାଶକୁ ତିନୋଟି ଚରଣରେ ବିଭକ୍ତ କରିପାରିବୁ ଯଥା-ଐତିହାସିକ ପୁର୍ନଖୋଜ, ଭାଷା ତଥା ସାହିତ୍ୟିକ ଆଧୁନିକରଣ ତଥା ସାମାଜିକ ଓ ଧାର୍ମିକ ସଂସ୍କାର ।

### ବ୍ରହ୍ମ ସମାଜ

ବଙ୍ଗଳାରେ ରାଜା ରାମମୋହନ ରାୟ ଆଧୁନିକ ଯୁଗର ସର୍ବାଧିକ ବିଖ୍ୟାତ ସଂସ୍କାରକ ଥିଲେ । ଜନସାଧାରଣଙ୍କ ମଧ୍ୟରେ ରାଜନୈତିକ ସଂସ୍କାର ବିଷୟରେ ତର୍କର ଶୁଭାରମ୍ଭର ଶ୍ରେୟ କେବଳ ତାଙ୍କ ପାଖକୁ ଯାଏ । ତାଙ୍କ ଦ୍ୱାରା ସ୍ଥାପିତ ଆତ୍ମିୟ ସଭା (୧୮୧୪) ସେହି ସମୟରେ ମହତ୍ୱପୂର୍ଣ୍ଣ ତଥା ରାଜନୈତିକ ବିଷୟ ଉପରେ ତର୍କ ଆରମ୍ଭ କରିଥିଲା । ୧୮୨୮ରେ ଏହାର

ନୋଟସ୍

ବୃହତ୍ତ ସଂସ୍କରଣ ବ୍ରହ୍ମ ସମାଜ ନାମରେ ପରିଚିତ ହେଲା । ଖୁବ୍ ଶୀଘ୍ର ସେ ସମାଜର ଜ୍ୱଳନ୍ତ ମୁଦ୍ଦା ଉପରେ କାମ କରିବା ପ୍ରାରମ୍ଭ କଲେ । ସେ ସମାଜରେ ସେହିଦିନମାନଙ୍କରେ ଅମାନନୀୟ ସତୀପ୍ରଥା ଥିଲା । ଏହି ପ୍ରଥାର ବିଲୋପ ପାଇଁ ସେ ତତ୍କାଳୀନ ଗଭର୍ଣ୍ଣର ଜେନେରାଲ ଉଇଲିୟମ ବେଣ୍ଟିକଙ୍କ ସହଯୋଗ ହାସଲ କଲେ ଏବଂ ଏହି ବିଷୟ ଉପରେ ବିସ୍ତାରିତ ଭାବରେ କଲମ ଚାଳନା କଲେ । ୧୮୨୯ରେ ସତୀଦାହ ପ୍ରଥା ଆଇନାନୁସାରେ ଉଚ୍ଛେଦ ହେଲା । ରାୟ ମଧ୍ୟ ଆଧୁନିକ ଶିକ୍ଷା ସମ୍ବନ୍ଧରେ ଓକିଲାତି କଲେ । ଏକ ଇଂରାଜୀ ବିଦ୍ୟାଳୟ ତଥା ବେଦାନ୍ତ କଲେଜ (୧୫୨୫) ଆରମ୍ଭ କଲେ । ସେ ଏକେଶ୍ୱରବାଦ ପ୍ରଥା ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ । ସେ ମୂର୍ତ୍ତି ପୂଜାକୁ ବିରୋଧ କରୁଥିଲେ ଏବଂ ଉପନିଷେଦ ପ୍ରକୃତ ହିନ୍ଦୁତ୍ୱର ଆଧାର ମାନୁଥିଲେ । ଶତାବ୍ଦୀ ଶତାବ୍ଦୀ ଧରି କବଳିତ କରିଥିବା ସମସ୍ତ ପ୍ରକାର ଭ୍ରଷ୍ଟାଚାରକୁ ଅପସାରଣ କରି ହିନ୍ଦୁ ଧର୍ମକୁ ଶୁଦ୍ଧ କରିଥିଲେ । ସେ ଇଂରାଜୀ ଶିକ୍ଷା ଏବଂ ପାଶ୍ଚାତ୍ୟ ଜ୍ଞାନର ପ୍ରସାରକୁ ବିରୋଧ କରୁନଥିଲେ ।



ଚିତ୍ର ୧୮.୧: ରାଜା ରାମ ମୋହନ ରାୟ

୧୮୩୩ରେ ରାୟଙ୍କର ମୃତ୍ୟୁପରେ ବ୍ରାହ୍ମ ସମାଜ ଅବ୍ୟବସ୍ଥିତ ହୋଇଗଲା । ୧୮୪୨ରେ ଦେବେନ୍ଦ୍ରନାଥ ଟେଗୋର ଏଥିରେ ଯୋଗଦେବା ପରେ ତାଙ୍କ ନେତୃତ୍ୱରେ ବ୍ରାହ୍ମବାଦ ଏକ ନିର୍ଦ୍ଦିଷ୍ଟ ରୂପ ନେଲା । ଏବଂ ଏହା କଲିକତା ଓ କଲିକତା ବାହାରେ ବିସ୍ତାର ଲାଭ କଲା । ଏହାର ଏକ ବର୍ଷ ପରେ ସେ 'ବ୍ରାହ୍ମ ଅଙ୍ଗୀକାର' ରଚନା କଲେ । ଏହି ଅଙ୍ଗୀକାର ସମାଜର

ସଦସ୍ୟମାନଙ୍କର ବିବରଣୀ ଥିଲା ଏବଂ ଏଥିରେ ସଦସ୍ୟମାନଙ୍କର କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧତାର ବିବରଣୀ ପ୍ରସ୍ତୁତ କରାଯାଇଥିଲା ।

କେଶବ ଚନ୍ଦ୍ର ସେନ (୧୮୩୮-୧୮୮୪)୧୮୫୮ରେ ସମାଜରେ ଯୋଗ ଦେଇଥିଲେ । ସେ ଜଣେ ବାଗ୍ମି ତଥା ପ୍ରତ୍ୟେକ ବିଷୟକୁ ପ୍ରବର୍ତ୍ତେଇବାରେ ସମର୍ଥ ଥିଲେ । ସେ ସମାଜର ଗତିବିଧିକୁ ବଙ୍ଗଳାର ବାହାରେ, ଉତ୍ତର ପ୍ରଦେଶ, ପଞ୍ଜାବ, ମାନ୍ଦ୍ରାଜ ତଥା ବମ୍ବେ ପର୍ଯ୍ୟନ୍ତ ପ୍ରସାରିତ କଲେ । ସେ ଜାତି ବ୍ୟବସ୍ଥା ଉପରେ ଆକ୍ରମଣ କରି ମହିଳା ଅଧିକାର ଉପରେ ଦାବି କଲେ । ବିଧବା ପୁର୍ନବିବାହକୁ ପ୍ରୋତ୍ସାହିତ କରି ଏବଂ ବ୍ରହ୍ମଧର୍ମ ସଂସ୍କାରଙ୍କ ମଧ୍ୟରେ ଜାତି ବ୍ୟବସ୍ଥାକୁ (ଯାହା ପୂର୍ବରୁ କେବଳ ବ୍ରାହ୍ମଣମାନଙ୍କ ପାଇଁ ହିଁ ଥିଲା) ବିଷୟ ଉଠାଇ ବ୍ରହ୍ମ ସମାଜକୁ ଆହୁରି ସଂସ୍କାରବାଦୀ ରୂପ ଦେଲେ । ସେ ଧର୍ମର ସାର୍ବଭୌମିକୀକରଣକୁ ଅଧିକ ଜୋର ଦେଲେ । ତାଙ୍କର ଏହି ଚରମ ସଂସ୍କାରବାଦ ତାଙ୍କୁ ଦେବେନ୍ଦ୍ରନାଥଙ୍କ ବିରୋଧରେ ଛିଡା କରାଇଦେଲା । ସନ ୧୮୬୬ରେ ବସ୍ତୁତଃ, ଓ ଆଦିବ୍ରାହ୍ମ ସମାଜ (ଦେବେନ୍ଦ୍ରନାଥଙ୍କ ନେତୃତ୍ୱରେ) ଏବଂ ଭାରତୀୟ ବ୍ରହ୍ମ ସମାଜ (କେଶବ ଚନ୍ଦ୍ରଙ୍କ ନେତୃତ୍ୱରେ)ନାମରେ ଦୁଇ ଭାଗରେ ବିଭକ୍ତ ହୋଇଗଲା ।

**ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର**

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଥିଲେ ଅନ୍ୟତମ ବଙ୍ଗାଳୀ ସଂସସ୍କାରବାଦୀ । ସେ ମହିଳାମାନଙ୍କ ବିଷୟରେ ତାଙ୍କର ସ୍ୱର ଉତ୍ତୋଳନ କରିଥିଲେ । ସେ ଝିଅମାନଙ୍କର ଶିକ୍ଷା ବିସ୍ତାରର ଜଣେ ସକ୍ରିୟ ପ୍ରବର୍ତ୍ତକ ଥିଲେ, କାରଣ ସେ ବିଶ୍ୱାସ କରୁଥିଲେ ଯେ ସମସ୍ତ ସମସ୍ୟାର ମୂଳ ଅଶିକ୍ଷା । ବେଥମ ନାମକ ଜଣେ ଇଂରେଜଙ୍କ ସହାୟତାରେ କେବଳ ବାଳିକାମାନଙ୍କ ଉଦ୍ଦେଶ୍ୟରେ ଅନେକ ବିଦ୍ୟାଳୟ ସ୍ଥାପନା କରିଥିଲେ । ସେ ବିଧବା ବିବାହର ଜଣେ ଦୃଢ଼ ପ୍ରବର୍ତ୍ତକ ଥିଲେ । ସେ ବହୁପତ୍ନୀ ପ୍ରଥା ତଥା ବାଳ ବିବାହକୁ ସମ୍ପୂର୍ଣ୍ଣ ଦୃଢ଼ତାର ସହିତ ବିରୋଧ କରିଥିଲେ । ତାଙ୍କର ଏହି ସକ୍ରିୟତାର ପରିଣାମ ସ୍ୱରୂପ ବିଧବା ପୁନର୍ବିବାହ ଆଇନ ୧୮୫୬ରେ ପାରିତ ହୋଇଗଲା ଯାହାଦ୍ୱାରା ସମସ୍ତ ବିଧବା ବିବାହଗୁଡ଼ିଙ୍କୁ ବୈଧ କରାଇ ଦେଲେ । ସେ ଏପରି ଅନେକ ବିବାହ କରାଇଥିଲେ । ସେ ପରିଶେଷରେ ନିଜ ପୁତ୍ରଙ୍କୁ ଏକ ବିଧବା ସହିତ ବିବାହ କରି ନିଜର ବ୍ୟକ୍ତିଗତ ଉଦାହରଣ ସୃଷ୍ଟି କରିଥିଲେ ।



ଚିତ୍ର ୧୮.୨: ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର

**ରାମକୃଷ୍ଣ ମିଶନ**

ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବଙ୍ଗଳାର ଅନ୍ୟ ଏକ ପ୍ରସିଦ୍ଧ ସଂସ୍କାର ଆନ୍ଦୋଳନ ହେଲା ଯାହା ଶୀଘ୍ର ଦେଶର ଅନ୍ୟ ପ୍ରାନ୍ତକୁ ବ୍ୟାପିଗଲା । ଏହାଥିଲା ରାମକୃଷ୍ଣ ମିଶନ । ଏହି ଆନ୍ଦୋଳନ ଜଣେ ଆସ୍ତିକ ତଥା ପୂଜାରୀ ଗଦାଧର ଚାଟାର୍ଜୀ ଓରଫ ସ୍ୱାମୀ ରାମକୃଷ୍ଣ ପରମହଂସଙ୍କ ନେତୃତ୍ୱରେ ପ୍ରାରମ୍ଭ ହେଲା(୧୮୩୬-୮୬) ସେ ସନ ୧୮୭୧-୭୨)ରେ ଆନ୍ତରିକ ଶାନ୍ତି ପ୍ରାପ୍ତ ହୋଇଥିଲେ । ସେ ସମସ୍ତ ଧର୍ମର ଏକତା ତଥା ହିନ୍ଦୁ ଧର୍ମରେ ବିଶ୍ୱାସ ଏବଂ ରୀତି ରିବାଜର ପାଳନ ଉପରେ ଜୋର ଦେଇଥିଲେ । ତାଙ୍କର ପ୍ରମୁଖ ଶିଷ୍ୟମାନଙ୍କ ମଧ୍ୟରୁ ନରେନ୍ଦ୍ରନାଥ ଓରଫ ସ୍ୱାମୀ ବିବେକାନନ୍ଦ ଥିଲେ ଅନ୍ୟତମ ଏବଂ ସେ ରାମକୃଷ୍ଣଙ୍କୁ ନିଜର ଗୁରୁ ରୂପେ ସ୍ୱୀକାର କରିଥିଲେ । ସେ ସନ(୧୮୯୩-୯୭)ମଧ୍ୟରେ ଆମେରିକା ତଥା ଇଉରୋପ ଗସ୍ତ ସମୟରେ ଆଧାତ୍ମିକ ହିନ୍ଦୁବାଦର ସନ୍ଦେଶ ପ୍ରସାରିତ କଲେ । ସେ ୧୮୯୭ରେ ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ ତଥା ବେଲୁର ମଠର ନିର୍ମାଣ କରିଥିଲେ । ସେ ୧୯୦୨ରେ ଯୁବାବସ୍ଥାରୁ ୪୦ ବର୍ଷ ଆୟୁରେ ସ୍ୱର୍ଗଗାମୀ ହେଲେ । ବିବେକାନନ୍ଦ ଧର୍ମର ଅଧଗତିକୁ ବିରୋଧ କରିଥିଲେ ତଥା ବିଭିନ୍ନ ବର୍ଗ, ଜାତି ବ୍ୟବସ୍ଥା, ଅସ୍ପୃଶ୍ୟତା ଅନ୍ଧବିଶ୍ୱାସ ଇତ୍ୟାଦିର ଘୋର ବିରୋଧୀ ଥିଲେ । ସେ ଜୋର ଦେଇ କହିଥିଲେ କି ହିନ୍ଦୁମାନଙ୍କ ଏହି ଦୁର୍ଦ୍ଦଶା ସେମାନଙ୍କ ଦ୍ୱାରା ନିଜର ଇତିହାସ ପ୍ରତି ଅଜ୍ଞାନତା କାରଣରୁ ହୋଇଥିଲା । ସେ ହିନ୍ଦୁମାନଙ୍କର ଆଧାତ୍ମିକ ସର୍ବୋଚ୍ଚତାକୁ ପାଶ୍ଚାତ୍ୟ ସ୍ୱାର୍ଥ ସମାଜଠାରୁ ଶ୍ରେଷ୍ଠତ୍ୱ ସିଦ୍ଧ କରିଥିଲେ । ଏହିପରି ଭାବରେ ସେ ବିଶ୍ୱାସ କରୁଥିଲେ ଯେ ଭାରତୀୟମାନେ ପାଶ୍ଚାତ୍ୟ କାର୍ଯ୍ୟ ଶୈଳୀ, ସଂଗଠନର ସ୍ୱରୂପ ତଥା ଯାନ୍ତ୍ରୀକ କୌଶଳର ପ୍ରସାର, ଇତ୍ୟାଦି ଶିକ୍ଷା ଲାଭ କରିବା ଉଚିତ୍ ।

**ପଶ୍ଚିମ ଭାରତରେ ସଂସ୍କାର ଆନ୍ଦୋଳନ**

ଉନବିଂଶ ଶତାବ୍ଦୀରେ ପଶ୍ଚିମ ଭାରତରେ ମଧ୍ୟ କେତେକ ସଂସ୍କାରବାଦୀ ଆନ୍ଦୋଳନର ପ୍ରାରମ୍ଭ ହୋଇଥିଲା । କେ.ଟି.ତେଲଙ୍ଗ, ବି.ଏନ.ମାଣ୍ଡଳିକ ଏବଂ ଆର.ଜି.ଭଣ୍ଡାରକର ଇତ୍ୟାଦି ସଂସ୍କାରବାଦୀମାନେ ଭାରତର ଅତୀତକୁ ଗୌରବ ମଣ୍ଡିତ କରିଥିଲେ । ସେମାନଙ୍କ ମଧ୍ୟରୁ କରଶଣଦାସ ମୁଲଜୀ ଏବଂ ଦାଦୋବା ପାଣ୍ଡୁରଙ୍ଗ ଇତ୍ୟାଦି ପ୍ରତ୍ୟକ୍ଷ ଭାବରେ ଜାତିବାଦ ଭଳି ସାମାଜିକ କୁସଂସ୍କାରକୁ ବିରୋଧ କରି ବିଧବା ବିବାହକୁ ଉତ୍ସାହିତ କରିଥିଲେ । ସେମାନେ ୧୮୪୪ରେ ମାନବ ଧର୍ମ ସଭା ଏବଂ ୧୮୪୯ରେ ପରମହଂସ ମଣ୍ଡଳୀ ଗଠନ କରିଥିଲେ । ଏହି ମଣ୍ଡଳୀ ଗୁପ୍ତ ଭାବରେ କାର୍ଯ୍ୟ ସଂଚାଳନ କରୁଥିଲା । ଏହାର ସଦସ୍ୟମାନେ ଜାତିଗତ ବିଭେଦକୁ ପୂର୍ଣ୍ଣମାତ୍ରାରେ ବିରୋଧ କରିବେ ବୋଲି ଶପଥ ନେଇଥିଲେ । ୧୮୬୦ରେ ଯେତେବେଳେ ମଣ୍ଡଳୀର ସଦସ୍ୟମାନେ ନିଜର ଗୋପନୀୟତା ହରେଇ ବସିଲେ, ସେତେବେଳେ ସେମାନଙ୍କର ପତନ ଘଟିଲା । ୧୮୬୪ ଏବଂ ୧୮୬୦ରେ କେଶବ ସେନ ତାଙ୍କର ଦୁଇଥର ବମ୍ବେ ଯାତ୍ରା ସମୟରେ ସେହି ଅଞ୍ଚଳରେ ସାମାଜିକ ସଂସ୍ଥା ଉପରେ ପ୍ରଭାବ ପକାଇଲେ । ତାଙ୍କ ଯାତ୍ରାର ପ୍ରତ୍ୟକ୍ଷ ପ୍ରଭାବ ପରିଣାମ ସ୍ୱରୂପ ଆତ୍ମାରାମ ପାଣ୍ଡୁରଙ୍ଗଙ୍କ ଦ୍ୱାରା ୧୮୬୭ରେ ପ୍ରାର୍ଥନା ସମାଜର ଗଠନ ହେଲା । ଡେକାନ ଶିକ୍ଷା ସମାଜର ସଂଚାଳକ ମହାଦେବ ଗୋବିନ୍ଦ ରାଣା ଦେ ଏହି ସଂଗଠନ ପଛରେ ମୁଖ୍ୟ ଶକ୍ତି ଥିଲେ । ପ୍ରାର୍ଥନା ସମାଜର ସଦସ୍ୟତା ପୂର୍ବରୁ ସେ ପରମହଂସ ମଣ୍ଡଳୀର କାର୍ଯ୍ୟକର୍ତ୍ତା ହୋଇଥିଲେ । ସମାଜରେ ମୂର୍ତ୍ତି ପୂଜା, ପୁଜକଙ୍କ ପ୍ରତିପତ୍ତି,



ନୋଟସ୍

ଜାତି ଭେଦଭାବର ବିରୋଧ କରିବା ସହିତ ଏକେଶ୍ୱରବାଦର ସମର୍ଥନ କରିଥିଲେ । ହିନ୍ଦୁମାନଙ୍କ ଅତିରିକ୍ତ ସେ ମଧ୍ୟ ଇସାଇ ଧର୍ମ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ଉପରେ ଦୃଷ୍ଟିପାତ କରିଥିଲେ । ସେ ସମସ୍ତ ଧର୍ମ ମଧ୍ୟରେ ସତ୍ୟର ସନ୍ଧାନ କରିଥିଲେ । ମଧ୍ୟଯୁଗୀୟ ମରାଠା ଭକ୍ତି ସନ୍ଥମାନଙ୍କର ପ୍ରେରଣା ନେଇ ରାଣାଦେ ଏକ ସହାନୁଭୂତିଶୀଳ ଈଶ୍ୱର ସିଦ୍ଧାନ୍ତକୁ ସ୍ଥାପିତ କରିବା ପାଇଁ ପ୍ରଚେଷ୍ଟା କଲେ ।

**ଆର୍ଯ୍ୟ ସମାଜ**

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଆର୍ଯ୍ୟ ସମାଜ ପ୍ରସିଦ୍ଧ ସଂସ୍କାର ଆନ୍ଦୋଳନ ଥିଲା । ଏହା ପଶ୍ଚିମ ଭାରତରୁ ପ୍ରାରମ୍ଭ ହୋଇ ଖୁବ୍ ଶୀଘ୍ର ପଞ୍ଜାବ ତଥା ଅନ୍ୟ ହିନ୍ଦୀ ଭାଷୀ କ୍ଷେତ୍ରମାନଙ୍କରେ ବ୍ୟାପି ଗଲା । ଏହାର ସ୍ଥାପନା ଦୟାନନ୍ଦ ସରସ୍ୱତୀ(୧୮୨୪-୮୩)ରେ କରିଥିଲେ । ସନ ୧୮୭୫ରେ ସେ 'ସତ୍ୟାର୍ଥ ପ୍ରକାଶ'ର ରଚନା କରିଥିଲେ ତଥା ସେହି ବର୍ଷ ମୁମ୍ବେଇରେ ଆର୍ଯ୍ୟ ସମାଜ ଗଠନ କରିଥିଲେ । ୧୮୭୭ରେ ଲାହୋର ଆର୍ଯ୍ୟ ସମାଜ ସ୍ଥାପିତ ହେଲା । ପରିଣାମ ସ୍ୱରୂପ ଲାହୋର ଆର୍ଯ୍ୟ ସମାଜର ଗତିବିଧିର ମୁଖ୍ୟ କେନ୍ଦ୍ର ପାଲଟି ଗଲା । ଦୟାନନ୍ଦ ହିନ୍ଦୁ ଧର୍ମର ଜାତି ଭିତ୍ତିକ କ୍ରିୟା ପଦ୍ଧତିକୁ ବିରୋଧ କରି ବେଦ ଆଧାରିତ ଶିକ୍ଷା ଉପରେ ଧର୍ମ ପରିଚାଳିତ ହେବାକୁ ପ୍ରଚାର କରୁଥିଲେ । ବେଦ ଅନୁସାରେ ସଠିକ ବିଶ୍ଳେଷଣ ସହିତ ବେଦ ହିଁ ଶେଷ ସତ୍ୟ ବୋଲି ସେ କହୁଥିଲେ । ସେ ପୁରାଣ, ବହୁ-ଈଶ୍ୱରବାଦ, ମୂର୍ତ୍ତି ପୂଜା ତଥା ବ୍ରାହ୍ମଣମାନଙ୍କ ପ୍ରଭାବକୁ ବିରୋଧ କରିଥିଲେ । ସେ ତାଙ୍କର ବାଣୀକୁ ଜନସାଧାରଣ ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ହିନ୍ଦୀ ଭାଷାକୁ ଆପଣେଇଥିଲେ । ସେ ମଧ୍ୟ ବାଲ୍ୟ ବିବାହକୁ ବିରୋଧ କରିଥିଲେ । ସେ ଜାତିଗତ ଭେଦଭାବର ଘୋର ବିରୋଧୀ ଥିଲେ; କାରଣ ତାଙ୍କ ଅନୁସାରେ ନୀଚ ଜାତିର ଲୋକମାନଙ୍କ ଦ୍ୱାରା ଈଶାଇ ତଥା ମୁସଲମାନ ଧର୍ମାନ୍ତକରଣର ସବୁଠାରୁ ବଡ଼ କାରଣ ଥିଲା ।

ଦୟାନନ୍ଦ ସରସ୍ୱତୀଙ୍କ ମୃତ୍ୟୁ(୧୮୮୩) ପରେ ଆର୍ଯ୍ୟ ସମାଜ ଇତସ୍ତତଃ ବିଘଟନ ଘଟିଲା । ସମାଜକୁ ସଂଗଠିତ ରଖିବା ତଥା ଏହାର ଗତିବିଧିକୁ ସଂଗଠିତ କରିବା ପ୍ରୟାସରେ ଲାହୋରଠାରେ ସନ ୧୮୮୬ରେ ଏଙ୍ଗଲୋବୈଦିକ ଟ୍ରଷ୍ଟ ତଥା ମ୍ୟାନେଜମେଣ୍ଟ ସୋସାଇଟିର ସ୍ଥାପନା କରିଥିଲେ । ସେହି ବର୍ଷ ଏହି ସମିତି ଏକ ବିଦ୍ୟାଳୟ ଖୋଲିଲେ ଯେଉଁଥିରେ ଲାଲା ହଂସରାଜ ଅଧ୍ୟକ୍ଷ ପଦରେ ଥିଲେ । ଏପରି ଭାବରେ ଏହି ସମାଜର କେତେକ ନେତୃ ସ୍ଥାନୀୟ ବ୍ୟକ୍ତି  ଆଂଲୋବେଦିକ ଶିକ୍ଷାକୁ ବିରୋଧ କଲେ । ସେମାନେ ଥିଲେ ମୁନସି ରାମ (ସ୍ୱାମୀ ଶ୍ରଦ୍ଧାନନ୍ଦ), ଗୁରୁଦତ୍ତ, ଲେଖରାମ ଏବଂ ଅନ୍ୟ କେତେକ । ସେମାନେ ତର୍କ କଲେ କି ଆର୍ଯ୍ୟ ସମାଜର ଶୈକ୍ଷଣିକ ଗତିବିଧିଗୁଡ଼ିକ ସଂସ୍କୃତ ଆର୍ଯ୍ୟ ବିଚାରଧାରା ତଥା ବୈଦିକ ଶିକ୍ଷା ଉପରେ ଆଧାରିତ ହେବା ଉଚିତ୍ ତଥା ବ୍ରିଟିଶ ଭାଷାକୁ ନିମ୍ନ ସ୍ଥାନ ଦେବା ଉଚିତ୍ । ବିରୋଧ କରିବା ଲୋକେ ମାନୁଥିଲେ ଦୟାନନ୍ଦ ହିଁ ପବିତ୍ର ଅଟନ୍ତି ତଥା ସତ୍ୟାର୍ଥ ପ୍ରକାଶରେ ଦିଆଯାଇଥିବା ତାଙ୍କର ବାଣୀ ସନ୍ଦେଶ ଉପରେ ପ୍ରଶ୍ନ କରାଯାଇ ପାରିବ ନାହିଁ । ସେତେବେଳେ ନରମପନ୍ଥୀମାନଙ୍କର ନେତା ହଂସରାଜ ଏବଂ ଲାଜପତ ରାୟ ଦର୍ଶାଇ ଥିଲେ ଯେ ଦୟାନନ୍ଦ ଜଣେ ସଂସ୍କାରକ, ଜଣେ ଋଷି କିମ୍ବା ସାଧୁ ନୁହନ୍ତି । ଡି.ଏ.ଭି.ପ୍ରବନ୍ଧ ସମିତିର ନିୟନ୍ତ୍ରଣ ଉପରେ ମଧ୍ୟ ବିବାଦ ଉଠିଲା । ଏହି ମତଭେଦ ଚାଲିଥିବା ସମୟରେ ସନ ୧୮୯୩ରେ ଆର୍ଯ୍ୟ ସମାଜର







ଔପଚାରିକ ବିଭାଜନ ହୋଇଗଲା । ସେତେବେଳେ ମୁନସୀରାମ ନିଜର ସମର୍ଥକଙ୍କ ସହିତ ଗୁରୁକୁଳ ଆଧାରିତ ଶିକ୍ଷା ଆରମ୍ଭ କଲେ । ତାପରେ ୧୮୯୩ ପରେ ଆର୍ଯ୍ୟ ସମାଜ ଦୁଇଭାଗ ହୋଇଗଲା, ଡି.ଏ.ଭି. ସମୁହ ଓ ଗୁରୁକୁଳ ସମୁହ ।

ମୁନସିରାମ ଓ ଲେଖ ରାମ ନିଜକୁ ବେଦ ଶିକ୍ଷାର ପ୍ରଚାର ପ୍ରସାର ନିମିତ୍ତ ସମର୍ପିତ କରିଦେଲେ ତଥା ମିଶନାରି ପ୍ରଭାବରୁ ଶିକ୍ଷାକୁ ରକ୍ଷା କରିବା ନିମିତ୍ତ ଜଳନ୍ଧରଠାରେ ଆର୍ଯ୍ୟ କନ୍ୟା ପାଠଶାଳା ନିର୍ମାଣ କଲେ । ୧୯୦୨ରେ ମୁନସିରାମ ହରିଦ୍ୱାରର କାଙ୍ଗଡିଠାରେ ଏକ ଗୁରୁକୁଳ ପ୍ରତିଷ୍ଠା କଲେ । ଏହି ଅନୁଷ୍ଠାନ ଭାରତରେ ଆର୍ଯ୍ୟ ସମାଜର ଶିକ୍ଷା ଶାଖାର କେନ୍ଦ୍ର ବିନ୍ଦୁ ହୋଇଗଲା । ଏଠାରେ ମୁନସିରାମ ସନ୍ୟାସ ନେଲେ ଏବଂ ସ୍ୱାମୀ ଶ୍ରଦ୍ଧାନନ୍ଦରେ ପରିବର୍ତ୍ତନ ହୋଇଗଲେ । ଆର୍ଯ୍ୟ ସମାଜର ଦୁଇଟି ଶାଖା ଅର୍ଥାତ ଡି.ଏ.ଭି. ତଥା ଗୁରୁକୁଳ ଶିକ୍ଷା ବିଷୟ ଉପରେ ଅଲଗା ଅଲଗା ମତ ଦିଆ ଯାଉଥିଲା କିନ୍ତୁ ମହତ୍ୱପୂର୍ଣ୍ଣ ସାମାଜିକ, ରାଜନୈତିକ ପ୍ରସଙ୍ଗ ଉପରେ ଏକ ଥିଲେ । ସମ୍ପୂର୍ଣ୍ଣ ଭାବରେ ଆର୍ଯ୍ୟ ସମାଜ ହିନ୍ଦୁମାନଙ୍କର ଇସାଇ ତଥା ଇସଲାମର ଧର୍ମାନ୍ତକରଣକୁ ସମ୍ପୂର୍ଣ୍ଣ ଭାବେ ଭୁଲ ପ୍ରତିପାଦିତ କଲେ ତଥା ଧର୍ମାନ୍ତରିତ ହୋଇଥିବା ହିନ୍ଦୁମାନଙ୍କର ପୁନଃ ସ୍ୱଧର୍ମରେ ପ୍ରତ୍ୟାବର୍ତ୍ତିତ କରାଇଥିଲେ । ଏହି ପ୍ରକ୍ରିୟାକୁ ସୁଦ୍ଧି କୁହାଯାଉଥିଲା । ସେମାନେ ଦେବନାଗରୀ ଲିପିରେ ଲେଖା ହୋଇଥିବା ହିନ୍ଦୀ ଭାଷାର ପ୍ରୟୋଗ ଉପରେ ଯୁକ୍ତି ବାଢ଼ିଲେ । ସନ ୧୯୮୦ରେ ଆର୍ଯ୍ୟ ସମାଜ ଗୋ-ବଧ ପ୍ରସଙ୍ଗକୁ ଉତ୍‌ଥାପନ କରଗଲା, ତଥା ଗୋରକ୍ଷଣୀ ସଭାର ଶୁଭାରମ୍ଭ କରାଗଲା । ଆର୍ଯ୍ୟ ସମାଜ ଛୁଆଁ ଅଛୁଆଁ ବିରୋଧରେ ଆନ୍ଦୋଳନ କଲା ତଥା ଜାତିଭେଦକୁ ସମାପ୍ତି କରିବା ପାଇଁ ଜୋର ଦେଲା ।

### ମୁସଲମାନମାନଙ୍କ ମଧ୍ୟରେ ସଂସ୍କାର ଆନ୍ଦୋଳନ

ଶିକ୍ଷିତ ମୁସଲମାନ ଏବଂ ସମ୍ଭ୍ରାନ୍ତ ବର୍ଗମାନଙ୍କ ଭିତରେ କ୍ଷମତା ହରାଇବା ବ୍ୟଥା ଥିଲା । ଏହା ପଛରେ ମୁଖ୍ୟ କାରଣ ଥିଲା-ମୋଗଲମାନଙ୍କର ଇଂରେଜ କ୍ଷମତା ହସ୍ତାନ୍ତର ତଥା ଫାର୍ସୀ ପରିବର୍ତ୍ତେ ଇଂରାଜୀ ରୋଜଗାର ଏବଂ ଦପ୍ତରର ଭାଷା ହୋଇଯିବା । ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ବଙ୍ଗଳାରେ କୃଷକମାନଙ୍କ ଦ୍ୱାରା ପ୍ରାରମ୍ଭ ହୋଇଥିବା ସଂସ୍କାରବାଦୀ ଆନ୍ଦୋଳନ ଫାରାଜିସରେ ବିଶୁଦ୍ଧ ପବିତ୍ର ଇସଲାମକୁ ଫେରିବା ପାଇଁ ସାହସ ଦିଆଯାଇଥିଲା । ସେମାନେ ଦିଲ୍ଲୀର ସାହା ୱାଲିୱାଲ୍ଲାଙ୍କର(୧୭୦୩-୬୩) ଧର୍ମବାଣୀକୁ ଅନୁସରଣ କରୁଥିଲେ । ସେ ଏକ ଶତାବ୍ଦୀ ପୂର୍ବରୁ ଇସଲାମର ପବିତ୍ରତାର ପୁନର୍ଲାଭ ସମ୍ପର୍କରେ କହିଥିଲେ । ସେ ଅଣ ମୁସଲମାନ ସଂସ୍କୃତି ତଥା ପ୍ରଥାର ପ୍ରଭାବକୁ ବିରୋଧ କରୁଥିଲେ । ଫାରାଜିସ୍‌ର ପ୍ରତିଷ୍ଠାତା ନେତା ସାରିଅତ୍ ଉଲ୍ଲା(୧୭୮୧-୧୮୩୯) ଧାର୍ମିକ ପବିତ୍ରତା ସମ୍ପର୍କରେ ପ୍ରଚାର କରିବା ସହିତ ଫାରାଜୀକୁ ଫେରି ଆସିବା ପାଇଁ ଉପଦେଶ ଦେଉଥିଲେ । ଏହା ହେଉଛି ଇସଲାମର କଲୀମ ଅର୍ଥାତ୍ ଇସଲାମ୍‌ର ଆବଶ୍ୟକ କର୍ତ୍ତବ୍ୟ, ସଲତ(ନମାଜ) ସାଂନ(ରୋଜା) ଦକାତ(ଗରିବମାନଙ୍କୁ ସାହାଯ୍ୟ) ତଥା ହଜ(ଧର୍ମ ଯାତ୍ରା) । ସେମାନେ ଏକମାତ୍ର ଖୁଦା ଅର୍ଥାତ ତୌହୀଦ ବିଚାରଧାରାର ପ୍ରଚାର କଲେ । ଟିଟୁମିରଙ୍କ ନେତୃତ୍ୱରେ ତାରିକା-ଇ-ମହମଦିୟା ନାମକ ଅନ୍ୟ ଏକ ଆନ୍ଦୋଳନ ବଙ୍ଗଳାର ମୁସଲମାନମାନଙ୍କ ମଧ୍ୟରେ ପ୍ରଚାରିତ ହେଲା । ଏହା ମଧ୍ୟ ସୈୟଦ ଅହମ୍ମଦ ବରେଲବୀଙ୍କ ନେତୃତ୍ୱରେ ଆଗକୁ ବଢ଼ିଗଲା । ଏହି ଆନ୍ଦୋଳନରେ ମଧ୍ୟ ଅତୀତର ପବିତ୍ରତାକୁ ଫେରିବାକୁ ଜୋର ଦିଆ ଯାଇଥିଲା । ଅନ୍ୟ ଏକ ଆନ୍ଦୋଳନ ଉଲେମା ବର୍ଗ (ମୁସଲିମ



ନୋଟସ୍

ଧର୍ମାଧିକାରୀ)ମାନଙ୍କର ଶକ୍ତିର ବିଘଟନକୁ ନେଇ ସଂଯୁକ୍ତ ରାଜ୍ୟର ଦେଓବନ୍ଦରେ ପ୍ରାରମ୍ଭ ହେଲା ।

ଇସଲାମୀ ବିଚାରର ଦିଲ୍ଲୀ ଶାଖା ଦିଲ୍ଲୀ କଲେଜ(ବର୍ତ୍ତମାନର ଜାକିର ହୁସେନ କଲେଜ)ରେ ପ୍ରାରମ୍ଭ ହେଲା ସେ ଏକ ଇସଲାମୀ ଓ ଇଂରାଜୀର ସମାନାନ୍ତର ଶିକ୍ଷା ପ୍ରାରମ୍ଭ କଲେ । ସନ ୧୮୩୦ ପ୍ରାରମ୍ଭରେ ଏହି କଲେଜ ମୁସଲମାନ ଶିକ୍ଷାରେ ଆଧୁନିକ ଚେତନାର ପ୍ରସାର କଲା । ସେ ସମୟରେ ୧୮୫୭ର ବିଦ୍ରୋହ ତଥା ବ୍ରିଟିଶ ସେନା ଦ୍ୱାରା ବିଦ୍ରୋହ ଦମନ, ଏହି ବୌଦ୍ଧିକ ଉତ୍ସାହକୁ ଚପାଇ ଦେଲା । ମାତ୍ର ଆଧୁନିକୀକରଣର ଇଚ୍ଛା ମୁସଲମାନମାନଙ୍କର ଗୋଟିଏ ବର୍ଗ ଭିତରେ ତୀବ୍ର ଭାବରେ ରହିଥିଲା ।

ସୟଦ ଅହମ୍ମଦ ଖାଁ(୧୮୧୭-୧୮୯୮)ଙ୍କ ନେତୃତ୍ୱରେ ମୁସଲମାନମାନଙ୍କୁ ନୂତନ ଦିଗ ମିଳିଲା । ତାଙ୍କ ଅନୁସାରେ ଆଧୁନିକ ଶିକ୍ଷା ଭାରତୀୟ ମୁସଲମାନମାନଙ୍କ ସ୍ଥିତିର ସଂସ୍କାର ନିମିତ୍ତ ଆବଶ୍ୟକ ଥିଲା । ସେ ଇଉରୋପୀୟ ବିଜ୍ଞାନ ତଥା ବୈଷୟିକ ଜ୍ଞାନ ଶିକ୍ଷା ଉପରେ ଜୋର ଦେଇଥିଲେ । ସନ ୧୮୬୬ରେ ସେ ବ୍ରିଟିଶ ଆସୋସିଏସନ୍‌ର ଶୁଭାରମ୍ଭ କଲେ । ସେ ୧୮୬୯-୧୮୭୦ ମଧ୍ୟରେ ଏକବର୍ଷ ଇଂଲଣ୍ଡରେ ଥିଲେ । ସେଠାରୁ ଫେରି ସେ ନିଜର ମୁସଲିମ ସମୁଦାୟଙ୍କୁ ଇଂରେଜ ସମାଜର କିଛି ବିଶେଷତାକୁ ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ । ଏହା ଥିଲା ଅନୁଶାସନ, କ୍ରମ ବଦ୍ଧତା, କୁଶଳତା ତଥା ଶିକ୍ଷାର ଉଚ୍ଚସ୍ତର । ସେ ସଙ୍କେତ ଦେଇଥିଲେ ଯେ କୋରାନ ତଥା ପ୍ରାକୃତିକ ବିଜ୍ଞାନ ମଧ୍ୟରେ କୌଣସି ମୌଳିକ ପାର୍ଥକ୍ୟ ନାହିଁ । ଏହି ପରିବର୍ତ୍ତିତ ଇସଲାମୀୟ ପରିପେକ୍ଷୀରେ ଇଂରାଜୀ ଭାଷାର ଆବଶ୍ୟକତାକୁ ଆବଶ୍ୟକ କରୁଥିଲା । ସେ ୧୮୭୫ରେ ଆଲିଗଡରେ ମହମଡାନ ଆଙ୍ଗଲୋ-ଓରିଏଣ୍ଟାଲ କଲେଜ ପ୍ରତିଷ୍ଠା କଲେ ଏବଂ ଏହା ମୁସଲିମମାନଙ୍କର ଆଧୁନିକ ଉଚ୍ଚ ଶିକ୍ଷା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଧର୍ମୀୟ ଶିକ୍ଷାୟତନରେ ପରିଣତ ହେଲା । ପ୍ରାଥମିକ ସ୍ତରରେ ଛାତ୍ରମାନେ ସରକାର ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଇସଲାମୀୟ ପରିବେଷ୍ଟନୀକୁ ଅନୁସରଣ କରୁଥିଲେ । ୧୮୭୮ରେ କଲେଜ ଶ୍ରେଣୀ ମଧ୍ୟ ଖୋଲାଗଲା ଏବଂ ଅଣମୁସଲାମାନମାନେ ମଧ୍ୟ ନାମ ଲେଖାଇଲେ । ୧୮୮୬ରେ ସୟସ ଅହମ୍ମଦ ଖାଁ ମହମଡାନ ଏଙ୍ଗଲୋ ଓରିଏଣ୍ଟାଲ ଶୈକ୍ଷିକ ସମ୍ମିଳନୀ ପ୍ରତିଷ୍ଠା କଲେ । ୧୮୮୨-୧୯୦୨ ସନରେ ଆଲିଗଡରେ ଅଧ୍ୟୟନ କରୁଥିବା ୨୨୦ ଜଣ ସ୍ନାତକ ମୁସଲମାନ ଶିକ୍ଷିତ ଜଗତକୁ ଅନେକ ଚମତ୍କାର ଅନୁଭୂତି ଦେଇଥିଲେ ଏବଂ ପରବର୍ତ୍ତି ସମୟରେ ସେମାନଙ୍କ ସମ୍ପ୍ରଦାୟକୁ ଏକ ଆଧୁନିକ ନେତୃତ୍ୱ ଦେବାରେ ସକ୍ଷମ ହୋଇଥିଲେ ।

**ସଂସ୍କାର ଆନ୍ଦୋଳନର ପ୍ରଭାବ**

ଊନବିଂଶ ଶତାବ୍ଦୀରେ ହୋଇଥିବା ସଂସ୍କାର ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ରାଷ୍ଟ୍ରୀୟ ସ୍ୱତନ୍ତ୍ରତା ଆନ୍ଦୋଳନର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲା । କିଛି ମହିଳା ସଂସ୍କାରୀମାନେ ମଧ୍ୟ ଊନବିଂଶ ଶତାବ୍ଦୀର ସାମାଜିକ ଜୀବନରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ସେମାନଙ୍କ ମଧ୍ୟରୁ ଉଲ୍ଲେଖନୀୟ ଥିଲେ ପଶ୍ଚିମଭାଗରେ ପଣ୍ଡିତା ରମାବାଇ, ମାନ୍ଦ୍ରାଜରେ ସିଷ୍ଟର ଶୁଭଲକ୍ଷ୍ମୀ ଏବଂ ବଙ୍ଗଳାରେ ରୋକେୟା ଶାଖାୱତ ହୋସେନ । ନିଜର ଅଧିକାର ସମ୍ବନ୍ଧରେ ସଚେତନ ଥିବା ମଧ୍ୟମ ବର୍ଗଙ୍କ ଆଧୁନିକ ଅଭିବୃଦ୍ଧିରେ ଏହି ସଂସ୍କାର ଆନ୍ଦୋଳନ ସହାୟ ହୋଇଥିଲା । କିଛି ଆନ୍ଦୋଳନକାରୀମାନେ ଏପରି ବ୍ରିଟିଶ ଆଇନକୁ ବିରୋଧ କଲେ ଯାହା ସେମାନଙ୍କ

ନୋଟସ୍

ଅନୁସାରେ ସେମାନଙ୍କ ଧର୍ମ ଉପରେ ହସ୍ତକ୍ଷେପ ଥିଲା । ବିବାହ ବୟସ ୧୦ରୁ ବଢାଇ ୧୨ କରିବା ସମ୍ବନ୍ଧରେ ସ୍ପଷ୍ଟ ମତଦେଖା ଯାଉଥିଲା । ଆମକୁ ଏହା ମଧ୍ୟ ଅନୁମାନ ହେଉଛି କି ଏହି ସଂସ୍କାର ଆନ୍ଦୋଳନରେ କିଛି ଏପରି ନିଃସରଣ ଉତଥାପନ କରାଯାଇଥିଲା ଯାହା ଅନ୍ୟ ସମ୍ପ୍ରଦାୟମାନଙ୍କ ସ୍ୱାର୍ଥ ବିରୁଦ୍ଧ ଥିଲା । କିଛି ଆଗେଇଗଲେ ଏହା ସାମ୍ପ୍ରଦାୟିକତାକୁ ଉତ୍ସାହିତ କରୁଥିଲା ।

### ପାଠ୍ୟଗତ ପ୍ରଶ୍ନ ୧୮.୨

୧. ରାମମୋହନ ରାୟଙ୍କ ଦ୍ୱାରା ଉତଥାପନ ହୋଇଥିବା ମୁଖ୍ୟ ନିଃସରଣକୁ ବିସ୍ତାରିତ ଭାବରେ ଲେଖ ।

...................................................................................

୨. ଦେବେନ୍ଦ୍ର ନାଥ ଟେଗୋର ଓ କେଶବ ଚନ୍ଦ୍ର ସେନଙ୍କ ମଧ୍ୟରେ ବିବାଦର ସ୍ୱରୂପ ଉପରେ ଆଲୋକପାତ କର ।

...................................................................................

୩. ଆର୍ଯ୍ୟ ସମାଜ ବିଭାଜିତ କାହିଁକି ହେଲା ? ଏହାର ଭିନ୍ନ ଭିନ୍ନ ଶାଖାମାନଙ୍କର ନେତା କିଏ ଥିଲେ ?

...................................................................................

୪. ଫରାସୀ ଆନ୍ଦୋଳନରେ କେଉଁ ବିଷୟ ଉପରେ ଜୋର ଦିଆଯାଇଥିଲା ?

...................................................................................

୫. ମୁସଲମାନ ସମୁଦାୟକୁ ଆଧୁନିକତାରେ ପରିଣତ କରିବାରେ ସୟଦ ମହମ୍ମଦ ଖାଁଙ୍କ ଭୂମିକାର ସମୀକ୍ଷା କର ।

...................................................................................

## ୧୮.୩ ଭାରତରେ ପାଶ୍ଚାତ୍ୟ ଶିକ୍ଷାର ଉଦୟ

ବ୍ରିଟିଶ ଶାସକମାନେ ସେମାନଙ୍କର ବିଚାରଧାରା ତଥା ଶିକ୍ଷାର ପ୍ରସାର ନିମିତ୍ତ ଅନେକ ଉତ୍ସୁକ ଥିଲେ । ତାହା ଏହିଦେଶରେ ସେମାନଙ୍କର ମୂଳ ମଜଭୁତ କରୁଥିଲା । ଏହା ସହିତ ଏହା ଏକ ଭାରତୀୟ ଶ୍ରେଣୀ ସୃଷ୍ଟି କରୁଥିଲା ଯେଉଁମାନେ ବ୍ରିଟିଶ ସାମ୍ରାଜ୍ୟର ଏକ ବିଶ୍ୱସନୀୟ ସ୍ୱାମୀ ଭକ୍ତ ଶ୍ରେଣୀର ଉଦୟ ହେଉଥିଲା । ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମିତ୍ତ ବ୍ରିଟିଶ ଶିକ୍ଷା ସବୁଠାରୁ ମହତ୍ୱପୂର୍ଣ୍ଣ ମାଧ୍ୟମ ଥିଲା । ଉନବିଂଶ ଏବଂ ବିଂଶ ଶତାବ୍ଦି ମଧ୍ୟରେ ବ୍ରିଟିଶ ଶିକ୍ଷାକୁ ଲୋକପ୍ରିୟ କରିବା ପାଇଁ ଅନେକ ପ୍ରୟାସ କରାଗଲା ତଥା ତଦନୁସାର ଆଧାର ଭିତ୍ତକ ଢ଼ାଞ୍ଚା ପ୍ରସ୍ତୁତ କରାଗଲା । ପ୍ରାରମ୍ଭରେ ୱାରେନ ହେଷ୍ଟିଂସ, କର୍ଣ୍ଣୱାଲିସ, ୱିଲିୟମ ଜୋନସ, ଜନାଥନ ଡଙ୍କନ ତଥା ଅନ୍ୟ

ପ୍ରାଚ୍ୟବିତ ପ୍ରଶଂସକ ଏବଂ  ବିଦ୍ୱାନମାନେ ଭାରତୀୟ ଶିକ୍ଷାକୁ ହିଁ ପ୍ରମୁଖତା ଦେଲେ । କିନ୍ତୁ ଧୀରେ ଧୀରେ ସେମାନଙ୍କର ବିଚାର ଧାରାରେ ନିଜର ମହତ୍ୱ ହରେଇ ବସିଲେ । ଏହା ମାନି ନିଆଗଲା କି ବ୍ରିଟିଶ ସାମ୍ରାଜ୍ୟରେ ନିଜର ସାଂସ୍କୃତିକ ଅଭିଯାନ ଭାରତରେ ସମ୍ପୂର୍ଣ୍ଣ କରିବାର ଥିଲା । ଏଥିପାଇଁ ପାଶ୍ଚାତ୍ୟ ବିଜ୍ଞାନ ତଥା ସଭ୍ୟତାକୁ ଲୋକପ୍ରିୟତା କରିବାକୁ ହେଲା ।

**ବ୍ରିଟିଶ ଶିକ୍ଷାର ଶୁଭାରମ୍ଭ ତଥା ଚାର୍ଟର ଆକ୍ଟ ୧୮୧୩**

ଭାରତରେ ବ୍ରିଟିଶ ଶିକ୍ଷାର ଶୁଭାରମ୍ଭ ଅଷ୍ଟାଦଶ ଶତାବ୍ଦୀରେ କେତେକ ଦାତବ୍ୟ ସ୍କୁଲ ଦ୍ୱାରା କଲିକତା, ମାନ୍ଦ୍ରାଜ ଏବଂ ମୁମ୍ବେଇରେ ଇଉରୋପୀୟ ତଥା ଭାରତୀୟ ପିଲାମାନଙ୍କ ଶିକ୍ଷା ନିମିତ୍ତ ହୋଇଥିଲା । ଏହା ସହିତ ଇଷ୍ଟଇଣ୍ଡିଆ କମ୍ପାନୀ ଅନ୍ୟକେତେକ ଉପାୟରେ ଏହି ସ୍କୁଲ ଗୁଡିକୁ ସହାୟତା ଦେଲା । ମାତ୍ର ଭାରତୀୟମାନଙ୍କୁ ଇଂରାଜୀ ପଢ଼ାଇବାରେ କୌଣସି ରୁଚି ଦେଖାଇଲେ ନାହିଁ । ପରିଶେଷରେ ଏହାର ଶୁଭାରମ୍ଭ ୧୮୧୩ ଚାର୍ଟର ଆକ୍ଟ ଦ୍ୱାରା ହୋଇଥିଲା । ଏହି ଏକ୍ଟର ମିଶୋନାରୀ ମାନଙ୍କୁ ସମଗ୍ର ଭାରତରେ ଯାତ୍ରା କରିବାର ଅନୁମତି ପ୍ରଦାନ କରାଗଲା । ଭାରତରେ ପାଶ୍ଚାତ୍ୟ ଶିକ୍ଷାର ପ୍ରସାର ତଥା ଇଂରାଜୀ ଶିକ୍ଷା ମାଧ୍ୟମରେ ଇଶାୟତର ପ୍ରଚାର ପ୍ରସାର ମିଶନାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶେଷଭାବରେ ଏହି ଏକ୍ଟରେ (୧) ଭାରତୀୟ ଶିକ୍ଷିତ ଶ୍ରେଣୀକୁ ପ୍ରତ୍ସାହିତ କରିବାରେ ସାହିତ୍ୟର ବିକାଶ ତଥା (୨) ଭାରତୀୟମାନଙ୍କ ମଧ୍ୟରେ ବିଜ୍ଞାନର ପ୍ରଚାର ପ୍ରସାର ନିମିତ୍ତ କମ୍ପାନୀକୁ ବାର୍ଷିକ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କୁହାଗଲା । ଏହିପରି ଏହି ଏକ୍ଟର ବାଖ୍ୟା ବିଭିନ୍ନ ବ୍ୟକ୍ତି ନିମ୍ନ ନିମ୍ନ ରୂପରେ କରିଛନ୍ତି ।

**ଶିକ୍ଷାର ମାଧ୍ୟମ ତଥା ମ୍ୟାକଲେଙ୍କର ଭୂମିକା ଉପରେ ଆଲୋଚନା**

ଭାରତରେ ଯେଉଁ ଶିକ୍ଷା ଉପରେ କମ୍ପାନୀ ଅର୍ଥ ଖର୍ଚ୍ଚ କରୁଥିଲା ଏହାର ମାଧ୍ୟମକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଆରମ୍ଭ ହୋଇଗଲା । ପ୍ରାଚୀନ ବିଦ୍ୱାନ ତଥା ବ୍ରିଟିଶ ବ୍ୟବସ୍ଥାର ସମର୍ଥକମାନଙ୍କ ମଧ୍ୟରେ ଅନେକ ତର୍କ ଲାଗି ରହିଲା । ଯେତେବେଳେ ବେଣ୍ଟିକ ଗଭର୍ଣ୍ଣର ଜେନେରାଲ ପଦଭାର ସମ୍ଭାଳିଲେ ସେତେବେଳେ ଇଂରେଜୀ ଶିକ୍ଷା ସପକ୍ଷରେ ପରିବେଶ ସୃଷ୍ଟି ହେଲା(୧୮୨୮) । ସନ ୧୮୩୪ରେ ଟି.ବି.ମ୍ୟାକେଲ ତାଙ୍କର ପରାମର୍ଶ ଦାତା ସମିତିରେ ଆଇନ ସଦସ୍ୟ ରୂପେ ସମ୍ମିଳିତ ହୋଇଥିଲେ । ମ୍ୟାକେଲ ଇଂରାଜୀ ଶିକ୍ଷାର ମହାନ ସପକ୍ଷବାଦୀ ଥିଲେ । ସେ ଜନନିର୍ଦ୍ଦେଶକ ସାଧାରଣ ସମିତିର ଅଧ୍ୟକ୍ଷ ହେଲେ । ମ୍ୟାକଲେଙ୍କ ନେତୃତ୍ୱରେ ବ୍ରିଟିଶ ଆଧାରିତ ଶିକ୍ଷାର ସମର୍ଥକମାନେ ଜୟଯୁକ୍ତ ହେଲେ । ମ୍ୟାକେଲ ଭାରତୀୟ ଶିକ୍ଷା ଉପରେ ତାଙ୍କର ପ୍ରପତ୍ର ସନ ୧୮୩୫ ଫେବୃୟାରୀରେ ଜାରି କଲେ । ଏହି ସନ୍ଦେଶ ଭାରତରେ ଇଂରେଜୀ ଶିକ୍ଷାର ପଥ ପ୍ରଦର୍ଶକ ସିଦ୍ଧାନ୍ତ ହୋଇଗଲା । ସରକାର ସଙ୍କଳ୍ପ ନେଲେ ଯେ ଭବିଷ୍ୟତରେ ଇଂରାଜୀ ଭାଷା ମାଧ୍ୟମରେ ଇଉରୋପୀୟ ସାହିତ୍ୟ ତଥା ବିଜ୍ଞାନର ପ୍ରଚାର ପ୍ରସାର ତାଙ୍କର ଉଦ୍ଦେଶ୍ୟ ହେବ । ଭବିଷ୍ୟତର କମ୍ପାନୀ ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥ ଏହି ଉଦ୍ଦେଶ୍ୟରେ ପ୍ରୟୋଜିତ ହେବ । ଏହି ପଦକ୍ଷେପର ଉଦ୍ଦେଶ୍ୟ ଏହା ହେଲା ଯେ ଏବେ ଭାରତରେ ଇଂରାଜୀ ଶିକ୍ଷା ପଶ୍ଚାତ୍ୟ ଜ୍ଞାନର ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ ହୋଇଗଲା ।

ମ୍ୟାକେଲଙ୍କ ସ୍ୱଷ୍ଟ ମତରେ ଭାରତରେ ଇଂରାଜୀ ଶିକ୍ଷା ଏପରି ଏକ ଶ୍ରେଣୀ ସୃଷ୍ଟି କରିବ ଯେଉଁମାନେ ଦେଖିବାକୁ ସମ୍ପୂର୍ଣ୍ଣ ଭାରତୀୟ ହେବେ ମାତ୍ର ସ୍ୱଭାବରେ ସେମାନେ ଇଂରେଜ ।

ନୋଟସ୍

ଏହା ଅନୁମାନ କରାଯାଉଥିଲା ଯେ ଭାରତରେ ବ୍ରିଟିଶ ରାଜ୍ୟର ଏହି ବର୍ଗ ସ୍ତମ୍ଭ ରୂପେ ଉଭା ହେବ । ଏହା ଆଶା କରାଯାଉଥିଲା ଯେ ଏହି ଭାରତୀୟମାନେ ଇଂରାଜୀ ଶିକ୍ଷା ମାଧ୍ୟମରେ ପାଶ୍ଚାତ୍ୟ ନୀତି ତଥା ନୈତିକତା ଶିଖିବେ । ଯେତେବେଳେ ଔପନିବେଶିକ ଢ଼ାଞ୍ଚା ସହିତ ଜୋଡିବା କଥା ଆସିବ ସେତେବେଳେ ଏହି ଭାରତୀୟମାନେ ଭାରତରେ ବ୍ରିଟିଶ ଶାସନକୁ ମଜବୁତ କରିବେ । ଏହା 'ଡାଉନଓ୍ୱାର୍ଡ ଫିଲଟ୍ରେସନ' ସିଦ୍ଧାନ୍ତ ଥିଲା । ଏହି ଶିକ୍ଷା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ନଥିଲା । ମାତ୍ର ଏହାଥିଲା ଶିକ୍ଷିତ ଏବଂ ସମୃଦ୍ଧିଶାଳୀ ଲୋକଙ୍କ ପାଇଁ । ଏହି ସିଦ୍ଧାନ୍ତ ଅନୁସାରେ ଏହା ଗୃହୀତ ହେଲା ଯେ ଏହି ବିଭବଶାଳୀ ଭାରତୀୟମାନଙ୍କ ମାଧ୍ୟମରେ ଶିକ୍ଷାନୀତି ଜନ ସାଧାରଣମାନଙ୍କ ମଧ୍ୟରେ ବ୍ୟାପିଯିବ । ଏହି ପ୍ରଶିକ୍ଷିତ ଭାରତୀୟମାନେ ଯେତେବେଳେ ଶିକ୍ଷକତ୍ୱ କରିବେ ସେତେବେଳେ ଆଞ୍ଚଳିକ ଭାଷାରେ ସ୍ୱତଃ ପ୍ରାଥମିକ ଶିକ୍ଷା ହ୍ରାସ ହେବ । ମ୍ୟାକେଲ ଜାଣିଥିଲେ ଯେ ସିମୀତ ରାଜାକୋଷ ଏହି ଜନସାଧାରଣଙ୍କୁ ଶିକ୍ଷିତ କରିପାରିବେ ନାହିଁ । ଏହା ଅପେକ୍ଷା ଭଲ ହେବ ଏହି ଭାରତୀୟମାନେ ସମ୍ପୂର୍ଣ୍ଣଭାବରେ ଇଂରେଜୀ ଭାଷାନ୍ତରକାରୀ ଭାବରେ କାମ କରିବେ । ଏହି ଶ୍ରେଣୀ ସ୍ଥାନୀୟ ଭାଷା ତଥା ସାହିତ୍ୟକୁ ସମୃଦ୍ଧି କରି ପାଶ୍ଚାତ୍ୟ ବିଜ୍ଞାନ ତଥା ସାହିତ୍ୟକୁ କୋଣ ଅନୁକୋଣରେ ପହଞ୍ଚାଇବାରେ ସାହାଯ୍ୟ କରିବେ । ଏହା ବ୍ରିଟିଶ ଶାସକମାନଙ୍କୁ ବହୁତ କମ୍ ଖର୍ଚ୍ଚରେ ପାଶ୍ଚାତ୍ୟ ସଭ୍ୟତାକୁ ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାରେ ସହାୟତା କଲା । ଏହି ସିଦ୍ଧାନ୍ତରେ ଦେଖାଗଲା ଇଂରାଜୀ ଶିକ୍ଷା ମାଧ୍ୟମରେ ଭାରତୀୟମାନେ ଅଧସ୍ତନ କର୍ମଚାରୀ ଭାବରେ ନିଯୁକ୍ତ ପାଇ କମ୍ପାନୀ ଅମଲାତନ୍ତ୍ରରେ କିରାନୀ ଇତ୍ୟାଦି ଭାବରେ କାର୍ଯ୍ୟ କଲେ ।

ଉଡସ ଡେସପାଚ/ଉଡ ଯୋଜନା-ଉନବିଂଶ ଶତାବ୍ଦୀରେ (ସେକ୍ରେଟେରୀ ଅଫ ଷ୍ଟେଟ) ରାଜ୍ୟ ସଚିବ ଚାର୍ଲସ ଉଡସ୍‌ଙ୍କ ଦ୍ୱାରା ୧୮୫୪ରେ ପ୍ରସ୍ତୁତ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ବିଶେଷ କରି ଇଂରାଜୀ ଶିକ୍ଷାର ଉନ୍ନତି କକ୍ଷକୁ ଉଡସ ଡେସପ୍ୟାଚ କୁହାଯାଇଥିଲା । ଏହି ବିସ୍ତୃତ ଯୋଜନା ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିଥିଲା । ଏହି ବ୍ୟବସ୍ଥା ଇଉରୋପୀୟ ପଦ୍ଧତିକୁ ଭାରତୀୟ ଶିକ୍ଷା ମାନଚିତ୍ରରେ ପୂର୍ଣ୍ଣତଃ ସ୍ଥାପିତ କରାଗଲା ।

**ଏହାର ପ୍ରମୁଖ ବିଶେଷତା**

୧. ଏହା ଭାରତରେ ଶିକ୍ଷାର ଉଦ୍ଦେଶ୍ୟ ଇଉରୋପୀୟ ଶିକ୍ଷାର ପ୍ରସାର ଥିଲା

୨. ଉଚ୍ଚ ଶିକ୍ଷା ନିମିତ୍ତ ଇଂରାଜୀ ହିଁ କେବଳ ମାଧ୍ୟମ ରହିବ ତଥା ସ୍ଥାନୀୟ ଭାଷାଗୁଡିକ ଏଭଳି ମାଧ୍ୟମ ହେବ ଯାହା ଦ୍ୱାରା ଇଉରୋପୀୟ ଜ୍ଞାନ ଜନ ସାଧାରଣ ପର୍ଯ୍ୟନ୍ତ ପହଞ୍ଚିପାରିବ ।

୩. ଏହା ସ୍କୁଲରେ କେତେକ ଶ୍ରେଣୀ ଗଠନର ପ୍ରସ୍ତାବ ଦେଲା । ଯଥା, ଗ୍ରାମମାନଙ୍କରେ ପାଠଶାଳା ସ୍ତରମାନଙ୍କରେ ଦେଶଜ ଭାଷା, ଏହାପରେ ମାଧ୍ୟମିକ ସ୍ତରରେ ଏଙ୍ଗଲୋ ଭାରନାକୁଲାର(ଇଂରାଜୀ-ଦେଶୀୟ)ଉଚ୍ଚ ବିଦ୍ୟାଳୟ ଏବଂ ଜିଲ୍ଲା ସ୍ତରରେ ସହବନ୍ଧ ମହାବିଦ୍ୟାଳୟ ।

୪. ଏହି ଘୋଷଣା ପତ୍ର ପ୍ରଥମ ଥର ଶିକ୍ଷା କ୍ଷେତ୍ରରେ ନିଜସ୍ୱ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ସୁପାରିଶ କଲା ।



ନୋଟସ୍

୫. ଏହା ବ୍ରିଟିଶ ଶାସନ ଅନ୍ତର୍ଗତ ସମସ୍ତ ପାଞ୍ଚଟି ପ୍ରଦେଶରେ ଜଣେ ନିର୍ଦ୍ଦେଶକଙ୍କ ଅଧିନରେ ଗଣ-ନିର୍ଦ୍ଦେଶକ ବିଭାଗର ସ୍ଥାପନା ପାଇଁ ପ୍ରସ୍ତାବ ଦେଲା । ଏହି ବିଭାଗ ଏକ ନିର୍ଦ୍ଧାରିତ ପ୍ରଦେଶରେ ଶିକ୍ଷାର ଅଗ୍ରଗତିର ସମୀକ୍ଷା ଏହି ଗଣ-ନିର୍ଦ୍ଦେଶକ ବିଭାଗ ୧୮୫୫ରେ ପ୍ରତିଷ୍ଠିତ ହେଲା ଏବଂ ଏହା ଗଣ-ନର୍ଦ୍ଦେଶ ସମତି ଏବଂ ଶିକ୍ଷା ପରିଷଦ (Committee of Public Instruction and Council of Education) ର ସ୍ଥାନ ନେଲା ।

୬. ଏହା କଲିକତା, ମୁମ୍ବେଇ ଏବଂ ମାନ୍ଦ୍ରାଜରେ ଲଣ୍ଡନ ବିଶ୍ୱ ବିଦ୍ୟାଳୟ ଢ଼ାଞ୍ଚାରେ ବିଶ୍ୱ ବିଦ୍ୟାଳୟ ସ୍ଥାପନା ନିମିତ୍ତ ପ୍ରସ୍ତାବ ଦେଲା ଏବଂ ସେମାନେ ପରୀକ୍ଷା କରି ଛାତ୍ର ଛାତ୍ରୀମାନଙ୍କୁ ଉପାଧି (Degree) ପ୍ରଦାନ କରିବେ । କଲିକତା, ବମ୍ବେ ଏବଂ ମାନ୍ଦ୍ରାଜ ବିଶ୍ୱ ବିଦ୍ୟାଳୟ ୧୮୫୭ରେ ପ୍ରତିଷ୍ଠିତ ହେଲା ।

୭. ଔପଚାରିକ ଶିକ୍ଷା ଅତିରିକ୍ତ ଏହି ଘୋଷଣା ପତ୍ରରେ ବ୍ୟବସାୟୀକ ଶିକ୍ଷାର ମହତ୍ୱ ଉପରେ ମଧ୍ୟ ଜୋର ଦିଆଗଲା ତଥା ବୈଶୟିକ ଶିକ୍ଷା ଏବଂ ମହାବିଦ୍ୟାଳୟମାନ ସ୍ଥାପନା ସପକ୍ଷରେ ଓକିଲାତି କଲା ।

୮. ଏହା ଭାବି ଶିକ୍ଷକମାନଙ୍କ ନିମିତ୍ତ ପ୍ରଶିକ୍ଷଣ ଅନୁଷ୍ଠାନ ସ୍ଥାପନା ସପକ୍ଷରେ ସୁପାରିଶ କରିଥିଲା ।

୯. ଏହା ମଧ୍ୟ ନାରୀ ଶିକ୍ଷାକୁ ସମର୍ଥନ କରିଥିଲା । ପରିଣାମ ସ୍ୱରୂପ ଅନେକ ଆଧୁନିକ ବାଳିକା ବିଦ୍ୟାଳୟ ସ୍ଥାପିତ ହେବା ସହିତ ସେଗୁଡ଼ିକ ସରକାରଙ୍କ ସହାୟତା ପ୍ରାପ୍ତ ହେଲା ।

**ହଣ୍ଟର କମିଶନ**

'ଉଡଙ୍କ ଡେସପାଚ୍ ଅନୁସାରେ' ଶିକ୍ଷା କ୍ଷେତ୍ରରେ ପ୍ରଗତିର ସମୀକ୍ଷା କରିବା ପାଇଁ ୧୮୮୨ ମସିହାରେ ଡବଲ୍ୟୁ.ଡବଲ୍ୟୁ.ହଣ୍ଟରଙ୍କ ଅଧିନରେ ଏକ ହଣ୍ଟର କମିଟି ସ୍ଥାପନା କରାହେଲା । ଏହା ପ୍ରାୟତଃ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ମଧ୍ୟରେ ସିମୀତ ଥିଲା । ହଣ୍ଟର କମିଶନ ଅନେକ ପ୍ରକାରର ସୁପାରିଶ କରିଥିଲେ । ଏହା ପ୍ରାଥମିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ଯାହାର ନିୟନ୍ତ୍ରଣ ଜିଲ୍ଲା ତଥା ନଗରପାଳିକା ବୋର୍ଡକୁ ସ୍ଥାନାନ୍ତରିତ କରିବାକୁ ମତ ଦେଇଥିଲେ । ମାଧ୍ୟମିକ ସ୍ତରରେ ଦୁଇଟି ବିଭାଗ ସମ୍ପର୍କରେ କୁହାଗଲା । ଗୋଟିଏ ସ୍ୱାକ୍ଷର ଶିକ୍ଷା ଭାବରେ ବିଶ୍ୱ ବିଦ୍ୟାଳୟ ଶିକ୍ଷାକୁ ଅଗ୍ରଣୀ ଭୂମିକା ଦେଉଥିବା ବେଳେ ଅନ୍ୟଟି ବାଣିଜ୍ୟିକ ଏବଂ ବୈଶୟିକ ଶିକ୍ଷା ଭଳି ପ୍ରଜ୍ୟୁକତା ଶିକ୍ଷାର ଅଗ୍ରଗାମୀ ଥିଲା । ଶିକ୍ଷା କ୍ଷେତ୍ରରେ ଘରୋଇ ପ୍ରୟାସକୁ ମଧ୍ୟ ପ୍ରସାହିତ କରାଗଲା । ପ୍ରେସିଡେନସି ସହର ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାର ନିମିତ୍ତ ବିଶେସ ଧ୍ୟାନ ଦେବା ପାଇଁ କୁହାଗଲା । ଆସନ୍ତା ଦୁଇ ଶତାବ୍ଦୀ ପାଇଁ ହଣ୍ଟର କମିଶନଙ୍କ ସୁପାରିଶର ପ୍ରଭାବ ସମଗ୍ର ଭାରତରେ ଅନୁଭୂତ ହେଲା । ମାଧ୍ୟମିକ ତଥା ପ୍ରାଥମିକ ସ୍ତରରେ ଶିକ୍ଷା କ୍ଷେତ୍ରରେ ଅଭୂତ ପୂର୍ବ ପ୍ରଗତି ହେଲା । ସନ ୧୮୮୨ରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ତଥା ସନ ୧୮୮୭ରେ ଏଲାହାବାଦ ବିଶ୍ୱବିଦ୍ୟାଳୟର ସ୍ଥାପନା ହେଲା ।



ନୋଟସ୍



## ପାଠ୍ୟଗତ ପ୍ରଶ୍ନ - ୧୮.୩

୧. କେଉଁ ଆକ୍ଟ ଇଷ୍ଟଇଣ୍ଡିଆ କମ୍ପାନୀକୁ ଶିକ୍ଷା ଉପରେ ବାର୍ଷିକ ଏକ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ କହିଥିଲା ?

..........................................................................................

୨. କିଏ ଭାରତରେ ଇଂରାଜୀ ଶିକ୍ଷାର ପ୍ରମୁଖ ସକ୍ରିୟ ପ୍ରବର୍ତ୍ତକ ଥିଲେ ?

(କ) ଜୋନାଥନ ଡଙ୍କନ (ଖ) ଟି.ବି.ମ୍ୟାକେଲ (ଗ) ୱାରେନ ହେଷ୍ଟିଙ୍ଗସ (ଘ) ଉଇଲିୟମ ଜୋନସ

୩. ମ୍ୟାକେଲଙ୍କ ଦ୍ୱାରା ଭାରତରେ ବ୍ରିଟିଶ ଶିକ୍ଷାର ବିସ୍ତାରର ଉଦ୍ଦେଶ୍ୟକୁ ସଂକ୍ଷେପରେ ବୁଝାନ୍ତୁ ।

..........................................................................................

୪. ଭାରତରେ ଶିକ୍ଷା ନୀତି ନିର୍ଦ୍ଦେଶନରେ 'ଉଡ ଘୋଷଣା ପତ୍ର'(Wood's Despatch) ର ମହତ୍ୱକୁ ରେଖାଙ୍କିତ କରନ୍ତୁ ।

..........................................................................................

୫. 'ହଣ୍ଟର କମିଶନ' କେଉଁ ସମ୍ବନ୍ଧରେ ଥିଲା ?

..........................................................................................

## ୧୮.୪ ଭାରତରେ ପତ୍ରକାରିତାର ବିକାଶ

ଭାରତରେ ଛାପାକଳ ତଥା ପତ୍ରକାରିତାର ଉଦୟ ଫଳରେ ଆଧୁନିକ ଯୁଗ ଏକ ନବ ଚେତନାର ଜନ୍ମ ଦେଲା । ମୁଦ୍ରଣ କୌଶଳର ବିସ୍ତାର ହେତୁ ପୁସ୍ତକଗୁଡିକ ସହଜରେ ଉପଲବ୍ଧି ହେଲା । ଅନ୍ୟ ଅର୍ଥରେ ବହୁଳ ମୁଦ୍ରଣ ସମଗ୍ର ଭାରତରେ ଯୋଗାଯୋଗର ଏକ ନୂତନ ମାର୍ଗ ଉନ୍ମୁକ୍ତ କଲା । ଏହି ନୂତନ କୌଶଳ ଛାପାକଳ ଏବଂ ପତ୍ରକାରିତାର ପ୍ରଗତିର ଏକ ମୁଖ୍ୟ ଭୂମିକା ଗ୍ରହଣ କଲା । ଅଷ୍ଟାଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଇଂରେଜୀ ଭାଷାରେ ସମାଚାର ପତ୍ରର ପ୍ରକାଶନ ଆରମ୍ଭ ହୋଇଗଲା । ଊନବିଂଶ ଶତାବ୍ଦୀରେ ସ୍ଥାନୀୟ ଭାଷାରେ ମଧ୍ୟ କେତେକ ପତ୍ରିକାମାନଙ୍କର ପ୍ରକାଶନ ପ୍ରାରମ୍ଭ ହୋଇଗଲା । ଜେମସ୍ ଅଗଷ୍ଟସ୍ ହିକି ସନ ୧୭୮୦ରେ ବଙ୍ଗଳା ଗେଜେଟ ନାମରେ ଭାରତରେ ପ୍ରଥମ ସମାଚାର ପତ୍ର ପ୍ରକାଶିତ କଲେ । ଏହାପରେ ବଙ୍ଗଳା, ମୁମ୍ବଇ ଏବଂ ମାଦ୍ରାଜରେ ସମାଚାର ପତ୍ରର ଶୃଙ୍ଖଳା ଆରମ୍ଭ ହୋଇଗଲା । କେତେକ ମୁଖ୍ୟ ସମାଚାର ପତ୍ରଗୁଡିକ ଥିଲା-କଲିକତା କ୍ରନିକଲ(୧୭୮୭), ମାଡ୍ରାସ କୋରିୟର(୧୭୮୮) ଏବଂ ବମ୍ବେ ହେରୋଲଡ(୧୭୮୯)

ବ୍ରିଟିଶମାନଙ୍କର ସମାଚାର ପତ୍ର ଭାରତରେ ରହୁଥିବା ୟୁରୋପୀୟ ତଥା ଏଙ୍ଗଲୋ ଇଣ୍ଡିଆନ ସମୁଦାୟଙ୍କ ପାଇଁ ପ୍ରକାଶିତ ହେଉଥିଲା । ଯାହା ହେଉନା କାହିଁକି କମ୍ପାନୀ ଅଧିକାରୀମାନେ ସ୍ୱକୃତ ଦୁଷ୍କର୍ମ ପାଇଁ ଚିନ୍ତିତ ଥିଲେ । ତେଣୁ ସବୁ ଦିଗରୁ ପ୍ରତିବନ୍ଧ ଲାଗୁକଲେ । ଲର୍ଡ ୱେଲସଲି



ନୋଟସ୍

(୧୭୯୭-୧୮୦୪) ୧୭୯୯ରେ ସେନସର ଅଫ ପ୍ରେସଏକ୍ଟ ଦ୍ୱାରା କଡା ପ୍ରତିବନ୍ଧକ ଲଗାଇଲେ । ଏହି ଅଧିନିୟମରେ ଚେତାବନୀ ଦିଆଗଲା କି ସମସ୍ତ ସୂଚନା ସରକାରଙ୍କ ସଚିବ ଦ୍ୱାରା ଅନୁମୋଦିତ ହେବା ଉଚିତ । ପ୍ରକାଶକ, ସଂପାଦକ ତଥା ମାଲିକଙ୍କ ନାମ ପ୍ରତ୍ୟେକ ସଂଖ୍ୟାରେ ଉଲ୍ଲିଖିତ ହେବା ଉଚିତ୍ । ଲର୍ଡ ହେଷ୍ଟିଂସ (୧୮୦୩-୨୩) ୧୮୧୮ମସିହାରେ ଏହି ନିୟମର କିଛି କୋହଳ କଲେ ଓ ପ୍ରେସର ପ୍ରି-ସେନସରସିପ ହଟାଇ ଦେଲେ । ମାତ୍ର ଏହି କୋହଳ ନୀତି ଅସ୍ଥାୟୀ ସିଦ୍ଧ ହେଲା କାରଣ ୧୮୨୩ରେ କାର୍ଯ୍ୟବାହକ ଗଭର୍ଣ୍ଣର ଜେନେରାଲ ଭାର ସମ୍ପାଦନ କରିବା ବ୍ୟକ୍ତି ଜନ ଏଡମସ ସେହି ବର୍ଷ କିଛି କଡା ନିୟମ ପ୍ରେସ ଉପରେ ଲଦି ଦେଲେ । କୌଣସି ପ୍ରେସକୁ ସଂଚାଳନ କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ଲାଇସେନ୍ସ କରିବା ଆବଶ୍ୟକ କରାଗଲା । ଗଭର୍ଣ୍ଣର ଜେନେରାଲଙ୍କ ପାଖରେ ଲାଇସେନ୍ସ ନିରସ୍ତ କରିବା କ୍ଷମତା ମଧ୍ୟ ଥିଲା ।

ପରବର୍ତ୍ତୀ ସମୟରେ କାର୍ଯ୍ୟ ନିର୍ବାହୀ ଗଭର୍ଣ୍ଣର ଜେନେରାଲ ଚାର୍ଲସ ମେଟକେଫ(୧୮୩୫-୧୮୩୬) ସ୍ୱତନ୍ତ୍ର ପ୍ରେସ ସପକ୍ଷରେ ଥିଲେ । ସେ ୧୮୨୩ର ନିୟମକୁ ନିରସ୍ତ କରିନେଲେ । ମେଟକେଫେ ପ୍ରେସ ଅଧିନିୟମ ଏପରି ଚାହୁଁ ଥିଲେ କି ପ୍ରକାଶକ କେବଳ ନିଜର ନାମ ତଥା ପ୍ରକାଶନର ସ୍ଥାନ ଏବଂ ପରିସର ଘୋଷଣା କରିବେ । ଏହି ଉଦାରବାଦୀ ପଦକ୍ଷେପରେ ପ୍ରେସର ପ୍ରଗତିରେ ସକାରାତ୍ମକ ପ୍ରଭାବ ୧୮୫୭ ପର୍ଯ୍ୟନ୍ତ ପଡିଲା ଏବଂ ବିଦ୍ରୋହ ଫଳରେ ପୁଣି କଡା ନିୟମମାନ ଲଗାଇ ଦିଆଗଲା । ଭାରତୀୟ ଭାଷା ସମାଚାର ପତ୍ର ଉପରେ ସବୁଠାରୁ କଠୋର ପ୍ରତିବନ୍ଧ ଲର୍ଡ ଲିଟନଙ୍କ ଦ୍ୱାରା ଭର୍ଣ୍ଣାକୁଲର ପ୍ରେସ ଏକ୍ଟ ୧୮୭୮ ମସିହାର ହୋଇଥିଲା ଏକ ଅତ୍ୟନ୍ତ ରଙ୍ଗଭେଦୀ ତଥା ଭେଦଭାବପୂର୍ଣ୍ଣ ଏହି ଅଧିନିୟମ, ସରକାରଙ୍କ ବିରୁଦ୍ଧ ଭାରତୀୟ ଭାଷାର ଅଭିବ୍ୟକ୍ତର କଣ୍ଠରୁଦ୍ଧତାର ପ୍ରୟାସ ଥିଲା । ଏହି ପ୍ରତିବନ୍ଧ ବ୍ରିଟିଶ ସମାଚାର ପତ୍ର ଉପରେ ଲାଗୁ ହୋଇ ନଥିଲା । ଏହା ଲିଟନଙ୍କର ରକ୍ଷଣଶୀଳ ଏବଂ ଅହଂକାର ବିଚାରଧାରାର ପରିଚାୟକ ଥିଲା । ଜିଲ୍ଲା ଅଧିକାରୀମାନଙ୍କ ବିରୁଦ୍ଧରେ ଅପିଲ କରିବାର ବ୍ୟବସ୍ଥା ନଥିଲା । ଏହି ଅଧିନିୟମକୁ ସନ ୧୮୮୨ରେ ଲର୍ଡ ରିପନଙ୍କ ଦ୍ୱାରା ପରିବର୍ତ୍ତନ କରାଗଲା, ଯିଏକି ନିଜର ଉଦାରବାଦୀ ଦୃଷ୍ଟିକୋଣ ପାଇଁ ଭାରତୀୟ ଜନତା ମଧ୍ୟରେ ବହୁତ ଲୋକପ୍ରିୟ ଥିଲେ ।

### ପାଠ୍ୟଗତ ପ୍ରଶ୍ନ ୧୮.୪

୧. ଭାରତର ପ୍ରଥମ ସମାଚାର ପତ୍ର କ'ଣ ଥିଲା ଏବଂ କେବେ ଏହା ପ୍ରକାଶିତ ହୋଇଥିଲା ?

.................................................................................................

୨. ସମାଚାର ପତ୍ରର ପ୍ରଗତିରେ ପ୍ରିଣ୍ଟିଂ ପ୍ରେସର ମହତ୍ୱକୁ ରେଖାଙ୍କିତ କରନ୍ତୁ ।

.................................................................................................

୩. ସେନସରସିପ ଅଫ ପ୍ରେସ ଏକ୍ଟ ୧୭୯୯ ମାଧ୍ୟମରେ କେଉଁ ପ୍ରତିବନ୍ଧକ ଲାଗୁ କରାଗଲା ?

.................................................................................................

୪. ଚାର୍ଲସ ମେଟେକେଫେ କେଉଁ ସକାରାତ୍ମକ ପରିବର୍ତ୍ତନ କଲେ ?

.........................................................................................

୫. ଭର୍ଣ୍ଣାକୁଲର ପ୍ରେସ ଏକ୍ଟ ୧୮୭୮ କ'ଣ ଥିଲା ?

.........................................................................................

## ତୁମେ କ'ଣ ଶିଖିଲ

ତୁମେ ପଢ଼ିଲ ଯେ ଭାରତ ପ୍ରତି ବ୍ରିଟିଶ ଶାସକଙ୍କ ଆଭିମୁଖ୍ୟ ସର୍ବଦା ଭିନ୍ନ ଥିଲା । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ନୀତିଗୁଡ଼ିକ ସେମାନଙ୍କର ଆଦର୍ଶଗତ ପ୍ରବଣତା ଦ୍ୱାରା ପ୍ରଭାହିତ ହୋଇଥିଲା । ଏହି ଆନ୍ଦୋଳନ ମହିଳାମାନଙ୍କ ସମସ୍ୟା, କଠୋର ଜାତିଭେଦ, ଲୋକମାନଙ୍କର ଧର୍ମୀୟ ବିଶ୍ୱାସରୁ ଉପୁଜୁଥିବା ଭ୍ରଷ୍ଟାଚାର, ଯୋଗାଯୋଗର ଆଧୁନିକରଣ, ଶିକ୍ଷାଗତ ଅନଗ୍ରସରତା ଇତ୍ୟାଦି ସମ୍ପର୍କିତ ବିଷୟଗୁଡ଼ିକୁ ସମ୍ବୋଧିତ କରିବାକୁ ଚେଷ୍ଟା କରୁଥିଲା । ବ୍ରିଟିଶ ନୀତି ନିର୍ମାତା ମାନେ ବ୍ରିଟିଶ ଶିକ୍ଷାକୁ ଲୋକପ୍ରିୟ କରିବା ପାଇଁ ପ୍ରଜନ୍ ଥିଲେ । ଯାହାର ପରିଣାମ ସ୍ୱରୂପ ସମଗ୍ର ଦେଶରେ ସେମାନଙ୍କର ନିୟନ୍ତ୍ରଣ ଅଧିକ ମଜଭୁତ ହୋଇଥିଲା । ଏହି ସମୟରେ ଉଭୟ ଇଂରାଜୀ ଏବଂ ଭାରତୀୟ ଭାଷାର ଖବରକାଗଜ ଗୁଡ଼ିକର ଅଭିବୃଦ୍ଧି ହୋଇଥିଲା । ଯାହାହେଲେ ମଧ୍ୟ ଖବରକାଗଜଗୁଡ଼ିକର ସ୍ୱାଧୀନତାକୁ ସଂକୁଚିତ କରିବା ପାଇଁ ବିଭିନ୍ନ ସମୟରେ ଅଙ୍କୁଶ ଲଗା ଯାଇଥିଲା । ଆଧୁନିକ ଯୁଗରେ ହୋଇଥିବା ସାମାଜିକ ପରିବର୍ତ୍ତନ ପରିଶେଷରେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱତନ୍ତ୍ରତା ଆନ୍ଦୋଳନପାଇଁ ଦେଶକୁ ପ୍ରସ୍ତୁତି କଲା ।

## ପାଠାନ୍ତ ପ୍ରଶ୍ନ

୧. ଭାରତରେ ବ୍ରିଟିଶ ନୀତି ନିର୍ଦ୍ଧାରଣରେ ବିଚାରଧାରାଗୁଡ଼ିକର ଆବଶ୍ୟକତା କାହିଁକି ଥିଲା ?

୨. ଅତୀତ ଭାରତର ଲୋକପ୍ରିୟତା ପାଇଁ ପ୍ରାଚ୍ୟବିତମାନଙ୍କର କ'ଣ ଯୋଗଦାନ ଥିଲା ?

୩. ଉନବିଂଶ ଶତାବ୍ଦୀରେ ହିନ୍ଦୁ ସମାଜରେ କ'ଣ କ'ଣ କୁନୀତିମାନ ବ୍ୟାପ୍ତ ଥିଲା ?

୪. ଏହି ସମୟରେ ସଂସ୍କାର ଆନ୍ଦୋଳନରେ ମହିଳାମାନଙ୍କ ସମ୍ପର୍କିତ ବିଷୟମାନଙ୍କର କିପରି ଗୁରୁତ୍ୱ ଥିଲା ?

୫. ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ସଭ୍ୟତା ସମ୍ପର୍କରେ ବିବେକାନନ୍ଦଙ୍କ ମତ କ'ଣ ଥିଲା ?

୬. ଆର୍ଯ୍ୟ ସମାଜ କେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉତଥାପନ କରିଥିଲା ?

୭. ଉନବିଂଶ ଶତାବ୍ଦୀରେ ମୁସଲମାନ ସଂପ୍ରଦାୟରେ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଆନ୍ଦୋଳନଗୁଡ଼ିକର ଚିହ୍ନିତ କର । ସେମାନଙ୍କ ଦ୍ୱାରା କେଉଁ ବିଷୟ ଉତଥାପନ କରାଯାଇଥିଲା ?

୮. ଭାରତରେ ଇଂରାଜୀ ଶିକ୍ଷାର ପ୍ରସାର ନିମିତ୍ତ ମ୍ୟାକଲେଙ୍କର ପରାମର୍ଶଗୁଡ଼ିକ ବିଶ୍ଳେଷଣ କର ।

୯. 'ଡାଉନଓ୍ୱାର୍ଡ ଫିଲଟ୍ରେସନ' ସିଦ୍ଧାନ୍ତ କ'ଣ ?



ନୋଟସ୍

୧୦. ଭର୍ଣ୍ଣାକୁଲାର ପ୍ରେସ ଏକ୍ଟରେ କ'ଣ ଭ୍ରମ ଥିଲା ?

## ପାଠ୍ୟଗତ ପ୍ରଶ୍ନର ଉତ୍ତର ୧୮.୧

୧. କଲିକତା, ମାନ୍ଦ୍ରାଜ(୧୭୮୧), ଏସିଆଟିକ ସୋସାଇଟି ଅଫ ବେଙ୍ଗଲ (୧୭୮୯)ତଥା ବନାରସରେ ସଂସ୍କୃତ ମହାବିଦ୍ୟାଳୟ (୧୭୯୪)

୨. ଏସିଆଟିକ ସୋସାଇଟି ସଂସ୍କୃତର ମହତ୍ୱପୂର୍ଣ୍ଣଗୁଡିକର ଅନୁବାଦ କଲା ।

୩. ଲର୍ଡ ୱେଲସଲୀ

୪. ଇଂଲଣ୍ଡ

୫. ୧୮୧୩ ମସିହାର ଚାର୍ଟର ଏକ୍ଟ

**୧୮.୨**

୧. ନାରୀ ଶିକ୍ଷାର ଅଭାବ, ବହୁପତ୍ନୀବାଦ ତଥା ସତୀପ୍ରଥା ଯେପରି ବିଷୟ ଦେଖନ୍ତୁ ୧୮.୨ ଅନୁଚ୍ଛେଦ ୩

କେଶବ ଚନ୍ଦ୍ର ସେନଙ୍କ ସହିତ ଦେବେନ୍ଦ୍ରନାଥ ଟେଗୋରଙ୍କ ତୁଳନା କଲେ ସାମାଜିକ ସଂଦର୍ଭରେ କେଶବ ଚନ୍ଦ୍ର ଅଧିକ ସଂସ୍କାରବାଦୀ ଥିଲେ ।

୨. ସାମାଜିକ ସଂଦର୍ଭରେ କେଶବ ଚନ୍ଦ୍ର ସେନ ଦେବେନ୍ଦ୍ରନାଥ ଟେଗୋରଙ୍କଠାରୁ ଅଧିକ ଉଗ୍ରବାଦୀ ଥିଲେ ।

୩. ୧୮୯୩, ଡିଏଭି ବିଭାଗ: ଲାଲା ହଂସରାଜ, ଲାଲା ଲାଜପତ ରାୟ, ଗୁରୁକୁଳ ବିଭାଗ, ମୁନସୀ ରାମ (ସ୍ୱାମୀ ଶ୍ରଦ୍ଧାନନ୍ଦ)ଲେଖରାମ ଗୁରୁଦତ୍ତ

୪. ଧାର୍ମିକ ଶୁଦ୍ଧିକରଣ ତଥା ଫୈରାଜ ଅର୍ଥାତ୍ ଇସଲାମର ମୂଳ କର୍ତ୍ତବ୍ୟକୁ ପ୍ରତ୍ୟାବର୍ତ୍ତନ ।

୫. ସେ ଭାରତରେ ମୁସଲିମ ସଂପ୍ରଦାୟ ନିମିତ୍ତ ଆଧୁନିକ ଶିକ୍ଷା ଉପରେ ଜୋର ଦେଲେ । ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମିତ୍ତ ସେ ଆଲିଗଡରେ ମୁସଲିମ ଆଂଗଲୋ ଓରିଏଣ୍ଟାଲ କଲେଜ ସ୍ଥାପନା କଲେ । ଦେଖନ୍ତୁ ୧୮.୨ ଅନୁଚ୍ଛେଦ ୪

**୧୮.୩**

୧. ସନ ୧୮୧୩ର ଚାର୍ଟର ଏକ୍ଟ

୨. ଟି.ବି.ମ୍ୟାକେଲ

୩. ତାଙ୍କ ଅନୁସାରେ ଇଂରାଜୀ ଶିକ୍ଷାର ପ୍ରସାର ଫଳରେ ଏମିତି ଏକ ଶ୍ରେଣୀର ଉଦୟ ହେବ ଯେଉଁମାନେ ବ୍ରିଟିଶ ଶାସନକୁ ସମର୍ଥନ କରିବେ । ଦେଖନ୍ତୁ ୧୮.୩ ଅନୁଚ୍ଛେଦ ୪ ।

୪. ଏହା ଘୋଷଣା ପତ୍ରର ଏକ ବିସ୍ତୃତ ଯୋଜନା ଥିଲା ଯାହା ଇଉରୋପୀୟ ମଡେଲ ଉପରେ ଆଧାରିତ ଥିଲା । ଯାହା ଭାରତରେ ଶିକ୍ଷା ନୀତିକୁ ୫୦ ବର୍ଷ ପର୍ଯ୍ୟନ୍ତ ନିର୍ଦ୍ଦେଶିତ କରୁଥିଲା । ଦେଖନ୍ତୁ ୧୮.୩ ଅନୁଚ୍ଛେଦ ୫

୫. ଏହା ଉଡଙ୍କ ଘୋଷଣା ବତ୍ର ପରେ ହୋଇଥିବା ଶିକ୍ଷାରେ ପ୍ରଗତି ସମ୍ବନ୍ଧିତ ଥିଲା ତଥା ମୁଖ୍ୟତଃ ପ୍ରାରମ୍ଭିକ ତଥା ମାଧ୍ୟମିକ ଶିକ୍ଷା ସମ୍ବନ୍ଧିତ ଥିଲା । ଦେଖନ୍ତୁ ୧୮.୩ ଅନୁଚ୍ଛେଦ ୬ ।

**୧୮.୪**

୧. ବଙ୍ଗଳା ଗେଜେଟ -୧୭୮୦

୨. ଛାପା କୌଶଳର ବ୍ୟାପକ ପ୍ରୟୋଗରେ ସମାଚାର ପତ୍ରର ପ୍ରଗତି ତଥା ବହୁ ମାତ୍ରାରେ ପୁସ୍ତକ ପ୍ରକାଶନର ବୃଦ୍ଧି ହେଲା । ଦେଖନ୍ତୁ ୧୮.୪ ଅନୁଚ୍ଛେଦ ।

୩. ସମସ୍ତ ବିଷୟ ସେକ୍ରେଟେରୀଙ୍କ ଦ୍ୱାରା ସରକାରଙ୍କଠାରୁ ଅନୁମୋଦିତ ହେବା ଉଚିତ୍ । ଏହା ସହିତ ପ୍ରକାଶକଙ୍କ ନାମ ସହିତ ପ୍ରତ୍ୟେକ ଅଙ୍କରେ ସମ୍ପାଦକ ତଥା ମାଲିକଙ୍କ ନାମ ଉଲ୍ଲେଖ ହେବା ଅନିବାର୍ଯ୍ୟ ଥିଲା । ଦେଖନ୍ତୁ ୧୮.୪, ଅନୁଚ୍ଛେଦ ୨

୪. ସେ ୧୮୨୩ରେ ପ୍ରେସ ଉପରେ ଲଗାଯାଇଥିବା ନିୟମ ଉଚ୍ଛେଦ କରିଥିଲେ । ବର୍ତ୍ତମାନ ପ୍ରକାଶକମାନେ କେବଳ ନିଜର ନାମ ତଥା ପ୍ରକାଶନ ସ୍ଥାନ, ଠିକଣା ଦେବା ଅନିବାର୍ଯ୍ୟ ଥିଲା । ଦେଖନ୍ତୁ ୧୮.୪, ଅନୁଚ୍ଛେଦ ୩

୫. ୧୮୭୮ ଭର୍ଣ୍ଣାକୁଲାର ପ୍ରେସ ଏକ୍ଟ ଭାରତୀୟ ଭାଷାରେ ପତ୍ରପତ୍ରିକାଗୁଡ଼ିକ ଉପରେ କଟକଣା ଲଗାଗଲା ।

**ପାଠ୍ୟାନ୍ତ ପ୍ରଶ୍ନଗୁଡ଼ିକର ସଙ୍କେତ**

୧. ୧୮.୧ ପ୍ରଶାସନ ଏବଂ ଆର୍ଥିକ ନୀତିଗୁଡ଼ିକ ସମ୍ବନ୍ଧିତ ବିଚାର ପ୍ରଭାବର ଅନ୍ତର୍ଗତ

୨. ୧୧.୨ ଅନୁଚ୍ଛେଦ ୨, ୧୮.୨.୧ ଏବଂ ୧୨.୨

୩. ୧୮.୨.୨ ତଥା ୧୮.୨.୩

୪. ୧୧.୨.୫ ଆର୍ଯ୍ୟ ସମାଜର ଅଧୀନ

୫. ୧୮.୨.୩ ରାମକୃଷ୍ଣ ମିସନର ଅନ୍ତର୍ଗତ

୬. ୧୮.୨.୭

୭. ୧୮.୩ ତଥା ୧୮.୧.୧

୮. ୧୮.୩.୨ ଅନୁଚ୍ଛେଦ ୧

୯. ୧୮.୩.୨ ଅନୁଚ୍ଛେଦ ୨

୧୦. ୧୮.୩.୨ ଅନୁଚ୍ଛେଦ ୩

**ଶବ୍ଦାବଳୀ**

୧. ଅରିଏଣ୍ଟାଲିଷ୍ଟ ପ୍ରାଚ୍ୟବାଦୀ - ଇଂରେଜ ପ୍ରଶାସକ ମାନଙ୍କର ଏହ ସମୁହ ଯାହାଦ୍ୱାରା ଭାରତରେ ଗୌରବଶାଳୀ ଅତୀତକୁ ଲୋକପ୍ରିୟ କଲା

୨. ହ୍ୱିଗମାନଙ୍କ ରାଜନୈତିକ ଦର୍ଶନ - କାର୍ଯ୍ୟପାଳିକା, ବିଧାୟିକା ତଥା ନ୍ୟାୟପାଳିକା ସରକାରଙ୍କର ପୃଥକ ଅଂଶ ହେବା ଉଚିତ ।

୩. ବଙ୍ଗଳା ପୁନର୍ଜାଗରଣ - ବଙ୍ଗଳାର ମଧ୍ୟ ଯୁଗୀୟ ଇତିହାସ ପୁଣି ଖୋଜିବା ତଥା ଭାଷା ଏବଂ ସାହିତ୍ୟର ଆଧୁନିକୀକରଣ ।

୪. ସତୀପ୍ରଥା - ପତିର ଚିତାରେ ପତ୍ନୀର ଶରୀରକୁ ଜଳାଇ ଦେବା ।

୫. ବହୁପତ୍ନୀ ପ୍ରଥା - ଏକାଧିକ ପତ୍ନୀ ରଖିବା ।

୬. ବ୍ରହ୍ମ ପ୍ରତି - ଦେବେନ୍ଦ୍ର ନାଥଙ୍କ ଦ୍ୱାରା ଲିଖିତ । ଏହା ବ୍ରହ୍ମ ସମାଜର ସଦସ୍ୟମାନଙ୍କ କର୍ତ୍ତବ୍ୟର ବିବରଣୀ ଅଟେ ।

୭. ଆଧ୍ୟାତ୍ମିକ ହିନ୍ଦୁବାଦ - ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ହିନ୍ଦୁ ଧର୍ମର ଆଧ୍ୟାତ୍ମିକତାର ପ୍ରଚାର ।

୮. ମୂର୍ତ୍ତି ପୂଜା - ମୂର୍ତ୍ତିଗୁଡ଼ିକୁ ପୂଜା

୯. ଏକେଶ୍ୱରବାଦ - ଏକ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା

୧୦. ଏଙ୍ଗଲୋବୈଦିକଶିଖା - ଆର୍ଯ୍ୟ ବିଚାରଧାରା, ଇଂରାଜି ଶିକ୍ଷା ସହିତ ବୈଦିକ ଗ୍ରନ୍ଥର ଶିକ୍ଷା ଉପରେ ଶକ୍ତି ଦେବାର ଶିକ୍ଷା ପଦ୍ଧତି ।

୧୧. ଶୁଦ୍ଧି - ଧର୍ମାନ୍ତକରଣ ବିରୁଦ୍ଧରେ ଆର୍ଯ୍ୟସମାଜ ଦ୍ୱାରା ପରିଚାଳିତ ଅଭିଯାନ । ଧର୍ମାନ୍ତରିତ ହୋଇଥିବା ହିନ୍ଦୁମାନଙ୍କୁ ପୁନଃ ହିନ୍ଦୁ ଧର୍ମକୁ ଆଣିବା ।

୧୨. ଗୌରକ୍ଷିଣୀ ସଭା - ଗାଈମାନଙ୍କ ରକ୍ଷା ନିମିତ୍ତ ସମିତି ।

୧୩. ଫରାଇଜ - ଇସଲାମର ପବିତ୍ରତାକୁ କାଏମ ରଖିବା ତଥା ଅଣ ଇସଲାମିକ ରୀତି-ରିବାଜକୁ ଇସଲାମରେ ପ୍ରବେଶକୁ ବିରୋଧ କରିବା । ହଜ, ନମାଜ, ରୋଜା, ଜକତ ତଥା ବିଶ୍ୱାସ ଉପରେ ଜୋର ଦେବା ।

୧୪. ପ୍ରାକୃତିକ ବିଜ୍ଞାନ - ପ୍ରକୃତିକୁ ବୁଝିବାର ପ୍ରୟାସ

୧୫. ଚାଟର ଏକ୍ଟ - ରାଣୀ ଏଲିଜାବେଥଙ୍କ ଦ୍ୱାରା କମ୍ପାନୀକୁ ଦିଆଯାଇଥିବା ଅଧିକାର ପତ୍ର, ବ୍ୟାପାରରେ ବିଶେଷଧିକାର ତଥା ସମ୍ମିଳିତ ଲକ୍ଷ-ନିର୍ଦ୍ଦେଶ, ଯାହାର ସମୟ ସମୟରେ ସମୀକ୍ଷା ହେଉଥିଲା ।

୧୬. ଭର୍ଣ୍ଣାକୁଲର ପ୍ରେସ - ସ୍ଥାନୀୟ ଭାଷାମାନଙ୍କରେ ସମାଚାର ପତ୍ର ।

# ୧୯

# କମ୍ପାନୀ ଶାସନକୁ ଜନବିରୋଧ

ଭାରତରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନକାଳର ପ୍ରାରମ୍ଭିକ ବର୍ଷମାନଙ୍କରେ ଅନେକ ବିପ୍ଳବ ଏବଂ ବିଦ୍ରୋହ ଦେଖା ଦେଇଥିଲା। ୧୭୫୦ ମସିହାଠାରୁ ୧୮୫୦ ମସିହା ପର୍ଯ୍ୟନ୍ତ ଏକ ଶହ ବର୍ଷ ମଧ୍ୟରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତକୁ ଉପନିବେଶରେ ରୂପାନ୍ତରୀତ କରିବା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରିଥିଲା। ଏହି ସମୟ ମଧ୍ୟରେ ଭାରତରେ ବ୍ରିଟିଶ ଦ୍ୱାରା ଅନେକ ନୀତି ଗ୍ରହଣ କରାଯାଇଥିଲା। ଯାହା ମୁଖ୍ୟତଃ ବ୍ରିଟିଶ ହିତ ନିମିତ୍ତ ଉଦ୍ଦିଷ୍ଟ ଥିଲା। ପରୀକ୍ଷାମୂଳକ ଭାବେ ଅନେକ ଭୂରାଜସ୍ୱ ଆଇନ ପ୍ରଣୀତ ହେଲା। ଏହା କୃଷକମାନଙ୍କୁ ଅନେକ ଯାତନା ଦେଇଥିଲା। ସ୍ଥାନୀୟ ପ୍ରଶାସନ  ନିର୍ଦ୍ଧନ ଗ୍ରାମୀଣମାନଙ୍କୁ ସହାୟତା ଏବଂ ସ୍ୱାଭାବିକ ନ୍ୟାୟ ଦେବାରେ ବିଫଳ ହେଲା। ଏହି ପାଠରେ ଆମ୍ଭେ ଜାଣିବା କି ଔପନିବେଶିକ ପ୍ରଶାସନର କୃଷକ ଏବଂ ଆଦିବାସି ଲୋକମାନେ କିପରି ଦୁଃଖ ଭୋଗ କଲେ ତଥା ସେମାନେ କାହିଁକି ବିଦ୍ରୋହ କଲେ? ମହତ୍ୱପୂର୍ଣ୍ଣ ଗଣ ସଂଘର୍ଷର ସଂକ୍ଷିପ୍ତ ଦର୍ଶନ ଦ୍ୱାରା ଆମ୍ଭେ ଏହି ବିପ୍ଳବର ସ୍ୱରୂପ ଓ ମହତ୍ୱର ବିଶ୍ଳେଷଣ କରିପାରିବା। ୧୮୫୭ର ବିଦ୍ରୋହ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ, କାରଣ ଇଂରେଜ ଶାସନ ବିରୁଦ୍ଧରେ ଉକ୍ତ ଏକିକୃତ ଆନ୍ଦୋଳନରେ ପ୍ରଥମ ଥର ବିଭିନ୍ନ ଜାତି, ଧର୍ମ ଏବଂ ବର୍ଗ ପୃଷ୍ଠଭୂମିର ଲୋକ ଏକଜୁଟ ହୋଇଥିଲେ।

## ଉଦ୍ଦେଶ୍ୟ

ଏହି ପାଠର ଅଧ୍ୟୟନ କରିବା ପରେ ତୁମେ:

- ୧୮୫୭ ପର୍ଯ୍ୟନ୍ତ ହୋଇଥିବା ଗଣ ବିପ୍ଳବର ପୃଷ୍ଠଭୂମି ସମ୍ପର୍କରେ ଚର୍ଚ୍ଚା କରି ପାରିବ।
- ଏହି ବିଦ୍ରୋହର ସ୍ୱରୂପ ଏବଂ ମହତ୍ୱର ବାଖ୍ୟା କରିପାରିବ।
- ଏହାର ସମସ୍ୟାକୁ ଚିହ୍ନି ପାରିବ, ଯେଉଁ କାରଣରୁ ୧୮୫୭ର ବିଦ୍ରୋହ ହେଲା ଏବଂ
- ୧୮୫୭ର ବିଦ୍ରୋହର ସାର୍ଥକତା ଏବଂ ମହତ୍ୱ ବିଶ୍ଳେଷଣ କରି ପାରିବ।

## ୧୯.୧ ଗଣ ବିଦ୍ରୋହ ପାଇଁ ଦାୟି ପରିସ୍ଥିତି

ପ୍ରାରମ୍ଭିକ ପାଠରେ ଆମେ ପଢ଼ିଲୁ ଯେ ଭାରତରେ ବ୍ରିଟିଶ ଶାସନରେ ଭାରତୀୟମାନଙ୍କ ସାମାଜିକ ଏବଂ ଆର୍ଥିକ ଜୀବନରେ ଅନେକ ପରିବର୍ତ୍ତନ ହେଲା। ଔଦ୍ୟୋଗିକ କ୍ରାନ୍ତି (ଏ ସମ୍ପର୍କରେ ଆମ୍ଭେ ଆସନ୍ତା ପାଠରେ ଆହୁରି ଅଧିକ ଜାଣିବା)ରେ ଚାଲୁଥିବା ଇଂଲଣ୍ଡକୁ ଅନ୍ୟ ରାଷ୍ଟ୍ରରେ କଞ୍ଚାମାଲ ଏବଂ ବଜାର ଖୋଜିବା ଆବଶ୍ୟକ ହୋଇଗଲା। ଏହି ଆବଶ୍ୟକତା ଭାରତରେ ଔପନିବେଶିକ ଶାସକମାନଙ୍କ ହିତପାଇଁ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଗତିଶୀଳ





କରାଗଲା । ଆସନ୍ତୁ ଆମେ ଏହି ସମୟ ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥାରେ ଆସିଥିବା କିଛି ମହତ୍ୱପୂର୍ଣ୍ଣ ପରିବର୍ତ୍ତନଗୁଡ଼ିକୁ ସ୍ମରଣ କରିବା ।

- ସମ୍ପତ୍ତି ସମ୍ବନ୍ଧିତ ନୂତନ ନିୟମ ଉପସ୍ଥାପନା କରାଗଲା ଏବଂ ଭୂମିକୁ ବିକ୍ରି ଯୋଗ୍ୟ ବସ୍ତୁ କରାଗଲା ।
- ଭୂମିର ବ୍ୟକ୍ତିଗତ ମାଲିକାନାକୁ ମାନ୍ୟତା ପ୍ରଦାନ କରାଗଲା ଏବଂ ଜମିର ମାଲିକ ଏବଂ ଚାଷି ମାନଙ୍କ ମଧ୍ୟରେ ଅନେକ ମଧ୍ୟସ୍ଥ ଆସିଗଲେ ।
- ବ୍ରିଟିଶ ପୁଞ୍ଜିପତିମାନଙ୍କୁ ଲାଭ ଦେବା ପାଇଁ ଖାଦ୍ୟ ଫସଲ ପରିବର୍ତ୍ତେ ବାଣିଜ୍ୟିକ ଫସଲକୁ ପ୍ରୋତ୍ସାହିତ କରାଗଲା ।
- ବଣିକ, ଅମଲା, ଜମିଦାରମାନଙ୍କ ଦ୍ୱାରା ଜମିରେ ଫଟକା କାରବାର ଏବଂ ପୁଞ୍ଜିନିବେଶ କରିବା ଫଳରେ ଦୂରସ୍ଥ ଭୂ-ସ୍ୱାମୀ ପରିପାଟୀର ଉଦ୍ଭବ ହେଲା ।
- ବର୍ଦ୍ଧିତ କର ବୃଦ୍ଧିରେ କୃଷକ ସହଜରେ ରାଜସ୍ୱ ସଂଗ୍ରହକର୍ତ୍ତା, ବ୍ୟାପାରି ଏବଂ ସାହୁକାରମାନଙ୍କର ଶିକାର ହୋଇଗଲେ ।
- ଭାରତରୁ ଇଂଲଣ୍ଡକୁ ଧନର ସ୍ଥାନାନ୍ତକରଣ ଏକ ସାମାନ୍ୟ କଥା ହୋଇଗଲା ।
- ବ୍ରିଟେନରେ ଉତ୍ପାଦିତ ବସ୍ତୁଗୁଡ଼ିକ ବଜାରରେ ସ୍ଥାନ ଦେବା ପାଇଁ ସ୍ଥାନୀୟ ଉଦ୍ୟୋଗକୁ ଚପାଇ ଦିଆଗଲା ।
- ବ୍ରିଟିଶ ସରକାରଙ୍କ ଭୂ-ରାଜସ୍ୱ ନୀତିର କାରଣ ହେତୁ ଆଦିବାସୀମାନେ ଜମି ଉପରେ ନିଜର ପରମ୍ପରାଗତ ଅଧିକାରକୁ ହରେଇ ବସିଲେ ।

ଏହି ସବୁ ପରିବର୍ତ୍ତନ ଯୋଗୁଁ ଗ୍ରାମୀଣ ସମାଜ ବିଶେଷ ଭାବରେ କୃଷକ ଏବଂ ଆଦିବାସୀମାନଙ୍କୁ ଭୟଙ୍କର ଧକ୍କା ଲାଗିଲା । କୃଷକମାନଙ୍କ ପାଇଁ କୃଷି ଅର୍ଥ ବ୍ୟବସ୍ଥା ଏବଂ ସାମାଜିକ ଢ଼ାଞ୍ଚାରେ ନୂତନ ପରିବର୍ତ୍ତନର ଅର୍ଥ କୃଷକକୁ ଅଧିକରୁ ଅଧିକ ତଥା ବ୍ୟବସ୍ଥିତ ଶୋଷଣ ଥିଲା ।

ପୁନଃ ସ୍ମୃତିଚାରଣ କରାଯାଉ, ଔପନିବେଶିକ ଶାସକଙ୍କ ଦ୍ୱାରା ଉଚ୍ଚ ଦରରେ ନିର୍ଦ୍ଧାରିତ ରାଜସ୍ୱ ଠିକ୍ ସମୟରେ ଅସୁଲ କରିବାର ଉଦ୍ଦେଶ୍ୟ ଥିଲା । ରାଜସ୍ୱ ଠୁଳ କରିବା ପାଇଁ ଲାଗିଥିବା ଜମିଦାର ଏବଂ ଅନ୍ୟ ବ୍ୟକ୍ତିମାନଙ୍କର, କୃଷକମାନଙ୍କର ରାଜସ୍ୱ ପଇଠ କରିବା କ୍ଷମତା ରହିଛି କି ନାହିଁ ସେଥିରେ ସେମାନଙ୍କର କୌଣସି ଉଦ୍ଦେଶ୍ୟ ନଥିଲା ଏବଂ ଏମାନେ ଜବରଦସ୍ତ ଖଜଣା ଅସୁଲ କରୁଥିଲେ । ବର୍ଦ୍ଧିତ କରର ଚାହିଦାକୁ ପୁରା କରିବାକୁ କୃଷକ ତାର ଜମି ବିକ୍ରି କରିବାକୁ ବାଧ୍ୟ ହୋଇଯାଉଥିଲା ଅଥବା ସାହୁକାରମାନଙ୍କ ଚକଡରେ ଫସି ଯାଉଥିଲା । ସ୍ଥାନୀୟ ପ୍ରଶାସନ ପାଖରୁ ନ୍ୟାୟର ଆଶା କରାଯାଉ ନଥିଲା । କାରଣ ଏମାନେ ଧନୀ ଲୋକଙ୍କ ପ୍ରଭାବରେ ଥିଲେ । ଏହି ପ୍ରକାର ଔପନିବେଶିକ ଶାସନ କାଳରେ କର୍ମଚାରୀ, ଭୂ-ସ୍ୱାମୀ ଏବଂ ସାହୁକାର କୃଷକମାନଙ୍କୁ ଶୋଷଣ କରିବାକୁ ଏକଜୁଟ ହୋଇଗଲେ । ସନ ୧୭୭୦ରେ ବଙ୍ଗଳାରେ ପଡ଼ିଥିବା ଦୁର୍ଭିକ୍ଷ, ଗ୍ରାମୀର ସମାଜ ପ୍ରତି ବ୍ରିଟିଶ ନୀତିର ବିଧ୍ୱଂସକାରୀ ପରିଣାମର ଏକ ଲିଖିତ ସାକ୍ଷ ଥିଲା । ଅର୍ଥ ବ୍ୟବସ୍ଥାର ଉପନିବେଶନ ସହିତ ସ୍ଥାନୀୟ ଶାସନ ଏବଂ ସମାଜରେ ବ୍ରିଟିଶ ପରିବର୍ତ୍ତନ ଆଣିଲେ ଏବଂ ତାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଏବଂ ଆନ୍ଦୋଳନ ସୃଷ୍ଟି କଲା । ବିଭିନ୍ନ ପରିସ୍ଥିତିରେ ସଙ୍କଟମୟ ଅବସ୍ଥା ବିଦ୍ରୋହର ରୂପ ନେଲା ।

**ପାଠ୍ୟଗତ ପ୍ରଶ୍ନ - ୧୯.୧**

୧. ଭାରତୀୟ କୃଷକମାନେ ବ୍ରିଟିଶ ସରକାରଙ୍କ ଦ୍ୱାରା କର ବୃଦ୍ଧିର ଆବଶ୍ୟକତାକୁ କିପରି ପୂରା କଲେ ?

..............................................................................................

୨. ଔପନିବେଶିକ ଶାସନ ଅନ୍ତର୍ଗତ କୃଷକମାନଙ୍କୁ ଶୋଷଣ କରିବା ପାଇଁ କେଉଁ କେଉଁ ଏଜେନସିଗୁଡିକ ଗଠବନ୍ଧନ କରିଥିଲେ ?

..............................................................................................

## ୧୯.୨ ମୁଖ୍ୟ ବିଦ୍ରୋହ

ବ୍ରିଟିଶ ସରକାରଙ୍କୁ ପ୍ରାରମ୍ଭିକ ବିରୋଧର ସ୍ୱରୂପ ଏବଂ ମହତ୍ୱକୁ ବିଶ୍ଲେଷଣ କରିବା ପୂର୍ବରୁ ଆମେ କେତେକ ବିଦ୍ରୋହ ବିଷୟରେ ଜାଣିବା ଠିକ୍ ହେବ । ୧୭୬୦ ମସିହାଠାରୁ ୧୮୫୭ର ବିଦ୍ରୋହ ପର୍ଯ୍ୟନ୍ତ ଭାରତରେ ବିଭିନ୍ନ ଭାଗରେ କେତେକ ବିଦ୍ରୋହ ହୋଇଥିଲା । ଏହି ବିଦ୍ରୋହ ଉପରେ ଆମେ ଦୁଇଟି ଶ୍ରେଣୀ, କୃଷକ ବିଦ୍ରୋହ ତଥା ଆଦିବାସୀ ବିଦ୍ରୋହ ଉପରେ ଚର୍ଚ୍ଚା କରିବା ।

### ୧. କୃଷକ ବିଦ୍ରୋହ

କର ବୃଦ୍ଧି ଭାର ଭୂ-ସମ୍ପତ୍ତିରୁ ବେଦଖଲ ଏବଂ ବଙ୍ଗଳାରେ ପଡିଥିବା ଦୁର୍ଭିକ୍ଷ ଯୋଗୁଁ କୃଷକମାନଙ୍କର ଏକ ବୃହତ୍ତ ବର୍ଗ ନିର୍ଦ୍ଧନ ହୋଇଗଲେ । ସମ୍ପତ୍ତିରୁ ବେଦଖଲ ହୋଇଥିବା ଅନେକ ଲୋକ ସନ୍ନ୍ୟାସୀ ଏବଂ ଫକୀର ହୋଇଗଲେ । ଯଦିଚ ଏମାନେ ଧାର୍ମିକ ଭିକାରୀ ଥିଲେ ତଥାପି ଏମାନେ ଅମୀରମାନଙ୍କର ଖାଦ୍ୟ ଶସ୍ୟ ଗୋଦାମ ଏବଂ ସ୍ଥାନୀୟ ସରକାରଙ୍କ କୋଷାଗାରକୁ ଲୁଟ୍ କଲେ । ଏହି ସନ୍ନ୍ୟାସୀମାନେ ଅନେକ ସମୟରେ ସେମାନଙ୍କର ସମ୍ପତ୍ତି ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ତଥା ସେମାନେ ସେମାନଙ୍କର ନିଜସ୍ୱ ସରକାର ଗଠନ କରୁଥିଲେ । ଏହା ସତ୍ତ୍ୱେ ସେମାନେ ବ୍ରିଟିଶ ଶାସକଙ୍କ ଶକ୍ତ ଦମନମୂଳକ ପଦକ୍ଷେପ ସମ୍ମୁଖରେ ସେମାନଙ୍କର ଆନ୍ଦୋଳନକୁ ଦୀର୍ଘଦିନ ଜାରି ରଖି ପାରିଲେ ନାହିଁ । ବଙ୍କିମ ଚନ୍ଦ୍ର 'ସନ୍ନ୍ୟାସୀ ଆନ୍ଦୋଳନ'କୁ ଚିରଞ୍ଜିବି ରଖିବା ପାଇଁ 'ଆନନ୍ଦ ମଠ' ନାମକ ଏକ ଉପନ୍ୟାସ ରଚନା କରିଥିଲେ ।

ରଙ୍ଗପୁର ଏବଂ ଦିନାଜପୁର ନାମକ ବଙ୍ଗଳାର ଦୁଇଟି ଜିଲ୍ଲାର କୃଷକମାନେ ରାଜସ୍ୱ ଠିକାଦାରମାନଙ୍କ ଅତ୍ୟାଚାରରେ ଦୁଃଖ ପାଇଲେ । ଏମିତି ଜଣେ ରାଜସ୍ୱ ଠିକାଦାର, ଦେବୀ ସିଂହ କର ଆଦାୟ କରିବା ପାଇଁ କୃଷକମାନଙ୍କ ଉପରେ ଅତ୍ୟାଚାର କରି ଭୟ ସଞ୍ଚାର କରିଥିଲେ । ଯେତେବେଳେ ବ୍ରିଟିଶ ଅଧିକାରୀମାନେ କୃଷକମାନଙ୍କୁ ରକ୍ଷା କରିବା ପାଇଁ ବିଫଳ ହେଲେ ସେତେବେଳେ କୃଷକମାନେ ଆଇନକୁ ନିଜ ହାତକୁ ନେଇଗଲେ । ସେମାନେ ସରକାରଙ୍କ ସ୍ଥାନୀୟ କଚେରୀ ତଥା ଠିକାଦାର ଏବଂ ସରକାରୀ କର୍ମଚାରୀମାନଙ୍କ ଗୋଦାମଗୁଡିକ ଉପରେ ଆକ୍ରମଣ କଲେ । ବିଦ୍ରୋହୀମାନେ ସ୍ୱୟଂ ନିଜର ସରକାର ଗଢ଼ିଲେ ତଥା କମ୍ପାନୀ ଏଜେଣ୍ଟଗୁଡିକୁ ରାଜସ୍ୱ ପ୍ରଦାନ କରିବା ବନ୍ଦ କରିଦେଲେ । ଏହି ବିଦ୍ରୋହ ୧୭୮୩ରେ ହେଲା ।

ପରିଶେଷରେ ବିଦ୍ରୋହଗୁଡ଼ିକ କମ୍ପାନୀ ଅଧିକାରୀମାନଙ୍କ ନିକଟରେ ସମର୍ପଣ କରିବାକୁ ବାଧ ହେଲେ ।

ଦକ୍ଷିଣ ଭାରତରେ ମଧ ସ୍ଥିତି ପରିସ୍ଥିତି ଭିନ୍ନ ନଥିଲା । ବେଦଖଲ ହୋଇଥିବା ଭୂ-ସ୍ୱାମୀମାନେ ଏବଂ ବିସ୍ଥାପିତ କୃଷକମାନେ ବିଦ୍ରୋହ କଲେ । ତାମିଲନାଡୁର ମାଲାବାର ଉପକୂଳ ଏବଂ ତଟୀୟ ଆନ୍ଧ୍ରପ୍ରଦେଶର ପୋଲିଗାରମାନେ ଅଷ୍ଟାଦଶ ଶତାବ୍ଦୀର ଶେଷାର୍ଦ୍ଧରେ ଏବଂ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଔପନିବେଶିକ ସରକାର ବିରୁଦ୍ଧରେ ବିଦ୍ରୋହ କରିଥିଲେ । ମାଲାବାରର ମାପଲିଅସ ବିଦ୍ରୋହ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ମାଲାବାରର ମାପିଲା ଏଠାରେ ବସତି କରିଥିବା ଆରବ ଜାତିର ଲୋକମାନଙ୍କର ବଂଶଜ ଥିଲେ ଏବଂ ସେମାନେ ଧର୍ମ ପରିବର୍ତ୍ତନ କରି ହିନ୍ଦୁ ହୋଇଥିଲେ । ଏମାନଙ୍କ ମଧ୍ୟରୁ ଅଧିକାଂଶ ଜମିର ଚାଷ କରୁଥିବା ରୟତ, ଭୂମିହୀନ ଶ୍ରମିକ, ଛୋଟ ଛୋଟ ବ୍ୟବସାୟୀ ତଥା ମାଛଧରାଳି ଥିଲେ । ବ୍ରିଟିଶ ଦ୍ୱାରା ଅଷ୍ଟାଦଶ ଶତାବ୍ଦୀର ଅନ୍ତିମ ଦଶକରେ ମାଲାବାର ଉପରେ ବିଜୟ ତଥା ମାଲାବାରରେ ବ୍ରିଟିଶ ଭୂ-ରାଜସ୍ୱ ପ୍ରଶାସନ ପ୍ରାରମ୍ଭ ହେବା ସହିତ ମାପିଲାମାନେ କ୍ରୋଧୀତ ହୋଇଗଲେ । ଅତ୍ୟଧୀକ କର ନିର୍ଦ୍ଧାରଣ, ଅବୈଧ କର, ଜମିରୁ ବେଦଖଲୀ ଓ ଭୂ-ସମ୍ପତ୍ତି ଅଧିକାରରେ ପରିବର୍ତ୍ତନ ଇତ୍ୟାଦି ଅସନ୍ତୋଷ ବୃଦ୍ଧିର କାରଣ ଥିଲା । ଏଇଥିପାଇଁ ସେମାନେ ବ୍ରିଟିଶ ଏବଂ ଭୂ-ସ୍ୱାମୀମାନଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ଧାର୍ମିକ ଗୁରୁମାନେ ମାପିଲା ମାନଙ୍କର ଏକତାକୁ ମଜବୁତ କରିବାକୁ ଏବଂ ବ୍ରିଟିଶ ବିରୁଦ୍ଧ ଚେତନାର ବିକାଶ କରିବାରେ ସହାୟତା କଲେ । ଏହି ମାପିଲାମାନଙ୍କୁ ଔପନିବେଶିକ ଶାସକମାନଙ୍କ ଦ୍ୱାରା ଦମନ କରାଗଲା ।

ଉତ୍ତର ଭାରତର ପଶ୍ଚିମ ଉତ୍ତର ପ୍ରଦେଶ ଏବଂ ହରିଆନାର ଜାଠମାନେ ସନ ୧୮୨୪ରେ ବିଦ୍ରୋହ କଲେ । ପଶ୍ଚିମ ଭାରତରେ ମହାରାଷ୍ଟ୍ର ବିଦ୍ରୋହର ସର୍ମସାଧାରଣ କେନ୍ଦ୍ର ଥିଲା ତଥା ଗୁଜରାଟରେ କୁଲିମାନେ ବିଦ୍ରୋହ କଲେ । ଆମେ କିଶାନ ବିଦ୍ରୋହର ସୂଚୀରେ ଆହୁରି ଅଧିକ କିଛି ସମ୍ମିଳିତ କରିପାରିବୁ ମାତ୍ର ଏବେ ଆମେ ଆଦିବାସୀ ବିଦ୍ରୋହର ଅବଲୋକନ କରିବା ।

### ୨. ଆଦିବାସୀ ବିଦ୍ରୋହ

ଔପନିବେଶିକ ଶାସନର ସ୍ଥାପନାରେ ଆଦିବାସୀମାନେ ମଧ ପ୍ରଭାବିତ ହୋଇଥିଲେ । ଜନସମୁଦାୟ ମୁଖ୍ୟ ଧାରାରୁ ଅଲଗା ରହୁଥିବା ଆଦିବାସୀ ନିଜର ସଂସ୍କାରରେ ରହୁଥିଲେ ଏବଂ ସେମାନଙ୍କର ନିଜର ପରମ୍ପରା ଏବଂ ରୀତି-ନୀତି ଲାଗୁ ହେଉଥିଲା । ଔପନିବେଶିକ ସରକାର ଆଦିବାସୀମାନଙ୍କର ଭୂମି ଦଖଲ କରିନେଲେ ଏବଂ ଆଦିବାସୀମାନଙ୍କଠାରୁ ଜୋର ଜବରଦସ୍ତି ଜମି ଛଡ଼ାଇ ନେଲେ । ଆଦିବାସୀ ସେମାନଙ୍କର ଭୂମି ଉପରେ ଔପନିବେଶିକ ପ୍ରଶାସନର ପ୍ରବେଶ ପାଇଁ ସେମାନେ କ୍ରୋଧିତ ହେଲେ । ଉଦାହରଣ ସ୍ୱରୂପ ଖନ-ଦେଶର ଭିଲ ଏବଂ ସିଂହଭୂମିର କୋହ୍ଲମାନେ ସେମାନଙ୍କର ସ୍ଥାନୀୟ ଶାସକମାନଙ୍କ ଶାସନରୁ ସ୍ୱତନ୍ତ୍ର ଥିଲେ । କିନ୍ତୁ ସେମାନଙ୍କ ଅଞ୍ଚଳ ବ୍ରିଟିଶମାନଙ୍କ କବଳିତ ହେବା ଦ୍ୱାରା ସେହି ଆଦିବାସୀ ଭୂମି ଉପରେ ବ୍ୟାପାରି, ସାହୁକାର ଏବଂ ବ୍ରିଟିଶ ପ୍ରଶାସନର ପ୍ରବେଶ ଫଳରେ ଆଦିବାସୀ ମୁଖିଆମାନଙ୍କର ଅଧିକାର ହ୍ରାସ ହେଲା । ଏହି କାରଣରୁ ଆଦିବାସୀ ନେତାମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ ତଥା ସେମାନେ ଆଦିବାସୀ କ୍ଷେତ୍ରରେ ସମସ୍ତ ବହିଃ ବ୍ୟାପାରିମାନଙ୍କୁ ଆକ୍ରମଣର ଲକ୍ଷ୍ୟ ପ୍ରସ୍ତୁତ କଲେ । ବ୍ରିଟିଶ ସରକାର ଦ୍ୱାରା ଏହି ବିଦ୍ରୋହଗୁଡ଼ିକୁ ଦମନ କରାଗଲା ।





ଏହି ପ୍ରକାର ସାନ୍ତାଳ ଜନଜାତିର ଲୋକମାନେ ବଙ୍ଗଳା, ବିହାର ଏବଂ ଓଡିଶା ସୀମାରେ ଏକ ବୃହତ୍ତ ଭୂଭାଗରେ ରହୁଥିଲେ। ସେମାନଙ୍କର ଜୀବନ ଜିବୀକା ଜଙ୍ଗଲର ବନସ୍ପତି ଏବଂ ପ୍ରାଣୀମାନଙ୍କ ଉପରେ ନିର୍ଭର ଥିଲା। ବ୍ରିଟିଶ ଶାସନ ପ୍ରାରମ୍ଭ ହେବାପରେ ସେମାନେ ସେହି ଭୂମି ଉପରେ କୃଷିକାର୍ଯ୍ୟ ଆରମ୍ଭ କଲେ ସେତେବେଳେ ସେମାନଙ୍କଠାରୁ ସେହି ଜମି ଜୋରଜବରଦସ୍ତ ଛଡାଇ ନିଆ ଯାଉଥିଲା। ଏହିପରି ସେମାନଙ୍କ ଜମି ଉପରେ ଭୂସ୍ୱାମୀ ବ୍ୟାପାରୀ ଏବଂ ସାହୁକାରମାନଙ୍କ ପ୍ରବେଶରେ ସାଧାରଣ ଜୀବନଯାପନ କରୁଥିବା ସାନ୍ତାଳମାନେ ଦୁର୍ଦ୍ଦଶା ଭୋଗ କରି ଅତ୍ୟାଚାର ସହିବାକୁ ଲାଗିଲେ। ଏହି ଅତ୍ୟାଚାର ଫଳରେ ସାନ୍ତାଳମାନଙ୍କୁ ସେମାନଙ୍କର ଅସ୍ତ୍ର ଉଠାଇବା ପାଇଁ ବାଧ କଲା ଏବଂ ସେମାନେ ସିଦ୍ଧୁ ଏବଂ କାହ୍ନୁ ନାମକ ଦୁଇ ଭାଇଙ୍କୁ ସେମାନଙ୍କର ନେତା କଲେ। ସେମାନେ ବିଶ୍ୱାସ କରୁଥିଲେ ଯେ ସିଦ୍ଧୁ ଏବଂ କାହ୍ନୁ ଦୁଇ ଭାଇଙ୍କୁ ଦେବତାମାନଙ୍କର ଏପରି ଆଶିର୍ବାଦ ପ୍ରାପ୍ତ ହୋଇଛି ଯେ ସେମାନେ ଆଦିବାସୀଙ୍କର ଦୁର୍ଦ୍ଦଶାକୁ ସମାପ୍ତ କରିଦେବେ। ସେମାନେ ସେମାନଙ୍କର ଜମି ଫେରସ୍ତ ନେବା ପାଇଁ ଏବଂ ନିଜର ସରକାର ନିଜେ ସ୍ଥାପନ କରିବା ପାଇଁ ନିର୍ଣ୍ଣୟ କଲେ। ଏହି ବିଦ୍ରୋହୀ ସାନ୍ତାଳମାନଙ୍କୁ ଗୋପାଳ, ତେଲି, କମାର ଏବଂ ଅନ୍ୟ ସ୍ଥାନୀୟ ଗରିବ ଲୋକମାନଙ୍କର ସମର୍ଥନ ପ୍ରାପ୍ତ ଥିଲା। ବିଦ୍ରୋହୀ ସାନ୍ତାଳ ପରିଶେଷରେ ବ୍ରିଟିଶର ନିର୍ଦ୍ଦୟତାପୂର୍ଣ୍ଣ ଅତ୍ୟାଚାର ଆଗରେ ବିଫଳ ହୋଇଥିଲେ।

## ୧୯.୩ ପ୍ରାରମ୍ଭିକ ବିଦ୍ରୋହର ସ୍ୱରୂପ ଏବଂ ମହତ୍ୱ

ଉପରୋକ୍ତ ଗଣ ବିଦ୍ରୋହର ବର୍ଣ୍ଣନାରୁ ଏହି ବିଦ୍ରୋହମାନଙ୍କର ସ୍ୱରୂପ ସମ୍ପର୍କରେ କେତେକ ବିନ୍ଦୁଗୁଡ଼ିକୁ ସ୍ପଷ୍ଟ କରୁଛି।

- ବିଦ୍ରୋହୀମାନଙ୍କର କାର୍ଯ୍ୟ ଏହା ପ୍ରମାଣିତ କରୁଛି ଯେ ସେମାନଙ୍କୁ ସେମାନଙ୍କର ସ୍ୱାର୍ଥ ଏବଂ ସେମାନଙ୍କର ଶତ୍ରୁଙ୍କ ସମ୍ପର୍କରେ ସ୍ପଷ୍ଟ ଜ୍ଞାନ ଥିଲା। କୃଷକ ଏବଂ ଆଦିବାସୀ ବିରୋଧ ଆନ୍ଦୋଳନର କିଛି ବିଶେଷତା ସେମାନଙ୍କ ଭିତରେ ଜନ୍ମିଥିବା ରାଜନୈତିକ ଏବଂ ସାମାଜିକ ସଚେତନତାର ଏକ ନିଶ୍ଚିତ ସ୍ତରକୁ ଦର୍ଶାଉଅଛି।

- ଅନେକ କ୍ଷେତ୍ରରେ ସ୍ଥାନୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ କାରଣରୁ ବିଦ୍ରୋହ ଆରମ୍ଭ ହୋଇଥାଇପାରେ। ମାତ୍ର ଏହି ଆନ୍ଦୋଳନର ପ୍ରସାର ସମୟରେ ଏହାର ଉଦ୍ଦେଶ୍ୟ ଆହୁରି ବ୍ୟାପକ ହୋଇଗଲା। ଆନ୍ଦୋଳନର ପ୍ରାରମ୍ଭିକ କାରଣ ସ୍ଥାନୀୟ ଭୂମି ମାଲିକ, ମାଲିକମାନଙ୍କ ଦ୍ୱାରା ଦମନାତ୍ମକ ଥିବା ବେଳେ, ଥରେ ଏହି ଆନ୍ଦୋଳନ ଆରମ୍ଭ ହୋଇଗଲେ ଏହାର ପରିସମାପ୍ତି ବ୍ରିଟିଶ ସାମ୍ରାଜ୍ୟ ପ୍ରତି ବିରୋଧର ରୂପ ନେଉଥିଲା।

- ଧାର୍ମିକ ବିଶ୍ୱାସ, ଜାତୀୟ ସମ୍ବନ୍ଧ ଏବଂ ପରମ୍ପରା, କୃଷକମାନଙ୍କୁ ଏକଜୁଟ ହେବାପାଇଁ ତଥା ସେମାନଙ୍କର ଏକତାକୁ ସୁଦୃଢକରିବାରେ ସକାରାତ୍ମକ ଭୂମିକା ଲିଭାଇଲା। ଅନେକ ଥର ନିଜର ଅତୀତର ସୁଖଦ ବିଚାର ବିଦ୍ରୋହୀମାନଙ୍କୁ ସେମାନଙ୍କର ହଜି ଯାଇଥିବା ଅତୀତକୁ ଫେରି ପାଇବା ପାଇଁ ପ୍ରେରିତ କଲା। ଅତୀତର ସ୍ମରଣ ମୁଖ୍ୟତଃ ବିଦ୍ରୋହୀଙ୍କ ନିମିତ୍ତ ଶୋଷଣ ଏବଂ ଅତ୍ୟାଚାରର ପୀଡାରୁ ମୁକ୍ତି ପ୍ରାପ୍ତି ଥିଲା।

- ବିଦ୍ରୋହ, ଆଇନ ଶୃଙ୍ଖଳା ଏବଂ ଅପରାଧକୁ ଏକ ସଂଜ୍ଞା ଦେବା ପାଇଁ ଶାସକ ବର୍ଗଙ୍କ ଦ୍ୱାରା ପଦକ୍ଷେପ ନିଆଗଲା। ଏହା କୃଷକମାନଙ୍କର ଅସୁବିଧାକୁ ଶୁଣିବା, ବୁଝିବା ଏବଂ

ସେମାନଙ୍କର ପ୍ରତିରୋଧ ଅଧିକାରକୁ ସମ୍ପୂର୍ଣ୍ଣ ଭାବରେ ଅସ୍ୱିକାର କରିବା ଅଟେ । କୃଷକ ଆଦିବାସୀମାନଙ୍କ କାର୍ଯ୍ୟ ପ୍ରଣାଳୀକୁ ସେମାନଙ୍କର ନିଜ ଢ଼ଙ୍ଗରେ ବୁଝିବା ଆବଶ୍ୟକ ଅଟେ ।

- ଯାହା ହେଉନା କାହିଁକି ବିଦ୍ରୋହ ପୁରୁଣା ଢ଼ାଞ୍ଚାର ପୁନଃପ୍ରବର୍ତ୍ତନ ବ୍ୟତୀତ କୌଣସି ଭବିଷ୍ୟତ ଯୋଜନା ନଥିଲା । ସେମାନଙ୍କର ସ୍ୱଚ୍ଛନିଷ୍ଠ ଅଭିପ୍ରାୟ ସଂକୀର୍ଣ୍ଣ ବୈଶିକ ବିଚାର ପରିବର୍ତ୍ତେ ବିଦ୍ରୋହ ଔପନିବେଶିକ ଶାସନର ଲୋକପ୍ରିୟତା ଗୁଣକୁ ନିଶ୍ଚିତ ଭାବେ ପ୍ରକାଶ କଲା ।

### ପାଠଗତ ପ୍ରଶ୍ନ ୧୯.୨

୧. ସାନ୍ତାଳ ବିଦ୍ରୋହ କେଉଁ କ୍ଷେତ୍ରରେ ହୋଇଥିଲା ?

........................................................................................................

୨. କେଉଁ ଉପନ୍ୟାସରେ ସନ୍ୟାସୀ ବିଦ୍ରୋହକୁ ଚିରସ୍ମରଣୀୟ କଲା ?

........................................................................................................

## ୧୯.୪ ୧୮୫୭ ବିଦ୍ରୋହର କାରଣ ଏବଂ କାର୍ଯ୍ୟ ପ୍ରଣାଳୀ

ପ୍ରାରମ୍ଭିକ ଭାଗରେ ଆମେ ପଢ଼ିଲୁ ଯେ ବିଭିନ୍ନ ସମୟରେ ଭାରତର ବିଭିନ୍ନ ଭାଗରେ ବ୍ରିଟିଶ ସାମ୍ରାଜ୍ୟକୁ ଗଣ-ବିଦ୍ରୋହ ଗୁଡ଼ିକ କିପରି ଆହ୍ୱାନ ଦେଲେ । ଆମେ ପ୍ରଥମ ଥର ପାଇଁ ଦେଖିଲୁ ୧୮୫୭ରେ ବ୍ରିଟିଶ ବିଜୟ ବିରୁଦ୍ଧରେ ସମାଜରେ ଅନ୍ୟ କିଛି ବର୍ଗଙ୍କ ସହିତ ଅସନ୍ତୁଷ୍ଟ କୃଷକ ଆନ୍ଦୋଳନରେ ସମାଜର ବିଭିନ୍ନ ବର୍ଗ ଏକଜୁଟ ହୋଇଗଲେ । କେତେକ ଐତିହାସିକ ୧୮୫୭ ଘଟଣାକୁ ଜାତୀୟବାଦର ପ୍ରାରମ୍ଭିକ ଅଭିବ୍ୟକ୍ତି ବୋଲି ବୁଝୁଥିଲେ ।

### ବିଦ୍ରୋହର କାରଣ

କେତେକ ନିର୍ଦ୍ଦିଷ୍ଟ ଅଭିଯୋଗ ପ୍ରକୃତରେ ବ୍ରିଟିଶ ରାଜ ବିରୁଦ୍ଧରେ ଜନ ଅସନ୍ତୋଷକୁ କ୍ଷୀପ୍ର କରିଥିଲା ଏବଂ ତାହା ୧୮୫୭ ବିପ୍ଳବକୁ ଆଗେଇ ନେଇଥିଲା । ଏହି ବିପ୍ଳବ ମେ ୧୦ ତାରିଖ ଦିନ ମିରୁଠରେ ପ୍ରାରମ୍ଭ ହେଲା ଯେତେବେଳେ ସିପାହୀମାନେ ବିଦ୍ରୋହ କଲେ ଏବଂ ଶେଷ ମୋଗଲ ବାଦଶାହ ଦ୍ୱିତୀୟଙ୍କ ସିଂହାସନରେ ବସାଇବା ପାଇଁ ଦିଲ୍ଲୀ ଆଡକୁ ଅଗ୍ରସର ହେଲେ । ସିପାହୀଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ଏହି ବିଦ୍ରୋହ ବହୁତ ଶୀଘ୍ର ସମାଜର ଅନ୍ୟ ବର୍ଗ ମାନଙ୍କ ମଧ୍ୟରେ ସମ୍ପ୍ରସାରଣ ହୋଇଗଲା । ଏଭଳି କାହିଁକି ହେଲା ? ବ୍ରିଟିଶ ସରକାରଙ୍କ ଦ୍ୱାରା ଭୂରାଜସ୍ୱ ଏବଂ ରାଜସ୍ୱର ବର୍ଦ୍ଧିତ ପ୍ରଣାଳୀ ଏବଂ ପ୍ରଶାସନିକ ଢ଼ାଞ୍ଚାରେ ପରିବର୍ତ୍ତନ କରିବା ଫଳରେ ସ୍ଥାନୀୟ ଜନସମୁଦାୟ ଏହାର ସ୍ଥିତିକୁ ଅସ୍ୱୀକାର କଲେ । ଲର୍ଡ ଡେଲହାଉସୀଙ୍କର ସଂଯୋଜନ ନୀତି ଏବଂ ପରିସମାପ୍ତି ସିଦ୍ଧାନ୍ତ ବିଶେଷ ଭାବରେ ଅବଧ ଓ ଉତ୍ତର ଏବଂ ମଧ୍ୟ ଭାରତର ଅନ୍ୟ ଭାଗ ସଂଯୋଜନରେ ଏହି କ୍ଷେତ୍ରରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ବ୍ୟାପିଗଲା । ଭୂମି-ମୁଖ୍ୟ ଆର୍ଥିକ ସଂସାଧନ କାରଣରୁ ବ୍ରିଟିଶ ଦ୍ୱାରା ଭାରତରେ





ବିଭିନ୍ନ ଭୂ-ରାଜସ୍ୱ ବନ୍ଦୋବସ୍ତ ଯେପରି ସ୍ଥାୟୀ ବନ୍ଦୋବସ୍ତ, ରୟତୱାରୀ ବନ୍ଦୋବସ୍ତ, ମହଲୱାରୀ ବନ୍ଦୋବସ୍ତ ଆଦି ଆରମ୍ଭ କରାଗଲା, ଯାହାର ସ୍ଥାନୀୟ ସମାଜରେ ଜମି-ବଣ୍ଟନ ଏବଂ କ୍ଷମତା ବିତରଣ ଉପରେ ମହତ୍ୱପୂର୍ଣ୍ଣ ପ୍ରଭାବ ପଡିଲା । ନୂତନ ଭୂ-ବନ୍ଦୋବସ୍ତର ମୁଖ୍ୟ ଉଦ୍ଦେଶ୍ୟ ସରକାରଙ୍କ ରାଜସ୍ୱ ଆୟକୁ ବଢ଼ାଇବା ଏବଂ ସ୍ଥାନୀୟ ଏଜେଣ୍ଟ ବର୍ଗର ସୃଷ୍ଟି କରିବା ଯେଉଁମାନେ ବ୍ରିଟିଶ ସାମ୍ରାଜ୍ୟର ସମର୍ଥନ କରୁଥିଲେ । ଏହି ସବୁ କାରଣ କୃଷକ ଉପରେ ଅନର୍ଥକାରୀ ପ୍ରଭାବ ପଡିଲା ଏବଂ ରାଜସ୍ୱର ବର୍ଦ୍ଧିତ ଅସୁଲ ଫଳରେ ତାଲୁକଦାର ଏବଂ ଅନ୍ୟ ମୁଖିଆମାନେ ମଧ୍ୟ ବାଧ୍ୟ ହୋଇ ଜମି ବିକ୍ରି କରୁଥିଲେ । ସାହୁକାରୀ ଏବଂ ସମ୍ପତ୍ତି ନିଲାମୀ ଫଳରେ କୃଷକମାନଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଦେଲା । ଇଂଲଣ୍ଡ ପ୍ରସ୍ତୁତ ବସ୍ତୁର ପ୍ରସାହନ ଏବଂ ଘରୋଇ ଉଦ୍ୟୋଗର ଉପେକ୍ଷା ଫଳରେ କାରୀଗର ଏବଂ ହସ୍ତଶିଳ୍ପୀମାନଙ୍କ ଉପରେ ଖରାପ ପ୍ରଭାବ ପଡିଲା ।

ଆର୍ଥିକ ଅଭିଯୋଗ ଅତିରିକ୍ତ ନିଜର ପୁରୁଣା ରୀତି-ନୀତି ଏବଂ ପରମ୍ପରାରେ ବ୍ରିଟିଶ ହସ୍ତକ୍ଷେପ ବିରୁଦ୍ଧରେ ସ୍ଥାନୀୟ ସମାଜରେ ସାମାଜିକ ସ୍ତରରେ ମଧ୍ୟ କଡା ପ୍ରତିକ୍ରିୟା ପ୍ରକାଶ ପାଇଲା । ସମାଜରେ ଜାତିଗତ ଶ୍ରେଷ୍ଠତାର ଦର୍ଶନ ବ୍ୟାପକ ହେବା କାରଣରୁ ବ୍ରିଟିଶ ଅଧିକାରିମାନଙ୍କର ଏକ ବର୍ଗ ଭାରତକୁ ଆଧୁନିକ ଏବଂ ସଭ୍ୟ ପ୍ରସ୍ତୁତ କରିବା କାର୍ଯ୍ୟରେ ନିୟୋଜିତ କରା ହୋଇଥିଲା । ଲୋକେ ବ୍ରିଟିଶମାନଙ୍କ ଦ୍ୱାରା ପ୍ରାରମ୍ଭ କରାଯାଇଥିବା ସାମଜିକ ବିଧାନ ପ୍ରତି ଆତଙ୍କିତ ଥିଲେ । ବିଶେଷ ଭାବରେ ସତୀପ୍ରଥାର ଉଚ୍ଛେଦ ଏବଂ ବିଧବାମାନଙ୍କ ପୁନଃର୍ବିବାହ, ସାଧାରଣ ଜନତା ଉପରେ ନାକାରାତ୍ମକ ପ୍ରଭାବ ପଡିଲା । ଏହି ପରିବର୍ତ୍ତନକୁ ସ୍ଥାନୀୟ ପରମ୍ପରା ଓ ସଂସ୍କୃତିରେ ହସ୍ତକ୍ଷେପ ବୋଲି ଜଣାଗଲା । ଏହା ସହିତ ଲୋକମାନଙ୍କର ଧର୍ମାନ୍ତକରଣ କରି ଇସାଇରେ ପରିବର୍ତ୍ତନ କରିବା ଭୟ ମଧ୍ୟ ସୃଷ୍ଟି ହୋଇଗଲା । ଏହି ସବୁ ବିଷୟ ଲୋକମାନଙ୍କୁ ବ୍ରିଟିଶ ରାଜ ପ୍ରତି ବିମୁଖତା ସୃଷ୍ଟି କଲା ।

ସିପାହୀମାନଙ୍କ ମଧ୍ୟରେ ଥିବା କ୍ଷୋଭ ସେମାନଙ୍କର ନିଜସ୍ୱ କାରଣ ଥିଲା । ସିପାହୀମାନେ ସ୍ୱଳ୍ପ ବେତନ ଓ ପଦୋନ୍ନତି, ପେନସନ ଏବଂ ଚାକିରି ସର୍ତ୍ତାବଳୀ ପରି ବର୍ଣ୍ଣଗତ ଭେଦଭାବ ଯୋଗୁଁ ଅସନ୍ତୁଷ୍ଟ ଥିଲେ । ସୈନ୍ୟମାନେ ମୁଖ୍ୟତଃ କୃଷକ ପରିବାରରୁ ଆସିଥିବାରୁ ସେମାନେ ବ୍ରିଟିଶମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ନୂତନ ଭୂ-ବନ୍ଦୋବସ୍ତରେ ମଧ୍ୟ ଅସନ୍ତୋଷ ଥିଲେ । ଏହା ସତ୍ୟ ଯେ ସିପାହୀମାନେ ବିଭିନ୍ନ କାରଣରୁ ଉତ୍ତେଜିତ ଥିଲେ କିନ୍ତୁ ସେମାନଙ୍କର ତତ୍‌କାଳ କ୍ରୋଧର କାରଣ ଥିଲା ସେମାନଙ୍କର ଶଙ୍କା ଯେ ଶହ ଶହ ବର୍ଷ ପୁରୁଣା ସମାଜର ସେମାନଙ୍କର ସାଂସ୍କୃତିକ ଲୋକାଚାରକୁ ଛାଡିବା ପାଇଁ ପଡିବ । ଠିକ ୧୮୫୭ ବିପ୍ଳବ ପୂର୍ବରୁ ଅଟା ବସ୍ତା ଭିତରେ ହାଡଗୁଣ୍ଡ ମିଶା ଯାଇଛି ବୋଲି ଅପପ୍ରଚାର ବ୍ୟାପିଗଲା । ଇଂଲିସ ରାଇଫଲର କେଟରିଜ, ଯାହା ବନ୍ଧୁକରେ ବ୍ୟବହାର ହେବା ପୂର୍ବରୁ ଦାନ୍ତରେ ଛିଡାଇବାକୁ ପଡୁଥିଲା, ସେଗୁଡିକ ଗୋରୁ ଏବଂ ଘୁଷୁରି ଚର୍ବିରେ ସିକ୍ତ ଥିଲା । ଏହା ବିଶ୍ୱାସ କରାଯାଉଥିଲା ଯେପରି ଉଭୟ ହିନ୍ଦୁ ଏବଂ ମୁସଲମାନ ସୈନ୍ୟମାନଙ୍କର ଧର୍ମ ଭାବନା ଉପରେ ଏକ ଆକ୍ରମଣ । ଦିଲ୍ଲୀରେ ଜାରି ଘୋଷଣାରେ ସିପାହୀମାନଙ୍କର ଭାବନାକୁ ସଠିକ୍ ଭାବରେ ଦର୍ଶା ଯାଇଥିଲା । ଏହା ସର୍ବବିଦିତ ଅଟେକି ଏହି ଦିନମାନଙ୍କରେ ସମସ୍ତ ଇଂରେଜ ଏହି ହାନିକର ମନସ୍ତତ ଉପରେ ବିଚାର କରୁଅଛନ୍ତି-”ପ୍ରଥମେ ସମଗ୍ର ହିନ୍ଦୁସ୍ଥାନୀ ସେନାର ଧର୍ମ ଭ୍ରଷ୍ଟ କରିବା ଆଉ ସମସ୍ତଙ୍କୁ ଜବରଦସ୍ତି ଖ୍ରୀଷ୍ଟିୟାନ କରିବା । ଏଇଥିପାଇଁ ଆମେ କେବଳ ସ୍ୱଧର୍ମ କାରଣରୁ



ନୋଟସ୍

ଲୋକଙ୍କ ସହିତ ଜୋଡି ଅଛୁ ଓ ଆମ୍ଭେ ଜଣେ ମାତ୍ର ନାସ୍ତିକଙ୍କୁ ଜୀବିତ ଛାଡି ନାହୁଁ ତଥା ଆମେ ଏହି ସତ୍ତା ଉପରେ ଦିଲ୍ଲୀ ରାଜବଂଶର ପୁନଃ ସ୍ଥାପନ କରୁଅଛୁ।

**ବିଦ୍ରୋହର କାର୍ଯ୍ୟ ପ୍ରଣାଳୀ**

ପ୍ରାରମ୍ଭିକ ଉପଦ୍ରବ ମାର୍ଚ୍ଚ, ୧୮୫୭ରେ ସେହି ସମୟରେ ପ୍ରାରମ୍ଭ ହେଲା ଯେତେବେଳେ କଲିକତା ନିକଟରେ ଥିବା ବାରାକପୁରରେ ମଙ୍ଗଲ ପାଣ୍ଡେ ନାମକ ସିପାହୀ ଅନ୍ୟ ସିପାହୀମାନଙ୍କୁ ବ୍ରିଟିଶ ସେନା ଅଧିକାରୀମାନଙ୍କ ବିରୋଧରେ ବିଦ୍ରୋହ କରିବା ପାଇଁ ଆହ୍ୱାନ ଦେଲେ ଏବଂ ସେ ବ୍ରିଟିଶ ଏଡଜୁଟେଣ୍ଟଙ୍କୁ ମାରି ହତ୍ୟାକଲେ। ପରବର୍ତ୍ତୀ ସମୟରେ ମଙ୍ଗଲ ପାଣ୍ଡେଙ୍କୁ ଗିରଫ



ଚିତ୍ର ୧୯.୧ ବାହାଦୁର ଶାହା (୨) ଜାଫର
ଶେଷ ମୋଗଲ ଶାସକ ସ୍ୱାଧୀନତା ସଂଗ୍ରାମୀ



ଚିତ୍ର ୧୯.୨ ଝାନ୍ସୀର ରାଣୀ
ଲକ୍ଷ୍ମୀବାଇ ସ୍ୱାଧୀନତା ସଂଗ୍ରାମ



ଚିତ୍ର ୧୯.୩ ତାନ୍ତିଆ ଟୋପେ



ଚିତ୍ର ୧୯.୪ ନାନା ସାହେବ

କରି ଫାଶି ଦିଆଗଲା । ଏହାପରେ ୧୮୫୭ରେ ମିରଠ ଠାରେ ଭାରତୀୟ ସିପାହିମାନଙ୍କର ରେଜିମେଣ୍ଟଗୁଡିକ ବ୍ରିଟିଶ ଅଧିକାରିମାନଙ୍କୁ ହତ୍ୟାକଲେ, ଜେଲ ଭାଙ୍ଗିଦେଲେ, ନିଜ ସାଥୀମାନଙ୍କୁ ମୁକ୍ତି କରିଦେଲେ ଏବଂ ଇଂରେଜଠାରୁ ପେନସନ ପାଉଥିବା ମୋଗଲ ସମ୍ରାଟ ବାଦଶାହ ବାହାଦୁରଶାହା ଜାଫର ଦ୍ୱିତୀୟଙ୍କୁ ନେତା କରିବା ପାଇଁ ଦିଲ୍ଲୀ ଆଡକୁ ମାଡି ଚାଲିଲେ । ବ୍ରିଟିଶ ଶାସନ ସମାପ୍ତ ହେଲା ବୋଲି ଚାରିଆଡେ ଅପପ୍ରଚାର ବ୍ୟାପିଗଲା ତଥା ଅତିଶୀଘ୍ର ବିଦ୍ରୋହ ଉତ୍ତର ଭାରତ ଓ ମଧ୍ୟ ଭାରତର ଅନ୍ୟ ଭାଗରେ ବ୍ୟାପିଗଲା । ଅବାଧରେ ସିପାହୀମାନେ ଘୋଷଣା କରିଦେଲେ କି ସିପାହୀ ରାଜ ଆସିଗଲା । ବ୍ରିଟିଶ ରାଜ ବିରୁଦ୍ଧରେ ଅସନ୍ତୋଷ ଏବଂ ସେମାନଙ୍କ ମାୟା ଜାଲରୁ ମୁକ୍ତି ଫଳରେ ଅନେକ ସ୍ଥାନୀୟ ପ୍ରମୁଖ, କୃଷକ, କାରୀଗର, ସରକାରୀ କର୍ମଚାରୀ, ଧାର୍ମୀୟ ବିଧିର ଉପଚାର କରୁଥିବା ଆଦି ବ୍ୟକ୍ତିମାନଙ୍କୁ ଏହି ବିଦ୍ରୋହ ଏକଜୁଟ କରି ଦେଇଥିଲା । ଅବାଧରେ ଏହି ବିଦ୍ରୋହ ଲଖନଉ, କାନପୁର, ଇଲ୍ଲାହାବାଦ, ବନାରସ, ରୋହିଲାଖଣ୍ଡ, ବୁନ୍ଦେଲଖଣ୍ଡ, ଗୋଆଲିଅର, ଝାନସି ଏବଂ ବିହାରରେ ବ୍ୟାପିଗଲା । ଏହି କ୍ଷେତ୍ରମାନଙ୍କରେ ବିଦ୍ରୋହକୁ ସାଧାରଣ ଜନ ସମୁଦାୟଠାରୁ ବ୍ୟାପକ ସମର୍ଥନ ମିଳିଲା । ଏହି ବିଦ୍ରୋହକୁ କେତେକ ମହତ୍ୱପୂର୍ଣ୍ଣ ନେତାମାନେ ରାଣୀ ଲକ୍ଷ୍ମୀବାଇ, ତାନ୍ତିଆ ଟୋପେ, ବେଗମ ହଜରତ ମହଲ, ନାନା ସାହେବ ଓ କୁଅଁର ସିଂ ଆଦି ଥିଲେ ।

### ପାଠଗତ ପ୍ରଶ୍ନ ୧୯.୩

୧. ଭାରତୀୟ ସିପାହୀମାନଙ୍କ ଅସୁବିଧା କ'ଣ ଥିଲା?

..........................................................................................

୨. ୧୮୫୭ ବିଦ୍ରୋହରେ କୌଣସି ପାଞ୍ଚ ମହତ୍ୱପୂର୍ଣ୍ଣ ନେତାଙ୍କର ନାମ କୁହନ୍ତୁ ।

..........................................................................................

## ୧୯.୫ ଏହି ବିଦ୍ରୋହର ସ୍ୱରୂପ ଏବଂ ପରିଣାମ

### ସ୍ୱରୂପ

୧୮୫୭ ବିଦ୍ରୋହର ସ୍ୱରୂପ ସମ୍ବନ୍ଧରେ ଐତିହାସିକମାନଙ୍କର ଭିନ୍ନ ଭିନ୍ନ ବିଚାର ଧାରା ରହିଛି । ବ୍ରିଟିଶ ଇତିହାସକାରମାନେ ଏହି ବିଦ୍ରୋହର ବାଖ୍ୟା ସିପାହୀ ବିଦ୍ରୋହ ରୂପେ ବର୍ଣ୍ଣନା କରିଛନ୍ତି । ସ୍ଥାନୀୟ ଲୋକମାନଙ୍କ ଦୁର୍ଦ୍ଦଶା ଏବଂ ଏହି ଆନ୍ଦୋଳନରେ ସେମାନଙ୍କର ଭାଗିଦାରୀକୁ ଅଣଦେଖା କରିବା ହେତୁ ବ୍ରିଟିଶ ଇତିହାସକାରମାନଙ୍କ ବିଶ୍ୱାସ ଥିଲା ଯେ ଏହି ବିଦ୍ରୋହକୁ ସିପାହୀମାନେ, କିଛି ଭୂମି ମାଲିକ ଏବଂ ରାଜା ସେମାନଙ୍କର ନିହିତ ସ୍ୱାର୍ଥ ପାଇଁ ଆରମ୍ଭ କରିଥିଲେ । ୧୮୫୭ ଉପରେ ବର୍ତ୍ତମାନର ଗବେଷକ ମତ ଦିଅନ୍ତି ବ୍ୟକ୍ତିଗତ ସ୍ୱାର୍ଥ ପ୍ରଚୋଦନା ଅଲୋକପ୍ରିୟ ବ୍ରିଟିଶ ଶାସନକୁ ମିଳିତ ବିରୋଧତା ସମ୍ମୁଖରେ ସ୍ୱାର୍ଥପୂର୍ଣ୍ଣ ପ୍ରୟୋଜନର ଅଧିକ ମହତ୍ୱ ରହି ନଥାଏ ।





୧୮୫୭ର ବିପ୍ଳବକୁ କେତେକ ଐତିହାସିକ ପ୍ରଥମ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ବୋଲି ମତ ଦିଅନ୍ତି । ଯେଉଁମାନେ ଏହି ବାଖ୍ୟାକୁ ସମ୍ମତି ପ୍ରଦାନ କରନ୍ତି ନାହିଁ ସେମାନେ ଯୁକ୍ତି ବାଢ଼ନ୍ତି ଯେ ବିପ୍ଳବି ନେତାମାନେ ଏକ ନୂତନ ସାମାଜିକ ଶୃଙ୍ଖଳା ସ୍ଥାପନା ପାଇଁ କୌଣସି ପଦକ୍ଷେପ ନେଇନଥିଲେ । ସେମାନେ ଦ୍ୱିତୀୟ ବାହାଦୁର ଶାହାଙ୍କୁ ଆମନ୍ତ୍ରଣ କରି ପୁରୁଣା ମୋଗଲ ଶାସନକୁ ପୁନଃ ସ୍ଥାପନ କରିବାକୁ ଚେଷ୍ଟା କରୁଥିଲେ । ଏହା କୁହାଯାଉଥିଲା ଯେ ଯଦିଚ ଭାରତୀୟମାନଙ୍କର ଉଦ୍ୟମ ଏବଂ ପ୍ରାଥମିକତା ପରିବର୍ତ୍ତନର ଅନୁଭୂତିରେ କେନ୍ଦ୍ରିତ ଥିଲା, ତଥାପି ୧୮୫୭ରେ କୌଣସି ଜାତୀୟ ଆନ୍ଦୋଳନ ହୋଇ ନଥିଲା । ସେମାନଙ୍କର ଅସନ୍ତୋଷରୁ ସୃଷ୍ଟି ହୋଇଥିବା ଆନୁଗତ୍ୟ ଏବଂ ଆଭିମୁଖ୍ୟ ମୁଖ୍ୟତଃ ବିଭାଜିତ ହୋଇ ଯାଇଥିଲା ଏବଂ ସେମାନେ ଏକ ପୁରୁଣା ସମାଜକୁ ଅବଲୋକନ କରୁଥିଲେ ଯାହା ସେ ସମୟରେ ଉପଯୋଗି ନଥିଲା । ଏପରି ଭାବରେ ଏହା ଏକ ବିପ୍ଳବ ନୁହେଁ ପରନ୍ତୁ ଏହା କେବଳ ପୁନଃରୁଥାନ ।

୧୮୫୭ ବର୍ତ୍ତମାନର ଅଧ୍ୟୟନ ଏହି ବିଦ୍ରୋହରେ ଜନାଦୃତ ଅଂଶ ଗ୍ରହଣକୁ କେନ୍ଦ୍ରିଭୁତ କରୁଥିଲା । ସିପାହୀ ଏବଂ ତାଲୁକଦାରଙ୍କ ସହିତ ଗ୍ରାମିଣ କୃଷକମାନେ ବିପ୍ଳବରେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ । ଅବଧରେ ଏହା ଦେଖାଗଲା ଯେ ତାଲୁକଦାର ଏବଂ କୃଷକ ମିଳିତ ଭାବରେ ଆକ୍ରମଣ ଆରମ୍ଭ କରିଥିଲେ । ଏପରିକି ଅନେକ ସ୍ଥାନରେ ଯେତେବେଳେ ତାଲୁକଦାରମାନେ ବ୍ରିଟିଶମାନଙ୍କ ସହିତ ଶାନ୍ତି ସ୍ଥାପନା କରୁଥିଲେ ସେତେବେଳେ କୃଷକମାନେ ଆନ୍ଦୋଳନ ଜାରି ରଖିଥିଲେ । ସିପାହୀମାନେ ସେମାନଙ୍କ ଗ୍ରାମରେ ପରିବାର ସ୍ୱଜନଙ୍କ ସହିତ ସମ୍ପର୍କ ରକ୍ଷା କରିଥିଲେ ତଥା ସିପାହୀମାନଙ୍କର ଏହି ବିଦ୍ରୋହ ବ୍ରିଟିଶ ଶାସନ ବିରୁଦ୍ଧରେ ସେମାନଙ୍କର ଅଭିଯୋଗକୁ ଜନତାଙ୍କ ସାମନାରେ ରଖିବା ପାଇଁ ନାଗରିକ ଜନ ସମୁଦାୟଙ୍କୁ ପ୍ରଭାବିତ କଲା । ଏହି ପ୍ରକାର ୧୮୫୭ର ବିଦ୍ରୋହ ଲୋକପ୍ରିୟ ବିଦ୍ରୋହର ରୂପ ନେଲା ।

**ବିଦ୍ରୋହ ବିଫଳତାର କାରଣ**

୧୮୫୭ ବିପ୍ଳବରେ ଲୋକପ୍ରିୟ ଅଂଶଗ୍ରହଣ ସତ୍ୱେ, ବିପ୍ଳବୀମାନେ ପରିଶେଷରେ ବ୍ରିଟିଶ୍ ମାନଙ୍କ ଠାରେ ଆତ୍ମ ସମର୍ପଣ କରିବାକୁ ବାଧ ହୋଇଥିଲେ । ଏହି ବିଦ୍ରୋହର ପତନ ପାଇଁ ନିମ୍ନଲିଖିତ କାରଣମାନ ନୀହିତ ହୋଇଥିଲା ।

- ବିଦ୍ରୋହୀମାନଙ୍କୁ ସ୍ୱଳ୍ପ ପରିମାଣରେ ଅସ୍ତ୍ରଶସ୍ତ୍ର ଯୋଗାଣ ହୋଇଥିଲା ।
- ବିଦ୍ରୋହୀମାନଙ୍କ ମଧ୍ୟରେ ଯୋଗାଯୋଗ ଏବଂ କେନ୍ଦ୍ରୀୟ ନେତୃତ୍ୱରେ ଅଭାବ ଥିଲା ।
- ବ୍ରିଟିଶ ମାନଙ୍କଠାରେ ପର୍ଯ୍ୟାପ୍ତ ସଂସାଧନ ଏବଂ ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଥିଲା ।
- କେବଳ ବିଦେଶୀ ଶାସନ ଉପରେ ଅବିଶ୍ୱାସ ବ୍ୟତୀତ ବିପ୍ଳବୀମାନଙ୍କର ଏକ ଭବିଷ୍ୟତ ରାଜନୈତିକ କାର୍ଯ୍ୟଧାରା ନଥିଲା ।
- ଆନ୍ଦୋଳନରେ ଲୋକପ୍ରିୟତା ଚରିତ୍ର ବ୍ୟତୀତ, ଏଥିରେ ବ୍ରିଟିଶ୍‌କୁ ସମଳନ କରୁଥିବା ବଣିକ, ବୁଦ୍ଧିଜୀବି ଏବଂ ଅନେକ ସ୍ଥାନୀୟ ରାଜାମାନଙ୍କର ଆନ୍ଦୋଳନ ସପକ୍ଷକୁ ଆଣିବାରେ ଅସମର୍ଥ ହୋଇଥିଲେ ।

ମଡ୍ୟୁଲ-୩

ଆଧୁନିକ ଭାରତ

ନୋଟସ୍



**ବିପ୍ଳବର ମହତ୍ୱ:**

ବ୍ରିଟିଶ୍ ଜଦିଚ ବିଦ୍ରୋହକୁ ଦମନ କରିବାରେ ସମର୍ଥ ହୋଇଥିଲେ ମଧ୍ୟ ଜନ ଅସନ୍ତୋଷକୁ ହୃଦୟଙ୍ଗମ କରିପାରିଥିଲେ। ଭାରତ ନୀତି ପୁନର୍ବିଚାର କରିବା ପାଇଁ ୧୮୫୭ ମସିହାର ଘଟଣା ବ୍ରିଟିଶ୍ ମାନଙ୍କୁ ବାଧ୍ୟ କରିଥିଲା; ସେଥିପାଇଁ ବପ୍ଲବ ପରେ ଏଭଳି ଆନ୍ଦୋଳନ ଭବିଷ୍ୟତରେ ପ୍ରତିରୋଧ କରିବାପାଇଁ କାର୍ଯ୍ୟପନ୍ଥା ଗ୍ରହଣ କଲେ, ସ୍ଥାନୀୟ ରାଜାମାନଙ୍କର ବିଶ୍ୱାସ ଫେରାଇ ଆଣିବାପାଇଁ ବ୍ରିଟିଶ୍‌ମାନେ ଗୋଟିଏ ଘେଷଣାକଲେ ଯେ ସେମାନେ ଆଉ ଅଧିକ ରାଜ୍ୟ ବିସ୍ତାର କରିବେ ନାହିଁ। ଅନୁଗାମୀ ଦେଶୀୟ ରଜାମାନଙ୍କୁ ବିଶେଷ ମାନପତ୍ର ପୁରସ୍କାର ପ୍ରଦାନ କରାଗଲା। ସେନାରେ ଚୟନ ପ୍ରକ୍ରିୟାରେ ସମ୍ପ୍ରଦାୟ, ମତି, ଜନଜାତି ଏବଂ ଆଞ୍ଚଳିକ ଆନୁଗତ୍ୟତାକୁ ଉତ୍ସାହିତ କରାଗଲା। ଜାତି, ଧର୍ମ ଏବଂ ଆଞ୍ଚଳିକତା ପରିଚୟକୁ ଉପଯୋଗ କରି ବ୍ରିଟିଶ୍‌ମାନେ ବିଭାଜନ ଏବଂ ଶାସନ ର (Divide and Rule) ର ପନ୍ଥା ଅବଲମ୍ବନ କରିଥିଲେ। ୧୮୫୭ର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପରିଣତି ଥିଲା ୧୮୫୮ର ରାଜକୀୟ ଘୋଷଣାପତ୍ର ଏହି ଭାରତ ଘୋଷଣାପତ୍ର ଦ୍ୱାରା ଭାରତ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ଶାସନକୁ ପ୍ରତ୍ୟହାର କରି ବ୍ରିଟିଶ୍ ରାଜା ସିଧା ସଳଖ ଭାବରେ ଭାରତ ଶାସନ ଗ୍ରହଣ କଲେ।

ପରିଶେଷରେ ଜଦିଚ ବିପ୍ଳବର ପତନ ଘଟିଲା, ବିଟିଶ୍‌ମାନଙ୍କ ବିରୁଦ୍ଧରେ ସେମାନଙ୍କର ବୀରତ୍ୱ ସଂଗ୍ରାମ ଜନ ମାନସରେ ଏକ ଗଭୀର ରେଖାପାତ କଲା, ଉନ୍ନବିଂଶ ଶତାବ୍ଦୀରେ ଥିବା ଭାରତୀୟ ଜାତୀୟତାର ଉପଦେଶ ଯାହା ଏକ ବିକଶିତ ଅବସ୍ଥାରେ ଥିଲା, ତାହା ଏହି ବିପ୍ଳବ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରଭାବିତ ହୋଇଥିଲା।

### ପାଠାନ୍ତ ପ୍ରଶ୍ନ ୧୯.୪

୧) କେବେ ଏବଂ କାହିଁକି ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ ପ୍ରତ୍ୟାହୃତ ହୋଇଥିଲା ?

୨) ବିପ୍ଳବର ପ୍ରମୁଖ ତିନୋଟି ବିଫଳତାର କାରଣ ଉଲ୍ଲେଖ କର ?

### ତୁମେ କ'ଣ ଶିଖିଲ ?

ଆମେ ଏହି ପାଠ୍ୟରେ ଶିଖିଲୁ ଯେ ଭାରତରେ ବ୍ରିଟିଶ୍ ଶାସନର ପରିଣାମ ଭାରତକୁ ବ୍ରିଟିଶ୍ ସାମ୍ରାଜ୍ୟର ଏକ ଉପନିବେଶରେ ପରିବର୍ତ୍ତନ କରିଥିଲା। କୃଷକମାନେ ସେମାନଙ୍କର ଜମିରୁ ଉଛେଦିତ ହୋଇ ସେମାନେ ସେମାନଙ୍କର ନିଜ ଜମିରେ ଶ୍ରମୀକ ହୋଇଯାଇ ଥିଲେ। ବିଭିନ୍ନ ପ୍ରକାରର ଟିକସ ସେମାନଙ୍କ ଜୀବ ଜୀବିକାକୁ ଦୁଃଖଦ ପୂର୍ଣ୍ଣ କରିନଇଥିଲେ। ବ୍ରିଟିଶ୍ ପ୍ରସ୍ତୁତତ ସାମଗ୍ରୀ ଗୁଡ଼ିକର ଆମଦାନି ଫଳରେ, କ୍ଷୁଦ୍ର ଶିଳ୍ପ ଗୁଡ଼ିକରେ ନିଯୁକ୍ତି ପାଇଥିବା ଭାରତୀୟ ଶିଳ୍ପ ଗୁଡ଼ିକ ବନ୍ଦ କରିଦେବାପାଇଁ ବାଧ୍ୟ ହୋଇଥିଲେ। ବ୍ରିଟିଶ୍ ଶସାନର ଏପରି ସମସ୍ତ ପରିବର୍ତ୍ତନ ଏବଂ ଅନାଦୃତ ବ୍ୟବହାର କୃଷକ ମାନଙ୍କୁ ଇଂରେଜ ମାନଙ୍କ ବିରୁଦ୍ଧରେ ବିପ୍ଳବ ମାଧ୍ୟମରେ ଦୁଃଖ ଜଣାଉ ଥିଲେ। ଜାହା ହେଉନା କାହିଁକି ଏହି ସଂଗ୍ରାମ ଗୁଡ଼ିକ ଭାରତରେ ବ୍ରିଟିଶ୍ ରାଜ୍ୟକୁ ଭବିଷ୍ୟତ ଆହ୍ୱାନର ବାଟ ଫିଟାଇଥିଲା। ବ୍ରିଟିଶ୍ ସୁସଜ୍ଜିତ ସାମରିକ ବାହିନି ଆଗରେ ବିଦ୍ରୋହ ଗୁଡ଼ିକ ସଫଳ ହୋଇପାରିନଥିଲେ। ଏହି ପରିପ୍ରେକ୍ଷୀରେ ୧୮୫୭ର ବିଦ୍ରୋହ ଜାତି ସମ୍ପ୍ରଦାୟ ଏବଂ ଶ୍ରେଣୀ ଇତ୍ୟାଦି ବାଧାବିଘ୍ନ ମାନ ଅତିକ୍ରମ କରି ବ୍ରିଟିଶ୍ ରାଜକୁ ପ୍ରଥମେ ଏକ ସଂଗଠିତ ଆହ୍ୱାନ ପ୍ରଦାନ କରି ଏକ ଉଦାହରଣ ସୃଷ୍ଟି



ନୋଟସ୍

କରିଥିଲେ । ଯଦିଚ ବିଦ୍ରୋହର ସମସ୍ତ ପରିଶ୍ରମ ଅସଫଳ ହେଲା, ବ୍ରିଟିଶ୍ ସରକାର ଉପରେ ଭାରତପାଇଁ ସେମାନଙ୍କର ଆଭିମୁଖ୍ୟ ବଦଳାଇଲେ ।

### ପାଠଗତ ପ୍ରଶ୍ନ

୧. ୧୮୫୭ ପୂର୍ବ ବିଦ୍ରୋହ ଗୁଡ଼ିକର ପ୍ରକୃତି ସମ୍ବନ୍ଧରେ ଉତ୍ତର ଦିଅ ।

୨. ୧୮୫୭ ବିଦ୍ରୋହର କାରଣମାନ ଆଲୋଚନା କର ।

୩. ୧୮୫୭ ବିଦ୍ରୋହର ମହତ୍ୱ ବ୍ୟାଖ୍ୟାକର ।

### ପାଠାନ୍ତର ପ୍ରଶ୍ନମାନଙ୍କର ଉତ୍ତର

**୧୯.୧**

୧. ସେମାନଙ୍କର ଜମି ମାଲିକାନା ବିକ୍ରିକରି ।

୨. ବ୍ରିଟିଶ୍ ସରକାରଙ୍କର ଅଧିକାରୀମାନେ, ଜମିଦାର, ସାହୁକାର ।

**୧୯.୨**

୧. ବେଙ୍ଗଲ, ବିହାର ଏବଂ ଓଡ଼ିଶାର ସୀମା

୨. ବଙ୍କିମ ଚନ୍ଦ୍ରଙ୍କ ଦ୍ୱାରା ଲିଖିତ ଆନନ୍ଦ ମଠ ।

**୧୯.୩**

୧. ସ୍ୱଳ୍ପ ବେତନ, ପଦନ୍ନତିରେ ସାମାଜିକ ଭେଦଭାବ

୨. ରାଣୀ ଲକ୍ଷ୍ମୀବାଇ, ତାନ୍ତିଆ ତୋପେ, ବେଗମଦଜରତ ମହଲ, ନାନା ସାହେବ ଆରର କୁନୱାର ସିଂହ ।

**୧୯.୪**

୧.୧୮୫୮ରେ ବ୍ରିଟିଶ୍‌ମାନଙ୍କ ଦ୍ୱାରା ରାଜକୀୟ ଘୋଷଣାନାମରେ

**ମଧ୍ୟବର୍ତ୍ତୀ ପାଠ୍ୟର ସଂକେତ**

୧. ଦେଖନ୍ତୁ ବିଭାଗ ୧୯.୨, ୧୯.୩

୨. ଦେଖନ୍ତୁ ବିଭାଗ ୧୯.୪

୩. ଦେଖନ୍ତୁ ବିଭାଗ ୧୯.୫ ଭାଗ ୪



ଟିପ୍ପଣୀ

# ୨୦

# ରାଷ୍ଟ୍ରବାଦ

ଆମ ସମସ୍ତଙ୍କୁ କେବେନା କେବେ ନିଜ ଦେଶ ପ୍ରତି ଆନୁଗତ୍ୟ ହେବାକୁ ପଡିବ । ନିଜ ଦେଶ ପ୍ରତି ଆନୁଗତ୍ୟତାକୁ ସାଧାରଣ ଭାବରେ ରାଷ୍ଟ୍ରୀୟତାର ଭାବନା ବୋଲି ହୃଦୟଙ୍ଗମ କରାଯାଏ । ରାଷ୍ଟ୍ରବାଦୀ ବ୍ୟକ୍ତି ହେଉଛନ୍ତି ସେ, ଯିଏ ନିଜ ଦେଶକୁ ଭଲ ପାଉଥାଏ । ଏପରି କଥା ଆପଣଙ୍କୁ ଉପନ୍ୟାସ, କବିତା, ଭାଷଣ ଓ ସମାଚାର-ଖବରକାଗଜ ଏବଂ ଫିଲ୍ମରେ ମଧ୍ୟ ମିଳି ପାରିବ ।

କ'ଣ ଆପଣ କେବେ ବିସ୍ମୟ ହୋଇ ନାହାନ୍ତି କି, ଏହା ସବୁ କେବେ ଆରମ୍ଭ ହୋଇଛି ? ରାଷ୍ଟ୍ରୀୟତାର ଇତିହାସ କ'ଣ ? ଏହି ବିଚାର କେତେ ପୁରୁଣା ? ଅଥବା, କ'ଣ ଲୋକମାନେ ସବୁ ସମୟରେ ନିଜ ଦେଶକୁ ଭଲ ପାଇ ଆସୁଛନ୍ତି ? କ'ଣ ରାଷ୍ଟ୍ରୀୟତା ଶବ୍ଦର ଅର୍ଥ ସ୍ୱଦେଶ ପ୍ରତି ଆନୁଗତ୍ୟ ରହିବା ବ୍ୟତୀତ ଅନ୍ୟ କିଛି ନୁହେଁ । ଏହି ପାଠରେ ଆମେ ଏହି ସବୁ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ପ୍ରୟାସ କରିବା ।

## ଉଦ୍ଦେଶ୍ୟ

ଏହି ପାଠ୍ୟର ଅଧ୍ୟୟନ ପଶ୍ଚାତ ତୁମେ :

- ରାଷ୍ଟ୍ରୀୟତା ବିଚାରରେ ଇତିହାସର ମୂଳକୁ ଖୋଜି ପାରିବ,
- ଇଉରୋପରେ ରାଷ୍ଟ୍ରୀୟତା ଭାବନାର ଉତ୍‌ଥାନର କାରଣ ବ୍ୟାଖ୍ୟା କରିପାରିବ,
- ଭାରତରେ ରାଷ୍ଟ୍ରୀୟତା ଭାବନାର ବିକାଶକୁ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସଂଘର୍ଷ ସହିତ ଯୋଡି ପାରିବ,
- ଭାରତର ସାଂସ୍କୃତିକ କ୍ଷେତ୍ରରେ ରାଷ୍ଟ୍ରୀୟତା ବିଚାରର ଉଦ୍‌ଭବର ଉତ୍ସକୁ ଖୋଜି ପାରିବେ ଏବଂ ରାଷ୍ଟ୍ରୀୟତା ଭାବନାର ଆର୍ଥିକ ସନ୍ଦର୍ଭରେ କିପରି ଅଭିବ୍ୟକ୍ତ କରାଯାଇଛି ଏହାର ବାଖ୍ୟା କରିପାରିବ ।

## ୨୦.୧ ରାଷ୍ଟ୍ରୀୟତାର ଭାବନା: ଉଦଭବ ଏବଂ ଅର୍ଥ

ଆପଣ ଏହା ଜାଣି ଆଶ୍ଚର୍ଯ୍ୟ ହେବେଯେ ଇତିହାସ ଏହିବିଚାରର ଦୁଇଶହ ବର୍ଷରୁ ଅଧିକ ପୁରୁଣା ନୁହେଁ । ଆଜି 'ରାଷ୍ଟ୍ରୀୟତାର ଭାବନା' ଶବ୍ଦର ଆମେ ଯେଉଁ ଅର୍ଥରେ ପ୍ରୟୋଗ କରୁଛୁ, ଏହି ଅର୍ଥ ଉନବିଂଶ ଶତାବ୍ଦି ପୂର୍ବରୁ ଭାରତରେ କୌଣସି ଅସ୍ତିତ୍ୱ ନଥିଲା । ଆପଣ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଏହି ବିଚାରର ଉତ୍ସ ଭାରତ ଇତିହାସରେ ନୁହେଁ, ପରନ୍ତୁ ଆଧୁନିକ ଇଉରୋପ ଇତିହାସରେ ହିଁ ରହିଚି । ପ୍ରକୃତରେ ଆମେ ଏହି ଭାରତୀୟ ରାଷ୍ଟ୍ରୀୟତା ସମ୍ବନ୍ଧରେ ଏହାକୁ ଇଉରୋପୀୟ ପରିପ୍ରେକ୍ଷୀରେ ଅତ୍ୟନ୍ତ ଭିନ୍ନ ଅର୍ଥରେ ବିଚାର କରିପାରୁ । ପ୍ରକୃତରେ ଏହା ଭାରତୀୟ ଜାତୀୟତାକୁ ଏହାର ଅନ୍ୟପକ୍ଷ ଇଉରୋପୀୟ ଜାତୀୟତାଠାରୁ ଭିନ୍ନ ଅର୍ଥରେ ବିଚାର

କରିବାର ସମ୍ଭାବନା ରହିଛି । ଏହାର ଭିନ୍ନତର ଗୁରୁତ୍ୱ ଜାଣିବା ପାଇଁ ଜ୍ଞାନ ହେବା ଆବଶ୍ୟକ ଯେ କେଉଁ ପରିସ୍ଥିତିରେ ଇଉରୋପରେ ରାଷ୍ଟ୍ରିୟତାର ଜଡ ସୃଷ୍ଟି ହେଲା ।

ଇଉରୋପରେ ରାଷ୍ଟ୍ରୀୟତାର ଭାବନାର ବିକାଶ ଅଷ୍ଟାଦଶ ଶତାବ୍ଦିର ପାଖାପାଖି ସେଠାରେ ସମାଜ ଏବଂ ଅର୍ଥ ବ୍ୟବସ୍ଥାରେ ହେଉଥିବା ମୂଳଭୁତ ବରିବର୍ତ୍ତନର ପରଣାମ ସ୍ୱରୂପ ହୋଇଥିଲା । ଔଦ୍ୟୋଗିକ କ୍ରାନ୍ତିଂ ପ୍ରାରମ୍ଭରେ ଅନେକ ବସ୍ତୁ ଓ ସାମଗ୍ରୀ ଉତ୍ପାଦନ ହେଲା । ଯେଉଁ କାରଣରୁ ଏହି ଅଭୁତପୂର୍ବ ଧନ-ସମ୍ପତ୍ତି ସେଠାକୁ ଆସିଲା ଯାହା ପୂର୍ବରୁ କେବେ ବି ନଥିଲା । ଏହାର ପରିଣାମ ସ୍ୱରୂପ ଏମିତି ଅନୁଭବ ହେଲାକି ଏମିତି ଏକ ଏକୀକୃତ ଏବଂ ବିଶାଳ ବଜାର ତିଆରି ହେବ, ଯେଉଁଠାରେ ଏହି ପଦାର୍ଥଗୁଡିକ ବିକ୍ରି କରାଯାଇପାରିବ । ବିଶାଳ ବଜାର ସୃଷ୍ଟି କରିବାକୁ ଯାଇ ଗ୍ରାମ, ଜିଲ୍ଲା ଏବଂ ପ୍ରାନ୍ତକୁ ରାଜନୈତିକ ରୂପେ ଯୋଡି ବୃହତ୍ତ ରାଜ୍ୟର ରୂପ ଦିଆଗଲା । ଏହି ବିଶାଳ ସଂଯୁକ୍ତ ବଜାରରେ ବିଭିନ୍ନ ଭୂମିକା ନିର୍ବାହ କରିବା ପାଇଁ ବିଭିନ୍ନ ପ୍ରକାରର ଲୋକଙ୍କର ଆବଶ୍ୟକତା ଥିଲା, ଯେଉଁମାନଙ୍କ ପାଇଁ ବିଭିନ୍ନ ପ୍ରକାରର କୌଶଳ ପୂର୍ଣ୍ଣ କାର୍ଯ୍ୟରେ ପ୍ରଶିକ୍ଷିତ କରିବାର ଆବଶ୍ୟକ ଥିଲା । ମାତ୍ର ଏ ସମସ୍ତ ଉପରେ, ପରସ୍ପର ମଧ୍ୟରେ ସମ୍ବାଦ ଓ ଯୋଗାଯୋଗର ଆବଶ୍ୟକତା ଅନୁଭବ କରୁଥିଲେ । ଏହି କାରଣରୁ ଏକ ଭାଷା ଉପରେ କେନ୍ଦ୍ରିତ ଅନୁରୂପ ଶୈକ୍ଷିକ କେନ୍ଦ୍ରଗୁଡିକର ଆବଶ୍ୟକତା ଅନୁଭବ କରାଗଲା । ପୂର୍ବ-ଆଧୁନିକ କାଳରେ ଅଧିକାଂଶ ଲୋକମାନେ ନିଜର ସ୍ଥାନୀୟ ବାତାବରଣରେ ଭାଷା ଏବଂ ଅନ୍ୟ କୌଶଳ ଶିକ୍ଷା ଲାଭ କଲେ, ଯାହା ଜଣକୁ ଅନ୍ୟଠାରୁ ଭିନ୍ନ କଲା । ମାତ୍ର ଏବେ ଆଧୁନିକ ଅର୍ଥ ବ୍ୟବସ୍ଥା କାରଣରୁ ନୂତନ ପରିବର୍ତ୍ତନର ପରିଣାମ ସ୍ୱରୂପ ପ୍ରଶିକ୍ଷଣ ଏବଂ ସ୍କୁଲମାନଙ୍କର ଏକ ସମାନ ପ୍ରଣାଳୀ ସ୍ଥିତିକୁ ଆସିଗଲା । ଏହି ପ୍ରକାର ଇଂଲଣ୍ଡରେ ଇଂରାଜୀ ଭାଷା, ଫ୍ରାନ୍ସରେ ଫ୍ରାନସିସ୍ ଏବଂ ଜର୍ମାନରେ ଜର୍ମାନ ଭାଷା ଏହି ଦେଶମାନଙ୍କରେ ପ୍ରମୁଖ ଭାଷା ହୋଇଗଲା ।

ସଂଚାର ପ୍ରଣାଳୀର ସମାନତାର ପରିଣାମ ସ୍ୱରୂପ ରାଷ୍ଟ୍ରୀୟ ସଂସ୍କୃତି ଗଠିତ ହେଲା ଏବଂ ଏହା ରାଷ୍ଟ୍ରୀୟ ପରିସୀମାକୁ ସୁଦୃଢ଼ କଲା । ଏହି ସୀମା ଭିତରେ ରହୁଥିବା ଲୋକମାନେ ପରସ୍ପରକୁ ସେହି ସୀମା ମଧ୍ୟରେ ଯୋଡିବାକୁ ଆରମ୍ଭ କଲେ । ସାଂସ୍କୃତିକ ଅଭିବୃଦ୍ଧି ସହିତ ସେହି ଲୋକମାନେ ନିଜକୁ ସମାନ ବ୍ୟକ୍ତିତ୍ୱ ଭାବରେ ଅନ୍ୟ ଏକ ବୃହତ୍ତ ସମୁଦାୟର ସଦସ୍ୟ ବୋଲି ବିଚାର ଆରମ୍ଭ କରିଦେଲେ । ଏମିତିକି ଇଂରେଜମାନେ ଇଂଲଣ୍ଡର ପରିସୀମା ମଧ୍ୟରେ ପରସ୍ପରକୁ ପରିଚିତ କରିବାରେ ଲାଗିଲେ । ଜର୍ମାନ ଏବଂ ଫରାସୀମାନେ ମଧ୍ୟ ଏଭଳି କଲେ । ରାଷ୍ଟ୍ରୀୟତା ବିଚାରର ଏହା ପ୍ରାରମ୍ଭ କାଳ ଥିଲା ।

ଆସନ୍ତୁ ଆମେ ଏହାକୁ ସାଧାରଣ ଭାବରେ ଅନ୍ୟ ଉପାୟରେ ବୁଝିବା । ରାଷ୍ଟ୍ରବାଦ ଇଉରୋପରେ ରାଷ୍ଟ୍ର ଏବଂ ଜାତୀୟ ରାଜ୍ୟ (ଯାହା ବିଶାଳ ବା ସାଂସ୍କୃତିକ ସମଜାତୀୟତା କ୍ଷେତ୍ର ହେବା ସହିତ ରାଜନୈତିକ ବ୍ୟବସ୍ଥାରେ)ର ଉଦଭବର ପରିଣାମ ଥିଲା । ଏହି ରାଷ୍ଟ୍ର-ରାଜ୍ୟ ଦୀର୍ଘ ଦିନ ରହି ପାରିଲା ନାହିଁ । ପ୍ରାରମ୍ଭିକ ସମାଜ, ମାନବ ସଙ୍ଗଠନର ସ୍ୱରୂପ ସହିତ ଶ୍ରମର କେତେକ ବିସ୍ତୃତ ବିଭାଜନ ବ୍ୟତୀତ, କୌଣସି ରାଜ୍ୟ ବା ଆଇନ ବ୍ୟବସ୍ଥା ଲାଗୁ କରିବା କୌଣସି କେନ୍ଦ୍ରିୟ ପ୍ରାଧିକରଣ (authority)ର ବିନା ସେମାନଙ୍କର ସମସ୍ୟାକୁ ସହଜରେ ନିୟନ୍ତ୍ରଣ କରିପାରୁ ନଥିଲେ । ବ୍ୟବସ୍ଥିତ କୃଷିର ପ୍ରାରମ୍ଭ ପରେ ରାଜ୍ୟ ଏକ କେନ୍ଦ୍ରିୟ ଶକ୍ତି ଭାବରେ ଦେଖାଦେଲା । ସେମାନଙ୍କର ଜୀବନ ଶୈଳୀକୁ ପରିଚାଳିତ କରିବା ପାଇଁ ଏକ କେନ୍ଦ୍ରିୟ ଶକ୍ତିର

# ମଡ୍ୟୁଲ - ୪

ଭାରତର ସ୍ୱାଧୀନତା ସଂଗ୍ରାମ ଓ ସମସାମୟିକ ଭାରତ



ଟିପ୍ପଣୀ



ଅଭାବ ଯୋଗୁଁ ସାଧାରଣ ଲୋକେ ସେମାନଙ୍କର ଦୈନନ୍ଦିନ ଜୀବନ ଠିକ୍ ଭାବରେ ଚଳେଇ ପାରିଲେ ନାହିଁ। ଔଦ୍ୟଗୀକରଣ ଏବଂ ଆଧୁନିକ ବିଶ୍ୱ ଅର୍ଥନୀତିର ଉଦୟ ହେବା ସହିତ ଏକ ରାଜ୍ୟର ଆବଶ୍ୟକତାକୁ ଅଧିକ ମହତ୍ୱ ଦିଆଗଲା। ଯୋଗାଯୋଗର ବ୍ୟାପକ ପ୍ରଣାଳୀ ଏବଂ ଏକକ ମାନ୍ୟଯୁକ୍ତ ଭାଷା ଉପରେ କେନ୍ଦ୍ରିତ ସମନୁରୂପ ଶିକ୍ଷା ପଦ୍ଧତି, ସାଂସ୍କୃତିକ ଓ ରାଜନୈତିକ ସମତାର ପରିସ୍ଥିତି ସୃଷ୍ଟି କଲା। ଏପରି ଭାବରେ ଆଧୁନିକ ରାଷ୍ଟ୍ର ଅସ୍ତିତ୍ୱକୁ ଆସିଲା। ଏହି ରାଷ୍ଟ୍ର ରାଜ୍ୟକୁ ନିଜେ ନିଜକୁ ନିରନ୍ତର ଅସ୍ତିତ୍ୱରେ ରଖିବା ପାଇଁ, ସ୍ୱପରିସରରେ ବାସ କରୁଥିବା ଲୋକଙ୍କ ସହଯୋଗ ଏବଂ ଆନୁଗତ୍ୟର ଆବଶ୍ୟକତା କଲା। ଏହା ରାଷ୍ଟ୍ରବାଦର ଶୁଭାରମ୍ଭ ଥିଲା। ଅନ୍ୟ ଅର୍ଥରେ କୁହାଗଲେ, କୌଣସି ରାଷ୍ଟ୍ରକୁ ରାଜ୍ୟର ଏକ ସୀମା ମଧ୍ୟରେ ରହିବା ଲୋକ ବା ସମୁଦାୟଙ୍କର ବିଶେଷ ପରିଚୟ ଏବଂ ସେମାନଙ୍କର ଉଚ୍ଚ ସଂସ୍କୃତିମାନ ହିଁ ସେହି ରାଷ୍ଟ୍ରୀୟତା ଭାବନାକୁ ଭବ୍ୟ ରୂପ ପ୍ରଦାନ କଲା।

ପରନ୍ତୁ ଭାରତରେ ରାଷ୍ଟ୍ରବାଦର ବିକାଶ ଏପରି ହେଲା ନାହିଁ। ଯେତେବେଳେ ଇଉରୋପରେ ଜାତୀୟତା (ରାଷ୍ଟ୍ରବାଦ) ତତ୍ତ୍ୱରେ ଜଡ ସୁଦୃଢ଼ ହେଉଥିଲା ସେହି ସମୟରେ ଭାରତର ଛବି ଅନେକ ଭିନ୍ନ ଥିଲା। ଏଠାରେ ଔଦ୍ୟୋଗୀକରଣ ଅନେକ ସୀମିତ ରୂପେ ଅସ୍ତିତ୍ୱକୁ ଆସିଲା। ଯେତେବେଳେ ଔଦ୍ୟୋଗୀକରଣ ପ୍ରଚଣ୍ଡ ଭାବେ ବିକଶିତ ହେଉଥିଲା ସେତେବେଳେ ମଧ୍ୟ ଭାରତର ଅର୍ଥ ବ୍ୟବସ୍ଥା କୃଷି ଉପରେ ଆଧାରିତ ଥିଲା। ଭିନ୍ନ ଭିନ୍ନ ଲୋକ ଭିନ୍ନ ଭିନ୍ନ ଭାଷା କହୁଥିଲେ। ଯଦ୍ୟପି ଦେଶ ଭକ୍ତିର ଭାବନା (ଦେଶ ଭକ୍ତି: ନିଜ ଅଞ୍ଚଳ ଓ ସଂସ୍କୃତିକୁ ଭଲ ପାଇବା ଏବଂ ପ୍ରଭୁ ଭକ୍ତିର ଭାବନା ଯାହା ମରାଠବାଡା ନିମିତ୍ତ ମରାଠାମାନଙ୍କ ମଧ୍ୟରେ ଏବଂ ରାଜପୁତନା ନିମିତ୍ତ ରାଜପୁତମାନଙ୍କ ମଧ୍ୟରେ ମହଜୁତ ଥିଲା। ଆଧୁନିକ କାଳ ପୂର୍ବ ସମୟ ମାନଙ୍କରେ ଭାରତରେ ପୂର୍ବରୁ ରହିଥିଲା। ପରନ୍ତୁ ଆଜିକାଲି ରାଷ୍ଟ୍ରବାଦକୁ ଆମ୍ଭେମାନେ ଯେଉଁ ଅର୍ଥରେ ବୁଝୁଛୁ (ପ୍ରଶାସନର ଏକୀକୃତ ପ୍ରଣାଳୀ, ସାଧାରଣ ଭାଷା, ଉଚ୍ଚ କୋଟିର ଏକ ସଂସ୍କୃତି ଏବଂ ରାଜନୈତିକ ଏକୀକରଣ), ଏହି ଅର୍ଥରେ ଏହାର ଅସ୍ତିତ୍ୱ ଉନବିଂଶ ଶତାବ୍ଦୀର ମଧ୍ୟ ଭାଗ ପର୍ଯ୍ୟନ୍ତ ଭାରତରେ ପ୍ରକୃତ ସ୍ଥିତିକୁ ଆସି ନଥିଲା।

ଭାରତରେ ବ୍ରିଟିଶ ଶାସନ ପ୍ରଭାବରେ ପ୍ରାଥମିକ ଭାବରେ ଭାରତରେ ରାଷ୍ଟ୍ରୀୟ ଭାବନା ବୃଦ୍ଧି ହେଲା। ଆପଣମାନେ ଜାଣନ୍ତି ଯେ ୧୭୫୭ ମସିହାର ପଲାସୀ ଯୁଦ୍ଧ ପରେ ଭାରତ ବ୍ରିଟିଶ ଶାସନ ଭୂମିକୁ ସ୍ପର୍ଷ କଲା। ଏବଂ ସେମାନେ ଧିରେ ଧିରେ ଦେଶୀୟ ରାଜ୍ୟଗୁଡ଼ିକୁ ପରାସ୍ତ କରି ନିଜକୁ ପ୍ରତିଷ୍ଠିତ କଲେ। ଆପଣମାନେ ଭଲ ଭାବରେ ଜାଣନ୍ତି ଯେ ବ୍ରିଟିଶ, ଭାରତର ଶାସକ ଭାବେ ଆଗମନକୁ ଅନେକ ଦେଶୀୟ ରାଜ୍ୟର ଶାସକ ଏବଂ ଜନସାଧାରଣ ବିରୋଧ କରୁଥିଲେ। ଏହା ପରିଷ୍କାର ଭାବରେ ଦେଖା ଯାଉଥିଲା ଯେ ସେମାନେ ସମସ୍ତେ ବ୍ରିଟିଶକୁ ବିରୋଧ କରିବା ସହିତ ସେମାନେ ବ୍ରିଟିଶ ଉପସ୍ଥିତି ବିରୋଧରେ ଯୁଦ୍ଧ କରୁଥିଲେ। ପ୍ରାରମ୍ଭରେ ସେମାନେ ଏ ସମ୍ପର୍କରେ ଏକତ୍ରିତ ହୋଇ ଏକ ମନ ଓ ପ୍ରାଣରେ ସଂଗ୍ରାମ କରି ନଥିଲେ। ଭିନ୍ନ ଭିନ୍ନ ଗୋଷ୍ଠିର ଲୋକମାନଙ୍କର ବ୍ରିଟିଶ ବିରୋଧରେ ଭିନ୍ନ ଭିନ୍ନ ସ୍ୱଅଭିଯୋଗ ଥିଲା ଏବଂ ସେମାନେ ସେଥିପାଇଁ ନିଜ ନିଜର ଅସୁବିଧା ଦୂର କରିବା ପାଇଁ ଇଂରେଜମାନଙ୍କ ବିପକ୍ଷରେ ଲଢୁ ଥିଲେ। ଉଦାହରଣ ସ୍ୱରୂପ ସ୍ଥାନୀୟ-ଶାସକମାନେ ସେମାନଙ୍କ ରାଜ୍ୟକୁ ବ୍ରିଟିଶ ଅଧିକୃତ ହେବାକୁ (ଯେମିତିକି ବର୍ତ୍ତମାନ ଉତ୍ତର ପ୍ରଦେଶର ତତ୍କାଳିନ ଅବଧ ଏବଂ ଝାନ୍‌ସୀର





ଶାସକମାନଙ୍କ ସହିତ ହେଲା) ଚାହୁଁ ନଥିଲେ । ସେହିପରି କୃଷକ, କାରିଗର ଏବଂ ବନଜାତୀମାନେ ବ୍ରିଟିଶମାନଙ୍କ ଦ୍ୱାରା ପୀଡିତ ହେଉଥିଲେ ଏବଂ ସେମାନେ କେତେକ ସମୟରେ ବ୍ରିଟିଶ ବିରୁଦ୍ଧରେ ବିଦ୍ରୋହ କରୁଥିଲେ । (ଏ ସମ୍ବନ୍ଧରେ ଆପଣ ଏହି ପୁସ୍ତକର ମୋଡୁଲ ୩ ରେ ପଢ଼ି ସାରିଛନ୍ତି) । ମାତ୍ର କେବଳ ବ୍ରିଟିଶ ଶାସନକୁ ବିରୋଧ କିମ୍ବା ସେମାନଙ୍କ ବିରୁଦ୍ଧରେ ଲଢ଼ିବା ଇତ୍ୟାଦି ବିଷୟ ଭାରତରେ ରାଷ୍ଟ୍ରବାଦର ଅନୁଭୂତି ଆଣି ପାରିନଥିଲା । ଯଦିଚ ବିଭିନ୍ନ ଗୋଷ୍ଠିର ଲୋକ ବ୍ରିଟିଶମାନଙ୍କ ଦ୍ୱାରା ଶୋଷିତ ହୋଇ ଏକତ୍ରିତ ହୋଇଥିଲେ ମାତ୍ର ସମଗ୍ର ଦେଶ ଏବଂ ଏହାର ଜନତା ସ୍ୱଚିନ୍ତନରେ ନିଜ ନିଜର ପରିଚୟର ଅନୁଭୂତି ସେମାନଙ୍କ ଭିତରେ ଆଣି ପାରି ନଥିଲେ । ଏମିତିକି ୧୮୫୭ ମସିହାର ସର୍ବ ବୃହତ୍ ଆନ୍ଦୋଳନରେ ଅନେକ ଶ୍ରେଣୀ ଓ ଗୋଷ୍ଠୀର ଲୋକେ ଏକତ୍ରିତ ହୋଇ ଲଢ଼ିଥିଲେ ମଧ୍ୟ (ସେମାନେ ଥିଲେ ଦେଶୀୟ ରାଜା, ସୈନ୍ୟ, ଜମିଦାର ଏବଂ କୃଷକ) ସେମାନଙ୍କ ମନରେ ରାଷ୍ଟ୍ରବାଦ କିମ୍ବା ସର୍ବ ଭାରତୀୟର ଭାବନା ସୃଷ୍ଟି ହୋଇ ନଥିଲା । ଭାରତର ଜନସାଧାରଣ, ସେମାନଙ୍କ ମଧ୍ୟରେ ଅନେକ ବିଭେଦତା ସତ୍ତ୍ୱେ ଅନେକ ସମାନତା ଥିବାର ଧାରଣାର ଝଡ ସେପର୍ଯ୍ୟନ୍ତ ସୃଷ୍ଟି ହୋଇ ନଥିଲା । ସେହିପରି ସେମାନେ ମଧ୍ୟ ହୃଦୟଙ୍ଗମ କରିପାରିନଥିଲେ ଯେ ବ୍ରିଟିଶ ଶାସନ ହେଉଛି ବିଦେଶୀ ଶାସନ ଏବଂ ସେମାନେ ସମଗ୍ର ଜନସାଧାରଣଙ୍କୁ ଅଧିନସ୍ଥ କରି ନିଜ ଶାସନରେ ପରିଚାଳିତ କରିବାକୁ ଚାହୁଁଛନ୍ତି ।

ଭାରତରେ ରାଷ୍ଟ୍ରବାଦର ବୈଶିଷ୍ଟ୍ୟ କିମ୍ବା ଭାରତୀୟ ଜାତୀୟତାବାଦ ଥିଲା ଏକ ବାସ୍ତବିକତା । ଏହା ଭାରତର ଜନସାଧାରଣଙ୍କର ସାଧାରଣ ଜାତୀୟତା ଥିଲା, ଏହା ସେମାନଙ୍କର ମିଳିତ ସ୍ୱାର୍ଥ ପାଇଁ ବ୍ରିଟିଶ ଶାସନକୁ ପ୍ରତିହତ ପାଇଁ ବୁଝା ଯାଉଥିଲା । ସାଧାରଣ ଶବ୍ଦରେ କୁହାଗଲେ, ବ୍ରିଟିଶ ଶାସନର ସାମୁହିକ ବିରୋଧ ଏବଂ ରାଷ୍ଟ୍ରୀୟ ଏକତାକୁ ହାସଲ କରିବାର ଇଚ୍ଛା ଭାରତୀୟ ରାଷ୍ଟ୍ରବାଦ ଭାବନାର କେନ୍ଦ୍ରରେ ନିହିତ ଥିଲା ।

ଔପନିବେଶକ ଶାସକଙ୍କ ଆଗମନ, ଭାରତୀୟ ସମାଜ ଏବଂ ଅର୍ଥ ବ୍ୟବସ୍ଥାରେ ସେମାନଙ୍କ ଅନୁପ୍ରବେଶ, ବାସ୍ତବରେ ରାଷ୍ଟ୍ରୀୟ ଭାବନାର ବିକାଶ ନିମିତ୍ତ ବାହ୍ୟକରଣରେ ପରିପୂର୍ଣ୍ଣ ଆଣିଥିଲା । ତଥାପି ସେମାନଙ୍କ ମଧ୍ୟରେ ଏହି ପରିସ୍ଥିତିଗୁଡିକ ରାଷ୍ଟ୍ରବାଦର ସଚେତନତା ସୃଷ୍ଟି କରିପାରିନଥିଲା । ରାଷ୍ଟ୍ରବାଦ ତତ୍ତ୍ୱର ସଚେତନତାର ପରିପକ୍ୱତା ପାଇଁ ଅନେକ ସମୟ ଲାଗିଲା ଏବଂ ଏହାର ଉପସ୍ଥିତି ଧିରେ ଧିରେ ଭାରତୀୟ ସଂସ୍କୃତି, ଅର୍ଥ ବ୍ୟବସ୍ଥା ଏବଂ ରାଜନୀତି ଉପରେ ଦେଖାଗଲା । ନିମ୍ନୋକ୍ତ ପରିଚ୍ଛେଦରେ ଆମେ ଏ ସମ୍ବନ୍ଧରେ ପୃଥକ ପୃଥକ ଭାବରେ ଆଲୋଚନା କରିବୁ ।

## ପାଠଗତ ପ୍ରଶ୍ନ - ୨୦.୧

୧. ନିମ୍ନଲିଖିତ କଥାକୁ ପଢ଼ି ଠିକ୍ କିମ୍ବା ଭୁଲ କୁହ:

(୧) ରାଷ୍ଟ୍ରବାଦ ବିଚାରରେ ଇତିହାସ ମାନବ ଇତିହାସ ଯେପରି ପୁରାତନ ଅଟେ (ଠିକ୍/ଭୁଲ)

(୨) ରାଷ୍ଟ୍ରବାଦ ବିଚାରର ମୂଳ ଆଧୁନିକ ଉୟୁରୋପ ଇତିହାସରେ ଅଛି (ଠିକ୍/ଭୁଲ)

(୩) ରାଷ୍ଟ୍ରବାଦ, ଆଧୁନିକ ଔଦ୍ୟୋଗିକ ଅର୍ଥ ବ୍ୟବସ୍ଥାର ପରିଣାମ ଥିଲା (ଠିକ୍/ଭୁଲ)

(୪) ଭାରତରେ ରାଷ୍ଟ୍ରବାଦର ଚିନ୍ତାଧାରା ନବମ ଶତାବ୍ଦିର ମଧ୍ୟଭାଗରେ ଅସ୍ତିତ୍ୱକୁ ଆସି ନଥିଲା (ଠିକ୍/ଭୁଲ)

(୫) ଏପରି ଦୁଇଟି ବୈଶିଷ୍ଟ୍ୟର ବର୍ଣ୍ଣନାକର ଯାହା ରାଷ୍ଟ୍ରବାଦକୁ ବୁଝିବା ପାଇଁ ନିର୍ଣ୍ଣାୟକ ହେବ ।

-------------------------------------------------------------------------

## ୨୦.୨ ସଂସ୍କୃତି ଏବଂ ରାଷ୍ଟ୍ରବାଦ

ରାଷ୍ଟ୍ରବାଦ ବିଚାରର ଅଭିବ୍ୟକ୍ତି ସର୍ବ ପ୍ରଥମେ ସାଂସ୍କୃତିକ କ୍ଷେତ୍ରରେ ଦେଖା ଯାଇଥିଲା ।

- ପ୍ରଥମେ ଏମାନେ ପାରମ୍ପରିକ ଭାରତୀୟ ସଂସ୍କୃତିର କିଛି ତତ୍ତ୍ୱ ସମ୍ବନ୍ଧରେ ପ୍ରଶ୍ନ ଉଠାଇଥିଲେ ଏବଂ ଭାରତୀୟ ସଭ୍ୟତାର କେତେକ ସାମାଜିକ ଦୁଃଷ୍କର୍ମ ଯଥା କୁ-ପ୍ରଥା ଜାତି ଭେଦ ଧାର୍ମିକ ଅନ୍ଧ ବିଶ୍ୱାସ, ପୁରୋହିତତା, ମହିଳାଙ୍କ ପ୍ରତି ଭେଦଭାବ ଇତ୍ୟାଦିକୁ ଦୂର କରିବା ପାଇଁ ସଂସ୍କାର ଆଣିବାର ଇଚ୍ଛାରୁ ଉତ୍ପନ୍ନ ହୋଇଥିଲା ।
- ଦ୍ୱିତୀୟରେ ଭାରତୀୟ ସଭ୍ୟତାରେ ଇଂରେଜ ହସ୍ତକ୍ଷେପର ବିରୋଧକୁ ମଧ୍ୟ ଭାରତୀୟମାନଙ୍କ ଦ୍ୱାରା ପ୍ରୟାସ କରାଗଲା ।

ଏହାକୁ ସ୍ମରଣ କରିବା ଗୁରୁତ୍ୱ ଏପରି ଯେ ଔପନିବେଶିକ ବିଜୟର ଅର୍ଥ କେବଳ ଗୋଟିଏ ପ୍ରକାର ଶାସକଙ୍କ ପରିବର୍ତ୍ତେ ଅନ୍ୟ ପ୍ରକାରର ଶାସକଙ୍କ ପ୍ରତିସ୍ଥାପନ ନ ଥିଲା । ସାଧାରଣ ଲୋକଙ୍କ ଜୀବନ ଉପରେ ଏହାର ଗଭୀର ପ୍ରଭାବ ପଡିଲା । ବ୍ରିଟିଶ ଶାସକ ଏବଂ ଏହାର ଏଜେଣ୍ଟମାନଙ୍କ ପ୍ରୟାସରେ ସେହି ସମୟର ଔପନିବେଶିକ ଶାସକମାନଙ୍କ ସଂସ୍କୃତି ଭାରତୀୟମାନଙ୍କ ମଧ୍ୟରେ ବିସ୍ତାରିତ ହେଲା । ଉପନିବେଶବାଦୀ ସଂସ୍କୃତି ଏବଂ ଭାଷାର ପ୍ରସାର ଦ୍ୱାରା ଭାରତୀୟ ଉଚ୍ଚ କୁଳୀନ ବର୍ଗଙ୍କ ମଧ୍ୟରେ ଦୁଇ ପ୍ରକାର ପ୍ରଭାବ ପଡିଲା (କୁଳୀନ ଇଲିଟ: ସମାଜର ଉଚ୍ଚ ସଂସ୍କୃତିର ସମ୍ବନ୍ଧ ସାମାଜିକ ବିଶେଷାଧିକାର ପ୍ରାପ୍ତ ଏବଂ ସମାଜର ଉଚ୍ଚ ବର୍ଗ ସମ୍ବନ୍ଧିତ ଲୋକ) । ସେମାନଙ୍କ ମଧ୍ୟରେ କିଛି ଲୋକ ପାରମ୍ପରିକ ଭାରତୀୟ ସମାଜ ଏବଂ ସଂସ୍କୃତିର ଆଧୁନିକ ଇଂଲଣ୍ଡରେ ସେହି ସମୟର ଥିବା ସଂସ୍କୃତି ସହିତ ତୁଳନା ଆରମ୍ଭ କରି ଦେଇଥିଲେ । ଏପରି ଭାବରେ ସେମାନେ ଭାରତୀୟ ସଂସ୍କୃତିର କିଛି ତତ୍ତ୍ୱ ବିରୋଧରେ ପ୍ରଶ୍ନ କଲେ । ଉଦାହରଣ ସ୍ୱରୂପ, ରାଜା ରାମମୋହନ ରାୟ ଏବଂ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଇତ୍ୟାଦି ସମାଜ ସଂସ୍କାରକମାନେ କେତେକ ସାମାଜିକ ଦୁଷ୍କର୍ମକୁ ଦୂର କରିବା ପାଇଁ ପ୍ରୟାସ କରିଥିଲେ ଯାହା ଭାରତୀୟ ସମାଜର ଅଂଶ ଥିଲା । ବିଶେଷ ରୂପେ ରାଜା ରାମମୋହନ ରାୟ ସତୀପ୍ରଥା (ପତିର ମୃତ୍ୟୁରେ ଏହାର ଚିତା ସହିତ ତାହାର ବିଧବା ପତ୍ନୀକୁ ଜଳାଇଦେବା) ଉପରେ ଆକ୍ଷେପ କଲେ ଏବଂ ବିଦ୍ୟାସାଗର ବିଧବା ବିବାହ ଉପରେ ଜୋର୍ ଦେଲେ । ଜ୍ୟୋତିବା ଫୁଲେ ଭଳି ନେତା ମହାରାଷ୍ଟ୍ରରେ ଜାତିବାଦ ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ କଲେ । (ଯଦି ତାଙ୍କର ଇଉରୋପୀୟ ସଂସ୍କୃତିରେ ବିଶ୍ୱାସ ନଥିଲା ଏବଂ ଭାରତୀୟ ସଂସ୍କୃତି ଶ୍ରେଷ୍ଠ ଥିଲା) ତଥାପି ସେ



ଟିପ୍ପଣୀ

ଉପନିବେଶୀୟ ଶାସକଙ୍କୁ ନିବେଦନ କଲେ ଯେ ଭାରତୀୟ ସମାଜରେ ହସ୍ତକ୍ଷେପ କରି ଏହାର ସଂସ୍କାର ଆଣନ୍ତୁ । ତାଙ୍କର ଏହା ଅବଶ୍ୟ ବିଶ୍ୱାସ ଥିଲା ଯେ ବ୍ରିଟିଶ ଶାସନ ଆଧୁନିକ ଶକ୍ତିର ପ୍ରତିନିଧିତ୍ୱ କରୁଛି, ଯାହା ଭାରତୀୟ ସମାଜରେ ଆଧୁନିକତାରେ ସମାନ୍ତର ରୂପେ ଚାଲିବା ପାଇଁ ସମୁଚିତ ଢ଼ଙ୍ଗରେ ବିକାଶ କରିପାରିବ ।

ଅନ୍ୟ ଏକ ସ୍ତରରେ ଜଦିଚ, ଭାରତୀୟ ନେତୃବର୍ଗ ଭାରତୀୟ ସଂସ୍କୃତିକୁ ରକ୍ଷା କରିବା ଏବଂ ଏହାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ କରୁଥିଲେ । ଏହା ଚିନ୍ତା କରିବା ପଛରେ ସେମାନଙ୍କର ଧାରଣା ଥିଲା ଯେ ଭାରତୀୟ ଲୋକଙ୍କ ଜୀବନରେ ଉପନିବେଶବାଦୀ ସଂସ୍କୃତିର ଅନ୍ୟ ଦଖଲହେଉଛି । ୧୮୫୦ ଦଶକରେ ଯେତେବେଳେ ଇଉରୋପୀୟ ବେଶଭୂଷା ଏବଂ ଏହାର ପ୍ରଥାଗୁଡ଼ିକୁ ଭାରତୀୟମାନଙ୍କ ଉପରେ ବଳପୂର୍ବକ ପ୍ରୟୋଗ କରିବା ପାଇଁ ପ୍ରୟାସ କରାଗଲା, ସେତେବେଳେ ଭାରତୀୟମାନେ ଏହାକୁ ବିରୋଧ କଲେ । ଯେପରି ଉନବିଂଶ ଶତାବ୍ଦିର ପ୍ରଖ୍ୟାତ ସଂସ୍କାରକ ଏବଂ ବ୍ରହ୍ମ ସମାଜ (୧୮୨୮ରେ ରାମ ମୋହନ ରାୟଙ୍କ ଦ୍ୱାରା ଗଠିତ)ର ନେତା କେଶବ ଚନ୍ଦ୍ର ସେନ, ଇଂରେଜ ପୋଷାକ ପିନ୍ଧିବା ତଥା ଇଂରେଜ ଖାଦ୍ୟ ଭୋଜନ ପସନ୍ଦ କରୁ ନଥିଲେ । ଏପରି ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଲେପଟନେଣ୍ଟ ଗଭର୍ଣ୍ଣର ଦ୍ୱାରା ଆୟୋଜିତ ସମାରୋହରେ ଭାଗ ନେବାକୁ ମନା କରି ଦେଇଥିଲେ, କାରଣ ତାଙ୍କୁ ଇଂରେଜୀ ପୋଷାକ ପିନ୍ଧିବାକୁ କୁହାଯାଇଥିଲା । ଏହି ଦୃଷ୍ଟିରୁ ଏହା ବୁଝା ଯାଉଥିଲା କି ଲୋକମାନଙ୍କ ପାଇଁ ସାଂସ୍କୃତିକ ଅଧିକାର ତଥା ପ୍ରଥା ଗୁଡିକ ଅନେକ ମହତ୍ୱପୂର୍ଣ୍ଣ ଥିଲା ତଥା ଉପନିବେଶୀୟ ଶାସନର ଏହି ଆଧାରରେ ବିରୋଧ କରାଗଲା ଯେ ଏହା ଏକ ପ୍ରକାର ଭାରତୀୟଙ୍କ ସଂସ୍କୃତି ଉପରେ ଅତିକ୍ରମଣ କରିବାର ଏକ ପ୍ରୟାସ ।

ଉପର ଲିଖିତ ଦୁଇଟି ଦୃଷ୍ଟିକୋଣ ଅତ୍ୟନ୍ତ ଭିନ୍ନ ଏବଂ ପରସ୍ପର ବିରୋଧୀ ଥିଲା । ପ୍ରଥମ ଦୃଷ୍ଟିକୋଣ (ପାରମ୍ପରିକ ଭାରତୀୟ ସଂସ୍କୃତିର ଭ୍ରଷ୍ଟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା) ତଥା ଦ୍ୱିତୀୟ ଦୃଷ୍ଟିକୋଣ (ଉପନିବେଶୀୟ ଶାସକଙ୍କ ଦ୍ୱାରା ସ୍ଥାନୀୟ ଭାରତୀୟ ସଂସ୍କୃତିରେ ବାଧା ଦେବା ଅଥବା ଏହାକୁ ପରିବର୍ତ୍ତନ କରିବାର ପ୍ରୟାସ) । ପ୍ରଥମ ଦୃଷ୍ଟିରେ ପରସ୍ପର ବିରୋଧ ପ୍ରତୀୟମାନ ହୁଏ । ଦେଖିବା ପାଇଁ ଆପଣଙ୍କୁ ଏମିତି ଲାଗିବ ଯେ ପ୍ରଥମ ଦୃଷ୍ଟିକୋଣରୁ ଭାରତୀୟ ସମାଜରେ ହସ୍ତକ୍ଷେପ କରିବା ପାଇଁ ବ୍ରିଟ୍ରିଶକୁ ଆମନ୍ତ୍ରିତ କରାଗଲା । ସେତେବେଳେ ଅନ୍ୟ ଦୃଷ୍ଟିକୋଣ ଅନୁସାରେ ଏହାର ବିରୋଧ କରାଗଲା । ପରନ୍ତୁ ଏହି କଥାକୁ ମନେରଖିବା ବହୁତ ମହତ୍ୱପୂର୍ଣ୍ଣ ଥିଲା କି ଭାରତୀୟ ରାଷ୍ଟ୍ରବାଦର ଏକ ଭାଗ ରୂପେ ଏହି ଦୁଇଟି ଦୃଷ୍ଟିକୋଣ ଏକ ଅନ୍ୟ ଏକର ପରିପୁରକ ଥିଲା । ଭାରତୀୟ ସଂସ୍କୃତିର କେତେକ ନକାରାତ୍ମକ ଭଷ୍ଟାଚାରକୁ ଦୃଢ଼ ଭାବେ ପ୍ରତ୍ୟାଖ୍ୟାନ କରି ଔପନିବେଶିକ ଶାସକଙ୍କ ସଂସ୍କୃତିରେ ଏକିଭୂତ ହେବା ଫଳରେ ଉନବିଂଶ ଶତାବ୍ଦିରେ ସାଂସ୍କୃତିକ ରାଷ୍ଟ୍ରବାଦ ବିଚାରର ବିକାଶ ହେଲା । ଅନ୍ୟ ଶବ୍ଦରେ ଉନବିଂଶ ଶତାବ୍ଦିର ସାମାଜିକ ସଂସ୍କାରକମାନେ ଭାରତୀୟ ସଂସ୍କୃତିକୁ ପ୍ରକୃତରେ ଏକ ଆଧୁନୀକ ସଂସ୍କୃତି ଭାବରେ ଦେଖିବା ପାଇଁ ଚାହୁଁଥିଲେ । ମାତ୍ର ସେମାନେ ସମ୍ପୂର୍ଣ୍ଣ ରୂପେ ପାଶ୍ଚାତ୍ୟ ଆଡକୁ ଢ଼ଳିବାକୁ ଚାହୁଁ ନଥିଲେ । ଏହି ବିଚାରରୁ ସେମାନେ ଉଭୟ ପାରମ୍ପରିକ ସଂସ୍କୃତି କିମ୍ବା ଆଧୁନିକ ଔପନିବେଶିକ ସଂସ୍କୃତିକୁ ବିରୋଧ କରୁଥିଲେ । ଏହା ଥିଲା ସାଂସ୍କୃତିକ ରାଷ୍ଟ୍ରବାଦର ମୌଳିକତାର ବୈଶିଷ୍ଟ ଯାହା ଭାରତରେ ଉନବିଂଶ ଶତାବ୍ଦିରେ ପ୍ରଚଳିତ ଥିଲା ।

## ପାଠଗତ ପ୍ରଶ୍ନ ୨୦.୨

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

(କ) ଏହି ସଂସ୍କାରଙ୍କ ନାମ କୁହ, ଯିଏ ସତୀ ପ୍ରଥାର ବିରୋଧ କରିଥିଲେ ।

..........................................................................................

(ଖ) ବିଧବା ବିବାହ ଉପରେ କେଉଁ ଭାରତୀୟ ସଂସ୍କାରକ କହିଥିଲେ ?

..........................................................................................

(ଗ) ରାମ ମୋହନ ରାୟ ଦ୍ୱାରା ସ୍ଥାପିତ ସଂଗଠନର ନାମ କୁହ ।

..........................................................................................

୨. ସାଂସ୍କୃତିକ ରାଷ୍ଟ୍ରବାଦର ଦୁଇଟି ମୁଖ୍ୟ ବିଶେଷତା ଉଲ୍ଲେଖ କର ।

..........................................................................................

## ୨୦.୩ ଆର୍ଥିକ ରାଷ୍ଟ୍ରବାଦ

ଏବେ ତୁମେ ବୁଝିଗଲେ ଯେ ସାଂସ୍କୃତିକ ରାଷ୍ଟ୍ରୀୟତାର ଅଭିପ୍ରାୟ କ'ଣ ଏବଂ ଭାରତର ସଂସ୍କୃତି ଏବଂ ରାଷ୍ଟ୍ରବାଦ ମଧ୍ୟରେ ପରସ୍ପର ସମ୍ବନ୍ଧ କ'ଣ ଥିଲା? ଆସ, ଏବେ ଆମେ ଆର୍ଥିକ ରାଷ୍ଟ୍ରବାଦକୁ ବୁଝିବାକୁ ପ୍ରୟାସ କରିବା । ଆର୍ଥିକ ରାଷ୍ଟ୍ରବାଦର ଜଡକୁ ଆମେ ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧରେ ଖୋଜି ପାରିବା ଯେତେବେଳେ ଦାଦାଭାଇ ନାରୋଜୀ, ମହାଦେବ ଗୋବିନ୍ଦ ରାଣା ଦେ ଏବଂ ରମେଶ ଚନ୍ଦ୍ର ଦତ୍ତ ଏବଂ ଆହୁରି ଅନେକ ବ୍ୟକ୍ତି ଏହା ଅନୁଭବ କରିବା ପ୍ରାରମ୍ଭ କରିଥିଲେଯେ, ବ୍ରିଟିଶ ଶାସନ ଭାରତକୁ ଆର୍ଥିକ ରୂପେ ଶୋଷଣ କରୁଥିଲା ତଥା ଭାରକୁ ଅତ୍ୟନ୍ତ ନିର୍ଦ୍ଧନ ସ୍ଥିତିରେ ରଖିବା ପାଇଁ ମୁଖ୍ୟତଃ ସେମାନଙ୍କର ଦାୟିତ୍ୱ ଥିଲା । ଏଇଥିପାଇଁ ଗୋପାଳ କୃଷ୍ଣ ଗୋଖଲେ, ବାଳ ଗଙ୍ଗାଧର ତିଳକ, ଜୀ.ବୀ ଜୋଶୀ ତଥା ଅନ୍ୟ ଭାରତୀୟ ନେତାମାନେ ବ୍ରିଟିଶ ଶାସନର ଆର୍ଥିକ ବ୍ୟବସ୍ଥାର ଆଲୋଚନା ପାଇଁ ଏକ ପଦ୍ଧତିଗତ ତଥା ବିସ୍ତୃତ ଆର୍ଥିକ ସମିକ୍ଷା ଆରମ୍ଭ କଲେ । ସେମାନଙ୍କ ଦ୍ୱାରା ନିଜର ଲେଖା ମାଧ୍ୟମରେ ପ୍ରତିପାଦିତ ଏବଂ ପ୍ରଚାରିତ ଆର୍ଥିକ ରାଷ୍ଟ୍ରବାଦର କିଛି ବିଶେଷତା ନିମ୍ନରେ ପ୍ରଦତ୍ତ ହେଲା ।

ସେମାନେ ଗୁରୁତ୍ୱ ଆରୋପ କଲେ କି ଏହି ଔପନିବେଶିୟ ଶାସନ ଭାରତକୁ ବିଭିନ୍ନ ବାଟରେ ଶୋଷଣ କରୁଛି । ପ୍ରାରମ୍ଭିକ କାଳରେ ଏହି ଶୋଷଣ କୃଷକମାନଙ୍କୁ ଅତ୍ୟଧିକ କର ଆଦାୟ ଏବଂ ଭାରତ ସହିତ ଅସୀମ ବାଣିଜ୍ୟ ମଧ୍ୟରେ ସୀମିତ ଥିଲା । ଏହା ଏକ ଅସମାନ ବାଣିଜ୍ୟ ଥିଲା କାରଣ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ (ଯିଏ ବ୍ରିଟିଶ ସଂସଦରେ ଭାରତ ସହିତ ବ୍ୟାପାର କରିବା ପାଇଁ ଏକାଧିକାର ଦେଇଥିଲା) ଅନେକ ଶସ୍ତା ଦାମ୍‌ରେ ଭାରତୀୟ ପଦାର୍ଥ କିଣୁଥିଲେ ଏବଂ ବ୍ରିଟେନରେ ନିର୍ମିତ ବସ୍ତୁଗୁଡିକୁ ଅନେକ ମହଙ୍ଗା ଦରରେ ଭାରତରେ ବିକୁଥିଲେ । ଏହାର



ଟିପ୍ପଣୀ

ପରିଣାମ ସ୍ୱରୂପ ଭାରତର ଧନ-ଦୌଲତ ଇଂଲଣ୍ଡକୁ ଯିବା ପାଇଁ ଲାଗିଲା । ସେମାନେ ଭାରତର ପରମ୍ପରାଗତ ହସ୍ତ ଶିଳ୍ପ ଉଦ୍ୟୋଗକୁ ମଧ୍ୟ ନଷ୍ଟ କରିଦେଲେ । ତଥାପି, ଉନବିଂଶ ଶତାବ୍ଦିରେ, ଯେତେବେଳେ ଏପରି ଆର୍ଥିକ ଶୋଷଣ ଜାରି ରହିଥିଲା, ନୂଆ ଜଟିଳ ପ୍ରକାରର ଶୋଷଣ ଅସ୍ତିତ୍ୱକୁ ଆସିଗଲା । ଏବେ ଔପନିବେଶିକ ଶାସକ ଭାରତକୁ ସେମାନଙ୍କର ଉଦ୍ୟୋଗୀମାନଙ୍କ ନିମିତ୍ତ କଞ୍ଚାମାଲ ଭରଣା କରୁଥିବା ଯୋଗାଣକାରୀ ରୂପରେ ଶୋଷଣ କରିବା ପ୍ରାରମ୍ଭ କଲେ ତଥା ଏମିତି ଏକ ବଜାରରେ ପରିବର୍ତ୍ତନ କଲେ ଯେଉଁଠାରେ ବ୍ରିଟିଶ ଉଦ୍ୟୋଗୀମାନଙ୍କ ଦ୍ୱାରା ନିର୍ମିତ ବସ୍ତୁଗୁଡିକୁ ବିକ୍ରିକରା ଯାଇପାରିଥିଲା ଭାରତକୁ ଏହି ସାମଗ୍ରୀମାନଙ୍କର ଫସଲ ଉତ୍ପାଦନ (ଯେମିତି କପା ବା ପଟସନ୍) ନିମିତ୍ତ ବାଧ୍ୟ କରାଗଲା ଯାହା ବ୍ରିଟିଶ ଉଦ୍ୟୋଗୀମାନଙ୍କ ନିମିତ୍ତ ଆବଶ୍ୟକ ଥିଲା । ଏହାର ପ୍ରଭାବ ଏମିତି ହେଲା ଯେ, ଯେଉଁ ଭାରତୀୟ ଧନ-ସମ୍ପତ୍ତି ଭାରତର ଔଦ୍ୟୋଗୀକରଣ ଏବଂ ଆର୍ଥିକ ବ୍ୟବସ୍ଥା ନିମିତ୍ତ ପ୍ରୟୋଗ କରିବା ପାଇଁ ବ୍ୟବହାର କରାଯାଇ ପାରିଥାନ୍ତା, ତାହା ବ୍ରିଟେନ ଆର୍ଥିକ ବିକାଶ ନିମିତ୍ତ ପ୍ରୟୋଗ କରାଗଲା । ଭାରତୀୟ ରାଷ୍ଟ୍ରୀୟ ନେତାମାନେ ଏହି ମହତ୍ୱପୂର୍ଣ୍ଣ ତଥ୍ୟକୁ ଜାଣିଲେ ତଥା ଏହାର ପ୍ରଚାର ମଧ୍ୟ କଲେ ।

ଭାରତରେ କ୍ରମାଗତ ଆର୍ଥିକ ଶୋଷଣକୁ ବୁଝିଥିବା ରାଷ୍ଟ୍ରୀୟ ନେତାମାନେ ବିଶେଷ ରୂପେ ଦାଦା ଭାଇ ନାରୋରଜୀ 'ନିଷ୍କାସନ ସିଦ୍ଧାନ୍ତ'କୁ ଲୋକପ୍ରିୟ କରାଇଲେ । ନାରୋଜୀ ତାଙ୍କର ପ୍ରମୁଖ ପୁସ୍ତକ "ପୋଭାଟି ଏଣ୍ଡ ଦି ଅନ-ବ୍ରିଟିଶ ରୁଲ୍ ଇନ୍ ଇଣ୍ଡିଆ (୧୯୦୧-ପ୍ରକାଶିତ ୧୯୮୮) ଲିଖିତ ପ୍ରମୁଖ ପୁସ୍ତକରେ ତର୍କ କରିଥିଲେ ଯେ ଭାରତର ଆର୍ଥିକ ସଂଶୋଧନକୁ ବ୍ୟାପାର, ଔଦ୍ୟୋଗୀକରଣ ଏବଂ ବ୍ରିଟିଶ ଅଧିକାରୀମାନଙ୍କୁ ପ୍ରଦାନ କରାଯାଉଥିବା ଅତ୍ୟଧିକ ବେତନ, ଯାହା ଭାରତୀୟ କୋଷାଗାରରୁ ପ୍ରଦାନ କରାଯାଉଥିଲା ଏବଂ ଏପରି ବହୁତ ବ୍ୟବସ୍ଥିତ ପଦ୍ଧତିରେ ଅର୍ଥ ଇଂଲଣ୍ଡକୁ ପ୍ରଦାନ କରାଯାଉଥିଲା । ସେମାନଙ୍କର ଆକଳନ ଅନୁସାରେ ଏହି 'ନିଷ୍କାସନ' ସରକାରଙ୍କ ରାଜସ୍ୱର ଅଧାଭାଗ ତଥା ଭାରତର ସଞ୍ଚୟର ଏକ ତୃତୀୟାଂଶରୁ ଅଧିକ ଥିଲା । ଏପରି ଭାବରେ ଏହା ବ୍ରିଟେନର ବିଭବତା ଏବଂ ଭାରତର ଦାରିଦ୍ରତାର ପ୍ରକ୍ରିୟା, ଏକ ସମୟରେ ଚାଲିଥିଲା ।

ଏପରି ଭାବରେ ପ୍ରାରମ୍ଭିକ ରାଷ୍ଟ୍ରିୟ ନେତାମାନେ ଏପରି ତର୍କ ରଖିଲେ ଯେ ବ୍ରିଟିଶ ଔପନିବେଶିକ ଶାସନରେ ଅନେକ ପ୍ରକାରର ଉପାୟ ମାଧ୍ୟମରେ ଭାରତର ଅର୍ଥ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଗ୍ରେଟ ବ୍ରିଟେନର ଅର୍ଥ ବ୍ୟବସ୍ଥା ମଧ୍ୟରେ ଅଧୀନ କରି ନିଆ ହୋଇଥିଲା । ସେମାନେ ଏହା ଦାବି କରିଥିଲେ କି ଭାରତର ଧନ-ସମ୍ପଦକୁ ଇଂଲଣ୍ଡକୁ ନିଷ୍କାସନ ବନ୍ଦ କରାଯାଉ ଏବଂ ଭାରତର ପୁଞ୍ଜିରେ କେବଳ ଭାରତରେ ଔଦୋଗୀକରଣ ଅଣାଯାଉ ଯାହାଫଳରେ ଏହା ଭାରତ ତଥା ଭାରତର ଲୋକ ଉଭୟଙ୍କର ହୋଇପାରିବ । ଏହି ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ରାଷ୍ଟ୍ରବାଦୀ ନେତାମାନେ ନିଜ ଦେଶ ନିମିତ୍ତ ସ୍ୱ-ଶାସନ ବା ସ୍ୱ-ସରକାର ବା ସ୍ୱରାଜର ଦାବି ଆଣିଲେ ।

ରାଷ୍ଟ୍ରବାଦୀ ନେତାମାନଙ୍କ ଦ୍ୱାରା ସଂରଚିତ ଆର୍ଥିକ ରାଷ୍ଟ୍ରୀୟବାଦିର ସନ୍ଦର୍ଭ ଦ୍ୱିପକ୍ଷୀୟ ଥିଲା:

ସର୍ବ ପ୍ରଥମେ ଏଥିରୁ ସେହି ଧାରଣାର ପରିସମାପ୍ତି କରାଗଲା, ଯାହା ଉନବିଂଶ ଶତାବ୍ଦିର ପ୍ରଥମାର୍ଦ୍ଧ ମଧ୍ୟରେ ଶିକ୍ଷିତ ବର୍ଗଙ୍କ ହୃଦୟରେ ବସିଯାଇଥିଲା ଯେ ବ୍ରିଟିଶ ଉପନିବେଶବାଦୀ ସରକାର କଲ୍ୟାଣକାରୀ ସରକାର ଅଟେ ଏବଂ ଏହା ପରିଶେଷରେ ଭାରତର ଆର୍ଥିକ ବିକାଶ







ଦିଗକୁ ଅଗ୍ରସର ହେଉଛି । ଅନେକ ଲୋକଙ୍କର ଏହା ବିଶ୍ୱାସ ଥିଲା ଯେ ଯଦି ଔପନିବେଶିକ ଶାସନ ଲମ୍ବା ସମୟ ପର୍ଯ୍ୟନ୍ତ ଚାଲିବ ତାହାହେଲେ ପରିଶେଷରେ ଭାରତ ଗ୍ରେଟ ବ୍ରିଟେନ ପରି ସମୃଦ୍ଧ ରାଷ୍ଟ୍ର ହୋଇଯିବ । ଭାରତୀୟ ରାଷ୍ଟ୍ରବାଦୀ ନେତା ଏହା ପ୍ରଦର୍ଶିତ କରିବାରେ ସମର୍ଥ ଥିଲେ ଯେ ଏହି ଧାରଣା ଭୁଲ ଥିଲା ତଥା ଏହି ଉପନିବେଶବାଦୀ ଶାସନ ବାସ୍ତବରେ ଭାରତର ଲୋକଙ୍କ ହିତ ପାଇଁ ହାନିକାରକ ଥିଲା ।

ଦ୍ୱିତୀୟରେ ଆର୍ଥିକ ରାଷ୍ଟ୍ରବାଦ ବ୍ରିଟିଶ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଏକ ଶକ୍ତିଶାଳୀ ଆନ୍ଦୋଳନର ଭିତ୍ତି ରଖିଥିଲା, ଯାହା ବିଂଶ ଶତାବ୍ଦିରେ ମହାତ୍ମାଗାନ୍ଧି ଏବଂ ଅନ୍ୟ ନେତାମାନଙ୍କ ନେତୃତ୍ୱରେ ପ୍ରାରମ୍ଭ ହେଲା । ଏହି ନେତାମାନେ ଆର୍ଥିକ ରାଷ୍ଟ୍ରବାଦର ବିଚାରକୁ ଭାରତୀୟ ଜନତା ପର୍ଯ୍ୟନ୍ତ ପହଞ୍ଚାଇଲେ ଏବଂ ସେମାନେ ଏହା ସପକ୍ଷରେ ରାଷ୍ଟ୍ରୀୟ ଆନ୍ଦୋଳନ ପାଇଁ ପ୍ରେରିତ କଲେ । ବର୍ତ୍ତମାନ ସମସ୍ତେ ଭାରତୀୟ ଜନମାନସରେ ବହୁ ସଂଖ୍ୟାରେ ରାଷ୍ଟ୍ରୀୟ ଆନ୍ଦୋଳନ ସହିତ ଜୋଡି ହୋଇଗଲେ, ବ୍ରିଟିଶ ଔପନିବେଶିକ ଶାସନ ଭାରତରେ ରହିବା ଅସମ୍ଭବ ହୋଇଗଲା ।

## ପାଠଗତ ପ୍ରଶ୍ନ ୨୦.୩

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

(କ) ଭାରତର ଏମିତି କିଛି ନେତାମାନଙ୍କର ନାମ ଲେଖ ଯେଉଁମାନେ ଏହି ତର୍କ ରଖିଥିଲେ ଯେ ବ୍ରିଟିଶ ଶାସନ ଦ୍ୱାରା ଭାରତର ଅର୍ଥ ବ୍ୟବସ୍ଥାକୁ ଶୋଷଣ କରାଯାଉଛି ।

..............................................................................................

(ଖ) 'ନିଷ୍କାସନ ସିଦ୍ଧାନ୍ତ' କ'ଣ ଥିଲା ଏବଂ ଏହାକୁ କିଏ ପ୍ରତିପାଦିତ କରିଥିଲେ ?

..............................................................................................

(ଗ) ଆର୍ଥିକ ରାଷ୍ଟ୍ରବାଦର ମହତ୍ୱ କ'ଣ ଅଟେ ?

..............................................................................................

(ଘ) ବିଂଶ ଶତାବ୍ଦୀରେ ରାଷ୍ଟ୍ରୀୟ ଆନ୍ଦୋଳନର ନେତାମାନଙ୍କ ଦ୍ୱାରା ଆର୍ଥିକ ରାଷ୍ଟ୍ରବାଦ ବିଚାର କେଉଁ ପ୍ରକାର ଉପଯୋଗ କରାଗଲା ?

..............................................................................................

୨. ଶୂନ୍ୟସ୍ଥାନ ପୂରଣ କର:

(କ) ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତ ସହିତ__________ କଲେ ।

(ଖ) ଦାଦା ଭାଇ ନାରୋଜୀ __________ପୁସ୍ତକ ରଚନା କରିଥିଲେ ।



ଟିପ୍ପଣୀ

(ଗ) ଭାରତରୁ ଇଂଲଣ୍ଡକୁ ନିଷ୍କାସିତ ହେଉଥିବା ଅର୍ଥ ସମ୍ପତ୍ତିର କୁଳମାତ୍ରା ଭାରତର__________ ସଂଚୟର ବରାବର ଥିଲା ।

(ଘ) ଉପନିବେଶବାଦୀ ଶାସକ ସେମାନଙ୍କର ଉଦ୍ୟୋଗଗୁଡିକ ନିମିତ୍ତ ଭାରତକୁ __________ସ୍ରୋତ ରୂପରେ ଶୋଷଣ କରୁଥିଲେ ।

---

## ୨୦.୪ ଧର୍ମ ଏବଂ ରାଷ୍ଟ୍ରବାଦ

ସାଂସ୍କୃତିକ ରାଷ୍ଟ୍ରବାଦ ତଥା ଆର୍ଥିକ ରାଷ୍ଟ୍ରବାଦ ବ୍ୟତୀତ, ଅନ୍ୟ ଉପାୟ ମଧ୍ୟ ଥିଲା, ଯାହା ମାଧ୍ୟମରେ ଭାରତୀୟ ରାଷ୍ଟ୍ରବାଦର ଭାବନା ଅଭିବ୍ୟକ୍ତ କରାଯାଇ ପାରୁଥିଲା । ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧ ମଧ୍ୟରେ ଭାରତୀୟ ରାଷ୍ଟ୍ରବାଦ ସନ୍ଦର୍ଭରେ ଏହି ବିଚାରର ଜନ୍ମ ନେଲା ଯାହା ଧର୍ମ ଉପରେ ଆଧାରିତ ଥିଲା । ଏହା ବଙ୍କିମ ଚନ୍ଦ୍ର ଚଟ୍ଟୋପଧ୍ୟାୟ, ଦୟାନନ୍ଦ ସରସ୍ୱତୀ (ଯିଏ ୧୮୭୫ରେ ଆର୍ଯ୍ୟ ସମାଜର ସ୍ଥାପନା କରିଥିଲେ) ଏବଂ ଅରୋବିନ୍ଦ ଘୋଷ ଭଳି ନେତାମାନେ ହିନ୍ଦୁ ଧର୍ମ ଏବଂ ଏହାର ଭାବନାକୁ ଭାରତୀୟ ରାଷ୍ଟ୍ରବାଦ ପଛରେ ପ୍ରେରଣା ଶକ୍ତି ସୃଷ୍ଟି କଲେ । ସେମାନେ ଭାରତରେ ବ୍ରିଟିଶମାନଙ୍କର ଉପସ୍ଥିତିକୁ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ଭାରତ ସଭ୍ୟତା ଉପରେ ନିଜର ପ୍ରଭୁତ୍ୱ ସ୍ଥାପନା କରିବା ସ୍ଥିତିରେ ଦେଖିଥିଲେ । ସେମାନେ ସେହି ପ୍ରଭୁତ୍ୱରସମ୍ପୂର୍ଣ୍ଣ ବିରୋଧୀ ଥିଲେ ।

ଏହି ନେତାମାନେ ସମ୍ପୂର୍ଣ୍ଣ ରୂପେ ମାନୁଥିଲେ ଯେ ଯଦ୍ୟପି ବ୍ରିଟିଶ, ଭାରତ ଉପରେ ବିଜୟ ପ୍ରାପ୍ତ କରିବାରେ ସଫଳ ହେଲା ତଥାପି ପ୍ରାଚ୍ୟ ସଭ୍ୟତା ପାଶ୍ଚାତ୍ୟ ସଭ୍ୟତା ଠାରୁ ଶ୍ରେଷ୍ଠ ଥିଲା । ବଙ୍କିମ ଚନ୍ଦ୍ର ଏହା ଯୁକ୍ତି କଲେ ଯେ ଯଦିଚ ବ୍ରିଟିଶମାନେ ସେନା ଏବଂ ପ୍ରଦ୍ୟୋଗର ଶ୍ରେଷ୍ଠତାର ସହାୟତା ଭାରତ ଉପରେ ବିଜୟ ପ୍ରାପ୍ତ କରି ନେଇଥିଲେ ତଥାପି ଭାରତୀୟମାନେ ସେମାନଙ୍କର ଅନୁକରଣ କରିବା ଉଚିତ୍ ନୁହେଁ । ସେମାନେ ଭାରତୀୟ ସମାଜର ଅଦ୍ୱିତିୟତାର ପକ୍ଷ ନେଲେ ଏବଂ କହିଲେ ଯେ ଏଠାରେ ପାଶ୍ଚାତ୍ୟ ସଭ୍ୟତାର ବିଚାରଗୁଡିକୁ ଲାଗୁ କରାଯାଇପାରିବ ନାହିଁ । ସେହି ନେତାମାନେ ଏପରି ବୁଝିଥିଲେ ଯେ ପାଶ୍ଚାତ୍ୟ ସଭ୍ୟତା ବ୍ୟକ୍ତିବାଦୀ ବିଚାରଧାରା ଉପରେ (ଆଧ୍ୟାତ୍ମିକତାର ସ୍ଥାନ ଉପରେ) ଆଧାରିତ ଥିଲା ଏବଂ ଏହି ବିଚାର ଭାରତ ନିମିତ୍ତ ସମ୍ପୂର୍ଣ୍ଣ ରୂପେ ଅନୁଚିତ୍ ଥିଲା । ବିବେକାନନ୍ଦଙ୍କର ବିଶ୍ୱାସ ଥିଲା ଯେ ପାଶ୍ଚାତ୍ୟ ବିଚାରକୁ ଭାରତୀୟ ସ୍ଥିତି ଅନୁସାରେ ପୁନଃ ରଚିତ କରିବାକୁ ହେବ । ସେ କହିଲେ, ୟୁରୋପରେ ରାଜନୈତିକ ବିଚାର ରାଷ୍ଟ୍ରୀୟ ଏକତା ଆଣିଥାଏ, ଏସିଆରେ ଧାର୍ମିକ ବିଚାର ରାଷ୍ଟ୍ରୀୟ ଏକତାର ଭାବନା ସୃଷ୍ଟି କରେ ।

ଏହି ନେତାମାନଙ୍କର ପ୍ରେରଣା ସ୍ରୋତ ପାଶ୍ଚାତ୍ୟ ସାହିତ୍ୟ ଏବଂ ଅନ୍ୟ ସାଧନ ନୁହେଁ ମାତ୍ର ବେଦ, ଉପନିଷେଦ ଏବଂ ଗୀତା ଭଳି ଭାରତୀୟ ଗ୍ରନ୍ଥ ଥିଲା । ସେମାନେ ବ୍ରିଟିଶ ଉପନିବେଶବାଦୀ ଶାସନର ଆଲୋଚନା କଲେ, ଯାହାର ମୁଖ୍ୟ ଆଧାର ଥିଲା ଯେ ଏହି ଲୋକମାନେ ଆଧ୍ୟାତ୍ମିକ ସଂଶୋଧନରେ ସମ୍ପନ୍ନ ସମୃଦ୍ଧ ଭାରତ ଭୂମି ଉପରେ ଏକ ନିକୃଷ୍ଟ ଭୌତିକ ପଦ୍ଧତି ଲାଗୁ କରିବାପାଇଁ ଚାହୁଁଛନ୍ତି ।

ଧର୍ମ ଉପରେ ଆଧାରିତ ରାଷ୍ଟ୍ରବାଦର ଉପଲବ୍ଧି ଏକ ରାଜନୈତିକ ଦୃଷ୍ଟିକୋଣ ଥିଲା । ବାଳ ଗଙ୍ଗାଧର ତିଳକ ଭଳି ନେତା ରାଷ୍ଟ୍ରବାଦର ଏହି ଭାବନାକୁ ଜନମାନସ ପର୍ଯ୍ୟନ୍ତ ନେଇ ଯିବାକୁ ଚାହୁଁ ଥିଲେ । ସେ ଜାଣିଥିଲେ ଯେ ଭାରତୀୟ ସମାଜରେ ଅନେକ ମହତ୍ୱ ପୂର୍ଣ୍ଣ ନୈତିକ ଶକ୍ତି ଥିଲା । ତେଣୁ ସେ ରାଷ୍ଟ୍ରବାଦୀ ଭାବନାର ପ୍ରଚାର ନିମିତ୍ତ ଉପଯୋଗ କରିବାକୁ ନିର୍ଣ୍ଣୟ ନେଲେ । ଲୋକମାନଙ୍କୁ ସେ ସେମାନଙ୍କ ଭାଷା, ଅର୍ଥ, ଧାର୍ମିକ ଭାଷାରେ ଅଭିବ୍ୟକ୍ତ କରିବା ପାଇଁ ଯୋଗ୍ୟ ହେବା ପାଇଁ, ତିଳକ ୧୮୯୩ରେ ମହାରାଷ୍ଟ୍ରରେ ଗଣପତି ଉତ୍ସବ ପାଳନ କରିବା ଆରମ୍ଭ କଲେ ଯାହା ଫଳରେ ଏମିତି ମଞ୍ଚ ପ୍ରସ୍ତୁତ କରାଯାଇପାରିବ ଯେଉଁଠାରେ ରାଷ୍ଟ୍ରବାଦୀ ବିଚାରଗୁଡିକୁ ପ୍ରଚାର ଓ ପ୍ରସାର କରାଯାଇପାରିବ ।

ବିଂଶ ଶତାବ୍ଦିରେ ଧର୍ମ ଉପରେ ଆଧାରିତ ଏହି ରାଷ୍ଟ୍ରବାଦୀ ଉପଲବ୍ଧିର ପରିଣାମ ସ୍ୱରୂପ ଦୁଇଟି ବିଭିନ୍ନ ପ୍ରକାରର ରାଜନୈତିକ ଗତିବିଧି ସୃଷ୍ଟି ହେଲା । ଏକ ପାଖରେ ମହାତ୍ମାଗାନ୍ଧି ଭଳି ନେତାମାନେ ରାଷ୍ଟ୍ରବାଦୀ ପ୍ରେରଣାକୁ ଆଗେଇ ନେବାକୁ ଧର୍ମକୁ ବ୍ୟବହାର କରିବାକୁ ସ୍ୱାଗତ କଲେ । ମାତ୍ର ସେମାନେ ଏହି ଦୃଷ୍ଟିକୋଣକୁ କେବଳ ହିନ୍ଦୁ ଧର୍ମ ପର୍ଯ୍ୟନ୍ତ ସୀମିତ ରଖି ନଥିଲେ । ସେମାନେ ହିନ୍ଦୁତ୍ୱ, ଇସଲାମ ଏବଂ ଅନ୍ୟ ଧର୍ମମାନଙ୍କର ପ୍ରତୀକ ଏବଂ ଭାଷାମାନଙ୍କୁ ମଧ୍ୟ ବ୍ୟବହାର କଲେ । ଏହି ପ୍ରକାର ସେମାନେ ବିଭିନ୍ନ ଧାର୍ମିକ ସମୁଦାୟର ସଦସ୍ୟମାନଙ୍କୁ ରାଷ୍ଟ୍ରୀୟ ଆନ୍ଦୋଳନ ସହିତ ଜଡିତ କରିବା ତଥା ସେମାନଙ୍କ ମଧ୍ୟରେ ଏକତ୍ୱ ଭାବନାକୁ ଜାଗ୍ରତ କରିବା ପାଇଁ ପ୍ରୟାସ କଲେ ।

ଅନ୍ୟ ଦୃଷ୍ଟିକୋଣରୁ ଏହା ପ୍ରମୁଖ ବିଚାର ଥିଲା ଏବଂ ଏହା 'ହିନ୍ଦୁ ମହାସଭା' ଓ 'ମୁସଲିମ୍ ଲିଗ୍' ଭଳି ସଙ୍ଗଠନ ଗୁଡିକର ଗତିବିଧିରେ ପରିଲକ୍ଷିତ ହେଉଥିଲା । ହିନ୍ଦୁ ମହାସଭାର ନେତାମାନେ ନିଜର ଗତିବିଧିକୁ ହିନ୍ଦୁମାନଙ୍କ ପର୍ଯ୍ୟନ୍ତ ଏବଂ ମୁସଲିମ ଲିଗ ମୁସଲମାନମାନଙ୍କ ପର୍ଯ୍ୟନ୍ତ ସୀମିତ ରଖିଥିଲେ । ସେମାନେ ଭାରତୀୟ ଜନମାନସରେ ଏକତାର ପ୍ରୟାସ କରି କିମ୍ବା ବ୍ରିଟିଶ ଉପନିବେଶବାଦୀ ଶାସନର ଲଗାତାର ବିରୋଧ କରି କୌଣସି ପ୍ରକାରରେ ଭାରତୀୟ ରାଷ୍ଟ୍ରବାଦର ବିଚାରଧାରା ନିମିତ୍ତ ଯୋଗଦାନ କଲେ ନାହିଁ ।

ପରିଶେଷରେ ଆପଣଙ୍କ ପାଇଁ ଏହା ବୁଝିବା ବହୁତ ମହତ୍ୱପୂର୍ଣ୍ଣ ଅଟେ ଯେ ଉକ୍ତ ମଡ୍ୟୁଲରେ ପଠିତ ବିଭିନ୍ନ ପ୍ରକାରର ରାଷ୍ଟ୍ରବାଦର ପରସ୍ପର ସହିତ ସମ୍ପର୍କର ଦିଗକୁ ଆପଣମାନେ ବୁଝିପାରିବେ । ଯଦିଚ ସେଗୁଡିକ ପରସ୍ପରଠାରୁ ଭିନ୍ନ ଜଣା ଯା'ନ୍ତି, ତଥାପି ସେମାନଙ୍କ ମଧ୍ୟରେ ଅନେକ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ସେମାନେ ପରସ୍ପରଠାରୁ ଅଲଗା ବୋଲି ପ୍ରତୀୟମାନ ହୁଏ ଯେ ସେମାନେ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି ମାତ୍ର ପରିଶେଷରେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିଥାନ୍ତି । ସେମାନେ କୌଣସି ପ୍ରକାର ମୂଳଭୂତ ଭାବନାରେ ପରସ୍ପର ବିରୋଧୀ ନଥିଲେ । ସେମାନେ ସମସ୍ତେ ବ୍ରିଟିଶ ଉପନିବେଶବାଦୀ ଶାସନକୁ ବିରୋଧ କରୁଥିଲେ ପରନ୍ତୁ ସେମାନଙ୍କ ବିରୋଧର ଆଧାର ଭିନ୍ନ ଭିନ୍ନ ଥିଲା । ସାଂସ୍କୃତିକ ରାଷ୍ଟ୍ରବାଦର ସପକ୍ଷବାଦୀମାନଙ୍କର ବିଶ୍ୱାସ ଥିଲା ଯେ ଔପନିବେଶିକ ଶାସନ ଭାରତୀୟ ସଂସ୍କୃତିର ଅତିକ୍ରମଣ କରିବା ଆରମ୍ଭ କରି ଦେଇଥିଲା ଯାହା ବିରୋଧ କରିବା ଆବଶ୍ୟକ । ଆର୍ଥିକ ରାଷ୍ଟ୍ରବାଦର ପ୍ରତିବାଦକମାନେ ଯୁକ୍ତି ବାଢ଼ିଲେ କି ଉପନିବେଶବାଦୀ ଶାସକ ଆର୍ଥିକ ରୂପେ ଭାରତର ଶୋଷଣ କରୁଥିଲେ ଏବଂ ଭାରତକୁ ପଛୁଆ ରଖିବା ପାଇଁ ଏହା ଏକ ମୁଖ୍ୟ ଉପାଦାନ ଥିଲା । ଏ ପ୍ରକାର ବଙ୍କିମ ଚନ୍ଦ୍ର



ଟିପ୍ପଣୀ

ଏବଂ ବିବେକାନନ୍ଦ ଭଳି ନେତାମାନେ ବ୍ରିଟିଶ ଶାସନର ଏହି ଆଧାର ଉପରେ ବିରୋଧ କଲେ ଯେ ଏହା ଭାରତର ଆଧାତ୍ମିକ ସଂଶାଧନକୁ ପ୍ରଦୁଷିତ କରୁଅଛି । ଏହି ତିନି ଜଣ ବ୍ରିଟିଶ ଔପନିବେଶିକ ଶାସନକୁ ବିରୋଧ କଲେ କାରଣ ଭାରତୀୟ ଜନତା ଉପରେ ବ୍ରିଟିଶ୍ ଶାସନର ପ୍ରଭାବ ବିସ୍ତାର । ସେମାନଙ୍କର ଚିନ୍ତାଧାରା ବିଂଶ ଶତାବ୍ଦିରେ ଏକ ଶକ୍ତିଶାଳୀ ଔପନିବେଶିକ ବିରୋଧୀ ଭାରତୀୟ ଜାତୀୟ ଆନ୍ଦୋଳନ ଗଢ଼ିବାରେ ସହାୟକ ହେଲା, ଯାହା ପରିଶେଷରେ ଭାରତରୁ ଔପନିବେଶିକ ଶାସନକୁ ପରାହତ ଏବଂ ବହିଷ୍କୃତ କଲା ।

## ପାଠଗତ ପ୍ରଶ୍ନ - ୨୦.୪

୧. ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅନ୍ତୁ:

(କ) ଆର୍ଯ୍ୟ ସମାଜର ସ୍ଥାପନା କିଏ କରିଥିଲେ ?

......................................................................................

(ଖ) ଭାରତୀୟ ନେତାମାନଙ୍କ ଅନୁଯାୟୀ ପାଶ୍ଚାତ୍ୟ ସଭ୍ୟତାର କ'ଣ ମୁଖ୍ୟ ବିଚାର ଥିଲା ?

......................................................................................

(ଗ) ସେହି ଭାରତୀୟ ନେତାମାନଙ୍କର ନାମ ଲେଖନ୍ତୁ ଯିଏ ଭାରତୀୟ ଜନମାନସ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ଉତ୍ସବ ମାନିବା ଆରମ୍ଭ କଲେ ।

......................................................................................

୨. ନିମ୍ନ ଲିଖିତ କଥନକୁ ପଢ଼ି ଠିକ ବା ଭୁଲ ବତାନ୍ତୁ:

(କ) ବଙ୍କିମ ଚନ୍ଦ୍ରଙ୍କ ଅନୁମାନ କଲେ ଯେ ପାଶ୍ଚାତ୍ୟ ସଭ୍ୟତାର ବିଚାରକୁ ଭାରତରେ ଲାଗୁ କରାଯାଇପାରେ । (ଠିକ୍/ଭୁଲ)

(ଖ) ଦୟାନନ୍ଦ ଏବଂ ବିବେକାନନ୍ଦ ଭଳି ନେତାମାନେ ସେମାନଙ୍କର ପ୍ରେରଣା ଇଉରୋପୀୟ ଗ୍ରନ୍ଥ (ସାହିତ୍ୟ)ରୁ ପ୍ରାପ୍ତ କରିଥିଲେ । (ଠିକ୍/ଭୁଲ)

(ଗ) ଆର୍ଥିକ ରାଷ୍ଟ୍ରବାଦ, ସାଂସ୍କୃତିକ ରାଷ୍ଟ୍ରବାଦ ଏବଂ ଧର୍ମ ଉପରେ ଆଧାରିତ ରାଷ୍ଟ୍ରବାଦ ଏକମାତ୍ର ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ବିଭିନ୍ନ ମାର୍ଗକୁ ଆପଣେଇଥିଲେ । (ଠିକ୍/ଭୁଲ)

## ତୁମେ କ'ଣ ଶିଖିଲ

ଏହି ପାଠ୍ୟରେ ନିମ୍ନଲିଖିତ ବୈଶିଷ୍ଟ୍ୟ ଉଲ୍ଲେଖନୀୟ ଅଟେ:

- ସର୍ବ ପ୍ରଥମେ ଉନବିଂଶ ଶତାବ୍ଦିରେ ଇଉରୋପରେ ରାଷ୍ଟ୍ରବାଦର ଜଡ ଦୃଢ଼ ହେଲା ଏବଂ ଏହା ଖୁବ୍ ଶୀଘ୍ର ଔଦଗୀକରଣ ଏବଂ ଆଧୁନିକ ଔଦ୍ୟଗିକ ଅର୍ଥ ବ୍ୟବସ୍ଥାର ପରିଣାମ ଥିଲା ।







- ଭାରତୀୟ ରାଷ୍ଟ୍ରବାଦ ତାହାର ସମକାଳୀନ ଇଉରୋପୀୟ ରାଷ୍ଟ୍ରବାଦଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଭାରତରେ ରାଷ୍ଟ୍ରବାଦ ଭାବନାର ଉଦୟ ଉନବିଂଶ ଶତାବ୍ଦିର ଦ୍ୱିତୀୟାର୍ଦ୍ଧରେ ହୋଇଥିଲା ।
- ଭାରତୀୟ ରାଷ୍ଟ୍ରବାଦର ବିଚାର ଯମଜ ବିରୋଧ ଭାବନା ଉପରେ ଆଧାରିତ ଥିଲା । ପ୍ରଥମଟି ଥିଲା ବ୍ରିଟିଶ ଉପନିବେଶବାଦୀ ଶାସନର ବିରୋଧ ଏବଂ ଦ୍ୱିତୀୟଟି ଥିଲା ଭାରତର ଲୋକମାନଙ୍କର ଏକତା ।
- ବ୍ରିଟିଶ ଶାସନର ପ୍ରଭାବ ସର୍ବ ପ୍ରଥମ ସଂସ୍କୃତି କ୍ଷେତ୍ରରେ ଅନୁଭବ କରାଗଲା । ଭାରତୀୟ ନେତାମାନଙ୍କ ଦ୍ୱାରା ତର୍କ ରଖାଗଲା କି ଭାରତୀୟ ସଂସ୍କୃତିରେ ଉପନିବେଶବାଦୀ ସଂସ୍କୃତିର ଅତିକ୍ରମଣ ହାନିକାରକ ଅଟେ ଏବଂ ଏହାର ବିରୋଧ ହେବା ଉଚିତ୍ ।
- ପ୍ରାରମ୍ଭିକ ରାଷ୍ଟ୍ରବାଦୀ ନେତାମାନେ ବ୍ରିଟିଶ ଉପନିବେଶବାଦୀ ଶାସନର ଆର୍ଥିକ ଦୃଷ୍ଟିରେ ଶୋଷଣକାରୀ ପ୍ରକୃତିକୁ ଦର୍ଶାଗଲା ତଥା ଏପରି ରାଷ୍ଟ୍ରବାଦର ଜନ୍ମ ହେଲା ।
- ଏହା ସହିତ, ଅନ୍ୟ ନେତାମାନେ ଭାରତର ରାଷ୍ଟ୍ରବାଦର ପ୍ରଚାର କଲେ, ଯାହା ଧର୍ମ ଉପରେ ଆଧାରିତ ଥିଲା ତଥା ଯାହା ଧାର୍ମିକ ବିଚାର-ବିମର୍ଶ ଦ୍ୱାରା ପ୍ରେରିତ ଥିଲା ।
- ବିଂଶ ଶତାବ୍ଦିରେ ଅନେକ ଶାଖାଗୁଡିକ ସହିତ ଯେଉଁ ଭାରତୀୟ ରାଷ୍ଟ୍ରବାଦର ବିକାଶ ହେଲା ଏହାର ପରିଣାମ ସ୍ୱରୂପ ଶକ୍ତିଶାଳୀ ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ ରୂପ ନେଇ ପାରିଲା । ଏହି ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ ଉନବିଂଶ ଶତାବ୍ଦିର ଭାରତୀୟ ରାଷ୍ଟ୍ରବାଦ ବିଚାର ଉପରେ ଆଧାରିତ ଥିଲା ଏବଂ ଏହା ଜନମାନସର ବ୍ୟାପକ ଅଂଶୀଦାର ଭାବରେ ସମର୍ଥନ ମିଳିଲା । ବିଶାଳ ଜନମାନସର ସକ୍ରିୟ ଭାଗୀଦାରୀ ଭାରତୀୟ ରାଷ୍ଟ୍ରବାଦକୁ ଶକ୍ତିଶାଳୀ ଅଜେୟ ଶକ୍ତିରେ ପରିବର୍ତ୍ତିତ ହୋଇଗଲା । ଯାହା ପରିଶେଷରେ ବ୍ରିଟିଶ ଉପନିବେଶବାଦୀ ଶାସନକୁ ଭାରତକୁ ଆସିବା ଉପରେ ବାଧ ବାଧକତା କରିଦେଲା ।



## ପାଠାନ୍ତ ପ୍ରଶ୍ନ

୧. ଔଦ୍ୟୋଗିକରଣ ଇଉରୋପରେ ରାଷ୍ଟ୍ରବାଦକୁ ବିକଶିତ କରିବାରେ କି ପ୍ରକାରର ଦିଗ୍‌ଦର୍ଶନ ଦେଲା ?

୨. ଭାରତୀୟ ରାଷ୍ଟ୍ରବାଦ, ନିଜର ସମକାଳୀନ ଇଉରୋପୀୟ ରାଷ୍ଟ୍ରବାଦଠାରୁ କିପରି ଭିନ୍ନ ଥିଲା ?

୩. ସାଂସ୍କୃତିକ ରାଷ୍ଟ୍ରବାଦର ସାର କ'ଣ ଥିଲା ?

୪. ଦାଦାଭାଇ ନାରୋଜୀ ଏବଂ ଆର୍.ସି.ଦତ୍ତ ଭଳି ନେତାମାନେ ଆର୍ଥିକ ରାଷ୍ଟ୍ରବାଦର ବିକାଶରେ କିପ୍ରକାର ଯୋଗଦାନ କରିଥିଲେ ?



ଟିପ୍ପଣୀ

୫. ଏହା କି ପ୍ରକାର ବିଭିନ୍ନ ଉପାୟ ଥିଲା ଯାହା ଦ୍ୱାରା ବ୍ରିଟିଶ ଉପନିବେଶବାଦୀ ଶାସନ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ଗ୍ରେଟ-ବ୍ରିଟେନର ଅର୍ଥ ବ୍ୟବସ୍ଥାର ଅଧିନ କଲା ?

୬. ଦୟାନନ୍ଦ ସରସ୍ୱତୀ, ବିବେକାନନ୍ଦ ଏବଂ ଅରବିନ୍ଦ ଘୋଷଙ୍କ ଦୃଷ୍ଟିକୋଣରେ ଧର୍ମ ଏବଂ ରାଷ୍ଟ୍ରିୟତାରେ ପରସ୍ପର କ'ଣ ସମ୍ବନ୍ଧ ଥିଲା ?

୭. ଭାରତୀୟ ରାଷ୍ଟ୍ରବାଦର ବିକାଶ, ଭାରତୀୟ ରାଷ୍ଟ୍ର ଆନ୍ଦୋଳନର ବିକାଶରେ କ'ଣ ସମ୍ବନ୍ଧ ଥିଲା ?

## ପାଠଗତ ପ୍ରଶ୍ନର ଉତ୍ତର

**୨୦.୧**

୧. (କ) ଭୁଲ (ଖ) ଠିକ୍ (ଗ) ଠିକ୍ (ଘ) ଠିକ୍

୨. (କ) ବ୍ରିଟିଶ ଉପନିବେଶବାଦୀ ଶାସନର ବିରୋଧ (ଖ) ଭାରତୀୟ ଲୋକମାନଙ୍କର ଏକତା

**୨୦.୨**

୧.(କ) ରାମମୋହନ ରାୟ (ଖ) ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର (ଗ) ବ୍ରହ୍ମ ସମାଜ

୨. ପାରମ୍ପରିକ ଭାରତୀୟ ସଂସ୍କୃତିର କେତେକ ତତ୍ତ୍ୱର ବିରୋଧ ଏବଂ ଲୋକମାନଙ୍କର ଜୀବନରେ ଉପନିବେଶବାଦୀ ସଂସ୍କୃତିର ଅତିକ୍ରମଣର ବିରୋଧ ।

**୨୦.୩**

୧. ଦାଦା ଭାଇ ନାରୋଜୀ, ଆର୍.ସି. ଦତ୍ତ, ମହାଦେବ ଗୋବିନ୍ଦ ରାଣାଡେ, ଏବଂ ଅନ୍ୟାନ୍ୟ କେତେ ଜଣ ।

୨. ନିଷ୍କାସନ ପଦ୍ଧତିର ଅଭିପ୍ରାୟ ଥିଲା, ବ୍ୟାପାର, ଉଦ୍ୟୋଗ ଏବଂ ଭାରତରେ ନିଯୁକ୍ତ ବ୍ରିଟିଶ ଅଧିକାରୀମାନଙ୍କର ବେତନ ପ୍ରଦାନ ଜରିଆରେ ଭାରତୀୟ ଧନ ସମ୍ପଦକୁ ଏକ ପ୍ରଣାଳୀର ରୂପ ଦେଇ ଇଂଲଣ୍ଡକୁ ସ୍ଥାନାନ୍ତରିତ କରିବା ।

୩. ଆର୍ଥିକ ରାଷ୍ଟ୍ରବାଦର ଏହା ମହତ୍ୱ ଥିଲା ଯେ ଏହିଠାରୁ ଏହି ଭ୍ରମ ସମାପ୍ତ ହୋଇଗଲା କି ବ୍ରିଟିଶ ଉପନିବେଶବାଦୀ ଶାସନ ଭାରତର ଲୋକମାନଙ୍କର ମଙ୍ଗଳ ପାଇଁ କାମ କରୁଥିଲା ।

୪. ଆର୍ଥିକ ରାଷ୍ଟ୍ରବାଦର ଭାବନା ଦ୍ୱାରା ରାଷ୍ଟ୍ରୀୟ ଆନ୍ଦୋଳନର ନେତାମାନେ ଭାରତୀୟ ଲୋକମାନଙ୍କୁ ଉପନିବେଶବାଦୀ ଶାସନ ବିରୁଦ୍ଧରେ ଲଢ଼ିବା ପାଇଁ ପ୍ରେରିତ କରିବା ପାଇଁ ଉପଯୋଗ କଲେ ।

୨. (କ) ଅସମାନ ବ୍ୟାପାର (ଖ) ନିର୍ଦ୍ଧନତା ତଥା ଭାରତରେ ବ୍ରିଟିଶ ଶାସନକୁ ହଟାଇବା (ଗ) ଏକ ତୃତୀୟାଂଶ (ଘ) କଞ୍ଚାମାଲ







**୨୦.୪**

୧. (କ) ଦୟାନନ୍ଦ ସରସ୍ୱତୀ (ଖ) ବ୍ୟକ୍ତିବାଦ ଧର୍ମ ନିରପେକ୍ଷତା, ଔଚିତ୍ୟପୂର୍ଣ୍ଣ ବ୍ୟାଖ୍ୟା (ଗ) ବାଳ ଗଙ୍ଗାଧର ତିଳକ

୨. (କ) ଭୁଲ (ଖ) ଭୁଲ (ଗ) ଠିକ୍

**ପାଠାନ୍ତ ପ୍ରଶ୍ନର ସଙ୍କେତ**

୧. ଦେଖ ୨୦.୧ ଅନୁଚ୍ଛେଦ ୨

୨. ଦେଖ ୨୦.୧ ଅନୁଚ୍ଛେଦ ୫

୩. ଦେଖ ୨୦.୨

୪. ଦେଖ ୨୦.୩ ଅନୁଚ୍ଛେଦ ୧ ଏବଂ ୨

୫. ଦେଖ ୨୦.୩ ଅନୁଚ୍ଛେଦ ୩ ଏବଂ ୪

୬. ଦେଖ ୨୦.୪ ଅନୁଚ୍ଛେଦ ୧ ଏବଂ ୨

୭. ଦେଖ ୨୦.୪ ଅନୁଚ୍ଛେଦ ୭ (ଅନ୍ତିମ ଅନୁଚ୍ଛେଦ)

# ୨୧

# ଭାରତୀୟ ରାଷ୍ଟ୍ରୀୟ ଆନ୍ଦୋଳନ

ଆମର ସ୍ୱତନ୍ତ୍ରତା ଆନ୍ଦୋଳନର ଇତିହାସ କୌଣସି ଏକ ନିର୍ଦ୍ଦିଷ୍ଟ ସମଭଙ୍ଗୀ କାହାଣୀ ନୁହେଁ। ଏଥିରେ ଅନେକ ଭିନ୍ନ ଭିନ୍ନ ପ୍ରକାରର ସୂତ୍ର ରହିଛି ଯାହା ପରସ୍ପର ମଧ୍ୟରେ ଗୁନ୍ଥା ହୋଇଛି ଏବଂ ସେମାନେ ପରସ୍ପରକୁ ପ୍ରଭାବିତ କରୁଛନ୍ତି ତଥା ସ୍ୱତନ୍ତ୍ରତା ପାଇଁ ଆମ ଲୋକମାନଙ୍କର ସଂଘର୍ଷର ପରଦାକୁ ଖୋଲି ଥା'ନ୍ତି। ନରମପନ୍ଥୀମାନଙ୍କର ପ୍ରୟାସରେ ଆଇନ ଏବଂ ସାମ୍ବିଧାନୀକ ପରିବର୍ତ୍ତନ ହେଲା। କ୍ରାନ୍ତିକାରୀମାନଙ୍କର ସଂଘର୍ଷର ପରିଣାମ ସ୍ୱରୂପ ଦୁଃସାହସୀ ଏବଂ ଅଟଳ ସଂଘର୍ଷର ଘଟଣାମାନ ଘଟିଲା। ମହାତ୍ମାଗାନ୍ଧୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଜନ ଆନ୍ଦୋଳନ ଉପରେ ଜନତାର ପ୍ରତ୍ୟେକ ବର୍ଗର ଆହୁରି ବ୍ୟାପକ ପ୍ରତିକ୍ରିୟା ହେଲା। ପ୍ରତ୍ୟେକ ଆନ୍ଦୋଳନ ଗୋଟିଏ ଅନ୍ୟକୁ ସମର୍ଥନ ଦେଲା ଏବଂ ଏହାର ପ୍ରତିକ୍ରିୟା ସ୍ୱରୂପ ଆମକୁ ସ୍ୱତନ୍ତ୍ରତା ମିଳିଲା। ଏହି ଅଧ୍ୟାୟରେ ଆମେ ଏହାର ବିଭିନ୍ନ ଆନ୍ଦୋଳନ ସମ୍ବନ୍ଧରେ ପଢ଼ିବୁ ତଥା ଏହା ଦେଖିବୁ କେମିତି ଗୋଟିଏ ଆନ୍ଦୋଳନ ଅନ୍ୟଟି ଉପରେ ପ୍ରଭାବ ପକାଇଲା ଏବଂ ସମସ୍ତଙ୍କର ସର୍ବ ନିମ୍ନ ଲକ୍ଷ୍ୟ ସ୍ୱତନ୍ତ୍ରତା ଲାଭ କରିବା ପାଇଁ ଆହୁରି ଆଗକୁ ନେଇଗଲା।

## ଉଦ୍ଦେଶ୍ୟ

ଏହି ପାଠର ପାଠନ କରିବା ପଶ୍ଚାତ ତୁମେ :

- ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନ ସମ୍ବନ୍ଧରେ ଏକ ସାମଗ୍ରିକ ଦୃଷ୍ଟିକୋଣ ବିକଶିତ କରି ପାରିବ।
- ଆନ୍ଦୋଳନର ବିଭିନ୍ନ ଖିଅକୁ ଚିହ୍ନି ସେଗୁଡିକୁ କ୍ରମିକ ଭାବେ ବ୍ୟବସ୍ଥିତ କରିପାରିବ।
- ଏହା ଦେଖି ପାରିବ କି ଜାତୀୟ ଆନ୍ଦୋଳନର ପ୍ରତ୍ୟେକ ବର୍ଗ କେମିତି ପରସ୍ପରକୁ ପ୍ରଭାବିତ କଲେ।

## ୨୧.୧ ଭାରତୀୟ ଜାତୀୟ କଂଗ୍ରେସ ତଥା ପ୍ରାରମ୍ଭିକ ରାଷ୍ଟ୍ରବାଦୀ

ଭାରତୀୟ ଜାତୀୟ କଂଗ୍ରେସର ଗଠନ ୧୮୮୫ରେ ରାଜନୈତିକ ଦୃଷ୍ଟିରୁ ୭୨ ଭାରତୀୟ ଶିକ୍ଷିତ ଜାଗୃତ ସମୁଦାୟଙ୍କ ଦ୍ୱାରା ଗଠନ କରାଗଲା। ବ୍ରିଟିଶ ଇଣ୍ଡିଆନ ସିଭଲ ସର୍ଭିସରୁ ସେବା ନିବୃତ୍ତ ଅଧିକାରୀ ମିଷ୍ଟର ଏ.ଓ. ହ୍ୟୁମ୍ ଏହାର ଗଠନରେ ବହୁତ ମହତ୍ୱପୂର୍ଣ୍ଣ ଭୂମିକା ଲିଭାଇଥିଲେ। ଏହାର ସଦସ୍ୟମାନଙ୍କ ମଧ୍ୟରେ ସାମିଲ ଥିଲେ ଫିରୋଜସାହ ମେହେଟ୍ଟା, ବଦରୁଦ୍ଦୀନ ତୟାବଜୀ, ଡବଲ୍ୟୁ.ସି.ବାନର୍ଜୀ, ସୁରେନ୍ଦ୍ରନାଥ ବାନାର୍ଜୀ, ଆନନ୍ଦ ମୋହନ ବୋଷ







ଏବଂ ରମେଶ ଚନ୍ଦ୍ର ଦତ୍ତ। ଏହି ସଂଗଠନ କୌଣସି ପ୍ରକାର ଭାରତୀୟ ଲୋକମାନଙ୍କର ଏପରି ପ୍ରାରମ୍ଭିକ ସଂସ୍ଥା ନଥିଲା। ଭାରତରେ ଇଂରେଜୀ ପଢ଼ାଶୁଣା ବର୍ଗ ଧୀରେ ଧୀରେ ରାଜନୈତିକ ଦୃଷ୍ଟିରୁ ଜାଗ୍ରତ ହେଉଥିଲେ ଏବଂ ୧୮୭୫ରୁ ୧୮୮୫ ମଧ୍ୟରେ ଅନେକ ରାଜନୈତିକ ସଂଗଠନ ଗଠନ କରାଯାଇଥିଲା। କଲିକତାର ଦ୍ୱାରକାନାଥ ଗାଙ୍ଗୁଲୀ, ପୁନାର ରାଣାଦେ ଏବଂ ଜୀ.ବୀ.ଯୋଶୀ, ବମ୍ବେର କେ.ଟି.ତେଲଙ୍ଗ ଏବଂ ମାନ୍ଦ୍ରାଜର ଜୀ.ସୁବ୍ରମନ୍ୟମ ଆୟର ଓ ବୀରରାଧବଚାରୀ ପ୍ରଥମରୁ ଭାରତୀୟ ରାଜନୈତିକ ସଂଗଠନରେ ଯୋଡି ହୋଇଥିଲେ। ସେମାନଙ୍କର ସଂଗଠନଗୁଡିକର ନାମ ଯଥାକ୍ରମେ:ଇଣ୍ଡିଆନ ଏସୋସିଏସନ. ପୁନା ସାର୍ବଜନିକ ସଭା, ବମ୍ବେ ପ୍ରେସିଡେନସୀ ଏସୋସିଏସନ ଏବଂ ମାନ୍ଦ୍ରାଜ ମହାଜନ ସଭା ଥିଲା । ଏହି ସଂସ୍ଥାଗୁଡିକର କାର୍ଯ୍ୟସୂଚୀ ସମ୍ପୂର୍ଣ୍ଣ ସୀମିତ ଥିଲା ଏବଂ ପୂର୍ଣ୍ଣ ସ୍ୱରାଜର ଚିନ୍ତାଧାରାଠାରୁ ଅନେକ ଦୂରରେ ଥିଲେ। ଏହି ସଂସ୍ଥାଗୁଡିକ ଔପନିବେଶିକ ଶାସନର କାର୍ଯ୍ୟ ପ୍ରଣାଳୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ। ସେଗୁଡିକ ଭାରତୀୟମାନଙ୍କ ସ୍ୱାର୍ଥ ବିରୋଧୀ ହେଉଥିଲା। ଏହି ସଂସ୍ଥା ସମ୍ବନ୍ଧିତ ପ୍ରାରମ୍ଭିକ ରାଷ୍ଟ୍ରବାଦୀମାନଙ୍କର ମୂଳ ଉଦ୍ଦେଶ୍ୟଗୁଡିକ ନିମ୍ନରେ ପ୍ରଦତ୍ତ ହେଲା।

୧. ତୁଳାର ଆମଦାନି ଶୁଳ୍କ ଭାରତୀୟମାନଙ୍କ ପାଇଁ ଅନୁକୂଳ ହେବା।

୨. ସରକାରୀ ସେବାଗୁଡିକ ଭାରତୀୟକରଣ କରାହେବା।

୩. ବ୍ରିଟିଶ ସରକାରଙ୍କର ଆଫଗାନ ନୀତିକୁ ବିରୋଧ।

୪. ଭରନାକୁଲର ପ୍ରେସ ଆଇନ ଏବଂ ପ୍ରେସ ଉପରେ ନିୟନ୍ତ୍ରଣର ବିରୋଧ।

ଯାହା ଭାରତୀୟ ଜାତୀୟ କଂଗ୍ରେସକୁ ଅନ୍ୟାନ୍ୟ ସଂଗଠନଠାରୁ ଭିନ୍ନ ବିବେଚିତ କରୁଥିଲା ତାହା ଥିଲା ଭାରତୀୟ ସାଧାରଣ ଲୋକମାନଙ୍କର ଏମିତି ଏକ ରାଜନୈତିକ ମଞ୍ଚ ଉପଲବ୍ଧ କରିବାର ପ୍ରୟାସ ଯେଉଁଠାରେ ଏହା ଦାବି କରିବାକୁ ଯୋଗ୍ୟ କରାଗଲା ଯେ ଏହା ଦେଶର ପ୍ରତିନିଧିତ୍ୱ କରେ।

ଯଦିଚ ବ୍ରିଟିଶ ପ୍ରଶାସନ କଂଗ୍ରେସର ମହତ୍ତ୍ୱକୁ ନ୍ୟୁନ କରିବାକୁ ପ୍ରୟାସ କଲା, ଏହା ସତ୍ତ୍ୱେ ଏହା ଲୋକମାନଙ୍କର ମହତାକାଂକ୍ଷାକୁ ଦର୍ଶାଇବାରେ ସଫଳ ହେଲା। ଅତଏବ ଏହି ସଂଗଠନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ସର୍ବୋଚ୍ଚ ଲକ୍ଷ ଥିଲା ଲୋକମାନଙ୍କ ମନରେ ଜାଗରୁତା ସୃଷ୍ଟି କରିବା ଯେ ସେମାନେ ଏକ ରାଷ୍ଟ୍ର ସମ୍ବନ୍ଧିତ ଅଟନ୍ତି। ବିଷୟ ବହୁତ ଭୟାବହ ଥିଲା, କାରଣ ଥିଲା ଏ ମାଟିର ପ୍ରଚଳିତ ସାଂସ୍କୃତିକ, ଭାଷାଗତ ଏବଂ ଧାର୍ମିକ ପରମ୍ପରାର ବିବିଧତା। ସାଧାରଣ ପ୍ରତିପକ୍ଷ ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ସମସ୍ତ ଭିନ୍ନ ଶକ୍ତିଗୁଡିକୁ ଏକଜୁଟ ହେବାର ଥିଲା।

ସର୍ବ ପ୍ରଥମେ ଆଇ-ଏନ-ସିର ପ୍ରତିଷ୍ଠାତାମାନେ ଦେଶର କଲ୍ୟାଣ ବିଶେଷ ରୂପେ ଆର୍ଥିକ ଉତ୍‌ଥାନ ନିମିତ୍ତ ଔପନିବେଶିକ ସରକାରକୁ ପ୍ରଭାବିତ କରିବା ପାଇଁ ଆଶା ବାନ୍ଧି ଥିଲେ। ସେମାନେ ଆଶା କରୁଥିଲେ ଯେ ଯଦି ସମୁଚିତ ପ୍ରଚାର ମାଧ୍ୟମରେ ରାଷ୍ଟ୍ରର ସମସ୍ୟାମାନ ପ୍ରକାଶକୁ ଅଣାଯାଇପାରିବ ତାହେଲେ ଔପନିବେଶିକ ସରକାର ସେହି ସମସ୍ୟାଗୁଡିକ ସମାଧାନ ନିମିତ୍ତ ପଦକ୍ଷେପ ନେଇ ପାରିବେ। ଏପରି ପ୍ରାରମ୍ଭିକ ବର୍ଷମାନଙ୍କରେ ରାଷ୍ଟ୍ରବାଦୀମାନେ ଦେଶର ପ୍ରମୁଖ ସମସ୍ୟାଗୁଡିକ, ପତ୍ର ତଥା ଖବରକାଗଜ ଲେଖା ମାଧ୍ୟମରେ ଲୋକଲୋଚନକୁ ଆଣିବାକୁ ପ୍ରୟାସ କଲେ। ତଥାକଥିତ ନରମପନ୍ଥୀ ବା କଂଗ୍ରେସର ପ୍ରାରମ୍ଭିକ ସଦସ୍ୟମାନଙ୍କର ମୂଲ୍ୟବାନ





ଯୋଗଦାନ ଥିଲା- ଆର୍ଥିକ ସମୀକ୍ଷାର ସୂତ୍ରପାତ କରିବା। ସର୍ବ ପ୍ରଥମେ ଦାଦାଭାଇ ନାରୋରଜୀ ଏବଂ ତତ୍‌ପଶ୍ଚାତ୍ ଅନ୍ୟ ଜାତୀୟତାବାଦୀମାନେ ଏହା ଦେଖିଲେ ଯେ ଔଦ୍ୟୋଗିକ କ୍ରାନ୍ତି ଆଣିବା ପରିବର୍ତ୍ତେ, ଯାହା ଭାରତର ବୌଦ୍ଧିକ ବର୍ଗ ଆଶା କରୁଥିଲେ, ବ୍ରିଟିଶ ଶାସନ ଭାରତକୁ ଆହୁରି ନିର୍ଦ୍ଧନ କରୁଥିଲେ ଏବଂ ଭାରତର ସ୍ୱଦେଶୀ ହସ୍ତଶିଳ୍ପ ଉତ୍ପାଦନକୁ ନଷ୍ଟ କରୁଥିଲା । ଏହି ଅନ୍ୱେଷଣରୁ ରାଷ୍ଟ୍ରବାଦୀମାନଙ୍କର ମନରେ କେତେକ ଭ୍ରମ ସୃଷ୍ଟି କରିଥିଲା କାରଣ ସେମାନଙ୍କର ଏହା ଆଶା ଥିଲା କି ବ୍ରିଟିଶ ଶାସନର ପରିଣାମ ସ୍ୱରୂପ ଭାରତରେ ଆଧୁନିକତା ଆସିବ। ପ୍ରାରମ୍ଭିକ କଂଗ୍ରେସର ଅନ୍ୟ କାର୍ଯ୍ୟକ୍ରମମାନ ନିମ୍ନ ରୂପେ ଥିଲା।

(୧) ଭାରତୀୟ ପ୍ରତିନିଧିମାନଙ୍କୁ ଅଧିକାଧିକ କ୍ଷମତା ଦେବା ସହିତ ସର୍ବୋଚ୍ଚ ଏବଂ ସ୍ଥାନୀୟ ବିଧାନ ପରିଷଦରେ ସୁଧାର;

(୨) ଇଂଲଣ୍ଡ ଏବଂ ଭାରତରେ ସମାନାନ୍ତର ପରୀକ୍ଷା ମାଧ୍ୟମରେ ସିଭିଲ ସର୍ଭିସକୁ ଭାରତୀୟକରଣ କରିବା;

(୩) ଜଙ୍ଗଲ ସମ୍ବନ୍ଧିତ ଆଇନର ପରିବର୍ତ୍ତନ ଆଣିବା, ଯାହା ଭାରତୀୟମାନଙ୍କୁ ପ୍ରଭାବିତ କରୁଥିଲା;

(୪) ଆସାମ ଚା ବଗିଚାରେ ଅନୁବନ୍ଧିତ ଶ୍ରମିକମାନଙ୍କ ବିରୋଧରେ ସଂଗଠିତ ଅଭିଯାନ ଚଳାଇବା;

## ୨୧.୨ ସ୍ୱଦେଶୀ ଏବଂ ବହିଷ୍କାର: ଚରମପନ୍ଥୀ ରାଜନୀତି

୧୮୮୫-୧୯୦୫ ମଧ୍ୟ ସମୟକୁ ନରମପନ୍ଥୀମାନଙ୍କର ସମୟ କୁହା ଯାଉଥିଲା। ୧୯୦୫ରେ ତତ୍କାଳିନ ଗଭର୍ଣ୍ଣର ଜେନେରାଲ ଲର୍ଡ କର୍ଜନ ବଙ୍ଗଳାର ବିଭାଜନ ଘୋଷଣା କଲେ। ସେହି ସମୟରେ ବଙ୍ଗଳାରେ ବର୍ତ୍ତମାନ ପଶ୍ଚିମ ବଂଗଳା, ବିହାର  ଝାଡଖଣ୍ଡ, ଓଡିଶା ଏବଂ ବିହାର ସାମିଲ ଥିଲା। ଏଥିରେ ବର୍ତ୍ତମାନ ବାଙ୍ଗଲାଦେଶ ମଧ୍ୟ ସାମିଲ ଥିଲା। ନିଃସନ୍ଦେହରେ ଏହା ଏକ ବିସ୍ତୃତ ପ୍ରଶାସନିକ କ୍ଷେତ୍ର ଥିଲା। ମାତ୍ର ଯେଭଳି ଭାବରେ ବିଭାଜନ ହେଲା ସେଥିରେ ବ୍ରିଟିଶ ଭେଦନୀତି ପରିଷ୍କାର ଭାବରେ ଦେଖାଯାଉଥିଲା। ପ୍ରଥମେ ଏହା ଧର୍ମଗତ ଦୃଷ୍ଟିରୁ ହିନ୍ଦୁ ବହୁଳ ଅଞ୍ଚଳ ମୁସଲମାନ ବହୁଳ ଅଞ୍ଚଳଠାରୁ ବିଭାଜିତ ହୋଇଥିଲା। ସର୍ବୋପରି ପୁନରୁଜ୍ଜୀବିତ ବୌଦ୍ଧିକ (ଇଂରେଜୀ ଶିକ୍ଷିତ ଉଚ୍ଚବର୍ଗ ଭାରତୀୟ) ବର୍ଗର ସହରି ଆଧାରିତ ସ୍ଥାନର ମୁଖ୍ୟତୟା କୃଷିକ୍ଷେତ୍ର ଅଞ୍ଚଳର(ମୁଖ୍ୟତଃ ପଟସନ (ଝୋଟ)ଚାଷ ହେଉଥିବା କ୍ଷେତ୍ର) ପୃଥକ କରାଗଲା, ଯାହା ପଛରେ ଉଦ୍ଦେଶ୍ୟ ଥିଲା କଲିକତାର ମହତ୍ୱକୁ ନ୍ୟୁନ କରିବା କାରଣ ଏଠାରେ ସମ୍ପୂର୍ଣ୍ଣ ବଙ୍ଗଳାରେ ବୌଦ୍ଧିକ ବର୍ଗର ଲୋକ ପରସ୍ପର ମଧ୍ୟରେ ମିଶିବାର ଥିଲା ଏବଂ ଜଣେ ଅନ୍ୟଜଣକୁ ପ୍ରେରିତ କରୁଥିଲେ। ଏହି ଘୋଷଣା ପରେ ପରେ ବ୍ୟାପକ ବିରୋଧ ପ୍ରଦର୍ଶନ ହେଲା। ପ୍ରାରମ୍ଭରେ ଏହି ବିରୋଧ ନରମପନ୍ଥିମାନଙ୍କର ‘ଅନୁନୟ-ବିନୟ’ ମାଧ୍ୟମରେ କରାଗଲା ଯେଉଁଥିରେ ଔପନିବେଶିକ ସରକାରଙ୍କୁ ଭାଷଣ, ସାଧାରଣ ସଭା ଏବଂ ଖବରକାଗଜ ମାଧ୍ୟମରେ ଅବଗତ କରାଗଲା। ଏହାଦ୍ୱାରା ଭାରତ ତଥା ଇଂଲଣ୍ଡରେ ଜନମତ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଉକ୍ତ ପଦକ୍ଷେପମାନ ସତ୍ତ୍ୱେ ୧୯୦୫ରେ ବଙ୍ଗ ବିଭାଜନ ଘୋଷିତ ହେଲା।

ଯେତେବେଳେ ଶେଷ ନିଷ୍ପତ୍ତି ଘୋଷଣା କରାଗଲା ବଙ୍ଗଳାରେ ସର୍ବତ୍ର ଦୃଢ଼ ବିରୋଧ

କରାଗଲା । ବଙ୍ଗଳାରେ ସର୍ବତ୍ର ବିରୋଧ ସଭାମାନ ଅନୁଷ୍ଠିତ ହେଲା ଏବଂ ପ୍ରମୁଖ ଭାବରେ କେବଳ କଲିକତାରେ ନୁହେଁ ମାତ୍ର ବଙ୍ଗଳାର ଦିନାଜପୁର, ପାବନା, ଫରିଦପୁର, ଢ଼ାକା, ବରିସାଲ ଭଳି ଛୋଟ ଛୋଟ ସହରମାନଙ୍କରେ ବିରୋଧୀ ସଭାମାନ ହୋଇଯାଇଥିଲା । ଏହି ସଭାମାନଙ୍କ ମଧ୍ୟରୁ କୌଣସି ଏକ ସଭାରେ ପ୍ରଥମ ଥର ପାଇଁ ବିଲାତ ଦ୍ରବ୍ୟ ବର୍ଜନର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ୬ ଅଗଷ୍ଟ ୧୯୦୫ର କଲିକତା ଟାଉନହଲରେ ଏକ ବୈଠକରେ ବର୍ଜନର ସଂକଳ୍ପ ଗ୍ରହଣ କରି ସ୍ୱଦେଶୀ ଆନ୍ଦୋଳନର ଔପଚାରିକତା ଘୋଷଣା କରାଗଲା ଯାହାଫଳରେ ଏ ପର୍ଯ୍ୟନ୍ତ ବିଘଟିତ ନେତୃତ୍ୱ ଏକଜୁଟ କରାଗଲା । ଯେଉଁଦିନ ବିଭାଜନ ଲାଗୁ କରାଗଲା, ଏହା ୧୧ ଅକ୍ଟୋବର ୧୯୦୫କୁ ସେହିଦିନ କଲିକତାରେ ହରତାଳ ପାଳନ କରାଗଲା ତଥା ଏହି ଦିନଟିକୁ ଶୋକ ଦିବସ ଘୋଷିତ କରାଗଲା । ସମସ୍ତ ଲୋକ ଉପବାସ କଲେ ଏବଂ କୌଣସି ଘରେ ରୋଷେଇ ପାଇଁ ଚୁଲି ଜଳିଲା ନାହିଁ । ବନ୍ଦେ ମାତରମ୍ ସଂଗୀତ ଗାନ କରି ଗଳି ଗଳିରେ ପରେଡ ବାହାରି ବଙ୍ଗଳାର ଲୋକମାନେ ଏକତାର ପ୍ରତୀକ ଭାବରେ ପ୍ରତ୍ୟେକ ପ୍ରତ୍ୟେକ ହାତରେ ରାକ୍ଷୀ ବାନ୍ଧିଲେ ।

ଏପରି ବିଶେଷ ସ୍ୱଦେଶୀ ଏବଂ ବର୍ଜନର ଜନ ବିରୋଧ ଫଳରେ କଂଗ୍ରେସର ନୂତନ ସଦସ୍ୟମାନଙ୍କ ମଧ୍ୟରେ ଲୋକପ୍ରିୟତା ବୃଦ୍ଧି ପାଇଲା । ଯେଉଁମାନେ ନିଜର ପରିଶ୍ରମ ଅନୁସାରେ ପରିଣାମ ଦେଖିବା ନିମିତ୍ତ ନରମପନ୍ଥିମାନଙ୍କ ଅପେକ୍ଷା ଅଧିକ ଅଧୈର୍ଯ୍ୟ ଥିଲେ । ଲୋକମାନ୍ୟ ତିଳକ ସ୍ୱଦେଶୀ ଏବଂ ବିଦେଶୀ ଦ୍ରବ୍ୟ ବର୍ଜନର ସଂଦେଶକୁ ମୁମ୍ୱେଇ ଏବଂ ପୁନେ ପର୍ଯ୍ୟନ୍ତ ନେଇଗଲେ । ଅଜିତ ସିଂ ଏବଂ ଲାଲା ଲାଜପତ ରାୟ ପଞ୍ଜାବରେ ଏବଂ ଅନ୍ୟଭାଗ ପର୍ଯ୍ୟନ୍ତ ପହଞ୍ଚାଇ ଥିଲେ । ଶୟଦ ହାଇଦର ରାଜା ଦିଲ୍ଲୀ ପର୍ଯ୍ୟନ୍ତ ଏବଂ ଚିଦମ୍ବର ପିଲାଇ ମାନ୍ଦ୍ରାଜ ପ୍ରେସିଡେନସି ପର୍ଯ୍ୟନ୍ତ ଏହି ସନ୍ଦେଶକୁ ନେଇ ଯାଇଥିଲେ, ସେତେବେଳେ ବିପିନ ଚନ୍ଦ୍ର ପାଲଙ୍କ ବିସ୍ତୃତ ଭ୍ରମଣ ସମୟରେ ଦିଆଯାଇଥିବା ବ୍ୟାପକ ବକ୍ତବ୍ୟଦ୍ୱାରା ଅନୁପ୍ରାଣିତ ହୋଇଥିଲା । ଗୋପାଳକୃଷ୍ଣ ଗୋଖେଲେଙ୍କ ଅଧ୍ୟକ୍ଷତାରେ ୧୯୦୫ରେ ହୋଇଥିବା କଂଗ୍ରେସର ସ୍ୱଦେଶୀ ଆହ୍ୱାନକୁ ଅଧିବେଶନ ସମୟରେ ଔପଚାରିକ ଭାବେ ଗ୍ରହଣ କରାଯାଇଥିଲା । ଯଦିଚ କଂଗ୍ରେସ ବଙ୍ଗଳାରେ ସ୍ୱଦେଶୀ ଆନ୍ଦୋଳନକୁ ସମର୍ଥନ ଦେଲା କିନ୍ତୁ ଏହା ଏହି ଆନ୍ଦୋଳନକୁ ଆହୁରି ଆଗକୁ ସମ୍ପୂର୍ଣ୍ଣ ଭାରତୀୟ ସ୍ତରରେ ଅଥବା ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଲକ୍ଷ ପର୍ଯ୍ୟନ୍ତ ବିସ୍ତାରିତ କରି ପାରିନଥିଲା । ତିଳକ, ବିପିନ ଚନ୍ଦ୍ର ପାଲ, ଲାଲା ଲାଜପତ ରାୟ ଏବଂ ଅରବିନ୍ଦ ଘୋଷଙ୍କ ଭଳି ଚରମପନ୍ଥୀ ନେତାମାନଙ୍କର ଏହାହିଁ କେବଳ ଇଚ୍ଛା ଥିଲା । ଚରମପନ୍ଥିମାନଙ୍କର ଚାପରେ ଦାଦାଭାଇ ନାରୋଜୀଙ୍କୁ କଲିକତା ଅଧିବେଶନ ସମୟରେ ନିଜର ଅଧ୍ୟକ୍ଷ ଭାଷଣରେ ଏହା କହିଥିଲେ ଯେ କଂଗ୍ରେସର ଅନ୍ତିମ ଲକ୍ଷ "ସ୍ୱ ଶାସନ ବା ସ୍ୱରାଜ ।"

ସ୍ୱଦେଶୀ ଆନ୍ଦୋଳନରେ ଯୋଗଦାନ ଏପରି ଥିଲା ଯେ ଏଥିରେ ନୂତନ ପ୍ରକାର ପ୍ରତିରୋଧମାନ ଆରମ୍ଭ କଲେ । ଏପରି ଆଶାକରାଯାଉଥିବା ବିରୋଧର କେତେକ ଉପାୟ ମହାତ୍ମାଗାନ୍ଧିଙ୍କ ଦ୍ୱାରା ସତ୍ୟାଗ୍ରହ ସମୟରେ ଗ୍ରହଣ କରାଯାଇଥିଲା । ବିରୋଧର ଏହି ଉପାୟଗୁଡିକ ଥିଲା ଜନସଭା, ସୋଭାଯାତ୍ରା, ବିଦେଶୀ ବସ୍ତ୍ର ବର୍ଜନ (ପରବର୍ତ୍ତୀ ସମୟରେ ଏହାର ବିସ୍ତାର ସରକାରୀ ସ୍କୁଲ, କଲେଜ, ନ୍ୟାୟାଳୟ, ଉପାଧି ଏବଂ ସରକାରୀ ଚାକିରୀକୁ ବହିଷ୍କାର ପର୍ଯ୍ୟନ୍ତ ହୋଇଗଲା) ହରତାଳ, ସାର୍ବଜନିକ ଭାବରେ ବିଦେଶୀ ଦ୍ରବ୍ୟ ପୋଡିବା ଏବଂ ବିଦେଶୀ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନ ସମ୍ମୁଖରେ ଧାରଣା ଇତ୍ୟାଦି । ବ୍ୟାପକ ସ୍ତରରେ ଜନମାନସରେ ସକ୍ରିୟତା

ସୃଷ୍ଟି କରିବାର ପ୍ରୟାସ କରାଗଲା ଏବଂ ଏପରି ସମିତିମାନ ଗଠନ କରାଗଲା,ଯାହା ବଙ୍ଗଳାର ଆଭ୍ୟନ୍ତରୀଣ ଅଞ୍ଚଳକୁ ଯାଇ ସ୍ୱଦେଶୀର ସନ୍ଦେଶ ପ୍ରଚାର ପ୍ରସାର କରାଗଲା ।

ପ୍ରଥମଥର ଜନ ସମୁଦାୟ ପର୍ଯ୍ୟନ୍ତ ପହଞ୍ଚିବା ପାଇଁ ରାଷ୍ଟ୍ରୀୟ ଆନ୍ଦୋଳନରେ ପ୍ରାରମ୍ଭିକ ଏବଂ ଲୋକପ୍ରିୟ ପର୍ବମାନ ପାଳନ କରାଗଲା ।

ମହାରାଷ୍ଟ୍ରରେ ତିଳକଙ୍କ ଦ୍ୱାରା ବହୁ ସଂଖ୍ୟାରେ ଲୋକମାନଙ୍କୁ ଏହି ଆନ୍ଦୋଳନ ଆଡକୁ ଆକର୍ଷିତ କରିବା ପାଇଁ ଏବଂ ଏ ସମ୍ବନ୍ଧରେ ସେମାନଙ୍କୁ ଶିକ୍ଷିତ କରିବା ପାଇଁ ଗଣପତି ଓ ଶିବାଜୀ ଉତ୍ସବମାନଙ୍କର ଉପଯୋଗ କରାଗଲା । ବଙ୍ଗଳାରେ ଲୋକମାନଙ୍କୁ ପ୍ରେରିତ କରିବା ପାଇଁ ସ୍ୱଦେଶୀ ସଂଗୀତ ପ୍ରୟୋଗ କରାଗଲା । ଲୋକପ୍ରିୟ ରଙ୍ଗମଞ୍ଚ ଯାତ୍ରାର ଏକ ପ୍ରକାର ରାଷ୍ଟ୍ରୀୟ ଭାବନାର ବିସ୍ତାର ନିମିତ୍ତ ପ୍ରୟୋଗ ପାଇଁ ବ୍ୟବହାର କରାଗଲା । ଏହି ଆନ୍ଦୋଳନ ସହିତ ସାଂସ୍କୃତିକ ଗତିବିଧିମାନଙ୍କର ଏକ ପ୍ଲାବନ ସୃଷ୍ଟି ହେଲା ।

ପରିଶେଷରେ ଔପନିବେଶିକ ସରକାର ବାଧ ହୋଇ ସେମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭାଜନକୁ ପ୍ରତ୍ୟାହାର କରିବାକୁ ବାଧ ହେଲେ । ତଥାପି ସେମାନେ ୧୯୧୧ରେ ରାଜଧାନୀକୁ କଲିକତାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ କରି କଲିକତା ଏବଂ ଏହା ସହିତ ବଙ୍ଗଳାରେ ବୁଦ୍ଧିଜୀବିମାନଙ୍କ ମହତ୍ୱକୁ ନ୍ୟୁନ କରିବା ପାଇଁ ପ୍ରୟାସ କଲେ ।

### ପାଠଗତ ପ୍ରଶ୍ନ ୨୧.୧

୧. ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ଗଠନ କେବେ ହେଲା ? କେଉଁ ବ୍ରିଟିଶ ଅଧିକାରୀ ଏହାର ଗଠନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ?

..............................................................................................

୨. ବଙ୍ଗଳା ବିଭାଜନର ଘୋଷଣା କିଏ କଲେ ଏବଂ କେବେ ହେଲା ?

..............................................................................................

୩. ରାଷ୍ଟ୍ରବାଦୀ ଭାବନାର ପ୍ରସାର ନିମିତ୍ତ କେଉଁ ପ୍ରକାର ଲୋକପ୍ରିୟ ରଙ୍ଗମଞ୍ଚର ପ୍ରୟୋଗ କରାଗଲା ?

..............................................................................................

୪. ୧୯୧୧ରେ ରାଜଧାନୀକୁ ସ୍ଥାନାନ୍ତରିତ କରିବାର ମୁଖ୍ୟ କାରଣ କ'ଣ ଥିଲା ?

..............................................................................................

## ୨୧.୩ ଭାରତ ତଥା ବିଦେଶରେ କ୍ରାନ୍ତିକାରୀ ଆନ୍ଦୋଳନର ପ୍ରଥମ ଚରଣ

କଂଗ୍ରେସ ମଧ୍ୟରେ ଥିବା ନରମପନ୍ଥୀ ଏବଂ ଚରମପନ୍ଥୀମାନଙ୍କର ପ୍ରଭେଦ ଅଧିକରୁ ଅଧିକ ବୃଦ୍ଧି ହେବାକୁ ଲାଗିଲା । ଚରମପନ୍ଥୀମାନେ ଔପନିବେଶିକ ସରକାର ଦ୍ୱାରା ଆରମ୍ଭ ହୋଇଥିବା

ସମ୍ବିଧାନିକ ସୁଧାର ନାମରେ କରାଯାଉଥିବା ନିର୍ବାଚନ ବର୍ଜନ କରିବା ପକ୍ଷରେ ଥିଲେ। ନରମପନ୍ଥୀମାନେ ସୀମିତ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାପାଇଁ ଚାହୁଁଥିଲେ। ସେମାନଙ୍କ ମଧ୍ୟରେ ସଂଘର୍ଷର ପରିଣାମ ଥିଲା ୧୯୦୭ ମସିହା ସୁରାଟ କଂଗ୍ରେସ ସମ୍ମିଳନୀରେ ବିଭାଜନ। ଚରମପନ୍ଥୀ ନେତାମାନେ ସାଧାରଣ ଜନତାଙ୍କୁ ପ୍ରତିକ୍ରିୟାଶୀଳ କରିବାକୁ ଉଦ୍ୟମ ଜାରି ରଖିଥିଲେ ଏବଂ ସେତେବେଳେ କଂଗ୍ରେସ ସରକାରୀ ନୀତିଗୁଡ଼ିକୁ ପ୍ରଭାବିତ କରିବାକୁ ପ୍ରୟାସ କରୁଥିଲେ। ୧୯୦୯ରେ ମୋର୍ଲେ-ମିଣ୍ଟୋ ସଂସ୍କାର ଚରମପନ୍ଥୀମାନଙ୍କର ଆକାଂକ୍ଷା ଉପରେ ଏକ ଶକ୍ତ ଆଘାତ ଥିଲା। ସ୍ୱଦେଶୀ ଆନ୍ଦୋଳନ ନିଜର ଗତିକୁ ହଜାଇ ଦେଇଥିଲା। ତଥାପି ଆନ୍ଦୋଳନର କ୍ରାନ୍ତିକାରୀ ସନ୍ଦେଶ ଥିଲା ଅନ୍ୟ ଏକ ବ୍ୟକ୍ତି କୈନ୍ଦ୍ରିକ ପ୍ରତିରୋଧ ଓ ତାହା ଏକ ବୈପ୍ଲବିକ ଆନ୍ଦୋଳନକୁ ପ୍ରେରିତ କରୁଥିଲା।

ଏହି ଚରମ ଆତ୍ମ ବଳି ମାଧ୍ୟମରେ ବ୍ରିଟିଶ ଶାସନର ଅନ୍ତ ଥିଲା ବୈପ୍ଲବିକ ଆନ୍ଦୋଳନର ଲକ୍ଷ। ଅପ୍ରିୟ ଔପନିବେଶିକ ପଦାଧିକାରୀ, ଯେଉଁମାନେ ସରକାରଙ୍କର ଦମନମୂଳକ ଆଇନଗୁଡ଼ିକୁ ରୂପରେଖ ଦେଉଥିଲେ, ସେମାନଙ୍କୁ ହତ୍ୟା କରିବା ଥିଲା ବିପ୍ଳବୀମାନଙ୍କର କାର୍ଯ୍ୟ ପ୍ରଣାଳୀ। ସାମୁହିକ ଆନ୍ଦୋଳନକୁ ଔପନିବେଶିକ ଜବାବ ସର୍ବଦା ଦୁଇପ୍ରକାର ଥିଲା। ଏକପକ୍ଷରେ ଏହି ସରକାର ସାମ୍ବିଧାନିକ ସଂସ୍କାରମାନ ଆଣି ନେତାମାନଙ୍କୁ ସଙ୍କୁଚିତ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବାପାଇଁ ନିମନ୍ତ୍ରଣ କରୁଥିଲେ, ଅନ୍ୟପକ୍ଷରେ ପ୍ରମୁଖ ନେତାମାନଙ୍କୁ ବନ୍ଦିକରି ସାମୁହିକ ଦମନ ନୀତି ଅବଲମ୍ବନ କରୁଥିଲେ। ଉଗ୍ରବାଦୀ ନେତାମାନେ ଅନେକ ବର୍ଷ ଜେଲରେ ବିତାଇ ଥିଲେ। ସେମାନଙ୍କୁ ଜେଲ ଭିତରକୁ ଏବଂ ବାହାରକୁ ବାରମ୍ବାର ନେବା ଫଳରେ ଏହି ବୈପ୍ଲବିକ ଆନ୍ଦୋଳନ ଗୁପ୍ତ ସଂଗଠନ ଦ୍ୱାରା ପରିଚାଳିତ ହେଲା। ଏହି ସଂଗଠନର ଉତ୍ପତ୍ତିର ବୀଜ ସ୍ୱଦେଶୀ ଦିନମାନଙ୍କରେ ଗଠିତ ସମିତିମାନଙ୍କରେ ସମାହିତ ଥିଲା।

୧୯୦୮ରେ ଖୁଦିରାମ ବୋଷ ଏବଂ ପ୍ରଫୁଲ୍ଲ ଚାକି ମୁଜାଫରପୁରର ଅପ୍ରିୟ ବିଚାରପତି କିଙ୍ଗସଫର୍ଡ ଯାଉଥିବା ଏକ ଘୋଡାଗାଡି ଉପରକୁ ବୋମା ଫିଙ୍ଗିଥିବାର ବିଶ୍ୱାସ କରାଯାଏ। ଏପରି ସେମାନେ ସେଠାରେ ଦୁଇଜଣ ଇଂରେଜ ମହିଳାଙ୍କୁ ହତ୍ୟା କରିଥିଲେ। ଚାକି ନିଜକୁ ଗୁଳି କରି ମୃତ୍ୟୁ ବରଣ କରିଥିଲେ ଏବଂ ଖୁଦୀରାମଙ୍କୁ ଫାସି ଦିଆଯାଇଥିଲା। ମୁଖ୍ୟତଃ 'ଅନୁଶୀଳନ' ଏବଂ 'ଯୁଗାନ୍ତର' ସମିତିର ବିପ୍ଳବୀମାନେ ସେମାନଙ୍କର ଆନ୍ଦୋଳନ ଚାଲୁ ରଖିବା ପାଇଁ ସ୍ୱଦେଶୀ ଡକାୟତ ଭାବରେ ଧନ ସଂଗ୍ରହ କରୁଥିଲେ। ଏହି ବୈପ୍ଲବିକ ଆନ୍ଦୋଳନ କେବଳ ବଂଗଳାରେ ସୀମିତ ନଥିଲା। ରାଶବିହାରୀ ବୋଷ ଏବଂ ସଚ୍ଚୀନ୍ଦ୍ରନାଥ ସାନ୍ୟାଲ ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ଦିଲ୍ଲୀ ଅଞ୍ଚଳରେ କ୍ରାନ୍ତିକାରୀ ତନ୍ତ୍ର ସ୍ଥାପନା କରିଥିଲେ। ୧୯୧୨ରେ ଏହି ଦୁଇ ଜଣ କ୍ରାନ୍ତିକାରୀ ଦିଲ୍ଲୀରେ ଭାଇସରାୟ ଲର୍ଡ ହାର୍ଡିଙ୍କ ଉପରେ ଏକ ଅସଫଳ ଘାତକ ଆକ୍ରମଣର ଉଦ୍ୟମ କରିଥିଲେ।

କ୍ରାନ୍ତିକାରୀ ଆନ୍ଦୋଳନ ଧୀରେ ଧୀରେ ଭାରତୀୟ ଉପକୂଳ ବାହାରେ ମଧ୍ୟ ବ୍ୟାପି ଯାଇଥିଲା। ୧୯୦୫ରେ ଶ୍ୟାମଜୀ କୃଷ୍ଣ ବର୍ମ୍ମା ଲଣ୍ଡନରେ ବିଦ୍ୟାର୍ଥୀମାନଙ୍କ ନିମିତ୍ତ ଇଣ୍ଡିଆ ହାଉସ ନାମରେ ଏକ କେନ୍ଦ୍ର ଆରମ୍ଭ କଲେ। ସନ ୧୯୦୭ରେ ଭି.ଡି.ସଭରକରଙ୍କ ଦ୍ୱାରା ପରିଚାଳିତ ଏକ କ୍ରାନ୍ତିକାରୀ ସଂଗଠନ ଏହି କେନ୍ଦ୍ରକୁ ନିଜ ହାତକୁ ନେଇ ଯାଇଥିଲେ। ଏହି ସଂଗଠନର ସଭ୍ୟ ମଦନଲାଲ ଢ଼ିଙ୍ଗରା ଭାରତୀୟ ଉଚ୍ଚ ପଦାଧିକାର କର୍ଜନ ଉଇଲିଙ୍କୁ ୧୯୦୯ରେ ଲଣ୍ଡନଠାରେ



ଟିପ୍ପଣୀ

ହତ୍ୟା କରିଥିଲେ । ଇଉରୋପ (ପ୍ୟାରିସ ଏବଂ ଜେନେଭା)ରେ ଜଣେ ପାର୍ଶି କ୍ରାନ୍ତିକାରୀ ମ୍ୟାଡାମ କାମା ଫରାସୀ ସମାଜସେବୀମାନଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ସେ ବନ୍ଦେ ମାତରମ୍ ନାମକ ଏକ କ୍ରାନ୍ତିକାରୀ ପତ୍ରିକାର ଶୁଭାରମ୍ଭ କଲେ । ବର୍ଲିନରେ ବିରେନ୍ଦ୍ର ନାଥ ଚଟ୍ଟୋପାଧ୍ୟାୟ ଏବଂ ଅନ୍ୟ ନେତାମାନେ ୧୯୦୯ରୁ ସକ୍ରିୟ ଥିଲେ । ବ୍ରିଟେନ ଏବଂ ଇଉରୋପରେ କ୍ରାନ୍ତିକାରୀ ସମୂହ ସମ୍ପୂର୍ଣ୍ଣ ଭାବେ ପୃଥକ ପୃଥକ ଥିଲେ । ତଥାପି ସଂଯୁକ୍ତ ରାଜ୍ୟ ଆମେରିକାରେ ଏବଂ ବିଶେଷ ଭାବରେ ବ୍ରିଟିଶ କଲୋମ୍ବିଆ ତଥା ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ରାଜ୍ୟରେ ଏହି ଆନ୍ଦୋଳନ ପ୍ରମୁଖ ସ୍ଥଳି ପାଲଟିଥିଲା । ଏହି ରାଜ୍ୟମାନଙ୍କରେ ମୁଖ୍ୟତଃ ଶିଖ ସମ୍ପ୍ରଦାୟଙ୍କୁ ନେଇ ୧୫୦୦ ଭାରତୀୟ ବାସ କରୁଥିଲେ । ସେମାନେ ସକ୍ଷମ ବଣିକ ଏବଂ ଶ୍ରମିକ ହୋଇଥିଲେ ମଧ୍ୟ ପ୍ରମୁଖ ରୂପେ ଜାତିଗତ ବିଭେଦତାର ଶିକାର ହୋଇଥିଲେ । ସେହି ଜନ ସମୁଦାୟ ମଧ୍ୟରୁ ସାନ-ଫ୍ରାନସିସକୋ ସହରରେ ୧୯୧୩ ମସିହାରେ ଗଦର ଆନ୍ଦୋଳନର ସୂତ୍ରପାତ ହେଲା । ଏହି ଆନ୍ଦୋଳନ ସୋହାନ ସିଂହ ଭାକନାଙ୍କ ଦ୍ୱାରା ଗଠିତ ହୋଇଥିଲା ଏବଂ ହର ଦୟାଲ ଏହାର ଜଣେ ପ୍ରମୁଖ ନେତା ଥିଲେ ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ଏବଂ ବିପ୍ଳବୀମାନେ ଏହି ସମୟକୁ ସେମାନଙ୍କର ପୂର୍ଣ୍ଣ ସ୍ୱତନ୍ତ୍ରତା ଲକ୍ଷକୁ ଆଗକୁ ବଢ଼ାଇବା ପାଇଁ ଏକ ସର୍ବଶ୍ରେଷ୍ଠ ସମୁଚିତ ଅବସର ବୋଲି ବିବେଚନା କଲେ । ବ୍ରିଟେନ ଯୁଦ୍ଧ ପ୍ରସ୍ତୁତିରେ ବ୍ୟସ୍ତ ଥିଲା ଏବଂ ଏଥିପାଇଁ ଭାରତର ସୈନିକ ଦଳଗୁଡିକୁ ବିଦେଶକୁ ପଠାଯାଉଥିଲା । ଜର୍ମାନଭଳି ଶତ୍ରୁ ରାଷ୍ଟ୍ର ବ୍ରିଟେନକୁ ଦୁର୍ବଳ କରିବା ପାଇଁ କ୍ରାନ୍ତିକାରୀମାନଙ୍କର କାର୍ଯ୍ୟକଳାକୁ ପ୍ରୋତ୍ସାହନ ଦେବା କାଇଁ ଧନର ବ୍ୟବସ୍ଥା କରିବା ପାଇଁ ଅତ୍ୟନ୍ତ ଉତ୍ସୁକ ଥିଲେ । ତୁର୍କି ଉପରେ ବ୍ରିଟେନର ଆକ୍ରମଣ ଫଳରେ ସମ୍ପୂର୍ଣ୍ଣ ଇସଲାମିକ ଜଗତର ତୁର୍କୀକୁ ସମର୍ଥନ ମିଳଲା କାରଣ ତୁର୍କୀ ଖଲିଫା ପଦରେ ଥିଲା, ଯାହାକୁ ସମଗ୍ର ବିଶ୍ୱରେ ସମ୍ମାନ କରା ଯାଉଥିଲା । ବରକତୁଲ୍ଲା ମୁଖ୍ୟ ମୁସଲିକ କ୍ରାନ୍ତିକାରୀ ନେତାମାନଙ୍କ ମଧ୍ୟରେ ଏକ ମହତ୍ୱପୂର୍ଣ୍ଣ ନେତା ଥିଲେ ଯିଏ ଖିଦଗର ଆନ୍ଦୋଳନରେ ସାମିଲ ହୋଇଥିଲେ । ଉତ୍ତର ପ୍ରଦେଶରେ ଦେଓବନ୍ଦରେ ଏକ ମୁସଲିମ ଶିକ୍ଷଣ କେନ୍ଦ୍ରରେ ଶିକ୍ଷିତ ବ୍ୟକ୍ତିମାନଙ୍କର ଏକ ସମୂହ ବା ଉଲେମାମାନେ ମଧ୍ୟ କ୍ରାନ୍ତିକାରୀ ସନ୍ଦେଶର ପ୍ରଚାର କଲେ ଏବଂ ଏହାକୁ ମୁସଲମାନମାନେ ବହୁ ସଂଖ୍ୟାରେ ସମର୍ଥନ କଲେ ।

ଇତ୍ୟବସରରେ ସ୍ୱଦେଶୀ ଡକାୟତି ଏବଂ ବ୍ରିଟିଶମାନଙ୍କୁ ହତ୍ୟା ଜାରୀ ରହିଥିଲା ଏବଂ ଏହି ସମୟରେ କ୍ରାନ୍ତିକାରୀ କାର୍ଯ୍ୟ କଳାପର ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳିଲା । ଜତିନ ମୁର୍ଖାଜୀ (ବାଘା ଜତିନ)ଙ୍କ ନେତୃତ୍ୱରେ ବଙ୍ଗାଳର କ୍ରାନ୍ତିକାରୀମାନଙ୍କର ସମୂହ ସଂଗଠିତ ହେଲା ଏବଂ ସେମାନେ ରେଳ ସେବାକୁ ବଡ ଧରଣର ଧ୍ୱସ୍ତ ବିଧ୍ୱସ୍ତ କରି ଅସ୍ତ୍ର ଶସ୍ତ୍ର ଅପହରଣ ପାଇଁ ଯୋଜନା ତିଆରି କଲେ । କଲିକତାରେ ଯେତେବେଳେ ରୋଡା ଫାର୍ମର ଶସ୍ତ୍ର ଏବଂ ବାରୁଦ ଏହି ଲୋକମାନଙ୍କ ହାତକୁ ଆସିଲା । ସେମାନଙ୍କୁ ସେତେବେଳେ ବଡ ଧରଣର ସଫଳତା ମିଳିଲା । ତଥାପି ଓଡିଶାର ବାଲେଶ୍ୱର ପୋଲିସ ଦ୍ୱାରା ବାଘା ଜତିନଙ୍କୁ ଧରି ନେବା ଫଳରେ ଦୀର୍ଘକାଳୀନ ଯୋଜନାଗୁଡିକୁ ବଡ ଧରଣର ଧକ୍କା ଲାଗିଲା । ରାସ ବିହାରୀ ବୋଷ ଏବଂ ସଚିନ ସାନ୍ୟାଲଙ୍କର ଯୋଜନା ମଧ୍ୟ ବଙ୍ଗଳାର କ୍ରାନ୍ତିକାରୀ ଆନ୍ଦୋଳନର ଅଙ୍ଗ ଥିଲା । ଏହି ଗୋଷ୍ଠୀର ଲୋକମାନେ ଅନେକ ସଂଖ୍ୟାରେ ଭାରତ ଆସିବାକୁ ଆରମ୍ଭ କରିଦେଲେ । କାମାଗାଟାମାରୁ ଘଟଣା ଏହି ଆବେଗକୁ ଆହୁରି ପ୍ରଜ୍ୱଳିତ କଲା । ଶିଖ ଏବଂ ମୁସଲିମ ଯାତ୍ରୀମାନଙ୍କୁ ନିଆ

ହେଉଥିବା କାମାଗାଟାମାରୁ ଜାହାଜକୁ କାନାଡା ସରକାର ଫେରାଇଦେଲା ଏବଂ ଏହା ସେପ୍ଟେମ୍ବର ୧୯୧୪ରେ କଲିକତାରେ ପହଞ୍ଚିଲା । ଯାତ୍ରୀମାନେ ପୋଲିସ ସହିତ ସଂଘର୍ଷ କଲେ ଏବଂ ୨୨ ଲୋକଙ୍କ ମୃତ୍ୟୁ ହୋଇଥିଲା ।

ଗଦର ଆନ୍ଦୋଳନ ଏବଂ କ୍ରାନ୍ତିକାରର ଯୋଜନାଗୁଡିକ ଅସଫଳ ରହିଲା କାରଣ ବ୍ରିଟିଶ ସରକାର ଏହା ଉପରେ ବହୁତ ଶକ୍ତି ପ୍ରୟୋଗ କରିଥିଲା । ଯେଉଁ କେତେକ ଗଦ୍ରି ଫେରି ଆସିଥିଲେ, ସେମାନଙ୍କୁ ତତ୍‌କ୍ଷଣାତ୍ ଗିରଫ କରାଯାଇଥିଲା ଏବଂ ରାସବିହାରୀ ବୋଷ ଜାପାନ ଚାଲି ଯାଇଥିଲେ । ସଚିନ ସାନ୍ୟାଲଙ୍କୁ ଆଜୀବନ ଦେଶାନ୍ତର ଦିଆଯାଇଥିଲା । କ୍ରାନ୍ତିକାରୀ ଏବଂ ବିଶେଷ ଭାବେ ଗଦରୀମାନେ ସୈନ୍ୟ ଏବଂ କିଷାନମାନଙ୍କ ମଧ୍ୟରେ କ୍ରାନ୍ତିର ସଂଗଠିତ ରୂପ ଦେବାରେ ଅଗ୍ରଣୀ ଥିଲେ ।

## ୨୧.୪ ହୋମରୁଲ ଆନ୍ଦୋଳନ

ବାଳ ଗଙ୍ଗାଧର ତିଳକ, ଯିଏ ୧୯୦୮-୧୯୧୪ ମଧ୍ୟରେ ଜେଲ ଦଣ୍ଡ ଭୋଗୁଥିଲେ ସେ କଂଗ୍ରେସକୁ ଫେରି ଆସିଥିଲେ, ଯାହା ମୋରଲେ ମିଣ୍ଟୋଙ୍କ ଅଧିନରେ କାଉନସିଲ ନିର୍ବାଚନର ହତାଶତା ଅପେକ୍ଷା ଏହା ତାଙ୍କ ପାଇଁ ଅଧିକ ଉନ୍ମୁକ୍ତ ଥିଲା । ୧୯୧୪-୧୫ ପର୍ଯ୍ୟନ୍ତ ସ୍ୱଦେଶୀ ଆନ୍ଦୋଳନ, କାଉନସିଲରେ ପ୍ରବେଶ ଏବଂ ଭିତରେ ରହି ପ୍ରଶାସନକୁ ପ୍ରଭାବିତ କରିବା ପାଇଁ ପ୍ରୟାସ ଏବଂ କ୍ରାନ୍ତିକାରୀ ଆନ୍ଦୋଳନ ସମସ୍ତେ ନିଜ ନିଜ ମଧ୍ୟରେ ସେମାନଙ୍କର ପ୍ରଭାବ ହରାଇ ବସିଥିଲେ । ଏହା ସେହି ସମୟ ଥିଲା, ଯେତେବେଳେ ରାଷ୍ଟ୍ରୀୟ ଆନ୍ଦୋଳନକୁ ନୂତନ ଭାବରେ ଜୋରଦାର ଢ଼ଙ୍ଗରେ ଆଗକୁ ବଢ଼ାଇବାର ଆବଶ୍ୟକତା ଥିଲା ଏବଂ ଏହା ଏନି ବାସେନ୍ତ ଏବଂ ତିଳକଙ୍କର ହୋମରୁଲ ଆନ୍ଦୋଳନରେ ହିଁ ସମ୍ଭବ ଥିଲା । ତିଳକ କଂଗ୍ରେସ ଭିତରେ ହିଁ ହୋମରୁଲ ଲୀଗ ମାଧ୍ୟମରେ ଏକ ଆକ୍ରାମକ ତନ୍ତ୍ର ସ୍ଥାପିତ କରିବା ନିମିତ୍ତ କାର୍ଯ୍ୟ କଲେ, ଯାହା ସେ ଅପ୍ରେଲ ୧୯୧୬ରେ ସ୍ଥାପିତ କରିଥିଲେ । ପ୍ରାୟତଃ ଏହି ସମୟରେ ଥିୟୋସଫିଷ୍ଟ ନେତ୍ରୀ ଏନି ବସେନ୍ତ ସର୍ବ ଶ୍ରେଷ୍ଠ ଖ୍ୟାତିରେ ଉପନୀତ ହୋଇଥିଲେ ଏବଂ ସେ ଭାରତୀୟମାନଙ୍କ ନିମିତ୍ତ ସ୍ୱ-ଶାସନ ହେତୁ ସୁଦୃଢ଼ ଭାବରେ ବିରୋଧ କରିବା ପାଇଁ ପ୍ରସ୍ତାବ ରଖିଲେ । ବେସନ୍ତ ଆୟରିଶ ହୋମରୁଲ ମୋଡେଲ ଅନୁରୂପ ଦେଶରେ ଏକ ହୋମରୁଲ ଲୀଗ ଆନ୍ଦୋଳନ ସ୍ଥାପିତ କରିବା ପାଇଁ ପ୍ରସ୍ତାବ ରଖିଲେ ଯାହାଫଳରେ ଲୋକମାନଙ୍କ ମଧ୍ୟରେ ଜାଗରଣର ପ୍ରସାର କରାଯାଇପାରିବ । ବେସେନ୍ତଙ୍କର ଲୀଗର ସ୍ଥାପନ ସେପ୍ଟେମ୍ବର ୧୯୧୬ରେ ହୋଇଥିଲା ।

ତିଳକଙ୍କ ଲୀଗ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ସକ୍ରିୟ ଥିଲା । ବେସେନ୍ତଙ୍କ ଲୀଗର ପ୍ରଭାବ ଅଖିଳ ଭାରତୀୟ ସ୍ତରରେ ଥିଲା, ଯାହାର ମୁଖ୍ୟାଳୟ ଅଡୟାର ଓ ମାନ୍ଦ୍ରାଜରେ ଥିଲା । ହୋମରୁଲ ଲୀଗର ଗତିବିଧି ଥିଲା ସହରର ଚର୍ଚ୍ଚା ଏବଂ ପଠନ ପ୍ରକୋଷ୍ଠ ମଧ୍ୟରେ, ପର୍ଚ୍ଚା ବାଣ୍ଟିବା ଏବଂ ଜନମତକୁ ପ୍ରଭାବିତ କରିବା ପାଇଁ ଭାଷଣ ଦେବା ପାଇଁ ଯାତ୍ରା ଇତ୍ୟାଦି ସଂଚାଳିତ କରିବା । ହୋମରୁଲ ଆନ୍ଦୋଳନ କେବେହେଲେ ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଲକ୍ଷ ସମ୍ବନ୍ଧରେ କଥା କହିନଥିଲା, ପରନ୍ତୁ ସରକାରୀ ନୀତିଗୁଡିକର ବିରୋଧ ମାଧ୍ୟମରେ ଉଦାହରଣତୟା, ମଧ୍ୟକାନୁନ, ବନ ଆଇନ ଇତ୍ୟାଦି ଯେମିତି ଉପନିବେଶବାଦୀମାନଙ୍କର ଦମନକାରୀ ନୀତି ବିରୁଦ୍ଧରେ ନିଜର ଧ୍ୟାନ ଅବଶ୍ୟ କେନ୍ଦ୍ରିତ କଲା । ଏହି ସମୟରେ ରାଷ୍ଟ୍ରୀୟ ଆନ୍ଦୋଳନର ନେତାମାନଙ୍କର ନୂତନ ପୀଢ଼ି ପ୍ରସ୍ତୁତ କରାଗଲା ଏବଂ ଏହି ଆନ୍ଦୋଳନର କେନ୍ଦ୍ରବିନ୍ଦୁ ବଙ୍ଗଳା ଏବଂ ପଞ୍ଜାବରୁ ମହାରାଷ୍ଟ୍ର ଓ ଦକ୍ଷିଣକୁ ସ୍ଥାନାନ୍ତରିତ ହୋଇଯାଇଥିଲା । ଅନେକ ନରମପନ୍ଥୀ



ଟିପ୍ପଣୀ

କଂଗ୍ରେସ ମଧ୍ୟ ହୋମରୁଲ ଆନ୍ଦୋଳନରେ ଯୋଡିଗଲେ, ତଥାପି ୧୯୧୮ ପରେ ହୋମରୁଲ ଆନ୍ଦୋଳନ ଅଚାନକ ଅନ୍ତ ହୋଇଗଲା ।

### ପାଠଗତ ପ୍ରଶ୍ନ ୨୧.୨

୧. ସନ ଫ୍ରାନସିସ ସହରରେ ଗଦର ଆନ୍ଦୋଳନ କିଏ ସଂଘଟିତ କରିଥିଲେ ?

..................................................................................................

୨. କାମାଗାଟା ମାରୁ ଘଟଣା କ'ଣ ?

..................................................................................................

୩. କ୍ରାନ୍ତିକାରୀ ପତ୍ରିକାର ଶୁଭାରମ୍ଭ କିଏ କରିଥିଲେ ?

..................................................................................................

୪. ଏନି ବେସେନ୍ତ ଏବଂ ତିଳକ କେଉଁ ଆନ୍ଦୋଳନ କରିଥିଲେ ?

..................................................................................................

## ୨୧.୫ ଗାନ୍ଧୀଜୀଙ୍କ ଜନ-ଆନ୍ଦୋଳନ: ପ୍ରାରମ୍ଭିକ ବର୍ଷ

ବ୍ରିଟିଶ ସରକାର ୧୯୧୯ରେ ସାମ୍ବିଧାନିକ ସଂସ୍କାରର ପରବର୍ତ୍ତୀ ପଦକ୍ଷେପରେ ମଣ୍ଟେଗୁ-ଚେମସ୍‌ଫୋର୍ଡ ସଂସ୍କାରର ଶୁଭାରମ୍ଭ କଲେ । ଯଦିଚ ଏହି ସଂସ୍କାର ଦ୍ୱାରା ଦାବି କରାଗଲା ଯେ ଏହାଦ୍ୱାରା ସ୍ଥାନୀୟ ସ୍ୱ-ଶାସନ ଆସୁଛି ଏବଂ ଭାରତୀୟମାନଙ୍କୁ ଅନେକ ସ୍ୱାୟତ୍ତା ମିଳିଛି ତଥାପି ବାସ୍ତବିକ ଶକ୍ତି ଏବେ ମଧ୍ୟ ସେମାନେ ବ୍ରିଟିଶ ହାତରେ ରଖିଛନ୍ତି । ଏହି ସଂସ୍କାର ଦ୍ୱାରା ଆରମ୍ଭ ହୋଇଥିବା ଦ୍ୱିଶାସନ ପ୍ରଣାଳୀ ଆହୁରି ଅଧିକ ଭାରତୀୟଙ୍କୁ ପ୍ରତିନିଧିତ୍ୱର ସୁଯୋଗ ଦେଲା ଏବଂ ସ୍ଥାନୀୟ ଖର୍ଚ୍ଚ ଉପରେ ଅଧିକାଧିକ ନିୟନ୍ତ୍ରଣ ପ୍ରଦାନ କଲା, ପରନ୍ତୁ ହାତଗଣତି ବିଧାୟିକାମାନଙ୍କର କାର୍ଯ୍ୟପାଳିକା ଉପରେ କୌଣସି ନିୟନ୍ତ୍ରଣ ନଥିଲା ।

ଯୁଦ୍ଧ ପରବର୍ତ୍ତୀ ବର୍ଷମାନଙ୍କରେ (ପ୍ରଥମ ବିଶ୍ୱ ଯୁଦ୍ଧ ୧୯୧୮ରେ ସମାପ୍ତ ହୋଇ ଥିଲା)ଦେଶରେ ବର୍ଦ୍ଧିତ ଅସନ୍ତୋଷ ଦେଖା ଦେଇଥିଲା । କାରଣ ଭାରତର ଅର୍ଥ ବ୍ୟବସ୍ଥା ଉପରେ ଯୁଦ୍ଧର ପ୍ରଭାବ ସ୍ପଷ୍ଟ ରୂପେ ଆଗକୁ ଆସିଯାଇଥିଲା । ଯୁଦ୍ଧର ପରିଣାମ ସ୍ୱରୂପ ଦରଦାମ, ଅଭାବ ଏବଂ ବେରୋଜଗାରୀ ବଢ଼ି ଥିଲା । ଏହା ସହିତ ଇନଫ୍ଲୁଏଞ୍ଜା ମହାମାରୀ ମଧ୍ୟ ବ୍ୟାପି ଯାଇଥିଲା । ଯୁଦ୍ଧକାଳୀନ ଆବଶ୍ୟକତାରୁ ଭାରତରେ ଉଦ୍ୟୋଗରେ ଏକ ନୂତନ ବର୍ଗର ଉଦଭବ ହେଲା ଏବଂ ଏକ ବଡ ଶ୍ରମିକ ଶ୍ରେଣୀର ଉଦ୍ଭବ ଓ ତାହା ଅଧିକରୁ ଅଧିକ ସଂଗଠିତ ହେବାକୁ ଲାଗିଲା । ଏହି ଶ୍ରମିକ ଶ୍ରେଣୀ ଅତ୍ୟନ୍ତ ଉଦବିଗ୍ନ ଥିଲା ଏବଂ ରାଷ୍ଟ୍ରବାଦୀ ଆନ୍ଦୋଳନ ପାଇଁ ଏକ ସମ୍ଭାବିତ ବଳ ଥିଲା । ପୁଞ୍ଜୀବାଦୀ ଶ୍ରେଣୀର ଏକ ଅଂଶ ଔପନିବେଶିକ ରାଜ୍ୟ ପ୍ରତି ନିଷ୍ଠାବାନ ଥିଲେ, କାରଣ ଏହା ଶ୍ରମିକ ବର୍ଗର ନିୟନ୍ତ୍ରଣରେ ସହାୟତା କରୁଥିଲା । ତଥାପି, ସେମାନଙ୍କ ମଧ୍ୟରୁ କେତେକ ଲୋକ ରାଷ୍ଟ୍ରୀୟ ଆନ୍ଦୋଳନର ସମର୍ଥକ ଥିଲେ । ସେମାନେ ବିଦେଶୀ

ଟିପ୍ପଣୀ

ସରକାରର ଆର୍ଥିକ ନୀତିଗୁଡିକୁ ବିରୋଧ କରୁଥିଲେ, ପରନ୍ତୁ ସେମାନେ ଏହା ଅନୁଭବ କରିଥିଲେ ଯେ ବ୍ରିଟିଶ ନୀତିଗୁଡିକର ଅନ୍ତିମ ପରିଣାମ ଭାରତୀୟ ଉଦ୍ୟୋଗୀମାନଙ୍କ ପାଇଁ ହାନିକାରକ ହେବ ।

ଏହି ଅଶାନ୍ତ ସମୟ ମଧ୍ୟରେ ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କର ଆଗମନ ରାଷ୍ଟ୍ରବାଦୀ ଆନ୍ଦୋଳନର ଅନ୍ୟ ଏକ ପର୍ଯ୍ୟାୟ ଆରମ୍ଭ ହେଲା । ସନ ୧୯୧୫ରେ ଭାରତକୁ ଆସିଥିବା ଗାନ୍ଧୀ ଯୁଦ୍ଧ ପରବର୍ତ୍ତୀ ବର୍ଷମାନଙ୍କରେ ଗଚ୍ଛିତ ଶକ୍ତିଗୁଡିକୁ ନିୟନ୍ତ୍ରିତ କରିବା ପାଇଁ ନିଜର କାର୍ଯ୍ୟ ପ୍ରଣାଳୀ ପ୍ରୟୋଗ କଲେ । ତାଙ୍କର ପଦ୍ଧତି ଥିଲା ବିଶିଷ୍ଟ ଆଲୋଚ୍ୟ ବିଷୟ ଓ ଆଇନକୁ ଖୋଜିବା ଏବଂ ଶାନ୍ତି ପୂର୍ଣ୍ଣ ଉପାୟରେ ଏହାର ବିରୋଧ କରିବା ତଥା ଅନୁଶାସିତ ବ୍ୟକ୍ତିମାନଙ୍କର ସହାୟତାରେ ସେହି ଆଇନଗୁଡିକର ଉଲଘଂନ କରିବା । ଗାନ୍ଧୀଜୀଙ୍କର ଆନ୍ଦୋଳନର ମହତ୍ୱ ଏହା ଥିଲା ଯେ  ସେ ବିଶେଷ ଆଲୋଚ୍ୟ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରାଇ ଥିଲେ । ଗାନ୍ଧୀଜୀ ସର୍ବ ପ୍ରଥମ ଚମ୍ପାରନ, ଖେଡ ଏବଂ ଅହମ୍ମଦାବାଦମାନଙ୍କରେ ତିନୋଟି ଆନ୍ଦୋଳନରେ ସଫଳତା ପ୍ରାପ୍ତି କରିଥିଲେ । ଏଗୁଡିକ ପୂର୍ବରୁ ଦୁଇଟି କିଶାନ ଆନ୍ଦୋଳନ ଥିଲା ଏବଂ ଅନ୍ତିମ ଆନ୍ଦୋଳନ ଥିଲା ଅହମ୍ମଦାବାଦରେ ମିଲ ଶ୍ରମିକଙ୍କ ହରତାଳ ।

ଚମ୍ପାରନର କିଶାନ ନୀଳଚାଷ କରିବା ପାଇଁ ବାଧକରୁଥିବା ୟୁରୋପୀୟ ଔପନିବେଶୀକ କର୍ତ୍ତୃପକ୍ଷଙ୍କ ବିରୋଧରେ ଆନ୍ଦୋଳନ କରୁଥିଲେ । ଚମ୍ପାରନରେ ଉପନିବେଶୀ କର୍ତ୍ତୃକାରମାନଙ୍କ ବିରୁଦ୍ଧରେ ଏହା ପ୍ରଥମ ବିରୋଧର ଇତିହାସ ଥିଲା । କିଶାନ ନେତାମାନଙ୍କ ମଧ୍ୟରେ ଜଣେ ରାଜକୁମାର ଶୁକ୍ଳା ନିଜର ଅବସ୍ଥା ପ୍ରଦର୍ଶନ ପାଇଁ ଗାନ୍ଧୀଜୀଙ୍କୁ ଆମନ୍ତ୍ରିତ କରିବା ପାଇଁ ଲକ୍ଷ୍ନୌ ପର୍ଯ୍ୟନ୍ତ ଯାଇଥିଲେ । ଗାନ୍ଧୀଜୀ ୧୯୧୭ରେ ଏହି ମାମଲାରେ ଖୋଲା ଜାଞ୍ଚ କରିବା ଆରମ୍ଭ କଲେ । ଗାନ୍ଧୀଜୀଙ୍କୁ ଚମ୍ପାରନ ଆସିବାକୁ ବନ୍ଦ କରିବା ପାଇଁ ଚେଷ୍ଟା କରିବା ଏବଂ ପରେ ପରେ ସତ୍ୟାଗ୍ରହର ଧମକ ଦେବା ପରେ ଚମ୍ପାରନ ଆନ୍ଦୋଳନର ବ୍ୟାପକ ପ୍ରଚାର ହେଲା । ଚମ୍ପାରନ ଆନ୍ଦୋଳନର ପରିଣାମ ଏପରି ହେଲା ଯେ ସେଠାରେ 'ତିନିକାଠିଆ' ପ୍ରଣାଳୀକୁ ହଟାଇ ଦିଆଗଲା, ଯାହା ଅନ୍ତର୍ଗତ କୃଷକକୁ ନିଜ ଅଧିକୃତ ଜମିରେ ୩/୨୦ ଭାଗ ନୀଳ ଚାଷ କରିବାକୁ ବାଧ ହେଲା ।

ଅନ୍ୟ ଜେଉଁ ଆନ୍ଦୋଳନ ସହିତ ଗାନ୍ଧିଜୀ ନିଜକୁ ଯୋଡିଥିଲେ, ତାହା ଥିଲା ଅହମ୍ମଦାବାଦର ମିଲ ଶ୍ରମିକମାନଙ୍କର ଆନ୍ଦୋଳନ । କାମଶ୍ରମିକ ଏବଂ ମାଲିକମାନଙ୍କ ମଧ୍ୟରେ ଝଗଡାର କାରଣ ଥିଲା 'ପ୍ଲେଗ ବୋନସ୍ ଫେରସ୍ତ ନେବା' । ମହାମାରୀ ସମାପ୍ତ ହେବା ପରେ ମିଲ ମାଲିକମାନେ ବୋନସ ଫେରସ୍ତ ନେଇଥିଲେ ଏବଂ ଶ୍ରମିକ ଯୁଦ୍ଧ ପରେ ମୂଲ୍ୟ ବୃଦ୍ଧି କାରଣରୁ ବୋନସ୍‌ର ଫେରସ୍ତକୁ ବିରୋଧ କରୁଥିଲେ । ଗାନ୍ଧୀଜୀ ଶ୍ରମିକ ଏବଂ ମାଲିକ ଦୁଇପକ୍ଷ ଉପରେ ଚାପ ପ୍ରୟୋଗ କଲେ ଯେ ସେମାନେ ଏକ ନ୍ୟାୟାଧିକରଣ ଟ୍ରିବ୍ୟୁନାଲ ସମକ୍ଷର ସମାଧାନ ମୂଳକ ଚୁକ୍ତିବଦ୍ଧ ହେବେ ।

ମିଲ୍ ମାଲିକମାନେ କେତେକ କାରିଗରମାନଙ୍କ ଦ୍ୱାରା ଡକାଯାଇଥିବା ହରତାଳର ବାହାନା କରି ଅଚାନକ ନିଷ୍ପତିରୁ ଓହରି ଗଲେ ଏବଂ ଘୋଷଣା କଲେ ଯେ ସେ ୨୦% ବୋନସ ଦେବା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଧମକ ଦେଲେ ଯେ ଯେଉଁ ଶ୍ରମିକ ଶୀଘ୍ର କାମକୁ ଫେରି ନ ଆସିବେ, ସେମାନଙ୍କୁ ବରଖାସ୍ତ କରାଯିବ । ଗାନ୍ଧୀଜୀ ଚୁକ୍ତିନାମା ଭଙ୍ଗ ହେବା ଯୋଗୁଁ ବହୁତ



ଟିପ୍ପଣୀ

ଅପମାନିତ ହେଲେ ଏବଂ ସେ ଘୋଷଣା କଲେ ଯେ ଉତ୍ପାଦନ ଖର୍ଚ୍ଚର ଉପଯୁକ୍ତ ଅଧ୍ୟୟନ କରିବା ପରେ ଏହି ନିଷ୍କର୍ଷ ଆସିଲା କି ଶ୍ରମିକମାନଙ୍କର ବେତନରେ ୩୫ ବୃଦ୍ଧି କରିବା ଦାବି ନ୍ୟାୟପୂର୍ଣ୍ଣ ଥିଲା । ମିଲ ମାଲିକମାନେ ସାବରମତୀ ସ୍ଥିତ ତାଙ୍କର ଆଶ୍ରମକୁ ଖୋଲା ହୃଦୟରେ ଦାନ ଦେଇଗଲେ, ସେମାନଙ୍କ ମଧ୍ୟରୁ ଜଣେ ଅମ୍ବାଲାଲ ସରାଭାଇ ନାମକ ଯିଏ ଗାନ୍ଧୀଜୀଙ୍କର ଜଣେ ପରମ ମିତ୍ର ସାବରମତିଠାରେ ଥିବା ତାଙ୍କର ଆଶ୍ରମକୁ ଖୋଲା ହୃଦୟରେ ଦାନ କରିଥିଲେ ଏବଂ ତାଙ୍କର ଭଉଣୀ ଅନୁସୂୟା ବେନ ଅହମଦାବାଦରେ ମିଲ ଶ୍ରମିକଙ୍କ ସଂଘର୍ଷରେ ସବୁଠାରୁ ବଡ ସମର୍ଥକ ଥିଲେ । ଏହି ସଂଘର୍ଷରେ ଅନ୍ତିମ ଚରଣରେ ପ୍ରଥମ ଥର ଗାନ୍ଧୀଜୀ ବିରୋଧର ସାଧନ ଭାବରେ ଉପବାସକୁ ବ୍ୟବହାର କଲେ । ଗାନ୍ଧୀଜୀ ଦେଖିଲେ ଯେ ଶ୍ରମିକ ଧୀରେ ଧୀରେ ସେମାନଙ୍କର ମନୋବଳ ହରାଇ ବସିଛନ୍ତି, ଏଇଥିପାଇଁ ସେ ଉପବାସ କରିବା ପାଇଁ ନିର୍ଣ୍ଣୟ ନେଲେ । ସେ ଘୋଷଣା କଲେ କି ଯଦି ଏହି ଆନ୍ଦୋଳନ କ୍ଷୁଧା ଆଡକୁ ଗତି କରିବ ତାହେଲେ ସେ ହେବେ ପ୍ରଥମ ବ୍ୟକ୍ତି ଏବଂ ପରିଶେଷରେ ଏହି ବିଷୟ ଶ୍ରମିକମାନଙ୍କର ୩୫% ବର୍ଦ୍ଧିତ ଘୋଷଣାରେ ସମାଧାନ ହେଲା ।

ତୃତୀୟ ଆନ୍ଦୋଳନ ଖେଡାର କୃଷକମାନଙ୍କର ଥିଲା, ଯେଉଁମାନଙ୍କର ଫସଲ ନଷ୍ଟ ହୋଇ ଯାଇଥିଲା ଏବଂ ସେମାନେ ସରକାରଙ୍କଠାରୁ ଭୂରାଜସ୍ୱ ରିହାତି ପାଇପାରିଲେ ନାହିଁ । ସର୍ବପ୍ରଥମେ ଏହି ପରିସ୍ଥିତିର ଜାଞ୍ଚ କରାଗଲା, ଯାହା ସମସ୍ତ ଗାନ୍ଧୀ ଆନ୍ଦୋଳନର ମାନଦଣ୍ଡ ଥିଲା । କୃଷି ଉତ୍ପାଦନକୁ ଆକଳନ କରାଗଲା ଏବଂ ଏହା ସ୍ଥିର ହେଲା ଯେ କୃଷି ଉତ୍ପାଦନର ଏକ ତୃତୀୟାଂଶ କମ୍ ହେଲେ କୃଷକ ସମ୍ପୂର୍ଣ୍ଣ ଭୂରାଜସ୍ୱ ରିହାତି ପାଇବା ଯୋଗ୍ୟ ହେବ । ଗାନ୍ଧୀଜୀ କୃଷକମାନଙ୍କୁ ଖଜଣା ଦେବା ବନ୍ଦ କରିବାକୁ ପରାମର୍ଶ ଦେଲେ । ବଲ୍ଲଭ ଭାଇ ପଟେଲ ଏବଂ ଇନ୍ଦୁଲାଲ ଯାଜନିକ ଗାନ୍ଧୀଜୀଙ୍କର ଖେଡା ଜିଲ୍ଲା ଗ୍ରାମ ପରିଦର୍ଶନର ବ୍ୟବସ୍ଥା କରି କୃଷକମାନଙ୍କୁ ଦୃଢ଼ ରହିବାକୁ ପରାମର୍ଶ ଦେଇ ତାଙ୍କର ସହାୟତା କରିଥିଲେ । ସରକାର କୃଷକମାନଙ୍କର ପଶୁ ଅପହରଣ କରି, ଗୃହୋପକରଣ ବାଜ୍ୟାପ୍ତ କରି ଏପରିକି ଉଭା ଫସଲକୁ ନଷ୍ଟ କରି ଦୃଢ଼ଭାବରେ ଦମନ ଲୀଳା ଆରମ୍ଭ କରିଦେଲେ । ଏକ ସାହସିକ ଲଢ଼େଇ କରି ସେମାନେ ବ୍ରିଟିଶ୍ର ଦମନମୂଳକ କାର୍ଯ୍ୟରେ ନିଷ୍ପେଶିତ ହେଲେ । ସେହି ସମୟରେ ଗାନ୍ଧୀଜୀ ଜାଣିବାକୁ ପାଇଲେ ଯେ ସରକାର ଯେଉଁମାନେ ଖଜଣା ପଇଠ କରିବା ସକ୍ଷମ ବ୍ୟକ୍ତିଙ୍କ ନିକଟରୁ ଖଜଣା ଅସୁଲ ହେବ ବୋଲି ନିର୍ଦ୍ଦେଶ ଦେଇ ଏକ ବୁଝାମଣା କରିବାକୁ ଚାହୁଁଛନ୍ତି । ଗାନ୍ଧୀଜୀ ଧନୀକ କୃଷକମାନଙ୍କୁ ଖଜଣା ନ ଦବା ପାଇଁ ପରାମର୍ଶ ଦେଲେ ଯାହା ଫଳରେ ଦରିଦ୍ର କୃଷକମାନେ କଷ୍ଟ ଭୋଗ କରିବେ ନାହିଁ । କିନ୍ତୁ ସରକାରୀ ନିର୍ଦ୍ଦେଶର ସ୍ପଷ୍ଟୀକରଣ ପାଇବା ପରେ ସେ ଏହି ଆନ୍ଦୋଳନ ବନ୍ଦ କରିଦେଲେ ।

୧୯୧୬-୧୯୧୭ରେ ହୋଇଥିବା ଚମ୍ପାରନ, ଅହମ୍ମଦାବାଦ ଏବଂ ଖେଡା ଆନ୍ଦୋଳନର ପରିଣାମ ଏପରି ହେଲାକି ଗାନ୍ଧୀଜୀ ତାଙ୍କର ସତ୍ୟାଗ୍ରହ ଅହିଂସାତ୍ମକ ଶୈଳୀରେ ପରିଚାଳନା କରିବାକୁ ସକ୍ଷମ । ଏହି ଆନ୍ଦୋଳନ ତାଙ୍କୁ ପରିସ୍ଥିତିକୁ ପରଖିବାରେ ସହାୟତା ହୋଇଥିଲା । ସେ ତାଙ୍କ ନିଜର ଅନୁଗାମୀମାନଙ୍କର ଏମିତି ଏକ କେନ୍ଦ୍ରୀୟ ସମୂହ ଗଠନ କଲେ, ଯାହା ତାଙ୍କର ସହାୟତା କରିପାରିବେ ଏବଂ ଭାବୀ ଆନ୍ଦୋଳନରେ ତାଙ୍କର ନିର୍ଦ୍ଦେଶ ପାଳନ କରିପାରିବେ । ଏହି ଆନ୍ଦୋଳନରେ ଗାନ୍ଧୀଜୀ ପରସ୍ପର ବିରୋଧାଭାବ ଥିବା ମିଲ ମାଲିକ ଏବଂ ଶ୍ରମିକଙ୍କ ମଧ୍ୟରେ ବୁଝାମଣା କରିବାରେ ନିଜର ବିଶିଷ୍ଟ ପ୍ରତିଭା ପ୍ରଦର୍ଶନ କରି ଏମାନଙ୍କ ମଧ୍ୟରୁ ଗୋଟିଏ



ଟିପ୍ପଣୀ



ପକ୍ଷ ସହିତ ମିତ୍ରତା ରଖି ସେମାନଙ୍କ ଭଳି ଅନ୍ୟ ବର୍ଗମାନଙ୍କର ସେ ବିଶ୍ୱାସ ହାସଲ କରିପାରିଥିଲେ ।

ଗାନ୍ଧୀଜୀଙ୍କ ନେତୃତ୍ୱରେ ଦ୍ୱିତୀୟ ମହତ୍ୱପୂର୍ଣ୍ଣ ଆନ୍ଦୋଳନ ଥିଲା ରାଓଲାଟ ସତ୍ୟାଗ୍ରହ । ଫେବୃୟାରୀ ୧୯୧୯ରେ ଭାରତୀୟମାନଙ୍କର ନାଗରୀକ ସ୍ୱତନ୍ତ୍ରତାକୁ କଠୋରତା ସହିତ ନିୟନ୍ତ୍ରିତ କରିବା ପାଇଁ ଦୁଇଟି ବିଧେୟକ ଆଇନରେ ପରିଣତ କରିବାପାଇଁ ପ୍ରସ୍ତାବ ରଖାଗଲା । ସରକାର ସେହି ଆଇନଗୁଡ଼ିକ ପାରିତ କରିବାକୁ ଚାହୁଁଥିଲେ ଯାହା ଦ୍ୱାରା ସେମାନେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର ବର୍ଦ୍ଧମାନ ଜୁଆରକୁ ରୋକିବାକୁ ସକ୍ଷମ ହୋଇପାରିବେ । ଏହି ଆଇନ ପ୍ରଣୟନ ହେଲେ ଏହା ଦ୍ୱାରା ବିନା ମକଦ୍ଦମାରେ ଗିରଫଦାର୍ କରିବା ତଥା ଦଣ୍ଡ ଦେବା ପାଇଁ ନିରଙ୍କୁଶ କ୍ଷମତା ମିଳି ପାରିବ । ପ୍ରକୃତରେ ଏହା ମଧ୍ୟରୁ ଗୋଟିଏ ବିଧେୟକକୁ କାଉନ୍ସିଲ୍‌ରେ ନିର୍ବାଚିତ ଭାରତୀୟ ସଦସ୍ୟଙ୍କ ବିରୋଧ ସତ୍ୱେ ପାରିତ କରି ଆଇନ ବନାଇ ଦିଆଯାଇଥିଲା । ସ୍ୱତନ୍ତ୍ରତା ଉପରେ ଏ ପ୍ରକାର ପ୍ରତିବନ୍ଧକକୁ ଯୁଦ୍ଧ ପରେ ପରେ ଲୋକମାନେ ପ୍ରାୟ ସ୍ୱୀକାର କରିନେଇଥାନ୍ତେ । ମାତ୍ର ଯୁଦ୍ଧର ପରିସମାପ୍ତି ଆହୁରି ଅଧିକ ସମ୍ବିଧାନିକ ସଂସ୍କାର ଏବଂ ସମ୍ପୂର୍ଣ୍ଣ ସ୍ୱାୟତ୍ତ ଶାସନ ନହେଲା ନାହିଁ ଖୁବ୍ କମ୍‌ରେ ଆପଣାର ସ୍ଥଳରେ ଭାରତୀୟମାନଙ୍କୁ ନିଜର ଅଧିକାଧିକ ନିୟନ୍ତ୍ରଣର ଆଶା ଜଗାଇ ଦେଇଥିଲା ।

କାଉନସିଲର ସଦସ୍ୟ ଏବଂ ଅନ୍ୟ ଲୋକମାନଙ୍କର ବିରୋଧର ବିଫଳତାକୁ ଦେଖିବାପରେ ଗାନ୍ଧୀଜୀ ସତ୍ୟାଗ୍ରହ ଆରମ୍ଭ କରିଦେଲେ । ଏକ ସତ୍ୟାଗ୍ରହ ସଭା ଗଠନ କରାଗଲା, ଯାହାର ଅନେକ ସଦସ୍ୟ ହୋଇ ଯାଇଥିଲେ । ଏହା ନିର୍ଣ୍ଣୟ ନିଆଗଲା ଯେ ଏହି ଅଧିନିୟମର ବିରୋଧ କରିବା ପାଇଁ ଏକ ରାଷ୍ଟ୍ରବ୍ୟାପୀ ହରତାଳ କରାଯିବ ଏବଂ ଉପବାସ ତଥା ପ୍ରାର୍ଥନାମାନ ଆୟୋଜିତ କରାଯିବ । କେତେକ ଆଇନ ବିରୋଧରେ ସବିନୟ ଅବଜ୍ଞା ଆନ୍ଦୋଳନ ମଧ୍ୟ କରାଗଲା । ରାଓଲାଟ ସତ୍ୟାଗ୍ରହ, ଗାନ୍ଧୀଜୀଙ୍କର ମାର୍ଗ ଦର୍ଶନରେ ପରିଚାଳିତ ପ୍ରଥମ ବ୍ୟାପକ ଅଖିଳ ଭାରତୀୟ ବିରୋଧ-ପ୍ରଦର୍ଶନ ଥିଲା । ଭାରତର ଜନସାଧାରଣ ବ୍ରିଟିଶ ଶାସନ ବିରୋଧରେ ବଡ ସଂଖ୍ୟାରେ ଏକଜୁଟ ହୋଇ ବିରୋଧ ପ୍ରଦର୍ଶନ କଲେ ଏବଂ ହରତାଳ ହିଂସାତ୍ମକ ହୋଇଗଲା । ୬ ଅପ୍ରେଲ ୧୯୧୯ର ଦିନ ହରତାଳ ନିମିତ୍ତ ନିର୍ଦ୍ଧାରିତ କରାଗଲା । ପରନ୍ତୁ କେତେକ ଭ୍ରମ ହେତୁ ଦିଲ୍ଲୀରେ ଏହି ହରତାଳ ୩୦ ମାର୍ଚ୍ଚରେ କରାଗଲା ଏବଂ ଏଥିରେ ଗଳି ଗଳିରେ ଲଢ଼େଇ ପ୍ରାରମ୍ଭ ହେଲା । ଜବରଦସ୍ତ ଚୟନ (ଭର୍ତ୍ତୀ) ଏବଂ ବ୍ୟାପକ ଭାବେ ବିସ୍ତାରିତ ରୋଗ ତଥା ଅନ୍ୟାନ୍ୟ କଠିନ ବ୍ୟାପାର ଯୋଗୁଁ ପଞ୍ଜାବ ଯୁଦ୍ଧ ପରବର୍ତ୍ତୀ ସମୟରେ ଅତ୍ୟନ୍ତ କଠୋର ଉତ୍ପୀଡ଼ନର ସମ୍ମୁଖୀନ ହେଲା । ଅମୃତଶର ଏବଂ ଲାହୋର ଏହି ଆନ୍ଦୋଳନର କେନ୍ଦ୍ର ଥିଲା । ଗାନ୍ଧୀଜୀ ପଞ୍ଜାବ ଯାଇ ଏହି ଆନ୍ଦୋଳନକୁ ଫେରାଇ ନେବାକୁ ଓ ଏହାକୁ ଅହିଂସା ସତ୍ୟାଗ୍ରହ ରାସ୍ତାରେ ନେଇ ଯିବା ପାଇଁ ପ୍ରୟାସ କଲେ । ପରନ୍ତୁ ବ୍ରିଟିଶ ସରକାର ଦ୍ୱାରା ଗାନ୍ଧୀଜୀଙ୍କୁ ପଞ୍ଜାବରେ ପ୍ରବେଶ କରିବା ପାଇଁ ଅଟକାଇ ଦିଆଗଲା ତଥା ତାଙ୍କୁ ବମ୍ବେ ଫେରାଇ ଦିଆଗଲା । ବମ୍ବେ ଏବଂ ଅହମଦାବାଦରେ ମଧ୍ୟ ସେହି ସମୟରେ ଅଶାନ୍ତି ଚାଲିଥିଲା ଏବଂ ଗାନ୍ଧିଜୀ ଏଠାରେ ମଧ୍ୟ ଆନ୍ଦୋଳନକୁ ନିୟନ୍ତ୍ରଣ କରିବାକୁ ପ୍ରୟାସ କଲେ ।

ଯେତେବେଳେ ପଞ୍ଜାବରେ ଦୁଇଜଣ ସ୍ଥାନୀୟ ନେତାଙ୍କୁ ଗିରଫ କରାଗଲା, ସେତେବେଳେ ସେଠାରେ ଘଟଣା ଚରମ ସ୍ଥରରେ ପହଞ୍ଚି ଥିଲା । ପରିଣାମ ସ୍ୱରୂପ ଟାଉନହଲ ଏବଂ ଡାକଘର



ଟିପ୍ପଣୀ

ଉପରେ ମଧ୍ୟ ଆକ୍ରମଣ ହେଲା । ରାଷ୍ଟ୍ରବାଦୀ ଆନ୍ଦୋଳନ ମଧ୍ୟରେ ବିରୋଧ କରିବାର ସବୁଠାରୁ ଲୋକପ୍ରିୟ ଉପାୟ ଥିଲା ବ୍ରିଟିଶ ସରକାରଙ୍କର ପ୍ରତୀକ ଉପରେ ଆକ୍ରମଣ କରିବା । ତେଣୁ ଟେଲିଗ୍ରାଫ ତାର କାଟି ଦିଆଗଲା, ଡାକଘର ଉପରେ ଆକ୍ରମଣ ହେଲା ଏବଂ ଇଉରୋପୀୟମାନଙ୍କ ତଥା ମହିଳାମାନଙ୍କ ଉପରେ ଆକ୍ରମଣ କରାଗଲା । ସରକାର ସେନାବାହିନୀକୁ ଡକାଗଲା ତଥା ବୈଠକ କରିବା ଓ ଏକଜୁଟ ହେବା ଉପରେ କଟକଣା ଜାରି କରାଗଲା ।

୧୩ ଏପ୍ରିଲ ୧୯୧୯କୁ ବୈଶାଖୀ ଦିନରେ ଅମୃତଶରର ଜାଲିଓ୍ୱାଲାବାଗରେ ଜେନେରାଲ ଡାୟାରଙ୍କର ଆକ୍ରୋସ ଦେଖା ଯାଇଥିଲା । ସେ ଏହି ସହରର ପ୍ରଭାରୀ ଦାୟିତ୍ୱରେ ଥିଲେ । ସର୍ବ ସାଧାରଣ ସଭାଗୁଡିକ ଉପରେ ପ୍ରତିବନ୍ଧକ ଲଗାଯିବା ସତ୍ତ୍ୱେ ଲୋକମାନଙ୍କ ଦ୍ୱାରା ଏହି ନିୟମର ଉଲଘଂନ କରିବା ଫଳରେ ଆକ୍ରମଣ ପାଇଁ ଆଦେଶ ଦେଇଦେଲେ । ନିରସ୍ତ୍ର, ଅସହାୟ ଜନତାଙ୍କ ଉପରେ ଆକ୍ରମଣ କରାଗଲା ଏବଂ ତାଙ୍କର ସେନା ଲଗାତାର ୧୦ ମିନିଟ ଧରି ଗୋଳି ବର୍ଷଣ କରି ସେମାନଙ୍କ ବାରୁଦ ପରିଶେଷ ହେବା ପରେ ବନ୍ଦ କଲେ ।

ଗୁଳି ବର୍ଷଣ ପୂର୍ବରୁ କୌଣସି ଚେତାବନୀ ଦିଆ ଯାଇ ନଥିଲା ଏବଂ ଏଠାରୁ ବାହାରିବା ପାଇଁ କୌଣସି ରାସ୍ତା ନଥିଲା । କେବଳ ଏକମାତ୍ର ମୁଖ୍ୟ ଦ୍ୱାର ଥିଲା ଯେଉଁଠାରେ ଡାୟାରଙ୍କ ଲୋକମାନେ ସେମାନଙ୍କର ତୋପ ଧରି ଛିଡା ହୋଇଥିଲେ, କାରଣ ଜାଲିଆନାଓ୍ୱାଗର ଚାରିପଟେ ପାଚେରୀ ଘେରା ହୋଇଥିଲା । କଞ୍ଜରଭେଟିଭ ସରକାରଙ୍କ ଅନୁମାନ ଅନୁସାରେ ଏହି ଘଟଣାରେ ୩୭୯ ଲୋକଙ୍କର ମୃତ୍ୟୁ ହୋଇଥିଲା । ଏହି ହିଂସ୍ର ଘଟଣା ଘରେ ଆହୁରି ଅନେକ ବର୍ବରତା ସହିତ ଦମନମାନ ଘଟିଥିଲା ।

### ପାଠଗତ ପ୍ରଶ୍ନ-୨୧.୫

୧. ୧୯୧୬-୧୯୧୭ ମଧ୍ୟରେ ଗାନ୍ଧିଜୀ ନିଜର ଅହିଂସାତ୍ମକ ସତ୍ୟାଗ୍ରହର ପ୍ରୟୋଗ କେଉଁ ଆନ୍ଦୋଳନ କରିଥିଲେ ?

......................................................................................

୨. ରାଓଲାଟ ସତ୍ୟାଗ୍ରହ କେବେ ଆରମ୍ଭ ହୋଇଥିଲା ?

......................................................................................

୩. ରାଷ୍ଟ୍ରୀୟ ଆନ୍ଦୋଳନରେ ୧୯୧୯ ବୈଶାଖୀ ଦିନର କ'ଣ ମହତ୍ୱ ଅଛି ?

......................................................................................

## ୨୧.୬ ଅହିଂସାତ୍ମକ ଅସହଯୋଗ

ଜାଲିଓ୍ୱାନାଓ୍ୱାଗ ଗଣ ସଂହାର ପରେ ପଞ୍ଜାବରେ ମାର୍ଶାଲ ଆଇନ ଲାଗୁ କରି ଦିଆଯାଇଥିଲା । ଭାରତୀୟମାନଙ୍କ ସହିତ ଅମାନବୀୟ ବ୍ୟବହାର କରାଗଲା । ଉଦାହରଣସ୍ୱରୂପ ଯେଉଁ ଗଳିରେ ଇଉରୋପୀୟ ମହିଳାମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା, ସେଠାରେ ଲୋକମାନଙ୍କୁ







ପେଟରେ ଆଣ୍ଠେଇ ଆଣ୍ଠେଇ ଯିବା ପାଇଁ ବାଧ୍ୟ କରାଗଲା । ଯଦିଚ ରାଓଲାଟ ସତ୍ୟାଗ୍ରହ ପ୍ରତ୍ୟାହାର କରାଯାଇଥିଲା ତଥାପି ବ୍ରିଟିଶ ଶାସନ ପ୍ରତି ଜନତାଙ୍କ ଆଭିମୁଖ୍ୟ ଅଧିକରୁ ଅଧିକ ତିକ୍ତ ହେଉଥିଲା । ୧୯୧୯ର ମଣ୍ଟେଗୁ ଚେମସ୍ ଫର୍ଡ ସଂସ୍କାର ସେହି ଲୋକମାନଙ୍କର ଆଶାକୁ ହତୋତ୍ସାହିତ କରିଥିଲା । ଯେଉଁମାନେ ସେତେବେଳ ପର୍ଯ୍ୟନ୍ତ ଔପନିବେଶିକ ସରକାରଙ୍କର ଭାଗ୍ୟ ଉପରେ ଏପରି ବିଶ୍ୱାସ ଥିଲା କି ଏହି ଭାରତୀୟ ସରକାରରେ ଭାଗିଦାରୀ ଦ୍ୱାରା ସେମାନଙ୍କୁ ସଂସ୍କାର ଆଣିବାର ସମୟ ଦିଆଯିବ ।

ଏହି ଘଡିସନ୍ଧି ସମୟରେ ଜାଗରୁକ ମୁସଲମାନ ନେତାମାନଙ୍କର ଏକ ବୃହତ୍‌ବର୍ଗ ଆଗକୁ ଆସିଗଲେ ଯେଉଁମାନେ ବ୍ରିଟିଶ ସରକାରଙ୍କର ଅସନ୍ତୁଷ୍ଟର ପ୍ରମୁଖ କାରଣ ଥିଲା । ଏହି ମୁସଲମାନମାନେ ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀ ସହିତ ହୋଇଥିବା ଅମାନବୀୟ ବ୍ୟବହାରରେ ଅସନ୍ତୁଷ୍ଟ ଥିଲେ । ସମ୍ପୂର୍ଣ୍ଣ ବିଶ୍ୱର ମୁସଲମାନ ତୁର୍କୀର ଖଲିଫାଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଗୁରୁ ଭାବରେ ଅଗ୍ରଭାଗରେ ରଖିଥିଲେ ଏବଂ ତାଙ୍କୁ ଏହା ଆଶ୍ୱାସନା ଦିଆ ଯାଇଥିଲା ଯେ ତୁର୍କୀ ଏବଂ ଏହାର ମିତ୍ର ରାଷ୍ଟ୍ରମାନଙ୍କର ପରାସ୍ତ ପରେ ମଧ୍ୟ ଖଲିଫାଙ୍କ ସହିତ ନରମ ବ୍ୟବହାର କରାଯିବ । ପରନ୍ତୁ ଯୁଦ୍ଧ ପରେ ତୁର୍କୀ ସହିତ ବୁଝାମଣାରେ ଖଲିଫାଙ୍କର ଶକ୍ତିକୁ ସମ୍ପୂର୍ଣ୍ଣ ଭାବରେ ପରସମାପ୍ତ କରାଗଲା ।

ବିଷୟ ସମ୍ମୁଖକୁ ଆସିଲା ଯେତେବେଳେ ଜାଲିଓ୍ୱାନାଓ୍ୱାଗ ବିଷୟ ଉପରେ ସରକାରଙ୍କ ଦ୍ୱାରା ନିଯୁକ୍ତ ହଣ୍ଟର କମିଟି ତାର ରିପୋର୍ଟ ଉପସ୍ଥାପନା କଲା । ଉକ୍ତ ରିପୋର୍ଟରେ ସେମାନେ ଜେନେରାଲ ଡାୟାରଙ୍କର କାର୍ଯ୍ୟ ଏବଂ ଅନ୍ୟ ସମସ୍ତ ପ୍ରକାର ଦମନକାରୀ କାର୍ଯ୍ୟକୁ ସମର୍ଥନ ଦିଆଯାଇଥିଲା । ଏହି ରିପୋର୍ଟ ଫଳରେ ସମସ୍ତ ଭାରତୀୟ ନେତୃବର୍ଗଙ୍କ କ୍ରୋଧ ବଢିଗଲା ଏବଂ ଆସନ୍ତା ବିରୋଧ ଆନ୍ଦୋଳନ ପାଇଁ ପରିବେଶ ପରିପକ୍ୱ ହୋଇ ଯାଇଥିଲା । ଠିକ୍ ଏହି ସମୟରେ ଗାନ୍ଧିଜୀ ଏକ ଅହିଂସା, ଅସହଯୋଗ ଆନ୍ଦୋଳନର ଆବଶ୍ୟକତା ଉପଲବ୍ଧି କଲେ । ଅସହଯୋଗ ଆନ୍ଦୋଳନ ଥିଲା ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତୀୟ ଜନତାର ସମସ୍ତ ବର୍ଗଙ୍କର ବର୍ଦ୍ଧିତ ଅସନ୍ତୋଷର ଏକ ପରିପ୍ରକାଶ । ଗାନ୍ଧିଜୀ ତିନୋଟି ପ୍ରମୁଖ ବିଷୟଗୁଡ଼ିକୁ ଚୟନ କରିଥିଲେ ଯାହା ଉପରେ ଏହି ଆନ୍ଦୋଳନ ପର୍ଯ୍ୟବଶିତ ଥିଲା । (କ) ଖିଲାଫତର ତୃଟି (ଖ) ପଞ୍ଜାବ ତୃଟି ଏବଂ (ଗ) ସ୍ୱରାଜ ।

ନଭେମ୍ବର ମାସ ୨୨-୨୩ ୧୯୧୯ରେ ଅଲ୍ଲି ଭାତୃଦ୍ୱୟ (ମହମ୍ମଦ ଏବଂ ସଉକତ)ଙ୍କ ଉଦ୍ୟମ ଦ୍ୱାରା ଅଖିଳ ଭାରତୀୟ ଖିଲାପତ ସମ୍ମିଳନୀ ଦିଲ୍ଲୀଠାରେ ଆହୁତ ହୋଇଥିଲା । ଖିଲାଫତ କନଫେରେନସର ଏଲାହାବାଦ ବୈଠକରେ ଚାରିଟି ସୋପାନରେ ଅସହଯୋଗର ଘୋଷଣା କରାଗଲା,ସେଗୁଡିକ ଥିଲାସିଭିଲ ସେବାରେ ଉପାଧିଗୁଡିକର ବହିଷ୍କାର, ପୋଲିସ ଏବଂ ସେନାର ବହିଷ୍କାର ଏବଂ ପରିଶେଷରେ ଖଜଣା ପଇଠ ନକରିବା ସିଦ୍ଧାନ୍ତ । ଏହାପରେ ଗାନ୍ଧିଜୀ କଂଗ୍ରେସ ସଦସ୍ୟମାନଙ୍କୁ ଏହି ଆନ୍ଦୋଳନକୁ ସମର୍ଥନ କରିବାକୁ ଅନୁରୋଧ କଲେ । ସେପ୍ଟେମ୍ବର ୧୯୨୦ରେ କଲିକତାର ଐତିହାସିକ ବିଶେଷ ଅଧିବେଶନରେ କଂଗ୍ରେସ ଉପାଧିମାନ ତ୍ୟାଗ କରିବା, ସ୍କୁଲ, ଅଦାଲତ ଏବଂ କାଉନସିଲକୁ ବହିଷ୍କାର କରିବା ଏବଂ ବିଦେଶୀ ଦ୍ରବ୍ୟମାନ ବର୍ଜନ କରିବା କାର୍ଯ୍ୟକ୍ରମମାନ ପ୍ରସ୍ତୁତ ହେଲା । ଏହି ବର୍ଜନ କାର୍ଯ୍ୟ ସହିତ ରାଷ୍ଟ୍ରୀୟ ସ୍କୁଲ ଖୋଲିବା ଏବଂ ସରକାରଙ୍କର ନ୍ୟାୟିକ ପ୍ରଣାଳୀର ସହାୟତା ବିନା ମକଦ୍ଦମାଗୁଡିକ ଫଇସଲା



ଟିପ୍ପଣୀ

କରିବା ପାଇଁ ସ୍ୱଦେଶୀ ଅଦାଲତ ଖୋଲିବା ତଥା ଖଦୀକୁ ଆପଣେଇବା ପାଇଁ ନିର୍ଣ୍ଣୟ ନିଆଗଲା । ଡିସେମ୍ବର ୧୯୨୦ ନାଗପୁର କଂଗ୍ରେସରେ ବରିଷ୍ଠ କଂଗ୍ରେସୀ ବଙ୍ଗାଳୀ ନେତା ଚିତ୍ତରଞ୍ଜନ ଦାସ ଏହି ଆନ୍ଦୋଳନକୁ ତାଙ୍କର ସମର୍ଥନ ଦେଲେ । ଯଦିଚ ଔପଚାରିକ ଭାବରେ ଏହି ଆନ୍ଦୋଳନର ଶୁଭାରମ୍ଭ ୧ ଅଗଷ୍ଟ ୧୯୨୦ରେ ହୋଇଥିଲା, ଏହା କଂଗ୍ରେସ ନେତାମାନଙ୍କ ସମର୍ଥନରେ ଏକ ନୂତନ ଦିଗଦର୍ଶନ ମିଳିଲା ଏବଂ ଜାନୁୟାରୀ ୧୯୨୧ରେ ଏହା ଏକ ଶକ୍ତିଶାଳୀ ରୂପ ଧାରଣ କଲା । ଏକ ମାସ ମଧ୍ୟରେ ବହୁ ସଂଖ୍ୟାରେ ବିଦ୍ୟାର୍ଥୀମାନେ ସରକାରୀ ସହାୟତା ପ୍ରାପ୍ତ ସ୍କୁଲ ଏବଂ କଲେଜ ଛାଡି ଦେଶର ବିଭିନ୍ନ ପ୍ରାନ୍ତରରେ ଆରମ୍ଭ ହୋଇଥିବା ରାଷ୍ଟ୍ରୀୟ ସଂସ୍ଥାମାନଙ୍କରେ ପ୍ରବେଶ ହୋଇଗଲେ ।

ସି.ଆର. ଦାସ, ମୋତିଲାଲ ନେହେରୁ, ସୈଫୁଦ୍ଦିନ ବିଚଲ୍ୟୁ, ବଲ୍ଲଭ ଭାଇ ପଟେଲ, ସି.ରାଜଗୋପାଳଚାରୀ, ଆସଫ ଅଲ୍ଲି ଇତ୍ୟାଦି ଅନେକ ଲବ୍ଧପ୍ରତିଷ୍ଠ ଓକିଲମାନେ ସେମାନଙ୍କର ଆକର୍ଷଣୀୟ ପେଶା ବନ୍ଦ କରିଦେଲେ । ସେମାନଙ୍କର ମହାନତ୍ୟାଗ ସାଧାରଣ ଜନତାଙ୍କୁ ଅନୁପ୍ରାଣିତ କଲା । ବିଦେଶୀ ଦ୍ରବ୍ୟ ବର୍ଜନ, ବିଦେଶୀ ବସ୍ତ୍ର ବିକ୍ରି ହେଉଥିବା ଦୋକାନ ଆଗରେ ଧାରଣା ଭଳି ଆହୁରି ଅନେକ ଉପାୟ ଅବଲମ୍ବନ କରାଗଲା । ଚରଖା ବିତରଣ କରିବା ଆରମ୍ଭ ହେଲା ଏବଂ ହାତବୁଣା ଲୁଗା ଜାତୀୟବାଦୀମାନଙ୍କ ମଧ୍ୟରେ ଆଦୃତ ହେଲା । ଜାତୀୟବାଦୀ ଖବରକାଗଜମାନ ବିଦେଶୀ ଦ୍ରବ୍ୟର ଅଗ୍ନି ସଂଯୋଗ କରିବା ପାଇଁ ଲୋଗମାନଙ୍କ ଆମନ୍ତ୍ରଣ କରି ବିଜ୍ଞାପନମାନ ଛପାଇଲେ । ଏହା ଫଳରେ ଭାରତକୁ ଲୁଗା ରପ୍ତାନିର ମୂଲ୍ୟ ଅନେକ ପରିମାଣରେ କମିଗଲା । ଲୁଗା ଦୋକାନ ସହିତ ପ୍ରଥମ ଥର ପାଇଁ ମଦ ଦୋକାନଗୁଡିକ ଆଗରେ ଧାରଣାମାନ ଆରମ୍ଭ ହୋଇଗଲା ।

ବ୍ରିଟିଶ ସରକାରଙ୍କୁ ଚେତାବନୀ ଦେବାପାଇଁ ଜୁଲାଇ ୧୯୨୧ରେ ମହମ୍ମଦ ଅଲ୍ଲୀ ବ୍ରିଟିଶ ଇଣ୍ଡିଆ ଆର୍ମିରେ କାମ କରୁଥିବା ସମସ୍ତ ମୁସଲମାନମାନଙ୍କୁ ଅନୁରୋଧ କଲେ ଏବଂ ଘୋଷଣା କଲେ ଯେ ସେମାନେ ଚିନ୍ତା କରିବା ଉଚିତ୍ ଯେ ସେମାନେ ବ୍ରିଟିଶ ସେନାର ଅଂଶ ହେବା ଅନୈତିକ ଅଟେ ଏବଂ ସେମାନେ ତତ୍‌କ୍ଷଣାତ୍ କାମ ବନ୍ଦ କରିଦେବା ଉଚିତ୍ । ତାଙ୍କୁ ତତକ୍ଷଣାତ ଗିରଫ କରାଗଲା । ଏହି ଆହ୍ୱାନକୁ କଂଗ୍ରେସ ଏବଂ ଗାନ୍ଧିଜୀ ସ୍ୱୀକାର କଲେ । ଗୋଟିଏ ଘୋଷଣାପତ୍ର ଜାରି କରାଗଲା, ଯେଉଁଥିରେ ସମସ୍ତ ଜନତା (ସର୍ବ ସାଧାରଣ ଏବଂ ସୈନିକ)ଙ୍କୁ ବ୍ରିଟିଶ ସେନାରୁ ସମସ୍ତ ସମ୍ବନ୍ଧ ପରିତ୍ୟାଗ କରିବାକୁ ଆହ୍ୱାନ କରାଗଲା । ଏହିସବୁ ସମସ୍ୟା ମଧ୍ୟରେ ନଭେମ୍ବର ୧୯୨୫ରେ ପ୍ରିନସ-ଅଫ-ୱେଲସ ଭାରତ ଆସିଲେ ଏବଂ ବମ୍ବେରେ, ଯେଉଁଠାକୁ ସେ ଆସିଥିଲେ, ସମଗ୍ର ଦେଶରେ ତାଙ୍କୁ ହରତାଳ ଦ୍ୱାରା ସ୍ୱାଗତ କରାଗଲା । ଗାନ୍ଧିଜୀ ପ୍ରିନସ୍-ଓଫ-ୱାଲସଙ୍କ ଆଗମନ ଦିନଟିକୁ ଏକ ବୃହତ୍ ବୈଠକକୁ ସମ୍ବୋଧିତ କଲେ । ବ୍ରିଟିଶ ବିରୋଧୀ ଭାଷଣ ଏତେ ମାତ୍ରାରେ ପ୍ରବଳ ଥିଲା ଯେ ବୈଠକ ସ୍ଥଳକୁ ଯାଇଥିବା ଲୋକମାନଙ୍କର ପ୍ରିନସ୍-ଓଫ-ୱାଲସଙ୍କ ସ୍ୱାଗତ ଶୋଭାଯାତ୍ରାରେ ଯୋଗ ଦେବା ପାଇଁ ଯାଇଥିବା ଲୋକଙ୍କ ସହିତ ମୁହାଁ ମୁହିଁ ହେବାକ୍ଷଣି ଦଙ୍ଗା ଭଳି ପରିସ୍ଥିତି ସୃଷ୍ଟି ହେଲା । ଏପରି କ୍ରୋଧକୁ ପ୍ରଶମିତ କରିବା ପାଇଁ ଗାନ୍ଧିଜୀ ଚାରିଦିନ ଉପବାସରେ ଚାଲିଗଲେ ।

ଅସହଯୋଗ ଆନ୍ଦୋଳନ ଧୀରେ-ଧୀରେ ଶକ୍ତିଶାଳୀ ହେଉଥିଲା । ବଙ୍ଗଳାର ମିଦନାପୁର ଜିଲ୍ଲାରେ ୟୁନିୟନ ବୋର୍ଡର କର ବିରୁଦ୍ଧରେ ଏକ ଆନ୍ଦୋଳନ ଆୟୋଜିତ କରାଗଲା ଏବଂ







ଆନ୍ଧ୍ରପ୍ରଦେଶରେ ମଧ୍ୟ କୌଣସି କର ନଦେବା ଆନ୍ଦୋଳନ ଆୟୋଜିତ କରାଗଲା । ଗାନ୍ଧିଜୀଙ୍କ ଯୋଜନାରେ କର ନଦେବା ପାଇଁ ମନାକରିବା ଭଳି ସମ୍ପୂର୍ଣ୍ଣ ଶେଷ ଚରଣରେ ଚରମପଦକ୍ଷେପ ହେବା କଥା । ଉତ୍ତର ପ୍ରଦେଶର ଅବଧ କ୍ଷେତ୍ରରେ କିଶାନ ଆନ୍ଦୋଳନ କିଶାନ-ସଭାମାନଙ୍କ ଜରିଆରେ ଜୋର ଧରିଥିଲା ଯାହା ଆହୁରି ବ୍ୟବସ୍ଥିତ ରୂପ ଧାରଣ କରୁଥିଲା ଏବଂ ଏହା ବ୍ରିଟିଶ ଶାସନ ପ୍ରତି ଏକ ବଡ ବିପଦ  ସୃଷ୍ଟି କରୁଥିଲା ।

ଔପନିବେଶିକ ସରକାରର ସ୍ଥିତି ଅଧିକରୁ ଅଧିକ ଦୃଢ଼ ହେଉଥିଲା । ବସ୍ତ୍ର ଉତ୍ପାଦନର ହ୍ରାସ, ଛାତ୍ର, ଓକିଲ, ସରକାରୀ କର୍ମଚାରୀ, ଶ୍ରମିକ, କୃଷକ, କ୍ଷେତ ମଜଦୁରମାନଙ୍କ ଦ୍ୱାରା ପ୍ରଦର୍ଶୀତ ବିରୋଧ ଏବଂ ସେନାଙ୍କୁ ପ୍ରଭାବିତ କରିବାର ପ୍ରୟାସର ପରିଣାମ ସ୍ୱରୂପ ଏହି ଆନ୍ଦୋଳନ, ବିରୁଦ୍ଧରେ ଦମନକାରୀ ଉପାୟମାନ ଅବଲମ୍ୱନ କରାଯାଇଥିଲା । ସାର୍ବଜନୀକ ବୈଠକ ଏବଂ ସଭାଗୁଡ଼ିକ ଉପରେ କଟକଣା ଲଗାଇ ଦିଆଗଲା । ସମାଚାର ପତ୍ରଗୁଡ଼ିକୁ ଦମନ କରାଗଲା ଏବଂ କଂଗ୍ରେସ ଓ ଖିଲାଫତ କାର୍ଯ୍ୟାଳୟଗୁଡ଼ିକୁ ନିଶାର୍ଦ୍ଧରେ ଅତିର୍କିତ ତଲାସ କରାଗଲା । ଗାନ୍ଧିଜୀଙ୍କ ମାର୍ଗ ଦର୍ଶନରେ କଂଗ୍ରେସ ବର୍ଦ୍ଦୋଲୀରେ ସିଭିଲ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଥିଲା । ପରନ୍ତୁ ଉତ୍ତର ପ୍ରଦେଶର ଗୋରଖପୁର ଜିଲ୍ଲାରେ ଚୌରୀ ଚୌରା ସ୍ଥାନରେ ହିଂସାତ୍ମକ ଘଟଣା ଘଟିବା କାରଣ ଏହି ଆନ୍ଦୋଳନକୁ ସମାପ୍ତ କରିଦିଆଗଲା । ପୋଲିସ ଦ୍ୱାରା ବିରୋଧ କରିବା ଫଳରେ ଖିଲାଫତ ଏବଂ କଂଗ୍ରେସର ଶୋଭାଯାତ୍ରା ହିଂସ୍ର ହୋଇଉଠିଲା ଏବଂ ସେମାନେ ପୋଲିସ ଉପରେ ଆକ୍ରମଣ କରିଦେଲେ । ପୋଲିସମାନେ ଥାନାରେ ଶରଣ ନେବା ପାଇଁ ଚେଷ୍ଟା କଲେ ପରନ୍ତୁ କ୍ରୋଧିତ ଜନତା ଥାନାରେ ନିଆଁ ଲଗାଇ ଦେଲେ ଏବଂ ଯେଉଁ ପୋଲିସ ଅଗ୍ନିରୁ ବଞ୍ଚିବା ପାଇଁ ବାହାରକୁ ଆସିଲେ ସେମାନଙ୍କୁ ମାରପିଟ କରି ହତ୍ୟା କରାଗଲା । ସେଠାରେ ୨୨ ଜଣ ପୋଲିସ ମୃତ୍ୟୁ ବରଣ କଲେ । ଏହି ଘଟଣା ୫ ଫେବୃୟାରୀରେ ଘଟିଲା ଏବଂ ୧୨ ତାରିଖରେ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହାର କରିନେଲେ । ଉକ୍ତ ପ୍ରତ୍ୟାହାର ପ୍ରମାଣିତ କରି ଦେଲା ଯେ ଏପରି ସ୍ଥିତିରେ ଗାନ୍ଧିଜୀ କୌଣସି ପ୍ରକାର ଆନ୍ଦୋଳନର ନେତୃତ୍ୱ ନ ନେବାକୁ ଚାହୁଁଥିଲେ, ଯାହାକୁ ସେ ନିୟନ୍ତ୍ରିତ କରିପାରିବେନି ଏବଂ ଏହା ମଧ୍ୟ ପ୍ରମାଣିତ ହୋଇଗଲା ଯେ ରାଷ୍ଟ୍ରବାଦୀ, ଗାନ୍ଧିଜୀଙ୍କର ଏହି ଆହ୍ୱାନକୁ ସ୍ୱୀକାର କରିବେ । ଯଦିଚ ଅନେକ ଲୋକଙ୍କର ମତ ଏହାଠାରୁ ଭିନ୍ନ ଥିଲା, ତଥାପି ଏହା ବ୍ୟତୀତ କେହି ହେଲେ ମଧ୍ୟ ଆନ୍ଦୋଳନର ପୁନରାବୃତ୍ତିରେ ଅନେକ ଆହ୍ୱାନର ବିରୋଧ ସମ୍ପର୍କରେ ଚିନ୍ତା କରି ନଥିଲେ ।

କଂଗ୍ରେସ ପାର୍ଟି ଭିତରେ ସଭ୍ୟମାନଙ୍କ ମଧ୍ୟରେ ମତଭେଦ ଥିଲା । କେତେକ ଶୀଘ୍ର ହେବାକୁ ଥିବା ନିର୍ବାଚନ ମାଧ୍ୟମରେ ବିଧାନ ପରିଷଦରେ ପ୍ରବେଶ କରିବାକୁ ଚାହୁଁଥିଲେ । ଅନ୍ୟ କେତେକ ଗାନ୍ଧିଜୀଙ୍କ ଦ୍ୱାରା ପ୍ରବର୍ତ୍ତିତ ରଚନାତ୍ମକ କାର୍ଯ୍ୟକୁ ଗ୍ରାମମାନଙ୍କୁ ଯାଇ ରୂପରେଖ ଦେବାକୁ ଚାହୁଁଥିଲେ ତଥା ସେମାନେ ସଂଘର୍ଷର ପରବର୍ତ୍ତୀ ଚରଣ ପାଇଁ ପ୍ରସ୍ତୁତି କରୁଥିଲେ । ରାଜଗୋପାଳଚାରୀ, ଅନସାରୀ ଏବଂ ଅନ୍ୟ କେତେକ ବ୍ୟକ୍ତିମାନେ ଗ୍ରାମୀଣ ରଚନାତ୍ମକ କାର୍ଯ୍ୟ ସମ୍ପର୍କରେ ଯୁକ୍ତି ରଖିଥିଲେ । ସେହି ସମୟରେ ମୋତିଲାଲ ନେହେରୁ, ବଲ୍ଲଭ ଭାଇ ପଟେଲ ଏବଂ ହକ୍ମୀଦ ଅଜମଲ ଖାଁ ପରିଷଦରେ ପ୍ରବେଶ କରିବାକୁ ଚାହୁଁଥିଲେ ତଥା ସରକାରଙ୍କର କାର୍ଯ୍ୟପ୍ରଣାଳୀକୁ ପ୍ରତିରୋଧ କରି ସରକାରୀ କାମକୁ ନଷ୍ଟ ଭ୍ରଷ୍ଟ କରିବାକୁ ଚାହୁଁଥିଲେ । ରାଜେନ୍ଦ୍ର ପ୍ରସାଦ ଏବଂ ବଲ୍ଲଭ ଭାଇ ପଟେଲ ପ୍ରଥମେ ଏହି ମତକୁ ସମର୍ଥନ କରୁଥିଲେ । ଯେତେବେଳେ



ଟିପ୍ପଣୀ

ସି.ଆର.ଦାସ ଦ୍ୱିତୀୟ ମତକୁ ସମର୍ଥନ କରୁଥିଲେ; ଦାସ୍ ଏବଂ ମୋତିଲାଲ ନେହେରୁ ନିର୍ବାଚନ ଲଢ଼ିବା ପାଇଁ ୧୯୨୩ରେ ସ୍ୱରାଜ ପାର୍ଟି ସ୍ଥାପନା କଲେ। ଅ-ପରିବର୍ତ୍ତନଶୀଳ (No changers) କୁହାଯାଉଥିବା ଗାନ୍ଧିଜୀଙ୍କ ଅନୁଗାମୀମାନଙ୍କର ଏକ ସମୁହକୁ ୧୯୨୪ରେ ଗାନ୍ଧିଜୀଙ୍କ ଜେଲରୁ ବାହାରିବା ପରେ ଅଧିକାଧିକ ସମର୍ଥନ ମିଳିଲା ତଥାପି କଂଗ୍ରେସୀମାନଙ୍କୁ ନିର୍ବାଚନରେ ଭାଗ ନେବାରେ ବାଧା ଦିଆଯାଇ ପାରିଲାନି। ଯଦିଚ ସେମାନେ ରଚନାତ୍ମକ କାର୍ଯ୍ୟର ମହତ୍ୱ ମଧ୍ୟ ସ୍ୱୀକାର କରୁଥିଲେ, କଂଗ୍ରେସ ପ୍ରତ୍ୟାଶୀମାନେ ନଭେମ୍ବର ୧୯୨୪ରେ ହୋଇଥିବା ନିର୍ବାଚନରେ କେନ୍ଦ୍ରୀୟ ପ୍ରାନ୍ତ ଏବଂ ବଙ୍ଗଳାରେ କେତେକ ସ୍ଥାନରେ ବିଜୟ ହାସଲ କଲେ। କାଉନସିଲ ପ୍ରକ୍ରିୟାକୁ ଭାଙ୍ଗିବା ପ୍ରାରମ୍ଭିକ ପ୍ରୟାସ ଆରମ୍ଭ ହୋଇଯାଇଥିଲା, ମାତ୍ର ଯେତେବେଳେ କୌଣସି ନିୟମକୁ ସଭ୍ୟମାନେ ପାରି କରିବାକୁ ଚାହୁଁ ନଥିଲେ, ସେତେବେଳେ ଗର୍ଭର୍ଣ୍ଣର ଦ୍ୱୈତ୍ୟ ଶାସନ କ୍ଷମତାର ପ୍ରତିବନ୍ଧକ ହଟାଇ, ବିଶେଷ କ୍ଷମତା ପ୍ରୟୋଗ କରୁଥିଲେ। ମାତ୍ର ବହୁତ ଶୀଘ୍ର ନିର୍ବାଚିତ ପ୍ରତିନିଧିମାନେ ଦିଗହରା ହୋଇଗଲେ ଏବଂ ଧୀରେ ଧୀରେ ଚଳି ଆସିଥିବା ଧାରାରେ ସାମିଲ ହୋଇଗଲେ। ବେଙ୍ଗଲରେ ସି.ଆର.ଦାସ ହଠାତ୍ ଇହଲୀଳା ସମ୍ବରଣ କଲେ, ଫଳରେ ସେଠାରେ ନେତୃତ୍ୱର ଶୂନ୍ୟସ୍ଥାନ ସୃଷ୍ଟି ହେଲା। ରାଷ୍ଟ୍ରୀୟ ଆନ୍ଦୋଳନ ଏହି ସମୟରେ ସୃଷ୍ଟି ହୋଇଥିବା ରାଜନୈତିକ ଅସ୍ଥିରତା ଏବଂ 'ମୁଖ୍ୟ ଧାରା'ରେ କଂଗ୍ରେସ ଆନ୍ଦୋଳନ ସମ୍ବନ୍ଧିତ ଗତିବିଧିରେ ମନ୍ଥରତା ଆସିବା ପରିସ୍ଥିତିରେ ରାଷ୍ଟ୍ରବାଦୀ ଆନ୍ଦୋଳନରେ କ୍ରାନ୍ତିକାରୀ ଆନ୍ଦୋଳନର ଦ୍ୱିତୀୟ ଚରଣରେ ଆହୁରି ଅଧିକ ମୌଳିକତାବାଦୀମାନଙ୍କର ସକ୍ରିୟ ବର୍ଗର ଉଦୟ ହେଲା।

## ୨୧.୭ କ୍ରାନ୍ତିକାରୀ ଆନ୍ଦୋଳନ: ପୁନର୍ଗଠନ ଏବଂ ପୁନଃସ୍ଥାପନା

ଅସହଯୋଗ ଆନ୍ଦୋଳନର ସ୍ୱାଭାବିକ ଢ଼େଉରେ ଭାରତୀୟ ଯୁବା ଶକ୍ତି ଏପରି ଏକ ବର୍ଗକୁ ଆଗରେ ଆଣି ଛିଡା କଲେ, ଯେଉଁମାନେ ସ୍ୱତନ୍ତ୍ରତା ପାଇବା ପାଇଁ ଦୃଢ଼ ସଂକଳ୍ପ ଥିଲେ। ଦେଶର ଯୁବାବର୍ଗ ଗାନ୍ଧିଜୀଙ୍କର ଆହ୍ୱାନକୁ ବହୁତ ଉତ୍ସୁକତାର ସହିତ ପ୍ରତ୍ୟୁତ୍ତର ଦେଲେ ଏବଂ ତାଙ୍କର ଅସହଯୋଗ ଆନ୍ଦୋଳନରେ ଭାଗନେଲେ। ଆନ୍ଦୋଳନକୁ ହଠାତ୍ ଫେରେଇ ଆଣିବା ତାଙ୍କର ଆକାଂକ୍ଷା ଉପରେ ଏକ ଆଘାତ ଥିଲା। କ୍ରାନ୍ତିକାରୀ ଆନ୍ଦୋଳନର ପ୍ରଥମ ଚରଣରେ ଗୁପ୍ତ ସମିତିଗୁଡିକ ପଞ୍ଜାବ ଏବଂ ବଙ୍ଗଳାରେ ପୁନଃ ସ୍ଥାପିତ କରିବା ଆରମ୍ଭ ହୋଇଗଲା।

ବଙ୍ଗଳାର ଅନୁଶୀଳନ ସମିତିର ସମ୍ବନ୍ଧ ସୁବାସ ବୋଷଙ୍କର ଯୁଗାନ୍ତର ସମିତି ଜେ.ଏମ.ସେନଗୁପ୍ତା ଗୋଷ୍ଠୀ ସହିତ ଥିଲା। ଏହି ଦୁଇଟି ଗୋଷ୍ଠୀ ମଧ୍ୟରେ ଅତ୍ୟଧିକ ରାଜନୈତିକ ପ୍ରତିଦ୍ୱନ୍ଦିତା ଥିଲା। କେତେକ ଛୋଟ ଛୋଟ କ୍ରାନ୍ତିକାରୀ ଗୋଷ୍ଠୀ ସଂଗଠିତ ହେବା ଆରମ୍ଭ ହୋଇଗଲା, ଯେମିତି ଚିଟଗାଉଁର ସୂର୍ଯ୍ୟ ସେନ୍‌ଙ୍କ ଅଧିନରେ ଗଠିତ ଏକ ସଂଗଠନ, ଯାହା ଅତ୍ୟଧିକ ମୌଳିକ ବିଚାରଧାରାରେ ବିକଶିତ ହୋଇଗଲା। ଏହା ସେହି ସମୟରେ ସର୍ବୋଚ୍ଚ ଉଲ୍ଲେଖନୀୟ ଗତିବିଧି ଥିଲା। ଜାନୁଆରୀ ୧୯୨୪ରେ ଗୋପୀନାଥ ସାହା ଦ୍ୱାରା ଡେ ନାମକ ଜଣେ ଇଂରେଜଙ୍କୁ ହତ୍ୟା କରାଗଲା। ସାହା କଲିକତାର ପୋଲିସ କମିସନର ଟିଗର୍ଟଙ୍କ ହତ୍ୟାର ଯୋଜନା ପ୍ରସ୍ତୁତ କଲେ, ମାତ୍ର ଭୁଲରେ ସେ ଡେଙ୍କର ହତ୍ୟା କରିଦେଲେ। ଏହି ଘଟଣାର ପରିଣାମ ସ୍ୱରୂପ ଅନେକ ରାଷ୍ଟ୍ରବାଦୀମାନଙ୍କୁ ଗିରଫ କରି ନିଆଗଲା।

କ୍ରମବର୍ଦ୍ଧିତ କ୍ରାନ୍ତିକାରୀ ଘଟଣାର ଅନ୍ୟ ଏକ କେନ୍ଦ୍ର ଥିଲା ଉତ୍ତର ଭାରତ, ଯେଉଁଠି ସଂଯୁକ୍ତ ପ୍ରଦେଶରେ ସଚିନ ସାନ୍ୟାଲ ଓ ଯୋଗେଶ ଚାଟାର୍ଜୀ ତଥା ଅନ୍ୟ ଲୋକମାନେ ହିନ୍ଦୁସ୍ଥାନ







ରିପବ୍ଲିକାନ ଏସୋସିଏସନ୍ ଗଠନ କଲେ ଏବଂ ଡକାୟତମାନଙ୍କ ମାଧ୍ୟମରେ ଅର୍ଥ ସଂଗ୍ରହ କରିବା ଆରମ୍ଭ କରିଦେଲେ । ଏଗୁଡ଼ିକ ମଧ୍ୟରୁ ସବୁଠାରୁ ବଡ ଘଟଣା ଥିଲା ଅଗଷ୍ଟ ୧୯୨୫ରେ ହୋଇଥିବା କାକୋର ରେଳ ଡକାୟତୀ, ଯାହାର ପରିଣାମ ସ୍ୱରୂପ ଏହି ସଂଗଠନର ଅନେକ ସଦସ୍ୟଙ୍କୁ ଗିରଫ କରାଗଲା । ଏହି ସଂଗଠନ ପଞ୍ଜାବର ଏକ ଅତ୍ୟନ୍ତ ଉଦୀୟମାନ ଏବଂ ପ୍ରତିଭାଶାଳୀ ବିଦ୍ୟାର୍ଥୀ ନେତା ଭଗତ ସିଂଙ୍କ ନେତୃତ୍ୱରେ ଗଠିତ ଯୁବକମାନଙ୍କ ଏକ ସଂଗଠନ ସହିତ ମଧ୍ୟ ସମ୍ବନ୍ଧ ସ୍ଥାପିତ କରିଥିଲା । ପଞ୍ଜାବର ଏହି ସଙ୍ଗଠନ ସମାଜବାଦୀ ବିଚାରଧାରାରେ ଅତ୍ୟନ୍ତ ପ୍ରଭାବିତ ହୋଇଥିଲା । ତେଣୁ ଏହି ସଂଗଠନକୁ ସୋସିୟାଲିଷ୍ଟ ରିପାବ୍ଲିକାନ ଏସୋସିଏସନ (ଏଚ.ଏସ.ଆର.ଏ.)ନାମକ ନୂତନ ନାମ ଦିଆଗଲା । କ୍ରାନ୍ତିକାରୀମାନଙ୍କ ଉଦ୍ଦେଶ୍ୟ ଥିଲା ସମ୍ପୂର୍ଣ୍ଣ ସ୍ୱତନ୍ତ୍ରତା ଏବଂ ସେମାନଙ୍କ ପାଖରେ ଏହି ସଂକଳ୍ପନା ମଧ୍ୟ ଥିଲା ଯେ ସ୍ୱତନ୍ତ୍ରତା ମିଳିବା ପରେ ରାଜ୍ୟର ସ୍ୱରୂପ କେମିତି ହେବ । ସେମାନେ ଏକ ବ୍ୟାପକ ଜନ-ସଂଘର୍ଷ ଆରମ୍ଭ କଲେ ଏବଂ ଏହି ପ୍ରୟୋଜନ ନିମିତ୍ତ ସେମାନେ ଛାତ୍ର, ଶ୍ରମିକ ଏବଂ କୃଷକମାନଙ୍କୁ ସକ୍ରିୟ କଲେ ।

## ୨୧.୮ ସାଇମନ କମିଶନ ବର୍ଜନ

କ୍ରାନ୍ତିକାରୀ ଆନ୍ଦୋଳନର ପୁନର୍ଗଠନ ଏବଂ ପୁର୍ନଜୀବନ ମଧ୍ୟରେ ମୁଖ୍ୟ ଧାରାରେ ଆନ୍ଦୋଳନର ଦମନ ପରେ ଭାରତରେ ଅଧିକରୁ ଅଧିକ ସାମ୍ବିଧାନିକ ସଂସ୍କାର ଆଣିବା ପାଇଁ ସାଇମନ କମିଶନ ଗଠନର ଘୋଷଣା କରାଗଲା । ସମସ୍ତ ଗୋରା ଲୋକମାନଙ୍କର ଏହି କମିଶନରେ କୌଣସି ଭାରତୀୟ ନଥିଲେ । ତାହା ସ୍ପଷ୍ଟ ଥିଲା ଯେ ଆସୁଥିବା ସଂସ୍କାର, ଯଦି କିଛି ହେବ, ତାହା ଭାରତୀୟ ଲୋକଙ୍କୁ ଉପେକ୍ଷା କରି ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ।

ସମସ୍ତ ନେତାମାନଙ୍କର ଏହାକୁ ବହିଷ୍କାର କରିବା ସର୍ବ ସମ୍ମତି ନିଷ୍ପତ୍ତି ଥିଲା କମିଶନକୁ ଭାରତୀୟମାନଙ୍କ ଉତ୍ତର । କମିଶନର ସଭ୍ୟମାନେ ଯେତେବେଳେ ଭାରତରେ ପହଞ୍ଚିଲେ ସେଦିନ ସମସ୍ତ ବଡ ବଡ ନଗର ଏବଂ ସହରମାନଙ୍କରେ ହରତାଳ ପାଳନ କରାଗଲା (ଫେବୃଆରୀ ୩-୧୯୨୮) କମିଶନଙ୍କ ବିରୁଦ୍ଧରେ ଜନ ଶୋଭାଯାତ୍ରା ଏବଂ କଳାପତାକା ପ୍ରଦର୍ଶନ ଇତ୍ୟାଦି କରାଗଲା । ବେନର ପ୍ରାଚୀର ପତ୍ର ଏବଂ ଏପରିକି ଉଡନ୍ତାଗୁଡ଼ି ମାନଙ୍କରେ 'ସାଇମନ ଫେରିଯାଅ' ଲେଖା ଯାଇ ପ୍ରଚାରିତ କରାଗଲା । କମିଶନଙ୍କ ଯିବା ବାଟରେ କଳାପତାକା ପ୍ରଦର୍ଶିତ ହୋଇଥିଲା । କହିବା ଆବଶ୍ୟକତା ନାହିଁକି ପୋଲିସ ଅତିମାତ୍ରାରେ ଶକ୍ତି ଓ ବର୍ବରତାର ସହିତ ଦମନ କଲେ ଏବଂ ସଭାଧାର ଉପରେ ଆକ୍ରମଣ ହେଲା ଏବଂ ଏପରିକି ପ୍ରମୁଖ ନେତୃବୃନ୍ଦମାନେ ମଧ୍ୟ ଏଥିରୁ ବାଦ ପଡିନଥିଲେ । ସବୁଠାରୁ ବର୍ବର ଆକ୍ରମଣ ଲାଲା ଲାଜପତ ରାୟଙ୍କ ଉପରେ ହୋଇଥିଲା, ଯିଏକି ଲାହୋରରେ ଜଣେ ଚରମପନ୍ଥୀ ଯୁଗର ପ୍ରତିଭାଶାଳୀ ନେତା ଥିଲେ । ବୃଦ୍ଧ ହୋଇ ଯାଇଥିବା ଏହି ନେତାଙ୍କୁ ଲାଠିରେ ପ୍ରହାର କରାଯାଇଥିଲା ଏବଂ ଏହି ଆକ୍ରମଣର କିଛିଦିନ ପରେ ତାଙ୍କର ଦେହାନ୍ତ ହୋଇଥିଲା । ଲାଲା ଲାଜପତ ରାୟଙ୍କ ମୃତ୍ୟୁରେ ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ବ୍ୟାପକ ବିକ୍ଷୋଭ ଆରମ୍ଭ ହୋଇଗଲା । ଏହି ସମୟରେ କଂଗ୍ରେସ ମଧ୍ୟରେ ହୋଇଥିବା ଏକ ମହତ୍ୱପୂର୍ଣ୍ଣ ପରିପ୍ରକାଶ ଥିଲା ପୂର୍ଣ୍ଣ ସ୍ୱରାଜ କିମ୍ବା ପୂର୍ଣ୍ଣ ସ୍ୱାଧିନତାର ଲକ୍ଷକୁ ଗ୍ରହଣ କରିବା । ପୂର୍ଣ୍ଣ ସ୍ୱତନ୍ତ୍ରତାର ଅଭିପ୍ରାୟ ଥିଲା ବ୍ରିଟିଶ ସହିତ ସମସ୍ତ ସମ୍ବନ୍ଧରୁ ମୁକ୍ତ ହେବା ।



ଟିପ୍ପଣୀ

ପୂର୍ଣ୍ଣ ସ୍ୱରାଜ ଶପଥ ନେବା ପରିଣାମ ସ୍ୱରୂପ ଦେଶ ମଧ୍ୟରେ ଅନେକ ଆଶା ଜାଗ୍ରତ ହେଲା ଏବଂ ୨୬ ଜାନୁୟାରୀ ୧୯୩୦ରେ ସମ୍ପୂର୍ଣ୍ଣ ଦେଶ ମଧ୍ୟରେ ଏଭଳି ଭାବରେ ସ୍ୱତନ୍ତ୍ରତାର ଶପଥ ନିଆଗଲା । ଦେଶରେ ଏକ ଅସନ୍ତୋଷ ବାତାବରଣ ଦେଖା ଦେଲା, ଯାହାର ପ୍ରମାଣ ଥିଲା ବମ୍ବେ-ନାଗପୁର କ୍ଷେତ୍ରରେ କମ୍ୟୁନିଷ୍ଟ ଦ୍ୱାରା ଆହୁତ ରେଲୱେ-ହରତାଳ, କଂଗ୍ରେସ ନେତୃତ୍ୱରେ ଚାଲୁଥିବା ଆନ୍ଦୋଳନ ଯାହା ସବିନୟ ଅବଜ୍ଞା ଆନ୍ଦୋଳନ ପ୍ରସ୍ତୁତି ପାଇଁ ଥିଲା, ଯାହାର ଚରମ ସ୍ୱରୂପ ଥିଲା ଖଜଣା ନଦେବା । କଂଗ୍ରେସ ବିଧାୟକମାନଙ୍କୁ ଅନୁଦେଶ ଜାରିକରାଗଲା କି ସେମାନେ ସଂଘର୍ଷର ପରବର୍ତ୍ତୀ ପ୍ରସ୍ତୁତି ନିମିତ୍ତ ତ୍ୟାଗ ପତ୍ର ଦେଇ ଦିଅନ୍ତୁ । ଗାନ୍ଧିଜୀ ୩୧ ଜାନୁଆରୀ ଦିନ ଭାଇସରାୟ ଇରଉଇନଙ୍କୁ ଅନ୍ତିମ ଚେତାବନୀ ଦେଇ ଏହାର ଶୁଭାରମ୍ଭ କଲେ, ଯେଉଁଥିରେ ପୂର୍ଣ୍ଣ ସ୍ୱତନ୍ତ୍ରତା ବା ପୂର୍ଣ୍ଣ ସ୍ୱରାଜର ଉଲ୍ଲେଖ ନଥିଲା । ଏଠାରେ ଉଲ୍ଲିଖିତ ଏଗାର ସୂତ୍ର ପ୍ରତ୍ୟାହାରରେ ଔପନିବେଶିକ ସରକାରରେ ଏହି ରାଷ୍ଟ୍ର ଦ୍ୱାରା କରାଯାଇଥିବା ବିଶିଷ୍ଟ ଦାବିଗୁଡ଼ିକର ଏକ ସମଷ୍ଟି ଥିଲା । ଏହି ଦାବିଗୁଡ଼ିକ ମଧ୍ୟରୁ ଗୋଟିଏ ଦାବି ଥିଲା ଲବଣ କରକୁ ହଟାଇବା ଏବଂ ଲବଣ ଉତ୍ପାଦନରେ ଏକାଧିକାରର ସମାପ୍ତ କରିବା । ଏହି ଦାବିରେ ଭୂରାଜସ୍ୱର ପଚାଶ ପ୍ରତିଶତ ହ୍ରାସ, ଲୁଗା କଳମାନଙ୍କର ସୁରକ୍ଷା, ସେନାର ଖର୍ଚ୍ଚ ଏବଂ ସିଭିଲ ସେବାର ବେତନ ଇତ୍ୟାଦିରେ ପଚାଶ ପ୍ରତିଶତ ହ୍ରାସ କରିବା ଅନ୍ତର୍ଭୁକ୍ତ ଥିଲା ।

### ପାଠଗତ ପ୍ରଶ୍ନ ୨୧.୪

୧. କେଉଁ ବିଶିଷ୍ଟ ବିଷୟ ଉପରେ ଅସହଯୋଗ ଆନ୍ଦୋଳନର ଆରମ୍ଭ ହୋଇଥିଲା ?

.......................................................................................

୨. ସ୍ୱରାଜ ପାର୍ଟିର ସ୍ଥାପନା କେବେ ଏବଂ କାହା ଦ୍ୱାରା ହୋଇଥିଲା ?

.......................................................................................

୩. ଏଚ୍.ଏସ୍.ଆର.ଏ.ର ପୂର୍ଣ୍ଣ ରୂପ ଦିଅନ୍ତୁ ?

.......................................................................................

## ୨୧.୯ ସବିନୟ ଅବଜ୍ଞା ଆନ୍ଦୋଳନ

ଏଗାର ସୂତ୍ରୀ ଚେତାବନୀରେ କୌଣସି ପ୍ରତିକ୍ରିଆ ନ ହେବା କାରଣରୁ ଲବଣ ସମ୍ବନ୍ଧରେ ଆଧାରିତ ସବିନୟ ଅବଜ୍ଞା ଆନ୍ଦୋଳନ ଆରମ୍ଭ କରାଗଲା । ଲବଣ ପ୍ରାଥମିକ ଆବଶ୍ୟକତାର ଏପରି ବସ୍ତୁ ଥିଲା, ଯାହା ଉପରେ କର ଲଗାଇବାର ପ୍ରଭାବ ଧନୀ ରୁ ଗରୀବ ପର୍ଯ୍ୟନ୍ତ ପଡୁଥିଲା । ତେଣୁ ଏ ପ୍ରକାରର ଲବଣ ଭାରତୀୟ ଲୋକମାନଙ୍କୁ ବଞ୍ଚିତ କରିବା ଦମନର ପ୍ରତୀକ ହୋଇଗଲା । ଜନସାଧାରଣ ଏବଂ ରାଷ୍ଟ୍ରବାଦୀ ନେତା ଦୁଇଜଣ ଏହି ବିଷୟ ଉପରେ ମହତ୍ୱ ଦେବା ଆରମ୍ଭ କରିଦେଲେ । ୧୨ ମାର୍ଚ୍ଚ ୧୯୩୦ରେ ଗାନ୍ଧିଜୀ ତାଙ୍କର ସାବରମତୀ ଆଶ୍ରମରୁ ନିଜର ୭୨ ଅନୁଗାମୀମାନଙ୍କୁ ସଙ୍ଗରେ ନେଇ ସମୁଦ୍ର ପର୍ଯ୍ୟନ୍ତ ଦାଣ୍ଡୀ ପଦଯାତ୍ରା







ଆରମ୍ଭ କରିଦେଲେ । ଦାଣ୍ଡି ଯାତ୍ରା ସପକ୍ଷରେ ଲୋକମାନଙ୍କର ସମ୍ପୂର୍ଣ୍ଣ ଭାବେ ପ୍ରତିକ୍ରିୟା ସୃଷ୍ଟି ହେଲା । ଲୋକମାନେ ବହୁସଂଖ୍ୟାରେ ରାସ୍ତାରେ ଏହି ଯାତ୍ରାକୁ ସ୍ୱାଗତ କଲେ ଏବଂ ଶେଷ ପର୍ଯ୍ୟନ୍ତ ସାଥୀରେ ରହିଥିଲେ । ଗାନ୍ଧିଜୀଙ୍କ ପ୍ରତି ଏକତାର ଭାବନା ପ୍ରଦର୍ଶିତ କରିବା ପାଇଁ ଗ୍ରାମବାସୀମାନେ ଗାନ୍ଧିଜୀ ଯେଉଁ ସ୍ଥାନ ଦେଇ ଅତିକ୍ରମ କରୁଥିଲେ ଯେଉଁଠାରେ ରହୁଥିଲେ ସେହି ସ୍ଥାନମାନଙ୍କରେ ସୁତା କାଟୁଥିଲେ । ଏପ୍ରିଲ ୬ରେ ଗାନ୍ଧିଜୀ ସମୁଦ୍ର କୂଳରେ ପହଞ୍ଚିଲେ ଏବଂ ଏଠାରେ ଏକ ମୁଠା ଲୁଣ ଉଠାଇ ଅଖିଳ ଭାରତ ସ୍ତରରେ ଦାଣ୍ଡିରେ ଲବଣ ଆଇନ ଭଙ୍ଗ କରି ଆଇନ ଅମାନ୍ୟ ଆନ୍ଦୋଳନର ଶୁଭାରମ୍ଭ କଲେ । ସମ୍ପୂର୍ଣ୍ଣ ଭାରତବର୍ଷରେ ଲୋକମାନେ ବେଆଇନ ଭାବରେ ଲବଣ ପ୍ରସ୍ତୁତି ଆରମ୍ଭ କରିଦେଲେ । ବହୁତ ସାବଧାନର ସହିତ ଯୋଜନାବଦ୍ଧ ଭାବରେ ବହୁ ସଂଖ୍ୟାରେ ସ୍ୱୟଂ ସେବକମାନଙ୍କର ଚୟନ କରି ଏହି ଆନ୍ଦୋଳନର ଗୋଟିଏ ପ୍ରାନ୍ତରରୁ ଅନ୍ୟ ପ୍ରାନ୍ତର ପର୍ଯ୍ୟନ୍ତ, ମାନ୍ଦ୍ରାଜରୁ ମହାରାଷ୍ଟ୍ର ପର୍ଯ୍ୟନ୍ତ ତଥା ବଙ୍ଗଳା ଆସାମ ଠାରୁ କରାଚୀ ପର୍ଯ୍ୟନ୍ତ ବ୍ୟାପୀଗଲା । ସୁଦୂର ଉତ୍ତରରେ ଥିବା ପେଶାବରରେ ବଡ ଧରଣର ପ୍ରଦର୍ଶନ କରାଗଲା, ଯେଉଁଠାରେ ଖାଁ ଅବଦୁଲ୍ଲ ଗଫୁର ଖାଁ ଏବଂ ତାଙ୍କର ଅନେକ ଅନୁଗାମୀ ଖୁଦାଇ-ଖିଦମତଗାର କୁହାଯାଉଥିବା ଲାଲ କମିଜ (ରେଡ ସାର୍ଟସ) ସକ୍ରିୟ ଥିଲେ ଏବଂ କିଛି ବର୍ଷ ପୂର୍ବରୁ ଏଠାରେ ସେମାନେ ରଚନାତ୍ମକ କାର୍ଯ୍ୟ କରୁଥିଲେ । ଏହାର ଅନେକ ଭଲ ପ୍ରତିକ୍ରିୟା ଦେଖା ଦେଇଥିଲା । ଖୁବ୍‌କମରେ ଏକ ସପ୍ତାହ ପର୍ଯ୍ୟନ୍ତ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ଜନତା ନିୟନ୍ତ୍ରଣରେ ଥିଲା ଏବଂ ଗଡୱାଲୀ ରେଜିମେଣ୍ଟର ସୈନିକମାନେ ନିରସ୍ତ୍ର ଭିଡ ଉପରେ ଗୋଳୀ ଚଳାଇବାକୁ ମନା କରିଦେଲେ । ୧୪ ଅପ୍ରେଲରେ ନେହେରୁଜୀଙ୍କର ଗିରଫଦାରୀରେ ମାନ୍ଦ୍ରାଜ, କଲକତା, ଏବଂ କରାଚୀରେ ସାର୍ବଜନୀକ ବିରୋଧ ପ୍ରଦର୍ଶନ କରାଗଲା । ଔପନିବେଶିକ ସରକାର ଅନିଶ୍ଚିତ ସ୍ଥିତିରେ ଥିଲେ କାରଣ ତାଙ୍କଠାରୁ କେବେ ବି ଏହା ଆଶା କରାଯାଇ ନଥିଲା ଯେ ଲବଣ ସତ୍ୟାଗ୍ରହ ଏପରି ଭାବରେ ଏକ ବୈପ୍ଳବିକ ଆନ୍ଦୋଳନର ରୂପ ନେବ । ପରିଶେଷରେ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ନିଷ୍ପତ୍ତି ନେଲେ ଏବଂ ମେ' ରେ ଗାନ୍ଧିଜୀଙ୍କୁ ଗିରଫଦାର କରିନିଆଗଲା, ଯାହାର ପରିଣାମ ଏପରି ହେଲାକି ଆନ୍ଦୋଳନ ଆହୁରି ଅଧିକ ତେଜି ଉଠିଲା । ସବିନୟ ଅବଜ୍ଞା ଆନ୍ଦୋଳନର ସବୁଠାରୁ ମହତ୍ୱପୂର୍ଣ୍ଣ ସୋପାନ ଥିଲା ଯୁବକ, ବିଶେଷଭାବରେ ବିଦ୍ୟାର୍ଥୀ ଏବଂ ମହିଳାମାନଙ୍କର ମଧ୍ୟ ଏଥିରେ ଭାଗିଦାରୀ ଥିଲା । ମହିଳାମାନେ ମଦ ଏବଂ ବିଦେଶୀ ଦ୍ରବ୍ୟ ବିକ୍ରି କରିବା ଦୋକାନ ଆଗରେ ଧାରଣା ଦେଲେ ।

ସରକାର ଲୋକମାନଙ୍କର ନାଗରୀକ ସ୍ୱତନ୍ତ୍ରତାକୁ ହ୍ରାସ କରିବା ନିମିତ୍ତ ଅଧ୍ୟାଦେଶ ଜାରି କରିବା ଏବଂ ପ୍ରଦେଶମାନଙ୍କରେ ସିଭିଲ ଅବଜ୍ଞା ସଂଗଠନ ଉପରେ ଅଙ୍କୁଶ ଲଗାଇବା ଆରମ୍ଭ କରିଦେଲେ । ଜୁନରେ କଂଗ୍ରେସ କାର୍ଯ୍ୟ ସମିତି ଉପରେ ଅଙ୍କୁଶ ଲଗାଇ ଦିଆଗଲା ଏବଂ କଂଗ୍ରେସ ଅଧ୍ୟକ୍ଷ ମୋତିଲାଲ ନେହେରୁଙ୍କୁ ଗିରଫଦାର କରାଗଲା । ଅଗଷ୍ଟ ଆସିବା ସହିତ କଂଗ୍ରେସ ସମିତି ଉପରେ ଅଙ୍କୁଶ ଲଗାଗଲା । ଅନେକ ସ୍ଥାନୀୟ ସମସ୍ୟା ମଧ୍ୟ ସିଭିଲ ଆନ୍ଦୋଳନର ଅଂଶ ହୋଇଗଲା ।

ସରକାରୀ ଦମନ ଏବଂ ଆନ୍ଦୋଳନ ଅଧିକ ଗଭୀର ହେବା ମଧ୍ୟରେ ସାଇମନଙ୍କ ରିପୋର୍ଟ ପ୍ରକାଶିତ ହେଲା । ସେଠାରେ ଏମିତି କିଛି ସଙ୍କେତ ନଥିଲାକି ଭାରତକୁ ସ୍ୱତନ୍ତ୍ର ଔପନିବେଶର ଦରଜା ଦିଆଯାଇ ପାରିବ । ଏହାର ପରିଣାମ ଏମିତି ହେଲା କି ଅତ୍ୟଧିକ ନରମପନ୍ଥୀ





ଭାରତୀୟ ରାଜନୀତିଜ୍ଞ ମଧ୍ୟ ବ୍ରିଟିଶ ସରକାରଙ୍କ ବିରୁଦ୍ଧ ହୋଇଗଲେ । ଏହାପରେ ଭାଇସରାୟ ଗୋଲଟେବୁଲ ବୈଠକର ନିମନ୍ତ୍ରଣ ପଠାଇଲେ ଏବଂ ସ୍ୱତନ୍ତ୍ର ଉପନିବେଶର ଦର୍ଜା ଦେବା ସମ୍ବନ୍ଧରେ ତାଙ୍କର ଉଦ୍ଦେଶ୍ୟ ଦୋହରାଇଲେ । ମୋତିଲାଲ ଏବଂ ଜବାହାରଲାଲ୍ ନେହେରୁଙ୍କୁ ଏହି ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ଗାନ୍ଧିଜୀଙ୍କ ନିକଟକୁ ନିଆଗଲା । ପରନ୍ତୁ କଂଗ୍ରେସ ଏବଂ ସରକାର କୌଣସି ସିଦ୍ଧାନ୍ତରେ ପହଞ୍ଚ ପାରିଲେ ନାହିଁ । ପ୍ରଥମ ଗୋଲ ଟେବୁଲ ବୈଠକ ନଭେମ୍ବର ୧୯୩୦ରେ ଲଣ୍ଡନଠାରେ ଭାରତୀୟ ନେତା ଏବଂ ବ୍ରିଟିଶ ମଧ୍ୟରେ ଡକାଯାଇଥିଲା, ପରନ୍ତୁ ଏଥିରେ କଂଗ୍ରେସର କୌଣସି ପ୍ରତିନିଧି ନଥିଲେ । ପରନ୍ତୁ ଏହା ସ୍ପଷ୍ଟ ଥିଲା ବ୍ରିଟିଶ ଏବଂ ଭାରତୀୟ ନେତାମାନଙ୍କ ମଧ୍ୟରେ ପରସ୍ପର ବରାବରୀରେ କୌଣସି ବାର୍ତ୍ତାଳାପରେ କଂଗ୍ରେସର ଅନୁପସ୍ଥିତି ଯୋଗୁଁ କୌଣସି ପରିଣାମ ଆସିଲା ନାହିଁ । ପରବର୍ତ୍ତୀ ସମ୍ମିଳନୀ ଆସନ୍ତା ବର୍ଷ ଅନୁଷ୍ଠିତ ହେବାର ସ୍ଥିର ହେଲା । ସରକାର ଗାନ୍ଧିଜୀଙ୍କୁ ୨୫ ଜାନୁଆରୀ ୧୯୩୧ରେ ଜେଲରୁ ଛାଡିଦେଲେ । ଅନ୍ୟାନ୍ୟ କଂଗ୍ରେସର କାର୍ଯ୍ୟ ନିର୍ବାହୀ ସଦସ୍ୟମାନେ ମଧ୍ୟ ବିନା ସର୍ତ୍ତରେ ମୁକୁଳି ଗଲେ । କଂଗ୍ରେସ ଆସନ୍ତା ଗୋଲ ଟେବୁଲ ବୈଠକରେ ଯୋଗଦେବା ସମ୍ପର୍କରେ ବିଚାର ବିମର୍ଷ କରିବାକୁ ଭାଇସରାୟ ପ୍ରସ୍ତାବ ଦେଲେ ।

ପ୍ରଥମ ଗୋଲ ଟେବୁଲ ବୈଠକର ପ୍ରତିନିଧିମାନଙ୍କ ସହିତ ଲମ୍ବା ବାର୍ତ୍ତାଳାପ ଏବଂ ବିଚାର ବିମର୍ଷ ପରେ କଂଗ୍ରେସ ଗାନ୍ଧିଜୀଙ୍କୁ ଭାଇସରାୟଙ୍କ ସହିତ ବାର୍ତ୍ତାଳାପ କରିବା ପାଇଁ କ୍ଷମତା ପ୍ରଦାନ କଲେ । ଗାନ୍ଧିଜୀ ଏବଂ ଇରଉଇନଙ୍କ ମଧ୍ୟରେ ପ୍ରାୟ ପନ୍ଦର ଦିନ ପର୍ଯ୍ୟନ୍ତ ବିଚାର ବିମର୍ଷ ହେଲା । ପରିଶେଷରେ ମାର୍ଚ୍ଚ ୧୯୩୧ରେ ଗାନ୍ଧୀ-ଇରଉଇନ ରାଜିନାମା ଉପରେ ହସ୍ତାକ୍ଷର କରାଗଲା । ଏହି ରାଜିନାମାର ସର୍ତ୍ତ ନିମ୍ନଲିଖିତ ଅଟେ ।

(କ) ଅହିଂସାତ୍ମକ ପ୍ରତିରୋଧରେ ଗିରଫଦାରି କରାଯାଇଥିବା ସମସ୍ତ ଲୋକଙ୍କୁ ତତ୍କାଳ ମୁକ୍ତ କରାଯିବ ।

(ଖ) ଯାହା ଉପରେ ଜୋରିମାନା ଇତ୍ୟାଦି ଏ ପର୍ଯ୍ୟନ୍ତ ଅସୁଲ ହୋଇ ନଥିବ, ସେମାନଙ୍କୁ କ୍ଷମା ଦିଆଯିବ ।

(ଗ) ଅଧି ଗ୍ରହଣ ହୋଇଥିବା ସମସ୍ତ ଭୂମି, ଯାହା ଏ ପର୍ଯ୍ୟନ୍ତ ବିକ୍ରି ହୋଇନାହିଁ, ସେଗୁଡିକ କୃଷକମାନଙ୍କୁ ଫେରସ୍ତ ଦିଆଯିବ ।

(ଘ) ଯେଉଁ ସରକାରୀ କର୍ମଚାରୀମାନେ ତ୍ୟାଗ-ପତ୍ର ଦେଇଥିଲେ, ସେମାନଙ୍କ ସହିତ ନମ୍ରତା ସହିତ ବ୍ୟବହାର କରାଯିବ ।

(ଙ) ତଟବର୍ତ୍ତୀ ଗ୍ରାମମାନଙ୍କୁ ସେମାନଙ୍କର ଉପଯୋଗ ନିମିତ୍ତ ଲବଣ ପ୍ରସ୍ତୁତି ନିମିତ୍ତ ଅଧିକାର ଦିଆଯିବ ।

(ଚ) ଶାନ୍ତିପୂର୍ଣ୍ଣ ଏବଂ ଅଣ-ଆକ୍ରମଣାତ୍ମକ ଧାରଣାକୁ ଅନୁମୋଦନ କରାଗଲା ।

କଂଗ୍ରେସ ନିଜ ତରଫରୁ ସବିନୟ ଅବଜ୍ଞା ଆନ୍ଦୋଳନରୁ ଓହରି ଆସିବା ପାଇଁ ସହମତି ଦେଇଦେଲେ ଓ ଆସନ୍ତା ଗୋଲ ଟେବୁଲ ବୈଠକରେ ଭାଗ ନେବା ପାଇଁ ସହମତି ପ୍ରଦାନ କଲେ । ରାଷ୍ଟ୍ରବାଦୀ ନେତାମାନେ ଏହି ବୁଝାମଣାକୁ ଅସ୍ଥାୟୀ ବିରାମ-ସନ୍ଧି ହିସାବରେ ମନେକଲେ । ପରନ୍ତୁ ଅନେକ ନେତା ଏହି ବୁଝାମଣାର ଅନିର୍ବାର୍ଯ୍ୟତା ରୂପେ ସହମତ ହୋଇ ନଥିଲେ ।



ଟିପ୍ପଣୀ



ଏହାଫଳରେ କ୍ରାନ୍ତିକାରୀ ଗୁପ୍ତ ସମିତିଗୁଡିକର ନୂତନ ଗତିବିଧି ଏବଂ ଅଧିକାଧିକ ମୌଳିକତାବାଦୀ କମ୍ୟୁନିଷ୍ଟ ଆନ୍ଦୋଳନରେ ଅଧିକରୁ ଅଧିକ ତେଜି ଉଠିଲା । ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କୁ ଏହି ସମୟ ମଧ୍ୟରେ ଫାଶୀ ଦିଆ ଯାଇଥିଲା, କାରଣ କମ୍ୟୁନିଷ୍ଟ ଆନ୍ଦୋଳନ ସମଗ୍ର ଦେଶରେ ବ୍ୟାପି ଯାଇଥିଲା ।

ମାର୍ଚ୍ଚ ୧୯୩୧ରେ ଆୟୋଜିତ କରାଚୀ ଅଧିବେଶନରେ କଂଗ୍ରେସ ପୂର୍ଣ୍ଣ ସ୍ୱରାଜ ଲକ୍ଷକୁ ଦୋହରାଇବା ସହିତ ଦିଲ୍ଲୀରେ ହୋଇଥିବା ଗାନ୍ଧି-ଇରଉଇନ ରାଜିନାମାର ମଧ୍ୟ ସମର୍ଥନ କଲେ । ଯଦିଚ ଦିଲ୍ଲୀ ରାଜିନାମାରେ ସ୍ୱତନ୍ତ୍ରତାର କୌଣସି ଚିହ୍ନ ନଥିଲା ତଥାପି କରାଚୀରେ କଂଗ୍ରେସ ଭାରତର ସମ୍ବିଧାନର ରଚନା କରିବା ପାଇଁ ପ୍ରସ୍ତୁତ କରୁଥିଲା ତଥା ନିଜର ମୌଳିକ ଅଧିକାର ଏବଂ ଏକ ରାଷ୍ଟ୍ରୀୟ ଆର୍ଥୀକ ନୀତି ପ୍ରସ୍ତୁତ କରିବା ସମ୍ପର୍କରେ ମଧ୍ୟ ସଙ୍କଳ୍ପ ନେଲେ । ଏହି ସଙ୍କଳ୍ପ ଆମର ସାମ୍ବିଧାନିକ ଇତିହାସର ଏକ ବଡ ମହତ୍ୱପୂର୍ଣ୍ଣ ଘଟଣା ଥିଲା, ଯେଉଁଥିରେ ନାଗରିକ ଅଭିବ୍ୟକ୍ତିର ସ୍ୱତନ୍ତ୍ରତା, ଖବରକାଗଜର ସ୍ୱତନ୍ତ୍ରତା ଓ ସଂଘ ଗଢ଼ିବାର ସ୍ୱାଧୀନତାର ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଧାର୍ମିକ ଘଟଣାରେ ତଟସ୍ଥତା, ଆଇନ ସମକ୍ଷ ସମାନତା, ପ୍ରତ୍ୟେକ ବ୍ୟକ୍ତିଙ୍କୁ ମତ ଦେବାର ସମାନ ଅଧିକାର, ନିଃଶୁଳ୍କ ଏବଂ ଅନିବାର୍ଯ୍ୟ ପ୍ରାଥମିକ ଶିକ୍ଷା ଓ ଅନେକ ଅନ୍ୟ ପ୍ରାବଧାନ ସ୍ୱତନ୍ତ୍ର ଭାରତର ସାମ୍ବିଧାନିକ ପ୍ରାବଧାନର ପୂର୍ବ କଳ୍ପନା ଥିଲା ।

ଗାନ୍ଧିଜୀ, ଅଗଷ୍ଟ ୧୯୩୧ରେ ଦ୍ୱିତୀୟ ଗୋଲ ଟେବୁଲ ସମ୍ମିଳନୀ ନିମିତ୍ତ ଯାତ୍ରା କଲେ । ଏହି ସମୟରେ ବ୍ରିଟିଶ ସରକାର ବ୍ରିଟେନ ଏବଂ ଭାରତ ଦୁଇଟି ଦେଶରେ ବହୁତ ଶକ୍ତ ପଦକ୍ଷେପ ମାନ ଗ୍ରହଣ କଲେ । ଇରଉଇନଙ୍କ ସ୍ଥାନରେ ୱେଲିଂଟନ ଆସି ଗଲେ ଏବଂ ହୋମ ଗଭର୍ଣ୍ଣମେଣ୍ଟର ଜନହିତକାରୀ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆସିଗଲା । ଏହାର ପରିଣାମ ସ୍ୱରୂପ ଗାନ୍ଧୀଜୀଙ୍କୁ ଗୋଲ ଟେବୁଲ ବୈଠକର ବିଚାର ବିମର୍ଷ ସମୟରେ କିଛି ହାସଲ ହେଲା ନାହିଁ । ପରନ୍ତୁ ଡିସେମ୍ବର ୧୯୩୧ରେ ଫେରିବା ପରେ ସେ ଦେଖିଲେ ଏପରିକି ନୂତନ ଭାଇସରାୟ ତାଙ୍କୁ ଦେଖା କରିବା ପାଇଁ ମଧ୍ୟ ଇଚ୍ଛୁକ ନୁହନ୍ତି । ଏଥିରୁ ଏମିତି ଲାଗୁଥିଲା କି ପ୍ରାୟ ଔପନିବେଶିକ ସରକାର କଂଗ୍ରେସ ସହିତ ଏକ ଚୁକ୍ତି କରି ତାଙ୍କ ସହିତ ବରାବର କରି ଅବଶୋଷ ଅନୁଭବ କରୁଛନ୍ତି । ସରକାର ମଧ୍ୟ ଜବାହାରଲାଲ ନେହେରୁଙ୍କୁ ଗିରଫଦାର କଲେ ଏବଂ ଉତ୍ତର ପଶ୍ଚିମ ପ୍ରାନ୍ତିୟ ପ୍ରଦେଶର ନେତା ଖାଁ ଅବଦୁଲ ଗଫୁର ଖାଁଙ୍କୁ ଗିରଫ କରି ଖୁଦାଇ ଖିଦମତଗର୍ସ ଆନ୍ଦୋଳନକୁ ଦମନ କଲେ ।

ଏଭଳି ପରିସ୍ଥିତିରେ କଂଗ୍ରେସ ପୁନଃରାୟ ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରିବାକୁ ନିର୍ଣ୍ଣୟ ନେଲା ଏବଂ ସେହି ଦିନ ଗାନ୍ଧିଜୀ ଶାନ୍ତି ବାର୍ତ୍ତା ନିମିତ୍ତ ଭାଇସରାୟଙ୍କୁ ସାକ୍ଷାତ କରିବାକୁ ଅନୁରୋଧ କଲେ । ମାତ୍ର ସେ ତାଙ୍କୁ ସାକ୍ଷାତ ଦେବାକୁ ମନା କରିଦେଲେ । ଏହାପରେ ଔପନିବେଶିକ ସରକାର ଦୃଢ଼ ଆକ୍ରାମକ ପଦକ୍ଷେପ ଉଠାଇଲେ, ଯାହାର ପ୍ରଥମ ପଦକ୍ଷେପ ଥିଲା ଜାନୁଆରୀ ପ୍ରାରମ୍ଭରେ ଗାନ୍ଧିଜୀଙ୍କୁ ଗିରଫଦାର କରିବା ଏବଂ ଲୋକଙ୍କର ନାଗରିକ ଅଧିକାରଗୁଡିକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିବା । ଏହାପରେ ସରକାର ସମ୍ପତ୍ତି ଜବତ କରିବା ଓ ଲୋକମାନଙ୍କୁ ନଜରବନ୍ଦୀ ରଖିବା ଅଧିକାର ପ୍ରାପ୍ତ କରିନେଲେ । ଏହି ଅଧିକାର ପ୍ରାପ୍ତ କରିବା ପରେ ସରକାର କଂଗ୍ରେସର ସମସ୍ତ ପ୍ରମୁଖ ନେତାମାନଙ୍କୁ ଜେଲରେ ବନ୍ଦ କରି ଦେଲେ ।

ଟିପ୍ପଣୀ




ମାନଚିତ୍ର ୨୧.୧ ଭାରତ ଜାତୀୟ ଆନ୍ଦୋଳନ: ପ୍ରମୁଖ ଆନ୍ଦୋଳନ ସ୍ଥଳ

ସାଧାରଣ ଲୋକଙ୍କର ଏଥିରେ ଭାରି ପ୍ରତିକ୍ରିୟା ହେଲ । ଏପରି ବ୍ୟାପକ ଜନ-ପ୍ରଦର୍ଶନ, ମଦ ଦୋକାନ ଓ ବିଦେଶୀ ଦ୍ରବ୍ୟ ବିକ୍ରି ହେଉଥିବା ଦୋକାନଗୁଡିକ ଆଗରେ ଧାରଣା ଏବଂ ବେଆଇନ ଜନ ସମାବେଶ ଇତ୍ୟାଦି ବହୁଳ ଭାବରେ ଘଟିଗଲା ଏବଂ ତାହା ସରକାରଙ୍କ ଦ୍ୱାରା ଦୃଢ଼ ଭାବରେ ଦମନ କରାଗଲା । ସରକାର କୌଣସି ପ୍ରକାର ରାଷ୍ଟ୍ରୀୟବାଦୀମାନଙ୍କ ସହିତ ବୁଝାମଣା ପାଇଁ ଇଚ୍ଛୁକ ନଥିଲେ । ସେତେବେଳେ ଜେଲଗୁଡିକ ଭର୍ତ୍ତି ହୋଇଗଲା । କଂଗ୍ରେସ ବେଆଇନ ଘୋଷଣା କରାଗଲା । ଗାନ୍ଧି ଆଶ୍ରମଗୁଡିକ ପୋଲିସ ଦ୍ୱାରା ଦଖଲ ହେଲା । ଶୋଭାଯାତ୍ରାଗୁଡିକ ଉପରେ ଲାଠି ପ୍ରହାର ତଥା ଲୋକମାନଙ୍କୁ ଇତଃସ୍ତତ କରାଗଲା । ଯେଉଁମାନେ କର ଦେବାକୁ ମନା କରୁଥିଲେ ସେମାନଙ୍କୁ ମାଡମରା ଯାଉଥିଲା ତଥା ସେମାନଙ୍କୁ ଜେଲ ଦେଇ ସେମାନଙ୍କର ସମ୍ପତ୍ତିକୁ ବାଜ୍ୟାପ୍ତି କରାଯାଉଥିଲା । ସମଗ୍ର ଦେଶର ଅଧିକାଂଶ ନେତା ଜେଲରେ ଥିଲେ ଏବଂ ସରକାରଙ୍କ ନିଷ୍ଠୁର ବ୍ୟବହାର ଓ ଅପମାନ ସତ୍ତ୍ୱେ ଲୋକମାନେ

ନିଜର ପ୍ରଚେଷ୍ଟାରେ ଦୁଇବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଏହି ଆଇନ ଅମାନ୍ୟ ଆନ୍ଦୋଳନକୁ ଜାରି ରଖିବା ପାଇଁ ପ୍ରୟାସ କଲେ । ଏହି ଆନ୍ଦୋଳନ ପ୍ରମାଣିତ କଲା ଯେ ଭାରତର ସାଧାରଣ ଜନତାର ମନବଳ କେତେ ସୁଦୃଢ଼ ଓ ରାଷ୍ଟ୍ରବାଦୀ ନେତା ଭାବରେ ଗାନ୍ଧିଜୀଙ୍କ ନେତୃତ୍ୱ କେତେ ଶସକ୍ତ । ଏପରିକି ଏହି ସ୍ଥିତିରେ ମଧ୍ୟ ନେତାମାନଙ୍କର ଅଭାବ ଏବଂ ସେମାନଙ୍କ ମତର ଅନ୍ତର ସତ୍ତ୍ୱେ ଆନ୍ଦୋଳନ ଚାଲୁ ରଖିବା ପାଇଁ ତାଙ୍କର ନିଷ୍ପତ୍ତିକୁ ସମସ୍ତେ ମାନି ନେଇଥିଲେ ।

## ୨୧.୧୦ ମୌଳିକବାଦୀ ଓ କ୍ରାନ୍ତିକାରୀ ଆନ୍ଦୋଳନର ଅଭିବୃଦ୍ଧି ଏବଂ ବାମପନ୍ଥୀମାନଙ୍କର ଉଦ୍ଭବ

୧୯୩୦ ଏବଂ ୧୯୩୪ ବର୍ଷମାନଙ୍କ ମଧ୍ୟରେ ବେଙ୍ଗଲ ଏବଂ ପଞ୍ଜାବକୁ କେନ୍ଦ୍ର କରି ବୈପ୍ଳବିକ ସନ୍ତ୍ରାସବାଦ କାର୍ଯ୍ୟକଳାପର ଏକ ଅଭୁତପୂର୍ବ ବିସ୍ତରଣ ଦେଖା ଦେଇଥିଲା । ୧୯୩୧ରେ ସମୁଦାୟ ୯୨ଟି ଘଟଣା ପଞ୍ଜିକୃତ ହୋଇଥିବା ବେଳେ ୯ଟି ହତ୍ୟା ମାମଲା ଅନ୍ତର୍ଭୁକ୍ତ ଥିଲା । ଚିଟାଗଞ୍ଜ ଅସ୍ତ୍ରାଗାର ଲୁଣ୍ଠନ ସେଗୁଡିକ ମଧ୍ୟରୁ ଏକ ଉଦାହରଣ ଥିଲା । ଚିଟାଗଞ୍ଜରେ ବୈପ୍ଳବିକମାନଙ୍କର ଏକ ଗୋଷ୍ଠୀ ସ୍ଥାନୀୟ ଅସ୍ତ୍ରାଗାରକୁ ଦଖଲ କଲେ ତଥା ଭାରତୀୟ ସାଧାରଣ ତନ୍ତ୍ର ସେନା ନାମରେ ଏକ ସ୍ୱାଧୀନତା ଘୋଷଣାନାମା ଜାରି କରିବା ସହିତ ଅନେକ ଦିନ ଧରି ଗ୍ରାମାଞ୍ଚଳମାନଙ୍କର ପାହାଡିଆ ଅଞ୍ଚଳରେ ବ୍ରିଟିଶମାନଙ୍କ ସହିତ ଏକ ସାହସୀକ ସଂଗ୍ରାମ ଜାରି ରଖିଥିଲେ । ଔପନିବେଶିକ ଶାସନ ଦ୍ୱାରା ଅନେକ ଦମନ ସତ୍ତ୍ୱେ କେତେକ ସନ୍ତ୍ରାସବାଦୀ ଘଟଣାମାନ ବୃଦ୍ଧି ହୋଇଥିଲା । ପଞ୍ଜାବରେ ଏଚ.ଏସ.ଆର.ଏ. ସମ୍ପୂର୍ଣ୍ଣ ସକ୍ରିୟ ଥିଲା ଯେଉଁଠାରେ କେବଳ ୧୯୩୦ ମଧ୍ୟରେ ୨୬ଟି ଘଟଣା ଘଟିଥିବାର ରିପୋର୍ଟ ମିଳିଥିଲା ।

ସତ୍ୟାଗ୍ରହ ସଂଘର୍ଷ କେବେ ହେଲେ ଏକକ ମାର୍ଗ ମଧ୍ୟରେ ସୀମିତ ହୋଇ ରହି ନଥିଲା । ଏଥିରେ ଅତ୍ୟନ୍ତ ହିଂସାତ୍ମକ ଏବଂ ଉଗ୍ରବାଦୀ କ୍ରାନ୍ତିକାରୀ ଆନ୍ଦୋଳନ ଏବଂ ଋଷରେ କ୍ରାନ୍ତି ଆସିବା ପରେ ଭାରତରେ ଆସିଥିବା ସମାଜବାଦୀ ବିଚାର ଧାରା ମଧ୍ୟ ସାମିଲ ଥିଲା ଏବଂ ଏଥିରେ ସୈନିକ ଆନ୍ଦୋଳନ ମଧ୍ୟ ସାମିଲ ଥିଲା । ଆନ୍ଦୋଳନର ଏପରି ଭିନ୍ନ ଭିନ୍ନ ଧାରାଗୁଡିକ କୌଣସି ପ୍ରକାରରେ ପୃଥକ ନଥିଲା । ଅଧିକାଂଶ କ୍ରାନ୍ତିକାରୀମାନେ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ । ପ୍ରକୃତରେ ଚଟଗାଁ ଶସ୍ତ୍ରାଗାର ଉପରେ ଦଖଲ ଏପରି କୋଳାହଳ ମଧ୍ୟରେ ହୋଇଥିଲା ଯେପରି ଗାନ୍ଧି ରାଜ ଆସିଗଲା । ଚନ୍ଦ୍ର ଶେଖର ଆଜାଦ ଓ ଭଗତ ସିଂଙ୍କର କ୍ରାନ୍ତିକାରୀ ଦଳଗୁଡିକ ସମାଜବାଦକୁ ଗ୍ରହଣ କରି ସାରିଥିଲେ, ଯେମିତିକି ଜବାହାରଲାଲ ନେହେରୁ ଓ ସୁବାସ ଚନ୍ଦ୍ର ବୋଷଙ୍କ ଅଧିନରେ କେତେକ କଂଗ୍ରେସ ଗୋଷ୍ଠୀକୁ ଗ୍ରହଣ କରିଥିଲେ ।

ସମାଜବାଦ ବ୍ୟବସ୍ଥିତ ଜନ ଆନ୍ଦୋଳନ ମାଧ୍ୟମରେ ସାମାଜିକ ସମତା । ସଂଗଠିତ ଜନ ଆନ୍ଦୋଳନ ସାମାଜିକ ସାମ୍ୟତାର ଏକ ସ୍ପଷ୍ଟ କାର୍ଯ୍ୟସୂଚୀ ମାଧ୍ୟମରେ ସାମ୍ୟବାଦକୁ ସ୍ୱାଧୀନତା ସଂଗ୍ରାମ ସହିତ ଯୋଡି ଦିଆଯାଇଥିଲା ଏବଂ ତାହା ଶ୍ରମିକ ଶ୍ରେଣୀକୁ ଗତିଶୀଳ କରିବାରେ ସହାୟତା ହୋଇଥିଲା । ଭାରତରେ ସାମ୍ୟବାଦ ଆନ୍ଦୋଳନର ସିଦ୍ଧାନ୍ତ ଆରମ୍ଭ କରିବା ପାଇଁ ଏମ.ଏନ.ରାୟ ଭଳି କେତେକ ପ୍ରମୁଖ ବ୍ୟକ୍ତିମାନେ ରୂପରେଖ ପ୍ରସ୍ତୁତ କରିଥିଲେ । ସେ ଭାରତୀୟ ସନ୍ଦର୍ଭରେ ମାର୍କସବାଦ ଓ ଲେନିନଙ୍କ ବିଚାରର ସଠିକ୍ ସମାୟୋଜନରେ ବାଖ୍ୟା





କରିଥିଲେ । ସାତ ଜଣ ଭାରତୀୟମାନେ, ରାୟ ମଧ୍ୟ ସେଥିରେ ସାମିଲ ଥିଲେ, ସେମାନେ ୧୯୨୦ରେ ତାସକେଣ୍ଟଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା କଲେ । ଧୀରେ ଧୀରେ ଅନେକ ଭାରତୀୟ ବୁଦ୍ଧିଜିବୀମାନଙ୍କ ମଧ୍ୟରେ ଏବଂ ଏପରିକି କଂଗ୍ରେସର ସଦସ୍ୟମାନଙ୍କ ମଧ୍ୟରେ ସାମ୍ୟବାଦର ସିଦ୍ଧାନ୍ତକୁ ସମର୍ଥନ ମିଳିବାକୁ ଲାଗିଲା । ସୁବାସ ଚନ୍ଦ୍ର ବୋଷ ଏକ ଅଦ୍ୱିତୀୟ ବ୍ୟକ୍ତିତ୍ୱର ଭଣ୍ଡାର ଥିଲେ ଏବଂ ଅନେକ ବିଚାରଧାରାରେ (ସିଦ୍ଧାନ୍ତ) ପ୍ରଭାବିତ ହୋଇଥିଲେ । ସରକାରୀ ପଦକୁ ଛାଡି ଅସହଯୋଗ ଆନ୍ଦୋଳନଠାରୁ କ୍ରାନ୍ତିକାରୀମାନଙ୍କର ଚରମତା ପର୍ଯ୍ୟନ୍ତ ସମାଜବାଦୀ ବିଚାର ଭାବନାକୁ ସମର୍ଥନ ଦେବା ସହିତ ପରିଶେଷରେ ସୈନିକ ଆକ୍ରମଣ କରିବାର ସାହସିକ ପଦକ୍ଷେପକୁ ଚୟନ କରି ସେ ରାଷ୍ଟ୍ରବାଦୀ ଆନ୍ଦୋଳନ ଭାବନାର ପ୍ରତୀକ ହୋଇ ଉଭା ହେଲେ । ବୋଷ ଏହି ସମସ୍ତ ଯୁଦ୍ଧନୀତିଗୁଡିକୁ ଲକ୍ଷ ପ୍ରସ୍ତୁତ କରି ଏହା ପ୍ରମାଣ କରିଦେଲେ ଯେ ରାଷ୍ଟ୍ରବାଦୀ ଆନ୍ଦୋଳନ ମଧ୍ୟରେ ସ୍ୱତନ୍ତ୍ରତା ପ୍ରାପ୍ତିର ବିଭିନ୍ନ ସଂକଳ୍ପନା ଅତିରିକ୍ତ ଆଉ କିଛି ମୌଳିକତା ନଥିଲା ।

## ୨୧.୧୧ ସାମ୍ବିଧାନିକ ସଂସ୍କାର ଏବଂ ବିଧାନ ମଣ୍ଡଳରେ କଂଗ୍ରେସର ଭାଗୀଦାରୀ

ସନ ୧୯୩୫ରେ ଭାରତ ସରକାର ଅଧିନିୟମ ପାରିତ କରାଗଲା । ଯେଉଁଥିରେ ପ୍ରାନ୍ତକୁ ବିଧାନମଣ୍ଡଳ ଚୟନ କରାଯାଇଥିବା ସଦସ୍ୟମାନଙ୍କୁ ଅଧିକ ସ୍ୱତନ୍ତ୍ରତା ଦେଇ ରାଷ୍ଟ୍ରବାଦୀ ଆନ୍ଦୋଳନକୁ କିଛି ଅଧିକାର ପ୍ରଦାନ କରାଗଲା । ଏହି ଅଧିନିୟମ ଦ୍ୱାରା ଭାରତର ଆହୁରି ଅଧିକ ଲୋକମାନଙ୍କୁ ମତଦାନ ଅଧିକାର ପ୍ରଦାନ କରାଗଲା । ୧୯୩୫ର ଅଧିନିୟମ ଲାଗୁ କଲାପରେ ବ୍ରିଟିଶମାନେ ୧୯୩୭ ପ୍ରାରମ୍ଭରେ ପ୍ରାନ୍ତିୟ ବିଧାନମଣ୍ଡଳରେ ନିର୍ବାଚନ କରିବା ଲାଗି ଘୋଷଣା କଲେ । କଂଗ୍ରେସ ମଧ୍ୟରେ ମତାନ୍ତରର ସମାଧାନ ପରେ ସେମାନେ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଲେ ଏବଂ ଏହାର ଅନେକ ଭଲ ପରିଣାମ ଆସିଲା । ୧୧ଟି ପ୍ରାନ୍ତରରୁ ୩ଟି ପ୍ରାନ୍ତରରେ କଂଗ୍ରେସକୁ ସ୍ପଷ୍ଟ ବହୁମତ ପ୍ରାପ୍ତ ହେଲା । ଏହି ସଫଳତାରେ ସ୍ୱତନ୍ତ୍ରତା ଆନ୍ଦୋଳନରେ ଯୋଡି ଥିବା ଛାତ୍ର, କୃଷକ ଏବଂ ଶ୍ରମିକ ବର୍ଗମାନଙ୍କୁ ଅତ୍ୟନ୍ତ ପ୍ରୋତ୍ସାହିତ କଲା । ସେମାନେ ସମସ୍ତେ ନିଜ ନିଜର ଉପସ୍ଥିତି ଜାହିର କଲେ ଏବଂ ଖୁବ୍ ଶୀଘ୍ର ଔପନିବେଶିକ ରାଜ୍ୟମାନଙ୍କର ନିୟନ୍ତ୍ରଣ ବାହାରେ ଥିବା ଦେଶୀୟ ରାଜ୍ୟମାନଙ୍କରେ ଥିବା ଏହି ଶ୍ରେଣୀମାନଙ୍କ ମଧ୍ୟରେ ସେମାନେ ସେମାନଙ୍କର ଗୁରୁତ୍ୱ ଉପଲବ୍ଧି କଲେ ଏବଂ ସେମାନଙ୍କ ମଧ୍ୟରେ ଖୁବ୍ ଶୀଘ୍ର ଏକ ଆନ୍ଦୋଳନ ଦେଖାଗଲା ।

## ୨୧.୧୨ ସ୍ୱତନ୍ତ୍ରତା ଅଭିମୁଖେ

ବିଭିନ୍ନ ପ୍ରଦେଶରେ ଦୁଇବର୍ଷ ପର୍ଯ୍ୟନ୍ତ କଂଗ୍ରେସ ସରକାର ରହିଲା ଏବଂ ସେମାନେ ସାଧାରଣ ଜନମାନସରେ ବିଭିନ୍ନ ଶ୍ରେଣୀର ହିତ ନିମିତ୍ତ ଅନେକ ପଦକ୍ଷେପ ମାନ ଗ୍ରହଣକଲେ । କଂଗେସ ସରକାର ଦ୍ୱାରା ଉତଥାପୀତ କେତେକ ପଦକ୍ଷେପ ମଧ୍ୟରୁ କୃଷକମାନଙ୍କ ନିମିତ୍ତ ଖଜଣା ହ୍ରାସ, ରାଜନୈତିକ ବନ୍ଦୀମାନଙ୍କୁ ଛାଡ ଦେବା ଏବଂ ଖବରକାଗଜ ଉପରୁ ପ୍ରତିବନ୍ଧକ ହଟାଇବା ଇତ୍ୟାଦି କେତେକ ପଦକ୍ଷେପ କଂଗ୍ରେସ ସରକାରଙ୍କ ଦ୍ୱାରା ନିଆ ଯାଇଥିଲା । କିନ୍ତୁ ସର୍ବୋପରି ଏହା ଦର୍ଶାଯାଇଥିଲା ଯେ ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ସକ୍ଷମ ଥିଲେ ।

୧୯୩୯ର ଶେଷ ଭାଗରେ ସମସ୍ତ କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ । ୧୯୩୮ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥିଲା ଏବଂ ଭାଇସରାୟ ଏକ ତରଫା ଘୋଷଣା







କରିଦେଲେ ଯେ ଭାରତ, ଏକ ବ୍ରିଟିଶ ଉପନିବେଶ ଭାବରେ ବ୍ରିଟିଶ ସପକ୍ଷରେ ଯୁଦ୍ଧରେ ଏକ ଭାଗିଦାର। ଏହି ଘୋଷଣାର ବିରୋଧ ପୂର୍ବକ କଂଗ୍ରେସ କର୍ତ୍ତୃପକ୍ଷ ସମସ୍ତ କଂଗ୍ରେସ ସରକାରଗୁଡ଼ିକୁ ଇସ୍ତଫା ନେବା ପାଇଁ ନିର୍ଦ୍ଦେଶ ଦେଲେ।

କଂଗ୍ରେସ ମନ୍ତ୍ରୀମଣ୍ଡଳ ଗୁଡ଼ିକର ଇସ୍ତଫା ପ୍ରଦାନ ସହିତ ଜାତୀୟ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନର ପରିସମାପ୍ତି ଘଟିଲା। ଅସହଯୋଗ ଏବଂ ଆଇନ ଅମାନ୍ୟ ଆନ୍ଦୋଳନ ଫଳରେ ଜାତୀୟ ଆନ୍ଦୋଳନ ଏକ ନୂତନ ପରିସର ଓ ଶ୍ରେଣୀରେ ପ୍ରବେଶ କଲା। ଏହାଦ୍ୱାରା ଲୋକମାନଙ୍କ ମନ ଏବଂ ହୃଦୟରୁ ବ୍ରିଟିଶ ନିୟନ୍ତ୍ରଣର ଅବକ୍ଷୟ ଘଟିଲା। ପ୍ରଭାବଶାଳୀ କଂଗ୍ରେସ ଦ୍ୱାରା ସରକାରଙ୍କୁ ସଠିକ୍ ଢ଼ଙ୍ଗରେ ପରିଚାଳିତ କରିବା ଦ୍ୱାରା ପ୍ରମାଣିତ ହୋଇ ଯାଇଥିଲା ଯେ ଆଗକୁ ବ୍ରିଟିଶ ନିୟନ୍ତ୍ରଣ ଆହୁରି ହ୍ରାସ ପାଇବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ବ୍ରିଟିଶ ପାଇଁ ନୂତନ ସମସ୍ୟାମାନ ଉତ୍ପନ୍ନ କଲା। ଯୁଦ୍ଧର କାରଣ ଯୋଗୁଁ ସୈନିକମାନଙ୍କ ପାଇଁ ଲୁଗା ଏବଂ ଖାଦ୍ୟ ଭଳି ଭିନ୍ନ ଭିନ୍ନ ଉପଭୋକ୍ତା ବସ୍ତୁଗୁଡ଼ିକର ନୂତନ ଆବଶ୍ୟକତା ଜନ୍ମ ନେଇଥିଲା। ଏହିସବୁ ସମସ୍ୟାମାନ ବ୍ରିଟିଶ୍ ବିରୁଦ୍ଧରେ ଏକ ସାଧାରଣ ଅସୋନ୍ତଷ ପ୍ରକାଶ ପାଇଲା ଏବଂ ସେମାନଙ୍କର ପୃଷ୍ଠଭୂମି ଆହୁରି ଦୁର୍ବଳ ହୋଇଗଲା । ଉଦାହରଣ ସ୍ୱରୂପ ଯୁଦ୍ଧର ଆବଶ୍ୟକତାର ଏକ ଅଂଶଭାବରେ ଖାଦ୍ୟଭଣ୍ଡାରର ଏକ ବୃହତ୍ତ ଭାଗ ବେଙ୍ଗଲରୁ ନିଆଯାଇଥାନ୍ତା । ବଙ୍ଗଳାର ଦୁର୍ଭିକ୍ଷଥିଲା ଏହାର ଏକ ପରିଣାମ । ଏବଂ ତିନିନିୟୁତରୁ ଉର୍ଦ୍ଧ୍ୱ ଏଥିରେ ଖାଦ୍ୟାଭାବରେ ମୃତ୍ୟୁ ବରଣ କଲେ । ଏପରିଭାବରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ସୃଷ୍ଟି ହୋଇଥିବା ପରିସ୍ଥିତି ।

ଏହାମଧ୍ୟ ଭାରତରେ ବ୍ରିଟିଶ ଶାସନ ପାଇଁ ଅଭୁତପୂର୍ଣ୍ଣ ଅଭାବ ସୃଷ୍ଟି କଲା । ବ୍ରିଟିଶ ଶକ୍ତିର ଜନ ସମର୍ଥନ କ୍ରମଶଃ ହ୍ରାସ ହେବା ପରିସ୍ଥିତିରେ ମହାତ୍ମାଗାନ୍ଧି ବ୍ରିଟିଶ ଶାସନ ବିରୁଦ୍ଧରେ ସମ୍ପୂର୍ଣ୍ଣ ପ୍ରତିରୋଧ ନିମିତ୍ତ ସଙ୍କଳ୍ପ ନେଲେ। ଏପରି ଭାବରେ ଅଗଷ୍ଟ ୧୯୪୨ରେ ପ୍ରସିଦ୍ଧ ଭାରତ ଛାଡ ଆନ୍ଦୋଳନ ଆରମ୍ଭ ହେଲା। ଏହି ଆନ୍ଦୋଳନରେ ବ୍ରିଟିଶ ନିକଟରେ କୌଣସି ଦାବି ଉପସ୍ଥାପନା କରାଯାଇ ନଥିଲା। କେବଳ ସରଳ ଭାବରେ ଭାରତ ଛାଡିବା ପାଇଁ କୁହାଯାଇଥିଲା। ବ୍ରିଟିଶ ଭାରତ ଛାଡ ଡାକରାର ପ୍ରତ୍ୟୁତ୍ତରରେ ତାଙ୍କୁ ଏବଂ କଂଗ୍ରେସ କାର୍ଯ୍ୟକାରୀ ସଦସ୍ୟ ମାନଙ୍କୁ ଗିରଫ କରାଯାଇଥିଲା। କଂଗ୍ରେସ ନେତାମାନଙ୍କର ଗିରଫଦାରି ଖବର ଲୋକମାନଙ୍କୁ ଆହୁରି ଅଧିକ କ୍ରୋଧାନ୍ୱିତ କଲା ଏବଂ ସେମାନେ ଯିଏ ଯେମିତି ପାରିଲେ ରାଜ ରାସ୍ତାକୁ ଓହ୍ଲାଇ ଆସି ବ୍ରିଟିଶ ସରକାରଙ୍କୁ ଆକ୍ରମଣ କଲେ। ସେମାନଙ୍କର ନେତାମାନଙ୍କ ଅନୁପସ୍ଥିତିରେ ଲୋକମାନେ ନିଜେ ନିଜକୁ ନେତା ଭାବି ଆକ୍ରମଣ କଲେ, ଲୁଟପାଟ କଲେ ଏବଂ ସରକାରୀ ସମ୍ପତ୍ତି ଧ୍ୱଂସ କଲେ। ସରକାର ଆନ୍ଦୋଳନକୁ ପାଶବିକ ବ୍ୟବହାର କଲେ ଏବଂ ଅନେକ ଲୋକ ପୋଲିସ ଗୁଳିରେ ପ୍ରାଣ ହରାଇଲେ।

ପରିଶେଷରେ ବ୍ରିଟିଶ ସରକାର ଆନ୍ଦୋଳନକୁ ହତ୍ୟା ତଥା ଗିରଫଦାରୀ ମାଧ୍ୟମରେ ଦମନ କରିବାକୁ ସକ୍ଷମ ହୋଇଥିଲେ। ସରକାରୀ ହିସାବରେ ୧୯୪୩ ମସିହା ଶେଷ ଭାଗରେ ୯୧,୦୦୦ ସଂଖ୍ୟକ ଲୋକ ଗିରଫ ହୋଇଥିଲେ। ଯଦିଚ ଏହି ଆନ୍ଦୋଳନକୁ ଦମନ କରାଯାଇଥିଲା, ତଥାପି ଏହା ପରିଷ୍କାର ହୋଇ ଯାଇଥିଲା ଯେ ସେମାନେ ଭାରତରେ ଆଉ ଅଧିକ ଦିନ ଶାସନ କରିପାରିବେ ନାହିଁ। ବ୍ରିଟିଶମାନେ ନିଜେ ଏହା ହୃଦୟଙ୍ଗମ କରିଥିଲେ।





ଏପର୍ଯ୍ୟନ୍ତ ସେମାନେ ଉନବିଂଶ ଶତାବ୍ଦିରୁ ପ୍ରସ୍ତୁତ ହୋଇଥିବା ଏକ ସମର୍ଥ ପ୍ରଣାଳୀ ସହାୟତାରେ ଦେଶକୁ ଶାସନ କରି ଆସୁଥିଲେ । ରାଷ୍ଟ୍ରୀୟ ଆନ୍ଦୋଳନର କ୍ରମାନ୍ୱୟ ଆନ୍ଦୋଳନ ଫଳରେ ଏହି ସହାୟକ-ସମର୍ଥନର ଅବକ୍ଷୟ ଘଟିଥିଲା । ବିଭିନ୍ନ ବର୍ଗର ଭାରତୀୟଙ୍କ ସହାୟତା ବିନା (କୃଷକ, ଶ୍ରମିକ, ମଧ୍ୟବିତ ଶ୍ରେଣୀ, ଧନୀ, ପୋଲିସ ସେନା) ବ୍ରିଟିଶ ଭାରତରେ ଶାସନ କରିବା ଅସମ୍ଭବ ଥିଲା । ବର୍ତ୍ତମାନ ବ୍ରିଟିଶ ଏହା ଅନୁଭବ କଲେ ଯେ ସେମାନେ ଭାରତରୁ ପର୍ଯ୍ୟାୟକ୍ରମେ ଶାନ୍ତିପୂର୍ଣ୍ଣ ପ୍ରତ୍ୟାହାର ନିମିତ୍ତ କାର୍ଯ୍ୟ କରିବେ । ୧୯୪୪-୪୭ ପରେ ପରେ ସେମାନେ ସମସ୍ତ କଂଗ୍ରେସ ନେତୃବୃନ୍ଦଙ୍କୁ ଜେଲରୁ ମୁକ୍ତି କଲେ ଏବଂ ବ୍ରିଟିଶଠାରୁ ଭାରତୀୟମାନଙ୍କ ହସ୍ତକୁ କ୍ଷମତା ହସ୍ତାନ୍ତର ପ୍ରକ୍ରିୟା ପାଇଁ ବୁଝାମଣା ଆରମ୍ଭ କଲେ ।

ପରିଶେଷରେ ଭାରତ ଅଗଷ୍ଟ ୧୯୪୭ରେ ସ୍ୱାଧୀନ ଲାଭ କଲା । ଭାରତୀୟଙ୍କ ପାଇଁ ସ୍ୱାଧୀନତା ପ୍ରାପ୍ତି ସର୍ବୋଚ୍ଚ ଆନନ୍ଦର ବିଷୟ ଥିଲା । ଭାରତୀୟ ଜନସାଧାରଣ ସର୍ବ ଶକ୍ତିମାନ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ସେମାନଙ୍ଗକର ଯୁଦ୍ଧ ଜୟ କଲେ । ମାତ୍ର ଏହା ସର୍ବୋତ ଭାବରେ ବିଜୟ ନଥିଲା । ସ୍ୱାଧୀନତା ସହିତ ଭାରତ-ପାକିସ୍ଥାନ ରୂପେ ଦୁଇଟି ଜାତୀୟ ରାଜ୍ୟରେ ଦେଶ ଦୁଇ ଭାଗରେ ବିଭାଜିତ ହୋଇଗଲା । ବ୍ରିଟିଶ ସରକାର ସଦା ସର୍ବଦା ଭାରତୀୟ ଲୋକମାନଙ୍କର ଏକତାକୁ ବାଧା ଦେଉଥିଲେ । ସେମାନେ କେବେ ରାଜି ନଥିଲେ ଯେ ସମଗ୍ର ଭାରତୀୟ ଜନତା ଏକ ସାଧାରଣ ସ୍ୱାର୍ଥରେ ଏକମତ ହୋଇ ରହିବେ । ତେଣୁ ସେମାନେ ଯେତେବେଳେ ଭାରତ ଛାଡିଲେ ସେତେବେଳକୁ ସେମାନେ ଭାରତକୁ ଧାର୍ମିକ ଭିତ୍ତିରେ ଦେଶକୁ ବିଭାଜୀତ କରିଥିଲେ । ଭାରତ ବିଭାଜନ ମଧ୍ୟ ଏକ ବଡ ଧରଣର ସାମ୍ପ୍ରଦାୟିକ ହିଂସାରେ ପରିଣତ ହୋଇଥିଲା ।

୧୯୪୭ ବର୍ଷ ଭାରତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ସୋପାନ ଥିଲା । ଏହା ଭାରତୀୟ ଲୋକଙ୍କ ପାଇଁ ଏକ ବିଜୟ ଥିଲା ଯେହେତୁ ସେମାନେ ବିଦେଶୀ ଶାସନରୁ ସ୍ୱାଧୀନତା ଲାଭ କରିଥିଲେ । ମାତ୍ର ଏହା ମଧ୍ୟ ଭାରତୀୟ ଲୋକଙ୍କର ଏକତା ପାଇଁ ସବୁଠାରୁ ବଡ ଦୁଃଖଦ ବର୍ଷ ଥିଲା କାରଣ ଦେଶ ଦୁଇଟି ଅଲଗା ଜାତୀୟ ରାଷ୍ଟ୍ରରେ ବିଭାଜିତ ହୋଇ ଯାଇଥିଲା ।

## ପାଠ୍ୟ ପ୍ରଶ୍ନ ୨୧.୫

୧, ଦାଣ୍ଡି ମାର୍ଚ୍ଚ କେଉଁଠାରୁ ଆରମ୍ଭ ହୋଇଥିଲା ?

.................................................................................................

୨, ୧୯୩୭ ନିର୍ବାଚନରେ କେତୋଟି ପ୍ରଦେଶରେ କଂଗ୍ରେସକୁ ସ୍ପଷ୍ଟ ବହୁମତ ମିଳିଥିଲା ?

.................................................................................................

୩. ଭାରତ ଛାଡ ଆନ୍ଦୋଳନରେ କେତେ ଲୋକଙ୍କୁ ଗିରଫଦାର କରାଯାଇଥିଲା ?

.................................................................................................

## ତୁମେ କ'ଣ ଶିଖିଲ

ଏହି ପାଠ୍ୟରେ ନିମ୍ନଲିଖିତ ବିଷୟ ଉଲ୍ଲେଖନୀୟ ଅଟେ ।

- ଭାରତୀୟ ଜାତୀୟ ଆନ୍ଦୋଳନ କୌଣସି ଏକ ନିର୍ଦ୍ଦିଷ୍ଟ ଘଟଣାର ନାମ ନଥିଲା । ପରନ୍ତୁ ଏହା ରାଜନୈତିକ ଘଟଣାବଳୀର ଏକ ସମ୍ପୂର୍ଣ୍ଣ ଶୃଙ୍ଖଳା ଥିଲା ଯାହାର ବିସ୍ତାର ଅନେକ ଦଶକ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦର ବିରୋଧ ଏବଂ ରାଷ୍ଟ୍ରୀୟ ଏକତା ଏପରି ଦୁଇଟି ବିଷୟ ଥିଲା ଯାହା ସମସ୍ତ ଘଟଣାର ସମାନତା ଥିଲା ଏବଂ ଏହା ପରସ୍ପରକୁ ସଂଯୋଗ କରୁଥିଲା ।
- ରାଷ୍ଟ୍ରୀୟ ଆନ୍ଦୋଳନର ପ୍ରାରମ୍ଭିକ ସ୍ତରରେ ନରମପନ୍ଥି ନେତାମାନଙ୍କ ଦ୍ୱାରା ପ୍ରଭାବ ବିସ୍ତାର ହୋଇଥିଲା । ସେହି ନେତାମାନେ ଔପନିବେଶବାଦୀ ଶାସକମାନଙ୍କ ସମକ୍ଷରେ କ୍ରମାଗତଭାବରେ ଅନେକ ଦାବି ଉପସ୍ଥାପନା କଲେ । ମାତ୍ର ଏହାଠାରୁ ଅଧିକ ମହତ୍ୱପୂର୍ଣ୍ଣ ବିଷୟ ଥିଲା ଯେ ସେମାନେ ଏହି ବିଚାରକୁ ଏପରି ସୃଷ୍ଟି କଲେ ଯେ ବ୍ରିଟିଶ ଶାସନ ଭାରତୀୟ ଅର୍ଥବ୍ୟବସ୍ଥାର ବିକାଶପାଇଁ ଉଦ୍ଦିଷ୍ଟ ନୁହେଁ ପରନ୍ତୁ ଏହା ଭାରତୀୟ ଅର୍ଥ ବ୍ୟବସ୍ଥାଠାରୁ ପତନ ଆଡକୁ ନେଇଯାଉଅଛି ।
- ନରମପନ୍ଥୀ ନେତାମାନଙ୍କ ପରେ ବାଳ ଗଙ୍ଗାଧର ତିଳକ, ବିପିନଚନ୍ଦ୍ର ପାଲ ଏବଂ ଲାଲା ଲଜପତ ରାୟଙ୍କ ଭଳି ଚରମପନ୍ଥୀ ନେତାମାନେ ରାଷ୍ଟ୍ରୀୟ ଆନ୍ଦୋଳନର ସାଧାରଣ ଜନତାମାନଙ୍କର ଭାଗିଦାରିକୁ ଜନ୍ମ ଦେଲେ । ନରମପନ୍ଥୀ ନେତାମାନେ ସ୍ୱଦେଶୀ ଆନ୍ଦୋଳନର ନେତୃତ୍ୱ ଦେଲେ । ଏହା ବ୍ରିଟିଶମାନଙ୍କର ବଙ୍ଗଳା ବିଭାଜନ ସିଦ୍ଧାନ୍ତ ବିରୁଦ୍ଧରେ ଆରମ୍ଭ କରାହୋଇଥିଲା ।
- ସ୍ୱଦେଶୀ ଆନ୍ଦୋଳନର ପରିସମାପ୍ତି ରାଷ୍ଟ୍ରୀୟ ଆନ୍ଦୋଳନର ବୈପ୍ଳବିକ କାର୍ଯ୍ୟକଳାମାନ ପ୍ରବେଶ କରିଗଲା । ଖୁଦୀରାମ ବୋଷ ଏବଂ ପ୍ରଫୁଲ୍ଲ ଚାକୀ ଭଳି କ୍ରାନ୍ତିକାରୀ ନେତାମାନେ ବ୍ରିଟିଶ ସରକାରଙ୍କ ସହିତ ହିଂସାତ୍ମକ ଉପାୟରେ ସଂଗ୍ରାମ କରିବାକୁ ଚାହୁଁଥିଲେ । ସେମାନେ ବ୍ୟକ୍ତିଗତ ଭାବରେ ବ୍ରିଟିଶ କାର୍ଯ୍ୟାଳୟ ଗୁଡିକୁ ନିଜର ଲକ୍ଷଭାବେ ମନେ କରୁଥିଲେ ।
- ରାଷ୍ଟ୍ରୀୟ ଆନ୍ଦୋଳନରେ ମହାତ୍ମାଗାନ୍ଧୀଙ୍କର ପ୍ରବେଶ ଭିନ୍ନ ମହତ୍ୱପୂର୍ଣ୍ଣ ପଦକ୍ଷେପ ଥିଲା, ପ୍ରାରମ୍ଭରେ ମହାତ୍ମାଗାନ୍ଧୀ , ଚମ୍ପାରଚନ ଖେଡା ଏବଂ ଅହମଦାବାଦରେ ସ୍ଥାନୀୟ ସ୍ତରରେ ତାଙ୍କର ରାଜନୈତିକ ଉପାୟ ଅବଲମ୍ବନ କଲେ । ସେ ଖୁବ୍‌ଶୀଘ୍ର ରାଷ୍ଟ୍ରବାଦୀ ସଂଘର୍ଷର ନେତୃତ୍ୱ ନେଲେ ।
- ବ୍ରିଟିଶ ଶାସନ ବିରୁଦ୍ଧରେ ଗାନ୍ଧିଜୀଙ୍କର ସଂଘର୍ଷ ଅହିଂସାତ୍ମକ, ଅସହଯୋଗ ଉପରେ ଆଧାରିତ ଥିଲା । ସେହି ଉପାୟ ମାଧ୍ୟମରେ ସେ ତିନୋଟି ମୁଖ୍ୟ ସଂଘର୍ଷର ନେତୃତ୍ୱ ନେଲେ - ଅସହଯୋଗ ଆନ୍ଦୋଳନ (୧୯୨୦-୨୨) ଆଇନ ଅମାନ୍ୟ ଆନ୍ଦୋଳନ (୧୯୩୦-୩୪) ଏବଂ ଭାରତଛାଡ ଆନ୍ଦୋନ) (୧୯୪୨)
- ଏହାର ପରିଣାମ ଏପରି ହେଲା ଯେ ରାଷ୍ଟ୍ରୀୟ ଆନ୍ଦୋଳନ ଭାରତୀୟ ଜନମାନସରେ ଅତ୍ୟନ୍ତ ଲୋକପ୍ରିୟତା ହାସଲ କରିଥିଲା । ଏହି ଆନ୍ଦୋଳନ କୃଷକ, ଶ୍ରମିକ ଏବଂ ଛାତ୍ରମାନଙ୍କ ଭଳି ବିବିଧ ବର୍ଗ ମଧ୍ୟରେ ପହଞ୍ଚିଗଲା । ଧୀରେ ଧୀରେ ଏହି ରାଷ୍ଟ୍ରୀୟ ଆନ୍ଦୋଳନ ଦେଶର ଅଧିକାଂଶ ଭାଗକୁ ବ୍ୟାପିଗଲା ।





- ଯେମିତି ଯେମିତି ରାଷ୍ଟ୍ରୀୟ ଆନ୍ଦୋଳନର ଲୋକପ୍ରିୟତା ବୃଦ୍ଧି ହେଲା ସେଇଭଳି ବ୍ରିଟିଶ ସରକାରର ଲୋକପ୍ରିୟତା କ୍ଷୟ ହେବାକୁ ଲାଗିଲା । ବ୍ରିଟିଶମାନେ ଅନେକ ଭାରତୀୟମାନଙ୍କ ସହାୟତାରେ ଭାରତ ଉପରେ ଶାସନ କରିଥିଲେ । ସେହି ଭାରତୀୟମାନେ ଭାରତରେ ବ୍ରିଟିଶ ଶାସନର ସମର୍ଥନ ପ୍ରଣାଳୀର ରଚନା କରୁଥିଲେ । ଏହି ସମର୍ଥନ ପ୍ରଣାଳୀକୁ ନଷ୍ଟକରି ଏବଂ ଏହାକୁ ଭଙ୍ଗ କରିବାରୁ ରାଷ୍ଟ୍ରୀୟ ଆନ୍ଦୋଳନ ସଫଳ ହେଲା ।
- ଯେତେବେଳେ ବ୍ରିଟିଶ-ଶାସନ ପ୍ରଣାଳୀ ଭାଙ୍ଗିବା ପାଇଁ ଲାଗିଲା, ସେମାନେ ଅନୁଭବ କଲେଯେ ଏବେ ଭାରତରେ ସେମାନଙ୍କ ପାଇଁ ଶାସନ କରିବା ଅସମ୍ଭବ ହେବ । ଏଥିପାଇଁ ବ୍ରିଟିଶମାନେ ଧୀରେଧୀରେ ଭାରତୀୟମାନଙ୍କ ହସ୍ତରେ ସତ୍ତା ହସ୍ତାନ୍ତର କରିବାକୁ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ନିର୍ଣ୍ଣୟ ନେଲେ ।
- ପରିଶେଷରେ ୧୯୪୭ରେ ବ୍ରିଟିଶ ଭାରତ ଛାଡି ଚାଲିଗଲେ । ୧୫ ଅଗଷ୍ଟ ୧୯୪୭ରେ ଭାରତୀୟ ବିଦେଶୀଶାସନ ଠାରୁ ସ୍ୱତନ୍ତ୍ର ହୋଇଗଲା । ମାତ୍ର ଭାରତ ଛାଡିବା ପୂର୍ବରୁ ବ୍ରିଟିଶମାନେ ଧର୍ମ ଉପରେ ଆଧାରିତ ଭାରତକୁ ବିଭାଜନ କରିବାକୁ ନିର୍ଣ୍ଣୟ ନେଲେ, ଭାରତର ସ୍ୱତନ୍ତ୍ରତା ସହିତ ଭାରତର ବିଭାଜନ ହୋଇଗଲା । ଏହିପରି ସ୍ୱତନ୍ତ୍ରତା ଏବଂ ବିଭାଜନକୁ ଆଧୁନିକ ଭାରତ ଇତିହାସରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଘଟଣା ଭାବରେ ଦେଖିବା ଉଚିତ୍ ।

## ପାଠାନ୍ତ ପ୍ରଶ୍ନ

୧. ପ୍ରାରମ୍ଭିକ କଂଗ୍ରେସର ସିଦ୍ଧାନ୍ତମାନ ଉଲ୍ଲେଖ କର ।

୨. ସ୍ୱଦେଶୀ ଏବଂ ନିଜ ଆନ୍ଦୋଳନ ପ୍ରସାରର ଉତ୍ସ ଖୋଜ ।

୩. ୧୯୪୭-୧୯୧୪ ମଧ୍ୟରେ ଭାରତ ତଥା ବିଦେଶରେ କ୍ରାନ୍ତିକାରୀ ଆନ୍ଦୋଳନର ବିବିଧ ଶକ୍ତିଗୁଡିକ ସଂକ୍ଷେପରେ ଚର୍ଚ୍ଚା କର ।

୪. ସାଇମନ କମିସନ ବର୍ଜନର ଆଲୋଚନା କର ।

୫. ଗାନ୍ଧୀ-ଇରଉଇନ ଆଲୋଚନାର ସର୍ତ୍ତ କ'ଣ ଥିଲା ?

୬. ଦ୍ୱିତୀୟ ଅସହଯୋଗ ଆନ୍ଦୋଳନ କାହିଁକି ଆରମ୍ଭ କରା ହୋଇଥିଲା ?

୭. ୧୯୩୦-୧୯୩୪ ମଧ୍ୟରେ ବାମପନ୍ଥିମାନଙ୍କର ଉଦଭବ ଉଲ୍ଲେଖ କର ।

୮. ୧୯୪୭ ବିଜୟ ତଥା ବିଷାଦର ଏବ ବଡ ବିଷାଦର ବର୍ଷ ଥିଲା - ଟିପ୍ପଣୀ କର ।

## ପାଠଗତ ପ୍ରଶ୍ନର ଉତ୍ତର

**୨୧.୧**

୧. ଡିସେମ୍ବର ୧୮୮୫ ଏ.ଓ. ହ୍ୟୁମ୍

୨. ୧୯୦୫ ଲର୍ଡ କର୍ଜନ

୩. ଯାତ୍ରା

୪. କଲକତାର ମହତ୍ୱ ହ୍ରାସ କରିବାପାଇଁ ।

**୨୧.୨**

୧. ସୋହନ ସିଂହ ଭାକନା ଏବଂ ହର ଦୟାଲ

୨. କାନାଡା ଯାଉଥିବା ଜାହାଜ କାମାଗାଟା ମାରୁ ଯାତ୍ରୀମାନଙ୍କୁ କାନାଡା ସରକାରଙ୍କ ଦ୍ୱାରା ଫେରାଇ ଦିଆଗଲା । ଯେତେବେଳେ ସେମାନେ ୧୯୧୪ରେ କଲିକତାରେ ପହଞ୍ଚିଲେ, ସେହି ଯାତ୍ରୀମାନଙ୍କ ସହିତ ପୋଲିସର ସଂଘର୍ଷ ଘଟି, ୨୨ ଲୋକଙ୍କର ମୃତ୍ୟୁ ଘଟିଥିଲା ।

**୨୦.୩**

୧. ଚମ୍ପାରନ, ଅହମଦାବାଦ, ଖେଡା

୨. ୬ ଏପ୍ରିଲ ୧୯୧୯

୩. ଏହିଦିନ ଜାଲିଓ୍ୱାନାବାଲା ବାଗରେ ଲୋକମାନେ ଏକତ୍ରିତ ହେବା ଫଳରେ ଜେନେରାଲ ଡାୟର ଏବଂ ତାଙ୍କ ଲୋକ ନିରସ୍ତ୍ର ଏବଂ ଅସହାୟ ଲୋକମାନଙ୍କ ଉପରେ ଗୋଳିବର୍ଷା କରିବାକୁ ନିର୍ଦ୍ଦେଶ ଦେଲେ, ଫଳରେ ୩୭୯ ଲୋକ ମୃତ୍ୟୁବରଣ କଲେ ।

**୨୧.୪**

୧. ଖିଲାଫତର ଭୁଲ, ପଞ୍ଜାବର ଭୁଲ ଏବଂ ସ୍ୱରାଜ ।

୨. ୧୯୨୩ ମୋତିଲାଲ ନେହେରୁ ଏବଂ ସି.ଆର.ଦାସ

୩. ହିନ୍ଦୁସ୍ଥାନ ସୋସିଆଲିଷ୍ଟ ରିପବ୍ଲିକାନ ଏସୋସିଏସନ

**୨୧.୫**

୧. ସାବରମତି ଆଶ୍ରମ

୨. ପାଞ୍ଚ

୩. ୯୧,୦୦୦ ଲୋକରୁ ଅଧିକ

**ପାଠାନ୍ତ ପ୍ରଶ୍ନର ସଂକେତ**

୧. ଦେଖନ୍ତୁ - ୨୧.୧

୨. ଦେଖନ୍ତୁ - ୨୧.୨

୩. ଦେଖନ୍ତୁ - ୨୧.୩

୪. ଦେଖନ୍ତୁ - ୨୧.୮

୫. ଦେଖନ୍ତୁ - ୨୧.୯, ଅନୁଚ୍ଛେଦ ୪

୬. ଦେଖନ୍ତୁ - ୨୧.୯ ଅନୁଚ୍ଛେଦ ୭,୮, ଏବଂ ୯

୭. ଦେଖନ୍ତୁ - ୨୧.୧୦ ଅନୁଚ୍ଛେଦ ୨ ଏବଂ ୩

୮. ଦେଖନ୍ତୁ - ୨୧.୧୨

मड्यूल - ୫

ସସମାମୟିକ ବିଶ୍ୱ



ଟିପ୍ପଣୀ

# ୨୨

# ୧୯୦୦ରେ ବିଶ୍ୱ

## ଊନବିଂଶ ଶତାବ୍ଦୀର ମହତ୍ୱ

ଯେତେବେଳେ ଆମକୁ ପୁସ୍ତକ, ଫିଲ୍ମ, ଦୂରଦର୍ଶନ ଅଥବା ବୟୋଜ୍ୟେଷ୍ଠମାନଙ୍କ ଦ୍ୱାରା କୁହାଯାଉଥିବା କାହାଣୀ ମାଧ୍ୟମରେ ଅତୀତ ସମ୍ବନ୍ଧରେ ସୂଚନା ପାଉ, ସେତେବେଳେ ଆମେ ଅନ୍ୟଯୁଗ ଏବଂ ଆମର ସମୟ ମଧ୍ୟରେ ଅନେକ ବିଭିଧତା ତଥା ସମାନତା ଦେଖିଥାଉ । ଆମକୁ ଜଣା ଅଛିଯେ ଅନେକ ଭୌତିକ ବସ୍ତୁ ଏବଂ ପ୍ରଦ୍ୟୋଗିକ, ଯାହାକୁ ଆଜି ଆମେ ଉପଯୋଗ କରୁଛୁ, ଏଗୁଡିକ ୧୯୦୦ ମଧ୍ୟରେ ନଥିଲା ଅଥବା ସେହି ସମୟରେ ଖୁବ୍ କମ ଲୋକ ଏହାର ଉପଯୋଗ କରୁଥିଲେ । ତଥାପି ମାନବ ଜୀବନର ସଂଗଠନ ରୂପେ ଆମେ ୧୯୦୦ମସିହାର ଲୋକମାନଙ୍କ ସହିତ ଆମର ଅନେକ ସମାନତା ରହିଛି । ଏହି ଇଉନିଟ୍‌ରେ ଆମେ ଆଲୋଚନା କରିବା ୧୯୦୦ରେ ବିଶ୍ୱର ବିଭିନ୍ନ ଭାଗରେ ଥିବା ଲୋକମାନେ କିପରି ରହୁଥିଲେ ।

**ଉଦ୍ଦେଶ୍ୟ : ଏହି ପାଠର ଅଧ୍ୟୟନ କରିବାପରେ ତୁମେ**

- ୧୯୦୦ରେ ବିଶ୍ୱର ବିଭିନ୍ନ ଦେଶରେ ଜନ ସଂଖ୍ୟାର ଆକଳନ କରିପାରିବ ।
- ପୁଞ୍ଜିବାଦୀ ଔଦ୍ୟୋଗି କରଣକୁ ପରିଭାଷିତ କରିପାରିବେ ଏବଂ ଏହାର ସାମାଜିକ ପରିଣାମକୁ ବୁଝିପାରିବ;
- ଉପନିବେଶବାଦ ସମ୍ବନ୍ଧରେ ବାଖ୍ୟା କରିପାରିବ ।
- ଉର୍ଜା ତଥା ସଂସାଧନ ଉପଯୋଗକୁ ଆଧୁନିକ ଢ଼ାଞ୍ଚାର କଳ୍ପନା କରିପାରିବ ଏବଂ
- ଆଧୁନିକ ରାଜନୈତିକ ବିଚାରଧାରା ଏବଂ ସଂଗଠନଗୁଡିକର ଉଦ୍ୟମର ବିଶ୍ଳେଷଣ କରିପାରିବ ।

### ୨୧.୧ ବିଶ୍ୱ ଜନସଂଖ୍ୟାର ସଂରଚନା : ୧୯୦୦

ମାନବ ଜନସମୁଦାୟ, ଏହାର ବିକାଶକ୍ରମ ଏବଂ ଆବାସ ଗୁଡିକର ପରିବର୍ତ୍ତିତ ସ୍ୱରୂପର ଅଧ୍ୟୟନ ଜନସଂାଖ୍ୟିକୀ କୁହାଯାଏ ।

ସନ ୧୯୦୦ରେ ମାନବ ଜନସଂଖ୍ୟା ପାଖାପାଖି ୧୫୯ କୋଟି ଥିଲା । ଆଜିର ସମୟ ଭଳି ସେହି ସମୟରେ ମଧ୍ୟ ଚୀନ ଓ ଭାରତ ସବୁଠାରୁ ଅଧିକ ଜନବହୁଳ ଦେଶ ଥିଲେ । ତଥାପି ଆଜି ଅପେକ୍ଷା ସନ ୧୯୦୦ରେ ବିଶ୍ୱର ଜନସଂଖ୍ୟାର ଅଳ୍ପଭାଗ ଏସିଆରେ ବସବାସ କରୁଥିଲେ । ସମଗ୍ର ବିଶ୍ୱର ଅଧିକ ସଂଖ୍ୟକ ଲୋକ ସନ ୧୯୦୦ରେ କୃଷକ ଭାବରେ ବସତି ସ୍ଥାପନ କରିଥିଲେ, ସେମାନେ ଉତ୍ପାଦନ କରୁଥିଲେ ଏବଂ ପଶୁପାଳନ କରୁଥିଲେ, ଯାଯାବର ଥିଲେ, ଗୋଚାରଣ କରାଉଥିଲେ ଏବଂ ଅଧିକାଂଶ ଆଦିବାସୀ ଶିକାରୀ ତଥା ଖାଦ୍ୟ ସଂଗ୍ରହକ ଥିଲେ । ଯଦିଚ ଶହ ଶହ ବର୍ଷ ପୂର୍ବ ତୁଳାନାରେ ସେମାନେ ୧୯୦୦ରେ ଅଳ୍ପ ସଂଖ୍ୟକ ଥିଲେ ।

ବିଶ୍ୱ ଜନସଂଖ୍ୟାର ଲଗାତାର ବର୍ଦ୍ଧିତ ଭାଗ ସହରରେ ବସବାସ କରୁଥିଲେ । ବିଶ୍ୱର କେତେକ ଭାଗରେ ପ୍ରାଚୀନ କାଳରୁ ସହର ମହଜୁତ ଥିଲା, ପରନ୍ତୁ ଏଗୁଡିକର ଆକାର ଓ ଜନ ସଂଖ୍ୟା ସୀମିତ ଥିଲା । ତଥାପି ପୁଞ୍ଜୀବାଦୀ ଔଦ୍ୟୋଗିକରଣ ଦ୍ୱାରା ଶହରୀକରଣ ହେଲା ଏବଂ ସହର ଜନସଂଖ୍ୟା କ୍ଷିପ୍ର ଗତିରେ ବୃଦ୍ଧି ହେଲା ।ସନ ୧୯୦୦ ପର୍ଯ୍ୟନ୍ତ ଇଉରୋପରେ ବିଶ୍ୱର ଅନ୍ୟ ଦେଶ ତୁଳନାରେ ସହରମାନଙ୍କର ସଂଖ୍ୟା ଅଧିକ ବୃଦ୍ଧି ହେଲା, ଶହେରୁ ଅଧିକ ସହରମାନଙ୍କରେ ଜନସଂଖ୍ୟା ଖୁବ୍‌କମ୍‌ରେ ୧୦୦୦୦୦ ଲୋକଙ୍କ ଜନସଂଖ୍ୟା ଥିଲା ଏବଂ ୬ଟି ଇଉରୋପୀୟ ସହରମାନଙ୍କରେ ଜନସଂଖ୍ୟା ହାରାହାରି ୧୦,୦୦,୦୦୦ ଲେଖାଏଁ ଥିଲା, ୟୁରୋପ ଏବଂ ଆମେରିକାରେ ସବୁଠାରୁ ବଡ ସହର ଥିଲା, ସେତେବେଳେ ଏସିଆ ତଥା ଆଫ୍ରିକାରେ ବୃହତ ଭୂ ଭାଗ ଥିଲା ଏବଂ ସହର ଥିଲା ଓ ଶହ ଶହ




ମାନଚିତ୍ର ୨୨.୧(କ) ବିଂଶ ଶତାବ୍ଦୀ ପ୍ରାରମ୍ଭରେ ୟୁରୋପର ସହରୀକରଣ

ବର୍ଷ ତୁଳନାରେ ଏଗୁଡିକର ଅବକ୍ଷୟ ଘଟିଥିଲା । ସନ ୧୯୦୦ରେ ୟୁରୋପ ବ୍ୟତୀତ ଅନେକ ବଡ ସହର, ଯେପରି ସିଡନୀ ଏବଂ ଚିକାଗୋ ୧୦୦ ବା ୨୦୦ବର୍ଷ ପୁରୁଣା ଥିଲା ତଥା ଏଗୁଡିକରେ ଅଧିକାଂଶ ୟୁରୋପ ଭୂଭାଗର ଲୋକ ରହୁଥିଲେ । ବଙ୍ଗଳାର କଲକତା ଭଳି ସହର ବ୍ରିଟିଶ ଶାସନ ଅଧିନରେ ବିକଶିତ ହୋଇଥିଲା ।




ମାନଚିତ୍ର ୨୨.୧(ଖ) ବିଂଶ ଶତାବ୍ଦୀ ପ୍ରାରମ୍ଭରେ ୟୁରୋପର ସହରୀକରଣ

ଟିପ୍ପଣୀ

ସାମାନ୍ୟତଃ ସନ ୧୯୦୦ରେ ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର ୭୫-୯୫ ପ୍ରତିଶତ ଗ୍ରାମୀଣ ଥିଲେ ଅଥବା ଗ୍ରାମ ମାନଙ୍କରେ ରହୁଥିଲେ ଏବଂ କୃଷି ଉପରେ ନିର୍ଭର ଥିଲେ । ଔଦ୍ୟୋଗୀକୃତ ଇଉରୋପ ଅଥବା ଆମେରିକା ଏବଂ ଅଷ୍ଟ୍ରେଲିଆ, ଯେଉଁଠାରେ ଇଉରୋପୀୟ ଭୂଖଣ୍ଡର ଲୋକମାନେ ବସବାସ କରୁଥିଲେ, ସେମାନେ ପ୍ରତ୍ୟକ୍ଷ ପୂର୍ବରୁ ସହରୀ ହୋଇସାରିଥିଲେ ଅଥବା ସେମାନଙ୍କର ପାଖାପାଖି ୫୦ପ୍ରତିଶତ ଜନସଂଖ୍ୟା ସହରୀ ଥିଲେ ଅର୍ଥାତ୍ ସେମାନେ ନଗର ଓ ସହରରେ ରହୁଥିଲେ ।

## ୨୨.୨ ଔଦ୍ୟୋଗିକରଣ ଓ ସାମାଜିକ ବର୍ଗ

ଧାତବ ଉତ୍ପାଦନ ଏବଂ ବ୍ୟବହୃତ ଦ୍ରବ୍ୟଗୁଡିକର କ୍ଷୀପ୍ର ଉତ୍ପାଦନ ନିମିତ୍ତ ଯନ୍ତ୍ରପାତି ଚଳାଇବାପାଇଁ ଉର୍ଜା ଥିବା ସ୍ଥାନରେ ବହୁସଂଖ୍ୟକ ଶ୍ରମିକଙ୍କୁ ,କଜୁଟକରି ୧୭୦୦ ପରେ ପଶ୍ଚିମ ଇଉରୋପରେ ଔଦ୍ୟୋଗିକ ପ୍ରକ୍ରିୟା ଆରମ୍ଭ ହେଲା । ୧୯୦୦ ବେଳକୁ ଯେତେବେଳେ ବ୍ୟାପକ ଭାବରେ ଉଦ୍ୟୋଗ ଚଳାଇବାପାଇଁ ବହୁ ଧନରାଶିର ଆବଶ୍ୟକତା ପ୍ରାରମ୍ଭ ହେଲା, ସେତେବେଳେ ପୁଞ୍ଜିବାଦୀ ଔଦ୍ୟୋଗିକରଣର ବିକାଶ ହେଲା । ପୁଞ୍ଜିବାଦ କ୍ୟାପିଟାଲ ଶବ୍ଦରୁ ଉତ୍ପନ୍ନ ହୋଇଅଛି ଯାହାର ଅର୍ଥ ସଂଚିତ ଧନ ଓ ସମ୍ପତ୍ତି ଅଟେ ଏବଂ ଯାହା ପାଖରେ ପୁଞ୍ଜି ରହିଛି ସେମାନଙ୍କୁ ପୁଞ୍ଜିପତି କୁହାଯାଏ । ପୁଞ୍ଜିପତି ମାନଙ୍କର ସିଧା ସମ୍ପର୍କ ଔଦ୍ୟୋଗିକ ଉତ୍ପାଦନ ବ୍ୟାପାର ପ୍ରଶାସନ ଏବଂ ବ୍ୟାଙ୍କ ସହିତ ରହିଥିଲା । ସନ ୧୯୦୦ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ୟୁରୋପ, ଆମେରିକା ଏବଂ ଅଷ୍ଟ୍ରେଲିଆରେ ପୁଞ୍ଜିବାଦୀ ଔଦ୍ୟୋଗିକରଣ ପରିବ୍ୟାପ୍ତ ହୋଇଗଲା ।

ପୁଞ୍ଜିପତୀମାନେ ଏହି ଧନ ଏବଂ ସମ୍ପତ୍ତି ବ୍ୟାପାର ଏବଂ ବାଣିଜ୍ୟ ତଥା ଛୋଟ ଛୋଟ ମାଲିକମାନଙ୍କର ସମ୍ପତ୍ତି ହରଣ ପୂର୍ବକ ପ୍ରାପ୍ତ ହୋଇଥିଲେ । ଦ୍ୱିତୀୟରେ କାରଖାନାରେ କାମ କରିଥିବା ପୁରୁଷ, ମହିଳା ଓ ବାଳକମାନେ ଥିଲେ ଯେଉଁମାନଙ୍କ ପାଖରେ କୌଣସି ସମ୍ପତ୍ତି ନଥିଲା ଏବଂ ସେମାନେ ସେମାନଙ୍କର ଜୀବିକା ନିର୍ବାହ ନିମିତ୍ତ ନିଜ ନିଜର ଶ୍ରମ ଉପରେ ନିର୍ଭର କରୁଥିଲେ, ଯେଉଁଥିପାଇଁ ସେମାନେ ମଜୁରୀ ପାଉଥିଲେ । ୧୯୦୦ରେ ସେହି ମଜୁରୀ ପାଉଥିବା ସଂଖ୍ୟା ଅଧିକ ଥିଲା, ଯେଉଁମାନଙ୍କ ପାଖରେ ଅର୍ଥର ଅଭାବ ନଥିଲା; ତଥାପି ସେମାନଙ୍କୁ ଧନୀ କୁହାଯାଉନଥିଲା, ସେମାନଙ୍କ ମଧ୍ୟରୁ କେତେକ ବେତନ ଭୋଗୀ ମଧ୍ୟମବର୍ଗର ଲୋକଥିଲେ, ଯେମିତି ଅଧ୍ୟାପକ, ଡାକ୍ତର, ଇଂଜିନିୟର, କିରାଣୀ ତଥା ଅନ୍ୟ ସେବାରେ ସମ୍ବନ୍ଧ ରଖିବା ଲୋକ ।

ସେହି ସମୟରେ ଅନେକ ଲୋକ ମାନୁଥିଲେକି ଏପରି ବର୍ଗର ହେବା ଏକ ସାମାନ୍ୟ କଥା ତଥା ସେମାନେ ସର୍ବଦା ରହିବେ ଏବଂ ଅଧିକତର ଲୋକ ଏହି ଅସମାନତାକୁ ସେପର୍ଯ୍ୟନ୍ତ ସ୍ୱିକାର କରୁଥିବେ, ଯେତେଦିନ ପର୍ଯ୍ୟନ୍ତ ସେମାନଙ୍କର ସ୍ଥିତିରେ ସୁଧାର ହୋଇନଥିବ, ସେମାନେ ଦେଖିଥିଲେ ବା ଉପନିବେଶରେ ଧନର ହସ୍ତାନ୍ତିକରଣ ହେବା ଫଳରେ ଇଉରୋପ ଦେଶମାନଙ୍କରେ ମଧ୍ୟ କାର୍ଯ୍ୟ କରିବା ଲୋକଙ୍କର କେତେକ ଲାଭ ହେଉଥିଲା । ୧୯୦୦ ପର୍ଯ୍ୟନ୍ତ ଏଭଳି ଘଟିଲା ଏବଂ ଅଧିକାଂଶ ଲୋକ ସେମାନଙ୍କର ପୂର୍ବପିଢ଼ି ଅପେକ୍ଷା ଭଲରେ କାଳାତିପାତ କରୁଥିଲେ । ମାତ୍ର ସେହିସମୟରେ ମଧ୍ୟ ବେକାରି ଭଳି କଠିନ ସମୟ ଦେଇ ପରିସ୍ଥିତି ଥିଲା ।

୧୯୦୦ ବେଳକୁ ବମ୍ବେ, ସାଂଘାଇ ଏବଂ ଡାକର ଭଳି ଏସିଆ ଓ ଆଫ୍ରିକା ନଗରୀ ଗୁଡିକରେ ବହୁ ସଂଖ୍ୟକ ବ୍ୟାପାରୀ, ଦୋକାନୀ ଏବଂ ଅନ୍ୟ ବର୍ଗର ମଧ୍ୟମବର୍ଗ ତଥା ଔଦ୍ୟୋଗିକ ଶ୍ରମଜୀବିମାନେ ରହୁଥିଲେ । ପାଖାପାଖି ପରିବେଷ୍ଟିତ ଗ୍ରାମମାନଙ୍କରେ ରହୁଥିବା ଭୁମ୍ୟାଧିକାରୀ, କୃଷକ ଏବଂ କୃଷିଶ୍ରମିଙ୍କ

ସଂଖ୍ୟା ଏଠାକାର ଜନସଂଖ୍ୟାକୁ ବଳିଯାଇଥିଲା ।

୧୯୦୦ରେ ପୁଞ୍ଜିବାଦୀ ସମାଜର ଅନ୍ୟ କେତେକ ବିଷୟ ସମ୍ବନ୍ଧରେ ମସ୍ତିଷ୍କରେ ଧାରଣକରିବାର ଗୁରୁତ୍ୱ ରହିଛି । ଇଉରୋପୀୟ ଅର୍ଥନୀତି ପାଇଁ ଅଧିକାଂଶ କଞ୍ଚାମାଲ ଏବଂ ବଜାର ଉପନିବେଶରୁ ଆସୁଥିଲା ଏବଂ ଏହି ସମ୍ପର୍କ ଏକ ଅସମତତା ଉପରେ ପର୍ଯ୍ୟବେଶିତ ଥିଲା । ଏହା ଏକ ବାଣିଜ୍ୟିକ ସମତା ସମ୍ପର୍କ ନଥିଲା । ଇଉରୋପୀୟ ସମାଜରେ ଭୂମ୍ୟାଧିକାରୀମାନେ ପ୍ରତିପତ୍ତିଶାଳୀ ହୋଇ ରହିନଥିଲେ ।

## ୨୨.୩ ସହରୀ ବିଚାରଧାରା ଓ ଜ୍ଞାନ :

ଔଦ୍ୟୋଗୀକରଣର ଅନ୍ୟ ଏକ ବିଶେଷତା ହେଲା ଉତ୍ପାଦନ ଏବଂ ସମାଜରେ ଜ୍ଞାନର ଅଭିବୃଦ୍ଧି ଏବଂ ଆଦାନ ପ୍ରଦାନ ଫଳରେ ସମାଜ ପୂର୍ବାପେକ୍ଷା ସହରୀ ଜୀବନରେ ଅଧିକ ନିକଟତର ହୋଇଯାଇ ଅଛନ୍ତି । ସହର ଓ ନଗର ମାନଙ୍କରେ କେବଳ ଔଦ୍ୟୋଗିକ ମଜୁରିଆ ମାନଙ୍କର କେନ୍ଦ୍ରୀଭୂତ ହୋଇନଥିଲା । ସେଠାରେ ମଧ୍ୟ ଶିକ୍ଷା ଓ ସାକ୍ଷରତାରେ ନିୟୋଜିତ ଲୋକମାନଙ୍କ ସହିତ ତଥା ସେମାନେ ଥିଲେ କିରାଣୀ, ମ୍ୟାନେଜର, ଶିକ୍ଷକ ଓ ସରକାରୀ ଅଧିକାରୀ ମାନଙ୍କର ବର୍ଦ୍ଧିତ ସଂଖ୍ୟା କେନ୍ଦ୍ରୀଭୂତ ହୋଇଥିଲେ । ଖୁବ୍ ଶୀଘ୍ର ଏହି କଥା ସ୍ୱୀକାର କରାଗଲା ଯେ ପଢ଼ା ଲେଖା ଓ ହିସାବ-କିତାବ ଜାଣିଥିବା ଔଦ୍ୟୋଗିକ କର୍ମଚାରୀମାନଙ୍କର ଅତ୍ୟଧିକ କର୍ମକୁଶଳତା ପ୍ରଦାନ କରୁଥିଲା । ସମାଚାରପତ୍ର ଓ ପତ୍ରିକା ଗୁଡିକର ଏଥିରେ ଅବଦାନ କଲେ । ୧୯୦୦ରେ ଲଣ୍ଡନ, ପ୍ୟାରିସ, ବର୍ଲିନ ଓ ନ୍ୟୁୟର୍କ ଭଳି ସହରମାନଙ୍କରେ ପ୍ରତିଦିନ ଲକ୍ଷାଧିକ ସଂଖ୍ୟା ତଥା ସମ୍ବାଦପତ୍ର ତଥା ପତ୍ରିକା ଛାପିବାରେ ଲାଗିଲା ।

୧୯୦୦ ପର୍ଯ୍ୟନ୍ତ ଔଦ୍ୟୋଗିକ ସମାଜ ନିମିତ୍ତ ଏହା ଆବଶ୍ୟକତା ହୋଇଗଲା ଯେ ବାଳକ ଓ ବାଳିକା ଖୁବ୍‌କମ୍‌ରେ ତେର ଅଥବା ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାରମ୍ଭିକ ଶିକ୍ଷା ପ୍ରାପ୍ତ କରିବେ । ବିଦ୍ୟାଳୟମାନଙ୍କରେ ଶିକ୍ଷାଦାନ କାର୍ଯ୍ୟ ଏକ ଆଧୁନିକ ବ୍ୟବସାୟ ହୋଇଗଲା, ସେଠାରେ ମହିଳାମାନଙ୍କର ସଂଖ୍ୟା ଅଧିକ ଥିଲା । ଏଥିରେ ସହରୀ ଏବଂ ଗ୍ରାମୀଣ ଲୋକମାନଙ୍କ ମଧ୍ୟରେ ଜ୍ଞାନ ଓ ସଂସ୍କୃତିର ବ୍ୟବଧାନ ଆସିଗଲା । ୧୯୦୦ ପର୍ଯ୍ୟନ୍ତ କେତେକ ପାଶ୍ଚାତ୍ୟ ସମାଜରେ ପୌଢ଼ ସାକ୍ଷରତା ଶାଠିଏ ପ୍ରତିଶତରୁ ଓ ନବେ ପ୍ରତିଶତ ମଧ୍ୟରେ ଥିଲା, ଯେତେବେଳେ ଅଣ ପାଶ୍ଚାତ୍ୟ ସମାଜରେ ଏହାର ପ୍ରତିଶତ ବହୁତ କମ ଥିଲା ।

## ପାଠଗତ ପ୍ରଶ୍ନ ୨୨.୧ :

୧. ୧୯୦୦ରେ ଇଉରୋପର ବାହାରେଥିବା ଜନସମୁଦାୟର କେତେ ଭାଗ ଗ୍ରାମମାନଙ୍କରେ ରହୁଥିଲେ ?

...........................................................................................

୨. ୧୯୦୦ରେ ବିଶ୍ୱର ଅଧିକାଂଶ ସହର (୧୦,୦୦,୦୦୦)ରୁ ଅଧିକ ଲୋକ ଇଉରୋପରେ ଥିଲେ ଅଥବା ଏହାଠାରୁ ବାହାରେ ?

...........................................................................................



ଟିପ୍ପଣୀ

୩. ୧୯୦୦ ପର୍ଯ୍ୟନ୍ତ ସହରୀ କେନ୍ଦ୍ର ଓ ଗ୍ରାମ କ୍ଷେତ୍ରରେ ସ୍ୱାକ୍ଷରତା ବ୍ୟବଧାନ କାହିଁକି ଥିଲା ?

.............................................................................................

୪. ୧୯୦୦ର ବିଶ୍ୱରେ ଉଚ୍ଚ ସ୍ୱାକ୍ଷରତାର କ'ଣ ସଂକେତ ଥିଲା ?

.............................................................................................

## ୨୨.୪. ଉର୍ଜା ଓ ସଂସାଧନ ଉପଯୋଗ : ବିଶ୍ୱର ଔଦ୍ୟୋଗିକ ବନାମ ଅଣ ଔଦ୍ୟୋଗିକ କ୍ଷେତ୍ର

୧୯୦୦ରେ ଔଦ୍ୟୋଗୀକୃତ ଓ ଅଣ-ଅଦୌଗୀକୃତ ବିଶ୍ୱରେ ଲୋକମାନେ କେବଳ ବିଭିନ୍ନ ବସ୍ତୁଗୁଡିକର ଉତ୍ପାଦନ କରିନଥିଲେ, ପରନ୍ତୁ ସେମାନେ ଉର୍ଜାର ଉପଯୋଗ ଭିନ୍ନ ପଦ୍ଧତିରେ ବିକଶିତ କରିଥିଲେ । ୧୯୦୦ରେ ଅଣ-ଔଦ୍ୟୋଗୀକୃତ ବିଶ୍ୱର ଅଧିକରୁ ଅଧିକ ଉତ୍ପାଦନ ମାନବ ତଥା ପଶୁ ଶକ୍ତିରେ କରାଯାଇଥିଲା । ଏପରିକି ଆମେରୀକାର କ୍ଷେତରେ ଲଙ୍ଗଳ ଓ ଯନ୍ତ୍ରଚାଳିତ ଅମଳ ଯନ୍ତ୍ରମାନ ଘୋଡାଦ୍ୱାରା ଚାଳିତ ହେଉଥିଲା, ଯେପରି ଭାବରେ ନଗରମାନଙ୍କରେ ଠେଲାଗାଡି ଏବଂ ବସ୍ ଚଳା ହେଉଥିଲା ।

ଔଦ୍ୟୋଗିକ ସମାଜର ନିଜ ନିଜର କଳକାରଖାନା ଚଳାଇବା, ଘର ଏବଂ କାର୍ଯ୍ୟାଳୟମାନଙ୍କୁ ଆଲୋକିତ କରିବା ଏବଂ ରେଲୱେ ଇଞ୍ଜିନ ଓ ଅଟୋମୋବାଇଲସ୍ ଇତ୍ୟାଦି ଆଧୁନିକ ପରିବହନକୁ ଶକ୍ତି ଯୋଗାଇବାପାଇଁ ନୂତନ ଉର୍ଜା ସ୍ରୋତର ଆବଶ୍ୟକତା ଥିଲା । ୧୯୦୦ରେ ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀରେ ସାଧାରଣତଃ କୋଇଲା ସମାଜକୁ ଶକ୍ତି ଯୋଗାଉଥିଲା; ସେତେବେଳେ ଇଟାଲୀ ହାଇଡ୍ରୋଇଲେକ୍ଟ୍ରିସିଟର ବ୍ୟବହାର ଆରମ୍ଭ କରିଥିଲା । ଆମେରିକା ପେଟ୍ରୋଲିୟମ ଇନ୍ଧନ ଉପରେ ଅଧିକ ଭରଷା କରିଥିଲା । ୧୯୧୫ ବେଳକୁ ଏହା ପରିଷ୍କାର ହୋଇଯାଇଥିଲା ଯେ ପରିବହନ ପାଇଁ କାର, ଘୋଡାର ସ୍ଥାନ ନେଇନେଇଥିଲା ।

ଏହି ଦେଶଗୁଡିକ ହୃଦୟଙ୍ଗମ କରିବାକୁ ଲାଗିଲେ ଯେ ସେମାନଙ୍କର ଅର୍ଥନୀତି ଏବଂ ରାଜନୈତିକ ବଳ ଉର୍ଜାର ଉତ୍ସ ଉପରେ ନିର୍ଭର କରୁଥିଲା ଏବଂ ସେମାନେ ସେମାନଙ୍କର ଉପନିବେଶରେ ଥିବା ସଂସାଧନକୁ ଶୋଷଣ କରିବା ଆରମ୍ଭ କରିଦେଇଥିଲେ । ଉଦାହରଣ ସ୍ୱରୂପ ବ୍ରିଟିଶମାନେ ଆସାମ ଏବଂ ବର୍ମାର ତେଲ ସଂଗ୍ରହ କରୁଥିଲେ । ଏହି କାର୍ଯ୍ୟ ହଲାଣ୍ଡର ଲୋକମାନେ ସୁମାତ୍ରାରେ ଏବଂ ଆମେରିକା ଲୋକମାନେ ମେକସିକୋରେ କରୁଥିଲେ । ଏହି ପରିସ୍ଥିତି ସେମାନଙ୍କର ବୈଦେଶିକ ନୀତିକୁ ନିର୍ଦ୍ଧାର୍ଯ୍ୟ କରୁଥିଲା ।

## ୨୨.୫ : ଉପନିବେଶବାଦ, ଆର୍ଥିକତାବାଦ ଓ ସାମାଜିକ ସମ୍ବନ୍ଧ :

୧୯୦୦ରେ ପଶ୍ଚିମ ବିଶ୍ୱର ଅନେକ ଔଦ୍ୟୋଗୀକୃତ ରାଷ୍ଟ୍ର ନିଜ ନିଜର ସୀମାଠାରୁ ଦୂର ରାଷ୍ଟ୍ରମାନଙ୍କ ଉପରେ ଶାସନ କରୁଥିଲେ ଅଥବା ସେମାନଙ୍କର ଆର୍ଥିକ ଅବସ୍ଥାକୁ ନିୟନ୍ତ୍ରିତ କରୁଥିଲେ । ଯେତେବେଳେ ଇଂଲଣ୍ଡ ଭାରତର ଅଧିକାଂଶ ଭାଗରେ ଶାସନ କରୁଥିଲେ ସେତେବେଳେ ହଲାଣ୍ଡ ସମଗ୍ର ଇଣ୍ଡୋନେସିଆ କ୍ଷେତ୍ରରେ ଶାସନ କରୁଥିଲେ। ଫ୍ରାନ୍ସ, ବ୍ରିଟେନ, ଜର୍ମାନୀ, ଇଟାଲୀ, ପର୍ତ୍ତୁଗାଲ୍ ଏବଂ ବେଲଜିୟମର ଦେଶଗୁଡ଼ିକ ଆଫ୍ରିକା, ଜାପାନ ଓ ଚୀନ୍ ଦେଶମାନଙ୍କରେ ଉପନିବେଶ ଥିଲା ।



ଟିପ୍ପଣୀ

ଏହି ଉପନିବେଶଗୁଡ଼ିକର ଶାସକମାନେ ଏସିଆ ଏବଂ ଆଫ୍ରିକାକୁ ନବୀନତମ ଔଦ୍ୟୋଗ୍ୟ ହାସଲ କରିବାରୁ ବଞ୍ଚିତ କରୁଥିଲେ । ସେମାନେ ସେମାନଙ୍କର ଉପନିବେଶରେ ସାବଧାନ ପୂର୍ବକ ରେଲୱେ ଏବଂ ଟେଲିଫୋନ୍‌କୁ ନିଜ ଅକ୍ତିଆରରେ ରଖିଥିଲେ । ସ୍ୱତନ୍ତ୍ରତା ଇଚ୍ଛା କରୁଥିବା ବ୍ୟକ୍ତିଙ୍କ ଉପରେ କଠୋର ପଦକ୍ଷେପ ନେଉଥିଲେ । ସେମାନେ ପ୍ରଶାସନରେ ପୂର୍ବରୁ ଉପଯୋଗ ହୋଇଥିବା ଭାଷା ପରିବର୍ତ୍ତେ ନିଜର ଭାଷା ଲାଗୁ କରିଥିଲେ । ସେମାନେ ବିଦେଶୀ ଶାସନରେ ଔପନିବେଶିକ ସମାଜର କିଛି ଭାଗକୁ ସମ୍ମିଳିତ କରିବା ଉଦ୍ଦେଶ୍ୟରେ କେତେକ ଶିକ୍ଷାନୀତି ପ୍ରାରମ୍ଭ କଲେ । ସେମାନେ ନିମ୍ନସ୍ତର ସ୍ତରରେ ଔପନିବେଶିକ ପ୍ରଶାସନ ପରିଚାଳନା ପାଇଁ ସେମାନଙ୍କର ଉପନିବେଶରେ କିଛି ଲୋକଙ୍କୁ ପ୍ରସ୍ତୁତ କଲେ । ସେମାନେ ବିଭାଜନ ଏବଂ ଶାସନ ରାଜନୀତକୁ ଆପଣେଇଲେ । ଆଧୁନିକ ଆର୍ଥିକ କାର୍ଯ୍ୟକଳାପର ବିକାଶକୁ ବାଧା ଦେଲେ । ଶିକ୍ଷା ମାଧ୍ୟମରେ ଔପନିବେଶିକ ଭାଷା ଓ ସ୍ଥାନୀୟ ଭାଷା ବ୍ୟବହାର କରୁଥିବା ଶିକ୍ଷିତମାନଙ୍କ ମଧ୍ୟରେ ଏକ ସାମାଜିକ ପ୍ରଭେଦ ସୃଷ୍ଟି କରିବାପାଇଁ କାର୍ଯ୍ୟକଲେ ।

ଉପନିବେଶବାଦର ପ୍ରଭାବ ଏବଂ ପୁଞ୍ଜିବାଦର ପ୍ରବେଶ ଉପନିବେଶମାନଙ୍କରେ ସାମାଜିକ ସମ୍ବନ୍ଧକୁ ବଦଳାଇଦେଲା । ସେମାନେ ବାଣିଜ୍ୟର ବିକାଶପାଇଁ କୃଷିର ଧାରାକୁ ଅର୍ଥକାରୀ ଫସଲ ଉତ୍ପାଦନକୁ ବଦଳାଇ ଦେଲେ । ଏପରି ଉତ୍ପାନ ଜନିତ କୃଷି ପ୍ରଣାଳୀର ପରିବର୍ତ୍ତନ ଉନବିଂଶ ଶତାବ୍ଦି ଏବଂ ବିଂଶ ଶତାବ୍ଦି ପ୍ରାରମ୍ଭରେ ଅଣାଗଲା । ଉଦାହରଣସ୍ୱରୂପ ଭାରତୀୟ ରୟତ ଅଫିମ ଉତ୍ପାଦନ କଲେ ଏବଂ ଏହାକୁ ବିଟ୍ରିଶ ବେପାରୀମାନେ ଚୀନକୁ ରପ୍ତାନି କରୁଥିଲେ । ଭାରତୀୟ ବଣିକମାନେ ମଧ୍ୟ ଏଥିରେ ସେମାନଙ୍କର ଯୋଗଦାନ ଦେଇଥଲେ । ଅନ୍ୟ ଶବ୍ଦରେ ଉଭୟ ଉତ୍ପାଦନ ଏବଂ ବ୍ୟାପାର କ୍ଷମତାସିନ ଶାସନର ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ଥିଲା । ଫଳରେ ପୃଥିବୀର ଅନେକ ସଂଖ୍ୟକ ଲୋକ ନିଜେ ଭୋଗ କରୁନଥିବା ପଦାର୍ଥକୁ ଉତ୍ପାଦନ କରୁଥିଲେ, ଯେତେବେଳେ ସେମାନେ ଅନ୍ୟ ଅଞ୍ଚଳରେ ଉତ୍ପାଦିତ ହେଉଥିବା ଦ୍ରବ୍ୟର ବ୍ୟବହାର କରୁଥିଲେ ।

ଏପରି ବାଣିଜ୍ୟିକ ବ୍ୟବସ୍ଥା ପାରସ୍ପରିକ ନିର୍ଭରଶୀଳତା ସୃଷ୍ଟି କରୁଥିଲା ତଥା ଶାସକ ଶକ୍ତିର ପ୍ରଭାବ ଯୋଗୁଁ ନିର୍ଭରଶୀଳତାର ବୃଦ୍ଧି ଘଟୁଥିଲା । ଅନେକ ପ୍ରାନ୍ତରରେ କୃଷକ ପର୍ଯ୍ୟାପ୍ତ ମାତ୍ରାରେ ଖାଦ୍ୟ ପଦାର୍ଥ ଉତ୍ପାଦନ କରିପାରୁନଥିଲେ ଏବଂ ଏହାର ପରିଣାମ ସ୍ୱରୂପ ଉନବିଂଶ ଶତାବ୍ଦିର ଶେଷରେ ଆସିଥିବା ଦୁର୍ଭିକ୍ଷ କାରଣରୁ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କଲେ, ଯଦିଚ ସାରା ବିଶ୍ୱରେ ସାମଗ୍ରୀକ ଖାଦ୍ୟ ଉତ୍ପାଦନ ପୂର୍ବାପେକ୍ଷା ଅଧିକ ହେଲା ।

**ପାଠଗତ ପ୍ରଶ୍ନ - ୨୨.୨**

୧. ୧୯୦୦ରେ କେଉଁ ଦେଶ, ଜୀବାଶ୍ମ ଇନ୍ଧନର ଉପଯୋଗ କରିବା ପ୍ରାରମ୍ଭ କଲା ?

..........................................................................

୨. ୧୯୦୦ରେ ଏପରି ଜାଳେଣି ଯୋଗାଣ କେଉଁ ସ୍ଥିତିରେ ଥିଲା ?

..........................................................................

୩. କ'ଣ ୧୯୦୦ରେ ମହାଶକ୍ତିମାନଙ୍କର ଉପନିବେଶମାନଙ୍କ ନିମିତ୍ତ ଅନ୍ତରାଷ୍ଟ୍ରିୟ ବାଣିଜ୍ୟରେ ଲାଭ ଥିଲା ?

..........................................................................



ଟିପ୍ପଣୀ

୪. ଉନବିଂଶ ଶତାବ୍ଦିର ଶେଷରେ ଯେତେବେଳେ ବିଶ୍ୱରେ ସମୁଦାୟ ଖାଦ୍ୟ ଯୋଗାଣରେ କ୍ଷିପ୍ର ବୃଦ୍ଧି ହେଲା, ଅନେକ ଲୋକମାନଙ୍କର ଖାଦ୍ୟ ସୁରକ୍ଷା ସମାପ୍ତ ହୋଇଗଲା । କାହିଁକି ?

..........................................................................................

୫. ଭାଷାର ଉପଯୋଗ ତଥା ଶିକ୍ଷାରେ ପ୍ରବେଶ କିପରି ଔପନିବେଶିକ ଶାସନର ସମ୍ବନ୍ଧ କ'ଣ ଥିଲା ?

..........................................................................................

## ୨୨.୬. ବିକଶିତ ଏବଂ ଅବିକଶିତ ରାଷ୍ଟ୍ରମାନଙ୍କରେ ବିଚାରଧାରା ଏବଂ ରାଜନୀତିର ଗତିଶୀଳତା :

୧୯୦୦ ମସିହାର ପୃଥିବୀରେ ଚିନ୍ତାଧାରା ଓ ପରସ୍ପର ପ୍ରତିଦ୍ୱନ୍ଦି ବିଚାରଧାରା ଅଥବା ଜୀବନ ଏବଂ ସାମାଜିକ ସଂଗଠନ ବିଷୟରେ କେତେକ ନିର୍ଦ୍ଦିଷ୍ଟ ରାଜନୈତିକ ଚିନ୍ତାଧାରା ର ବିକାଶ ଦେଖାଯାଇଥିଲା । ବୃହତ୍ତର କ୍ଷେତ୍ରରେ ଏହି ଔଦ୍ୟୋଗିକରଣ ଆର୍ଥିକ ଓ ସାମାଜିକ ପରିବର୍ତ୍ତନ ସହିତ ଜଡିତ ଥିଲା । ମୁଦ୍ରଣ ସଂସ୍କୃତି ଏବଂ ସଂଚାରର ଅନ୍ୟ ସାଧନର ଆଗମନରେ ଏହି ତର୍କର ବ୍ୟାପକ ବିସ୍ତାର ହେଲା ତଥା ଜନତା ଏବଂ ସଂଗଠନ ବିଭିନ୍ନ ବିଚାରଧାରା ଗୁଡିକ ଅନୁସରଣ କରିବାକୁ ଲାଗିଲେ । ୧୯୦୦ ପର୍ଯ୍ୟନ୍ତ ପାଶ୍ଚାତ୍ୟ ରାଷ୍ଟ୍ର ତଥା ଅନ୍ୟ କେତେକ ଉପନିବେଶରେ ପ୍ରିଣ୍ଟିଂ ମିଡିଆ, ଅନେକ ଲୋକଙ୍କର (ଉତ୍ପାଦନ ଓ ସେବାରେ ବିଜ୍ଞାପନ) ସୂଚନା ଉପଲବ୍ଧ ସହିତ ଏହାର ରାଜନୈତିକ ବିଚାରଗୁଡିକୁ ମୂର୍ତ୍ତିମନ୍ତ ରୂପ ଦେଉଥିଲା ।

**ଉଦାରବାଦ :**

ସମସ୍ତ ବିଚାର ସ୍ୱରୂପ ଉଦାରବାଦର ଉଦୟ ତିନିଶହବର୍ଷ ପୂର୍ବରୁ ଏପରି ସମୟରେ ହୋଇଥିଲା, ଯେତେବେଳେ କୁଳୀନ ଲୋକ ଏବଂ ବଡ ବଡ ସମ୍ପତ୍ତିର ମାଲିକ (କେବେ କେବେ ଗରୀବ ଲୋକମାନେ ମଧ୍ୟ ଏଥିରେ ସମ୍ମିଳିତ ହେଉଥିଲେ) ଶାସକଙ୍କର ଅଧିକାରକୁ ନିର୍ଦ୍ଧାରିତ ଅଥବା ସୀମିତ କରିବାପାଇଁ ସଂଘର୍ଷରତ ଥିଲେ । ଉଦାରବାଦିମାନେ ବିଶ୍ୱାସ କରୁଥିଲେ ଯେ କେବଳ ବ୍ୟକ୍ତିବିଶେଷ କେବଳ ନୈଶର୍ଗିକ ଅଧିକାର ଥିଲା, ଯେଉଁଥିରେ ଉତ୍ପିଡନ ବିରୋଧ ଅଧିକାର, ସମ୍ପତ୍ତି ସଂଚୟ କରିବା, ଧାର୍ମିକ ସ୍ୱତନ୍ତ୍ରତା, ନିଜ ନିଜର ବିଚାରକୁ ସ୍ୱତନ୍ତ୍ରତାପୂର୍ବକ ବ୍ୟକ୍ତ କରିବାର ଅଧିକାର ଏବଂ ଏପରି ଅନେକ କିଛି ସାମିଲ ହୋଇଥିଲା । ସେମାନେ ବିଶ୍ୱାସ କରୁଥିଲେ ଯେ ସରକାର ଏବଂ ଶାସକମାନେ ଏହି ଅଧିକାର ଗୁଡିକୁ ସମ୍ମାନଦେବା ପାଇଁ ପ୍ରସ୍ତୁତ ହେବା ଆବଶ୍ୟକ । ସେମାନେ ଭାବୁଥିଲେ ସରକାରୀ ଆଇନ ପ୍ରଣୟନ ଏବଂ ସମ୍ବିଧାନ ଏହି ଅଧିକାରଗୁଡିକର ସୃଷ୍ଟି ଏବଂ କାର୍ଯ୍ୟକାରୀ କରିବାର ସର୍ବୋତ୍ତମ ଉପାୟ ଥିଲା । ସେହି ଆଇନ ଏବଂ ସମ୍ବିଧାନ ଶାସକ ଏବଂ ସରକାରୀତନ୍ତ୍ର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ନିରଙ୍କୁଶ କ୍ଷମତା ବିରୁଦ୍ଧରେ ସର୍ବୋତ୍ତମ ପ୍ରତିରକ୍ଷା ଥିଲା । ସେମାନେ ମଧ୍ୟ ରାଷ୍ଟ୍ରିୟ ଗୀର୍ଜା ମାଧ୍ୟମରେ ଲୋକଙ୍କ ଧାର୍ମିକ ବିଶ୍ୱାସ ଉପରେ ସରକାରୀ ନିର୍ଦ୍ଦେଶ ଦେଉଥିବା ବ୍ୟବସ୍ଥାକୁ ବିରୋଧ କରୁଥିଲେ; କାରଣ ଧର୍ମ ଏକ ଘରୋଇ ମାମଲା ଥିଲା । ଜନ ଆନ୍ଦୋଳନ ବିକାଶ ସହିତ ଉଦାରବାଦ କେବଳ ଧନଶାଳୀ ବ୍ୟକ୍ତି ନୁହନ୍ତି, ସମାଜର ସମସ୍ତ ବର୍ଗର ଲୋକଙ୍କୁ





ରାଜନୈତିକ ତଥା ନାଗରିକ ଅଧିକାରର ପ୍ରଦାନ କରିଥିଲା । ଏହାର ସାଂଗଠନିକ ଅଧିକାର ଓ ନିର୍ବାଚନରେ ସାମିଲ ହେଲା ଅଧିକାର ଅନ୍ତର୍ଭୁକ୍ତ ହୋଇଥିଲା ।

ଉଦାରବାଦ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅର୍ଥନୈତିକ ବିଚାରଧାରା ସହିତ ସଂଯୁକ୍ତ ଥିଲା । ଉଦାରବାଦୀ ଉତ୍ପାଦକ ତଥା ବସ୍ତୁ ଓ ସେବାର ଉପଭୋକ୍ତା ଭାବରେ ମନୁଷ୍ୟକୁ ଆର୍ଥିକ ପ୍ରତିନିଧି ହିସାବରେ ଦେଖୁଥିଲେ । ସେମାନେ ଏଗୁଡିକୁ ସେମାନଙ୍କର ବ୍ୟକ୍ତିତ୍ୱ ଓ ବ୍ୟକ୍ତିର ସ୍ୱ ଅଭିବ୍ୟକ୍ତି ରୂପେ ମହତ୍ୱପୂର୍ଣ୍ଣ ଦୃଷ୍ଟିକୋଣରୁ ବିଚାର କରୁଥିଲେ । ମାତ୍ର ସେମାନଙ୍କ ଦୃଷ୍ଟିଭଙ୍ଗିରେ ଏମାନେ ଶ୍ରମିକ ନଥିଲେ, ସେମାନେ ଥିଲେ ଲାଭଖୋର ବେପାରୀ, ଦୋକାନୀ ଏବଂ ବିନିର୍ମାତା ଯେଉଁମାନେ ଥିଲେ ମୁଖ୍ୟ ନାୟକ । ପ୍ରମୁଖ ମୁଖପାତ୍ରଙ୍କ ମଧ୍ୟରୁ ଅର୍ଥନୈତିକ ଉଦାରିକରଣର ଅନ୍ୟତମ ପ୍ରବକ୍ତା ଆଡାମସ୍ମିଥ ଯୁକ୍ତି ରଖିଥିଲେ ଯେ ବ୍ୟକ୍ତି ଯଦି ନିଜସ୍ୱ ସ୍ୱାର୍ଥ ପାଇଁ ଅନୁମଦିତ ହୁଏ, ତାହା ସେ ସାଧାରଣ ହିତରେ ସାହାଯ୍ୟ କରିଥାଏ । ଆର୍ଥିକ ଗତିବିଧି ଯଦି ଏହାର ନିଜସ୍ୱ କୃତ ଯୋଗାଣ ଓ ଚାହିଦା ପର୍ଯ୍ୟାୟ ମଧ୍ୟରେ ଛାଡି ଦିଆଯାଏ, ଏହା ସମାଜର ନ୍ୟାୟ ଆଡକୁ ଅଗ୍ରସର ହୋଇଥାଏ । ସେମାନେ ମୁକ୍ତ ବାଣିଜ୍ୟ ସପକ୍ଷରେ ଯୁକ୍ତି ବାଢ଼ିଲେ । ତେଣୁ ଅର୍ଥନୈତିକ ବ୍ୟବସ୍ଥା ପାଇଁ ସେହି ସରକାର ସର୍ବୋତ୍ତମ, ଯିଏ କମ ଶାସନ କରେ ଏବଂ ସମସ୍ତ ବିଷୟ ବଜାର ପରିଚାଳନାକୁ ଛାଡିଦେଇଥାଏ ।

୧୯୦୦ ବେଳକୁ ଅନେକ ଉଦାରବାଦି ବିଚାର କରିବାକୁ ଲାଗିଲେ ଯେ ସମାଜର ଦାରିଦ୍ର ଶ୍ରେଣୀ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି କେତେକ ଜନମଙ୍ଗଳ ପଦକ୍ଷେପ ପ୍ରାରମ୍ଭ ପୂର୍ବକ ସରକାର ଏକ ସର୍ବନିମ୍ନ ଢ଼ଙ୍ଗରେ ହସ୍ତକ୍ଷେପ କରିବା ଉଚିତ । ମାତ୍ର ସେମାନଙ୍କର ମୌଳିକ ଚିନ୍ତାଧାରା ଆଜିପର୍ଯ୍ୟନ୍ତ ପୂର୍ବବତ ରହିଅଛି । ସେମାନେ ପ୍ରମୁଖ ଭାବରେ ଧନଶାଳୀ ବ୍ୟକ୍ତିମାନଙ୍କର ସାର୍ଥକୁ ପ୍ରତିନିଧିତ୍ୱ କରୁଥିଲେ । ଉଦାରବାଦୀମାନେ ପେସାଦାର ଏବଂ ଶିକ୍ଷିତ ବ୍ୟକ୍ତି ମାନଙ୍କଠାରୁ ସମର୍ଥନ ଲାଭ କରୁଥିଲେ । ସେମାନେ ଗତାନୁଗତିକ ତଥା ମନମୁଖି ବ୍ୟବସ୍ଥାରେ ଅସନ୍ତୁଷ୍ଟ ଥିଲେ ଯାହା ନିଜର ଜନ୍ମ, ବ୍ୟାପାର, ପୁଞ୍ଜିବାଦପାଇଁ ବିଶେଷ ସୁବିଧାମାନ ସୁରକ୍ଷିତ କରୁଥିଲେ । ସେମାନେ ମଧ୍ୟ ଅନେକ କାର୍ଯ୍ୟରତ ଜନତାଙ୍କ ସମର୍ଥନ ଲାଭ କରିଥିଲେ, ଯେଉଁମାନେ ସମ୍ବିଧାନ ଓ ବ୍ୟକ୍ତି ଅଧିକାର ସପକ୍ଷରେ ସେମାନଙ୍କ ଯୁକ୍ତିକୁ ପସନ୍ଦ କରୁଥିଲେ, ମାତ୍ର ବୁଝି ନଥିଲେ ଯେ ସେମାନେ କେବେବି ଅର୍ଥନୈତିକ ସମତା କିମ୍ବା ଶ୍ରମିକ ଶ୍ରେଣୀର ଅର୍ଥନୈତିକ ଅଧିକାରପାଇଁ ଆଦୌ ଆଗ୍ରହୀ ଥିଲେ ।

**ରକ୍ଷଣଶୀଳତା :**

ରକ୍ଷଣଶୀଳମାନେ ମୁଖ୍ୟତଃ ଭୂମ୍ୟାଧିକାରୀ ଏବଂ ସମାଜର ଅନ୍ୟାନ୍ୟ ଶ୍ରେଣୀରୁ ଆସିଥିଲେ । ସେମାନେ ଚାହୁଁନଥିଲେ ଯେ ବିଶେଷ ଅଧିକାର ଉଚ୍ଛେଦ ଏବଂ ସଂକୋଚନ, ସେମାନଙ୍କୁ ଲାଭାନ୍ୱିତ କରିବ ସେମାନେ ସମସ୍ତେ ଜମିଦାର ଶ୍ରେଣୀ କିମ୍ବା ସୌଦାଗର ଏବଂ ବ୍ୟବସାୟୀ ଗୋଷ୍ଠୀର ଥିଲେ । ସେମାନେ ରଷ୍ଟ୍ରର ସୁରକ୍ଷା ଲାଭ ସହିତ ଏକଚାଟିଆ ସୁବିଧା ପାଉଥିଲେ, ଯାହାକି ମୁକ୍ତ ବାଣିଜ୍ୟ ନୀତି ଫଳରେ ନଷ୍ଟ ହୋଇଥିଲା । ସେମାନଙ୍କ ପାଇଁ ପ୍ରାକୃତିକ ଅଧିକାରର ସମ୍ପୂର୍ଣ୍ଣ ଅର୍ଥ ବାଧାଜନକ ଥିଲା କାରଣ ଏହା ସମାଜର ପୁରୁଣା ପରମ୍ପରାର ଧାରାକୁ ଧ୍ୱଂସ କରିଥିଲା, ଯେଉଁଥିରେ ସମାଜର ପ୍ରତ୍ୟେକ ଶ୍ରେଣୀ ପୂର୍ବରୁ ସେମାନଙ୍କର ସ୍ଥାନ ସଂରକ୍ଷିତ କରିସାରିଥିଲା । ସେମାନଙ୍କପାଇଁ ସାମାଜିକ ଏବଂ ସ୍ଥିତାବସ୍ଥା ସମାନତା ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ସେମାନେ ଅନୁଭବ କରୁଥିଲେ ଯେ ଯେତେବେଳେ ଈଶ୍ୱରଙ୍କ ନିକଟରେ ସମସ୍ତେ ସମାନ, ସେତେବେଳେ ପ୍ରତ୍ୟକ୍ଷ ଜୀବନର ଏହାହିଁ ହେବା ଆଦୌ ବାଞ୍ଛନୀୟ ନୁହେଁ । ସେମାନେ ପୁରୁଣା ସାମାଜିକ ଶୃଙ୍ଖଳାକୁ ଆଧୁନିକ ପୃଥିବୀର ବିଶୃଙ୍ଖଳା ବିରୋଧରେ

ସର୍ବୋତ୍ତମ ପ୍ରତିଷେଧକ ବୋଲି ଭାବୁଥିଲେ କାରଣ ଏହା ସମାଜରେ ବୈପ୍ଳବିକ ପରିବର୍ତ୍ତନ ଏବଂ ସଂଘର୍ଷର କାରଣ ହେଉଥିଲା । ସମସ୍ତ ପାଶ୍ଚାତ୍ୟ ରାଜ୍ୟମାନଙ୍କରେ ସୁଦୃଢ଼ ରକ୍ଷଣଶୀଳ ରାଜନୈତିକ ଗୋଷ୍ଠୀ ଥିଲେ ଏବଂ ସେମାନେ ରାଜନୈତିକ ନିର୍ବାଚନରେ ଭାଗ ନେଉଥିଲେ ତଥା ପ୍ରଶାସନିକ କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରୁଥିଲେ ।

**ସମାଜବାଦ :**

ସମାଜବାଦୀମାନେ ମଧ୍ୟ ଉଦାରବାଦୀମାନଙ୍କୁ ସମାଲୋଚନା କରୁଥିଲେ ମାତ୍ର ସେହି ବିଷୟରେ ରକ୍ଷଣଶୀଳ ମାନଙ୍କଠାରୁ ଅନେକ ଭିନ୍ନ ଥିଲେ । ସମାଜବାଦୀମାନେ ଶ୍ରମଜିବୀମାନଙ୍କ ସ୍ୱାର୍ଥ ପାଇଁ ପ୍ରତିନିଧିତ୍ୱ କରୁଥିଲେ ଏବଂ ଯୁକ୍ତି ବାଢୁଥିଲେ ଯେ ଶିଳ୍ପପତି ପୁଞ୍ଜିପତି ସମାଜରେ ପୁରାତନ ଅତ୍ୟାଚାରୀ ରାଜତନ୍ତ୍ର ଏବଂ ଅଭିଯାତତନ୍ତ୍ର ଧନଶାଳୀ ପୁଞ୍ଜିପତି ମଧ୍ୟବିତ୍ତମାନଙ୍କ ଦ୍ୱାରା ପ୍ରତିସ୍ଥାପିତ ହେଲା । ଲୁଇସ୍ ବ୍ଲାଙ୍କ ଏବଂ ରବାର୍ଟ ଓୱେନ ଭଳି କେତେକ ପୁରାତନ ସମାଜବାଦୀ ବିଶ୍ୱାସ କରୁଥିଲେ ଯେ ସଂଗଠନ ସୁଷମ ବଣ୍ଟନ ଉତ୍ପାଦନକାରୀମାନଙ୍କର ସମବାୟ ସଂଗଠନର ଲାଭାଂଶର ସୁଷମ ବଣ୍ଟନ ଆଡକୁ ଅଗ୍ରସର ହେଉଥିଲା । କାର୍ଲମାର୍କ୍ସଭଳି ଅନ୍ୟମାନେ ଚିନ୍ତାକରୁଥିଲେ ଯେ ଶ୍ରମିକମାନେ ପୁଞ୍ଜିବାଦ ଧାରାରେ କେବେବି ନ୍ୟାଯ୍ୟ ଫଳ ପାଇପାରିବେ ନାହିଁ । ଏହା ସମ୍ଭବ ହେବ ଯଦି ସମସ୍ତ ଉଦ୍ୟୋଗଗୁଡ଼ିକ ସାମୁହିକ ଭାବରେ ସର୍ବସାଧାରଣଙ୍କ ଦ୍ୱାରା ମାଲିକାନା ପ୍ରାପ୍ତି ହେବ । ଅର୍ଥାତ୍ ରଷ୍ଟ୍ର ଏଗୁଡିକର ମାଲିକ ହେଲେ ସମସ୍ତଙ୍କର ସମାନ ହିତ ସାଧନ ହେବ । ମାର୍କ୍ସ କହିଲେ ଯେ ଗୋଟିଏ ସାମ୍ୟବାଦୀ ସମାଜରେ ଉତ୍ପାଦନର ସମସ୍ତ ଉପାୟ ସାମୁହିକ ଭାବରେ ଥାଏ ଏବଂ ଏହା ବ୍ୟକ୍ତିଗତ ସମ୍ପତ୍ତି ନଥିଲା, ପ୍ରତ୍ୟେକ ବ୍ୟକ୍ତି ନିଜର ଶକ୍ତି ଅନୁଯାୟୀ କାର୍ଯ୍ୟ କରିବେ ଏବଂ ନିଜନିଜର ଆବଶ୍ୟକତା ଅନୁସାରେ ପ୍ରାପ୍ୟ ଗ୍ରହଣ କରିବେ । ତେଣୁ ସାମାଜିକ ନ୍ୟାୟ ସେଥିପାଇଁ ବ୍ୟକ୍ତିଗତ ସମ୍ପତ୍ତିର ବିଲୋପ ହେବାର ଆବଶ୍ୟକତା ପଡିଥିଲା । ସମାନତା ଥିବା ସମାଜରେ ଶ୍ରେଣୀ ମଧ୍ୟ ବଞ୍ଚି ରହିପାରେନାହିଁ । ତାଙ୍କ ଅନୁସାରେ ସମାଜବାଦୀ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏପରି ଏକ ସମାଜ ପ୍ରତିଷ୍ଠା କରିବା । ମାର୍କ୍ସ ମଧ୍ୟ କହୁଥିଲେ ଏଥିପାଇଁ ଗୋଟିଏ ବିପ୍ଳବର ଆବଶ୍ୟକତା ରହିଛି କାରଣ ଏଥିରେ ଶାସକ ଶ୍ରେଣୀ ସହଯୋ କରିବେ ନାହିଁ ଏଥିପାଇଁ ଏକ ସାମ୍ୟବାଦୀଦଳ ଏବଂ ଦୃଢ଼ ଓ ପ୍ରତିଶ୍ରୁତିବଦ୍ଧ ଶ୍ରମିକ ଶ୍ରେଣୀର ଆନ୍ଦୋଳନ ହେବା ଆବଶ୍ୟକ ।

ଏପରି ଭାବରେ ୧୯୦୦ରେ ସୋସିଆଲିଷ୍ଟ ଡେମୋକ୍ରାଟିକ (ମାର୍କିଷ୍ଟ) ଦଳ ଲକ୍ଷ ଲକ୍ଷ ଶ୍ରମିକୁ ନେଇ ଲେବର ଇଉନିୟନ ଗଠନ କଲେ । ସେମାନେ ନିର୍ବାଚନରେ ଅଂଶ ଗ୍ରହଣ କଲେ ଏବଂ ଜର୍ମାନ ରିଚଷ୍ଟାରରେ ପ୍ରମୁଖ ଦଳ ଭାବରେ ଉଭା ହେଲେ । ସେମାନେ ଶ୍ରମିକମାନଙ୍କର ଜୀବନଧାରାର ଉନ୍ନତି ପାଇଁ ଆଇନ ପ୍ରଣୟନ କରିବାରେ ସକ୍ଷମ ହୋଇଥିଲେ । ମାର୍କ୍ସବାଦୀ, ସମାଜବାଦୀ ଏବଂ ଶ୍ରମିକଦଳ ୧୯୦୦ରେ ବିଶ୍ୱର ବିଭିନ୍ନ ପ୍ରାନ୍ତରରେ ବିଦ୍ୟମାନ ହେଲେ । ମାତ୍ର ସେମାନେ ନିଜ ଦେଶରେ ସରକାର ଏବଂ ପୋଲିସର ତୀକ୍ଷ୍ଣ ଦୃଷ୍ଟିରେ ଥିଲେ କାରଣ ସେମାନେ ଯେକୌଣସି ଉପାୟରେ ବିପ୍ଳବକୁ ପ୍ରତିହତ କରିବାକୁ ଚାହୁଁଥିଲେ । ରସଭଳି ଦେଶରେ ସାମ୍ୟବାଦୀ ସଂଗଠନ ଗୁଡ଼ିକୁ ନିଷିଦ୍ଧ କରାଗଲା ଏବଂ ପ୍ରମୁଖ ସାମ୍ୟବାଦୀମାନଙ୍କୁ ବନ୍ଦି କିମ୍ବା ନିର୍ବାସିତ କରାଗଲା (ଯେପରି ଭି.ଆଇ.ଲେନିନ ରୁଷ ବୈପ୍ଳବିକ ଆନ୍ଦୋଳନର ନେତାଙ୍କ କ୍ଷେତ୍ରରେ ହେଲା)

ଟିପ୍ପଣୀ

### ପାଠଗତ ପ୍ରଶ୍ନ ୨୨.୩ :

୧. ଉଦାରବାଦୀମାନଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନୈସର୍ଗିକ ଅଧିକାର କ'ଣ ଥିଲା ?

.......................................................................................

୨. ଉଦାରବାଦୀମାନେ ଆର୍ଥିକ ଗତିବିଧିର ସରକାରୀ ନିର୍ଦ୍ଧାରଣର ସିଦ୍ଧାନ୍ତକୁ କାହିଁକି ବିରୋଧ କଲେ ?

.......................................................................................

୩. ଉଦାରବାଦ ଏବଂ ରକ୍ଷଣଶୀଳଙ୍କର ସମ୍ବନ୍ଧରେ ୧୯ଶ ଶତାବ୍ଦିର ଉତ୍ତରାର୍ଦ୍ଧରେ ପରିବର୍ତ୍ତିତ ବର୍ଗର ଯୁକ୍ତି ଉଲ୍ଲେଖ କରନ୍ତୁ ।

.......................................................................................

୪. ସମାନତାର ମାର୍କସବାଦୀ ଅବଧାରଣ ଏବଂ ଅସମାନତା ଆଧାରରେ ମାର୍କ୍ସବାଦୀର ପରିଚୟ ସ୍ପଷ୍ଟ କରନ୍ତୁ ?

.......................................................................................

୫. ୧୯୦୦ରେ ଏମିତି ଏକ ରାଷ୍ଟ୍ରର ଉଦାହରଣ ଦିଅନ୍ତୁ ଯେଉଁଥିରେ ମାର୍କ୍ସବାଦୀ ଶ୍ରମିକ ଶ୍ରେଣୀବର୍ଗଙ୍କୁ ଏକଜୁଟ କରିବାରେ ଅତ୍ୟଧିକ ସଫଳ ହେଲେ ?

.......................................................................................

୬. ସାମ୍ୟବାଦୀ (ମାର୍କ୍ସବାଦୀ) ସାମ୍ରାଜ୍ୟର ଘୋର ବିରୋଧୀ ଅଟେ । କାରଣ କ'ଣ ?

.......................................................................................

**ସାମ୍ରାଜ୍ୟବାଦ :**

୧୯୦୦ରେ ବିଶ୍ୱ ଏପରି ଥିଲା ଯେଉଁଥିରେ ଅଧିକରୁ ଅଧିକ ଔଦ୍ୟୋଗୀକ ରାଷ୍ଟ୍ରମାନଙ୍କର ଅଣ ଔଦ୍ୟୋଗୀକ ରାଷ୍ଟ୍ରମାନଙ୍କର ଲୋକ ଓ ସମ୍ବଳ ଉପରେ ଅଧିକାର ଥିଲା । ଔଦ୍ୟୋଗିକ ରାଷ୍ଟ୍ରମାନଙ୍କରେ ଅନେକ ବାସିନ୍ଦା ବିଶ୍ୱାସ କରୁଥିଲେ ଯେ ଯେଉଁରାଷ୍ଟ୍ର ଉପରେ ଶାସନ କରାଯାଉଥିଲା ସେମାନଙ୍କ ପାଇଁ ଉପନିବେଶବାଦ ଲାଭକାରୀଥିଲା ଏବଂ ପଛୁଆ ରାଷ୍ଟ୍ରମାନଙ୍କ ବାସିନ୍ଦାମାନେ ବିଦେଶୀ ଶାସନ ଦ୍ୱାରା ସଭ୍ୟ ହୋଇଯାଇଥିଲେ । ଉପନିବେଶ ଉପରେ ସେହି ରାଷ୍ଟ୍ର ପ୍ରଭୁତ୍ୱକୁ କିପରି ସ୍ଥିତାବସ୍ଥାରେ ରଖାଯାଇପାରିବ । ସେ ବିଷୟରେ ଶାସକ ରାଷ୍ଟ୍ରମାନଙ୍କର ଉଦାରବାଦୀ ମାନଙ୍କ ମଧରେ ମତପାର୍ଥକ୍ୟ ଦେଖାଯାଇଥିଲା । ଏହା ଭାବୁ ନଥିଲେ ଯେ ପ୍ରତ୍ୟକ୍ଷ ରାଜନୈତିକ ଶାସନର ଆବଶ୍ୟକତା ଥିଲା । କିନ୍ତୁ ପ୍ରତ୍ୟେକ ଏହା ଚାହୁଁନଥିଲେ ଯେ ଉପନିବେଶର ଆଭାଂଶ ଏବଂ ଉପନିବେଶର ସଂସାଧନ ଉପରେ ନିଜର କର୍ତ୍ତୃତ୍ୱକୁ ନିଜ ହସ୍ତରୁ ମୁକ୍ତ ହୋଇଯାଉ । ଜର୍ମାନୀରେ ଉଦାରବାଦୀମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କ ରାଷ୍ଟ୍ରର ଔଦ୍ୟୋଗିକ ଶକ୍ତି ଅଧିକ ଉପନିବେଶ ସୃଷ୍ଟି କରିବା ଉପରେ ନିର୍ଭରଶୀଳ ଥିଲା । ଆମେରିକାର ଅନେକ ଉଦାରବାଦୀମାନଙ୍କର କହିବାର ଥିଲା ଯେ ସେମାନଙ୍କର

ରାଷ୍ଟ୍ରକୁ କ୍ୟୁବା ଓ ଫିଲିଫିନ ଉପରେ ରାଜୁତି କରିବାର କୌଣସି ନୈତିକ ଅଧିକାର ନଥିଲା, ପରନ୍ତୁ ଆମେରିକାର କୌଣସି ନାଗରିକ ଲାଟିନ ଆମେରିକାରେ ନିଜସ୍ୱ ସରକାରର ହସ୍ତକ୍ଷେପର ଆଲୋଚନା କରିନଥିଲେ । ବ୍ରିଟିଶ, ଫରାସୀ, ଜର୍ମାନ, ଇଟାଲୀୟ ଏବଂ ଆମେରିକାର ପୁଞ୍ଜିପତିମାନେ ଔପଚାରିକ ସାମ୍ରାଜ୍ୟର ଅନ୍ତର ଏବଂ ବାହ୍ୟ ଉଭୟ ଆର୍ଥିକ ଗତିବିଧି ଉପରେ ଅନେକ ପୁଞ୍ଜି ନିବେଶ କରିଥିଲେ । ଅତଏବ ସେମାନେ ନିଜସ୍ୱ ସମ୍ପର୍କୀତ ଦେଶଗୁଡିକୁ ସମର୍ଥନ ଦେଲେ ଏବଂ ବିଦେଶୀ ନୀତି ଗୁଡିକୁ ପ୍ରଭାବିତ କଲେ ତଥା ଶେଷ ବିଶ୍ୱର ରାଷ୍ଟ୍ର ଉପରେ ଔପନିବେଶିକ ଆଧିପତ୍ୟ ବିସ୍ତାର କରିବାପାଇଁ ପ୍ରେରିତ କଲେ, ଯେଉଁଥିରେ ଆଫ୍ରିକା, ଲାଟିନି ଆମେରିକା ଏବଂ ଏସିଆ ସମ୍ମିଳିତ ଥିଲେ ।

୧୯୦୦ରେ ଘୋର ସାମ୍ରାଜ୍ୟବାଦ-ବିରୋଧୀ ବିଚାର କରୁଥିବା ରାଜନୈତିକ ସମୂହ ସାମ୍ୟବାଦୀମାନଙ୍କର ଥିଲା । ସେମାନଙ୍କର ବିଶ୍ୱାସଥିଲା ଯେ ସମସ୍ତ ପରିପ୍ରେକ୍ଷୀରେ ଉପନିବେଶବାଦ କେବଳ ଶାସକ ବର୍ଗଙ୍କୁ ଲାଭନ୍ୱିତ କରୁଥିଲା ଏବଂ କୌଣସି ପରିପ୍ରେକ୍ଷୀରେ ଏହା ଶ୍ରମିକମାନଙ୍କର ହିତରେ ନଥିଲା । ଅତଏବ ସମସ୍ତ ରାଷ୍ଟ୍ରମାନଙ୍କର ଶ୍ରମିକ ବର୍ଗଙ୍କର କେତେକ ରାଷ୍ଟ୍ରର ଏହି ସାମ୍ରାଜ୍ୟବାଦୀ ପ୍ରଭୁତ୍ୱକୁ ଉତ୍ପାଟନ କରିବା ପାଇଁ ଏକଜୁଟ ହେବା ଆବଶ୍ୟକ ଥିଲା ।

**ଜାତୀୟତାବାଦ :**

ଜାତୀୟତାବାଦ ଏବଂ ରାଷ୍ଟ୍ର ମୁକ୍ତିର ବିଚାରଧାରା ଉନବିଂଶ ଏବଂ ବିଂଶ ଶତାବ୍ଦିର ବିଶ୍ୱରେ ଏକ ବିସ୍ଫଟକ ଶକ୍ତି ହୋଇଥିଲା । ୧୯୦୦ରେ ସମଗ୍ର ବିଶ୍ୱରେ ପ୍ରତିଯୋଗୀ ରାଷ୍ଟ୍ରବାଦୀମାନଙ୍କର ବିସ୍ତାର ଘଟୁଥିଲା ଏବଂ ଲୋକମାନଙ୍କୁ ସଂଗଠିତ କରିବାରେ ଏହା ମହତ୍ୱପୂର୍ଣ୍ଣ ଉପାୟ ଥିଲା । ସଭ୍ୟତାଗତ ପରିଚୟର ବ୍ୟାପକ ଧାରଣାମାନ ଲୋକମାନଙ୍କୁ ଆକୃଷ୍ଟ କରିବାପାଇଁ ଜାତୀୟତାବାଦର ପ୍ରତିଦ୍ୱନ୍ଦ୍ୱୀ ହୋଇଗଲା । ଏହି ଦୁଇଟି ଏସିଆ ଏବଂ ଆଫ୍ରିକାରେ ମହତ୍ୱପୂର୍ଣ୍ଣ ଥିଲା । ପାନ-ଆଫ୍ରିକାବାଦ ଏବଂ ପାନ-ଇସଲାମାବାଦରେ ନିଜ ନିଜର ଦେଶରେ ସ୍ୱତନ୍ତ୍ରତା ସଂଗ୍ରାମକୁ ଉତ୍ସାହିତ କଲେ । ଚିନବାସୀ ଏବଂ ଭାରତୀୟମାନେ ନିଜର ସାଂସ୍କୃତିକ ସ୍ୱତନ୍ତ୍ରତା ଉପରେ ଜୋର ଦେଲେ ତଥା ସ୍ୱତନ୍ତ୍ରତା ହେତୁ ନିଜ ନିଜର ସଂଘର୍ଷରେ ଔପନିବେଶିକ ନୀତିର ବିରୋଧ କଲେ । ସରକାରରେ ଜନପ୍ରିୟ ଅଂଶଗ୍ରହଣ ଜାତୀୟ ଆନ୍ଦୋଳନରେ ଏକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟିକୋଣ ଥିଲା । ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ଔପନିବେଶକ ନୀତିଗୁଡିକର ବିରୋଧ କରିବା, ଆର୍ଥିକ ଶୋଷଣକୁ ସମାପ୍ତକରିବା ଏବଂ ସ୍ୱରାଜକୁ ପ୍ରତିରୋଧ  ବିଷୟଗୁଡିକ ସମଗ୍ର ବିଶ୍ୱର ରାଷ୍ଟ୍ରୀୟ ଉଦାରବାଦୀ ଆନ୍ଦୋଳନର ହେତୁ ଆଧାର ପ୍ରସ୍ତୁତି କରିଥିଲା । ଏପରି ବିଂଶ ଶତାବ୍ଦୀରେ ଅଧିକରୁ ଅଧିକ ରାଷ୍ଟ୍ରୀୟ ସ୍ୱତନ୍ତ୍ରତା ସଂଘର୍ଷ ପ୍ରଜାତନ୍ତ୍ର ସମ୍ବନ୍ଧିତ ବିଚାରଧାରମାନ ଏବଂ କେମିତି ରାଷ୍ଟ୍ରୀୟ ସମ୍ପତ୍ତି ସୃଜନ କରିହୁଏ ଏବଂ ଏଥିରେ ଭାଗୀଦାରୀ କରାଯିବା ଇତ୍ୟାଦି ସମ୍ବନ୍ଧିତ ବିଚାରଧାରାରେ ଯୋଡି ହୋଇଥିଲା । ବିଭିନ୍ନ ବୈଷମ୍ୟରେ, ଔଦ୍ୟୋଗିକୃତ, ସାମ୍ରାଜ୍ୟବାଦୀ ଦେଶରେ ଜାତୀୟବାଦ ଆକ୍ରମଣାତ୍ମକ ହୋଇଯାଇଥିଲା । ଔପନିବେଶିକ ନୀତି ଏବଂ ଅନ୍ୟ ରାଷ୍ଟ୍ର ଉପରେ ପ୍ରଭୁତ୍ୱର ସମର୍ଥନରେ ହୋଇଥିଲା । ପରବର୍ତ୍ତୀ ଅଧ୍ୟାୟନର ନିଜର ଅଧ୍ୟୟନରେ ଆପଣ ଦେଖିବେକି ଏଥିରେ ସେହି ରାଷ୍ଟ୍ରରେ ପ୍ରତିସ୍ପର୍ଦ୍ଧା ଆହୁରୀ ବଢ଼ିଲା ତଥା ଅନ୍ତତଃ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଗଲା ।

ଟିପ୍ପଣୀ

## ତୁମେ କ'ଣ ଶିଖିଲ :

ଶତାବ୍ଦୀ ଇଉରୋପ ଏବଂ ଉତ୍ତର ଆମେରିକା

୧୯୦୦ ପୂର୍ବ ଶତାବ୍ଦୀ ତୀବ୍ର ଜନସଂଖ୍ୟା ବୃଦ୍ଧିର ସମୟ ଥିଲା, ଏଥିରେ ଅଧିକଉତ୍ତର ବୃଦ୍ଧି ଇଉରୋପ ତଥା ଉତ୍ତର ଆମେରିକାରେ ହୋଇଥିଲା । ଏହି ବର୍ଷ ମାନଙ୍କରେ ଜନସଂଖ୍ୟା ବୃଦ୍ଧି ଔଦ୍ୟୋଗୀକରଣ ସହିତ ହୋଇଥିଲା । ଔଦ୍ୟୋଗିକ ସମାଜର ଆବିର୍ଭାବ ହେବା ସହିତ ଉପକ୍ଷେିତ ସାମାଜିକ ବ୍ୟବସ୍ଥା ପ୍ରାପ୍ତ କରିବା ସମ୍ବନ୍ଧରେ ବିଚାର ଏହା ସିଦ୍ଧାନ୍ତ ଅର୍ଥାତ୍ ବିଚାରଧାରାର ନିର୍ମାଣ ଓ ସୁଦୃଢ଼ୀକରଣ ହେଲା । ୧୮୦୦ ପର୍ଯ୍ୟନ୍ତ ସାମ୍ରାଜ୍ୟବାଦର ମୁକ୍ତି ହେତୁ ଏହି ନୀତିମାନଙ୍କରେ ଅଣ-ଔଦ୍ୟୋଗିକ ସମାଜର ଲୋକମାନଙ୍କର ସଂଘର୍ଷକୁ ସ୍ୱରୂପ ପ୍ରଦାନ କରିବାପାଇଁ ବିଚାରଧାରମାନ ପ୍ରସ୍ତୁତ ହେବାରେ ଲାଗିଥିଲା । ଏଥି ମଧ୍ୟରେ ବିକଶିତ ୟୁରୋପ ତଥା ଅବିକସିତ ଔପନିବେଶିକ ବିଶ୍ୱ ଉପରେ ଅତ୍ୟଧିକ ପ୍ରଭାବ ପଡିଲା ।

## ପାଠାନ୍ତ ପ୍ରଶ୍ନ :

୧. ଔଦ୍ୟୋଗୀକରଣ ମାନବ ଅସ୍ତିତ୍ୱର ପ୍ରାଚୀନ ଢ଼ାଞ୍ଚାରେ କିପ୍ରକାର ପରିବର୍ତ୍ତନ କଲା ?

୨. ଔଦ୍ୟୋଗୀକରଣ ବିଶ୍ୱକୁ ଉତ୍ପାଦନ ଏବଂ ବ୍ୟାପାରର ଢ଼ାଞ୍ଚାରେ କିପ୍ରକାର ପରିବର୍ତ୍ତନ ଆଣିଲା ?

୩. ଉଦାରବାଦ ଏବଂ ସମାଜବାଦ କିପରି ଏକ ଅନ୍ୟର ବିରୋଧୀ ଥିଲେ, ଯେତେବେଳେ ଦୁଇଜଣ ମାନବ ସ୍ୱତନ୍ତ୍ରତା ପ୍ରାପ୍ତ କରିବା ଚାହୁଁଥିଲେ ?

## ପାଠଗତ ପ୍ରଶ୍ନର ଉତ୍ତର :

**୨୨.୧**

୧. ୭୫-୯୫ ପ୍ରତିଶତ

୨. ୟୁରୋପ ଭିତରେ

୩. ସହରୀ କ୍ଷେତ୍ର ଔଦ୍ୟୋଗିକ ଉତ୍ପାଦନ ଏବଂ ବାଣିଜ୍ୟିକ ବିତରଣର ସ୍ଥଳ ଥିଲା । ସ୍ୱାକ୍ଷରତା ଏପରି କ୍ଷେତ୍ରରେ ଅତ୍ୟଧିକ ଉପଯୋଗୀ ଅଥବା ପ୍ରାସଂଗିକ ଥିଲା ଓ ଗ୍ରାମୀଣ କ୍ଷେତ୍ରରେ ସ୍ୱଳ୍ପ ଉପଯୋଗୀ ଥିଲା ।

୪. ପ୍ରାଥମିକ ବିଦ୍ୟାଳୟରେ ଅଧିକ ସଂଖ୍ୟାରେ ଉପସ୍ଥିତ ତଥା ସମାଚାର ପତ୍ରର ବ୍ୟାପକ ପ୍ରଚଳନ ।

୨୨.୨

୧. ବ୍ରିଟିଶ, ଫ୍ରାନ୍ସ, ଜର୍ମାନୀ, ଆମେରିକା ଏପରି କେତେକ ରାଷ୍ଟ୍ର ଥିଲେ ଯେଉଁମାନେ ୧୯୦୦ରେ ଜୀବାଂଶ ଇନ୍ଧନ ଉପରେ ନିର୍ଭର ଥିଲେ ।

୨. ୧୮୦୦ରେ ଜୀବାଂଶ ଇନ୍ଧନର କେତେକ ସମୃଦ୍ଧ ଆପୂର୍ତ୍ତି ଇଉରୋପ ଏବଂ ଆମେରିକରୁ ବାହାରେ ଅବସ୍ଥିତ ଥିଲା ।

୩. ଉପନିବେଶ ଗୁଡିକ ଅସମ ବ୍ୟାପାରରେ ଅସନ୍ତୁଷ୍ଟ ଥିଲେ । ସେମାନେ ମୁଖ୍ୟତଃ ଔଦ୍ୟୋଗିକୃତ ରାଷ୍ଟ୍ରମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ଖାଦ୍ୟ ଓ କଞ୍ଚାମାଲ ଉତ୍ପନ୍ନ କରୁଥିଲେ ।

ଟିପ୍ପଣୀ

୪. ବହୁସଂଖ୍ୟକ ଲୋକ ସେମାନଙ୍କ ଠାରୁ ଦୂରରେ ଥିବା ଲୋକଙ୍କ ପାଇଁ ଖାଦ୍ୟ ଉତ୍ପାଦନ କରୁଥିଲେ ଏବଂ ଅନ୍ୟମାନଙ୍କ ଦ୍ୱାରା ଉତ୍ପାଦନ ବହୁ ସଂଖ୍ୟକ ପଦାର୍ଥଗୁଡ଼ିକୁ ଉପଭୋଗ କରୁଥିଲେ ।

୫. ଔପନିବେଶିକ ଶାସକମାନେ ଭାଷା ଏବଂ ଶିକ୍ଷାଙ୍କୁ ଏକ ନୂତନ ସାମାଜିକ ବିବିଧତା ସୃଷ୍ଟିପାଇଁ ବ୍ୟବହାର କରୁଥିଲେ ଏବଂ ଜାତୀୟ ଚେତନାରେ ବାଧା ସୃଷ୍ଟି କରୁଥିଲେ ।

୨୨.୩

୧. ଶୋଷଣ ବିରୋଧ, ବ୍ୟକ୍ତିଗତ ସମ୍ପତ୍ତି, ସ୍ୱଇଚ୍ଛାରେ ଧର୍ମଚୟନ, ବାକ ସ୍ୱାଧୀନତା, ସରକାରରେ ଅଂଶଗ୍ରହଣ ।

୨. ଉଦାରବାଦୀମାନେ ବିଶ୍ୱାସ କରୁଥିଲେ ଯେ ବ୍ୟକ୍ତିମାନେ ଅବିରତ କାର୍ଯ୍ୟ କରନ୍ତି । ଅର୍ଥନୈତିକ କାର୍ଯ୍ୟକଳାପରେ ବ୍ୟକ୍ତିଗତ ସ୍ୱାର୍ଥ ହାସଲକରି ଗୋଟିଏ ଶକ୍ତିଶାଳୀ ସରକାର ଅପେକ୍ଷା ସମସ୍ତଙ୍କ ପାଇଁ ଅଧିକତର ମଙ୍ଗଳ କରିପାରିବ ।

୩. ୧୮୦୦ର ପ୍ରାରମ୍ଭରେ ରକ୍ଷଣଶୀଳମାନେ ମୁଖ୍ୟତଃ ଜମି ଭୂମ୍ୟାଧିକାରୀ ଶ୍ରେଣୀର ସଦସ୍ୟ ଥିଲେ କିମ୍ବା ଯେତେବେଳେ ସେମାନଙ୍କର ଆଶ୍ରିତମାନେ ଉଦାରମନା ଥିଲେ ଓ ଅନେକ ସମୟରେ ସେମାନେ ଉଦ୍ୟୋଗ ଏବଂ ବ୍ୟାପାରରେ ସକ୍ରିୟ ଥିଲେ । ୧୯୦୦ ବେଳକୁ ଚିରାଚରିତ ଭୂମ୍ୟାଧିକାରୀ ଶ୍ରେଣୀର ସଦସ୍ୟମାନେ ଉଦାରବାଦକୁ ସମର୍ଥନ କରିବାକୁ ବ୍ୟାପାରୀମାନଙ୍କ ସହିତ ଏକଜୁଟ ହୋଇଥିଲେ । ଇତ୍ୟବସରରେ କେତେକ ପରମ୍ପରାଗତ ଉଦାରବାଦୀମାନେ ରକ୍ଷଣଶୀଳତାକୁ ସମର୍ଥନ କରିବାକୁ ଆସିଲେ ।

୪. ମାର୍କସପନ୍ଥିମାନେ ଉତ୍ପାଦନର ଉପାୟ ଭିତରକୁ ପ୍ରବେଶ କିମ୍ବା ପ୍ରବେଶ ରୁଦ୍ଧ ହେତୁ ମାର୍କସବାଦୀମାନେ ମାନବ ଅସମତା ଉପରେ ବିଶ୍ୱାସ କରୁଥିଲେ । ସେମାନଙ୍କର ବ୍ୟକ୍ତିଗତ ସମ୍ପତ୍ତି ଲୋପକରି ଏବଂ ସେଗୁଡ଼ିକୁ ରାଜ୍ୟ ନିୟନ୍ତ୍ରଣରେ ରଖି ଲୋକମାନେ ପ୍ରକୃତରେ ସମାନ ହୋଇପାରିବେ ?

୫. ଜର୍ମାନୀ, ଯେଉଁଠି ଦି ସୋସିଏଲ ଡେମୋକ୍ରେଟିକ ଓ୍ୱାର୍କରାର୍ସ ପାର୍ଟି ଶ୍ରମିକ ଶ୍ରେଣୀ ଭୋଟ ହାସଲ କରିଥିଲେ ।

୬. ସମାଜବାଦୀମାନେ ବିଶ୍ୱାସ କରୁଥିଲେ ଯେ ପୁଞ୍ଜିପତି ଏବଂ ସର୍ବହରାମାନଙ୍କ ମଧ୍ୟରେ ବିଭାଜନ ବିଶ୍ୱ ସ୍ତରରେ ଘଟୁଥିଲା । ସେଥିପାଇଁ ଦେଶର ଉପନିବେଶମାନଙ୍କରେ ସର୍ବହରାମାନେ ସମସ୍ତ ସ୍ଥାନରେ ଉତ୍ପୀଡ଼ନ ବିରୁଦ୍ଧରେ ସଂଗ୍ରାମ କରିବାପାଇଁ ଆଗ୍ରହାନ୍ୱିତ ହେବେ ।

**ପାଠାନ୍ତ ପ୍ରଶ୍ନର ସଂକେତ :**

୧. ଅନୁଚ୍ଛେଦ ୨୨.୧-୨୨.୪ ଦେଖନ୍ତୁ

୨. ଅନୁଚ୍ଛେଦ ୨୨.୫ ଦେଖନ୍ତୁ ।

୩. ଅନୁଚ୍ଛେଦ ୨୨.୬.୨ ଏବଂ ୨୨.୬.୪ ଦେଖନ୍ତୁ ।

**ଶବ୍ଦାବଳୀ**

୧. ବୁର୍ଜୁଆ - ସାମାଜିକ ଶ୍ରେଣୀ ଏପରି ଲୋକମାନେ ଯେଉଁମାନଙ୍କ ପାଖରେ ଗୃହ, କାରଖାନା ଭଳି ପର୍ଯ୍ୟାପ୍ତ ସମ୍ପତ୍ତି ଥିଲା ଅଥବା ବେଙ୍କରେ ଖାତା ଥିଲା - ପୁଞ୍ଜିପତି ?



ଟିପ୍ପଣୀ

| | | |
|---|---|---|
| ୨. | ସୀ.ଇ. | - ସାଧାରଣ ସମୟ - ଖ୍ରୀଷ୍ଟୀଆନ କ୍ୟାଲେଣ୍ଡର ଅନୁସାରେ ନିର୍ଦ୍ଧାରିତ ଐତିହାସିକ ସମୟ ଅବଧି ଏଥିରେ ଏପରି ମସିହାରୁ ଜନ୍ମ ପରବର୍ଷକୁ ଏକବର୍ଷ ରୂପେ ଗୃହିତ ହେଲା । ଅନ୍ୟ ଧାର୍ମିକ ପରମ୍ପରା (ଉଦାହରଣ ଇହୁଦୀ ଧର୍ମ, ହିନ୍ଦୁ ଧର୍ମ, ଇସଲାମ) ଉପରେ କେନ୍ଦ୍ରିତ ସଭ୍ୟତାମାନ ରାଷ୍ଟ୍ରରେ ଭିନ୍ନ ଭିନ୍ନ କ୍ୟାଲେଣ୍ଡରର ଅନୁସରଣ କରାଯାଉଥିଲଶ । ଯେତେବେଳେ ଆଜି ସଂପୂର୍ଣ୍ଣ ବିଶ୍ୱରେ ଇସାଇ କ୍ୟାଲେଣ୍ଡରର ବ୍ୟାପକ ଉପଯୋଗ କରାଯାଉଥିଲା, ବିଂଶ ଶତାବ୍ଦିର ଅର୍ଥ ୧୯୦୦ରେ ଆରମ୍ଭ ହେବାକୁ ଥିବା ବର୍ଷର ସମୟ । |
| ୩. | ବିଚାରଧାରା / ଆଦର୍ଶ | - ସିଦ୍ଧାନ୍ତ ଅଥବା ବିଚାର ଅଥବା ବିଶ୍ୱର ବିଚାର ଯାହା ସମାଜର ବିକାଶ ହେତୁ ବିଶେଷ ଜନର ସମର୍ଥନ କରେ, ସାମାଜିକ ଦର୍ଶନ ଶାସ୍ତ୍ର । |
| ୪. | ସାମ୍ରାଜ୍ୟବାଦ | - ପୈତୃକ ରାଜ୍ୟ ଉପରେ ଆଶ୍ରି ଓ ଉପନିବେଶ ଗୁଡିକ, ପ୍ରଦେଶର ଅଧିଗ୍ରହଣ କରିବା, ଅଥବା ଏହା ରକ୍ଷଣାବେକ୍ଷଣ କରିବାର ପ୍ରକ୍ରିୟା । |
| ୫. | ଶ୍ରମବାଦ / ଶ୍ରମିକ ଦଳବାଦୀ | - (୨) ସାମ୍ରାଜ୍ୟ ଅଧିଗ୍ରହଣ କରିବାର ବିଚାରଧାରା, କାମଗାର ମାନଙ୍କ ରାଜନୈତିକ ଅଥବା ଆର୍ଥିକ ସଂଗଠନକୁ ସଂକେତ ଦିଏ । 'ଶ୍ରମବାଦ ନିଯୁକ୍ତି ଦାସ କିମ୍ବା ରାଷ୍ଟ୍ରମାନଙ୍କ ପାଖରୁ ଶ୍ରମ ଅଧିକାରକୁ ପ୍ରତିରକ୍ଷା କରେ । କେତେକ ଶ୍ରମିକ ସାମ୍ୟବାଦୀ ଅଟନ୍ତି । |
| ୬. | ମୁଦ୍ରଣ ସଂସ୍କୃତି | - ମୁଦ୍ରିତ ପାଠ ଯେପରି ପୁସ୍ତକ ଓ ସମାଚାର ପତ୍ର ଉପରେ ଆଧାରିତ ସଂଚାର ଓ ଜ୍ଞାନର ଢ଼ାଞ୍ଚା (ଯାହା ଲୋକମାନଙ୍କ ଦ୍ୱାରା ହାତରେ ପାଠର ପ୍ରତିଲିପି କରିବା ପରିବର୍ତ୍ତେ ଯାନ୍ତ୍ରିକ ସାଧନ ମାଧ୍ୟମରେ ତତ୍କାଳ ପ୍ରତିକୃତି କରିପାରିବେ । ଛାପା ସଂସ୍କୃତି ସାକ୍ଷରତା, ପ୍ରତିଲିପି ପ୍ରସ୍ତୁତ କରିବା ଓ ମୃଦଣର ଶସ୍ତା ପ୍ରୟୋଗ ଉପରେ ନିର୍ଭର ଅଟେ । ୟୁରୋପ, ଜାପାନ ଓ କୋରିଆ ରେ ୧୫୦୦ ଶତାବ୍ଦୀ ଛାପା ସଂସ୍କୃତି ଥିଲା । ଯେଉଁଠାରେ ଏହି ସମସ୍ତ ସ୍ଥାନରେ କମ୍ ସଂଖ୍ୟାରେ ପାଠକ ଥିଲେ । ୧୮୫୦ ପର୍ଯ୍ୟନ୍ତ ସଂପୂର୍ଣ୍ଣ ବିଶ୍ୱରେ କୋଟି କୋଟି ଲୋକ ଛାପା ସଂସ୍କୃତିରେ ସାମିଲ ହୋଇଗଲେ ଏବଂ ସେମାନେ ଅଧିକ ସଂଖ୍ୟାରେ ନଗର ଏବଂ ସହରରେ ରହୁଥିଲେ । ଦା ଓ ଫଟକା ବଜାର ଜାଣିବାପାଇଁ ଖବରକାଗଜର ପଠନ ଏବଂ ଗୋଟିଏ ଉପନ୍ୟାସ ପଠନ ଉଭୟ ଛାପା ସଂସ୍କୃତିର ବ୍ୟବହାର ଥିଲା । |

ମଡ୍ୟୁଲ - ୫

ସମସାମୟୀକ ବିଶ୍ୱ



ଟିପ୍ପଣୀ

୨୩

# ପ୍ରଥମ ବିଶ୍ୱଯୁଦ୍ଧ ଏବଂ ରଷ ବିପ୍ଲବ :

ଉନବିଂଶ ଶତାବ୍ଦୀର ମଧ୍ୟଭାଗ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରଥମ ବିଶ୍ୱଯୁଦ୍ଧ ଏବଂ ୧୯୧୭ର ରସ ବିପ୍ଲବ କ୍ରମାଗତ ବର୍ଦ୍ଧିଷ୍ଣୁ ଘଟଣାମାନଙ୍କର ପରିଣାମ ଥିଲା । ଏହି ଉଭୟ, ଅନେକ ମହତ୍ୱପୂର୍ଣ୍ଣ ଘଟଣାମାନ ଥିଲା ଏବଂ ଏହାଦ୍ୱାରା ଲକ୍ଷଲକ୍ଷ ଲୋକ ପ୍ରଭାବିତ ହୋଇଥିଲେ । ଏହି ଦୁଇଟି ସାମଗ୍ରୀକ ଭାବରେ ବିଂଶ ଶତାବ୍ଦୀକୁ ପ୍ରଭାବିତ କରିଥିଲା ତଥା ଏକ ନୂତନ ରୂପରେଖ ପ୍ରଦାନ କଲା ।

**ଉଦ୍ଦେଶ୍ୟ :**

ଏହି ପାଠର ଅଧ୍ୟୟନ କରିବା ପରେ ତୁମ୍ଭେ :

- ଏମିତି କେତେକ ଘଟଣାର ପରିଚୟ ପାଇବେ, ତାହା ୧୯୧୪ର ଯୁଦ୍ଧର କାରଣ ହୋଇଥିଲା ଏବଂ ଏହି କଥା ଉପରେ ଚର୍ଚ୍ଚା କରିପାରିବ ଯେ କ'ଣ ଯୁଦ୍ଧର ଏମିତି ଘଟଣା ବର୍ତ୍ତମାନ ବିଶ୍ୱରେ ମଧ୍ୟ ମହଜୁତ ଅଛି ?
- ୧୯୧୭ର ରଷୀୟ ସାମ୍ରାଜ୍ୟରେ ହିଁ ଏହି କ୍ରାନ୍ତୀ କେମିତି ସମ୍ଭବ ହେଲା ତଥା କୌଣସି ଅନ୍ୟ ଦେଶର କ୍ରାନ୍ତି କାହିଁକି ହେଲା ନାହିଁ ଏହାର ବାଖ୍ୟା କରିପାରିବ ।
- ଉଭୟ ଯୁଦ୍ଧ ଏବଂ ରଷି କ୍ରାନ୍ତିର ତତ୍କାଳିନ ଓ ଦୀର୍ଘକାଳ ପରିଣାମ ମାନ ବଶ୍ଲେଷଣ କରିପାରିବ; ଏବଂ
- ଭାରତ ପାଇଁ ଏହି ଯୁଦ୍ଧ ଏବଂ ଏହି କ୍ରାନ୍ତିର କ'ଣ ସାର୍ଥକତା ଅଟେ, ଏହା ଉପରେ ଚର୍ଚ୍ଚା କରିପାରିବ ।

## ୨୩.୧ ଇତିହାସରେ ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବ ଯୁଦ୍ଧଠାରୁ କିପ୍ରକାର ଭିନ୍ନ ଥିଲା

ସ୍ପେନ, ନେଦରଲ୍ୟାଣ୍ଡ ଏବଂ ଚୀନ, ସ୍କେଣ୍ଡିନେବିୟନ ରାଷ୍ଟ୍ର ଏବଂ ସ୍ୱିଜରଲ୍ୟାଣ୍ଡକୁ ଛାଡି ଇଉରୋପର ସମସ୍ତ ରାଷ୍ଟ୍ର ଏପରି ଯୁଦ୍ଧରେ ସମ୍ମିଳିତ ଥିଲେ, ଯେଉଁମାନେ ସମ୍ପୂର୍ଣ୍ଣ ବିଶ୍ୱକୁ ହିଂସା ଏବଂ ଦୁଃଖରେ ଯୋଡି ଦେଲେ, ଅନ୍ୟକ୍ଷେତ୍ରରେ, ବିଶେଷ ରୂପେ ଉପବେଶଗୁଡିକ ଉପରେ ଶାସନ କରୁଥିବା ରାଷ୍ଟ୍ରମାନଙ୍କପାଇଁ ଅନ୍ୟ ଅଞ୍ଚଳର ସୈନିକମାନଙ୍କୁ ବିଶେଷକରି ଉପନିବେଶର ସୈନ୍ୟମାନଙ୍କୁ ଯୁଦ୍ଧ କରିବାକୁ ପଡୁଥିଲା । ଏଥିରେ ଅନୁମାନ ଲଗାଗଲା କି ବ୍ରିଟେନ ପକ୍ଷରେ କାନାଡା, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଏବଂ ଭାରତ (ଯେଉଁ କ୍ଷେତ୍ରରେ ବ୍ରିଟେନର ଶାସନ ଥିଲା)ରୁ ପ୍ରାୟ ୩୦ଲକ୍ଷରୁ ଅଧିକ ସୈନିକ ଆସିଥିଲେ । ଏହି ଯୁଦ୍ଧର କ୍ଷେତ୍ର ବ୍ୟାପକ ଥିଲା ଅର୍ଥାତ୍ ଏହି ଯୁଦ୍ଧ କ୍ଷେତ୍ର ୟୁରୋପ, ଏସିଆ, ଆଫ୍ରିକା ଏବଂ ପ୍ରଶାନ୍ତ ମହାସାଗର ପର୍ଯ୍ୟନ୍ତ ଲମ୍ବିଥିଲା । ପ୍ରଥମଥର ପାଇଁ ପାଖାପାଖି ବିଶ୍ୱର ସମସ୍ତ ଲୋକମାନେ ଏପରି ଯୁଦ୍ଧରେ ସମ୍ମିଳିତ ହୋଇଥିଲେ, ଯାହାକୁ ସେମାନେ ବିଶ୍ୱଯୁଦ୍ଧ ଭାବରେ ଜାଣିଲେ ।

ଯୁଦ୍ଧରେ ନୂତନ ପ୍ରୌଦ୍ୟୋଗିକ, ଉଡାଜାହାଜ, ଟ୍ୟାଙ୍କ ଏବଂ ବୁଡାଜାହାଜ ବ୍ୟବହାର ହୋଇଥିଲା, ଯାହା ପୂର୍ବ ଯୁଦ୍ଧମାନଙ୍କରେ ଦେଖାଯାଇନଥିଲା, ପରନ୍ତୁ ସାଧାରଣ ଢ଼ଙ୍ଗରେ ପୃଥିବୀ ପୃଷ୍ଠରେ ଲଢ଼ିବା





ସହିତ ଅଧିକ ସଂଖ୍ୟକ ଲୋକ ଏହାକୁ ଏଥିପାଇଁ ମନେ ରଖିବେ ଯେ ଯୁଦ୍ଧର ଅଧିକ ଫଟୋରେ ସୈନିକମାନେ ଭୂମି ତଳେ ଥିବା ଖାଇ ମଧ୍ୟରେ ଥାଇ ଲଢ଼େଇ କରୁଥିବାର ଦେଖାଯାଉଥିଲା । ଦକ୍ଷିଣ ଆଟଲାଣ୍ଟିକ ଏବଂ ପ୍ରଶାନ୍ତ ମହାସାଗରରେ ସାମୁଦ୍ରିକ ଯୁଦ୍ଧ ହୋଇଥିଲା । ବ୍ରିଟେନ ତଥା ଏହାର ମିତ୍ର ରାଷ୍ଟ୍ରମାନଙ୍କର ୧୦୦୦୦୦ରୁ ଅଧିକ ସୈନ୍ୟ ସହିତ ଆମେରିକା ପ୍ରଥମଥର ବିଶ୍ୱ ସ୍ତରରେ ସମ୍ମିଳିତ ହୋଇଥିଲା ।

ଏହି ବିଶ୍ୱଯୁଦ୍ଧ କାରଣରୁ ଲୋକମାନଙ୍କୁ ଅନେକ ସଂଖ୍ୟାରେ ସୈନିକ ଭାବରେ ସଂଗଠିତ କରାଗଲା । ସେତେବେଳେ ମହିଳାମାନଙ୍କୁ ସହରମାନଙ୍କରେ କେତେକ କାର୍ଯ୍ୟ ପାଇଁ ଯଥା ଯୁଦ୍ଧ କ୍ଷେତ୍ରରେ ନର୍ସ ଭାବରେ ରଖାଗଲା । ସରକାରମାନେ ଏଭଳି କେତେକ ପଦକ୍ଷେପ ନେଲେ ଯାହାଫଳରେକି ସେମାନଙ୍କର ନିଜ ସୀମା ମାନଙ୍କରେ କୌଣସି ବସ୍ତୁର ଅଭାବ ରହିବ ନାହିଁ । ଯେପରି ସେମାନେ ସୈନ୍ୟପାଇଁ ଏ ଲୋକମାନଙ୍କୁ ସଂଗଠିତ କରୁଥିଲେ ସେହିପରି ସେମାନେ ଖାଦ୍ୟଦ୍ରବ୍ୟ ପାଇଁ କୃଷକମାନଙ୍କଠାରୁ ଖାଦ୍ୟାନ୍ନ ଏକତ୍ରିତ କଲେ । ସେମାନେ ସେନାର ଉପକରଣ ଏବଂ ଗୋଲାବାରୁଦ ଇତ୍ୟାଦିର ଆବଶ୍ୟକତାକୁ ପୁରା କରିବାପାଇଁ ବେତନରେ ଅଧିକ ଲମ୍ବା ସମୟ ପର୍ଯ୍ୟନ୍ତ କାର୍ଯ୍ୟ କରିବାପାଇଁ ଶ୍ରମିକଙ୍କୁ ଥିବା କାର୍ଯ୍ୟ ଅଧିକାର ଆଇନକୁ ସମାପ୍ତ କରିଦେଲେ । ଖାଦ୍ୟ ଓ ଖାଦ୍ୟ ସାମଗ୍ରୀ ଭଳି ଉପଭୋଗ ବସ୍ତୁର ଦାମ ବୃଦ୍ଧି ହୋଇଗଲା କାରଣ ଅଧିକରୁ ଅଧିକ ପୁଞ୍ଜି ନିବେଶ ଯୁଦ୍ଧ ସମ୍ବଳ ଏବଂ ଅନ୍ୟାନ୍ୟ ଯୁଦ୍ଧ ଆବଶ୍ୟକତା ଗୁଡିକ ଉପରେ କରାଗଲା । ସାଧାରଣ ଲୋକମାନଙ୍କ ମଧ୍ୟରେ ନିରାଶର ଛାୟା ଥିଲା ।

ଆମେ ଏହା ମନେ ରଖିବା ଉଚିତ ଯେ ଯୁଦ୍ଧ ତଥା ଯୁଦ୍ଧରେ ଦେଖାଦେଇଥିବା ସମସ୍ୟା ଆସିଥିବା କାରଣରୁ କିପରି ପ୍ରାୟ ୧୦ଲକ୍ଷ ଲୋକ ମୃତ୍ୟୁ ବରଣ କରିଥିଲେ, ୨୦ଲକ୍ଷ ଲୋକ କ୍ଷତବିକ୍ଷତ ହେଲେ ଏବଂ ଲକ୍ଷ ଲକ୍ଷ ଲୋକ ଶରଣାର୍ଥୀ ଅଥବା ବେରୋଜଗାରୀ ହୋଇଗଲେ କାରଣ ନଗର ଓ ଉଦ୍ୟୋଗ ଧ୍ୱଂଶ ହୋଇଯାଇଥିଲା । ଦେଶମାନଙ୍କର ସୀମାନ୍ତ ଅଞ୍ଚଳରେ ରହୁଥିବା ବାସିନ୍ଦାମାନେ କେବଳ ନୁହଁନ୍ତି, ପରନ୍ତୁ ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ଭାଗରେ ରହୁଥିବା ଲୋକମାନେ ମଧ୍ୟ ବେଘର ହୋଇଯାଇଥିଲେ । ଯୁଦ୍ଧ ଇତିହାସରେ ପ୍ରଥମ ଥର ପାଇଁ ବେସାମିକ ଜନ ସମୁଦାୟ ପ୍ରଭାବିତ ଓ କ୍ଷତବିକ୍ଷତ ହେଲେ ।ଜନବସତି ଅଞ୍ଚଳରେ ବୋମା ନିକ୍ଷେପ କରାଗଲା ଓ ଯୁଦ୍ଧ କାରଣରୁ ଦୁର୍ଭିକ୍ଷ ତଥା ମହାମାରୀ ବ୍ୟାପିଗଲା ଯେଉଁଥିରେ ଲକ୍ଷଲକ୍ଷ ନାଗରିକଙ୍କର ମୃତ୍ୟୁ ହୋଇଥିଲା ।

ଯେତେବେଳେ ଏହି ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଲୋକମାନେ ଭାବିଲେ ଯେ ଏହିଯୁଦ୍ଧ ଅଳ୍ପ ସମୟପାଇଁ ହେବ, ମାତ୍ର ଏହା ଚାରିବର୍ଷ ପର୍ଯ୍ୟନ୍ତ ଚାଲିଲା । ଆପଣମାନେ କଳ୍ପନା କରିପାରିବେକି ଲଗାତର ଚାରିବର୍ଷ ପର୍ଯ୍ୟନ୍ତ ଯୁଦ୍ଧରେ ସଂଶ୍ଳିଷ୍ଟ ଥିବା ରାଷ୍ଟ୍ରଗୁଡିକର ଲୋକମାନଙ୍କର ଜୀବନ କେମିତି ହୋଇଥିବ । ଏହା ପ୍ରଚଳିତ ସାମାଜିକ - ଆର୍ଥିକ ଓ ରାଜନୈତିକ ଢ଼ାଞ୍ଚାକୁ ନଷ୍ଟ କରିଦେଇଥିଲା । ସମ୍ପୂର୍ଣ୍ଣ ବିଶ୍ୱର ଅର୍ଥବ୍ୟବସ୍ଥାକୁ ପ୍ରଭାବିତ କଲା । ପ୍ରଥମଥର ପାଇଁ ସମସ୍ତ ଯୁଦ୍ଧରତ ନେଶମାନଙ୍କରେ ବ୍ୟାପିଥିବା ତଥା ନିଜନିଜର ସମସ୍ତ ପ୍ରକାର ସଂସାଧନକୁ ବିଶାଳ ଆକାରରେ ସଂଗଠିତ କରିବା । ଏହାକୁ ବିଶ୍ୱଯୁଦ୍ଧ ଭାବରେ ଜଣାଗଲା ।

ଏହି ସବୁ କାରଣରୁ ଏହି ଯୁଦ୍ଧକୁ ବିଶ୍ୱ ଇତିହାସର ସଂକଟକାଳ ବୋଲି କୁହାଯାଏ ।

ଟିପ୍ପଣୀ

## ୨୩.୨ ଯୁଦ୍ଧର କାରଣ :

ପ୍ରଥମ ବିଶ୍ୱଯୁଦ୍ଧର କାରଣ ଜଟିଳ ଅଟେ । ଏହି ଯୁଦ୍ଧ ଏକ ବିଶେଷ ଘଟଣା କାରଣରୁ ଆରମ୍ଭ ହୋଇଥିଲା, ଯାହା ଯେକୌଣସିଠାରେ ଏବଂ ଯେକୌଣସି ସମୟରେ ଘଟିପାରିଥାନ୍ତା । ସର୍ବିଆ ଏବଂ ଅଷ୍ଟ୍ରିଆ ମଧ୍ୟରେ ଶତୃତା, ଥିଲା ଯେଉଁ କାରଣ ହାବସବର୍ଗ ସାମ୍ରାଜ୍ୟର ସିଂହାସନର ଉତ୍ତରାଧିକାରୀ ଆର୍କଡ୍ୟୁକ ଫ୍ରେଞ୍ଜ ଫାର୍ଡିନାଣ୍ଡଙ୍କ ୧୯୧୪ରେ ସାରାଜୀବୋଠାରେ ହତ୍ୟା କରାଯାଇଥିଲା । ଏହି ଘଟଣାଟି ମୁଖ୍ୟକାରଣ ଥିଲା ଯାହା ପ୍ରଥମ ବିଶ୍ୱଯୁଦ୍ଧରେ ପରିବର୍ତ୍ତିତ ହୋଇଗଲା ।

ଏକ ଘଟଣାରେ ଏପରି ବିଧ୍ୱଂସକାରୀ ପରିଣାମ କାହିଁକି ହେଲା, ଯାହା ଦ୍ୱାରା ଅନ୍ତତଃ ସମ୍ପୂର୍ଣ୍ଣ ବିଶ୍ୱରେ ଚାରିବର୍ଷ ପର୍ଯ୍ୟନ୍ତ ଯୁଦ୍ଧ ଚାଲିଲା ?

ତୁମେ ପ୍ରାରମ୍ଭିକ ପାଠରେ ଉପନିବେଶ ପାଇଁ କିପରି ପ୍ରତିଯୋଗୀତା ହୋଇଥିଲା ତାହା ଜାଣନ୍ତି ଏବଂ କିପରି ଉନବିଂଶ ଶତାବ୍ଦିର ମଧ୍ୟଭାଗରେ ସମ୍ପୂର୍ଣ୍ଣଭାବରେ ସାମ୍ରାଜ୍ୟବାଦ ପ୍ରଣାଳୀର ସ୍ଥାନ ପ୍ରସ୍ତୁତ କଲା । ଉଦାହରଣସ୍ୱରୂପ ୧୮୭୬ରେ ଆଫ୍ରିକାର ୧୦ ପ୍ରତିଶତରୁ ଅଧିକ ଭାଗ ୟୁରୋପ ଶାସନାଧିନ ଅଧୀନ ନଥିଲା ପରନ୍ତୁ ୧୯୦୦ ବେଳକୁ ଏହାର ୯୦ ପ୍ରତିଶତରୁ ଅଧିକ ଉପନିବେଶ ହୋଇଗଲା । ଆପଣ ଦେଖିସାରିଥିଲେବି ଜର୍ମାନୀ ଏହି ଦୌଡ଼ରେ ପଛରେ ରହିଯାଇଥିଲା ମାତ୍ର ସେ ମଧ୍ୟ ଏହା ଅନୁଭବ କରିବା ଆରମ୍ଭ କରିଥିଲା ଯେ ଶାସନ କରିବା ପାଇଁ ସେମାନେ ମଧ୍ୟ ନିଜର ଉପନିବେଶ ସ୍ଥାପିତ କରିବା ପାଇଁ ଇଚ୍ଛୁକ । ୧୯୧୪ ପର୍ଯ୍ୟନ୍ତ ଏହି ଶକ୍ତି ଗୁଡିକ ନିଜର ପ୍ରଭାବର କ୍ଷେତ୍ର ବୃଦ୍ଧିକଲେ, ନିଜ ଅଧୀନକୁ ଆହୁରି ଅଧିକ ଅଞ୍ଚଳ ଆଣିବା ତଥା ବିଶ୍ୱର ସଂମାଧନରେ ଅଧିକ ଭାଗୀଦାରୀ ହେବାପାଇଁ ପ୍ରସ୍ତୁତ ହେଲେ ।

ଯେହେତୁ ବିଶ୍ୱର ଅଧିକାଂଶ ଅଞ୍ଚଳ ସେମାନଙ୍କ ମଧ୍ୟରେ ବାଣ୍ଟି ନେଇଥିଲେ, ବିଶ୍ୱକୁ ଅର୍ଥନୈତିକ କିମ୍ବା ରାଜନୈତିକ କ୍ଷେତ୍ରରେ ପୁନର୍ଗଠନ କରି ଅଥବା ଅନ୍ୟର ଅଂଶ ସହାୟତାରେ ସେମାନଙ୍କର ଅଂଶକୁ ବୃଦ୍ଧିକରିବାକୁ ଯାଇ ପରସ୍ପର ସହିତ ସଂଘର୍ଷ କରି ସେମାନଙ୍କ ନିଜ ଭାଗର ନିୟନ୍ତ୍ରଣ ବୃଦ୍ଧି କରିବାକୁ ଚାହୁଁଥିଲେ । ତଥାପି ସେମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ଏପରି ଏକ ବଡ ଯୁଦ୍ଧ ସମ୍ପର୍କରେ ଭାବିନଥିଲେ, । ତଥାପି ସଂଘର୍ଷର ସଂଭାବନା ସର୍ବଦା ରହୁଥିଲା ।

ସେମାନେ ଅନ୍ୟ ଦେଶରେ ନୂତନ କ୍ଷେତ୍ର ପ୍ରାପ୍ତ କରିବା ଅଥବା ପୂର୍ବରୁ ନିଜ ଅଧୀନଥିବା କ୍ଷେତ୍ରର ସୁରକ୍ଷା କରିବାପାଇଁ ଛୋଟ ଛୋଟ ଯୁଦ୍ଧ କରୁଥିଲେ; ଏବଂ କେବେ କେବେ ସେମାନେ ନିଜର ପ୍ରତିଦ୍ୱନ୍ଦ୍ୱୀକୁ ରୋକିବାପାଇଁ ଅନ୍ୟଶକ୍ତିର ସହଯୋଗ କରୁଥିଲେ । କେହିହେଲେ ଏପରି ବଡଯୁଦ୍ଧ ସମ୍ପର୍କରେ ଭାବିନଥିଲେ, ତଥାପି ଜର୍ମାନୀର ବିସମାର୍କ ୧୮୭୯ରେ ଅଷ୍ଟ୍ରିୟା-ହଙ୍ଗେରୀ ସହିତ ସହଯୋଗ କରିଥିଲେ ଓ ଏହା ଦ୍ୱିପାକ୍ଷୀକ ସହଯୋଗ ଭାବରେ ଜଣାଥିଲା । ୧୮୮୨ରେ ଇଟାଲୀ ଏଥିରେ ସମ୍ମିଳିତ ହୋଇଗଲା । ଅନ୍ୟପକ୍ଷରେ ୧୮୯୪ରେ ଫ୍ରାନ୍ସ, ଋଷ୍ ସହିତ ସହଯୋଗ କଲା, ୧୯୦୪ରେ ଫ୍ରାନ୍ସ ବ୍ରିଟେନ ସହିତ ଏକ ଚୁକ୍ତି କଲା ଏବଂ ୧୯୦୭ରେ ବ୍ରିଟେନ ଋଷ ସହିତ ସନ୍ଧି କଲା । ଏହା ତ୍ରିପକ୍ଷୀୟ ସନ୍ଧି ଭାବରେ ପରିଚିତ ହେଲା ।

ୟୁରୋପର ନେତାମାନେ ଭାବିଲେ ଯେ ଏହି ସହଯୋଗ ଦ୍ୱାରା ଶକ୍ତିର ସନ୍ତୁଳନ ମାଧ୍ୟମରେ ଯୁଦ୍ଧ ରୋକା ଯାଇପାରେ । ବାସ୍ତବରେ ଏପରି ହେଲାଯେ ଏହି ସହଯୋଗରୁ ଗୋଟିଏ ଦେଶ ଅନ୍ୟ ଦେଶ ସହିତ ବାନ୍ଧି ହୋଇଗଲେ । ଯେତେବେଳେ ଗୋଟିଏ ଦେଶ ଯୁଦ୍ଧ କରୁଥିଲା ଅନ୍ୟାନ୍ୟ ଦେଶ ଏହାର





ସହାୟତା ନିମିତ୍ତ ସମ୍ମିଳିତ ହେବାକୁ ପଡୁଥିଲା । ଏପରି ସାମ୍ରାଜ୍ୟବାଦୀ ରାଷ୍ଟ୍ରରେ ପ୍ରତିଦ୍ୱନ୍ଦ୍ୱିତା ଏବଂ ସଂଘର୍ଷ ଏହି ଯୁଦ୍ଧର ମୁଖ୍ୟକାରଣ ହୋଇଗଲା ।

ରାଷ୍ଟ୍ରୀୟ ଆନ୍ଦୋଳନ ଉନବିଂଶ ଶତାବ୍ଦିର ମହତ୍ୱପୂର୍ଣ୍ଣ ବିଶେଷତ୍ୱ ଥିଲା । ଉନବିଂଶର ଶତାବ୍ଦିର ଶେଷଭାଗରେ ଏବଂ ବିଂଶ ଶତାବ୍ଦିର ପ୍ରାରମ୍ଭରେ ରାଷ୍ଟ୍ରବାଦର ମଧ୍ୟ ପରିବର୍ତ୍ତନ ଆସିଲା । ବିକଶିତ ପୁଞ୍ଜିବାଦୀ ରାଷ୍ଟ୍ରମାନେ ନିଜ ନିୟନ୍ତ୍ରଣ କ୍ଷେତ୍ରର ବିସ୍ତାର ଓ ଏହାର ସାମଗ୍ରୀକ ଶକ୍ତିର ବୃଦ୍ଧିସହିତ ଜୋଡି ଯାଇଥିଲା । ଉକ୍ତ ପ୍ରଭାବଶାଳୀ ବିଚାରଧାରା ଫରାସୀ ବିପ୍ଳବ ତଥା ଏହାର ଆଦର୍ଶ ଯଥା ସ୍ୱତନ୍ତ୍ରତା, ସମାନତା ଏବଂ ଭାତୃତ୍ୱର ଆସିନଥିଲା । ଏହି ରାଷ୍ଟ୍ରମାନେ ଗୋଟିଏ ଦେଶରେ ପ୍ରଚଳିତ ସର୍ବଭୌମ ଚିନ୍ତାଧାରା ସହିତ ଆଉ ଅଧିକ ଜୋଡିବା ପାଇଁ ଚାହୁଁନଥିଲା । ଅନ୍ୟ ପକ୍ଷରେ ଯେପରି ବହୁରାଷ୍ଟ୍ରୀୟ ସାମ୍ରାଜ୍ୟ, ଅଷ୍ଟ୍ରିଆ-ହଙ୍ଗେରୀ ଏବଂ ଋଷ ସାମ୍ରାଜ୍ୟରେ ଲୋକ ନିଜକୁ ମୁକ୍ତ କରିବା ଓ ସ୍ୱତନ୍ତ୍ରତା ରାଷ୍ଟ୍ରମାନଙ୍କ ନିର୍ମାଣ କରିବା ଚାହୁଁଥିଲେ, ସମସ୍ତ ବୃହତ୍ତ ଶକ୍ତି ଏହାକୁ ବିରୋଧ କରୁଥିଲେ ।

ଏପରି ବୃହତ୍ତ ଶକ୍ତିମାନେ, ଅଭୁତପୂର୍ବ ଅସ୍ତ୍ରଶସ୍ତ୍ର ଦୌଡରେ ଲାଗିଯାଇଥିଲେ ତଥା ସେମାନେ ବିଶାଳ ସ୍ଥଳ ଓ ଜଳସେନା ଗଠନ କରିନେଲେ । ସୈନ୍ୟବାଦ ବୈଦେଶିକ ନୀତିର ମୁଖ୍ୟ ବିଷୟ ହୋଇଗଲା । ଆଭ୍ୟନ୍ତରିଣ ନୀତିଗୁଡିକର ଲକ୍ଷ୍ୟ ନିଜ ନାଗରିକମାନଙ୍କର କଲ୍ୟାଣ କରିବା ପରିବର୍ତ୍ତେ ନିଜ ନିଜର ସୈନ୍ୟଶକ୍ତି ତଥା ସାମର୍ଥ୍ୟକୁ ବୃଦ୍ଧି କରିବା ଜନ ସଂଚାରକୁ ଏଥିରେ ମୁଖ୍ୟ ସାଧନ କରାଗଲା । ସମାଚାର ପତ୍ରଗୁଡିକ ଆକ୍ରାମକ ରାଷ୍ଟ୍ରବାଦର ପ୍ରଚାର କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ।

୧୯୦୧ରେ ଅପେକ୍ଷାକୃତ କିଛିଲୋକଙ୍କୁ କେଉଁଠି କେଉଁଠି ଭୋଟପ୍ରଦାନର ଅନୁମତି ଦିଆଗଲା ଓ ମହିଳାମାନଙ୍କୁ ବ୍ୟବାହାରିକ ଭାବରେ କେଉଁଠିହେଲେ ଭୋଟପ୍ରଦାନ କରିବାର ଅନୁମତି ନଥିଲା । ଅଧିକାଂଶ ନାଗରିକମାନଙ୍କର ନିଜ ସରକାର ଦ୍ୱାରା ପ୍ରସ୍ତୁତ ନୀତିରେ ଉଚିତ ପ୍ରଭାବଶାଳୀ ଥିଲେ । ସରକାରଗୁଡି ପୁଞ୍ଜିପତି ଭୂମ୍ୟାଧିକାରୀମାନଙ୍କ ହିତ ପାଇଁ ଧ୍ୟାନ ରଖୁଥିଲେ ଏବଂ ସେମାନଙ୍କ ପ୍ରଭାବରେ ସରକାରମାନେ ନିଜ ନିଜର ନିୟନ୍ତ୍ରଣାଧୀନ କ୍ଷେତ୍ରରେ ବୃଦ୍ଧି କରିବାପାଇଁ ପରସ୍ପର ମଧ୍ୟରେ ପ୍ରତଯୋଗିତା କରୁଥିଲେ । ଏହି ପ୍ରତିଯୋଗିତାରେ ସାଧାରଣ ଜନତାର ଭାଗୀଦାରୀ କମ ଥିଲା । ପୁଣି ଯୁଦ୍ଧ ପ୍ରାରମ୍ଭ ହେବାପରେ ଲୋକମାନେ ନିଜ ନିଜ ରାଷ୍ଟ୍ରର ସହାୟତା ପାଇଁ ଆଗେଇ ଆସୁଥିଲେ ।

ଲୋକମାନେ ଆଧୁନିକ ଯୁଦ୍ଧର ବିଭୀଷିକାକୁ ଏପର୍ଯ୍ୟନ୍ତ ବୁଝିପାରି ନଥିଲେ । ଏହି ଯୁଦ୍ଧର ପ୍ରଭାବ ଥିଲା ଯେ ଲୋକମାନେ ଏହି ଯୁଦ୍ଧ ଉପରେ ପୁନର୍ବିଚାର କରି ତଥା ଶାନ୍ତି ପାଇଁ ଇଚ୍ଛା କରିବା ପ୍ରାରମ୍ଭ କରିଥିଲେ ।

## ୨୩.୩ ଯୁଦ୍ଧର ପ୍ରକ୍ରିଆ :

ଆମେ ଯୁଦ୍ଧର ଗତି ଅଥବା ମୁଖ୍ୟ ଅଭିଯାନକୁ ବିସ୍ତୃତ ଭାବରେ ଚର୍ଚ୍ଚା କରିବୁନାହିଁ । କିନ୍ତୁ ତୁମେ ଏହା ଜାଣିବା ଉଚିତ ଯେ ସର୍ବିଆରେ ହୋଇଥିବା ହତ୍ୟାକୁ ଅଷ୍ଟ୍ରିଆ ଯୁଦ୍ଧର କାରଣ ବୋଲି ବିବେଚନା କଲା ଏବଂ ସେ ଏହାର ପ୍ରତିଶୋଧ ନେବାପାଇଁ ନିର୍ଣ୍ଣୟ ନେବାପରେ ତା'ର ତ୍ରିପକ୍ଷୀୟ ସହଯୋଗୀ ରାଷ୍ଟ୍ର ଜର୍ମାନୀ ଏବଂ ଇଟାଲୀ ନିଜ ପକ୍ଷରେ ଆସିଗଲେ ତଥା ଅନ୍ୟଶକ୍ତିମାନେ (ବ୍ରିଟେନ, ଫ୍ରାନ୍ସ ଏବଂ ଋଷ) ବିରୋଧୀ ପକ୍ଷରେ ରହିଲେ ।

ଟିପ୍ପଣୀ

ଜର୍ମାନୀ ଫ୍ରାନ୍ସ ବିପକ୍ଷରେ ସୈନ୍ୟ ପ୍ରେରଣ କଲା ତଥା ଏପରି ପ୍ରତୀତ ହେଲା ଯେ, ଜର୍ମାନୀକୁ ସଫଳତା ପ୍ରାପ୍ତ ହେଉଅଛି, ସେତେବେଳେ ଋଷ ପୂର୍ବପଟୁ ଜର୍ମାନୀ ଓ ଅଷ୍ଟ୍ରିଆ ଉପରେ ଆକ୍ରମଣ କଲା । ଯୁଦ୍ଧ ଦୀର୍ଘଦିନ ଧରି ଚାଲିଲା ଏବଂ ଏହା ଅଧିକ ଜଟିଳ ହୋଇଗଲା । ସ୍ଥଳ ଭାଗରେ, ଖାଇ ମଧ୍ୟରେ ଯୁଦ୍ଧ ଲଗାତର ଭାବରେ ଚାରିବର୍ଷ ପର୍ଯ୍ୟନ୍ତ ଚାଲିଲା, କାରଣ ଦୁଇପକ୍ଷ ବରାବର ଥିଲେ । ଖାଇ ଖୋଳିବାପାଇଁ ଉପନିବେଶ ଗୁଡିକର ଶ୍ରମିକମାନଙ୍କୁ ଉପଯୋଗ କରାଗଲା । ତତପଶ୍ଚାତ ଏହି ଯୁଦ୍ଧ ଏସିଆ ଏବଂ ଆଫ୍ରିକାକୁ କ୍ଷେତ୍ରରେ ବ୍ୟାପିଗଲା ।

ଏହି ଯୁଦ୍ଧରେ ପ୍ରୌଦ୍ୟୋଗିକୀର ଉପଯୋଗର ଅର୍ଥ ଥିଲା, ସମସ୍ତ ରାଷ୍ଟ୍ରର ଅଧିକରୁ ଅଧିକ ଲୋକ ମୃତାହତ ହେବା, ଉଦାହରଣ ସ୍ୱରୂପ ସୋମୀ ଯୁଦ୍ଧର ପ୍ରଥମ ଦିନରେ ପ୍ରାୟ ୬୦,୦୦୦ ବ୍ରିଟିଶ ସୈନିକ ମୃତାହତ ହୋଇଥିଲେ ।

ଏହି ଯୁଦ୍ଧର ପ୍ରକ୍ରିୟା ସମୟରେ ଇଟାଲୀ ପକ୍ଷ ବଦଳାଇ ଦେଲା । ଅପ୍ରେଲ ୧୯୧୭ରେ ଆମେରିକା ମଧ୍ୟ ଜର୍ମାନୀ ବିପକ୍ଷରେ ଯୁଦ୍ଧ ଘୋଷଣା କଲା । ଏହି ସ୍ଥିତିରେ ଋଷ ସାମ୍ରାଜ୍ୟର କ୍ରାନ୍ତିକାରୀ ଆନ୍ଦୋଳନ ନିର୍ଣ୍ଣାୟକ ଘଟଣା ଥିଲା ।

ଅକ୍ଟୋବର ୧୯୧୭ରେ ଋଷ କ୍ରାନ୍ତି ସଫଳ ହେଲା ଏବଂ ଯେତେବେଳେ ଏଠାରେ କମ୍ୟୁନିଷ୍ଟ କ୍ଷମତାକୁ ଆସିଲା, ସେତେବେଳେ ଋଷ ଯୁଦ୍ଧରୁ ଓହରି ଗଲା । ସେ ୧୯୧୮ରେ ଜର୍ମାନୀ ସହିତ ଏକ ଶାନ୍ତି ସନ୍ଧିରେ ହସ୍ତାକ୍ଷର କଲା । ଏହି ସନ୍ଧି ଋଷ ପାଇଁ ବହୁତ ଅପ୍ରିୟ ଥିଲା, ମାତ୍ର ଋଷରେ ଲେଲିନ ନେତୃତ୍ୱରେ ନୂତନ ସରକାର ଏଥିରେ ସହମତ ଥିଲା, କାରଣ ସେମାନେ ଆରମ୍ଭରୁ ଯୁଦ୍ଧକୁ ବିରୋଧ କରି ଆସୁଥିଲେ ।

ଏହି ଜଟିଳ ପରିସ୍ଥିତିରେ କେବଳ ଜର୍ମାନୀପାଇଁ ନଥିଲା, ପରନ୍ତୁ ବ୍ରିଟେନ ଏବଂ ଫ୍ରନ୍ସ ପାଇଁ ମଧ୍ୟ ଥିଲା, କାରଣ ସେମାନେ ମୌଳିକ ରୂପରେ ସାମ୍ୟବାଦର ବିରୋଧୀ ଥିଲେ ।

ଅତଏବ, ୧୯୧୮ ପ୍ରାରମ୍ଭରୁ ଯୁଦ୍ଧର ଗତି ବଦଳିଗଲା ଏବଂ ଜର୍ମାନ ସୈନିକମାନେ ପଛଘୁଞ୍ଚା ଦେବା ଆରମ୍ଭ କଲେ, ସେତେବେଳେ ବ୍ରିଟିଶ ତଥା ଫ୍ରନ୍ସ ଶାନ୍ତି ପାଇଁ ସହମତ ହୋଇଗଲେ । ଜର୍ମାନୀର ଶ୍ରମିକମାନେ ଏପରି କ୍ରାନ୍ତିର ଧମକ ଦେଲେ, ଯେପରି ଋଷର ଶ୍ରମିକମାନେ କରିଥିଲେ । ନଭେମ୍ବର ୧୯୧୮ରେ ଯୁଦ୍ଧ ବିରାମ ଚୁକ୍ତି ଲାଗୁ ହୋଇଗଲା ଏବଂ ତା ପୂର୍ବରୁ ସମସ୍ତ ଶକ୍ତି ମିଶି ଋଷର କ୍ରାନ୍ତିକୁ ଅସଫଳ କରିବାପାଇଁ ନିଜର ଶକ୍ତି ଲଗାଇ ଦେଲେ । ଏ ବିଷୟରେ ତୁମେ ଆଗାମୀ ଭାଗରେ ଅଧିକ କିଛି ଜାଣିପାରିବ ।

## ପାଠଗତ ପ୍ରଶ୍ନ ୨୩.୧

୧. ପ୍ରଥମ ବିଶ୍ୱଯୁଦ୍ଧରେ କ'ଣ କ'ଣ ନୂତନ ଅସ୍ତ୍ର ଉପଯୋଗ ପାଇଁ ଅଣାଯାଇଥିଲା ?

..........................................................................................

୨. ୧୯୧୪ ପର୍ଯ୍ୟନ୍ତ ଦୁଇଟି ମୁଖ୍ୟ ଆନ୍ତର୍ଜାତୀୟ ସହଯୋଗର ନାମ ପ୍ରଦାନ କର ।

..........................................................................................

୩. ପ୍ରଥମ ବିଶ୍ୱଯୁଦ୍ଧରେ କେତେ ଲୋକ ପ୍ରଭାବିତ ହୋଇଥିଲେ ?

..........................................................................................



ଟିପ୍ପଣୀ

୪. ପ୍ରଥମ ବିଶ୍ୱଯୁଦ୍ଧରେ ଭାରତୀୟ ସୈନିକମାନେ କାହା ସପକ୍ଷରେ ଯୁଦ୍ଧ କରିଥିଲେ ?

..........................................................................................

## ୨୩.୪ ଋଷ ବିପ୍ଲବ ୧୯୧୭

ଏହି ଯୁଦ୍ଧର ସମାପ୍ତି ହେବା ପୂର୍ବରୁ ୧୯୧୭ରେ ଋଷ କ୍ରାନ୍ତି ଆସିଥିଲା । ଏହା ବୋଲସେଭିକ କ୍ରାନ୍ତି ରୂପେ ପରିଚିତ ହୋଇଥିଲା, କାରଣ ରାଜନୈତିକ ସମୂହ ଭାବରେ ବୋଲସେଭିକମାନେ ଏହି କ୍ରାନ୍ତିକୁ ସଫଳ କଲେ ଓ ଏହାର ନୀତିଗୁଡିକ ମଧ୍ୟ ନିର୍ଦ୍ଧାରିତ କରିବାପାଇଁ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ।

ଏହା ଇତିହାସରେ ପ୍ରଥମ ସମାଜବାଦୀ ଆନ୍ଦୋଳନ ଥିଲା ଏବଂ ଏହା ସାମ୍ୟବାଦ ଆଦର୍ଶରେ ପ୍ରେରିତ ଥିଲା । ତୁମେ ପୂର୍ବ ପାଠରେ ଏହା ପଢ଼ି ସାରିଛ ଯେ ସାମ୍ୟବାଦ କିପରି ପୁଞ୍ଜିବାଦ ତୁଳନାରେ ଅଧିକ ସମାନତା ଏବଂ ସାମାଜିକ ନ୍ୟାୟ ପ୍ରଦାନ କରେ । ଏହି କ୍ରାନ୍ତି, ଶ୍ରମିକ ଶ୍ରେଣୀ ଏବଂ କୃଷକମାନଙ୍କର ଆନ୍ଦୋଳନର ପରିଣାମ ସ୍ୱରୂପ ହୋଇଥିଲା ।

୧୯୧୭ ବେଳକୁ ଋଷିଆର ସାମ୍ରାଜ୍ୟ ଉଭୟ ଦୀର୍ଘ ଦିନ ଧରି ଯୁଦ୍ଧ ଏବଂ ରାଜନୈତିକ ଓ ସାମାଜିକ ଆନ୍ଦୋଳନ ପରିଣାମରୁ ମାନସିକ ଚାପରେ ଥିଲା । ଫେବୃଆରୀ ୧୯୧୭ ପର୍ଯ୍ୟନ୍ତ ଋଷ ଏକ ବହୁରାଷ୍ଟ୍ରବାଦୀ ସାମ୍ରାଜ୍ୟ ଥିଲା । ଗୋଟିଏ ସ୍ୱେଚ୍ଛାଚାରୀ ଦ୍ୱାରା ଶାସିକ ହେଉଥିଲା ଏବଂ ସେ ଜାର ଭାବରେ ପରିଚିତ ଥିଲେ । ଏହାର ବିଶାଳ ସାମ୍ରାଜ୍ୟ ସେ ଏବଂ ଇଉରୋପର ପୂର୍ବ ଭାଗ ସହିତ ମଧ୍ୟ ଏସିଆର ବିସ୍ତୀର୍ଣ୍ଣ ଅଞ୍ଚଳ ଯୋଡିହୋଇଥିଲା । ସେଠାରେ କୌଣସି ପ୍ରତିନିଧିମୂଳକ ସଂସ୍ଥା ନଥିଲା, ରାଜନୈତିକ କିମ୍ବା ଟ୍ରେଡ଼ ୟୁନିୟନ ଗଠନ କରିବାର ଅଧିକାର ନଥିଲା ଓ ନିର୍ବାଚନ ପ୍ରଣାଳୀ ନଥିଲା । ସେଠାରେ ସମ୍ବାଦପତ୍ରର ସ୍ୱାଧୀନତା ନଥିଲା ତଥା ଲୋକମାନଙ୍କୁ ମନମୁଖୀ ଭାବରେ ବନ୍ଦୀ କରିନିଆଯାଉଥିଲା । ଏଠାରେ କୌଣସି ଧାର୍ମିକ ସହିଷ୍ଣୁତା ନଥିଲା । ଏହି ସାମ୍ରାଜ୍ୟରେ ଅନ୍ୟ ଦେଶର ଲୋକ ଏବଂ ଅଳ୍ପସଂଖ୍ୟକଙ୍କୁ ଋଷ ଦେଶର ସମସ୍ତ ନାଗରିକଙ୍କୁ ଅଧିକାର ଦିଆଯାଇ ନଥିଲା, କାରଣ ଜାର ନିକୋଲାସ ଦ୍ୱିତୀୟ ଋଷିଆର ରୋମାନଭ ବଂଶର ଥିଲେ । ଜାର ଇଉରୋପର ସମସ୍ତ ପ୍ରଜାତାନ୍ତ୍ରିକ ଆନ୍ଦୋଳନର ବିରୁଦ୍ଧରେ ନିଜର ସୈନ୍ୟ ଓ କୁଟନୈତିକ ଶକ୍ତିର ଉପଯୋଗ କରିଥିଲେ । ଏଥିପାଇଁ ଏହା ୟୁରୋପର ପ୍ରହରୀ ଭାବରେ ପରିଚିତ ଥିଲେ । ୧୯ମ ଶତାବ୍ଦିର ଉତ୍ତରାର୍ଦ୍ଧ ଏବଂ ବିଂଶ ଶତାବ୍ଦୀର ପୂର୍ବାର୍ଦ୍ଧରେ ପଶ୍ଚିମ ଇଉରୋପ ତୁଳନାରେ ଏହି ପରିସ୍ଥିତି ବହୁତ କଷ୍ଟକର ବା ଭିନ୍ନ ଥିଲା ।

## ୨୩.୫ ପ୍ରାଚୀନ ଓ ନୂତନ

ଯଦିଚ ରାଜନୈତିକ ପ୍ରଣାଳୀ ନିରୁଙ୍କଶ ଏବଂ ଏକଛତ୍ର ଶାସିତ ହୋଇଥିଲା ତଥାପି ଅର୍ଥବ୍ୟବସ୍ଥା ଓ ସମାଜ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖା ହୋଇଥିଲା । ଯେଉଁଥିରୁ ନୂତନ ଆକାଙ୍କ୍ଷାଂ ସୃଷ୍ଟି ହୋଇଥିଲା । ନୂତନ ବିଚାର ବିକଶିତ ହେଲା ତଥା ସମାଜର ଅଧିକାଂଶ ବର୍ଗ ଜାରଙ୍କର ଅତ୍ୟାଚାରୀ ଶାସନରେ ଅସନ୍ତୁଷ୍ଟ ଥିଲେ । କାରଣ ତାଙ୍କ ପାଖରେ କୌଣସି ସଂସଦୀୟ ପ୍ରଣାଳୀ ଅଥବା ନିର୍ବାଚନ କାର୍ଯ୍ୟକ୍ରମ ନଥିଲା, ଯାହା ମାଧ୍ୟମରେ ରାଜାଙ୍କର ନୀତିଗୁଡିକ ପ୍ରତି ନିଜର ବିରୋଧ ବ୍ୟକ୍ତ କରିପାରିବେ, ତେଣୁ ଏଥିପାଇଁ ସେମାନଙ୍କୁ କ୍ରାନ୍ତିର ମାର୍ଗ ଆପଣେଇବାପାଇଁ ପଡିଥିଲା । ନିଜକୁ ପ୍ରଭାବିତ କରିଥିବା



ଟିପ୍ପଣୀ

ସମାଜ ଓ ଉପରେ ନିଜର ବକ୍ତବ୍ୟ ପ୍ରଦାନ ପାଇଁ ସେମାନଙ୍କ ସ୍ୱେଚ୍ଛାଚାରୀ ଶାସନକୁ ସମାପ୍ତ କରିବାକୁ ପଡିଥିଲା । ୟୁରୋପରେ ଅନ୍ୟ ଦେଶ ଏବଂ ଋଷ ସାମ୍ରାଜ୍ୟରେ ଏହାହିଁ ମୁଖ୍ୟ ଅନ୍ତର ଥିଲା ।

## କୃଷି ତଥା କୃଷକ ଅସନ୍ତୋଷ :

କୃଷକମାନେ ମଧ ଅତ୍ୟଧିକ ଅସନ୍ତୁଷ୍ଟ ଥିଲେ । ପଶ୍ଚିମ ଏବଂ କେନ୍ଦ୍ର ଇଉରୋପ ଭଳି ଋଷ ସାମ୍ରାଜ୍ୟରେ ମଧ ପରବର୍ତ୍ତୀ ସମୟରେ ୧୮୬୧ ବେଳକୁ କୃଷି ଭୃତ୍ୟମାନେ ମୁକ୍ତି ପାଇଥିଲେ । ଏପରି ଜମିଜମା ସଂସ୍କାର ସତ୍ତ୍ୱେ ଭୂ-ଅଭିଜାତ ବର୍ଗ କ୍ଷମତାଶାଳୀ ହୋଇରହିଲେ ତଥା ସେମାନେ କୃଷକଙ୍କୁ ଦମନ କରିବା ଜାରି ରଖିଥିଲେ । ସେତେବେଳେ କୃଷକମାନଙ୍କ ପାଖରେ ଅପର୍ଯ୍ୟାପ୍ତ ଜମି ନଥିଲା, ଏପରି କୃଷକମାନେ ଜନ ସମୁଦାୟର ୮୦ ଭାଗ ଥିଲେ ମାତ୍ର ସମୁଦାୟ ଭୂମିର ୫୦ଭାଗ ସେମାନଙ୍କ ପାଖରେ ଥିଲା । ସେଥିପାଇଁ ଜମି ପାଇଁ ଦାବି ଜାର୍‌ଙ୍କ ବିରୁଦ୍ଧରେ କ୍ରୋଧର ମୁଖ୍ୟ କାରଣ ଥିଲା ସେମାନେ ଭାବୁଥିଲେ ଯେ ଏପରି ଏକ ଅସମ୍ପୂର୍ଣ୍ଣ ଭୂ-ସଂସ୍କାରକୁ ମାଧ୍ୟମରେ ଜାଲ ଲୋକମାନଙ୍ଗଅକୁ ନିଷ୍ପେଶିତ କରୁଛନ୍ତି ।

ଏହାବ୍ୟତୀତ ମୁକ୍ତି ପାଇଥିବା କୃଷକମାନେ ମଧ ଜମି ଏବଂ ମୁକ୍ତିପାଇଁ ସେମାନଙ୍କୁ ଭାରି ମୂଲ୍ୟ ଦେବାକୁ ପଡିଥିଲା କାରଣ ଜାର୍ ଭୁମି ଅଧିକାରିମାନଙ୍କୁ ଅତ୍ୟଧିକ ଅନୁକମ୍ପା ପ୍ରଦାନକରି ସେମାନଙ୍କର ସଦ୍‌ଭାବନା ଏବଂ ସମର୍ଥନ ଲାଭ କରିବାପାଇଁ ଆଗ୍ରହୀ ଥିଲେ । କୃଷକମାନେ କ୍ରମାଗତ ଭାବରେ ଋଣଗ୍ରସ୍ତ ଥିବାରୁ ସେମାନଙ୍କୁ ବହୁତ ମୂଲ୍ୟ ଦେବାକୁ ପଡୁଥିଲା ଏବଂ ଜମିଦାରମାନଙ୍କ ପାଇଁ କମ୍ ମଜୁରୀରେ କାମ କରିବାକୁ ବାଧ ହେଉଥିଲେ । କୃଷକମାନେ ମଧ ଅଧିକ କର ଭାରରେ ବୁଡି ଯାଇଥିଲେ ।

କୃଷି ଅନେକ ପଛୁଆ ଥିଲା କାରଣ କୃଷକମାନେ ସେମାନଙ୍କ ଜମିର ଉନ୍ନତି କରିବାପାଇଁ ସେମାନଙ୍କ ପାଖରେ ପ୍ରଚୁର ଅର୍ଥ ନଥିଲା ଏବଂ ଜମିଦାରମାନେ ଭାବିଲେ, ଯେତେବେଳେ କୃଷକମାନେ ଶସ୍ତାରେ ଶ୍ରମପ୍ରଦାନ କରୁଛନ୍ତି, କାହିଁକି ଯନ୍ତ୍ର କିଣିବେ ?

କୃଷକମାନଙ୍କର ସମସ୍ତ ସ୍ୱାର୍ଥ ବିଷୟରେ ସ୍ୱେଚ୍ଛାଚାରୀ ଶାସକ ଜମିଦାରଙ୍କ ପକ୍ଷନେଲେ ଏବଂ କୃଷକ ଆନ୍ଦୋଳନକୁ ଦମନ କରିବାପାଇଁ ସୈନ୍ୟ ପ୍ରେରଣ କଲେ । ଯେହେତୁ କୃଷି ଋଷିଆର ମୁଖ୍ୟ ଅର୍ଥନୀତି ଥିଲା ଏବଂ କୃଷକମାନେ ଅଧିକ ସଂଖ୍ୟକ ଥିଲେ, କୃଷିରେ ପଛୁଆ ଏବଂ କୃଷକ ଅସନ୍ତୁଷ୍ଟ ବିପ୍ଳବର ପ୍ରମୁଖ କାରଣ ପ୍ରତିତ ହେଲା । ଉନବିଂଶ ଶତାବ୍ଦୀରେ ନିରନ୍ତର ଭାବରେ କୃଷକ ଆନ୍ଦୋଳନ ଦେଖାଦେଲା ଏବଂ ବିଂଶ ଶତାବ୍ଦିରେ ସେମାନେ ସାଧାରଣ ବୈପ୍ଳବିକ ଆନ୍ଦୋଳନର ଏକ ଉପାଦାନ ହୋଇଗଲେ ।

## ୨୩.୭ ଔଦ୍ୟୋଗିକରଣ ଏବଂ ଶ୍ରମିକ ଅସନ୍ତୋଷ :

ଋଷ ସାମ୍ରାଜ୍ୟରେ ଶ୍ରମିକ ଆନ୍ଦୋଳନ ୟୁରୋପରେ ଯେକୌଣସି ସ୍ଥାନରେ ହୋଇଥିବା ଆନ୍ଦୋଳନ ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଅତ୍ୟଧିକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏହା ଔଦୋଗୀକରଣର ସ୍ୱରୂପ ତଥା ଋଷ ସାମ୍ରାଜ୍ୟର ରାଜନୈତିକ ଅବସ୍ଥା ସହିତ ଜଡିତ ଥିଲା । ପଶ୍ଚିମ ୟୁରୋପ ତୁଳନାରେ ଋଷିଆରେ ଔଦ୍ୟୋଗିକରଣ ବିଳମ୍ବରେ ଆସିଥିଲା ମାତ୍ର ଏହା ଖୁବ୍ ତୀବ୍ର ଥିଲା । ଏହାର ଅର୍ଥ ଥିଲା ଯେ ଏଠାରେ ଔଦ୍ୟୋଗିକିକରଣର ପ୍ରାରମ୍ଭିକ ଅବସ୍ଥାରେ ଅଧିକ ସଂଖ୍ୟକ ଶ୍ରମିକଥିବା ବିଶାଳ କାରଖାନା ମାନ ଥିଲା । ଏଠାରେ ଶ୍ରମିକ ବର୍ଗମାନଙ୍କର ଆନ୍ଦୋଳନ ପଶ୍ଚିମ ୟୁରୋପୀୟ ଦେଶମାନଙ୍କ



ଟିପ୍ପଣୀ

ତୁଳନାରେ ଏଠାରେ ତୀବ୍ର ବେଗରେ ବିକଶିତ ହେଉଥିଲା ଏବଂ ପୁଞ୍ଜିବାଦୀମାନେ ଶ୍ରମିକବର୍ଗର ଆନ୍ଦୋଳନ ଦୃଢ଼ ହେବା ପୂର୍ବରୁ ସେମାନଙ୍କର ଶକ୍ତିକୁ ସୁଦୃଢ଼ କରିବାକୁ ସମର୍ଥ ହୋଇପାରିନଥିଲେ । ଊନବିଂଶ ଶତାବ୍ଦିର ଶେଷ ଦଶକରେ ଅନେକ ଆନ୍ଦୋଳନ ଘଟିଗଲା ଏବଂ ୧୯୦୫ବେଳକୁ ଶ୍ରମିକମାନେ ବୈପ୍ଳବିକ ଆନ୍ଦୋଳନରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ରୁଷ ସାମ୍ରାଜ୍ୟରେ ଶ୍ରମିକ ଆନ୍ଦୋଳନ ଅନ୍ୟ ଦେଶ ତୁଳନାରେ ଅଧିକ ଉଗ୍ରବାଦୀ ତଥା ରାଜନୈତିକ ଥିଲା ଏବଂ ଏହା ଅଭିଜାତ ବର୍ଗର ବିରୁଦ୍ଧରେ ଥିଲା, ଯେଉଁମାନେକି ଶ୍ରମିକ ସଂଗଠନ ଗଢ଼ିବାକୁ ଅନୁମତି ଦେଉନଥିଲେ ଏବଂ ନିଯୁକ୍ତିଦାତାଙ୍କ ପକ୍ଷ ନେଇଥିଲେ ତେଣୁ ଏହି ଶ୍ରମିକ ଆନ୍ଦୋଳନ ସେହି ନିଯୁକ୍ତିଦାତାଙ୍କ ବିରୁଦ୍ଧ ଥିଲା, ଯେଉଁମାନେ କାରଖାନାର ମାଲିକ ଥିଲେ ଏବଂ ଶ୍ରମିକମାନଙ୍କୁ ନ୍ୟୁନତମ ମଜୁରୀଦେବା ସହିତ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରାଯାଉଥିଲା । ସେମାନଙ୍କର ଆନ୍ଦୋଳନ ମଧ୍ୟ ଅନ୍ୟ ରାଷ୍ଟ୍ର ଅପେକ୍ଷା ସାମ୍ୟବାଦ ଆଡକୁ ଅଧିକ ଉନ୍ମୁକ୍ତ ଥିଲା । ବିଂଶ ଶତାବ୍ଦିର ପ୍ରଥମ ଦଶକ ବେଳକୁ ମହିଳା ଶ୍ରମିକବର୍ଗ ଏବଂ ଶ୍ରମିକ ସଂଗଠନମାନଙ୍କରେ ଏକ ଆଖି ଦୃଷ୍ଟି ଆସ୍ଥାନ ହାସଲ କରିଥିଲେ । ଏହାର ପରିଣାମସ୍ୱରୂପ ଶ୍ରମିକମାନଙ୍କର ଅଧିକାର ଏବଂ ମହିଳାମାନଙ୍କର ସମାନତା ଅଧିକାର ବିଷୟଗୁଡିକର ଚର୍ଚ୍ଚାରେ ସେମାନଙ୍କ ବିଭିନ୍ନ ସମସ୍ୟାଗୁଡିକ ପ୍ରତିବିମ୍ବିତ ହେବା ଆରମ୍ଭ ହୋଇଯାଇଥିଲା । ମହିଳା ଶ୍ରମିକମାନେ ଅଧିକ ସଂଖ୍ୟାରେ ଶ୍ରମିକବର୍ଗ ଆନ୍ଦୋଳନରେ ଯୋଗଦାନ କରିଥିଲେ ।

## ୨୩.୮ ଜାତୀୟତାବାଦୀମାନଙ୍କ ମଧ୍ୟରେ ଅସନ୍ତୋଷ

ଋଷ ରୋମାନଭ ରାଜବଂଶ ଏବଂ ଅନ୍ୟାନ୍ୟ ଜାତୀୟତା ଅଞ୍ଚଳ ମଧ୍ୟରେ ସମ୍ପର୍କ ସମ୍ପୂର୍ଣ୍ଣ ଭାବରେ ଔପନିବେଶିକ ପ୍ରକୃତିର ଥିଲା । ସେହି ଅଞ୍ଚଳ ଗୁଡିକର କଞ୍ଚାମାଲ ଋଷ ଅଞ୍ଚଳର ଶିଳ୍ପର ଉନ୍ନତିପାଇଁ ବ୍ୟବହୃତ ହେଉଥିଲା । ତୁମର ସ୍ମରଣ ଥାଇପାରେ ଯେ ଏପରି କିଛି ଭାରତ ତଥା ବ୍ରିଟିଶ ଉପନିବେଶମାନଙ୍କରେ ଘଟିଥିଲା । କାକେଶିୟାନ, ପୋଲ, କଜାଖ, ଲାଟବିୟାନ, ଏଷ୍ଟୋନିୟାନ ଭଳି ଗୋଷ୍ଠୀଗୁଡିକ ଏବଂ ଋଷର ଏକଛତ୍ରବାଦକୁ ମୂଳପ୍ରାଟନ ପାଇଁମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

## ୨୩.୯ ନେତୃତ୍ୱ ତଥା ଦୂରଦୃଷ୍ଟି :

କ୍ରାନ୍ତିକାରୀ ଆନ୍ଦୋଳନକୁ ସଫଳ କରିବାପାଇଁ ସମର୍ପିତ ନେତୃତ୍ୱ ଏକାନ୍ତ ଆବଶ୍ୟକ ଅଟେ । ନିଶ୍ଚିତ ଆଦର୍ଶଦ୍ୱାରା ଏହାର ମାର୍ଗଦର୍ଶନ କରାଯିବା ଆବଶ୍ୟକ ଓ ପରିବର୍ତ୍ତନର ଏକ କାର୍ଯ୍ୟକ୍ରମ ହେବା ଆବଶ୍ୟକ । ଅନ୍ୟ ଭାଷାରେ ଲୋକମାନେ ସାଧାରଣ ଭାବରେ କିଛି ଧ୍ୱଂସ କରିବାକୁ ପ୍ରୟାସ ନକରି, ସେମାନଙ୍କର ଏକ ବିଚାର ହେବା ଆବଶ୍ୟକ ସେ ସ୍ଥାନରେ ସେମାନେ କଣ ନିର୍ମାଣ କରିବାକୁ ଚାହୁଁଛନ୍ତି ଏବଂ କିପରି ପରିବର୍ତ୍ତନ ଆଣିବା ପାଇଁ ହେବ । ସେମାନଙ୍କର ଆନ୍ଦୋଳନକୁ ଆଗେଇ ନେବାପାଇଁ ସଂଗଠନ ଗଢ଼ିବାପାଇଁ ସକ୍ଷମ ହେବା ଉଚିତ୍ ।

ଅନେକ ରାଜନୈତିକ ସଂଗଠନ ବିଂଶ ଶତାବ୍ଦିର ପ୍ରଥମ ଭାଗ ମଧ୍ୟରେ ସକ୍ରିୟ ଥିଲେ ମାତ୍ର ସେଗୁଡିକ ଆଇନ ସମ୍ମତ ନଥିଲା ଏବଂ ସେଗୁଡ଼ିକ ଗୁପ୍ତ ଭାବରେ କାର୍ଯ୍ୟ କରୁଥିଲେ ତଥା ସେମାନେ ଯଦି ବାହାରକୁ ଆସୁଥିଲେ ସେମାନଙ୍କୁ ଜାରଙ୍କର ପୋଲିସ ଦ୍ୱାରା କୋଠର ଦଣ୍ଡରେ ଦମନ କରାଯାଉଥିଲା । ତଥାପି ସେମାନେ ରାଜନୈତିକ ଶିକ୍ଷା, ରାଜନୈତିକ ପ୍ରଚାର ଏବଂ ଆନ୍ଦୋଳନ ମାଧ୍ୟମରେ ଲୋକମାନଙ୍କ ମନରେ ବିଶେଷ ଭାବରେ ଶ୍ରମିକ ଏବଂ କୃଷକଙ୍କ ମଧ୍ୟରେ ଚେତନା ସୃଷ୍ଟି କରିବାପାଇଁ

ଟିପ୍ପଣୀ

ବିରତପୂର୍ଣ୍ଣ ଓ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଉକ୍ତ ଆଧାରରେ ସମାଜର ସମସ୍ତବର୍ଗର ଶ୍ରମିକ, କୃଷକ ଏବଂ ସୈନିକ, ବିଦ୍ୟାର୍ଥି ଏବଂ ଅଧ୍ୟାପକ ଓ ସମସ୍ତ ପ୍ରକାରର କର୍ମଚାରୀ ଏବଂ ମହିଳାମାନଙ୍କ ଲକ୍ଷ ଲକ୍ଷ ସଂଗଠନ ଗଢ଼ି ଉଠିଥିଲା । ଏଗୁଡିକ ମଧ୍ୟରୁ କେତେକ ରାଜନୈତିକ ଦଳ ସହିତ ଘନିଷ୍ଠ ସମ୍ବନ୍ଧ ରଖିଥିଲେ ଏବଂ ଏହି ରାଜନୈତିକ ଚର୍ଚ୍ଚା ଓ ବିଚାର ପାଇଁ ପ୍ରତିକ୍ରିୟାଶୀଳ ଥିଲେ ।

ସନ ୧୯୧୭ ବେଳକୁ ମହିଳା ସଂଗଠନ ଶ୍ରମିକ ସଂଗଠନ ଭଳି ମହିଳା ସଂଗଠନଗୁଡିକ କର୍ମଜୀବି ମହିଳାମାନଙ୍କର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଥିଲେ । ତଥାପି ମହିଳାମାନଙ୍କର ଏହି ଦିଗକୁ ଧ୍ୟାନ ଆକୃଷ୍ଟ କରିବାପାଇଁ ଲଗାତାର ସଂଘର୍ଷ କରିବାକୁ ପଡିଲା । ଯଦିଚ ବହୁତ ସଂଖ୍ୟକ ମହିଳାମାନେ ଲୋକପ୍ରିୟ ଆନ୍ଦୋଳନରେ ଯୋଗଦାନ କରିଥିଲେ ମଧ୍ୟ ନେତୃତ୍ୱ ଗ୍ରହଣ କରିବାରେ ସେମାନଙ୍କ ସଂଖ୍ୟା ଅତି ନଗଣ୍ୟ ଥିଲା । ମହତ୍ୱପୂର୍ଣ୍ଣ ରାଜନୈତିକ ଦଳଗୁଡିକ ଲୋକପ୍ରିୟ (୧୯ଶ ଶତାବ୍ଦୀର ଶେଷରେ) ଏବଂ ସାମ୍ୟବାଦୀ, କ୍ରାନ୍ତିକାରୀ, ବିଭିନ୍ନ ପ୍ରକାରର ଉଦାରବାଦୀ ତଥା ସାମାଜିକ ଲୋକତନ୍ତ୍ରବାଦୀ (ମାର୍କ୍ସବାଦୀ) ଥିଲେ । ସାମାଜିକ ଲୋକତନ୍ତ୍ରବାଦୀମାନଙ୍କର ଦୁଇଟି ଦଳ ଥିଲା - ବୋଲସେଭିକ (ଅର୍ଥାତ୍ ଋଷରେ ବହୁମତବାଦୀ) ଓ ମେନସୋଭିକ (ଅର୍ଥାତ୍ ଅଳ୍ପସଂଖ୍ୟକ), ପରସ୍ପର ମଧ୍ୟରେ ମତଭେଦର ପରିଣାମ ସ୍ୱରୂପ ଅଲଗା ହୋଇଯିବା ପରେ ସେମାନଙ୍କର ଏହି ନାମ ହେଲା । ଏହି ଦଳଗୁଡ଼ିକ ମଧ୍ୟରେ ବିପ୍ଳବ ଆଣିବା ଏବଂ ଋଷି ସମାଜ ତଥା ରାଜନୈତିକ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସମ୍ବନ୍ଧରେ ବିଭିନ୍ନ ବିଚାରଧାରା ଥିଲା ।

ଲେନିନ ୧୯୧୭ର ଋଷ ବିପ୍ଳବର ସବୁଠାରୁ ଅଧିକ ମହତ୍ୱପୂର୍ଣ୍ଣ ନେତା ଥିଲେ । ଅନ୍ୟଜଣେ ହେଲେ ଟ୍ରଟସ୍କି । ଉଭୟ ବଲସେଭିକ୍ ଥିଲେ ସେ ଦୁଇଜଣ । ତଥାପି ଏହା କହିବା ଉଚିତ ହେବ ଯେ ଏଠାରେ ମଧ୍ୟ ହଜାର ହଜାର ପୁରୁଷ ଓ ମହିଳାମାନେ ମହତ୍ତ୍ୱପୂର୍ଣ୍ଣ ନେତା ଥିଲେ, ଯେପରି ଆମର ସ୍ୱତନ୍ତ୍ରତା ଆନ୍ଦୋଳନରେ ଥିଲେ । ସେମାନଙ୍କର ପ୍ରୟାସ, ବୀରତା ଓ ବଳିଦାନ ବ୍ୟତୀତ ବିପ୍ଳବ ସଫଳ ହୋଇ ପାରିନଥାନ୍ତା ।

## ୨୩.୧୦ ବିପ୍ଳବର ବିଭିନ୍ନ ଅବସ୍ଥା :

ଊନବିଂଶ ଶତାବ୍ଦିରେ ଋଷ ବୈପ୍ଳବିକ ଆନ୍ଦୋଳନର ପରିପ୍ରକାଶ ହେଲା, ଯେତେବେଳେ ଆଭିଜାତ୍ୟ ଶ୍ରେଣୀର କେତେକ ସଦସ୍ୟ ଅନୁଭବ କରିବାକୁ ଆରମ୍ଭ କଲେ ଯେ ଜାରଙ୍କ ଶାସନର ରାଜନୈତିକ ପ୍ରଣାଳୀ ଅତ୍ୟଧିକ ଉତ୍ପୀଡକ ଏବଂ ଋଷ ସମାଜ ଅତ୍ୟଧିକ ଅନ୍ୟାୟପୂର୍ଣ୍ଣ ଥିଲା । ସେମାନେ ବିଶେଷ ଭାବରେ କୃଷକମାନଙ୍କ ସମସ୍ୟା ବିଷୟରେ ଭାବୁଥିଲେ । ଋଷ କିପରି ପ୍ରଗତି କରିପାରିବ ଯଦି ଏହାର ଅଧିକାଂଶ ଲୋକ ଅତ୍ୟଧିକ ଦୁଃଖଦ ଅବସ୍ଥାରେ ରହିବେ ? ଆଭିଜାତ୍ୟ ଶ୍ରେଣୀର ଏହି ସଦସ୍ୟମାନେ ଏବଂ ନୂତନ ଭାବରେ ଉଦ୍‌ଭବ ମଧ୍ୟବିତ୍ତ ଶ୍ରେଣୀ ବୁଦ୍ଧିଜୀବୀ ଗୋଷ୍ଠୀ ସୃଷ୍ଟି କଲେ, ସେମାନେ ଋଷ ସମାଜ ଓ ରାଜନୈତିକ ବ୍ୟବସ୍ଥାଗୁଡିକୁ ସମାଲୋଚନା କଲେ ଏବଂ ଏହାର ରୂପାନ୍ତର ପାଇଁ କାର୍ଯ୍ୟ କଲେ । ସେମାନେ ଗୁପ୍ତ ସଂଗଠନ ଏବଂ କ୍ଷୁଦ୍ର ରାଜନୈତିକ ସଂଗଠନମାନ ଗଠନ କଲେ । ସେମାନେ ସମ୍ବାଦପତ୍ର ଉପରେ କଟକଣା ଏବଂ ରାଜନୈତିକ ଗତିବିଧି ଉପରେ ପ୍ରତିବଂଧ ଲଗାଇବା କାରଣରୁ ନିଜର ବିଚାରକୁ ପ୍ରଚାର ପ୍ରସାର କରି ଖୋଲାଖୋଲି ଭାବରେ ଆନ୍ଦୋଳନ ଅଥବା କାମ କରିପାରୁନଥିଲେ, ଏଥିପାଇଁ ସେମାନେ ସମର୍ପିତ ବିପ୍ଳବୀ ହୋଇଗଲେ । ସେମାନେ ସମ୍ବିଧାନ ଏବଂ ନିର୍ବାଚନ ପାଇଁ ଦାବି କଲେ । କେତେକ ମହିଳାମାନେ ସକ୍ରିୟକ୍ରାନ୍ତିକାରୀ ଥିଲେ । ଯେତେବେଳେ ସେମାନେ ଧରାପଡି ଯାଉଥିଲେ ସେମାନଙ୍କୁ କ୍ରୁରତା ସହିତ ଦଣ୍ଡ ଦିଆଯାଉଥିଲା ।





ଏହା ସତ୍ତ୍ୱେ ଆନ୍ଦୋଳନ ଆଗକୁ ବଢୁଥିଲା ।

ଯେପରି ଶ୍ରମିକ ଏବଂ କୃଷକ ନିଜ ଜୀବନରେ ଅନ୍ୟାୟ ପାଇଁ ଲଢ଼ିବା ହେତୁ ନିଶ୍ଚିତ ହୋଇଗଲେ ସେମାନେ ଅଭିଜାତ ବର୍ଗ ବିରୁଦ୍ଧରେ ମଧ୍ୟ ସଂଘର୍ଷ କରିବା ଆରମ୍ଭ କରିଦେଲେ । ସେମାନେ ଯେତେବେଳେ ବିପ୍ଳବୀମାନଙ୍କ ସଂସର୍ଗରେ ଆସିଲେ ଉଭୟ ଆନ୍ଦୋଳନ ପରିପକ୍ୱ ହୋଇଯାଇଥିଲା । ବିଂଶ ଶତାବ୍ଦିର ପ୍ରାରମ୍ଭରେ ଋଷ ବୈପ୍ଳବିକ ଆନ୍ଦୋଳନ ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା ଏବଂ ବିପ୍ଳବ ଏକ ସ୍ଲୋଗାନ ହୋଇଗଲା । ସ୍ୱେଚ୍ଛାଚାର ଉପରେ ପ୍ରଥମେ ପ୍ରମୁଖ ଜନପ୍ରିୟ ଆକ୍ରମଣ ୧୯୦୫ରେ ହୋଇଥିଲା । ଏହି ମହତ୍ତ୍ୱପୂର୍ଣ୍ଣ କ୍ରାନ୍ତିକାରୀ ବିଦ୍ରୋହ ଅସଫଳ ହେଲା ଏବଂ ଏହି ଆନ୍ଦୋଳନକୁ ଦମନ କରାଗଲା । ମାତ୍ର ଲୋକମାନେ ଏହି ଅନୁଭବରୁ ଅନେକ ମହତ୍ତ୍ୱପୂର୍ଣ୍ଣ ବିଷୟ ଶିକ୍ଷାଲାଭ କରିଥିଲେ, ଏଥିପାଇଁ ପରେ ଲେନିନ୍ ୧୯୧୭ର ବିପ୍ଳବର ପୂର୍ବାଭାଷ ବୋଲି ନାମ ରଖିଥିଲେ । ପ୍ରମୁଖ ଦାବି ମଧ୍ୟରେ ପ୍ରଜାତାନ୍ତ୍ରିକ ଗଣରାଜ୍ୟ, ପୂର୍ଣ୍ଣ ମତାଧିକାର, କୃଷକ ପାଇଁ ଭୂମି, ଶ୍ରମିକଙ୍କ ପାଇଁ ଅଧିକ ମଜୁରୀ ଏବଂ ସ୍ୱଳ୍ପ କାର୍ଯ୍ୟ ସମୟ ଇତ୍ୟାଦି ସମ୍ମିଳିତ ଥିଲା । ମହିଳାମାନଙ୍କ ସମାନତା, ବିଭିନ୍ନ ନାଗରିକତା ପାଇଁ ସ୍ୱନିର୍ଦ୍ଧାରଣ ତଥା ମୃତ୍ୟୁଦଣ୍ଡ ସମାପ୍ତ କରିବା ସମ୍ବନ୍ଧରେ ଅନ୍ୟ ଦାବି ଥିଲା । ଏଠାରେ ସର୍ବପ୍ରଥମେ ଏକ ସାଧାରଣ ହରତାଳ ହେଲା । ସେନା ତଥା ନୌସେନାର କେତକ ମଧ୍ୟ ବିଦ୍ରୋହ କଲେ । ସୋଭିଏତ ନାମକ ଏକ ପ୍ରସିଦ୍ଧ ଶ୍ରମିକବର୍ଗର କ୍ରାନ୍ତିକାରୀ ସଂଗଠନ ଗଠନ କରାଗଲା । ଏହା ବିପ୍ଳବରେ ଅଗ୍ରଣୀ ଭୂମିକା ନିର୍ବାହ କଲା । ଏହା ପରେ ଅନେକ ବର୍ଷ ଧରି ଦମନ କାର୍ଯ୍ୟ ଚାଲିଲା । ମାତ୍ର ବିଶ୍ୱଯୁଦ୍ଧପରେ ଏହି କ୍ରାନ୍ତିକାରୀ ଆନ୍ଦୋଳନ ପୁନଃ ସକ୍ରିୟ ହୋଇଗଲା ଓ ଏଥିରେ ସେହି ଲୋକମାନେ ପୁନଃ ସମ୍ମିଳିତ ହୋଇଗଲେ ଯେଉଁଠାରେ ଅଧିକ ସଂଖ୍ୟକ ଲୋକ ଯୁଦ୍ଧର ପ୍ରଭାବକୁ ଆଗରେ ଅନୁଭବ କଲେ ଓ ଜାରଙ୍କ ନୀତିର ଧାରାକୁ ହୃଦୟଙ୍ଗମ କରିବା ପ୍ରାରମ୍ଭ କରିଥିଲେ । ସଖୀ କଣ୍ଟେଇ ଭଳି ମନ୍ତ୍ରୀମଣ୍ଡଳ କାମ କରୁ ନଥିଲା ତଥା ଦୁର୍ବଳ ସଂସଦ (ଡୁମା) ଜନ ଆକାଂକ୍ଷାକୁ ସମ୍ପୂର୍ଣ୍ଣ କରିପାରୁନଥିଲା ।

୧୯୧୭ ପର୍ଯ୍ୟନ୍ତ ଋଷ ସାମ୍ରାଜ୍ୟର ଅଧିକାଂଶ ଲୋକ ନିରଙ୍କୁଶ ବର୍ଗକୁ ହଟାଇ ଶାସନ ସେମାନଙ୍କ ହାତକୁ ନେବାପାଇଁ ଚାହୁଁଥିଲେ । ଏହି ପରିପ୍ରେକ୍ଷୀରେ ଖାଦ୍ୟାଭାବ କାରଣରୁ ଏବଂ ମହିଳାମାନଙ୍କୁ ଶୋଭାଯାତ୍ରା ଦ୍ୱାରା ବିପ୍ଳବ ବହ୍ନି ପ୍ରଜ୍ୱଳିତ ହେଲା ଏବଂ ମହିଳାମାନେ ସୈନ୍ୟମାନଙ୍କୁ ଦମନକାରୀ ଜାର୍‌ଙ୍କ ପରିବର୍ତ୍ତେ ସେମାନଙ୍କର ସଂଗ୍ରାମୀ ଭାଇ ଭଉଣୀମାନଙ୍କୁ ସମର୍ଥନ କରିବାପାଇଁ ଆହ୍ୱାନ ଦେଲେ । ଯୁଦ୍ଧରେ ବିମୁଖ ହୋଇଥିବା ସୈନିକମାନେ ମଧ୍ୟ ଆନ୍ଦୋଳନକାରୀମାନଙ୍କ ଉପରେ ଗୋଳାବର୍ଷଣ କଲେ ନାହିଁ ।

କିଛି ଦିନପରେ ଦାବି ଆସିଲା "ସ୍ୱେଚ୍ଛାଚାରୀତା ମୁର୍ଦ୍ଦାବାଦ'' । ରାଜଧାନୀ ସହର ସେଣ୍ଟ ପିଟର୍ସବର୍ଗର ଗଳିଗଳିରେ ଲାଲଝଣ୍ଡାର ପ୍ରଭୁତ୍ୱ ବଳବତ୍ତର ହୋଇଗଲା ତଥା ସାମ୍ରାଜ୍ୟର ସମସ୍ତ ସ୍ଥାନରେ କ୍ରାନ୍ତିର ନାରା ଗୁଞ୍ଜରିତ ହେବାକୁ ଲାଗିଲା । ସ୍ୱେଚ୍ଛାଚାରିତା ଶାସନକୁ ଗାଦିଚ୍ୟୁତ କରି ଏହା ସ୍ଥାନରେ ଅସ୍ଥାୟୀ ସରକାର ଗଢ଼ାଗଲା । ଶ୍ରମିକ ଏବଂ କୃଷକମାନେ ଏହି ପରିବର୍ତ୍ତନରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ତଥା ଶିକ୍ଷିତ ମଧ୍ୟବିତ୍ତ ଶ୍ରେଣୀ ଏହାକୁ ସମର୍ଥନ କଲେ । ଏପରିକି ସୈନିକମାନେ ମଧ୍ୟ କ୍ରାନ୍ତିକାରୀଙ୍କ ପକ୍ଷ ନେଲେ । ସେଣ୍ଟପିଟସବର୍ଗର ନାମ ବଦଳାଇ ପେଟ୍ରୋଗ୍ରେଡ କରିଦିଆଗଲା ।

ଏହି ଅସ୍ଥାୟୀ ସରକାର ରାଜନୈତିକ ସ୍ୱାଧୀନତା ପାଇଁ ସର୍ତ୍ତ ରଖିଲେ, ସେଗୁଡିକ ଥିଲା, ସଂଗଠନ ଗଠନର ଅଧିକାର ଏବଂ ବାକ୍‌ସ୍ୱାଧୀନତା, ମାତ୍ର ସେମାନେ ଲୋକଙ୍କୁ କ୍ଷତିକରୁଥିବା ନିତିନିର୍ଦ୍ଧାରଣରେ କୌଣସି ପରିବର୍ତ୍ତନ ଆଣିଲେ ନାହିଁ । କାରଣ ଏହି ସରକାରରେ ଜମିଦାର ଏବଂ ପୁଞ୍ଜିପତିମାନଙ୍କର

ଟିପ୍ପଣୀ

ଆଧିପତ୍ୟ ଥିବା ଦଳଗୁଡିକର ପ୍ରଭୁତ୍ୱ ଥିଲା । ସେଥିପାଇଁ ବାଲସେଭିକ ଦଳ ସହିତ ଶ୍ରମିକ, ସୈନିକ ଓ କୃଷକମାନେ ନିଜନିଜର ଆନ୍ଦୋଳନକୁ ଜାରି ରଖିଲେ, ଯେଉଁମାନେ ୧୯୧୭ର ଅକ୍ଟୋବର ବୋଲସେଭିକ ବିପ୍ଳବ ପରାକାଷ୍ଠାରେ ପହଞ୍ଚିଲା ।

୧୯୧୭ରେ ଲୋକମାନଙ୍କର ଆକାଂକ୍ଷା ଅନୁସାରେ ବାଲସେଭିକ ହିଁ ଏକମାତ୍ର ରାଜନୈତିକ ଦଳ ଥିଲା । ସେମାନେ ଯୁଦ୍ଧକୁ ତତ୍‌କାଳ ସମାପ୍ତ କରିବାକୁ ଆହ୍ୱାନ କଲେ । ସେମାନେ କୃଷକମାନଙ୍କ ନିମିତ୍ତ ଜମି, ଉଦ୍ୟୋଗ ଉପରେ ଶ୍ରମିକମାନଙ୍କ ନିୟନ୍ତ୍ରଣ ତଥା ରଷ୍ଟ୍ରମାନଙ୍କର ନାଗରିକତାର ଅଧିକାର ଦାବି କଲେ ? ସମଗ୍ର ରାଷ୍ଟ୍ରର ଶ୍ରମିକ, କୃଷକ ଏବଂ ସୈନିକମାନଙ୍କର ସମସ୍ତ ଜନ ସଂଗଠନରେ ଶାନ୍ତି, ରୋଟୀ, ଭୂମି, ପ୍ରଜାତନ୍ତ୍ର ଇତ୍ୟାଦି ସ୍ଲୋଗାନ ହୋଇଗଲା ତଥା ବୋଲସେଭିକମାନେ ଏହି ସଂଗଠନରେ ବହୁମତ ପ୍ରାପ୍ତ ହେବା କାରଣରୁ ସେମାନେ ଏହାର ନେତୃତ୍ୱ ଗ୍ରହଣ କଲେ । ଅକ୍ଟୋବର ୧୯୧୭ର କ୍ରାନ୍ତି ଏପରି ଭାବରେ ଏକ ଲୋକପ୍ରିୟ ଆଧାର ଉପରେ ପର୍ଯ୍ୟବେଶିତ ଥିଲା । ଏହା ସରଳ ଭାବରେ କାମଚଳା ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଏକ ସାମରିକ ସଫଳ ଆୟୋଜନ ନଥିଲା । ତୁମର ମଧ୍ୟ ସ୍ମରଣ କରିବା ଉଚିତ ଯେ ଯଦିଚ ଏହା ଅକ୍ଟୋବର ବିପ୍ଳବ ବୋଲି ପରିଚିତ ଥିଲା, ଏହା ନଭେମ୍ବର ୭ରେ ଯଥାବିଧି , ୧୯୧୭ରେ ସଂଗଠିତ ହୋଇଥିଲା ଏବଂ ନଭେମ୍ବର ୭ରେ ପାଳିତ ହୋଇଥିଲା, କାରଣ ବିପ୍ଳବପରେ ରୁଷିଆ ଆନ୍ତର୍ଜାତିକ କ୍ୟାଲେଣ୍ଡର ଅନୁସରଣ କରିଥିଲା । ଏହା ପୂର୍ବରୁ ରଷ ତା ନିଜର ପଞ୍ଜିକା ଅନୁସରଣ କରୁଥିଲା ଯାହାକି ଆନ୍ତର୍ଜାତିକ ପଞ୍ଜିକାଠାରୁ ଦଶଦିନ ପଛୁଆ ଥିଲା ।

## ୨୩.୧୧ ଏହି ବିପ୍ଳବର ନୀତି ଏବଂ ପ୍ରଭାବ :

କ୍ରାନ୍ତିକାରୀ ରଷ କେବଳ ରଷରେ ପ୍ରଚଳିତ ଜାର ଶାସନ ସମ୍ପର୍କିତ ନୀତିଗୁଡିକ ପରିବର୍ତ୍ତନ କରିଥିଲା ତାହା ନୁହେଁ ଏହା ସହିତ ଆହୁରି ଅନେକ କାର୍ଯ୍ୟ କରିଥିଲା ଯାହା ୟୁରୋପର ପୁଞ୍ଜିବାଦୀ ରାଷ୍ଟ୍ର କେତେକ ସଠିକ୍ ଏବଂ ଭିନ୍ନ ଯୁକ୍ତିଯୁକ୍ତ ନୀତିଗୁଡିକର ମଧ୍ୟ ପରିବର୍ତ୍ତନ କରିଥିଲେ । ଏହାର ନୀତିଗୁଡିକ ରଷରେ ସାମ୍ୟବାଦର ମୂଳଦୁଆ ସ୍ଥାପନ କରିଥିଲା ଏହାର ପ୍ରଥମ କାର୍ଯ୍ୟପନ୍ଥା ଥିଲା ଯୁଦ୍ଧରୁ ଓହରିଯିବା କାରଣ ଏହା ଭଲଭାବରେ ଜଣାଥିଲା ଯେ ଲୋକମାନେ ଯୁଦ୍ଧରେ ଥକି ପଡିଥିଲେ ଏବଂ ସେମାନେ ଶାନ୍ତି ଚାହୁଁଥିଲେ ଏବଂ ଜାଣିଥିଲେ ଯେ ଯୁଦ୍ଧ କୌଣସି ରାଷ୍ଟ୍ରର ଲୋକମାନଙ୍କର ହିତ ପାଇଁ ନୁହେଁ ।

ବୋଲସେଭିକମାନେ ଉତ୍ପାଦନ ପ୍ରକ୍ରିୟାରେ ବ୍ୟକ୍ତିଗତ ସମ୍ପତ୍ତିକୁ ଉଚ୍ଛେଦ କଲେ ଯଥା ଭୂମି, କାରଖାନା ଏବଂ ବ୍ୟାଙ୍କ ଇତ୍ୟାଦି । ପରେ ସେଗୁଡିକୁ ଜାତୀୟକରଣ କରାଗଲା ଏବଂ ସେଗୁଡିକ ରାଜ୍ୟ ସମ୍ପତ୍ତି ହୋଇଗଲା । ଏହାର ଅର୍ଥ ହେଲା ସେମାନେ ଅନ୍ୟର ଶ୍ରମକୁ ଶୋଷଣ କରିପୋରିବେ ନାହିଁ ତଥା ନିଜର ଘରୋଇ ଲାଭ ପ୍ରାପ୍ତି କରିପାରିବେ ନାହିଁ । ଶ୍ରମିକସଂଗଠନ ଗୁଡିକ ନିର୍ଣ୍ଣାୟକ ପ୍ରକ୍ରିୟାରେ ପ୍ରମୁଖ ଭୂମିକା ଗ୍ରହଣ କଲେ ।

ନଭେମ୍ବର ୧୯୧୭ର ଭୂମି ଆଇନ୍ ମାଧ୍ୟମରେ ଜମିଦାରିପ୍ରଥାର ଉଚ୍ଛେଦ ହୋଇଥିଲା ଏବଂ ଜମି କୃଷକମାନଙ୍କୁ ବଂଶାନୁକ୍ରମିକ ଭୋଗ କରିବାପାଇଁ ପ୍ରଦାନ କରାଗଲା । କୃଷକମାନେ ଜମିକୁ ବିକ୍ରୀ କିମ୍ବା ବନ୍ଧକ ଦେଇପାରିବେ ନାହିଁ । କିମ୍ବା ଅନ୍ୟର ଶ୍ରମକୁ ଶୋଷଣ କରିବା ପାଇଁ ସେମାନେ ସେମାନଙ୍କ ଜମିର ଉପଯୋଗ କରିପାରିବେ ନାହିଁ । ଏବଂ ସେମାନେ ଶ୍ରମର ଫଳ ଏବଂ ଜମିର ଉତ୍ପାଦନକୁ ସମ୍ପୂର୍ଣ୍ଣ ଭାବରେ ଉପଭୋଗ କରିପାରୁଥିଲେ । କୌଣସି ପ୍ରକାରରେ ସେମାନେ ପୂର୍ବ ଭୂମିମାଲିକ ଉପରେ ନିର୍ଭର କଲେନାହିଁ, ଫଳରେ ଭୂମିମାଲିକମାନଙ୍କର ଗ୍ରାମ୍ୟ ଅର୍ଥନୀତି ଓ ସମାଜ ଉପରେ ଥିବା କ୍ଷମତାର ପରିସମାପ୍ତି ହୋଇଯାଇଥିଲା ।



ଟିପ୍ପଣୀ

ଉକ୍ତ ପଦକ୍ଷେପଗୁଡ଼ିକର ଅର୍ଥ ହେଲା ଯେ ରଷିଆର ଲୋକମାନେ ଦେଶର ସଂସାଧନ ଏବଂ ଅର୍ଥବ୍ୟବସ୍ଥାରେ ସମାନ ଭାବରେ ଆଭାନ୍ୱିତ ହୋଇଥିଲେ । ସମସ୍ତ ଭାଗ ଓ ବର୍ଗର ଲୋକଙ୍କ ସୁବିଧା ନିମିତ୍ତ କେନ୍ଦ୍ରୀୟ ସ୍ତରରେ ଯୋଜନା କରିବା ଏବେ ସମ୍ଭବ ହୋଇଗଲା । କେନ୍ଦ୍ରୀକୃତ ଯୋଜନା କରିବାର ଏହି ପ୍ରଣାଳୀ ଗୁରୁତ୍ୱପୂର୍ଣ୍ଣ ବୋଲି ଦୃଷ୍ଟିଗୋଚର ହେଲା । ତେଣୁ ଭାରତ ସହିତ କେତେକ ରାଷ୍ଟ୍ରଦ୍ୱାରା ଏହାକୁ ଅବଲମ୍ବନ କରିଥିଲେ ।

ସମସ୍ତଙ୍କ ପାଇଁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା, ସମସ୍ତଙ୍କୁ ନିଃଶୁଳ୍କ ତଥା ସମାନ ଶିକ୍ଷା, ବେକାରୀ ଭତ୍ତା, ସଂସ୍କୃତି ଓ ସାଂସ୍କୃତିକ ପ୍ରଗତୀ ନିମିତ୍ତ ସମାନ ପ୍ରବେଶ ଅଧିକାର ଇତ୍ୟାଦି ନୂତନ ସମ୍ବିଧାନରେ ପ୍ରତିଶୃତିବଦ୍ଧ ହୋଇଥିଲା । ଏଗୁଡ଼ିକ ମଧ୍ୟରୁ ସମସ୍ତ ସୁବିଧା ତତ୍‌କ୍ଷଣାତ୍ ଉପଲବ୍ଧ ହୋଇନଥିଲା, ମାତ୍ର ସମସ୍ତଙ୍କପାଇଁ ଏ ସମସ୍ତ ଅଧିକାର ପ୍ରଦାନକରି ନୂତନ ଶାସକବର୍ଗ ସେମାନଙ୍କର ନୀତି ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କଲେ । ଅନ୍ୟରଷ୍ଟ୍ର ତୁଳନାରେ ମଧ୍ୟମ ଶ୍ରେଣୀରେ କାର୍ଯ୍ୟକରୁଥିବା ଲୋକ ତଥା କୃଷକ ଏବଂ କାରଖାନାରେ କାମ କରୁଥିବା ଶ୍ରମିକମାନଙ୍କ ମଧ୍ୟରେ ଥିବା ଦରମା ତଥା ସୁବିଧା ସୁଯୋଗ ମଧ୍ୟରେ ତଫାତ ଅତ୍ୟନ୍ତ ନ୍ୟୁନ ଥିଲା । ଯାହାକି ରଷ୍ଟ୍ର ଦ୍ୱାରା ପ୍ରଦାନ କରାଯାଉଥିଲା । ଜୀବନର ଅର୍ଥ କେବଳ ବ୍ୟକ୍ତି କେତେ ଅର୍ଥ ଦେଇପାରେ ତାହା ଉପରେ ନିର୍ଭର କରୁନଥିଲା କାରଣ ଅନେକ ଜିନିଷ ପାଇଁ ଅର୍ଥପ୍ରଦାନ କରିବାକୁ ପଡୁନଥିଲା ।

ମହିଳାମାନେ ସେତେବେଳେ ପୁରାପୁରି ସମାନ ବୋଲି ବିବେଚିତ ହେଉନଥିଲେ । ସେମାନଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ସମାନଭାବରେ ଯୋଗଦାନ ନିମିତ୍ତ କେତେକ ପଦକ୍ଷେପ ନିଆଯାଉଥିଲା । ମାତୃତ୍ୱ ଛୁଟି, ସର୍ବସାଧାରଣ କ୍ୟାଣ୍ଟିନ, କର୍ମକ୍ଷେତ୍ରରେ ବିନାମୂଲ୍ୟରେ ଶିଶୁମାନଙ୍କ ଦେଖାଶୁଣା ଗୃହ ଇତ୍ୟାଦି ।

ସେମାନେ ସେମାନଙ୍କର ରାଜ୍ୟକୁ "ଶ୍ରମିକ ଶ୍ରେଣୀର ସ୍ୱେଚ୍ଛାଚାରିତା" ବୋଲି ବିବେଚନା କରୁଥିଲେ, କାରଣ କର୍ମଜୀବି ସାଧାରଣ ଲୋକ ଏବଂ ସେମାନଙ୍କର ମଙ୍ଗଳ ଆଦି ବର୍ତ୍ତମାନର ରାଜନୀତି ଓ କାର୍ଯ୍ୟସରଣୀର ଭିତ୍ତି ହୋଇଥିଲା ।

ନୂତନ ଶାସନ ପ୍ରଣାଳୀ ଔପନିବେଶିକ ଶାସନ ବିରୁଦ୍ଧରେ ସ୍ୱାଧିନତା ସଂଗ୍ରାମକୁ ନୈତିକ ତଥା ଭୌତିକ ସହାୟତା ପ୍ରଦାନ କରିଥିଲା, ଏବଂ ସମସ୍ତ ଜାତୀୟତାମାନଙ୍କୁ ନିଜ ନିଜର ଭବିଷ୍ୟ ନିର୍ଦ୍ଧାରଣ କରିବା ଅଧିକାର ମାନ୍ୟତା ପ୍ରଦାନ କଲା । ଏହି କାରଣରୁ ସମସ୍ତ ଏସିୟ ଦେଶମାନଙ୍କରେ ରଷ କ୍ରାନ୍ତିର ପ୍ରଶଂସା କରାଗଲା ତଥା ସମ୍ପୂର୍ଣ୍ଣ ବିଶ୍ୱର ଜନସାଧାରଣ ଏଥିରେ ଅନୁପ୍ରାଣିତ ହେଲେ । ଚୀନ ଓ ଭାରତ ବହୁଳ ଭାବରେ ରଷ ବିପ୍ଳବ ଦ୍ୱାରା ପ୍ରଭାବିତ ହୋଇଥିଲା । ଏହା ଦ୍ୱାରା ସାମ୍ୟବାଦୀ ବିଚାରଧାରା ଗୁଡ଼ିକର ପ୍ରଚାର ହୋଇଥିଲା ।

ଭାରତର ରାଷ୍ଟ୍ରୀୟ ନେତାମାନେ ରାଜନୈତିକ ସଂଘର୍ଷରେ କୃଷକ ଏବଂ ଶ୍ରମିକ ମାନଙ୍କର ହସ୍ତକ୍ଷେପର ମହତ୍ତ୍ୱକୁ ବୁଝିଲେ । ଭାରତୀୟ ଜନସାଧାରଣ ଅନୁଭବ କଲେ ଯେ ରଷରେ 'କୃଷକ ଶ୍ରମିକ ରାଜ'ର ସ୍ଥାପନ କରାଯାଇଛି । ଅତଏବ ୧୯୨୦ ଦଶକରେ ଶ୍ରମିକ ଏବଂ କୃଷକମାନଙ୍କ ସଂଗଠନ ସୃଷ୍ଟି ହୋଇଥିଲା ଯାହାକି ସର୍ବଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସ ନାମରେ ପରିଚିତ ହେଲା । ଏହାଦ୍ୱାରା ଶ୍ରମିକଓ ଚାଷିମାନଙ୍କୁ ସଂଗଠିତ କରିବାରେ ମୁଖ୍ୟ ସଂଗଠିତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

ତଥାପି ସାମ୍ରାଜ୍ୟବାଦୀ ରାଷ୍ଟ୍ରଗୁଡ଼ିକ ଏହି କ୍ରାନ୍ତିକୁ ବିରୋଧ କଲେ ତଥା ସେମାନେ ନୂତନ ବୋଲସେଭିକ ଶାସନ ପ୍ରଣାଳୀକୁ ପରାଜିତ କରିବା ପାଇଁ ସେମାନଙ୍କର ସୈନ୍ୟ ପ୍ରେରଣ କଲେ । ସେମାନେ ଏଥିରେ

ସଫଳ ହେଲେ ନାହିଁ ତଥା ନୂତନ କ୍ରାନ୍ତିକାରୀ ଶାସନ ପ୍ରଣାଳୀ ମୁଖ୍ୟତଃ ଲୋକମାନଙ୍କର ଆତ୍ମବଳିଦାନ କାରଣରୁ ବଞ୍ଚିରହିଥିଲା ।ଋଷ କ୍ରାନ୍ତି ଏବଂ ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତିପରେ ଋଷ ଏବଂ ୟୁରୋପରେ କ'ଣ ହେଲା ଏହା ଏକ ଭିନ୍ନ କାହାଣୀ, ଯାହା ସମ୍ପର୍କରେ ତୁମେ ପରବର୍ତ୍ତି ପାଠରେ ପଢିବ ।

## ପାଠଗତ ପ୍ରଶ୍ନ

୧. ଏହି କ୍ରାନ୍ତି ପୂର୍ବରୁ ଋଷରେ କେଉଁ ରାଜନୈତିକ ପ୍ରଣାଳୀ ଥିଲା ?

.....................................................................................

୨. ୧୯୧୭ ଋଷ କ୍ରାନ୍ତିର ଅନ୍ୟ କେଉଁନାମରେ ଜଣା ଥିଲା ?

.....................................................................................

୩. ଜାର୍‌ଙ୍କର ସମକାଳିନ ମହତ୍ୱପୂର୍ଣ୍ଣ ରାଜନୈତିକ ସମୂହର ନାମ ଲେଖନ୍ତୁ ।

.....................................................................................

୪. ସ୍ୱ ସମ୍ପତ୍ତି ସମାପ୍ତିର ଅର୍ଥକଣ ?

.....................................................................................

## ତୁମେ କଣ ଶିଖିଲ

ପ୍ରଥମ ବିଶ୍ୱଯୁଦ୍ଧ ଇତିହାସରେ ପୂର୍ବଯୁଦ୍ଧ ମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନଥିଲା, କାରଣ ଏହାର ହିଂସା ଏବଂ କଷ୍ଟପାଇଁ ସମଗ୍ର ବିଶ୍ୱ ପ୍ରଭାବିତ ହୋଇଥିଲା । ଯୁଦ୍ଧରେ ନୁତନ ପ୍ରୌଦ୍ୟୋଗିକ ଗୁଡିକର ଉପଯୋଗ କରାଗଲା, ଯାହା ପୂର୍ବରୁ ଦେଖା ଦେଇନଥିଲା ଏବଂ ଏହାର ପ୍ରଭାବ ଜୀବନର ସମସ୍ତ ଅଙ୍ଗ ଉପରେ ପଡିଥିଲା । ଏହି ଯୁଦ୍ଧ ତତ୍‌କ୍ଷଣାତ ତଥା ଦୀର୍ଘ ଅବଧିର କାରଣ ଥିଲା । ଉପନିବେଷ ପାଇଁ ଦୌଡ ତଥା ବିଶ୍ୱର ସଂସଧନ ଉପରେ ନିୟନ୍ତ୍ରିତ ପ୍ରମୁଖ କାରଣମାନ ଥିଲା । ଯୁଦ୍ଧ ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଚାଲିଥିଲା । ଏହାର ସମାପ୍ତି ପୂର୍ବରୁ ୧୯୧୭ରେ ଋଷର କ୍ରାନ୍ତି ହୋଇସାରିଥିଲା । ଋଷର କ୍ରାନ୍ତି ଯୁଦ୍ଧର ଚାପ ତଥା ଋଷ ସମାଜରେ ଚାଲିଥିବା ସଂଘର୍ଷ କାରଣରୁ ଆସିଥିଲା । ଏହା ଇତିହାସର ପ୍ରଥମ ସାମ୍ୟବାଦୀ କ୍ରାନ୍ତିଥିଲା ।

ଏହାର ତିନୋଟି ସୋପାନ ଥିଲା :୧୯୦୫ ର କ୍ରାନ୍ତି ଜାହା ଅସଫଳ ରହିଲା; ଫେବୃୟାରୀ ୧୯୧୭ କ୍ରାନ୍ତିର ପରିଣାମ ସ୍ୱରୁପ ଅଭିଯାତ ବର୍ଗର ସମାପ୍ତି ; ଏବଂ ଅକ୍ଟୋବର ୧୯୧୭ କ୍ରାନ୍ତି ଜାହାର ନେତୃତ୍ୱ ବଲସେଭିକମାନେ ନେଇଥିଲେ । ଏଥିରେ ସମ୍ୟବାଦୀ ରାଷ୍ଟ୍ରର ସ୍ଥାପନା ହେଲା ।

ଏହି କ୍ରାନ୍ତି ସାମାଜିକ ନ୍ୟାୟ ଉପରେ ଆଧାରିତ ନୂତନ ସାମାଜିକ ଏବଂ ରାଜନୈତିକ ପ୍ରଣାଳୀ ପ୍ରସ୍ତୁତ କଲା । ନିଜର ରାଷ୍ଟ୍ରୀୟ ସ୍ୱତନ୍ତ୍ରତା ପାଇଁ ସଂଘର୍ଷ ହେଉଥିବା ରାଷ୍ଟ୍ରମାନଙ୍କ ସହିତ ଶେଷ ବିଶ୍ୱଉପରେ ଏହାର ଅତ୍ୟଧିକ ପ୍ରଭାବ ପଡିଲା ।

## ପାଠାନ୍ତ ପ୍ରଶ୍ନ :

୧. ଜାରକ ସମୟର ଋଷର ରାଜନୈତିକ ପ୍ରଣାଳୀ ଗୁଡିକ ଉଲ୍ଲେଖ କରନ୍ତୁ ? କୃଷକ ଅଭିଜାତ ବର୍ଗ ଉପରେ କାହିଁକି ଅସନ୍ତୁଷ୍ଟ ଥିଲେ ?



ଟିପ୍ପଣୀ

୨. କାହିଁକି ବିଭିନ୍ନ ଜାତୀୟବାଦୀମାନେ ବିଦ୍ରୋହ କଲେ ?

୩. ୧୯୦୫ ବିଦ୍ରୋହର ଗୁରୁତ୍ୱ କାହିଁକି ?

୪. ରଷରେ ଫେବୃୟାରୀ ୧୯୧୭ରେ କ'ଣ ହେଲା ?

୫. ବଲସେଭିକମାନଙ୍କ ଦ୍ୱାରାନିଆ ହୋଇଥିବା ମୁଖ୍ୟ ପରିବର୍ତ୍ତନ ସମ୍ବନ୍ଧରେ ଲେଖନ୍ତୁ । କ'ଣ ଆପଣ ବୁଝୁଛନ୍ତିକି ଏହା ରଷ ଜନସାଧାରଣଙ୍କ ହିତପାଇଁ ଥିଲା ?

୬. ଭାରତ ଉପରେ ଏହି କ୍ରାନ୍ତିର ପ୍ରଭାବ ସମ୍ବନ୍ଧରେ ଲେଖନ୍ତୁ ?

## ପାଠଗତ ପ୍ରଶ୍ନର ଉତ୍ତର:

୧. ଉଡାଜାହାଜ, ଓ ଟ୍ୟାଙ୍କ ଏବଂ ବୁଡାଜାହାଜ

୨. ତ୍ରିପକ୍ଷୀୟ ସନ୍ଧି, ତ୍ରିପକ୍ଷୀୟ ସହଯୋଗ

୩. ୧୦ ଲକ୍ଷ ମୃତ, ୨୦ଲକ୍ଷ ଆହତ, ଲକ୍ଷଲକ୍ଷ ଶରଣାର୍ଥୀ ହୋଇଗଲେ.

୪. ବ୍ରିଟେନ

**୨୩.୨**

୧. ଏକଛତ୍ର ଶାସନ

୨. ବଲସେଭିକ କ୍ରାନ୍ତି

୩. ସାମାଜିକ ଲୋକ ତନ୍ତ୍ରବାଦୀ, ଉଦାରବାଦୀ କ୍ରାନ୍ତିକାରୀ.

୪. ଉତ୍ପାଦନର ପନ୍ଥାରାଷ୍ଟ୍ରର ପ୍ରଭୁତ୍ୱ ଥିଲା.

**ଶବ୍ଦାବଳୀ:**

୧. ନିରଙ୍କୁଶତା : ନିରଙ୍କୁଶ ଏପରି ରାଜନୈତିକ ପ୍ରଣାଳୀ ଯେଉଁଥିରେ ରାଜା ଶାସନ କରନ୍ତି, ଜାହାଙ୍କ ପାଖରେ ସମସ୍ତ ଶକ୍ତି ରହିଥାଏ ଏବଂ ଯେଉଁଥିରେ ଏପରି କେତେକ ପ୍ରଭାବଶାଳୀ ପ୍ରତିନିଧି ସଂସ୍ଥାନ ହୋଇନଥାଏ ଜାହା ରାଜନୈତିକ ଶକ୍ତିରେ ଭାଗିଦାର କରି ହେବ ।

୨. ସାମାଜିକ ଲୋକତନ୍ତ୍ର : ଜାହାର ଏପରି ଅର୍ଥ ଯେ କେବଳ ରାଜନୈତିକ ଏବଂ ବିଧି ସମାନତାହିଁ ପର୍ଯ୍ୟାପ୍ତ ନୁହେଁ, ପରନ୍ତୁ ଆର୍ଥିକ ଏବଂ ସାମାଜିକ ସମାନତାହିଁ ହେବା ଉଚିତ୍ । ଅତଏବ ସେମାନେ ସାମ୍ୟବାଦରେ ବିଶ୍ୱାସ ରଖୁଥିଲେ ।

୩. ପୁଞ୍ଜିବାଦ : ନିଜର ସମ୍ପତ୍ତି ଏବଂ ବଜାର ଉପରେ ଅଧିକାର ଉପରେ ଆଧାରିତ ପ୍ରଣାଳୀ ଅଟେ ଏବଂ ଏଥିରେ ନିଜର ଲାଭ ମଧ୍ୟ ହୋଇଥାଏ । ଏହାର ସମ୍ପତ୍ତିର ପ୍ରଭୁ ଏଥିରେ କାମ କରୁଥିବା ଶ୍ରମିକ ମାନଙ୍କର ଶୋଷଣରେ ନିଜର ଲାଭ ପ୍ରାପ୍ତି କରେ ।

୪. ସାମ୍ୟବାଦ : ଏପରି ପ୍ରଣାଳୀ, ଜେଉଁଥିରେ ଉତ୍ପାଦନର ସାଧନ ଉପରେ ରାଷ୍ଟ୍ରର ପ୍ରଭୁତ୍ୱ ହୋଇଥାଏ, ଫଳରେ ଶ୍ରମ କରୁଥିବା ଶ୍ରମିକ ମାନଙ୍କର କିଛି ଲୋକଙ୍କର ନିଜର ଲାଭ ନିର୍ମିତ୍ତ ଶୋଷଣ କରାଯାଇ ପାରିବ ନାହିଁ ।..ଏବଂ ଏଥିରେ ଏପରି ରାଜନୈତିକ ପ୍ରଣାଳୀ ହୋଇଥାଏ, ଜେଉଁଥିରେ ଶ୍ରମିକ ମାନଙ୍କର ହିତ ପୂର୍ବରୁ ଧ୍ୟାନ ରଖାଜାଇଥାଏ ।

ଟିପ୍ପଣୀ

# ୨୪

# ଯୁଦ୍ଧ ମଧ୍ୟବର୍ତ୍ତୀ ସମୟ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧକୁ ଇତିହାସରେ ବିଶ୍ୱଯୁଦ୍ଧ ଯୁଗ ବୋଲି କୁହାଯାଏ । ପ୍ରଥମ ବିଶ୍ୱ ଯୁଦ୍ଧକୁ ଅନେକ ଲୋକ ସମସ୍ତ ଯୁଦ୍ଧର ପରିସମାପ୍ତି ବୋଲି ମତ ଦେଇଥାଆନ୍ତି । ପରନ୍ତୁ ଆଗାମୀ ୨୦ ବର୍ଷ ମଧ୍ୟରେ ଘଟିଥିବା ପରିବର୍ତ୍ତନ ବିଶ୍ୱକୁ ଅନ୍ୟ ଏକ ଯୁଦ୍ଧ ପ୍ରତି ଅଗ୍ରସର କରିଦେଇଥିଲା । ଯାହକି ପୂର୍ବାପେକ୍ଷା ଅଧିକ ବିଧ୍ୱଂଶକାରୀ, ବ୍ୟାପକ ତଥା ବିଶାଳ ଆକାର ଧାରଣ କରିଥିଲା । ଉକ୍ତ ଯୁଦ୍ଧର କାରଣ ମାନ ବୁଝିବାକୁ ହେଲେ ଆମକୁ ଯୁଦ୍ଧ ମଧ୍ୟବର୍ତ୍ତୀ ସମୟକୁ ପୁଂଖାନୁପୁଂଖ ଭାବରେ ଅଧ୍ୟୟନ କରିବା ଆବଶ୍ୟକ ।

ପ୍ରଥମ ବିଶ୍ୱଯୁଦ୍ଧର ପରିସମାପ୍ତି ୟୁରୋପ ଦେଶମାନଙ୍କ ମଧ୍ୟରେ ଥିବା ଶତ୍ରୁତା ଶେଷ କରି ପାରିନଥିଲା । ଏପରିକି ଶାନ୍ତି ଚୁକ୍ତି ମଧ୍ୟ ଶାନ୍ତି ସ୍ଥାପନରେ ସଫଳ ହୋଇନଥିଲା । ବିଶେଷ କରି ପରାଜିତ ରାଷ୍ଟ୍ରମାନଙ୍କ ପ୍ରତି ଉକ୍ତ ଚୁକ୍ତି ଗୁଡିକ ଅତି କଠୋର ଏବଂ ଅମାନବନୀୟ ଥିଲା । ଏଣୁ ଏହା ଭବିଷ୍ୟତରେ ସଂଘର୍ଷ ପାଇଁ ବୀଜ ବପନ କରିଥିଲା । ଏପରିକି ଏହି ସନ୍ଧି ଗୁଡିକ ମଧ୍ୟ କେତେକ ମିତ୍ର ରାଷ୍ଟ୍ର ମାନଙ୍କର ରାଜ୍ୟ ବିସ୍ତାର ଆକାଂକ୍ଷାକୁ ସନ୍ତୁଷ୍ଟ କରିପାରିନଥିଲା । କେତେକ ରାଷ୍ଟ୍ରରେ ଶକ୍ତିଶାଳୀ ଏକଛତ୍ର ଶାସକ ମାନେ କ୍ଷମତାସୀନ ହୋଇଥିଲେ ଏବଂ ଉଗ୍ର ଜାତୀୟତାବାଦର ବାର୍ତ୍ତା ପ୍ରଚାର କରିଥିଲେ । ସବୁଠାରୁ ମହତ୍ୱପୂର୍ଣ୍ଣ କଥାହେଲା ଯେ ଯୁଦ୍ଧର ମୂଳ କାରଣ ସାମ୍ରାଜ୍ୟ ବାଦର ପରିସମାପ୍ତି ଘଟିନଥିଲା ।

ଋଷ ବିପ୍ଳବ ଏବଂ ସୋଭିଏତ୍ ସଂଘର ଆବିର୍ଭାବ ହେତୁ ବିଶ୍ୱ ଦୁଇଟି ଭାଗରେ ବିଭକ୍ତ ହୋଇଥିଲା । ଗୋଟିଏ ଭାଗ ଏହି ଆନ୍ଦୋଳନ ସମର୍ଥକ ଥିବାବେଳେ ଅନ୍ୟ ପକ୍ଷରେ ଥିବା ରାଷ୍ଟ୍ରମାନେ ଏହାର ପରିଣାମ ପ୍ରତି ଭୟଭିତ ହୋଇପଡିଥିଲେ । ପରବର୍ତ୍ତିଦଳରେ ଅଧିକାଂଶ ପଶ୍ଚିମ ୟୁରୋପିୟ ରାଷ୍ଟ୍ରମାନେ ସାମିଲ୍ ହୋଇଥିଲେ । କାରଣ ସେମାନେ ସମାଜ ବାଦକୁ ନିଜ ନିଜର ସାମାଜିକ ତଥା ଆର୍ଥିକ ବ୍ୟବସ୍ଥା ପ୍ରତି ଏକ ଧମକ ବୋଲି ବିଚାର କରୁଥିଲେ । ସୋଭିଏତ୍ ଋଷ ସାମ୍ରାଜ୍ୟବାଦକୁ ବିରୋଧ କରିବା ସହିତ ଏସିଆ ଏବଂ ଆଫ୍ରିକାରେ ଥିବା ଉପନିବେଶ ଗୁଡିକ ତାଙ୍କର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ପ୍ରଦାନ କରୁଥିଲେ । ଉକ୍ତ ପାଠ୍ୟକ୍ରମରେ ତୁମ୍ଭେମାନେ ଜାଣିପାରିବ ଉକ୍ତ ସମସ୍ତ ପରିସ୍ଥିତି ଏକତ୍ରୀତ ହୋଇ ଅନ୍ୟ ଏକ ବିଶ୍ୱ ଯୁଦ୍ଧ ପାଇଁ କିପରି ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥିଲା ।

## ଉଦ୍ଦେଶ୍ୟ

ଏହି ପରିଚ୍ଛେଦ ଅଧ୍ୟୟନ କଲାପରେ ତୁମେ :-

- ଶାନ୍ତି ଚୁକ୍ତି ଏବଂ ୟୁରୋପର ପରିବର୍ତ୍ତିତ ମାନଚିତ୍ରକୁ ବିଶ୍ଲେଷଣ କରିପାରିବେ ।
- ଇଟାଲି, ଜର୍ମାନୀ ଏବଂ ଜାପାନରେ ଏକଛତ୍ରବାଦର ଉତ୍ପତ୍ତିର ନିଦର୍ଶନ ପାଇବ ।
- ଆମେରିକା, ସୋଭିଏତ୍ ଋଷ ଏବଂ ୟୁରୋପ ଉପରେ ଆର୍ଥିକ ଚାପ (Depression)ର ପ୍ରଭାବର ବ୍ୟାଖ୍ୟା କରିପାରିବେ ।
- ଆକ୍ରମଣ ଏବଂ ତୁଷ୍ଟିକରଣ ମଧ୍ୟରେ ବିଶ୍ଲେଷଣ କରି ପାରିବେ ।
- ଯୁଦ୍ଧର ଗତିବିଧି ବିଷୟରେ ଉଲ୍ଲେଖ କରିପାରିବେ ।



ଟିପ୍ପଣୀ

## ୨୪.୧ ଶାନ୍ତି ଚୁକ୍ତି ମାନ

ପ୍ୟାରିସ୍ ଠାରେ ହୋଇଥିବା ଶାନ୍ତି ସମ୍ମିଳନୀରେ ଶାନ୍ତି ଚୁକ୍ତିମାନ ସ୍ୱାକ୍ଷରୀତ ହେବାପରେ ପ୍ରଥମ ବିଶ୍ୱଦ୍ଧର ପରିସମାପ୍ତି ଘଟିଥିଲା । ଉକ୍ତ ସମ୍ମିଳନୀରେ ଯୋଗଦାନ କରିଥିବା ମହତ୍ୱପୂର୍ଣ୍ଣ ନେତୃବୃନ୍ଦ ଥିଲେ ଆମେରିକାର ରାଷ୍ଟ୍ରପତି ଉଡ୍ରୋ ଉଇଲସନ୍ ବ୍ରିଟିସ୍ ପ୍ରଧାନମନ୍ତ୍ରୀ ଲାୟଡ଼୍ ଜର୍ଜ୍ଜ ଏବଂ ଫରାସୀ ପ୍ରଧାନମନ୍ତ୍ରୀ ଜର୍ଜ୍ଜ କ୍ଲୀମେନ୍ସୁ ।

**ରାଷ୍ଟ୍ରସଂଘ :** ଉକ୍ତ ଶାନ୍ତି ସମ୍ମିଳନୀର ଏକ ମୁଖ୍ୟ ଉଦ୍ଦେଶ୍ୟ ଥିଲା ରାଷ୍ଟ୍ରସଂଘ ନାମକ ଏକ ବିଶ୍ୱସ୍ତରିୟ ସଂଗଠନ ସ୍ଥାପନ କରିବା, ଯାହାର ଲକ୍ଷ୍ୟ ଆନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ବୁଝାମଣା, ସୁରକ୍ଷା ଏବଂ ଶାନ୍ତି ସ୍ଥାପନ କରିବା । ଏହି ରାଷ୍ଟ୍ରସଂଘର ପ୍ରତିଜ୍ଞା ପତ୍ର (ଔପଚାରିକ ଚୁକ୍ତି) କୁ ଏପ୍ରିଲ ୧୯୧୯ ମସିହାରେ ଅନୁମୋଦନ ପ୍ରଦାନ କରାଗଲା ।

ଏହି ଚୁକ୍ତି ଅନୁସାରେ ସମସ୍ତ ସଦସ୍ୟ ମାନେ ବିଶ୍ୱଶାନ୍ତି ପାଇଁ ଯୁଦ୍ଧ ସାମଗ୍ରୀ ଗୁଡିକୁ ହ୍ରାସ କରିବାର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ । ଯଦି କୌଣସି ସଦସ୍ୟ ରାଷ୍ଟ୍ର ଯୁଦ୍ଧର ଆଶ୍ରୟ ନିଏ ତା ହେଲେ ତା ବିରୁଦ୍ଧରେ ମିଳିତଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏପରିକି ଆକ୍ରମଣକାରୀ ରାଷ୍ଟ୍ର ସହିତ ସମସ୍ତ ପ୍ରକାର ବାଣିଜ୍ୟ ବ୍ୟବସାୟକୁ ମଧ୍ୟ ବନ୍ଦ କରାଯିବ । ଏସବୁ ସତ୍ତ୍ୱେ ମଧ୍ୟ ରାଷ୍ଟ୍ରସଂଘ ବିଶେଷ ପ୍ରଭାବଶାଳୀ ସଂଗଠନ ହୋଇପାରିନଥିଲା । ସୋଭିଏତ ସଂଘ ଓ ଜର୍ମାନୀ ଭଳି ଦୁଇ ମୁଖ୍ୟ ରାଷ୍ଟ୍ରଙ୍କୁ ବହୁଦିନ ପର୍ଯ୍ୟନ୍ତ ସଦସ୍ୟ ହେବାପାଇଁ ଅନୁମତି ଦିଆଯାଇନଥିଲା । ଯୁକ୍ତରାଷ୍ଟ୍ର ଆମେରିକା ଏହାକୁ ସୃଷ୍ଟି କରିବାପାଇଁ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସତ୍ତ୍ୱେ ଏଥିରେ ଯୋଗଦାନ କରିନଥିଲା । ଏଣୁ ୧୯୩୦ ମସିହାରେ ଯେତେବେଳେ ପ୍ରଥମ ଆକ୍ରମଣ ଆରମ୍ଭ ହେଲା ରାଷ୍ଟ୍ରସଂଘ ଏହାକୁ ପ୍ରତିରୋଧ କରିବାରେ ସକ୍ଷମ ହୋଇପାରି ନଥିଲା ।

**ଭାର୍ସାଇ ସନ୍ଧି :** ଶାନ୍ତି ସନ୍ଧି ଗୁଡିକ ରାଷ୍ଟ୍ରପତି ଉଇଲସନଙ୍କ ଶାନ୍ତି ପ୍ରସ୍ତାବ ବା ତାଙ୍କର ୧୪ ଧାରା ଉପରେ ଆଧାରିତ ହୋଇଥିଲା । ଏହା ଶାନ୍ତି ଯୁଗ ସ୍ଥାପନ କରିବା, ସ୍ୱାଧୀନତା, ଗଣତନ୍ତ୍ର ଏବଂ ସ୍ୱନିର୍ଣ୍ଣୟ (Self determination) (ନିଜ ସରକାରରେ ମତସ୍ଥାପିତ କରିବାର ଅଧିକାର) ଇତ୍ୟାଦି ସ୍ଥାପନ କରିବା ସିଦ୍ଧାନ୍ତ ଉପରେ ଆଧାରିତ ଥିଲା । କିନ୍ତୁ ମିତ୍ରରାଷ୍ଟ୍ରମାନେ ଜର୍ମାନୀ ସହିତ ଭାର୍ସାଇ ସନ୍ଧି ସ୍ୱାକ୍ଷର କରିବା ସମୟରେ ଉକ୍ତ ସିଦ୍ଧାନ୍ତକୁ ଅଣଦେଖା କରିଥିଲେ ।

### ଉକ୍ତ ଚୁକ୍ତି ଅନୁସାରେ : -

୧. ଜର୍ମାନୀକୁ ଆକ୍ରମଣକାରୀ ବୋଲି ବଦନାମ କରାଯାଇଥିଲା ଏବଂ ଯୁଦ୍ଧ ସମୟରେ ମିତ୍ର ରାଷ୍ଟ୍ରମାନଙ୍କର କ୍ଷୟକ୍ଷତି ନିମନ୍ତେ ଜର୍ମାନୀକୁ ଦାୟୀ ବୋଲି ସ୍ୱୀକାର କରିବା ନିମନ୍ତେ ବାଧ କରାଯାଇଥିଲା ।

୨. ଉକ୍ତ କ୍ଷତି ପୁରଣ ନିମନ୍ତେ ଜର୍ମାନୀକୁ ମିତ୍ରରାଷ୍ଟ୍ର ମାନଙ୍କୁ ୬,୬୦୦ ମିଲିୟନ ଡଲାର ଦେବାପାଇଁ ଧାର୍ଯ୍ୟ କରାଯାଇଥିଲା ।

୩. ଜର୍ମାନୀର 'ସାର' ଉପତ୍ୟକାରେ ଥିବା କୋଇଲା ଖଣି ଅଞ୍ଚଳକୁ 15 ବର୍ଷ ପାଇଁ ରାଷ୍ଟ୍ରସଂଘ ଅଧିନରେ ରଖାଯାଇ ଖଣିଗୁଡିକୁ ଫ୍ରାନସକୁ ଦିଆଯାଇଥିଲା ।

୪. ନୂତନ ଭାବେ ଗଠନ କରାଯାଇଥିବା ପୋଲାଣ୍ଡ ରାଷ୍ଟ୍ର (ମାନଚିତ୍ର- ୧ଦେଖନ୍ତୁ) କୁ ବଲ୍‌ଟିକ୍ ସମୁଦ୍ର ପର୍ଯ୍ୟନ୍ତ ଯିବା ପାଇଁ ଏକ ସଙ୍କୀର୍ଣ୍ଣ ପଥ ପ୍ରଦାନ କରାଗଲା । ଉକ୍ତ ସଂଙ୍କୀର୍ଣ୍ଣ ପଥ ପୂର୍ବ ପ୍ରୁସିଆକୁ ଅବଶିଷ୍ଟ ଜର୍ମାନୀଠାରୁ ପୃଥକ କରୁଥିଲା । ଉକ୍ତ ପଥରେ ଥିବା ଡେନ୍‌ଜିଗ୍ (Danzig) ବନ୍ଦରକୁ ଏକ ମୁକ୍ତ ସହର ବୋଲି ଘୋଷଣା କରାଗଲା ।



ଟିପ୍ପଣୀ

୫. ଜର୍ମାନୀର ସୈନ୍ୟ ସଂଖ୍ୟାକୁ 1,00,000 ରେ ସୀମିତ ରଖାଗଲା । ତାକୁ ବାୟୁସେନା ଏବଂ ନୌ ସେନା ମଧ୍ୟରୁ ଯେ କୌଣସି ଗୋଟାକୁ ରଖିବାପାଇଁ ଅନୁମତି ଦିଆଯାଇଥିଲା ।

୬. ଜର୍ମାନୀ ଅଧିନରେ ଥିବା ଉପନିବେଶ ଗୁଡିକ ବିଜୟୀ ରାଷ୍ଟ୍ରମାନେ ବାଣ୍ଟି ନେଇଥିଲେ । ୟୁରୋପର ମାନଚିତ୍ର ଅଧ୍ୟୟନ କଲାପରେ ଜର୍ମାନୀ ହରାଇଥିବା ଅଞ୍ଚଳ ବିଷୟରେ ଆମେ ଅଧିକ ଜାଣିପାରିବା ।

ଜର୍ମାନୀକୁ ଆକ୍ରମଣର ଧମକ ଦେଇ ଉକ୍ତ ସନ୍ଧିରେ ସ୍ୱାକ୍ଷର କରିବା ପାଇଁ ବାଧ୍ୟ କରାଯାଇଥିଲା । ପ୍ରକୃତରେ ଉକ୍ତ ସମ୍ମିଳନୀରେ ଭାଗ ନେବାପାଇଁ କୌଣସି ଜର୍ମାନ ପ୍ରତିନିଧିକୁ ଆମନ୍ତ୍ରଣ କରାଯାଇନଥିଲା । ଏହି କାରଣରୁ ଜର୍ମାନ ମାନେ ଏହାକୁ ଏକ "ନିର୍ଦ୍ଦେଶିତ ଚୁକ୍ତି '' (Dictated Treat) ବୋଲି ବିବେଚନା କରୁଥିଲେ ।

| ଏହି କାରଣରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପାଇଁ ଭାର୍ସାଇଠାରେ ବୀଜ ବପନ କରାଯାଇଥିଲା । |
|---|

## ୨୪.୨ ୟୁରୋପର ପରିବର୍ତ୍ତିତ ମାନଚିତ୍ର : ଦୁଇ ଗୋଷ୍ଠି:

ୟୁରୋପର ଯୁଦ୍ଧ ପରବର୍ତ୍ତୀ ମାନଚିତ୍ର ଅଧ୍ୟୟନ କଲେ ଜଣାଯାଏ ଯେ ପାୟ ସମସ୍ତ ୟୁରୋପୀୟ ରାଷ୍ଟ୍ର ଯୁଦ୍ଧ ପରେ ପରେ ନିଜର ସୀମାରେଖା ପରିବର୍ତ୍ତନ କରି ବାହାରି ଆସିଥିଲେ । ଫ୍ରାନ୍ସ ଠାରୁ ୧୮୭୧ ରେ ଅଧିକାର କରିଥିବା ଆଲ୍‌ସେସ୍ ଏବଂ ଲରେନ୍ ଅଞ୍ଚଳକୁ ଜର୍ମାନୀ ଫେରାଇ ଦେଇଥିଲା ଉତ୍ତରରେ ଜର୍ମାନୀ କିଛି ଅଞ୍ଚଳ ବେଲଜିଅମ୍ ଏବଂ ଡେନ୍‌ମାର୍କକୁ ହସ୍ତାନ୍ତର କରିଥିଲା । ପୋଲାଣ୍ଡକୁ ଦେଇଥିବା ଅଞ୍ଚଳ ବିଷୟରେ ପୂର୍ବରୁ ଉଲ୍ଲେଖ ହୋଇଅଛି । ୟୁରୋପରେ ହୋଇଥିବା କ୍ଷତି ସହିତ ଜର୍ମାନୀ ଆଫ୍ରିକାରେ ଥିବା ନିଜର ଉପନିବେଶ ସହିତ ଚୀନରେ ପାଇଥିବା ବିଶେଷ ଅଧିକାର ରୁ ମଧ୍ୟ ବଞ୍ଚିତ ହୋଇଥିଲା ।ତେଣୁ ଯୁଦ୍ଧ ପରେ ଜର୍ମାନ ମାନେ ଅତ୍ୟଧିକ ଅସନ୍ତୁଷ୍ଟ ଅନୁଭବ କଲେ । ।

ଅଷ୍ଟ୍ରିଆ, ତୁର୍କୀ ଏବଂ ଆଫ୍ରିକାରେ ଥିବା ତାର ସାମ୍ରାଜ୍ୟବାଦୀ ଆକାଂକ୍ଷାକୁ ସାକାର କରିବା ପାଇଁ ମିତ୍ରରାଷ୍ଟ୍ର ମାନଙ୍କ ସହିତ ମିସି ଯୁଦ୍ଧରେ ଯୋଗଦାନ କରିଥିଲେ । କିନ୍ତୁ ଶାନ୍ତି ରାଜିନାମାରେ ଇଟାଲୀ ଯାହାକିଛି ପାଇଲା ତାହା ଅଷ୍ଟ୍ରିଆର ଏକ କ୍ଷୁଦ୍ର ଅଞ୍ଚଳରେ ସୀମିତ ରହିଥିଲା । ପ୍ରଥମ ବିଶ୍ୱଯୁଦ୍ଧରେ ସମସ୍ତ ମିତ୍ରଶକ୍ତିମାନଙ୍କର ମୃତାହତ ସଂଖ୍ୟାଠାରୁ ରୁଷିଆର ମୃତାହତଙ୍କ ସଂଖ୍ୟା ଥିଲା ଢେର ଅଧିକ । ଜର୍ମାନୀ ସହିତ ଏକ ସନ୍ଧି ସ୍ୱାକ୍ଷର କରି ମାର୍ଚ୍ଚ 1918 ମସିହାରେ ଯୁଦ୍ଧରୁ ଓହରି ଯାଇଥିଲା ରୁଷିଆ । ଏହି ରାଜିନାମା ଅନୁସାରେ ପୋଲାଣ୍ଡ,ଫିନ୍‌ଲାଣ୍ଡ ଏବଂ ଇଷ୍ଟୋନିଆଁ, ଲାଟ୍‌ଭିଆ ଓ ଲିଥୁନିଆଭଳି ବଲ୍ଟିକ୍ ରାଷ୍ଟ୍ର ସମୂହର ସ୍ୱାଧୀନତାକୁ ସ୍ୱୀକାର କରିଥିଲା ଏବଂ ଏଥି ସହିତ ଗୃହଯୁଦ୍ଧ, ସାମରିକ ହସ୍ତକ୍ଷେପ ତଥା ଆର୍ଥିକ ବିପର୍ଯ୍ୟସ୍ତ ଆଦି ସମସ୍ୟାମାନ ସାମିଲ ହୋଇଥିଲା

1815 ମସିହାରୁ ତିନି ରାଷ୍ଟ୍ର ଯଥା ଅଷ୍ଟ୍ରିଆ, ପ୍ରୁସିଆ ଏବଂ ରୁଷିଆଦ୍ୱାରା ଅଧିକୃତ ହୋଇ ମାନଚିତ୍ରରୁ ଉଭେଇ ଯାଇଥିବା ରାଷ୍ଟ୍ର ପୋଲାଣ୍ଡ ଏମାନଙ୍କର ପରାଜୟ ପରେ ପୁଣି ମୁଣ୍ଡ ଟେକି ଉଠିଥଲା । ତଥାପି ନୂତନ ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ପୁରାତନ ଶତୃତାକୁ ଅତି ସହଜରେ ଭୁଲିଯାଇ ପାରିନଥିଲା ।

ଏକ ଅଲଗା ଚୁକ୍ତି ମାଧମରେ ଅଷ୍ଟ୍ରିଆ ତାର ସମସ୍ତ ସାମ୍ରାଜ୍ୟ ସମ୍ବନ୍ଧୀୟ ଗୌରବକୁ ହରାଇବା ସହିତ ତାକୁ ଏକ ଛୋଟ ରାଷ୍ଟ୍ରରେ ପରିଣତ କରାଯାଇଥିଲା । ସେ ନୂତନ ଭାବେ ଗଠିତ ହୋଇଥିବା ହଙ୍ଗେରୀ, ପୋଲାଣ୍ଡ, ଚେକୋସ୍ଲୋଭାକିଆ ଏବଂ ୟୁଗୋସ୍ଲୋଭିଆର ସ୍ୱାଧୀନତାକୁ ମାନ୍ୟତା ପ୍ରଦାନ କରିଥିଲା । ଏଠାରେ ତୁମର ମନେ ପଡିପାରେ ଯେ ଇଟାଲି ମଧ୍ୟ ଅଷ୍ଟିଆର ଏକ ଛୋଟ ଅଂଶ ଲାଭ କରିଥିଲା । ନୂତନ ଭାବେ ଗଠିତ ହୋଇଥିବା ଏହି ସବୁ ରାଷ୍ଟ୍ରମାନେ ସୀମା ବିବାଦ, ରାଜନୈତିକ ବିଦ୍ରୋହ ଏବଂ ଆର୍ଥିକ ଅନାଟନ



ମାନଚିତ୍ର ୨୪.୧ ପ୍ରଥମ ବିଶ୍ୱଯୁଦ୍ଧ ଫଳସ୍ୱରୂପ ପ୍ରାଦେଶିକ ପରିବର୍ତ୍ତନ

ଟିପ୍ପଣୀ



ମାନଚିତ୍ର ୨୪.୨ ୟୁରୋପର ପରିବର୍ତ୍ତିତ ମାନଚିତ୍ର: ୨ ଗୋଷ୍ଠୀ



ଟିପ୍ପଣୀ

ଭଳି ସମସ୍ୟାର ସମ୍ମୁଖୀନ ହୋଇ ଗତି କରୁଥିଲେ । ବ୍ରିଟେନକୁ ଅଧିଦେଶ (Madate State) ହିସାବରେ ପାଲେଷ୍ଟାଇନ୍ ଏବଂ ଇରାକ୍ ଦିଆଯାଇଥିଲା । ସେହିପରି ଫ୍ରାନ୍ସକୁ ସିରିଆ ଦିଆଗଲା । ଉକ୍ତ ଅଧିଦେଶ ଗୁଡିକ ଯେ ପର୍ଯ୍ୟନ୍ତ ନିଜକୁ ଶାସନ କରିବା ଶିଖିନଥିବେ ସେତେଦିନ ପର୍ଯ୍ୟନ୍ତ ସେମାନେ ଉକ୍ତ ଦେଶ ଅଧିନରେ ରହିବେ । କିନ୍ତୁ ଏହି ଅଧିଦେଶ ଗୁଡିକରେ ଔପନିବେଶିକ ଶାସନ ପ୍ରଚଳନ କରାଯାଇଥିଲା ।

ତୁର୍କୀ ସହିତ ସନ୍ଧିର ପରିଣାମ ସ୍ୱରୁପ ତୁର୍କୀ ସାମ୍ରାଜ୍ୟ ସମ୍ପୂର୍ଣ୍ଣରୁପେ ଧ୍ୱଂସ ହୋଇଯାଇଥିଲା । ତୁର୍କୀ, ଉତ୍ତର ଆଫ୍ରିକା, ଦକ୍ଷିଣ – ପଶ୍ଚିମ ଏସିଆ ଏବଂ ପ୍ରାୟ ୟୁରୋପରେ ଥିବା ତାର ସମସ୍ତ ଅଞ୍ଚଳକୁ ହରାଇଥିଲା । ଏଥି ମଧ୍ୟରୁ କିଛି ଅଞ୍ଚଳ ଅଧିଦେଶ ରୁପେ ବ୍ରିଟିଶ ଏବଂ ଫ୍ରାନ୍ସ ଅଧିନରେ ରହି ଶାସିତ ହେଉଥିଲା । ରୁଷିଆ ଏବଂ ଗ୍ରୀସ୍ ମଧ୍ୟ ଏଥିରୁ କିଛି ଅଞ୍ଚଳ ଲାଭ କରିଥିଲେ ।

ଏହି କାରଣରୁ ତୁର୍କୀ ଏକ ଛୋଟ ରାଷ୍ଟ୍ରରେ ପରିଣତ ହୋଇଯାଇ ଥିଲା । ମୁସ୍ତାଫା କାମାଲଙ୍କ ନେତୃତ୍ୱରେ ଉକ୍ତ ଚୁକ୍ତି ବିରୁଦ୍ଧରେ ବିଦ୍ରୋହ କରିଥିଲେ । 1923 ରେ ସୁଲତାନଙ୍କୁ ଗାଦିଚ୍ୟୁତ କରାଯାଇ ତୁର୍କୀରେ ଏକ ଗଣରାଜ୍ୟ ସ୍ଥାପନ କରାଯାଇଥିଲା । ମୁସ୍ତାଫା କାମାଲ ଏହାର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ । ସେ ଦେଶକୁ ଆଧୂନୀକି କରଣ କରିବା ପାଇଁ ଏକ ପ୍ରକ୍ରିୟା ଆରମ୍ଭ କରିଥିଲେ । ତେଣୁ ଲୋକମାନେ ତାଙ୍କୁ "ଅତତୁର୍କ"ଅଥବା ତୁର୍କମାନଙ୍କର ପିତା ବୋଲି ଡାକୁଥିଲେ ।

ବିଭିନ୍ନ ୟୁରୋପୀୟ ଦେଶ ମାନଙ୍କରେ ଘଟିଥିବା ପରିବର୍ତ୍ତନ ବିଷୟରେ ତୁମ୍ଭେ ବର୍ତ୍ତମାନ ଅବଗତ ହେଲ । ଉକ୍ତ ପରିବର୍ତ୍ତନ ଗୁଡିକୁ ବିଝିବା ପରେ ଏହା ଅନୁମେୟ ଯେ ଉକ୍ତ ସନ୍ଧି ଗୁଡିକ ପାଇଁ ଅଧିକାଂଶ ରାଷ୍ଟ୍ରମାନେ ଅସନ୍ତୁଷ୍ଟ ହୋଇ ରହିଥିଲେ । ପୃଥିବୀର କଣ ଅନ୍ୟ ଏକ ବିଭାଜନ ଆବଶ୍ୟକ ? ଅନ୍ୟଏକ ଯୁଦ୍ଧ କଣ ଏହାର ସମାଧାନ ? ପରବର୍ତ୍ତି ଅଧ୍ୟାୟରେ ଉତ୍ତର ପାଇବା ପାଇଁ ତୁମକୁ ସାହାଯ୍ୟ କରିବ ।

### ପଠାନ୍ତ ପ୍ରଶ୍ନ ୨୪.୧

**A** – ନିମ୍ନଲିଖିତ ଗୁଡିକୁ ମେଳ କର ।

| | |
|---|---|
| 1. ଭାର୍ସାଇ ଚୁକ୍ତି | ବଲ୍ଟିକ ମହାସାଗରକୁ ମାର୍ଗ |
| 2. ରୁଷ ବିପ୍ଳବ | ପ୍ରତିଜ୍ଞାପତ୍ର |
| 3. ରାଷ୍ଟ୍ରସଂଘ | ଅଧିଦେଶାତ୍ମକ ଶାନ୍ତି । |
| 4. ଇରାକ୍ ଓ ପାଲେଷ୍ଟାଇନ୍ | ଅଧିଦେଶ । |
| 5 ପୋଲିସ୍ କରିଡର | ମିତ୍ରସଂଘର ହସ୍ତକ୍ଷେପ । |

**B.** ନିମ୍ନଲିଖିତ ବାକ୍ୟ ମାନଙ୍କୁ ପୂର୍ଣ୍ଣକର ।

1 ରାଷ୍ଟ୍ରସଂଘ ................ ପାଇଁ ଗଠନ କରାଯାଇଥିଲା ।

2 ଉଇଲସନ୍ଙ୍କ 14 ଦଫାରେ ଆଣିବାପାଇଁ କଥା ଦିଆଯାଇଥିଲା ।

3 ରୁଷ ............ ପରେ ଯୁଦ୍ଧରୁ ଓହରି ଯାଇଥିଲା ।

4. ଯୁଦ୍ଧପରେ ହୋଇଥିବା ବଲ୍ଟିକ୍ ରାଷ୍ଟ୍ରଗୁଡିକ ହେଲା..........................

5 ପୋଲାଣ୍ଡର ଗଠନ .............ଏବଂ ...........ର ପତନପରେ ହୋଇଥିଲା ।



ଟିପ୍ପଣୀ

## ୨୪.୨ ଏକ ଦଳୀୟ ଶାସନ ପ୍ରଣାଳୀର ଉଦୟ

ଯୁଦ୍ଧର ଠିକ୍ ପରବର୍ତ୍ତୀ ବର୍ଷ ଗୁଡିକ ପ୍ରାୟ ସମସ୍ତ ୟୁରୋପୀୟ ରାଷ୍ଟ୍ର ମାନଙ୍କ ପାଇଁ ସମସ୍ୟା ବହୁଳ ହୋଇ ପଡିଥିଲା । ଏହା ମଧ୍ୟରେ ଅର୍ଥବ୍ୟବସ୍ଥାର ପୁନଃ ଗଠନ, ଯୁଦ୍ଧରୁ ବର୍ତ୍ତିଯାଇଥିବା ଲୋକମାନଙ୍କର ପୁନଃ ଥଇଥାନ ଏବଂ ବର୍ଦ୍ଧିଷ୍ଣୁ ବେକାରି ସମସ୍ୟା ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା । ବହୁ ରାଷ୍ଟ୍ରରେ ଶ୍ରମିକ ଗୋଷ୍ଠୀ ସୋଭିଏତ ଚିନ୍ତାଧାରା ଉପରେ ପର୍ଯ୍ୟବେଶିତ ସମାଜବାଦୀ ବିଦ୍ରୋହର ଆୟୋଜନ ପାଇଁ ଚେଷ୍ଟା କରୁଥିଲେ କିନ୍ତୁ ସେଗୁଡିକୁ ନିର୍ଦ୍ଦୟ ଭାବେ ଦମନ କରାଯାଇଥିଲା । ସେ ସ୍ଥାନରେ ହଙ୍ଗେରୀ,ପୋଲାଣ୍ଡ, ଇଟାଲୀ, ପର୍ତ୍ତୁଗାଲ, ଜର୍ମାନୀ ଏବଂ ସ୍ପେନରେ ଶକ୍ତିଶାଳୀ ପ୍ରଜାତନ୍ତ୍ରବିରୋଧୀ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ତାହାକୁ ସାଧାରଣତଃ "ଫାସୀବାଦ" ବୋଲି କୁହାଯାଏ ।

### ଇଟାଲୀରେ ଫାସୀବାଦର ଆବିର୍ଭାବ:

ଫାସୀବାଦ ଶବ୍ଦର ଉତ୍ପତ୍ତିସ୍ଥଳ ହେଲା ଇଟାଲୀ ଏହା ପ୍ରଥମେ ବେନିଟ ମୁସୋଲିନ୍‌ଙ୍କ ଦ୍ୱାରା ଇଟାଲୀରେ ଆରମ୍ଭ ହୋଇଥିବା ଆନ୍ଦୋଳନ ନିମନ୍ତେ ପ୍ରୟୋଗ କରାଯାଇଥିଲା । ଫାସୀବାଦୀମାନେ ନିଜର ପ୍ରତୀକ ସ୍ୱରୁପ "କୁରାଢୀ" (Fasces) ଅଥବା 'ବିଡାଏ ଛଡ'(bundle of rods)କୁ ଗ୍ରହଣ କରିଥିଲେ । ଏହା ତାଙ୍କର ରାଷ୍ଟ୍ର ଶକ୍ତି କୁ ପ୍ରତିନିଧିତ୍ୱ କରୁଥିଲା । ଉକ୍ତ ଆନ୍ଦୋଳନର ମୁଖ୍ୟ ବିଶେଷତ୍ୱ ହେଲାପ୍ରଜାତନ୍ତ୍ର ଏବଂ ସମାଜ ବାଦକୁ ବିରୋଧ କରିବା, ଏକଛତ୍ର ଶାସନର ପ୍ରତିଷ୍ଠା ଏବଂ ଉଗ୍ରରାଷ୍ଟ୍ରବାଦ ଓ ସାମରିକ ବାଦର ସ୍ଥାପନା କରିବା ।

ମୁସୋଲିନି ପ୍ରଚୀନ ରୋମ ସାମ୍ରାଜ୍ୟର ଗୌରବମୟ ସମୟ ବିଷୟରେ ଆବେଗ ପୂର୍ଣ୍ଣଭାଷଣ ଦେଇ ଲୋକମାନଙ୍କୁ ଇଟାଲୀର ହୃତ- ଗୌରବର ପୁନଃ ସ୍ଥାପନ ପାଇଁ ଆହ୍ୱାନ ଦେଇଥିଲେ । ତାଙ୍କର ଭାଷଣରେ ପ୍ରଭାବିତ ହୋଇ ଅନେକ ପୁରାତନ ସୈନିକ ମାନେ ତାଙ୍କ ସୈନ୍ୟ ବାହିନୀରେ ଯୋଗଦାନ କରିଥିଲେ । ଏହା ଏକ ବ୍ୟକ୍ତିଗତ ସେନାଥିଲା । ଏହାକୁ "ବ୍ଲାକ ସାର୍ଟସ" କୁହାଯାଉଥିଲା । ମୁସୋଲିନ୍ ଏହି ଦଳକୁ ଆନ୍ଦୋଳନ ଦମନ ତଥା ସମାଜବାଦୀ ଏବଂ ସାମ୍ୟବାଦୀ ମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବା ପାଇଁ ଉପଯୋଗ କରୁଥିଲେ । ଇଟାଲୀର ଶାସକ ଶ୍ରେଣୀ ମଧ୍ୟ ଏହାର ପ୍ରତିବାଦ କରୁ ନଥିଲେ କାରଣ ସେମାନେ ମଧ୍ୟ ଇଟାଲିରୁ ସମାଜବାଦୀ ବିଦ୍ରୋହକୁ ପ୍ରତିହତ କରିବା ପାଇଁ ଚାହୁଁଥିଲେ ।୧୯୨୧ ମସିହାରେ ମୁସୋଲିନୀ ରାଷ୍ଟ୍ରିୟ ଫାସୀଦଳ ସ୍ଥାପନ କରିଥିଲେ । ତା' ପରବର୍ଷ ଅକ୍ଟୋବର ମାସରେ ସେ ୩୦,୦୦୦ ବ୍ଲାକ୍ ସାର୍ଟସଙ୍କୁ ରୋମ ଅଭିମୁଖେ ପ୍ରେରଣ କରିଥିଲେ । ସରକାର ବିନା ଯୁଦ୍ଧରେ ଆତ୍ମସମର୍ପଣ କଲେ ଏବଂ ରାଜା ମୁସୋଲିନଙ୍କୁ ଏକ ନୂତନ ସରକାର ଗଠନ ପାଇଁ କହିଥିଲେ । ୧୯୨୮ ବେଳକୁ ମୁସୋଲିନୀ ସମସ୍ତ ସଂସଦୀୟ ବିରୋଧୀ ମାନଙ୍କୁ ବିନାସ କରି ଜଣେ ଏକଛତ୍ର ଶାସକ ହିସାବରେ ଶାସନ ଆରମ୍ଭ କରିଥିଲେ । ସମସ୍ତ ଅଣ ଫାସୀ ଦଳଗୁଡିକ ଉପରେ ପ୍ରତିବନ୍ଧ ଲଗାଇଥିଲେ । ସେ ସମାଜବାଦୀ ଏବଂ ସାମ୍ୟବାଦୀ ମାନଙ୍କୁ ଦମନ କରିବାପାଇଁ ନିର୍ଯ୍ୟାତନା ବନ୍ଦୀର ବ୍ୟବହାର କରିବା ସହିତ ସୁନିୟୋଜିତ ଢଙ୍ଗରେ ସେମାନଙ୍କୁ ହତ୍ୟା କରୁଥିଲେ । ସେ ଫାସୀ ମୁଖ୍ୟ ପରଷଦ ଗଠନ କରିଥିଲେ ଏବଂ ନେତୃତ୍ୱର ଦ୍ୱିତୀୟ ଡ୍ୟୁସ (Duce-II) ଉପାଧି ଗ୍ରହଣ କରିଥିଲେ । ସେ ଯୁଦ୍ଧ ଏବଂ ସାମ୍ରାଜ୍ୟ ବିସ୍ତାର ନୀତିକୁ ପ୍ରଚାର କରି ଇଟାଲିକୁ ଏକ ମହାଶକ୍ତିରେ ପରିଣତ କରିବାକୁ ପ୍ରୟାସ କରିଥିଲେ ।



ଟିପ୍ପଣୀ

### ହିଟଲର ଏବଂ ନାଜୀ ଜର୍ମାନୀ :

ଜର୍ମାନୀର ଅପମାନ ଜନକ ପରାଜୟ ଏବଂ ତାର ରାଜତନ୍ତ୍ରର ପତନ ବିଷୟରେ ତୁମ୍ଭେମାନେ ପୂର୍ବରୁ ଜାଣିଅଛ । ୧୯୧୯ ମସିହାରେ ଏକ ନୂତନ ସମ୍ବିଧାନ ଅନୁସାରେ ଏକ ପ୍ରଜାତନ୍ତ୍ର ସରକାର ସ୍ଥାପିତ ହୋଇଥିଲା । ଏଥିରେ ଜଣେ ରାଷ୍ଟ୍ରପତି, ଜଣେ ଚାନସେଲର ଏବଂ ନିର୍ବାଚିତ ସଂସଦର ବ୍ୟବସ୍ଥାଥିଲା । ବିଶ୍ୱଯୁଦ୍ଧ ସମୟରେ ଏଡଲଫ ହିଟଲର ଜର୍ମାନୀର ଜଣେ ସେନା ହିସାବରେ ଚାରିବର୍ଷଧରି ବିରତ୍ୱର ସହିତ ଯୁଦ୍ଧକରି ଏକ ଲୌହ କ୍ରସ (ଛକ) ଜିତିଥିଲେ । ଜର୍ମାନୀର ପରାଜୟରେ ନିରାସ ହୋଇସେ ରାଜନୀତିରେ ଯୋଗଦେବାପାଇଁ ମନସ୍ଥ କରିଥିଲେ । ୧୯୨୧ ମସିହାରେ ହିଟଲରଙ୍କ ଶକ୍ତିଶାଳୀ ଭାଷଣ ଏବଂ ତାଙ୍କର ସଂଗଠନାତ୍ମକ ଶୈଳୀ ତାଙ୍କୁ ନେସନାଲ ସୋସିଆଲିଷ୍ଟ ଜର୍ମାନ ଓ୍ୱାର୍କ୍ସ ପାର୍ଟିର ବା ସଂକ୍ଷେପରେ ନାଜୀ ପାର୍ଟିର ନେତୃତ୍ୱ ପ୍ରଦାନ କରିଥିଲେ । ଫାସିବାଦ ଭଳି ଏହାର ମଧ୍ୟ ଏକ ସେନା ବାହିନୀ ଥିଲା ଯାହାକୁ "ଷ୍ଟୋର୍ମଟ୍ରୁପାରର୍ସ" ବା ବ୍ରାଉନ୍ ସାର୍ଟସ କୁହାଯାଉଥିଲା । ୧୯୩୦ ବେଳକୁ ଏହାର ସଂଖ୍ୟା ଏକ ଲକ୍ଷରେ ପହଞ୍ଚିଥିଲା ।

> ଫାସୀମାନେ ଇଟାଲୀର କ୍ଷମତାସୀନ ହେଲା ପରେ, କର୍ପୋରାଲ ଏଡଲଫ୍ ହିଟଲର ୧୯୩୨ରେ ଠିକ୍ ସେହିପରି ଜର୍ମାନୀରେ ପ୍ରଚେଷ୍ଟା କରିଥିଲେ । ଉକ୍ତ ଉଦ୍ୟମ ସଫଳ ନହେବାରୁ ସେ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥିଲେ । ଜେଲରେ ଅବସ୍ଥାନ ସମୟରେ ହିଟଲର ତାଙ୍କର ପୁସ୍ତକ "ମେ କେମ୍ପ"(ମୋ ସଂଘର୍ଷ) ଲେଖିଥିଲେ । ଯେଉଁଥିରେ କି ସେ ଆଧୁନୀକ ସମୟରେ କୃରତା ପୂର୍ଣ୍ଣ ଏକଛତ୍ର ବାଦର ସୃଷ୍ଟି ପାଇଁ ନିଜର ଯୋଗଦାନକୁ ଉପସ୍ଥାପନା କରିଥିଲେ ।

ନାଜୀ କାର୍ଯ୍ୟ ଶୈଳୀର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାର୍ସାଇ ସନ୍ଧିର ଅପମାନକୁ ନିର୍ବାପିତ କରିବା ତଥା ଜର୍ମାନୀକୁ ଏକ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବା ଏବଂ ସମଗ୍ର ବିଶ୍ୱକୁ ଭୟଭୀତ କରିବା ।

ନାଜୀମାନେ ଠିକ୍ ଫାଶୀବାଦୀ ମାନଙ୍କ ଭଳି ପ୍ରଜାତନ୍ତ୍ର ନାଗରିକ ଅଧିକାର ଏବଂ ସମାଜବାଦର ଘୋର ବିରୋଧୀ ଥିଲେ । ସେମାନେ ସମସ୍ତ ପ୍ରକାର ବିରୋଧକୁ ନିର୍ଦ୍ଦୟତାର ସହିତ ଦମନ କରୁଥିଲେ । ହିଟଲର ଜର୍ମାନୀର ପରାଜୟ ନିମନ୍ତେ ଜିଉ ବା ଇହୁଦୀ ମାନଙ୍କୁ ଦାୟୀ କରିଥିଲେ । ଏହି କାରଣରୁ ଇହୁଦୀ ମାନଙ୍କୁ ଧ୍ୱଂସ କରିବା ନାଜୀ ଦଳର ମୁଖ୍ୟ ବିଶେଷତ୍ୱ ହୋଇଥିଲା । ସେ ଜର୍ମାନ ଜାତିର ଶୁଦ୍ଧତା ଏବଂ ଶ୍ରେଷ୍ଠତା ଉପରେ ବିଶ୍ୱାସ କରୁଥିଲେ । ତେଣୁ ସେ ଜର୍ମାନ ମାନଙ୍କୁ ଶୁଦ୍ଧ ରକ୍ତ ବିଶିଷ୍ଟ ଆର୍ଯ୍ୟମାନଙ୍କର ବଂଶଧର ବୋଲି ଅଭିହିତ କରୁଥିଲେ । ଏହାଛଡା ସମସ୍ତ ଜର୍ମାନ ମାନଙ୍କୁ ନେଇ ଏକ ବୃହତ ଜର୍ମାନ ଗଠନ କରିବାପାଇଁ ସେ ଇଚ୍ଛାପ୍ରକାଶ କରିଥିଲେ । ଜନ ସାଧାରଣଙ୍କର ଏକ ବିଶାଳ ଅଂଶ ନାଜୀ ରାଜନୀତି ଦ୍ୱାରା ପ୍ରଭାବିତ ହୋଇଥିଲେ । ସେମାନେ ଜର୍ମାନୀର ରାଷ୍ଟ୍ରୀୟ ଗୌରବ ପାଇଁ ଆବେଦନ କରିଥିଲେ । ଏବଂ ତାହା ନାଜୀ ରାଜନୀତିକୁ ସମର୍ଥନ ପ୍ରଦାନ କରିଥିଲା ।

୧୯୩୬ ରେ ଅଲମ୍ପିକ ଖେଳ ବର୍ଲିନ ଠାରେ ଅନୁଷ୍ଠିତ ହୋଇଥିଲା । ହିଟଲର ଏହି ଖେଳରେ ନିଜ ସିଦ୍ଧାନ୍ତ "ଆର୍ଯ୍ୟ ବଂଶର ଶ୍ରେଷ୍ଠତା" କୁ ପ୍ରତିପାଦନ କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ତାଙ୍କର ପ୍ରଚେଷ୍ଟା ସଫଳ ହୋଇନଥିଲା କାରଣ ଏହି ଖେଳରେ ଜେସ୍ସୀ ଓୱେନ୍ସ (Jesse Owens) ନାମକ ଜଣେ ଆଫ୍ରେ-ଆମେରିକୀୟ ଧାବକ ସର୍ବାଧିକ ଲୋକପ୍ରିୟ ନାୟକ ହୋଇଥିଲେ ।

୧୯୩୦ ଦଶକରେ ଆର୍ଥିକ ବିକାଶ ହିଟଲାରଙ୍କୁ କ୍ଷମତା ହାସଲ କରିବା ପାଇଁ ସହଯୋଗ କରିଥିଲା । ଏକ ମହାନ ଆର୍ଥିକ ମାନ୍ଦାବସ୍ଥା ଆମେରିକା ତଥା ୟୁରୋପକୁ ଗଭୀର ଆଘାତ ପ୍ରଦାନ କାରିଥିଲା । ଏହାର

ପରିଣାମ ସ୍ୱରୂପ ପ୍ରାୟ ୮ ମିଲିୟନ ଜର୍ମାନ ଶ୍ରମିକ ବେକାର ହୋଇଯାଇଥିଲେ । ବର୍ତ୍ତମାନ ନାଜୀଦଳ ନିଜର ପ୍ରଭାବ ବିସ୍ତାର କରିବା ଆରମ୍ଭ କରିଥିଲେ । ସମାଜ ବାଦୀ ତଥା ସାମ୍ୟବଦୀ ମାନେ ନାଜୀ ଦଳ ବିରୁଦ୍ଧରେ ସଂଗଠିତ ହୋଇପାରି ନଥିଲେ । ଏହାର ଫଳ ସ୍ୱରୂପ ୧୯୨୮ ରେ ସଂସଦରେ ୧୨ ଟି ଆସନ ଦଖଲ କରିଥିବା ନାଜୀଦଳ ୧୯୩୨ ମସିହାରେ ସର୍ବାଧିକ ବହୁମତ ହାସଲ କରି ଏକକ ସଂଖ୍ୟା ଗରିଷ୍ଠ ଦଳଭାବରେ ପରିଗଣିତ ହୋଇଥଲା । ରାଷ୍ଟ୍ରପତି ହିଣ୍ଡେନ ବର୍ଗ ହିଟଲରଙ୍କୁ ଚାନସେଲର ଭାବରେ ନିଯୁକ୍ତି ଦେଇ ନୂତନ ସରକାର ଗଠନ କରିବା ପାଇଁ ଆମନ୍ତ୍ରଣ କରିଥିଲେ ।

କ୍ଷମତାକୁ ଆସିବାର କ୍ଷଣିକ ମଧ୍ୟରେ ହିଟଲର ଆତଙ୍କ ରାଜ ପ୍ରବର୍ତ୍ତିତ କରି ଦେଇଥିଲେ । ସମସ୍ତ ପ୍ରଜାତାନ୍ତ୍ରିକ ସିଦ୍ଧାନ୍ତ ଗୁଡିକୁ ରଦ୍ଦ କରିଥିଲେ । ଫେବୃୟାରୀ ୧୯୩୩ରେ ନାଜୀ ମାନେ ସଂସଦ ଗୃହରେ ଅଗ୍ନି ସଂଯୋଗ କରିଥିଲେ ଏବଂ ଏଥିପାଇଁ ସମାଜବାଦୀ ଏବଂ ସାମ୍ୟବାଦୀ ମାନଙ୍କୁ ଦୋଷାରୋପ କରିଥିଲେ । ୬୦,୦୦୦ ରୁ ଉର୍ଦ୍ଧ୍ୱ ଜନତାଙ୍କୁ ବନ୍ଦୀ କରିଥିଲେ ଅଥବା ନଜର ବନ୍ଦୀ ହିସାବରେ ରଖିଥିଲେ । ୧୯୩୩ ମଧ୍ୟଭାଗ ବେଳକୁ ନାଜୀ ଦଳ ବ୍ୟତିତ ଅନ୍ୟ ସମସ୍ତ ରାଜନୈତିକ ଦଳଗୁଡିକ ଉପରେ କଟକଣା ଜାରି କରାଯାଇଥିଲା । ୨ ଅଗଷ୍ଟ ୧୯୩୪ରେ ହିଣ୍ଡେନ ବର୍ଗଙ୍କ ମୃତ୍ୟୁପରେ ସେ ଜର୍ମାନୀର ରାଷ୍ଟ୍ରପତି ଭାବେ ଅବସ୍ଥାପିତ ହୋଇଥିଲେ । ଇହୁଦୀ ମାନଙ୍କୁ ସମ୍ପୂର୍ଣ୍ଣରୂପେ ବିନାସ କରିବାପାଇଁ ଏକ ସୁପରି କଳ୍ପିତ ଅଭିଯାନ ଚଳାଇଥିଲେ । ଏଥି ସହିତ ସୈନିକରଣର (Miltarisation) କାର୍ଯ୍ୟକ୍ରମ ର ଆରମ୍ଭ କରିଥିଲେ ।

ହିଟଲର ଏତେମାତ୍ରାରେ ନିଷ୍ଠୁର ଥିଲେ ଯେ ତାଙ୍କୁ କ୍ଷମତାସୀନ କରିବାପାଇଁ ସାହାର୍ଯ୍ୟ କରିଥିବା ଶହଶହ ଷ୍ଟୋର୍ମଟ୍ରୁପାରର୍ସ ମାନଙ୍କୁ ଗୋଟିଏ ରାତିରେ ମାରିବା ପାଇଁ ଆଦେଶ ଦେଇଥିଲେ । ୩୦ ଜୁନ ୧୯୩୪ ଦିନକୁ "ଲମ୍ବା ଛୁରୀର ରାତ୍ରୀ" (Night of Long Knives) ବୋଲି କୁହାଯାଏ ।

**ଜାପାନର ସାମରୀକ ଫାଶୀବାଦ :**

ଜାପାନ ଏସିଆର ଏପରି ଏକ ଦେଶ ଯେ କି ଉପନିବେଶବାଦରୁ ବର୍ତ୍ତି ଯାଇଥିଲା । ଉନ୍ନବିଂଶ ଶତାବ୍ଦୀର ଶେଷବେଳକୁ ଜାପାନର ସାମ୍ରାଜ୍ୟ ବିସ୍ତାର ନୀତି ତାକୁ ଚୀନ ସହିତ ଏକ ଯୁଦ୍ଧରେ ଲିପ୍ତ କରିଥିଲା । ଚୀନର ପରାଜୟ ପରେ ଜାପାନ ସେଠାରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ସକ୍ଷମ ହୋଇଥିଲା । ଜାପାନ ଯୁଦ୍ଧରେ ରୁଷକୁ ୧୯୦୫ରେ ପରାଜିତ କରି ରଷର ଅଧିକୃତ ଅଞ୍ଚଳ ମାଥୁରିଆ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରିଥିଲା । ଏସିଆର ଏକ ରାଷ୍ଟ୍ର ୟୁରୋପର ଏକ ଶକ୍ତିଶାଳୀ ରାଷ୍ଟ୍ରକୁ ଯୁଦ୍ଧରେ ପରାଜିତ କରିବାରେ ଏହା ହେଉଛି ପ୍ରଥମ ଘଟଣା । ଏହା ପରେ ପରେ କୋରିଆକୁ ମଧ ଜାପାନ ଅଧିକାର କରିଥିଲା ।

ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ ଜାପାନକୁ ଚୀନରେ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଥିବା ଜର୍ମାନ ଅଧିକୃତ ଅଂଚଳକୁ ଦଖଲ କରିବାପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା । ଯୁଦ୍ଧ ପରେ ପରେ ରାଷ୍ଟ୍ର ସଂଘ ଉକ୍ତ ଦ୍ୱୀପ ଗୁଡ଼ିକୁ ଅଧିଦେଶର ମର୍ଯ୍ୟାଦା ପ୍ରଦାନ କରିଥିଲା । ଏହି ସମୟ ବେଳକୁ ଜାପାନର ସୈନ୍ୟ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ ହୋଇଥିଲା । ଏହା ନିଜ ରାଷ୍ଟ୍ରର ପ୍ରଜାତନ୍ତ୍ରକୁ ସମାପ୍ତ କରିଦେଇଥିଲା ଏବଂ ଉଗ୍ର ଜାତୀୟତାବାଦ ଏବଂ ସାମ୍ରାଜ୍ୟବାଦକୁ ସମର୍ଥନ କରୁଥିଲା । କମ୍ ସମୟ ମଧ୍ୟରେ ଜାପାନ ଏକ ଆକ୍ରମଣକରୀ ସାମରୀକ ଶକ୍ତିରେ ପରିଣତ ହୋଇଥିଲା । ୧୯୩୦ ଦଶକରେ ସେ ପୃଥିବୀକୁ ପୁନଃର୍ବାର ଭାଗ କରିବା ପାଇଁ ଜର୍ମାନୀ ଏବଂ ଇଟାଲୀର ଫାସୀବାଦ ସରକାରଙ୍କ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲା ।

## ୨୪.୨ ପାଠଗତ ପ୍ରଶ୍ନ

(A) କେଉଁଟା ଠିକ୍ ଏବଂ ଭୁଲ ନିର୍ଣ୍ଣୟକର ?

୧. ୧୯୨୦ ଦଶନ୍ଧିରେ ସମାଜବାଦୀ ବିପ୍ଳବ ଅନେକ ରାଷ୍ଟ୍ରରେ ସଫଳ ହୋଇଥିଲା ।

.......................................................................................

୨. ଫାସୀବାଦ ଶବ୍ଦ ଗଣତାନ୍ତ୍ରୀକ ଆନ୍ଦୋଳନକୁ ବର୍ଣ୍ଣନା କରିବାପାଇଁ ବ୍ୟବହୃତ ହେଉଥିଲା ।

.......................................................................................

୩. ହିଟଲର ଆଧୁନିକ ଯୁଗରେ ସର୍ବାଧିକ ବର୍ବରତା ପୂର୍ଣ୍ଣ ଶାସନ ସ୍ଥାପନ କରିଥିଲେ ।

.......................................................................................

4. ୟୁରୋପୀୟ ସରକାର ମାନେ ସମାଜବାଦର ଉତ୍‌ଥାନ କୁ ସମର୍ଥନ କରୁଥିଲେ ।

.......................................................................................

୫. ଜାପାନ ଚୀନ ପ୍ରତି ଏକ ଶାନ୍ତିପୂର୍ଣ୍ଣ ନୀତି ଅବଲମ୍ବନ କରିଥିଲା ।

.......................................................................................

(B). ଶୂନ୍ୟସ୍ଥାନ ପୁରଣ କର ।

୧. ମୁସୋଲିନୀଙ୍କ ସୈନ୍ୟଦଳକୁ ............କୁହାଯାଏ ।

୨. ଜେଲରେଥିବା ସମୟରେ ହିଟଲର ...............ଲେଖିଥିଲେ ।

୩. ଫାସୀ ମାନଙ୍କପରି ନାଜୀମାନେ...........ଏବଂ.........କୁ ବିରୋଧ କରୁଥିଲେ ।

୪. ମୁସୋଲିନୀ..........କୁ .............କରି କ୍ଷମତାପ୍ରାପ୍ତ କରିଥିଲେ ।

୫. ଋଷକୁ ଯୁଦ୍ଧରେ ହରାଇ ଜାପାନ............ର ............ଅଧିକାର କରିଥିଲା ।

---

## ୨୪.୩. ମହାନ ଆର୍ଥିକ ଅବସାଦ ଓ ଏହାର ପ୍ରଭାବ

ପ୍ରଥମ ବିଶ୍ୱଯୁଦ୍ଧ ପରେ ଏହା ଏକ ମହତ୍ୱପୂର୍ଣ୍ଣ ପ୍ରଭାବ ଥିଲା ଯେ ୟୁରୋପର ଆଧିପତ୍ୟ କମିଯିବା ସଙ୍ଗେ ସଙ୍ଗେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଯୁଦ୍ଧ ଦ୍ୱାରା ୟୁରୋପର ଆର୍ଥିକ ସ୍ଥିତି ଭାଙ୍ଗିପଡିଥିବା ବେଳେ ଆମେରିକାର ଅର୍ଥନୀତି ସୁଦୃଢ ହୋଇଥିଲା । ଆମେରିକା ଭୂମିରେ କୌଣସି ଯୁଦ୍ଧ ହୋଇନଥିଲା ଏବଂ ମିତ୍ର ପକ୍ଷକୁ ଯୁଦ୍ଧ ସାମଗ୍ରୀ ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଉ ଥିବାରୁ ତାର ଔଦ୍ୟୋଗିକ ବିକାଶ ଜାରି ରହିଥିଲା । ଏଥିଅନ୍ତେ ଏକ ଦଶନ୍ଧି ପରେ ଦେଶରେ ଏକ ଗମ୍ଭୀର ଆର୍ଥିକ ସମସ୍ୟା ଦେଖା ଦେଇଥିଲା, ଯାହାକି ପରବର୍ତ୍ତି ସମୟରେ ୟୁରୋପର ଅବଶିଷ୍ଟାଂଶ ଅଞ୍ଚଳକୁ ବ୍ୟାପି ଯାଇଥିଲା ।

ତୁମେ ଜାଣିଛ ଯେ ଆମେରିକା ଉତ୍ପାଦନ ପାଇଁ ପୁଞ୍ଜିବାଦୀ ବ୍ୟବସ୍ଥାକୁ ଅନୁସରଣ କରିଥିଲା ଯେଉଁଥିରେ ଲାଭର ଅଧିକାଂଶ ଶିଳ୍ପପତିମାନଙ୍କ ହାତକୁ ଯାଉଥିଲା । ଅନ୍ୟ ପକ୍ଷରେ ଅଧିକାଂଶ ଶ୍ରମିକ ମାନେ ଦାରିଦ୍ରତାର ସୀମାରେଖା ତଳେ ରହି ଜୀବନ ଯାପନ କରୁଥିଲେ । ସେଥିପାଇଁ ଉକ୍ତ ଉଦ୍ୟୋଗରେ ଦ୍ୱାରା ଉତ୍ପାଦିତ

ଟିପ୍ପଣୀ

ହେଉଥିବା ସାମଗ୍ରୀ ଗୁଡିକୁ କିଣିବା ପାଇଁ ବହୁତ ଅଧିକ ଲୋକଙ୍କ ପାଖରେ ସାମର୍ଥ୍ୟ ନ ଥିଲା । ତେଣୁ ଅତ୍ୟଧିକ ଉତ୍ପାଦନ ଏବଂ କ୍ରୟ ଶକ୍ତିର ବିତରଣରେ ଅନିୟମିତତା ଏହି ମହାନ୍ ଆର୍ଥିକ ଅବସାଦର ଦୁଇଟି ମୁଖ୍ୟ କରଣ ହୋଇ ଦଣ୍ଡାୟମାନ ହୋଇଥିଲା । ଏହା ଅକ୍ଟୋବର ୧୯୨୯ରେ ଆମେରିକାକୁ ଆଘାତ କରିବାପରେ ସାରା ପୃଥିବୀରେ ବ୍ୟାପି ଯାଇଥିଲା ।

ଅଂଶଧନର ମୂଲ୍ୟରେ ହ୍ରାସ ଘଟିବା ଫଳରେ ଉକ୍ତ ସଂକଟ ଦେଖାଦେଇଥିଲା ଏବଂ ଆମେରିକାର ଅଂଶଧନ ବଜାର ଭୁଷୁଡି ପଡିଥିଲା । ଗୋଟାଏ ଦିନରେ ନ୍ୟୁୟର୍କ ଅଂଶଧନ ବଜାରରେ ପ୍ରାୟ ୧୬ ନିୟୁତ ଅଂଶଧନକୁ ବିକ୍ରି କରାଯାଇଥିଲା ।

ପରବର୍ତ୍ତୀ ଚାରିବର୍ଷରେ ପ୍ରାୟ ୯୦୦୦ ବ୍ୟାଙ୍କ ବନ୍ଦ ହୋଇ ଯାଇଥିଲା । ଏବଂ ହଜାର ହଜାର ଲୋକ ନିଜ ନିଜର ସାରାଜୀବନ କାଳରେ ଗଚ୍ଛିତ ଅର୍ଥରାଶି ହରାଇଥିଲେ ।

ବହୁ ସାମଗ୍ରୀ ଗୁଡିକ ବିକ୍ରି ନହେବାରୁ ହଜାର ହଜାର କରଖାନା ଗୁଡିକ ବନ୍ଦ ହୋଇଗଲା ଯାହାଫଳରେ ବେରୋଜଗାରୀ, ଦରିଦ୍ରତା ତଥା ଅନାହାର ସମସ୍ୟା ଦେଖାଦେଇଥିଲା ।

ଆମେରିକୀୟ ଅର୍ଥନୀତି ବିଶେଷକରି ଆମେରିକାର ବ୍ୟାଙ୍କ ଉପରେ ନିର୍ଭର କରୁଥିବା ସୋଭିଏତ୍ ସଂଘ ବ୍ୟତିତ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରମାନେ ଉକ୍ତ ଆର୍ଥିକ ଅବସାଦ ଭୋଗ କରୁଥିଲେ । ଉକ୍ତ ଦେଶମାନଙ୍କରେ ସେହି ଏକ ପ୍ରକାର ପ୍ରଭାବ ଦେଖିବାକୁ ମିଳିଥିଲା । ପୃଥିବୀରେ ବେକାରୀ ମାନଙ୍କର ସଂଖ୍ୟା ୫୦ ନିୟୁତରୁ ଅଧିକ ହୋଇଥିବା ସ୍ଥଳେ କେବଳ ଆମେରିକାରେ ଏହାର ସଂଖ୍ୟା ୧୫ ନିୟୁତ ରେ ପହଞ୍ଚି ଯାଇଥିଲା ।

ଆର୍ଥିକ ସଂକଟ ମଧ୍ୟ ଉକ୍ତ ଦେଶମାନଙ୍କରେ ରାଜନୈତିକ ଅବସ୍ଥାକୁ ପ୍ରଭାବିତ କରିଥିଲା । ଆମେରିକାରେ ଡେମୋକ୍ରେଟିକ୍ ଦଳ କ୍ଷମତାକୁ ଆସିଲା ଏବଂ ଫ୍ରାଙ୍କଲିନ୍ ଡି. ରୁଜ୍‌ଭେଲ୍ଟ ରାଷ୍ଟ୍ରପତି ପଦ ଗ୍ରହଣ କରିଥିଲେ । ସେ ଆର୍ଥିକ ସଂସ୍କାର ଏବଂ ସାମାଜିକ କଲ୍ୟାଣ ପାଇଁ ଏକ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ । ଏହାକୁ ନିଉ ଡିଲ (New deal) କୁହାଯାଏ । ଇଂଲଣ୍ଡ ଏବଂ ଫ୍ରାନ୍ସରେ ଶ୍ରମିକ ସହଯୋଗୀ ସରକାର (Labour friendly Govtrnment) କ୍ଷମତା ହାସଲ କରିଥିଲେ । ଇଂଲଣ୍ଡ ଏବଂ ଫ୍ରାନ୍ସରେ ଫାସୀବାଦୀ ଆନ୍ଦୋଳନର ଆରମ୍ଭ ହୋଇଥିଲେ ମଧ୍ୟ ସେମାନେ ସଫଳ ହୋଇପାରି ନଥିଲେ । ପୂର୍ବରୁ ତମେ ପଢି ଅଛ ଯେ ଯୁଦ୍ଧ ପରବର୍ତ୍ତୀ ଅସନ୍ତୁଷ୍ଟ ଏବଂ ଆର୍ଥିକ ଅବସାଦ ଜର୍ମାନୀ ଏବଂ ଇଟାଲୀରେ ଫାସୀବାଦକୁ ବିଜୟୀ / କ୍ଷମତାସୀନ କରିଥିଲା ।

୧୯୩୦ ଦଶକରେ ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ବୈଦେଶିକ ନୀତି ପ୍ରାୟ ଏକ ପ୍ରକାର ଥିଲା । ସେମାନେ ଫାସୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନିଷ୍ଠାନ ଗ୍ରହଣ କରିନଥିଲେ । କାରଣ ସମାଦବାଦୀ ଚିନ୍ତା ଧାରାର ପ୍ରସାର ଏବଂ ଶ୍ରମିକ ଆନ୍ଦୋଳନକୁ ପ୍ରତିରୋଧ କରିବା ଥିଲା ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଏଥିପାଇଁ ଯେତେବେଳେ ଫାସୀ ମାନଙ୍କର ଆକ୍ରମଣ ଆରମ୍ଭ ହୋଇଥିଲା ସେମାନେ ଏହାକୁ ପ୍ରତିରୋଧ କରିବାପାଇଁ କୌଣସି ପଦକ୍ଷେପ ନେଇନଥିଲେ । ପରନ୍ତୁ ସେମାନେ ଏହି ଆଶାରେ ଫାସୀବାଦୀ ମାନଙ୍କୁ ସନ୍ତୁଷ୍ଟ କଲେ ଯେ, ସେମାନେ ସାମ୍ୟବାଦକୁ ସମାପ୍ତ କରିଦେବେ ।

**ୟୁ.ଏସ୍.ଏସ୍.ଆରର ବିକାଶ**

ପ୍ରଥମ ବିଶ୍ୱଯୁଦ୍ଧରେ ରୁଷର ଯୋଗଦାନ ତଥା ରୁଷ ବିପ୍ଲବ ବିଷୟରେ ଆମ୍ଭେ ପୂର୍ବରୁ ଆଲୋଚନା କରି ସାରିଅଛୁଁ । ଏହାର ଠିକ୍ ପରେ ପରେ ଏକ ଗୃହ ଯୁଦ୍ଧ ଏବଂ ମିତ୍ର ରାଷ୍ଟ୍ରମାନଙ୍କ ଦ୍ୱାରା ସାମରିକ ହସ୍ତକ୍ଷେପ କରାଯାଇଥିଲା । ଏସବୁର ପରିଣାମ ସ୍ୱରୁପ ରୁଷର ଅର୍ଥବ୍ୟବସ୍ଥା ଭାଙ୍ଗି ପଡିଥିଲା । ସେଠାରେ ଘୋର





ଖାଦ୍ୟାଭାବ ଦେଖାଯିବା ସହିତ ଔଦ୍ୟୋଗିକ ଉତ୍ପାଦନ ବହୁ ପରିମାଣରେ ହ୍ରାସ ପାଇଥିଲା । ଏହା ପରବର୍ତ୍ତୀ ଦୁର୍ଭିକ୍ଷ ସ୍ଥିତିର ଗଭୀର ଅବନତି ଆଣିଥିଲା ।

ଲେନିନ୍ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ବାଧ୍ୟ ହୋଇଥିଲେ । ସେଭିଏତ୍ ସରକାର ଧନୀ ଚାଷୀ (କୁଲକ୍ସ)ମାନଙ୍କ ଠାରୁ ବଳପୂର୍ବକ ବଳକା ଖାଦ୍ୟଶସ୍ୟ ହସ୍ତଗତ କରିଥିଲେ ଏବଂ ଅବଶିଷ୍ଟ ଜନ- ସାଧାରଣଙ୍କୁ ଖୁଆଇ ଥିଲେ । ବଜାର ମାନଙ୍କରେ କୌଣସି ଜିନିଷର କିଣାବିକା ହୋଇ ପାରି ନଥିଲା । ଶ୍ରମିକ ମାନଙ୍କୁ ମଜୁରୀ ହିସାବରେ ଉଦ୍ୟୋଗରେ ଉତ୍ପାଦିତ ଦ୍ରବ୍ୟ ଗୁଡିକୁ ଦିଆଯାଇଥିଲା । ଲୋକମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ବିନା ଉଦ୍ଦେଶ୍ୟରେ ଜନ ସାଧାରଣଙ୍କ ପାଇଁ କାର୍ଯ୍ୟକରିବାକୁ ମଧ୍ୟ ବାଧ୍ୟ କରାଯାଇଥିଲା ।୧୯୧୮ରୁ ୧୯୨୧ ପର୍ଯ୍ୟନ୍ତ ଚାଲିଥିବା ଉକ୍ତ ସମସ୍ୟା ବହୁଳ ସ୍ଥିତିକୁ "ଯୁଦ୍ଧ ସାମ୍ୟବାଦ ବା "ସାମ୍ୟବାଦ ସଂଗ୍ରାମ" (War Communism) କୁହାଯାଏ ।

କୃଷକ ଏବଂତାଙ୍କ ଦଳର କିଛି ଉଚ୍ଚପଦସ୍ଥ ସଦସ୍ୟମାନେ ଉକ୍ତ ବ୍ୟବସ୍ଥାକୁ ଭୟଙ୍କର ସମାଲୋଚନା କରିବା ଫଳରେ ଲେନିନ୍ ୧୯୨୧ରେ ଏହାର ପ୍ରତି ବଦଳରେ ନୂତନ ଆର୍ଥିକ ନୀତି (New Economic Policy) ଚଳାଇଥିଲେ । ସାମ୍ୟବାଦ ସଂଗ୍ରାମ (War Communism)ର କଠୋର ପଦକ୍ଷେପ ଗୁଡିକୁ ପ୍ରତ୍ୟାହାର କରିଦେଇ ଥିଲେ । ବର୍ତ୍ତମାନ କୃଷକ ମାନେ ତାଙ୍କ ଉତ୍ପାଦନର ଏକ ଦଶମାଂସ ଟିକସ ଆକାରରେ ଦେଇ ଅବଶିଷ୍ଟ ଅଶଂକୁ ମୁକ୍ତ ବଜାର ମାନଙ୍କରେ ବିକ୍ରି କରିବାର ଅଧିକାର ପାଇଲେ । ଅଧିକାଂଶ ଉଦ୍ୟୋଗ ଗୁଡିକ ସରକାରଙ୍କ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ କ୍ଷୁଦ୍ର ଉଦ୍ୟୋଗ ଗୁଡିକୁ ତାହାର ଘରୋଇ ମାଲିକ ମାନଙ୍କୁ ଫେରାଇ ଦିଆଯାଇଥିଲା । ଶ୍ରମିକ ମାନଙ୍କୁ ମଜୁରୀ ନଗଦ ମୁଦ୍ରାଆକାରରେ ପୁନଃପ୍ରଦାନ କରିବାପାଇଁ ବ୍ୟବସ୍ଥା କରାଗଲା ।

୧୯୨୪ ମସିହାରେ ଏକ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେଲା ଏହାଦ୍ୱାରା ରୁଷିଆ ଏକ ସୋଭିଏତ୍ ସମାଜବାଦୀ ରାଷ୍ଟ୍ର ସଂଘରେ ରୁପାନ୍ତରିତ ହୋଇଥିଲା । ୧୯୨୪ରେ ଲେନିନ୍‌ଙ୍କ ମୃତ୍ୟୁପରେ ଦଳ ମଧ୍ୟରେ ନେତୃତ୍ୱ ପାଇଁ ଘୋର ସଂଘର୍ଷ ଉପୁଜିଥିଲା । କିପ୍ରକାରର ନୀତି ଗୁଡିକୁ ପ୍ରଚଳନ କରାଯିବ ସେ ନେଇ ବରିଷ୍ଠ ନେତା ମାନଙ୍କ ମଧ୍ୟରେ ଘୋର ମତ ପାର୍ଥକ୍ୟ ଦେଖାଦେଇଥିଲା । ପରିଶେଷରେ ଷ୍ଟାଲିନ୍‌ଙ୍କ ବିଜୟ ହୋଇଥିଲା ଏବଂ ସେ ସାମ୍ୟବାଦୀ ପାର୍ଟିର ମହାସଚିବ ହୋଇଥିଲେ ଏବଂ ବିଶାଳ ଶକ୍ତିର ଅଧିକାରୀ ହେଲେ ।

ଅଳ୍ପ କିଛି ବର୍ଷ ମଧ୍ୟରେ ୟୁ.ଏସ୍. ଏସ୍.ଆର ପାଞ୍ଚବର୍ଷିଆ ଯୋଜନାର ପର୍ଯ୍ୟାୟ ମାଧ୍ୟମରେ ଏକ ଶକ୍ତିଶାଳୀ ଔଦ୍ୟୋଗିକରଣ କାର୍ଯ୍ୟମର ଆରମ୍ଭ କରିଥିଲା । ପ୍ରଥମ ଯୋଜନାଟି ୧୯୨୯ରେ ଆରମ୍ଭ ହୋଇଥିଲା । କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ଉକ୍ତ ଯୋଜନାର ଲକ୍ଷ୍ୟ ଗୁଡିକ ମଧ୍ୟରୁ ଏକ ଥିଲା । ବିପ୍ଲବ ପରେ ପରେ ଚାଷପୋଯୋଗୀ ଜମିକୁ କୃଷକ ମାନଙ୍କ ମଧ୍ୟରେ ପୁନଃ ବିତରଣ କରିବାଦ୍ୱାରା ଜମି ଲକ୍ଷ ଲକ୍ଷ କ୍ଷୁଦ୍ର ଏବଂ କମ୍ ଉତ୍ପାଦନ କ୍ଷମ କ୍ଷେତ୍ରରେ ପରିଣତ ହୋଇଥିଲା । ଉତ୍ପାଦନ ବୃଦ୍ଧି ନିମନ୍ତେ ସରକାର ଛୋଟ ଛୋଟ କ୍ଷେତ ଗୁଡିକୁ ସାମୁହିକୀ କରଣ କରିବାପାଇଁ ଉତ୍ସାହିତ କରିଥିଲେ । କୃଷକ ମାନଙ୍କୁ ଉଭୟ ପ୍ରୋତ୍ସାହିତ କରିବା ସହିତ ନିଜ ଜମି ଉପରେ ଥିବା ମାଲିକାନା ସତ୍ୱକୁ ପରିହାର କରିବା ପାଇଁ ବାଧ୍ୟ କରାଯାଇଥିଲା । କ୍ଷେତ ଗୁଡିକୁ ଏକତ୍ରୀତ କରିବା ସହିତ ଜମି ମାଲିକ ମାନଙ୍କୁ ଉକ୍ତ ଏକତ୍ରୀତ କ୍ଷେତର ସଦସ୍ୟ ତଥା ସଂଯୁକ୍ତ ମାଲିକାନା ଅଧିକାର ପ୍ରଦାନ କରାଯାଇଥିଲା । ଉକ୍ତ ସାମୁହିକ କାରଣକୁ ବିରୋଧ କରୁଥିବା କୁଲକ୍ସ (Kulaks) ମାନଙ୍କୁ ଦୃଢ ହସ୍ତରେ ଦମନ କରାଯାଇଥିଲା । ଅନୁମାନ କରାଯାଏ ଯେ

ଟିପ୍ପଣୀ

ଏହି ସମୟରେ ହଜାର ହଜାର ସଂଖ୍ୟାରେ ସେମାନେ ମୃତ୍ୟୁ ବରଣ କରିଥିଲେ । ମୁଖ୍ୟ ପ୍ରଚେଷ୍ଟା ଔଦ୍ୟୋଗିକୀକରଣ ଆଡକୁ ଥିଲା ।

ଉକ୍ତ ଯୋଜନାର ଏ ଦିଗରେ ସଫଳ ଅତ୍ୟଧିକ ଥିଲା ଏବଂ ସୋଭିଏତ୍ ଋଷ ବିଶ୍ୱର ଏକ ପ୍ରମୁଖ ଔଦ୍ୟୋଗିକ ଶକ୍ତି ଭାବରେ ଆବିର୍ଭାବ ହୋଇଥିଲା । ଏହା ଲକ୍ଷ କରିବା ମହତ୍ୱପୂର୍ଣ୍ଣ ଯେ ଏହି ସମୟରେ ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ଅତ୍ୟଧିକ ଆର୍ଥିକ ସଂକଟର ସମ୍ମୁଖୀନ ହୋଇଥିଲା । ସୋଭିଏତ୍ ସଂଘ ଏକ ସଫଳ ସମାଜବାଦୀ ଅର୍ଥବ୍ୟବସ୍ଥାର ଉଦାହରଣ ହୋଇଥିଲା ଏବଂ ଉକ୍ତ ବ୍ୟବସ୍ଥାକୁ ବହୁ ଉପନିବେଶ ଗୁଡିକ ସ୍ୱାଧୀନତା ପ୍ରାପ୍ତିପରେ ଅନୁସରଣ କରିଥିଲେ । ଆମେରିକା ସହିତ ଅଧିକାଂଶ ୟୁରୋପୀୟ ରାଷ୍ଟ୍ରମାନେ ୧୯୩୩ ପର୍ଯ୍ୟନ୍ତ ସୋଭିଏତ୍ ସଂଘକୁ ସ୍ୱୀକୃତି ପ୍ରଦାନ କରିନଥିଲେ । ସେ ୧୯୩୪ ମସିହାରେ ହିଁ ରାଷ୍ଟ୍ରସଂଘର ସଦସ୍ୟ ହୋଇଥିଲା । ଏହା ପରେ ମଧ ସୋଭିଏତ୍ ସଂଘ ସହିତ ଶତୃତା ଲାଗି ରହିଥିଲା । ୧୯୩୦ ଦଶକରେ ଯେତେମେଳେ ଫାସୀ ମାନଙ୍କର ଆକ୍ରମଣ ଆରମ୍ଭ ହୋଇଥିଲା ସେତେବେଳେ ସୋଭିଏତ ସଂଘ ହିଁ ଏକମାତ୍ର ବୃହତ ଶକ୍ତିଥିଲା ଯେ କି ସକ୍ରିୟ ଭାବରେ ଏହାକୁ ବିରୋଧ କରୁଥିଲା ।

## ୨୪.୩ ପାଠ ଗତ ପ୍ରଶ୍ନ

(A) ନିମ୍ନଲିଖିତ ଯୋଡି ତିଆରି କର ।

| | |
|---|---|
| ୧. ନିଉ ଡିଲ | ୟୁଏସ୍ ଏସ୍ ଆର |
| ୨. ଧନୀ କୃଷକ | ସହକାରୀ କ୍ଷେତ |
| ୩. ନୂଆ ଆର୍ଥିକ ନୀତି | ୟୁଏସ୍ଏ |
| ୪. ସାମୁହିକୀକରଣ | କୁଲକ୍ସ |
| ୫. ଅତ୍ୟଧିକ ଉତ୍ପାଦନ | କଠୋର ଆର୍ଥିକ ଅବସାଦ । |

**(B) ଠିକ୍ ଏବଂ ଭୁଲ୍ ଦର୍ଶାଅ ।**

୧. ଅଧିକାଂଶ ୟୁରୋପୀୟ ରାଷ୍ଟ୍ରମାନେ ଆମେରିକାର ଅର୍ଥ ବ୍ୟବସ୍ଥା ଉପରେ ନିର୍ଭର କରନ୍ତି ।

୨. ପୁଞ୍ଜିବାଦୀ ବ୍ୟବସ୍ଥାରେ ଶ୍ରମିକ ମାନଙ୍କୁ କମ୍ ମଜୁରୀ ଦିଆଯାଇଥାଏ ।

୩. ଲୋକମାନେ ଲେନିନ୍‌ଙ୍କ ଯୁଦ୍ଧ ସାମ୍ୟବାଦ ନୀତିରେ ଖୁସି ହୋଇଥିଲେ ।

୪. ଦୃତ ଔଦ୍ୟୋଗୀ କରଣ ପାଇଁ ରୁଷ ପଞ୍ଚବର୍ଷୀୟ ଯୋଜନାର ପ୍ରାରମ୍ଭ କରିଥିଲା ।

୫. ସ୍ୱାଧୀନ ହେବାପରେ ଅଧିକାଂଶ ଉପନିବେଶ ମାନେ ଋଷର ସାମ୍ୟବାଦୀ ଅର୍ଥବ୍ୟବସ୍ଥାର ଉଦାହରଣକୁ ଗ୍ରହଣ କରିଥିଲେ ।

## ୨୪.୪ ଆକ୍ରମଣ ଏବଂ ତୁଷ୍ଟି କରଣ

୧୯୩୦ ଦଶନ୍ଧି ଇଟାଲୀ, ଜର୍ମାନୀ ଏବଂ ଜାପାନ ଦ୍ୱାରା କରାଯାଇଥିବା ଆକ୍ରମଣର ମୁକ ସାକ୍ଷୀ ଅଟେ । ଉକ୍ତ ବିଭାଗରେ ଆମ୍ଭେ ଦେଖିବାକୁ ପାଇବୁ ଯେ ଅଧିକାଂଶ ପାଶ୍ଚାତ ଦେଶମାନେ ଉକ୍ତ ଘଟଣା ଗୁଡିକପ୍ରତି କେବଳ ମାତ୍ର ନିରବ ଦ୍ରଷ୍ଟା ହୋଇ ରହି ନ ଥିଲେ ବରଂ କେତକଙ୍କୁ ସାହାର୍ଯ୍ୟ ପ୍ରଦାନ କରିଥିଲେ ଯାହା ଫଳରେ ଫାସୀବାଦୀ ମାନଙ୍କୁ ଯୁଦ୍ଧର ସ୍ଥିତି ପ୍ରସ୍ତୁତ କରିବା ପାଇଁ ସହାୟକ ହୋଇଥିଲା ।



ଟିପ୍ପଣୀ

| ତୃଷ୍ଟି କରଣ ଦୁର୍ବଳ ରାଷ୍ଟ୍ରମାନଙ୍କର ପ୍ରତି ବଦଳରେ ଏକ ଆକ୍ରମଣକରୀକୁ ଅନୁଗ୍ରହ ପ୍ରଦାନ କରିବା । |
|---|

**ଜାପାନର ମାଞ୍ଚୁରିଆ ଆକ୍ରମଣ:-**

ଆକ୍ରମଣର ସର୍ବପ୍ରଥମ ମୁଖ୍ୟ ଘଟଣା ହେଲା ୧୯୩୧ ରେ ଜାପାନ ଦ୍ୱାରା ମାଞ୍ଚୁରିଆ ଉପରେ ଆକ୍ରମଣ । ଜାପାନର ରେଳ ଲାଇନରେ ହୋଇଥିବା ଏକ ବିସ୍ଫୋରଣକୁ ଏକ ବାହାନା କରି ଜାପାନର ସାମରିକ ଅଫିସରମାନେ ମାଞ୍ଚୁରିଆ ଅଧିକାର କରିଥିଲେ । ଚୀନ ରାଷ୍ଟ୍ରସଂଘକୁ ଅପିଲ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆ ଯାଇନଥିଲା । ଜାପାନ ରାଷ୍ଟ୍ରସଂଘରୁ ଓହରି ଆସି ପୁନଃର୍ବାର ୧୯୩୭ ମସିହାରେ ଚୀନ ଉପରେ ଆକ୍ରମଣ କରିଥିଲା ।

**ଇଟାଲୀର ଇଥିଓପିୟା ଅଧିକାର**

୧୯୩୫ ରେ ଇଟାଲୀ ଇଥିଓପିଆ ଆକ୍ରମଣ କରିବାରୁ ରାଷ୍ଟ୍ର ସଂଘକୁ ଅପିଲ କରାଯାଇଥିଲା । ରାଷ୍ଟ୍ରସଂଘ ଇଟାଲୀକୁ ଆକ୍ରମଣ କାରୀ ଆଖ୍ୟା ଦେଇ ନିନ୍ଦା କରିଥିଲା ଏବଂ ଇଟାଲୀକୁ ଅସ୍ତ୍ରଶସ୍ତ୍ର ବିକ୍ରି ଉପରେ କଟକଣା ଜାରୀ କରିଥିଲା । କିନ୍ତୁ ୧୯୩୬ ବେଳକୁ ଇଟାଲୀ ଇଥିଓପିୟା ଅଧିକାରକୁ ପରିସମାପ୍ତି କରିଥିଲା । ଉକ୍ତ ଘଟଣାରେ ରାଷ୍ଟ୍ରସଂଘ ପୁଣି ଥରେ ଆକ୍ରମଣକୁ ପ୍ରତିହତ କରିବାରେ ବିଫଳ ହୋଇଥିଲା ।

**ନାଜୀ ଜର୍ମାନୀର ରାଜ୍ୟ ବିସ୍ତାର**

ହିଟଲର କ୍ଷମତାସୀନ ହେବା ବିଷୟରେ ଅଧ୍ୟୟନ ଦ୍ୱାରା ଆମେ ଜାଣିଲୁ ଯେ ଜର୍ମାନୀର ଚାନ୍‌ସେଲର ତଥା ରାଷ୍ଟ୍ରପତି ହୋଇଥିଲେ ତାପରେ ସେ ଭାର୍ସାଇ ସନ୍ଧିକୁ ଉଲଂଘନ କରି ଜର୍ମାନୀରେ ପୁନଃ ସାମରୀକ କରଣ ପ୍ରକ୍ରୀୟା ଆରମ୍ଭ କରିଥିଲେ । ଜର୍ମାନୀ ସେନାମାନେ ରାଇନ୍‌ଲେଣ୍ଡ ଅଞ୍ଚଳରେ ପ୍ରବେଶ କରିବା ଆରମ୍ଭ କରିଥିଲେ ଯାହାକୁ ଉକ୍ତ ଚୁକ୍ତି ଦ୍ୱାରା ବେସାମରିକୀ କରଣ (Demiliterize)କରାଯାଇଥିଲା । ଏହା ସହିତ ଉକ୍ତ ଚୁକ୍ତି ଅନୁସାରେ ସୈନ୍ୟ ସଂଖ୍ୟା ୧,୦୦,୦୦୦ ପରିବର୍ତ୍ତ ୮,୦୦,୦୦୦ରେ ପହଞ୍ଚିଥିଲା । ବ୍ରିଟେନ ଏବଂ ଫ୍ରାନ୍ସ କୌଣସି ପ୍ରତିରୋଧ ନକରିବାରୁ ବାୟୁସେନା ଏବଂ ନୌସେନା ବୃଦ୍ଧି କରିବା ପାଇଁ ହିଟଲରଙ୍କ ଆତ୍ମବିଶ୍ୱାସ ବଢିଯାଇଥିଲା । ସାରା ଉପତ୍ୟକା ମଧ୍ୟ ଜର୍ମାନୀ ସହିତ ମିଶି ଯାଇଥିଲା । ୧୯୩୬ ମସିହାରେ ହିଟଲର ଏବଂ ମୁସୋଲିନୀଙ୍କ ମଧ୍ୟରେ ରୋମ-ବର୍ଲିନ୍ ସନ୍ଧି ସ୍ୱାକ୍ଷରିତ ହୋଇଥିଲା ଏବଂ ୧୯୩୭ରେ ସେମାନେ ଜାପାନ ସହିତ କୋମିଟାର୍ଣ୍ଣ (Comintern) ବିରୋଧୀ ସନ୍ଧିରେ ହସ୍ତାକ୍ଷର କରିଥିଲେ ।

ହିଟଲରଙ୍କ ପରବର୍ତ୍ତୀ ଯୋଜନାଥିଲା ଅଷ୍ଟ୍ରିଆକୁ ଅଧିକାର କରିବା । ଜର୍ମାନୀ ଏବଂ ଅଷ୍ଟ୍ରିଆର ମିଶ୍ରଣ ଅଥବା ଏନଶ୍ଚୁଲସ୍ (Anschluss) ୧୯୩୮ରେ ସମାପ୍ତ ହୋଇଥିଲା । ସେହିବର୍ଷ ମ୍ୟୁନିଚ ସମ୍ମିଳନୀରେ ବ୍ରିଟେନ ଏବଂ ଫ୍ରାନ୍ସ ମ୍ୟୁନିଚ୍ ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଏହିଚୁକ୍ତି ଅନୁସାରେ ସେମାନେ ଚେକୋସ୍ଲୋଭାକିଆରେ ଥିବା ସୁଦେତାନ୍‌ଲେଣ୍ଡ (Sudetenland)କୁ ଜର୍ମାନ ଅଧିକାର କରିଥିବା ବିଷୟକୁ ସ୍ୱୀକାର କରିଥିଲେ । ଉକ୍ତ କଥାବାର୍ତ୍ତାରେ ଚେକର ଲୋକଙ୍କର ଉକ୍ତ ଅଞ୍ଚଳରେ ଜର୍ମାନ ଲୋକସଂଖ୍ୟା ଅଧିକ ଥିବା ସହିତ ତାହା କୋଇଲା, ରସାୟନ ଦ୍ରବ୍ୟ, ତଥା ଲୁହା ଏବଂ ଇସ୍ପାତ ଉଦ୍ୟୋଗର କେନ୍ଦ୍ର-ବିନ୍ଦୁ ଥିଲା । କିଛି ମାସ ପରେ ଜର୍ମାନୀ ସମଗ୍ର ଚେକୋସ୍ଲୋଭାକିଆକୁ ଦଖଲ କରିଥିଲା । ମ୍ୟୁନିଚ୍ ଚୁକ୍ତି ପାଶ୍ଚାତ ଦେଶମାନଙ୍କର ତୁଷ୍ଟିକରଣର ଅନ୍ତିମ ପର୍ଯ୍ୟାୟ ଥିଲା ।

| ୫ ଅକ୍ଟୋବର ୧୯୩୮ର ନେସନାଲ ହେରାଲ୍‌ଡ୍‌ରେ ପଣ୍ଡିତ ନେହେରୁ ଲେଖିଥିଲେ ଯେ ମ୍ୟୁନିଚ୍ ଚୁକ୍ତିରେ ହସ୍ତାକ୍ଷର କରିଥିବା ଦୃଷ୍ଟିରୁ ବ୍ରିଟେନ ଏବଂ ଫ୍ରାନସ୍‌କୁ ଲଜ୍ଜାରେ ମୁଖ ଲୁଚାଇବା ଆବଶ୍ୟକ । |
|---|




**୨୪.୩ ମାନଚିତ୍ର ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ବିଜୟ ।**

## ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାଭାସ

ଜର୍ମାନ ଏବଂ ଇଟାଲୀର ଯୁଗ୍ମ ଆକ୍ରମଣର ପ୍ରଥମ ଉଦାହରଣ ସ୍ପେନର ଗୃହଯୁଦ୍ଧ (୧୯୩୬-୩୯)ସମୟରେ ଦେଖାଦେଇଥିଲା । ଏହା ସମଗ୍ର ବିଶ୍ୱପାଇଁ ଭୟାବହ ପରିସ୍ଥିତି ସୃଷ୍ଟିକରିଥିଲା ଏଣୁ ଏହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ପୂର୍ବାଭାଷ ବୋଲି ବିବେଚନା କରାଯାଏ ।

୧୯୩୬ ମସିହାରେ ସମାଜବାଦୀ, ସାମ୍ୟବାଦୀ ଏବଂ ଅନ୍ୟାନ୍ୟ ଫାସୀ ବିରୋଧୀ ଦଳଗୁଡିକ ଏକ ଲୋକପ୍ରିୟ ସାମୁଖ୍ୟ କ୍ଷମତା ଅଧିକାର କରିଥିଲେ । ସେମାନେ ଜେନେରାଲ ଫ୍ରାଙ୍କୋଙ୍କ ନେତୃତ୍ୱରେ ଏକ



ଟିପ୍ପଣୀ

ପ୍ରଜାତାନ୍ତ୍ରୀକ ସାଧାରତନ୍ତ୍ର ସରକାର ଗଠନ କରିଥିଲେ । କିନ୍ତୁ ସୈନ୍ୟବାହିନୀର ଏକ ଗୋଷ୍ଠୀ ତାଙ୍କୁ କ୍ଷମତା ଚ୍ୟୁତ କରିବା ପାଇଁ ଯୋଜନା କରିଥିଲେ । ଜର୍ମାନ ଏବଂ ଇଟାଲୀ ଏମାନଙ୍କୁ ସାମରିକ ସାହାଯ୍ୟ ପ୍ରଦାନ କରିବା ସହିତ ଜର୍ମାନୀ ଆକାଶପୃଷ୍ଠରୁ ସ୍ପେନର ସହର ଏବଂ ଗ୍ରାମାଞ୍ଚଳଗୁଡିକ ଉପରେ ଆକ୍ରମଣ କରିଥିଲେ । ସେମାନେ ଦେଶର ଅନେକ ଅଞ୍ଚଳ ଅଧିକାର କରି ନିଜର ବସତା ସ୍ୱୀକାର କରିବା ପାଇଁ ଲୋକମାନଙ୍କୁ ଆତଙ୍କିତ କରିଦେଇଥିଲେ । ସାଧାରଣତନ୍ତ୍ର ସରକାର ସାହାଯ୍ୟ ଭିକ୍ଷା କରିଥିଲେ ମଧ୍ୟ ବ୍ରିଟେନ, ଫ୍ରାନ୍ସ ଏବଂ ଆମେରିକା ଅଣ ହସ୍ତକ୍ଷେପ ନୀତି ଗ୍ରହଣ କରିଥିଲେ । କେବଳ ମାତ୍ର ସୋଭିଏତ ସଂଘ ଉକ୍ତ ସାଧାରଣତନ୍ତ୍ରକୁ ସାହାଯ୍ୟ ପ୍ରଦାନ କରିଥିଲା ତଥା ଉକ୍ତ ସାଧାରଣତନ୍ତ୍ର ସପକ୍ଷରେ ଲଢିବା ପାଇଁସାରା ବିଶ୍ୱର ସମସ୍ତ ଫାସୀ ବିରୋଧୀମାନେ ଏକତ୍ରିତ ହୋଇ ଏକ ଆନ୍ତର୍ଜାତିକ ସୈନ୍ୟବାହିନୀ ଗଠନ କରିଥିଲେ । ସାଧାରଣତନ୍ତ୍ରକୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସହାୟତା ପ୍ରଦାନ କରିବାପାଇଁ ପଣ୍ଡିତ ଜବାହରଲାଲ ନେହେରୁ ସ୍ପେନ ଯାଇଥିଲେ । ସ୍ପେନର ଗୃହଯୁଦ୍ଧ ବର୍ତ୍ତମାନ ଏକ ସ୍ପେନୀୟ ଘଟଣା ହୋଇ ରହି ନଥିଲା । କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଅଣ ସ୍ପେନୀୟ ମାନେ ସାଧାରଣତନ୍ତ୍ରକୁ ଫାସୀ କବଳରୁ ରକ୍ଷା କରିବାପାଇଁ ନିଜର ଜୀବନ ଉତ୍ସର୍ଗ କରିଦେଇଥିଲେ । ଉକ୍ତ ଗୃହ ଯୁଦ୍ଧ ତିନିବର୍ଷ ଧରି ଚାଲିଥିଲା । ୧୯୩୯ ବେଳକୁ ସ୍ପେନ ଫାସୀ ମାନଙ୍କୁ ପରାଜିତ କରି ଦେଇଥିଲା ଏବଂ ଉକ୍ତ ନୂତନ ସରକାରଙ୍କୁ ଅଧିକାଂଶ ପାଶ୍ଚାତ୍ୟ ଦେଶ ମାନେ ସ୍ୱୀକୃତି ପ୍ରଦାନ କରିଥିଲେ ।

**ପୋଲାଣ୍ଡ ଆଡକୁ :-**

ତୁମେ ବୁଝିପାରୁଥିବ ଯେ ପାଶ୍ଚାତ ଦେଶମାନଙ୍କ ଦ୍ୱାରା ଗ୍ରହଣ କରାଯାଇ ଥିବା ତୁଷ୍ଟି କରଣ ନୀତି ଫାସୀ ଶକ୍ତି ମାନଙ୍କୁ ଅଧିକ ଆକ୍ରମଣ କରିବାପାଇଁ ପ୍ରୋତ୍ସାହିତ କରିଥିଲେ । ସୋଭିଏତ୍ ସଂଘ ଏକ ଫାସୀବାଦ ବିରୋଧୀ ବୁଝାମଣା ପାଇଁ ଦାବି କରିଥିଲେ ମଧ୍ୟ ପାଶ୍ଚ୍ୟାତ ଶକ୍ତି ମାନେ ଏଥିରେ ରାଜି ହୋଇନଥିଲେ । ନିଜର ସ୍ୱାର୍ଥରକ୍ଷା ଲାଗି ସୋଭିଏତ୍ ସଂଘ ଜର୍ମାନ ସହିତ ଏକ ଅନାକ୍ରମଣ ଚୁକ୍ତିରେ ଅଗଷ୍ଟ ୧୯୩୯ ରେ ସ୍ୱାକ୍ଷର କରିଥିଲେ । ବର୍ତ୍ତମାନ ହିଟଲର ପୋଲାଣ୍ଡ ଆଡକୁ ଦୃଷ୍ଟି ନିକ୍ଷେପ କରିଥିଲେ । ତୁମର ମନେ ଥାଇପାରେ ଯେ ପୂର୍ବ ପ୍ରୁସିଆକୁ ଅବଶିଷ୍ଟାଂଶ ଜର୍ମାନୀଠାରୁ ଅଲଗା କରୁଥିବା ମୁକ୍ତ ସହର ଡେନ୍‌ଜିଗ୍ ଏବଂ ପୋଲାଣ୍ଡ ସମ୍ମୁଖସ୍ତ ସଂକୀର୍ଣ୍ଣ ଅଞ୍ଚଳ ଦ୍ୱୟକୁ ଅଧିକାର କରିବା ପାଇଁ ହିଟଲର ଚାହୁଁଥିଲେ । ବ୍ରିଟିସ ଏବଂ ଫ୍ରାନ୍ସର ସରକାର ମାନେ ଏହା ଘୋଷଣା କରିଥିଲେ ଯେ ଯଦି ଜର୍ମାନ ପୋଲାଣ୍ଡ ଆକ୍ରମଣ କରେ ତେବେ ସେମାନେ ଜର୍ମାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବେ । କିନ୍ତୁ ଏଥିରେ ହିଟଲରଙ୍କୁ କ୍ଷାନ୍ତ କରାଯାଇପାରି ନଥିଲା । ୧ ସେପ୍ଟେମ୍ବର ୧୯୩୯ ଦିନ ଜର୍ମାନ ପୋଲାଣ୍ଡ ଆକ୍ରମଣ କରିଥିଲେ । ଏହାର ଦୁଇଦିନ ପରେ ବ୍ରିଟେନ ଏବଂ ଫ୍ରାନସ ଜର୍ମାନ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲା । ଏହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା ।

**ପାଠଗତ ପ୍ରଶ୍ନ ୨୪.୪**

ଶୂନ୍ୟସ୍ଥାନ ପୂରଣ କର

୧.

୨ ୧୯୩୧ରେ ଜାପାନ.............ଆକ୍ରମଣ କରିଥିଲା ।

୩. ଇଟାଲୀ.............ଅଧିକାର କରିବା ପାଇଁ ରାଷ୍ଟ୍ରସଂଘକୁ ଅବମାନନା କରିଥିଲା ।



ଟିପ୍ପଣୀ

୪. ଜର୍ମାନ ସେନାମାନେ.............ର ବିସୈନ୍ୟକରଣ କ୍ଷେତ୍ରରେ ପ୍ରବେଶ କରିଥିଲେ ।

୫. ମ୍ୟୁନିଚ୍ ଚୁକ୍ତି ଜର୍ମାନକୁ .............ଅଧିକାର କରିବାପାଇଁ ସମ୍ମତି ପ୍ରଦାନ କରିଥିଲେ ।

୬. ଏନ୍‌ଶ୍ଚୁଲସ୍ .............ଏବଂ.............ର ସଂଯୋଜନକରୁଥିଲା ।

୭. ସ୍ପେନର ଲୋକପ୍ରିୟ ସାମୁଖ୍ୟ ସରକାରରେ.............ସମ୍ମିଳୀତ ଥିଲେ ।

୮. .............ଆକ୍ରମଣ କରିବା ଦ୍ୱାରା ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଥିଲା ।

୯. କୋମିନଟର୍ଣ୍ଣ ବିରୋଧୀଚୁକ୍ତି.............ମଧ୍ୟରେ ସ୍ୱାକ୍ଷରିତ ହୋଇଥିଲା ।

୧୦. ତୁଷ୍ଟିକରଣ ନୀତି .............କୁ ପ୍ରୋତ୍ସାହନ ଦେଉଥିଲା ।

## ୨୪.୫ ଯୁଦ୍ଧ ସମୟର ପୃଥିବୀ

ଏବେ ଆମେ ପଢିଲେ ଯେ ପୋଲାଣ୍ଡ ଉପରେ ଆକ୍ରମଣକୁ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ ବୋଲି ଜଣାଯାଏ । ଜର୍ମାନୀର ସୈନ୍ୟ ବାହିନୀ ପଶ୍ଚିମ ପଟରୁ ପୋଲାଣ୍ଡ ସୀମାରେ ପ୍ରବେଶ କରି ତିନି ସପ୍ତାହ ମଧ୍ୟରେ ସମଗ୍ର ପୋଲାଣ୍ଡ ଅଧିକାର କରିଥିଲା । ଯୁଦ୍ଧ ଘୋଷଣା କରାଯିବା ସତ୍ୱେ ପୋଲାଣ୍ଡକୁ କୌଣସି ପ୍ରକାର ସାହାର୍ଯ୍ୟ ମିଳିପାରି ନଥିଲା । ଏହାର ସୁଯୋଗ ଦେଇ ସୋଭିଏତ୍ ରେଡ୍ ଆର୍ମି ସେହି ଅଞ୍ଚଳଗୁଡିକ ପୁନଃ ଅଧିକାର କରିବାପାଇଁ ଚେଷ୍ଟା କରିଥିଲା ଯେ ଗୁଡିକ ପୂର୍ବରୁ ରୁଷ ସାମ୍ରାଜ୍ୟର ଏକ ଅଂଶ ଥିଲା । ୧୯୪୦ ବେଳକୁ ରୁଷ ବଲ୍‌ଟିକ ରାଜ୍ୟ ଇଷ୍ଟୋନିଆଁ, ଲାଟିଭିଅ, ଏବଂ ଲିଥୁଆନିଆ ଅଧିକାର କରିଥିଲା ।ତଥା ଫିନ୍ଲାଣ୍ଡ ଉପରେ ଏକ ଚୁକ୍ତି ବଳପୂର୍ବକ ଲଦି ଦେଇଥିଲା । ପ୍ରଥମ ଛ ମାସ ମଧ୍ୟରେ ପ୍ରକୃତରେ ବହୁତ କମ୍ ଯୁଦ୍ଧ ହୋଇଥିବାରୁ ଏହିସମୟକୁ ଫୋନି ଯୁଦ୍ଧର ସମୟ ବୋଲିକୁହାଯାଏ ।

୯ ଏପ୍ରିଲ୍୧୯୪୦ରେ ଜର୍ମାନୀ ସୈନ୍ୟବାହିନୀ ନରୱେ ଏବଂ ଡେନମାର୍କ ଉପରେ ଆକ୍ରମଣ କରି ସେ ଅଞ୍ଚଳକୁ ଅଧିକାର କରିଥିଲା ।ଏହା ପରେ ପରେ ନିରପେକ୍ଷ ରାଷ୍ଟ୍ର ବେଲ୍‌ଜିୟମ୍,ହଲାଣ୍ଡ ଏବଂ ଲକ୍ସମ୍‌ବର୍ଗର ପତନ ଘଟିଥିଲା । ଏହା ପରେ ପରେ ଫ୍ରାନ୍ସ ଅଭିଯାନ ଆରମ୍ଭ ହୋଇଥିଲା । ୧୪ ଜୁନ୍ ୧୯୪୦ ଦିନ ଜର୍ମାନୀ ସେନା ବାହିନୀ ବିନା ଯୁଦ୍ଧରେ ରାଜଧାନୀ ନଗର ପ୍ୟାରିସ୍ ଅଧିକାର କରିଥିଲା । ଏହା ପରେ ଫ୍ରାନ୍ସର ସରକାର ଆତ୍ମସମର୍ପଣ କରିଥିଲେ ଏବଂ ଜର୍ମାନୀ ଉତ୍ତର ଫ୍ରାନ୍ସର ପ୍ରାୟ ଅର୍ଦ୍ଧେକ ଅଞ୍ଚଳକୁ ଅଧିକାର କରିଥିଲା । ଅଧା ଅଞ୍ଚଳ ଫ୍ରାନ୍ସପାଖରେ ରହିଲା ଏବଂ ଏହାକୁ ଭିଚି ଫ୍ରାନ୍ସ କୁହାଗଲା । ଏହା “ନାଜି”ମାନଙ୍କ ସହିତ ସହଯୋଗ ସ୍ଥାପନ କରିଥିଲା । ହିଟଲରଙ୍କ ଦ୍ୱାରା ଅତି କ୍ଷିପ୍ର ବେଗରେ ୟୁରୋପୀୟ ଦେଶ ମାନଙ୍କୁ ଅଧିକାର କରିବାକୁ “ବିଜୁଳି ଯୁଦ୍ଧ” କୁହାଯାଏ ।

ଏହି ସମୟରେ ଆତ୍ମସମର୍ପଣ କରିନଥିବା ପ୍ରାୟ ୩, ୫୦, ୦୦୦ ବ୍ରିଟିସ, ଫରାସୀ ଏବଂ ବେଲଜିୟମ୍‌ର ସୈନ୍ୟମାନେ ଫ୍ରାନ୍ସର ଉତ୍ତର ଉପକୂଳରେ ଥିବା ଡନ୍‌କିର୍କ ପହଞ୍ଚିଥିଲେ ଏବଂ ସେଠାରୁ ସେମାନେ ବ୍ରିଟେନ୍ ଆଡେ ଅଗ୍ରସର ହୋଇଥିଲେ । ସେମାନଙ୍କ ମଧ୍ୟରେ ଫ୍ରାନ୍ସର ସୈନ୍ୟ ବାହିନୀର କର୍ଣ୍ଣେଲ ଚାର୍ଲ୍ସ ଥିଲେ । ସେ ନାଜି ଜର୍ମାନ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ ବ୍ରିଟେନରେ “ମୁକ୍ତ ଫ୍ରାନ୍ସ” ଆନ୍ଦୋଳନ ଆରମ୍ଭ କରିଥିଲେ ।

### ବ୍ରିଟେନ ପାଇଁ ଯୁଦ୍ଧ

ପଶ୍ଚିମ ୟୁରୋପର ବିଜୟ ଅଭିଯାନର ପରିସମାପ୍ତି ପରେ ହିଟଲର ବ୍ରିଟେନ ବିରୁଦ୍ଧରେ ଦୃଷ୍ଟି ନିକ୍ଷେପ କରିଥିଲେ । ଜର୍ମାନ ସ୍ପେନ, ଇଂଲିସ ପ୍ରଣାଳୀ ପାରି ନ ହେବା ପର୍ଯ୍ୟନ୍ତ ବ୍ରିଟେନ ବିରୁଦ୍ଧରେ “ସମୁଦ୍ର ସଂହ

କାର୍ଯ୍ୟାନୁଷ୍ଠାନ" କୁହାଯାଉଥିବା ଅଥବା ସାମରୀକ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରି ନଥିଲା । ଏହାର ଅର୍ଥ ହେଲା ଯେ ରାଜକୀୟ ବାୟୁସେନା ଏବଂ ରାଜକୀୟ ନୌ ସେନା କୁ କାର୍ଯ୍ୟରୁ ନିବୃତି (କାର୍ଯ୍ୟକ୍ଷାନ୍ତ) କରିବା ।

ଟିପ୍ପଣୀ



୨୪.୪ ଯୁଦ୍ଧ ସମୟର ବିଶ୍ୱ

ଉପର ବର୍ଣ୍ଣିତ ଘଟଣାକ୍ରମ ସମୟରେ ବ୍ରିଟେନର ସରକାର ପରିବର୍ତ୍ତିତ ହୋଇଥିଲା । ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ ଚେମ୍ବାରଲେନ୍, ମିଳିତ ସରକାରର ପ୍ରଧାନମନ୍ତ୍ରୀ ରୁପେ ଉଇନ୍‌ଷ୍ଟନ ଚର୍ଚ୍ଚିଲ କାର୍ଯ୍ୟଭାର ଗ୍ରହଣ କରିଥିଲେ । ଅଗଷ୍ଟ ୧୯୪୦ ରେ ଜର୍ମାନୀ ବାୟୁସେନା (ଲୁପ୍ତ ୱେଫେ) ବ୍ରିଟେନ ଆକାଶ ମାର୍ଗରୁ ବ୍ରିଟିଶ୍ ବନ୍ଦର ଏବଂ ସହର ଗୁଡିକ ଉପରେ ଆକ୍ରମଣ କରିଥିଲା । ଜର୍ମାନ ରାତିରେ ବଡ ବଡ ସହର ବିଶେଷକରି ଲଣ୍ଡନ ଉପରକୁ ଆକ୍ରମଣ କରିଥିଲା ।ଆକାଶ ମାର୍ଗରୁ ଚାଲିଥିବା ରାଜକୀୟ ବାୟୁସେନା ଏବଂ ଲୁପ୍ତୱାଫି ମଧ୍ୟରେ ଯୁଦ୍ଧକୁ "କୁକୁର ଯୁଦ୍ଧ" କୁହାଯାଏ । ଚର୍ଚ୍ଚିଲଙ୍କ ପ୍ରଭାବ ଶାଳୀ ଭାଷଣ ଲୋକଙ୍କ ମନୋବଳକୁ ଦୃଢ ରଖିବା ସହିତ ବ୍ରିଟିଶ୍ ବାୟୁସେନା ଲୁପ୍ତୱେଫେର ଅନେକ କ୍ଷତି କରିଦେଇଥିଲା ।

ଟିପ୍ପଣୀ

ନଭେମ୍ବର ୧୯୪୦ ବେଳକୁ ଅପରେସନ୍ ସି-ଲାୟନ ବା ସମୁଦ୍ରସିଂହ କାର୍ଯ୍ୟାନୁଷ୍ଠାନକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖାଯାଇଥିଲା ।

| |
|---|
| ରାଜକୀୟ ବାୟୁସେନାର ପ୍ରଶଂସାକରି ଚର୍ଚିଲ କହିଥିଲେ "କେବେ କେଉଁମାନେ ଏତେ କମ୍‌ରେ ଏତେ ଅଧିକ କାମ କରିବା ଦେଖିନଥିଲେ" । |

**ଯୁଦ୍ଧର ବିସ୍ତାର**

୨୭ ସେପ୍ଟେମ୍ବର ୧୯୪୦ରେ ଜର୍ମାନୀ,ଇଟାଲୀ ଏବଂ ଜାପାନ ବର୍ଲିନରେ ଏକ ତ୍ରିପକ୍ଷୀୟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ ଏବଂ ସେମାନଙ୍କ ଉପରେ ଆକ୍ରମଣ ହେଲେ ପରସ୍ପର ପରସ୍ପରକୁ ସାହାର୍ଯ୍ୟ କରିବେ । ତିନି କେନ୍ଦ୍ରଶକ୍ତି ୟୁରୋପରେ ନୂତନ ବ୍ୟବସ୍ଥା ସ୍ଥାପନ ପାଇଁ ଜର୍ମାନୀ ଏବଂ ଇଟାଲୀର ନେତୃତ୍ୱକୁ ଏବଂ ଏସିଆ ପାଇଁ ଜାପାନର ନେତୃତ୍ୱକୁ ସ୍ୱୀକାର କରିଥିଲେ । ଅନ୍ୟକିଛି ରାଷ୍ଟ୍ର ଯଥା:-ହଙ୍ଗେରୀ, ରୁମାନିଆ ଏବଂ ବୁଲଗେରିଆ ମଧ୍ୟ ଉକ୍ତ ଚୁକ୍ତିରେ ସାମିଲ ହୋଇଥିଲେ ।

ଏହି ସମୟରେ ଉକ୍ତ ଯୁଦ୍ଧ ୟୁରୋପ ଏବଂ ଆଫ୍ରିକାର ଅନ୍ୟାନ୍ୟ ଅଞ୍ଚଳକୁ ବ୍ୟାପିଯାଇଥିଲା । ଇଟାଲୀ ଗ୍ରୀସ୍ ଆକ୍ରମଣକରି କଡା ମୁକାବିଲାର ସମ୍ମୁଖୀନ ହୋଇଥିଲା । ଏହା ସତ୍ତ୍ୱେ ଜର୍ମାନୀର ସେନା ବାହିନୀ ଗ୍ରୀସ୍, ୟୁଗୋସ୍ଲୋଭାକିଆ,ଏବଂ ଉତ୍ତର ଆଫ୍ରିକାର କିଛି ଅଞ୍ଚଳ ଅଧିକାର କରିବାରେ ସଫଳ ହୋଇଥିଲା । ଇଟାଲୀ ଏବଂ ବ୍ରିଟେନର ସୈନ୍ୟବାହିନୀ ଆଫ୍ରିକାର ଅନେକ ଅଞ୍ଚଳରେ ଯୁଦ୍ଧରେ ଲିପ୍ତ ହୋଇଥିଲେ ଏବଂ ଉକ୍ତ ଯୁଦ୍ଧ ପ୍ରାୟ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲୁ ରହିଥିଲା ।

**ଜର୍ମାନୀର ସୋଭିଏତ୍ ସଂଘକୁ ବିରୋଧ**

ହିଟଲର ସୋଭିଏତ୍ ସଂଘ ବିରୋଧରେ ଯୁଦ୍ଧ କରିବାର ନିଷ୍ପତ୍ତି ଉକ୍ତ ଯୁଦ୍ଧ ସହିତ ଏକ ନୂତନ ଅଧ୍ୟାୟ ଯୋଡିଦେଇଥିଲେ । ଅନାକ୍ରମଣ ଜନିତ ଚୁକ୍ତିକୁ ଭୁଲିଯାଇ ଔପଚାରିକ ରୁପେ ଯୁଦ୍ଧ ଘୋଷଣା ନକରି ୨୨ଜୁନ୍ ୧୯୪୧ରେ "ବାରବାରୋସା" କାର୍ଯ୍ୟାନୁଷ୍ଠାନ ଅଥବା ବାରବାରୋସା ଅପରେସନ୍ ଆରମ୍ଭ କରିଥିଲା । ଜର୍ମାନୀର ସେନା ବାହିନୀ ଦୃତଗତିରେ ତିନି ସୀମା- ଯଥା ଲେନିନ୍‌ଗ୍ରେଡ, ମସ୍କୋ ଏବଂ କିଭ ଆଡକୁ ଅଗ୍ରସର ହୋଇଥିଲେ ସୋଭିଏତ୍ ସଂଘଦ୍ୱାରା କରାଯାଇଥିବା ଆକୁଳ ନିବେଦନ ଫଳବତୀ ହେଲା ଏବଂ ବ୍ରିଟେନ ଏବଂ ଆମେରିକା ଏହି ସମୟରେ ସାହାର୍ଯ୍ୟ ପ୍ରଦାନ କରିଥିଲେ ।

ହିଟଲର ଶୀତଋତୁର ଆଗମନ ପୂର୍ବରୁ ଯୁଦ୍ଧକୁ ଶେଷ କରିବାର ଆଶା ପ୍ରକାଶ କରିଥିଲେ । ଅକ୍ଟୋବର ମାସର ପ୍ରାରମ୍ଭ ବେଳକୁ ମସ୍କୋ ସଶସ୍ତ୍ର ସୈନ୍ୟ ଦ୍ୱାରା ପରିବେଷ୍ଟିତ ହୋଇ ଯାଇଥିଲେ । ସେତେବେଳକୁ ରୁଷିଆରେ ଶୀତଋତୁ ଆରମ୍ଭ ହୋଇଯାଇଥିଲା । ଗୋଟାଏ ମାସରେ ତାପମାତ୍ରା -୪୦ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ଚାଲିଯାଇଥିଲା । ଜର୍ମାନର ସେନାବାହିନୀ ଏବଂ ତାଙ୍କର ଉପକରଣ ଗୁଡିକ ପ୍ରବଳ ଥଣ୍ଡାରେ କାର୍ଯ୍ୟକାରୀ ହୋଇପାରି ନଥିଲା ଡିସେମ୍ବର ବେଳକୁ ସୋଭିଏତ୍ ସଂଘ ପାଲଟା ଆକ୍ରମଣ କରିବାରୁ ଜର୍ମାନ୍‌ସେନା ବାହିନୀ ପଛକୁ ହଟି ଆସିଥିଲେ । ମସ୍କୋ ପ୍ରତି ବିପଦ ଶେଷ ହୋଇଥିଲା । ଅପରେଶନ ବାରବୋରସା ଅସଫଳହେଲେ ମଧ୍ୟ ଜର୍ମାନ ଅନ୍ୟଏକ ରୁଷର ଶୀତ ଋତୁଦ୍ୱାରା କଷ୍ଟପାଇ ଏବଂ ସାହସିକ ସୋଭିଏତ୍ ରେଡଆର୍ମି ବା ଲାଲ ବାହିନୀ ସହିତ କଠୋର ମୁକାବିଲାର ସମ୍ମୁଖୀନ ହୋଇ ପୂର୍ଣ୍ଣ ପରାଜୟ ସ୍ୱୀକାର କରିଥିଲା ।

**ସାରା ବିଶ୍ୱରେ ଯୁଦ୍ଧ**

ଯୁଦ୍ଧର ପ୍ରାରମ୍ଭରୁ ଆମେରିକା ବ୍ରିଟେନ ପ୍ରତି ସହାନଭୂତି ପ୍ରଦର୍ଶନ କରିଥିଲା ଏବଂ ତାକୁ ପ୍ରଥମ ନଗଦ

କାରବାର ପାଇଁ ଏବଂ ତାପରେ ଉଦ୍ଧାର--ପଟ୍ଟା ମାଧ୍ୟମରେ ଅସ୍ତ୍ରଶସ୍ତ୍ର କିଣିବାକୁ ଅନୁମତି ଦେଇଥିଲା । ନଭେମ୍ବର ୧୯୪୧ରେ ହୋଇଥିବା ପରବର୍ତ୍ତୀ ବୁଝାମଣା ଅନୁସାରେ ସୋଭିଏତ୍ ସଂଘକୁ ଏହି ସୁବିଧା ପ୍ରଦାନ କରାଯାଇଥିଲା । ଏସବୁ ସତ୍ତ୍ୱେ ଆମେରିକା ପ୍ରତ୍ୟକ୍ଷଭାବେ ଯୁଦ୍ଧରେ ଯୋଗଦେବାକୁ ବିରୋଧ କରୁଥିଲା ।

ଏଥି ସତ୍ତ୍ୱେ ୭ ଡିସେମ୍ବର ୧୯୪୧ ରେ ଜାପାନ ହାୱାଇର ପାର୍ଲ ହାରବରରେ ଥିବା ଆମେରିକାର ନୌ ସୈନ୍ୟ ଛାଉଣୀ ଉପରେ ଅଚାନକ ଆକ୍ରମଣ କରିଥିଲା । ଏହାଦ୍ୱାରା ପ୍ରଶାନ୍ତ ମହାସାଗରରେ ଥିବା ଆମେରିକାର ନୌବିହାର ଧ୍ୱଂସ ହେବା ସହିତ ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ସୈନିକଙ୍କ ମୃତ୍ୟୁ ଘଟିଥିଲା । ୮ ଡିସେମ୍ବରରେ ଆମେରିକା ଜାପାନ ବିରୁଦ୍ଧରେ ଯୁଦ୍ଧଘୋଷଣା କରିଥିଲା ଏବଂ ତା'ର କିଛି ଦିନ ପରେ ଜର୍ମାନ ଏବଂ ଇଟାଲୀ ବିରୁଦ୍ଧରେ ମଧ୍ୟ ଯୁଦ୍ଧ ଘୋଷଣା କରିଥିଲା । ବାସ୍ତବରେ ଏହି ଯୁଦ୍ଧ ବିଶ୍ୱଯୁଦ୍ଧରେ ପରିଣତ ହୋଇଥିଲା ।

ପାର୍ଲ ହାରବର ପରେ ୧୯୪୨ ମଧ୍ୟରେ ଜାପାନୀ ମାନେ ଥାଇଲାଣ୍ଡ, ମଳୟ, ସିଙ୍ଗାପୁର, ହଂକଂ, ଫିଲିପାଇନସ୍ ଏବଂ ବର୍ମା ଆଦିକୁ ଅଧିକାରକରି ସୁଦୂର ପ୍ରାଚ୍ୟରେ ତୀବ୍ର ଗତିରେ ଅଗ୍ରସର ହୋଇଥିଲେ । ଫାସୀବାଦ ରାଷ୍ଟ୍ରମାନେ କ୍ଷମତାର ଚରମ ସୀମାରେ ପହଞ୍ଚିଥିଲେ ।

**ଷ୍ଟାଲିନଗ୍ରେଡ ଯୁଦ୍ଧ**

୧୯୨୪ ମସିହାର ଗ୍ରୀଷ୍ମ ଋତୁରେ ହିଟଲରଙ୍କ ସୈନ୍ୟବାହିନୀ ସୋଭିଏତ୍ ସଂଘ ଉପରେ ଆକ୍ରମଣ ଆରମ୍ଭ କରିଥିଲା । ହିଟଲର ପୁନର୍ବାର ଜିତିବାର ଆଶା ରଖିଥିଲେ ମଧ୍ୟ ଷ୍ଟାଲିନ୍‌ଗ୍ରେଡଠାରେ ଜର୍ମାନୀ ସେନାବାହିନୀକୁ ଗତିରୋଧ କରାଯାଇଥିଲା । ନଭେମ୍ବର ବେଳକୁ ଜର୍ମାନ ସେନା ଷ୍ଟାଲିନ୍‌ଗ୍ରେଡ ପାଖା ପାଖିଥିବା ସମୟରେ ସୋଭିଏତ ସେନାମନେ ସେମାନଙ୍କୁ ଘେରିଯାଇଥିଲେ ଓ ସେମାନଙ୍କର ସମସ୍ତ ଯୋଗାଯୋଗ କୁ ବିଚ୍ଛିନ୍ନ କରିଦେଇଥିଲେ । ରୁଷର ଶୀତ ଦ୍ୱାରା ଅନେକ ଜର୍ମାାନ ସୈନ୍ୟ ମୃତ୍ୟୁବରଣ କରିବା ସହିତ ୩୧ ଜାନୁୟାରୀ ୧୯୪୩ ବେଳକୁ ସମଗ୍ର ଜର୍ମାନ ସେନାବାହିନୀ ପରାଜୟ ବରଣ କରିଥିଲେ । ଉକ୍ତ ଯୁଦ୍ଧରେ ଜର୍ମାନୀ ଏବଂ ତାର ମିତ୍ରରାଷ୍ଟ୍ର ମାନଙ୍କର ପ୍ରାୟ ୨,୫୦,୦୦୦ ଲୋକ ପ୍ରାଣ ତ୍ୟାଗକରି ଯୁଦ୍ଧର ଗତିବିଧିକୁ ବଦଳାଇ ଦେଇଥିଲା । ବହୁ ସଂଖ୍ୟକ ଲୋକଙ୍କର ମୃତ୍ୟୁ ତଥା କ୍ଷତ ବିକ୍ଷତ ହେବାଦ୍ୱାରା ସୋଭିଏତ୍ ସଂଘର ବହୁ କ୍ଷୟକ୍ଷତି ଘଟିଥିଲା ।

**ପରିସମାପ୍ତିର ଆରମ୍ଭ**

ଏହି ସମୟରେ ଉତ୍ତର ଆଫ୍ରିକାରେ ଏ ଯୁଦ୍ଧ ପଶ୍ଚାତ୍ ଅଷ୍ଟମ ସେନା ବାହିନୀର ନେତୃତ୍ୱ ନେଉଥିବା ଜେନେରେଲ ମୋଣ୍ଟଗମରୀ ଏବଂ ଇଟାଲୀର ସେନା ବାହିନୀକୁ ସହାୟତା ଦେବାପାଇଁ ହିଟଲରଙ୍କ ଦ୍ୱାରା ପଠାଯାଇଥିବା ଜେନେରେଲ ରୋମେଲ ଙ୍କ ଅଧିନରେ ଥିବା ଜର୍ମାନ ଆଫ୍ରିକା ସୈନ୍ୟ ବାହିନୀ ମଧ୍ୟରେ ସଂଘର୍ଷରେ ପରିଣତ ହୋଇଥିଲା । ଅଗଷ୍ଟ ୧୯୪୨ ରେ ଜେନେରେଲ ରୋମେଲ ଇଜିପଟ୍ ଆଡକୁ ଅଗ୍ରସର ହୋଇଥିଲେ । ଏହି ଚୂଡାନ୍ତ ଯୁଦ୍ଧ ଇଜିପଟ୍‌ର ଉତ୍ତରାଞ୍ଚଳ ଉପକୂଳରେ ଅକ୍ଟୋବର ୧୯୪୩ରେ ଏଲ. ଆଲାମେଁ ଠାରେ ସଂଘଟିତ ହୋଇଥିଲା ଏବଂ ଏଥିରେ ରୋମେଲ ପରାଜୟ ବରଣ କରିଥିଲେ ।

୧୯୪୩ ଗ୍ରୀଷ୍ମ ବେଳକୁ ମିତ୍ରଶକ୍ତି ଉତ୍ତର ଆଫ୍ରିକା ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ଜୁଲାଇ ମାସରେ ଏମାନେ ସିସିଲୀ ଉପରେ ଆକ୍ରମଣ କରୁଥିଲେ । ମୁସୋଲିନଙ୍କ ସରକାରକୁ ଗାଦିଚ୍ୟୁତ କରାଯାଇଥିଲା ଏବଂ ଇଟାଲୀ ବିନା ସର୍ତ୍ତରେ ଆତ୍ମସମର୍ପଣ କରିଥିଲା । ତତ୍‌କ୍ଷଣାତ୍ ଜର୍ମାନ ସୈନ୍ୟ ବାହିନୀ ଉତ୍ତର



ଟିପ୍ପଣୀ

ଇଟାଲୀକୁ ଯାଇ ମୁସୋଲିନଙ୍କୁ ଉଦ୍ଧାର କରିଥିଲେ ଏବଂ ସେଠାରେ ସେ ଜର୍ମାନ ସହାୟତାରେ ଏକ ସରକାର ଗଠନ କରିଥିଲେ ।

ପୂର୍ବ ସୀମାରେ ସୋଭିଏତ୍ ରେଡ୍ ଆର୍ମି ହିଟଲରଙ୍କ ସୈନ୍ୟ ବାହିନୀକୁ ସେହି ରାସ୍ତାରେ ପଛକୁ ହଟାଇବା ପାଇଁ ବାଧ କରିଥିଲେ । ଯେଉଁଠାରୁ ଗତ ଅଢେଇବର୍ଷ ତଳେ ସେମାନେ ଗଭୀର ଆତ୍ମବିଶ୍ୱାସର ସହିତ ଯୁଦ୍ଧ ଯାତ୍ରା ଆରମ୍ଭ କରିଥିଲେ ।

ଅଧିକାଂଶ ପୂର୍ବ ୟୁରୋପୀୟ ରାଷ୍ଟ୍ର- ପୋଲାଣ୍ଡ,ରୁମାନିଆଁ, ବୁଲଗେରିଆ, ଚେକୋସ୍ଲୋଭାକିଆ ତଥା ହଂଗେରୀ ଆଦି ସ୍ୱାଧିନ ହୋଇଯାଇଥିଲେ । ଫାସୀବାଦୀ ମାନଙ୍କୁ ଗ୍ରୀସ୍, ଯୁଗୋସ୍ଲୋଭିଆ ଏବଂ ଆଲବାନିଆଁରୁ ବିତାଡିତ କରିଦିଆଯାଇଥିଲା ।

ଜୁନ୍ ୧୯୪୪ ବେଳକୁ ମିତ୍ର ଶକ୍ତି ପଶ୍ଚିମ ୟୁରୋପରେ ଦ୍ୱିତୀୟ ସାମ୍ମୁଖ୍ୟ ଗଠନ କରିଥିଲେ । ଜୁନ୍ ୬ ତାରିଖ ଦିନ ମିତ୍ରଶକ୍ତି ସେନାବାହିନୀର ପ୍ରଥମ ଦଳ ଫ୍ରାନ୍ସର ଉତ୍ତର ଉପକୂଳ ଅଞ୍ଚଳରେ ଓହ୍ଲାଇଥିଲେ । ଏଠାରେ ସୈନ୍ୟ ଅବତରଣ ସମ୍ପୂର୍ଣ୍ଣଭାବେ ଗୋପନୀୟ ଥିଲା ଏଣୁ ଉକ୍ତ ସୈନ୍ୟ ବାହିନୀ ଜର୍ମାନ ସୁରକ୍ଷା ବଳୟ ମଧ୍ୟରୁ ସେପ୍ଟେମ୍ବର ସୁଦ୍ଧା ବ୍ରସେଲସ୍, ପ୍ୟାରିସ୍, ଲକ୍ସମବାର୍ଗକୁ ମୁକ୍ତି ପ୍ରଦାନ କରିଥିଲେ ।

### ଫାସୀବାଦୀଙ୍କ ଦ୍ୱାରା ଆତ୍ମସମର୍ପଣ

୧୯୪୫ ମସିହାର ବସନ୍ତ ଋତୁ ବେଳକୁ ଯୁଦ୍ଧର ପରିସମାପ୍ତି ଦୃଷ୍ଟି ଗୋଚର ହୋଇଥିଲା । ମିତ୍ର ଶକ୍ତିର ସୈନ୍ୟ ବାହିନୀ ଇଟାଲୀର ଅଧିକାଂଶ ସହର ଗୁଡିକୁ ଅଧିକାର କରି ସାରିଥିଲେ । ଏପ୍ରିଲ ବେଳକୁ ଫାସୀବାଦୀଙ୍କ ଅଧିନରେ ଥିବା ଅଞ୍ଚଳ ମାନଙ୍କରେ ଥିବା ବିଦ୍ରୋହ ଦେଖାଦେଇଥିଲା । ଏପ୍ରିଲ ୨୮ରେ ମୁସୋଲିନୀଙ୍କୁ ବନ୍ଦୀ କରି ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା । ଏହା ପରେ ଇଟାଲୀରୁ ଫାସୀବାଦ ନିର୍ବାପିତ ହୋଇଥିଲା । ବର୍ତ୍ତମାନ ଜର୍ମାନୀର ପତନ ମଧ୍ୟ ସୁନିଶ୍ଚିତ ହୋଇ ଯାଇଥିଲା । ମିତ୍ର ଶକ୍ତିର ସେନା ବାହିନୀ ଜର୍ମାନୀକୁ ତିନି ଦିଗରୁ ଯଥା ଦକ୍ଷିଣ, ଉତ୍ତର-ପଶ୍ଚିମ ଏବଂ ପୂର୍ବ ପଟରୁ ପ୍ରବେଶ କଲେ ଏଣେ ସୋଭିଏତ୍ ସୈନ୍ୟ ବାହିନୀ ବର୍ଲିନ ପହଞ୍ଚିଲାବେଳକୁ ହିଟଲର ଆତ୍ମହତ୍ୟା କରିଦେଇଥିଲେ । ମେ ୭ତାରିଖରେ ଜର୍ମାନୀ ବିନା ସର୍ତ୍ତରେ ଆତ୍ମ ସମର୍ପଣ କରିଥିଲା ।

### ଜାପାନର ପତନ

ଜର୍ମାନୀର ଆତ୍ମସମର୍ପଣ ପରେ ମଧ୍ୟ ଯୁଦ୍ଧ ଏସିଆ ଏବଂ ପ୍ରଶାନ୍ତ ମହାସାଗରରେ ଚାଲୁରହିଥିଲା । ପ୍ରଶାନ୍ତ ମହାସାଗର ତଥା ସୁଦୂର ପ୍ରାଚ୍ୟରେ ଆମେରିକା ତଥା ବ୍ରିଟେନର ବିଜୟ ସତ୍ତ୍ୱେ ଜାପାନର ସ୍ଥିତି ଅକ୍ଷୁର୍ଣ୍ଣ ରହିଥିଲା । ୬ ଅଗଷ୍ଟ ୧୯୪୫ ରେ ଆମେରିକା ପ୍ରଥମ ପରମାଣୁ ବୋମା ଜାପାନର ହିରୋସୀମା ଠାରେ ନିକ୍ଷେପ କରିଥିଲ । ସେଠାରେ ପ୍ରାୟ ୫୦ ହଜାର ଲୋକ ମୃତ୍ୟୁ ବରଣ କରିବା ସହିତ ନଗରଟି ଧରାସାୟୀ ହୋଇଯାଇଥିଲା । ଏହାର ଦୁଇଦିନ ପରେ ଦ୍ୱିତୀୟ ପରମାଣୁ ବୋମା ନାଗାସାକୀ ସହରକୁ ଧ୍ୱଂସ କରିବାରୁ ଜାପାନ ବାଧହୋଇ ଆତ୍ମସମର୍ପଣ କରିଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ଘଟିଲା । ପଚାଶରୁ ଉର୍ଦ୍ଧଦେଶ ଏଥିରେ ଯୋଗଦାନ କରିଥିଲେ । ବିଶ୍ୱରେ ଶାନ୍ତି ବଜାଇ ରଖିବା ପାଇଁ ମିଳିତ ଜାତିସଂଘର ସ୍ଥାପନା କରାଯାଇଥିଲା । କିନ୍ତୁ ଦୁଇ ମହାଶକ୍ତି ଯଥା ଆମେରିକା ଏବଂସୋଭିଏତ୍ ସଂଘ ତତ୍କ୍ଷଣାତ୍ ବିଶ୍ୱକୁ ଦୁଇଟି ଶକ୍ତି ସାମୁଖ୍ୟରେ ବିଭକ୍ତ କରିବାରେ ଚେଷ୍ଟା ଆରମ୍ଭ କରିଥିଲେ । ଏହାଦ୍ୱାରା ଶୀତଳ ଯୁଦ୍ଧର ସ୍ଥିତି ସୃଷ୍ଟି ହୋଇଥିଲା । ଏହି ବିଷୟରେ ଆମେ ଆଗାମୀ ଅଧ୍ୟାୟରେ ପଢିବା ।



ଟିପ୍ପଣୀ

## ୨୪.୫ ପାଠଗତ ପ୍ରଶ୍ନ

**୧. ନିମ୍ନଲିଖିତକୁ ମିଳାଅ ।**

| | | |
|---|---|---|
| ୧. | ମୁକ୍ତ ଫ୍ରାନ୍ସ ଆନ୍ଦୋଳନ | ଅପରେସନ ବାରବରୋସା । |
| ୨. | ବ୍ରିଟେନର ଯୁଦ୍ଧ | ଓ୍ୱିନ୍‌ଷ୍ଟନ ଚର୍ଚ୍ଚିଲ |
| ୩. | ସୋଭିଏତ ସଂଘର ଆକ୍ରମଣ | ଅପରେସନ ସି-ଲାୟନ୍ |
| ୪. | ବ୍ରିଟିଶ୍ ପ୍ରଧାନ ମନ୍ତ୍ରୀ | ନର୍ମାଣ୍ଡି |
| ୫. | ଦ୍ୱିତୀୟ ସାମୁଖ୍ୟ | ସ୍ପିଟ୍-ଫାୟାର ଏବଂ ହରିକେନ ( ) |
| ୬. | ବ୍ରିଟିଶ୍ ବାୟୁସେନା | ଚାର୍ଲ୍ସ ଡି ଗୌଲି । |

**୨. ନିମ୍ନଲିଖିତ ବାକ୍ୟକୁ ପୁରଣ କର ।**

୧. ଦ୍ୱିତୀୟ ବିଶ୍ୱଯୁଦ୍ଧ............ରୁ ଆରମ୍ଭ ହୋଇଥିଲା ।

୨. ଅପରେସନ ସି ଲାୟନ ସେତେବେଳେ ସମ୍ଭବଥିଲା ଯଦି ............ ।

୩. ପାର୍ଲହରବର ଆକ୍ରମଣରେ............ହେଲା

୪. ଅପରେସନ ବାରବରୋସା ବିଫଳ ହେବାର କାରଣ ହେଲା ............ ।

୫. ଷ୍ଟାଲିନ୍ ଗ୍ରେଡର ଯୁଦ୍ଧ............ ବୁଝାପଡୁଥିଲା ।

୬. ଏସିଆ ତଥା ପ୍ରଶାନ୍ତ ମହାଶାଗରରେ ଯୁଦ୍ଧ............ରେ ସମାପ୍ତ ହେଲା ।

## ତୁମେ କଣ ଶିଖିଲ

୧. ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବା ପରେ ପ୍ରଥମ ବିଶ୍ୱଯୁଦ୍ଧର ସମାପ୍ତି ଘଟିଥିଲା । ଏବଂ ଯୁଦ୍ଧ ଠାରୁ ପୃଥିବୀକୁ ସୁରକ୍ଷୀତ ରଖିବାପାଇଁ ରାଷ୍ଟ୍ର ସଂଘର ସ୍ଥାପନ କରାଯାଇଥିଲା ।

୨. ଉକ୍ତ ଚୁକ୍ତି ଗୁଡିକ ୟୁରୋପର ମାନଚିତ୍ରକୁ ପରିବର୍ତ୍ତନ କରିଥିଲା । ରୁଷିଆ ଏବଂ ଅଷ୍ଟ୍ରିଆ- ହଙ୍ଗେରୀ ଭଳି ବିଶାଳ ସାମ୍ରାଜ୍ୟ ଗୁଡିକୁ ଭାଙ୍ଗୀ ତା ସ୍ଥାନରେ ଅନେକ ଛୋଟ ଛୋଟ ଜାତୀୟ-ରାଷ୍ଟ୍ରର ବିକାସ ଘଟିଥିଲା ।

୩. ରୁଷ ବିପ୍ଳବର ସଫଳତା ଦ୍ୱାରା ପ୍ରାୟ ସମସ୍ତ ୟୁରୋପୀୟ ଦେଶମାନଙ୍କରେ ସମାଜବାଦୀ ଚିନ୍ତାଧାରା ତଥା ସମାଦବାଦୀ ଦଳ ମାନଙ୍କ ବିକାସ ଘଟିଥିଲା ।

୪. ଯୁଦ୍ଧ ପରବର୍ତ୍ତୀ ସମୟରେ ୟୁରୋପର ଅଧିକାଂଶ ରାଷ୍ଟ୍ରରେ ଆର୍ଥିକ ସଂକଟ ଦେଖା ଦେବା ସହିତ ସେମାନଙ୍କର ସରକାରଗୁଡିକ ନିଜ ଦେଶକୁ ଏ ପ୍ରକାର ବିପ୍ଳବରୁ ରକ୍ଷା କରିବା ପାଇଁ ପଦକ୍ଷେପମାନ ଗ୍ରହଣ କରିଥିଲେ ।

୫. ଇଟାଲୀ ଏବଂ ଜର୍ମାନୀରେ ଶାସକ ଦଳ ଫାସୀ ଆନ୍ଦୋଳନକୁ ପ୍ରେତ୍ସାହନ ଦେଇଥିଲା ଏହା ଦ୍ୱାରା ଇଟାଲୀରେ ମୁସୋଲିନୀ ଏବଂ ଜର୍ମାନୀରେ ହିଟଲରଭଳି ଏକଛତ୍ର ଶକ୍ତିଶାଳୀ ଶାସକ ମାନଙ୍କର ଆବିର୍ଭାବ ହୋଇଥିଲା । ଉକ୍ତ ଫାସିବାଦୀ ନେତାମାନେ ସମାଜବାଦୀ ତଥା ସାମ୍ୟବାଦୀ ମାନଙ୍କୁ ନିଷ୍ଠୁର ଭାବରେ ଦମନ କରିଥିଲେ । ଏମାନେ ସମ୍ରାଜ୍ୟ ବିସ୍ତାର ତଥା ଯୁଦ୍ଧ ଉପରେ ବିଶ୍ୱାସ ରଖିଥିଲେ । ଜାପାନ ଇଟାଲୀ ଏବଂ ଜର୍ମାନୀକୁ ସହଯୋଗ କରିଥିଲା ଏବଂ ଉକ୍ତ ତିନି କେନ୍ଦ୍ରଶକ୍ତି ୧୯୩୯ରେ କୋମିଂଟର୍ଣ୍ଣ ବିରୋଧି ରାଜିନାମା ଉପରେ ସ୍ୱାକ୍ଷର କରିଥିଲେ ।

୬. ଫାସୀବାଦୀମାନେ ଆକ୍ରମଣ ଆରମ୍ଭ କରିବା ସମୟରେ ପାଶ୍ଚାତ ଶକ୍ତିମାନେ ତୁଷ୍ଟି କରଣ ନୀତି ଅବଲମ୍ବନ କରିଥିଲେ କାରଣ ସେମାନେ ବିଶ୍ୱାସ କାିଥିଲେ ଯେ ଉକ୍ତ ଆକ୍ରମଣ ସୋଭିଏତ୍ ସଂଘ ବିରୁଦ୍ଧରେ ହିଁ ଉଦ୍ଦିଷ୍ଟ କିନ୍ତୁ ହିଟଲରଙ୍କ ଯୋଜନା ଅନ୍ୟ କିଛିଥିଲା । ତେଣୁ ଖୁବ୍‌ଶୀଘ୍ର ଏହି ଯୁଦ୍ଧ ୟୁରୋପକୁ ବ୍ୟାପିଯାଇଥିଲା ।

୭. ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୩୯-୧୯୪୫) ଅତ୍ୟଧିକ ମାତ୍ରରେ ବିନାଶକାରୀ ଥିଲା ଏବଂ ଜାପାନର ହିରୋସୀମା ଏବଂ ନାଗାସାକୀଠାରେ ପରମାଣୁ ବୋମା ପକାଇବା ଦ୍ୱାରା ସମାପ୍ତ ହୋଇଥିଲା ।

## ପାଠାନ୍ତ ପ୍ରଶ୍ନ

୧. ଭାର୍ସାଇ ସନ୍ଧିର କି କି ବ୍ୟବସ୍ଥା /ସର୍ତ୍ତ ଥିଲା ? କଣ ସେଠାରେ ଅନ୍ୟ ଏକ ଯୁଦ୍ଧର ବୀଜ ବପନ କରାଯାଇଥିଲା ?

୨. ଇଟାଲୀରେ ମୁସୋଲିନୀଙ୍କ କ୍ଷମତା ଅଧିକାର ବର୍ଣ୍ଣନା କର । ସେ କିଭଳି ବିରୋଧୀ ସହିତ ସମ୍ମୁଖୀନ ହେଲେ ?

୩. ନାଜୀ ନୀତିର କି ଉଦ୍ଦେଶ୍ୟ ଥିଲା ? କିଭଳି ହିଟ୍‌ଲର ସେହି ଲକ୍ଷ ହାସଲ କଲେ ? ତାଙ୍କର ପଦ୍ଧତି ଗୁଡିକ କଣ ଉଚିତ୍ ଥିଲା ?

୪. କଣ ପାଇଁ ପାଶ୍ଚାତ ରାଷ୍ଟ୍ରମାନେ ୧୯୩୦ ଦଶକରେ ତୁଷ୍ଟିକରଣ ନୀତି ଅବଲମ୍ବନ କରିଥିଲେ ? ଫାସୀବାଦ ଉପରେ ଏହାର କଣ ପ୍ରଭାବ ପଡିଥିଲା ?

## ପାଠଗତ ପ୍ରଶ୍ନର ଉତ୍ତର

**୨୪.୧**

କ. ୧. ଅଧିଦେଶାତ୍ମକ ସନ୍ଧି
୨. ମିତ୍ରଶକ୍ତିର ଅସ୍ତକ୍ଷେପ
୩. ପ୍ରତିଜ୍ଞାପତ୍ର
୪. ଅଧିଦେଶ( )
୫. ବାଲ୍‌ଟିକ ମହାସାଗରକୁ ମାର୍ଗ

ଖ. ୧. ଆନ୍ତରାଷ୍ଟ୍ରୀୟ ସହଯୋଗ, ଶାନ୍ତି ଏବଂ ସୁରକ୍ଷାର ପ୍ରସାର
୨. ଶାନ୍ତି, ସ୍ୱତନ୍ତ୍ରତା, ପ୍ରଜାତନ୍ତ୍ର ଏବଂ ସ୍ୱାଧୀନତାର ଯୁଗ





୩. ଜର୍ମାନୀ ସହିତ ସନ୍ଧି ଉପରେ ହସ୍ତାକ୍ଷର

୪. ଇଷ୍ଟୋନିୟା,ଲାଟାଭିଆ ଏବଂ ରୁଷିଆ

**୨୪.୨**

(କ) ୧. ଭୁଲ

୨. ଭୁଲ

୩. ଠିକ୍

୪ ଭୁଲ

୫ ଭୁଲ୍

(ଖ) ୧. ବ୍ଲାକ ସାର୍ଟସ

୨. ମେଁ କେମ୍ପ (ମୋ ସଂଘର୍ଷ)

୩. ପ୍ରଜାତନ୍ତ୍ର, ସମାଜବାଦ

୪. ମାର୍ଚ୍ଚ, ରୋମ

୫. ମାଞ୍ଚୁରିଆ, ଚୀନ

୨୪.୩

(କ) ୧. ଆମେରିକା

୨. କୁଲକ୍ସ

୩. ୟୁଏସ୍ଏସ୍ ଆର

୪. ସହକରୀ ଚାଷ

୫. ତୀବ୍ର ଆର୍ଥିକ ମାନ୍ଦା ଅବସ୍ଥା

(ଖ) ୧. ଠିକ୍

୨. ଠିକ୍

୩. ଭୁଲ

୪. ଠିକ୍

୫. ଠିକ୍

୨୪.୪

୧. ଆକ୍ରମଣ

୨ ମାଞ୍ଚୁରିଆ





୩. ଇଥିଓପିଆ

୪. ରାଇନ୍‌ଲେଣ୍ଡ

୫. ସୁଦେତାନ ଲେଣ୍ଡ

୬. ଅଷ୍ଟ୍ରିଆ,ଜର୍ମାନୀ

୭. ସମାଜବାଦୀ, ସାମ୍ୟବାଦ ଏବଂ ଫାସୀବାଦ ବିରୋଧୀ

୮. ପୋଲାଣ୍ଡ

୯. ଜର୍ମାନୀ, ଇଟାଲୀ ଏବଂ ଜାପାନ

୧୦. ଫାସୀବାଦୀ

୨୪.୫

(କ) ୧. ଚାର୍ଲ୍ସ ଡି ଗୌଲି

୨. ଅପରେସନ ସି-ଲାୟନ

୩. ଅପରେସନ ବାରବରୋସା

୪. ଓ୍ୱିନଷ୍ଟନ ଚର୍ଚ୍ଚିଲ

୫. ନର୍ମାଣ୍ଡୀ

(ଖ) ୧. ପୋଲାଣ୍ଡ ଉପରେ ଆକ୍ରମଣ

୨. ଜର୍ମାନ ସେନା ଇଂଲିଶ ଚାନେଲ ପାର କରିଥିଲା

୩. ଯୁଦ୍ଧରେ ଆମେରିକାର ପ୍ରବେଶ

୪. ଜର୍ମାନୀ ସେନାମାନେ ରୁଷର ଥଣ୍ଡା ସହ୍ୟ କରିପାରିନଥିଲେ ।

୫. ଯୁଦ୍ଧର ନିର୍ଣ୍ଣାୟକ ଘଟଣା

୬. ହିରୋସୀମା ଏବଂ ନାଗାସାକୀ ଉପରେ ପରମାଣୁ ବୋମା ପକାଇବା

**ପାଠାନ୍ତ ପ୍ରଶ୍ନର ସଂକେତ**

୧. ୨୪.୧ ପାରା ୨-୩

୨. ୨୪.୨ ପାରା ୩-୪

୩. ୨୪.୨ ପାରା ୭-୯

୪. ୨୪.୪ ପାରା -୧



ଟିପ୍ପଣୀ

## ଶବ୍ଦାବଳୀ

| | | |
|---|---|---|
| ସମାମେଳନ | - | ଅନ୍ୟର ରାଜ୍ୟକୁ ନିଜରାଜ୍ୟ ସହିତ ମିସେଇ ଦେବା । |
| କୋମିନଟର୍ଣ୍ଣ | - | ରୁଷ କମ୍ୟୁନିଷ୍ଟ ରାଷ୍ଟ୍ର ଦ୍ୱାରା ସ୍ଥାପିତ ସଂଗଠନ ବିଶ୍ୱରେ ବିପ୍ଳବ ଆଣିବା ଉଦ୍ଦେଶ୍ୟରେ ବିଶ୍ୱର ସର୍ମ୍ପୁର୍ଣ୍ଣ କମ୍ୟୁନିଷ୍ଟ ପାଟି ଏହାର ସଦସ୍ୟ ଥିଲେ । |
| ଭାବପୁର୍ଣ୍ଣ ଭାଷଣ | - | ଅନର୍ଗଳ, ଜବରଦସ୍ତ, ପ୍ରଭାବଶାଳୀ ପ୍ରବର୍ତ୍ତାଇବା ଢଙ୍ଗରେ କହିବା |
| ସମୁହ ହତ୍ୟା | - | ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏବଂ ତା ପରେ ନାଜୀ ମାନଙ୍କ ଦ୍ୱାରା ପ୍ରାୟ ୬ ମିଲିଅନରୁ ଅଧିକ ୟୁରୋପର ଇହୁଦୀ ମାନଙ୍କୁ ସୁବ୍ୟବସ୍ଥିତ ଢଙ୍ଗରେ ହତ୍ୟା କରାଯାଇଥିଲା । |
| ସାମ୍ରାଜ୍ୟ ବାଦ | - | ଉପନିବେଶ ଅଥବା ପରାଧୀନ ରାଷ୍ଟ୍ରକୁ ଅଧିକାର କରି ତାକୁ ଶାସନ କରିବା, ଉଦାହରଣ ସ୍ୱରୁପ ଭାରତ ବ୍ରିଟେନ ସାମ୍ରାଜ୍ୟ ବାଦର ଉପନିବେଶ ଥିଲା । |
| ଅତିରାଷ୍ଟ୍ରୀୟତା | - | ଅତ୍ୟଧିକ ଦେଶ ଭକ୍ତି, ରାଷ୍ଟ୍ରପତି ଅତ୍ୟଧିକ ଆନୁଗତ୍ୟ |
| ସମାଜବାଦ | - | ଏକ ରାଜନୈତିକ ତଥା ଆର୍ଥିକ ପ୍ରଣାଳୀ ଯେଉଁଥିରେ ଉତ୍ପାଦନ ଉପରେ ରାଷ୍ଟ୍ରର ନିୟନ୍ତ୍ରଣ ରହିଥାଏ ତଥା ଧନର ଉଚିତ୍ ବିତରଣ ହୋଇଥାଏ । |
| ଏକଦଳୀୟ ଏକଛତ୍ରବାଦୀ ଶାସନ | - | ଏକ ପ୍ରକାର ସରକାର ଯେଉଁଠାରେ ଏକ ଦଳୀୟ ଏକଛତ୍ରବାଦୀ ଶାସନ କରନ୍ତି । ଏଠାରେ ରାଷ୍ଟ୍ର ସବୁଠାରୁ ଅଧିକ ଶକ୍ତିଶାଳୀ ଏବଂ ନାଗରିକ ମାନେ ରାଷ୍ଟ୍ରର ଅଧିନରେ ଥାଆନ୍ତି । |

## ସମୟ ରେଖା (୧୯୧୯- ୧୯୪୫)

| | | |
|---|---|---|
| ୨୮ ଏପ୍ରିଲ୍ ୧୯୧୯ | - | ରାଷ୍ଟ୍ର ସଂଘର ସ୍ଥାପନ |
| ୨୮ ଜୁନ୍ ୧୯୧୯ | - | ଭାର୍ସାଇଚୁକ୍ତିର ସ୍ୱାକ୍ଷର |
| ୨୯ ଜୁଲାଇ ୧୯୨୧ | - | ହିଟଲର ନାଜିପାଟିର ନେତା ହୋଇଥିଲେ । |
| ୨୮-୨୯ ଅକ୍ଟୋବର ୧୯୨୨ | - | ରୋମ ଉପରେ ଆକ୍ରମଣ, ମୁସୋଲିନୀଙ୍କ ଦ୍ୱାରା ସରକାର ଗଠନ |
| ୨୯ ଅକ୍ଟୋବର ୧୯୨୯ | - | ଆମେରିକାର ସେୟାର ବଜାରରେ ମାନ୍ଦା ଅବସ୍ଥା |
| ୩୦ ଜାନୁଆରୀ ୧୯୩୩ | - | ହିଟଲର ଜର୍ମାନୀର ଚାନ୍ସେଲର ହେଲେ |
| ୨ ଅଗଷ୍ଟ ୧୯୩୪ | - | ହିଟଲର ଜର୍ମାନୀର ରାଷ୍ଟ୍ରପତି ଭାବରେ କାର୍ଯ୍ୟ ଗ୍ରହଣ |
| ୭ ମାର୍ଚ୍ଚ ୧୯୩୪ | - | ଜର୍ମାନ୍ ଦ୍ୱାରା ରାଇନ୍ ଲାଣ୍ଡ ଅଧିକାର |



ଟିପ୍ପଣୀ



| | | |
|---|---|---|
| ୯ ମଇ ୧୯୩୬ | - | ମୁସୋଲିନଙ୍କ ଦ୍ୱାରା ଇଥିୟୋପିଆ ଅଧିକାର |
| ୧୮ ଜୁଲାଇ ୧୯୩୬ | - | ସ୍ପେନ୍‌ରେ ଗୃହ ଯୁଦ୍ଧ ଆରମ୍ଭ |
| ୧୨ ମାର୍ଚ୍ଚ ୧୯୩୮ | - | ମ୍ୟୁନିକ୍ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା |
| ୨୩ ଅଗଷ୍ଟ ୧୯୩୯ | - | ନାଜି -ସୋଭିଏତ୍ ଚୁକ୍ତି |
| ୧ ସେପ୍ଟେମ୍ବର ୧୯୩୯ | - | ନାଜିଦ୍ୱାରା ପୋଲାଣ୍ଡ ଅଧିକାର |
| ୩ ସେପ୍ଟେମ୍ବର ୧୯୩୯ | - | ବ୍ରିଟେନ ଏବଂ ଫ୍ରାନ୍ସର ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା |
| ଏପ୍ରିଲ- ମେ ୧୯୪୦ | - | ନାଜି ନରୱେ, ଡେନମାର୍କ, ବେଲଜିୟମ , ହଲାଣ୍ଡ, ଲାକ୍ସମବାର୍ଗ ଏବଂ ଫ୍ରାନସର ଆକ୍ରମଣ |
| ଜୁଲାଇ ୧୦, ୧୯୪୦ | - | ବ୍ରିଟେନର ଯୁଦ୍ଧ ଆରମ୍ଭ |
| ୧୩ ସେପ୍ଟେମ୍ବର ୧୯୪୦ | - | ଇଟାଲୀର ଇଜିପ୍ଟ୍ ଉପରେ ଆକ୍ରମଣ କଲା । |
| ୧୨ ଅକ୍ଟୋବର ୧୯୪୦ | - | ଅପରେସନ ସିଲାୟନ ସମାପ୍ତ |
| ୨୨ଜୁନ୍ ୧୯୪୧ | - | ଅପରେସନ କାରବରୋସା ଆରମ୍ଭ |



ଟିପ୍ପଣୀ

**୨୫**

# ଶୀତଳ ଯୁଦ୍ଧ ଏବଂ ଏହାର ରାଜନୀତି

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଉକ୍ତ ଯୁଦ୍ଧର ମିତ୍ର ରାଷ୍ଟ୍ର ସଂଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ଋଷ ମଧ୍ୟରେ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା । ଯୁଦ୍ଧ ସମୟରେ ଉକ୍ତ ଦୁଇ ରାଷ୍ଟ୍ର ଜର୍ମାନୀ ଏବଂ ଇଟାଲୀର ଏକଛତ୍ର ଫାସୀବାଦ ଏବଂ ଜାପାନ ସାମ୍ରାଜ୍ୟକୁ ହରାଇବା ପାଇଁ ବ୍ରିଟେନ ଏବଂ ଫ୍ରାନ୍ସ ସହିତ ଏକତ୍ରିତ ହୋଇ ଯୁଦ୍ଧ କରିଥିଲେ । ୧୯୪୧ ମସିହାରେ ଏହି ଦୁଇ ରାଷ୍ଟ୍ର ଏକ ପାଞ୍ଚ ବର୍ଷିଆ ଅନାକ୍ରମଣ ଚୁକ୍ତିରେ ସ୍ୱାକ୍ଷର କରିଥିଲେ । ଫେବୃୟାରୀ ୧୯୪୫ରେ ହୋଇଥିବା ୟାଲ୍ଟା ସମ୍ମିଳନୀ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ସମ୍ପର୍କ ରହିଥିଲା । କିନ୍ତୁ ଖୁବ୍ ଶୀଘ୍ର ପରିସ୍ଥିତି ପରିବର୍ତ୍ତିତ ହୋଇ ଯାଇଥିଲା ଏବଂ ସଂଯୁକ୍ତ ରାଜ୍ୟ ଆମେରିକା ତଥା ସୋଭିଏତ୍ ସଂଘ ସମ୍ମୁଖରେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯାହାକୁ ସାଧାରଣତଃ ଶୀତଳ ଯୁଦ୍ଧ କୁହାଯାଏ ।

**ଉଦ୍ଦେଶ୍ୟ**

ଏହା ପଢିବା ପରେ ତୁମେ:-

- ଶୀତଳ ଯୁଦ୍ଧର ଅର୍ଥ ବର୍ଣ୍ଣନା କରିପାରିବ
- ଶୀତଳ ଯୁଦ୍ଧର କାରଣମାନ ଉଲ୍ଲେଖ କରିପାରିବ
- ସଂଘର୍ଷର ବିଭିନ୍ନ ପରିସ୍ଥିତିର ଉଲ୍ଲେଖ କରିପାରିବ
- ଶୀତଳ ଯୁଦ୍ଧକୁ ନୂତନ ଶୀତଳ ଯୁଦ୍ଧ ସହିତ ତୁଳନା କରିପାରିବ

## ୨୫.୧ ଶୀତଳ ଯୁଦ୍ଧର ଅର୍ଥ

ଶୀତଳ ଯୁଦ୍ଧକୁ ନୂଆ ମହାଶକ୍ତିମାନଙ୍କ ମଧ୍ୟରେ ଶାନ୍ତି କାଳରେ ବିନା ଅସ୍ତ୍ରଶସ୍ତ୍ରରେ ହୋଇଥିବା ଯୁଦ୍ଧ ରୂପରେ ବର୍ଣ୍ଣନା କରାଯାଇଥାଏ । ଏହା ମହାଶକ୍ତିମାନଙ୍କ ମଧ୍ୟରେ "କୂଟନୈତିକ ଯୁଦ୍ଧ" ଥିଲା ଏବଂ ଅସ୍ତ୍ର ଶସ୍ତ୍ରର ଯୁଦ୍ଧ ନୁହେଁ । ଏହାର କାରଣ ହେଲା ଯେ ଏହା ବିଚାର ଧାରାରେ ଘୃଣା ଭାବ ତଥା ରାଜନୈତିକ ଅବିଶ୍ୱାସ ଉପରେ ଆଧାରିତ ହୋଇଥିଲା । ଫ୍ଲେମିଂ (Flaming)ଙ୍କ ଅନୁସାରେ "ଶୀତଳ ଯୁଦ୍ଧ ଏପରି ଏକ ଯୁଦ୍ଧ ଯାହାକି ଯୁଦ୍ଧ କ୍ଷେତ୍ରରେ ଲଢା ଯାଇ ନଥିଲା ବରଂ ଲୋକଙ୍କର ମସ୍ତିଷ୍କରେ ଲଢାଯାଇଥିଲା ଏବଂ ଜଣେ ଅନ୍ୟର ମସ୍ତିଷ୍କକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଚଳାଇଥିଲେ ।" ଶୀତଳ ଯୁଦ୍ଧ ଖୋଲା ପଡିଆ ଯୁଦ୍ଧ ଠାରୁ ଅନେକ ଭିନ୍ନ ହୋଇଥିଲା କାରଣ ଖୋଲା ଯୁଦ୍ଧରେ ଶତ୍ରୁ ବିଷୟରେ ପୂର୍ଣ୍ଣ ଭାବରେ ତଥ୍ୟ ଜଣା ପଡିଥାଏ ଏବଂ ଯୁଦ୍ଧ ମୁକ୍ତ ରଣାଙ୍ଗନରେ ହୋଇଥାଏ । ଶୀତଳ ଯୁଦ୍ଧରେ କୌଣସି ସମୟରେ ଯୁଦ୍ଧ ଘୋଷଣା କରା ଯାଇ ନଥାଏ ଏବଂ ଦେଶମାନଙ୍କ ମଧ୍ୟରେ କୁଟନୈତିକ ସମ୍ପର୍କକୁ ଚାଲୁ ରଖା ଯାଇଥାଏ । ଶୀତଳ ଯୁଦ୍ଧରେ ସେନା ସଂଘର୍ଷ ଏବଂ ଜୀବନ-ହାନୀ ହେଲେ ମଧ୍ୟ ଏହା



ଟିପ୍ପଣୀ

ଏକ ମନସ୍ତାତ୍ତ୍ୱିକ ଯୁଦ୍ଧ ଅଟେ ଯାହାର ଉଦ୍ଦେଶ୍ୟ ହେଲା ଶତ୍ରୁର ପ୍ରଭାବ କ୍ଷେତ୍ରକୁ କମାଇ ନିଜର ସମର୍ଥକମାନଙ୍କ ସଂଖ୍ୟା ବୃଦ୍ଧି କରବା ।

ଶୀତଳ ଯୁଦ୍ଧ ସଂଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ସଂଘ ମଧ୍ୟରେ ଦ୍ୱି-ଧ୍ରୁବୀୟ ମୁହାଁମୁହିଁ ଯୁଦ୍ଧ ଥିଲା କିନ୍ତୁ ଏଥିରେ ମିତ୍ରରାଷ୍ଟ୍ର ଏବଂ ଦୁଇ ମହାଶକ୍ତିଙ୍କର ସହଯୋଗୀ ଏବଂ ଅଧିନସ୍ଥ ରାଷ୍ଟ୍ରମାନେ ମଧ୍ୟ ଯୋଗଦାନ କରଥିଲେ । ଶୀତଳ ଯୁଦ୍ଧ ହେଉଛି ଦୁଇ ବିଚାରଧାର ଏବଂ ଦୁଇ ଅଲଗା ଅଲଗା ରୂପେ ସଂଗଠିତ ଆର୍ଥିକ ବ୍ୟବସ୍ଥା ଏବଂ ସାମାଜିକ ସାମ୍ୟବାଦ ଓ ଉଦାର ପ୍ରଜାତନ୍ତ୍ର ତଥା ସମାଜବାଦୀ ନିୟନ୍ତ୍ରିତ ଅର୍ଥ ବ୍ୟବସ୍ଥା ତଥା ପୁଞ୍ଜିବାଦ ମଧ୍ୟରେ ସଂଘର୍ଷ ରୂପେ ବୁଝା ଯାଇଥାଏ । ଯଦିଓ ଇତିହାସ ପୃଷ୍ଠାରେ ଅନେକ ଦ୍ୱି-ଧ୍ରୁବୀୟ ବିରୋଧ ଦେଖିବାକୁ ମିଳେ ତଥାପି ଏହା ହେଉଛି ପ୍ରଥମ ଥର ପାଇଁ ଦୁଇଟି ଭିନ୍ନ ଭିନ୍ନ ରୂପି ସାମାଜିକ ସଂଗଠନ ବିଶ୍ୱର ବିକଳ୍ପୀୟ ଦୃଷ୍ଟି କୋଣକୁ ଲାଗୁ କରିବା ପାଇଁ ପ୍ରତିଦ୍ୱନ୍ଦୀ ହୋଇଥିଲେ ।

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସଂଯୁକ୍ତ ରାଷ୍ଟ୍ର ଆମେରିକା ଏବଂ ସୋଭିଏତ୍ ସଂଘ ଦ୍ୱୟ ହିଁ ମହାଶକ୍ତି ହେବା ପାଇଁ ଅଗ୍ରସର ହୋଇଥିଲେ । ମହା ମାନ୍ଦା ଅବସ୍ଥାର (Great Depression) ଠିକ୍ ପରେ ପରେ ୧୯୩୨ ମସିହାରେ ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ଦେଶମାନଙ୍କର ଅଂଶ ବା ତୁଳନାତ୍ମକ ଅଧ୍ୟୟନ ଦର୍ଶାଏ ଯେ ଆମେରିକା ପ୍ରାୟ ୩୨ ପ୍ରତିଶତ ଅଂଶ ସହିତ ବିବାଦ ଶୂନ୍ୟ ହୋଇ ଥିବା ବେଳେ ଋଷ ୧୧.୫ ପ୍ରତିଶତ ଅଙ୍କ ସହିତ ଦ୍ୱିତୀୟ ସ୍ଥାନରେ ଥିଲା । କିନ୍ତୁ ଅନ୍ୟ ଅଗ୍ରଣୀ ଦେଶ ବ୍ରିଟେନ୍ ୧୦.୯ ପ୍ରତିଶତ, ଜର୍ମାନୀ ୧୦.୬ ପ୍ରତିଶତ, ଫ୍ରାନ୍ସ ୬.୯ ପ୍ରତିଶତରେ ଥାଇ ବିଶେଷ ପଛୁଆ ନଥିଲେ । କିନ୍ତୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଜର୍ମାନୀ ଏବଂ ଜାପାନର ସୈନ୍ୟ ଶକ୍ତି ପରାଜିତ ହୋଇଥିଲା ଏବଂ ବ୍ରିଟେନ ତଥା ଫ୍ରାନ୍ସ ସମ୍ପୂର୍ଣ୍ଣ ଭାବେ ଶକ୍ତିହୀନ ହୋଇଯାଇଥିଲା । ତେଣୁ ବର୍ତ୍ତମାନ ଆମେରିକା ଏବଂ ଋଷ ଦୁଇ ଦେଶ ଏଭଳି ପରିସ୍ଥିତିରେ ରହି ମହାଶକ୍ତିରେ ପରିଣତ ହୋଇଥିଲେ । ଯୁଦ୍ଧ ଦ୍ୱାରା ଅନେକ ପରିମାଣରେ କ୍ଷତି ସହିବା ସତ୍ତ୍ୱେ ସୋଭିଏତ୍ ସଂଘ ନିଜର ସାମ୍ୟବାଦୀ ଅର୍ଥ ବ୍ୟବସ୍ଥା କାରଣରୁ କ୍ଷିପ୍ର ଗତିରେ ପ୍ରଗତି କରିପାରିଥିଲା । ଉକ୍ତ ଦୁଇ ରାଷ୍ଟ୍ରର ଦୃଢ଼ ଗତିରେ ହେଉଥିବା ପ୍ରଗତିର ପରିଣାମ ସ୍ୱରୂପ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ବୃଦ୍ଧି ପାଇଥିଲା । ଏଥିପାଇଁ ଶୀତଳ ଯୁଦ୍ଧର ପ୍ରାରମ୍ଭ ହୋଇଥିଲା ।

ସୋଭିଏତ୍ ସଂଘ କୋମିନ୍ ଫର୍ମ (Cominform) (କମ୍ୟୁନିଷ୍ଟ ସୁଚନା ଦପ୍ତର), ରେଡିଓ ମସ୍କୋର ସ୍ଥାପନା କରିଥିଲା ଏବଂ ଅନ୍ୟ ଦେଶମାନଙ୍କରେ ଥିବା କେତେକ କମ୍ୟୁନିଷ୍ଟ ଦଳକୁ ମଧ୍ୟ ସମର୍ଥନ ପ୍ରଦାନ କରିଥିଲା । ସଂଯୁକ୍ତ ରାଷ୍ଟ୍ର ଆମେରିକାରେ ଭଏସ୍ ଅଫ୍ ଆମେରିକା (Voice of America) ନାମକ ରେଡିଓ ସମ୍ବାଦ କାର୍ଯ୍ୟକ୍ରମର ସ୍ଥାପନା କରିବା ସହିତ ଅନ୍ୟ ଦେଶଗୁଡିକରେ ଥିବା କମ୍ୟୁନିଷ୍ଟ ବିରୋଧୀ ରାଜନୈତିକ ଦଳମାନଙ୍କୁ ସମର୍ଥନ ପ୍ରଦାନ କରିଥିଲା ।

ଦୁଇ ଦେଶ ମଧ୍ୟରେ ଥିବା ଶତୃତା କ୍ରମେ ଦୁଇ ଦେଶ ଅନୁସରଣ କରୁଥିବା ବିଚାର ଧାରାରେ ମଧ୍ୟ ସଂଘର୍ଷ ସୃଷ୍ଟି କରିଥିଲା । ଏହି ବିଚାରଧାରାରୁ ଗୋଟାଏ ଥିଲା ରାଜନୈତିକ ଏବଂ ଆର୍ଥିକ ଉଦାରତାବାଦ ଯାହାକୁ ଆମେରିକା ଅନୁସରଣ କରୁଥିଲା ଏବଂ ଅନ୍ୟଟି ଥିଲା ମାର୍କ୍ସବାଦ-ଲେନିନବାଦ, ଯାହାକୁ ସୋଭିଏତ୍ ଋଷ ଅନୁସରଣ କରୁଥିଲା ।

ଟିପ୍ପଣୀ

### ୨୫.୧-ପାଠଗତ ପ୍ରଶ୍ନ

୧. ଶୀତଳ ଯୁଦ୍ଧରେ କେଉଁ କେଉଁ ଦୁଇଟି ବିଚାର ଧାରା ମଧ୍ୟରେ ସଂଘର୍ଷ ଥିଲା ।

୨. ଆମେରିକା ତଥା ଋଷ ଦ୍ୱାରା କି କି ସମ୍ବାଦ ସେବାଗୁଡିକର ସ୍ଥାପନ କରାଯାଇଥିଲା ?

## ୨୫.୨ ଶୀତଳ ଯୁଦ୍ଧର କାରଣମାନ

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଆମେରିକା ଓ ଋଷ ମହାଶକ୍ତି ଦ୍ୱୟ ନିଜ ନିଜର ସ୍ଥିତି ଏବଂ ବିଚାର ଧାରାର ଆଧିପତ୍ୟ ସ୍ଥାପନ କରିବା ପାଇଁ ଚାହୁଁ ଥିଲେ ଏବଂ ଉକ୍ତ ସଂଘର୍ଷ ଅନ୍ତରାଷ୍ଟ୍ରୀୟ ସମ୍ପର୍କର କେନ୍ଦ୍ର ବିନ୍ଦୁ ହୋଇଥିଲା । ପରସ୍ପର ବିରୋଧିମାନେ ଦୁଇ ଭାଗରେ ସମବେତ ହେବାରୁ ମହାଶକ୍ତି ଦ୍ୱୟ ମଧ୍ୟରେ ପ୍ରତିଦ୍ୱନ୍ଦିତା ଆହୁରି ବୃଦ୍ଧି ପାଇଥିଲା । ଅଧିକାଂଶ ପାଶ୍ଚାତ୍ ଦେଶ ଆମେରିକାର ସମର୍ଥନରେ ଛିଡା ହୋଇ ସମାଜବାଦକୁ ଖୋଲା ଖୋଲି ଭାବରେ ବିରୋଧ କରିବାରେ ଲାଗି ପଡିଲେ । ପରମାଣୁ ଅସ୍ତ୍ର ତିଆରି କରିବା ପରେ ଆମେରିକାକୁ ମହାଶକ୍ତିର ଆଖ୍ୟା ମିଳିଥିଲା । ଋଷ ଖୁବ୍ ଶୀଘ୍ର ଆମେରିକାର ସ୍ଥିତିକୁ ଯୁଦ୍ଧ ପାଇଁ ଆହ୍ୱାନ ଦେଇ ତା'ର ପ୍ରତିଦ୍ୱନ୍ଦୀ ହିସାବରେ ଦଣ୍ଡାୟମାନ ହେଲା । ଏଥି ସହିତ ସେ ୧୯୪୯ ମସିହାରେ ପରମାଣୁ ଅସ୍ତ୍ରଶସ୍ତ୍ର ତିଆରି କରି ଆମେରିକାର ଆଧିପତ୍ୟକୁ ସମାପ୍ତ କରିଥିଲା ।

ସୋଭିଏତ୍ ସଂଘ ଏବଂ ପାଶ୍ଚାତ୍ ଦେଶମାନଙ୍କ ମଧ୍ୟରେ ଏକ ଲମ୍ବା ସମୟ ଧରି ସନ୍ଦେହ ଏବଂ ଅବିଶ୍ୱାସ ଲାଗି ରହିଥିଲା । ସୋଭିଏତ୍ ସଂଘ ଏହା କେବେ ବି ଭୁଲି ପାରି ନଥିଲା ଯେ ପାଶ୍ଚାତ୍ ଦେଶମାନେ (ବ୍ରିଟେନ, ଫ୍ରାନ୍ସ ଏବଂ ଆମେରିକା) ବୋଲସେଭିକ ବିପ୍ଳବକୁ ବିଫଳ କରିବା ପାଇଁ ବହୁ ପ୍ରୟାସ କରିଥିଲେ ଏବଂ ଜାପାନ ସହିତ ଗୃହ ଯୁଦ୍ଧରେ ହସ୍ତକ୍ଷେପ କରିଥିଲା । ପାଶ୍ଚାତ ଦେଶମାନେ ଏକଥା ମଧ୍ୟ ଭୁଲି ପାରିନଥିଲେ ଯେ ସୋଭିଏତ୍ ସଂଘ ଦ୍ୱାରା ଘୋଷଣା କରାଯାଇଥିବା କଥାର ଉଦ୍ଦେଶ୍ୟ ଥିଲା ଯେ ସାରା ବିଶ୍ୱରୁ ପୁଞ୍ଜୀବାଦର ମୂଳକୁ ଉତ୍ପାଟନ କରିବା । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ପରସ୍ପର ମଧ୍ୟରେ ଥିବା ସନ୍ଦେହ ଅଧିକ ଘନିଭୂତ ହୋଇଥିଲା । ୧୯୪୧ ମସିହାରେ ଯେତେବେଳେ ଜର୍ମାନୀ ସୋଭିଏତ୍ ଋଷ ଆକ୍ରମଣ କଲା ସେତେବେଳେ ପାଶ୍ଚାତ ଗଣତାନ୍ତ୍ରିକ ରାଷ୍ଟ୍ରମାନେ ଜର୍ମାନୀ ବିରୁଦ୍ଧରେ ଦ୍ୱିତୀୟ ସାମୁଖ୍ୟ ସ୍ଥାପନରେ ବିଳମ୍ବ କରିଥିଲେ । ବ୍ରିଟେନ ଏବଂ ଆମେରିକା ଏହା କରିବା ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ ସୁଦ୍ଧା ଉକ୍ତ ବିଳମ୍ବ ଦ୍ୱାରା ଋଷର ଏଇ ସନ୍ଦେହ ପକ୍କା ହୋଇଥିଲା ଯେ ପାଶ୍ଚାତ ଦେଶମାନେ ଜର୍ମାନୀ ଏବଂ ଋଷ ମଧ୍ୟରେ ଲମ୍ବ ସମୟ ପର୍ଯ୍ୟନ୍ତ ଯୁଦ୍ଧକୁ ଚାଲୁ ରହିବା ପାଇଁ ଚାହୁଁଛନ୍ତି କାରଣ ଏହା ଦ୍ୱାରା ଦୁଇ ରାଷ୍ଟ୍ର ଲୋପ ପାଇଯିବେ ।

ଯୁଦ୍ଧ ସମୟରେ ଉଭୟ ପକ୍ଷ ଜର୍ମାନୀ, ଇଟାଲୀ ଏବଂ ଅନ୍ୟାନ୍ୟ ଅକ୍ଷ (Axis) ଶକ୍ତିମାନଙ୍କଠାରୁ ମୁକ୍ତ ହୋଇଥିବା ଦେଶର ବିରୋଧି ତତ୍ୱମାନଙ୍କୁ ପ୍ରୋତ୍ସାହିତ କରିବାରେ ଲାଗିପଡିଲେ । ଯେତେବେଳେ ଫାସୀବାଦ ଏକଛତ୍ର ଶାସକ ମୁସୋଲିନିଙ୍କୁ ଇଟାଲୀରୁ ହଟାଇ ଦିଆଗଲା ସେତେବେଳେ ପାଶ୍ଚାତ ଦେଶମାନେ ଇଟାଲୀକୁ ସମର୍ଥନ ପ୍ରଦାନ କଲେ ଏବଂ ତା'ର ପୁନଃ ନିର୍ମାଣ ପାଇଁ ସହାୟତା (ଶତାଧିକ ଆମେରିକୀୟ ଡଲାର) ଦେଇଥିଲେ । ଏହାର କାରଣ

ହେଲା ସୋଭିଏତ୍ ଋଷ ବାହାରେ ଇଟାଲୀରେ ସର୍ବାଧିକ ସମାଜବାଦୀ ଦଳ ଥିଲେ ଏଣୁ ଆମେରିକାର ନେତୃବୃନ୍ଦ ଏହାକୁ ପୁଞ୍ଜିବାଦି ଦେଶ ଅଥବା ପୁଞ୍ଜିବାଦୀ ଗୋଷ୍ଠୀକୁ ସୁଦୃଢ଼ କରିବାର ଏକ ପଦକ୍ଷେପ ଭାବରେ ଦେଖିଥିଲେ । ଗ୍ରୀସ ଏବଂ ପୋଲାଣ୍ଡରେ ସ୍ଥିତି ସେହିପରି ଥିଲା । ଆମେରିକା କମ୍ୟୁନିଷ୍ଟମାନଙ୍କୁ ଗ୍ରୀସରେ ହରାଇବାରେ ସାହାଯ୍ୟ ପ୍ରଦାନ କରିଥିଲା ।

୧୯୪୫ ପରେ ପରେ ମହାଶକ୍ତି ଦ୍ୱୟ ପରସ୍ପର ମଧ୍ୟରେ ଥିବା ସନ୍ଦେହକୁ ଦୂର କରିବା ପାଇଁ କେତେକ ପଦକ୍ଷେପ ନେଇଥିଲେ । ଆମେରିକା ଜର୍ମାନୀ ଏବଂ ଅଷ୍ଟ୍ରିଆର କେବଳ ପଶ୍ଚିମାଞ୍ଚଳକୁ ଅଧିକାର କରିବା ପାଇଁ ଏବଂ ସୋଭିଏତ୍ ଋଷର ଲାଲବାହିନୀ ଦ୍ୱାରା ମୁକ୍ତି ପାଇଥିବା ପୋଲାଣ୍ଡ, ଚେକୋସ୍ଲୋଭାକିଆ ଏବଂ ଅନ୍ୟାନ୍ୟ ପୂର୍ବ ୟୁରୋପୀୟ ଅଞ୍ଚଳରୁ ଓହରି ଯିବା ପାଇଁ ରାଜି ହୋଇଥିଲା । ସୋଭିଏତ୍ ସଂଘ କୋମିନ୍‌ଫର୍ମ (କମ୍ୟୁନିଷ୍ଟ ସୁଚନାଫରମ୍)କୁ ଭାଙ୍ଗି ଦେଇଥିଲା ଏବଂ ପୁଞ୍ଜିବାଦି ଶକ୍ତିମାନଙ୍କୁ ଗ୍ରୀସ ଅଧିକାର କରିବାପାଇଁ ରାଜି ହୋଇଥିଲା । ସୋଭିଏତ୍ ସଂଘ ୧୯୫୨ରେ ଫିନ୍‌ଲାଣ୍ଡକୁ ଛାଡିଦେଇଥିଲା ଏବଂ ୧୯୫୫ରେ ଅଷ୍ଟିଆରୁ ନିଜର ସମସ୍ତ ସୈନ୍ୟବାହିନୀକୁ ଫେରାଇ ଆଣିଥିଲା । ୟୁରୋପ ଏବଂ ଅନ୍ୟାନ୍ୟ ଅଞ୍ଚଳର ଭବିଷ୍ୟତକୁ ନେଇ ଆମେରିକା ଏବଂ ଋଷ ମଧ୍ୟରେ ମତଭେଦ ଲାଗି ରହିଥିଲା । ସୋଭିଏତ୍ ସଂଘ ନାଜି ଜର୍ମାନୀଠାରୁ ମୁକ୍ତି ପାଇଥିବା ପୂର୍ବ ୟୁରୋପୀୟ ଦେଶମାନଙ୍କରେ ମିତ୍ର ସରକାର ସ୍ଥାପନ କରିବା ପାଇଁ ଚାହୁଁଥିଲା । ମିତ୍ର ସରକାରକୁ ସୋଭିଏତ୍ ସଂଘ ସାମ୍ୟବାଦୀ ସରକାର ବୋଲି ବୁଝୁଥିବା ହେତୁ ଏଥିରେ ଆମେରିକା ଏବଂ ବ୍ରିଟେନ୍ ରାଜି ହୋଇନଥିଲେ । ତୁର୍କୀରେ ମଧ୍ୟ ସୋଭିଏତ୍ ସଂଘ ତା ନିଜର ପ୍ରଭୁତ୍ୱ ସ୍ଥାପନ କରିବା ପାଇଁ ଚାହୁଁଥିଲା ଏବଂ ଇରାନରୁ ନିଜର ସେନାବାହିନୀକୁ ଫେରାଇ ଆଣିବାରେ ବିଳମ୍ବ ଘଟାଇବାରୁ ପାଶ୍ଚାତ ଦେଶମାନେ ଘୋର ଅସନ୍ତୁଷ୍ଟ ପ୍ରକାଶ କରିଥିଲେ ।

ଶୀତଳ ଯୁଦ୍ଧ ପାଇଁ ଉଭୟ ପକ୍ଷ ଦାୟୀ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଦୁଇ ପକ୍ଷଙ୍କ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧ ବିରତି ଯୁଦ୍ଧ ପୂର୍ବରୁ ଏବଂ ଯୁଦ୍ଧ ପରେ ଉଭୟ ମଧ୍ୟରେ ଥିବା ଉତ୍ତେଜନା ପୂର୍ଣ୍ଣ ସମ୍ବନ୍ଧ ଉପରେ ଏକ ଉଜ୍ଜ୍ୱଳ ତାଳିପକା କାମ ଥିଲା ।

### ୨୫.୨-ପାଠଗତ ପ୍ରଶ୍ନ

୧. କେଉଁ ଦେଶଗୁଡିକ ଅକ୍ଷଶକ୍ତିମାନଙ୍କ ସହିତ ଥିଲେ ?

୨. କେଉଁ ଦେଶଗୁଡିକ ମିତ୍ରଶକ୍ତିଙ୍କର ଅଙ୍ଗ ଥିଲେ ?

୩. ୟୁରୋପରେ କେଉଁ କ୍ଷେତ୍ର ଆମେରିକା ତଥା ଋଷ ଦ୍ୱାରା ପ୍ରଭାବିତ ହୋଇଥିଲା ।

## ୨୫.୩-ଶୀତଳ ଯୁଦ୍ଧର ବିଭିନ୍ନ ଚରଣ / ପର୍ଯ୍ୟାୟ

ଶୀତଳ ଯୁଦ୍ଧ ଆରମ୍ଭର ସଠିକ୍ ସମୟ ନିର୍ଣ୍ଣୟ କରିବା ଅତ୍ୟନ୍ତ କଷ୍ଟ ସାଧ୍ୟ କାରଣ ଏହି ଯୁଦ୍ଧ ଆଦୌ ଘୋଷଣା କରାଯାଇ ନଥିଲା । ତତ୍ ସହିତ ଉକ୍ତ ଅଘୋଷିତ ଯୁଦ୍ଧ ମଧ୍ୟ ଦୀର୍ଘ ସ୍ଥାୟୀ ଯୁଦ୍ଧର ପରିସର ଭୁକ୍ତ ହୋଇଥିଲା । ପ୍ରାରମ୍ଭିକ ଚରଣ (୧୯୪୫-୪୭), ଅସ୍ଥି ବିଳାସ ଚରଣ କୁହାଯାଏ ଏବଂ ତା ପରବର୍ତ୍ତୀ ସମୟରେ ଶୀତଳ ଯୁଦ୍ଧରେ ବ୍ୟଗ୍ରତା ଦେଖା ଦେଇଥିଲା ଏବଂ

ଏହାର କେନ୍ଦ୍ରରେ ଥିଲା । ଯୁଦ୍ଧ ପରେ ୟୁରୋପର ପୁନଃ ନିର୍ମାଣ ଶୀତଳ ଯୁଦ୍ଧର ପ୍ରାରମ୍ଭରେ ବିଭିନ୍ନ ଶକ୍ତିମାନଙ୍କ ଦ୍ୱାରା ୟାଲ୍ଟା (yalta) ଏବଂ ପୋଟ୍ସଡେମ୍ (Potsdem) ଠାରେ ହୋଇଥିବା ଯୁଦ୍ଧକାଳୀନ ସମ୍ମିଳନୀର ସ୍ୱୀକୃତ ସିଦ୍ଧାନ୍ତଗୁଡିକୁ ନିରବଚ୍ଛିନ୍ନ ଭାବରେ ସମ୍ମାନ କରିବାର ବିଫଳତାକୁ ପ୍ରତିବିମ୍ବିତ କରିଥିଲା ।

**ପ୍ରଥମ ପର୍ଯ୍ୟାୟ**

ପ୍ରାରମ୍ଭିକ ପର୍ଯ୍ୟାୟରେ ପୋଲାଣ୍ଡର ଅବସ୍ଥା ଗୁରୁତ୍ୱପୂର୍ଣ୍ଣ ପରିସ୍ଥିତିରେ ଥିଲା । ପୋଲାଣ୍ଡରେ ସମସ୍ତ ଦେଶମାନଙ୍କର ବିଶେଷ ସ୍ୱାର୍ଥ ନିହିତ ଥିଲା । ସେପ୍ଟେମ୍ବର ୧୯୩୯ରେ ହିଟଲରଙ୍କ ସେନା ପୋଲାଣ୍ଡରେ ପ୍ରବେଶ କରିବାରୁ ଇଂଲଣ୍ଡ ଏବଂ ଫ୍ରାନ୍ସ ମିଳିତ ଭାବେ ଜର୍ମାନୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ରଷ ପୋଲାଣ୍ଡକୁ ତା'ର ଐତିହାସିକ ଶତ୍ରୁ ହିସାବରେ ଗଣନା କରୁଥିଲା । ଅନ୍ୟପକ୍ଷରେ ପଶ୍ଚିମରୁ ରଷକୁ ଆକ୍ରମଣ କରିବା ପାଇଁ ପୋଲାଣ୍ଡ ଅଞ୍ଚଳ ପରମ୍ପରାଗତ ପ୍ରବେଶ ଦ୍ୱାର ହିସାବରେ ଅବସ୍ଥାନ କରିଥିଲା । ୧୯୫୫ ମସିହାରେ ସୋଭିଏତ୍ ସଂଘ ପୋଲାଣ୍ଡରେ ପ୍ରବେଶ କରିବା ମାତ୍ରେ ସେମାନେ ରାଷ୍ଟ୍ରୀୟ ସ୍ୱାଧୀନତାର ସମର୍ଥନ ସାମ୍ୟବାଦୀ ରାଷ୍ଟ୍ରୀୟ ମୁକ୍ତି ସମିତିର ସମର୍ଥକ ଲୁବ୍ଲିନ୍ (Lublin) ସରକାରଙ୍କୁ ଅର୍ପଣ କରି ଦେଇଥିଲେ । ପୋଲାଣ୍ଡର ଭବିଷ୍ୟତ ଉପରେ ଷ୍ଟାଲିନ୍, ଚର୍ଚ୍ଚିଲ ଏବଂ ରୁଜଭେଲ୍ଟ ୟାଲ୍ଟା (Yalta) ସମ୍ମିଳନୀରେ ବିସ୍ତୃତ ଭାବେ ଚର୍ଚ୍ଚା କରିଥିଲେ । ସେଠାରେ ପୋଲାଣ୍ଡର ସଠିକ ସୀମା ନିର୍ଦ୍ଧାରଣ ସମ୍ପର୍କରେ କୌଣସି ବୁଝାମଣା ହୋଇପାରିନଥିଲା । କିନ୍ତୁ ପୋଲାଣ୍ଡ ଅନ୍ତତଃ ସୋଭିଏତ୍ ଶିବିରକୁ ଆସିଯାଇଥିଲା । ପୋଲାଣ୍ଡର ସୋଭିଏତୀକରଣ ଶୀତଳ ଯୁଦ୍ଧ ଆରମ୍ଭର ସୀମା ଚିହ୍ନ ହୋଇଥିଲା ।

ସଂଘର୍ଷର ଦ୍ୱିତୀୟ ମୁଖ୍ୟ କ୍ଷେତ୍ର ଥିଲା ବଲ୍‌କାନ୍ । ବଲ୍‌କାନ୍ ଅଞ୍ଚଳକୁ ବ୍ରିଟେନ୍ ଏବଂ ସୋଭିଏତ୍ ସଂଘ ଉଭୟ ନିଜ ନିଜର ପ୍ରଭାବ ବିସ୍ତାର କ୍ଷେତ୍ର ବୋଲି ସ୍ଥିର କରିଥିଲେ । ଗ୍ରୀସ୍ ବ୍ୟତୀତ ଅନ୍ୟ ସମସ୍ତ ଦେଶରେ ସାମ୍ୟବାଦୀ ସରକାର ସ୍ଥାପିତ ହୋଇଥିଲା ଏବଂ ଥରେ ସାମ୍ୟବାଦୀ ଶାସନ ଲାଗୁ ହେବା ଦ୍ୱାରା ସୋଭିଏତ୍ ସଂଘ ସେଗୁଡିକୁ ଖୋଲାଖୋଲି ଭାବେ ସମର୍ଥନ ଦେବା ଆରମ୍ଭ କରିଥିଲା । ବ୍ରିଟେନ ନିୟନ୍ତ୍ରଣରେ ଥିବା ଗ୍ରୀସ୍‌କୁ ଛାଡି ଅନ୍ୟ ସମସ୍ତ ପୂର୍ବ ୟୁରୋପୀୟ ଦେଶଗୁଡିକ ଉପରେ ସୋଭିଏତ୍ ସଂଘର ପ୍ରଭୁତ୍ୱ ସ୍ଥାପିତ ହୋଇ ସାରିଥିଲା । ଉକ୍ତ ସ୍ଥିତିକୁ ଚର୍ଚ୍ଚିଲ, "ୟୁରୋପ ଉପରେ ଲୌହର ଆବରଣ" ଆଚ୍ଛାଦିତ କରିଛି ବୋଲି କହି ବର୍ଣ୍ଣନା କରିଥିଲେ । ଏହା ଦ୍ୱାରା ପୂର୍ବ ଏବଂ ପଶ୍ଚିମ ମଧ୍ୟରେ ଥିବା ସମ୍ପର୍କରେ ଗଭୀର ଭାବେ ଟଣା ଓଟରା ଦେଖା ଦେଇଥିଲା ଯେଉଁଥିରେ ଆମେରିକା ଏବଂ ସୋଭିଏତ୍ ସଂଘ ସାମିଲ ହୋଇଥିଲେ ।

ମିତ୍ର ରାଷ୍ଟ୍ରର ସେନାବାହିନୀ ଆଗରେ ବିନା ସର୍ତ୍ତରେ ସମର୍ପଣ କରିବା ପରେ ଜର୍ମାନୀକୁ ଚାରୋଟି ଅଧିଗ୍ରହଣ କ୍ଷେତ୍ରରେ ଭାଗ କରାଯାଇଥିଲା । ଏହି ଚାରୋଟି ଖଣ୍ଡ ସୋଭିଏତ୍ ସଂଘ, ଆମେରିକା, ବ୍ରିଟେନ ଏବଂ ଫ୍ରାନ୍ସର ନିୟନ୍ତ୍ରଣରେ ରହିଲା । ଜର୍ମାନୀର ରାଜଧାନୀ ବର୍ଲିନ ସୋଭିଏତ ସଂଘ ଅଧିଗ୍ରହଣ କ୍ଷେତ୍ରରେ ରହିଥିଲା କିନ୍ତୁ ଜର୍ମାନୀ ଭାଗ ଭାଗ ହେବା ଶୈଳୀରେ ବର୍ଲିନକୁ ମଧ ଚାରି ଭାଗରେ ବିଭକ୍ତ କରାଯାଇଥିଲା । ଶାନ୍ତି ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିବା

ଟିପ୍ପଣୀ

ପର୍ଯ୍ୟନ୍ତ ଏହି ଅଞ୍ଚଳ ଗୁଡିକ ଅସ୍ଥାୟୀ ଭାବେ ସେନାଧିକୃତ ହୋଇ ରହିଥିଲା । ଜର୍ମାନୀ ସହିତ ଚୁଡାନ୍ତ ଶାନ୍ତି ଚୁକ୍ତି କରିବା ପାଇଁ ପୋର୍ଟସ୍‌ଡେମ୍ ସମ୍ମିଳନୀ ଡକାଯାଇଥିଲା । କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ମିତ୍ର ରାଷ୍ଟ୍ରମାନଙ୍କ ରାୟ ସ୍ପଷ୍ଟ ହୋଇ ନଥିଲା । ଯଥା:- ଜର୍ମାନୀକୁ ଶସ୍ତ୍ର ବିହୀନ କରିଦିଆଯିବ, ସେନା ବିହୀନ କରାଯିବ ଅଥବା ଏହାର ବିଭାଜନ କରାଯିବ? ଜର୍ମାନୀ ଉଦ୍ୟୋଗକୁ କେତେଦୂର ପର୍ଯ୍ୟନ୍ତ ପୁନଃନିର୍ମାଣ କରାଯିବ? ସୋଭିଏତ୍ ସଂଘ ଏକ ଦରିଦ୍ର, ଦୁର୍ବଳ, ଜର୍ମାନୀ ଚାହୁଁଥିଲା କାରଣ ଏହା ଦ୍ୱାରା ନିଜର ସ୍ୱାର୍ଥ ପାଇଁ ଜର୍ମାନୀ ଆଉ କୌଣସି ଧମକ ଆସି ପାରିବ ନାହିଁ । ଏଥି ସହିତ ସୋଭିଏତ୍ ସଂଘ ଜର୍ମାନୀଠାରୁ ୨୦ ବିଲିଅନ ଆମେରିକୀ ଡଲାର କ୍ଷତି ପୂରଣ ସ୍ୱରୂପ ଦାବି କରିଥିଲା । କିନ୍ତୁ ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ଏହି ପ୍ରସ୍ତାବରେ ରାଜି ହୋଇନଥିଲେ । ପରବର୍ତ୍ତୀ ସମୟରେ ବ୍ରିଟିଶ, ଆମେରିକା ଏବଂ ଫ୍ରାନ୍ସ ଅଧିନରେ ଥିବା ଅଞ୍ଚଳକୁ ଏକତ୍ରୀତ କରି ଦିଆଯାଇଥିଲା । ଏବଂ ଏହିପରି ଭାବେ ଜର୍ମାନ ସଂଘୀୟ ଗଣ ରାଜ୍ୟ (ପଶ୍ଚିମ ଜର୍ମାନ)ର ଅସ୍ତିତ୍ୱ ସୃଷ୍ଟି ହୋଇଥିଲା । ନୂତନ ରାଷ୍ଟ୍ରରେ ନିର୍ବାଚନ ସଂଘୀୟ ପରେ ପଶ୍ଚିମ-ସମର୍ଥକ ସରକାର କ୍ଷମତାକୁ ଆସିଲା । ଏହାକୁ ଆମେରିକାଠାରୁ ଅତ୍ୟଧିକ ମାତ୍ରାରେ ଆର୍ଥିକ ସହାୟତା ଆସିବାରେ ଲାଗିଲା । ଅତି ଶୀଘ୍ର ସୋଭିଏତ୍ ସଂଘର ସାହାଯ୍ୟ ପାଇ ତା'ଅଧିନରେ ଥିବା କ୍ଷେତ୍ର ମଧ୍ୟ ରାଷ୍ଟ୍ରରେ ପରିଣତ ହୋଇଥିଲା ଯାହାକୁ ଜର୍ମାନ୍ ପ୍ରଜାତାନ୍ତ୍ରୀକ ଗଣରାଜ୍ୟ (ପୂର୍ବ ଜର୍ମାନୀ) କୁହାଗଲା ।

ପଶ୍ଚିମ ମିତ୍ରଶକ୍ତି ଜର୍ମାନୀର ମୁଦ୍ରା କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ପ୍ରୟାସ କରିଥିଲେ କିନ୍ତୁ ସୋଭିଏତ୍ ସଂଘ ଏଥିରେ ଅରାଜି ହୋଇ ନିଜର ଜବାବ ବର୍ଲିନ-ଅବରୋଧ ମାଧ୍ୟମରେ ଦେଇଥିଲା । ସେ ବର୍ଲିନ ଏବଂ ପଶ୍ଚିମ କ୍ଷେତ୍ର ମଧ୍ୟରେ ସମସ୍ତ ପ୍ରକାର ଯାତାୟାତ ଉପରେ ନିଷେଧାଜ୍ଞ ଜାରି କରିଥିଲା । ଯଥା:-ସଡକ ପଥ, ରେଳ ପଥ ଏବଂ ଜଳ ପଥ । ଉକ୍ତ ଅବରୋଧ ବ୍ରସେଲ୍ ଚୁକ୍ତି (Brussel Treaty) କୁ ବିରୋଧ କରୁଥିଲା ଯାହାକି ବ୍ରିଟେନ୍, ଫ୍ରାନ୍ସ ଏବଂ ବେଲ୍‌ଜିଅମ୍ ମଧ୍ୟରେ ନିଜ ନିଜର ରକ୍ଷା ସନ୍ଧି ନାମରେ ପ୍ରତିପାଦନ କରାଯାଇଥିଲା । ଉକ୍ତ ସନ୍ଧିରେ ହସ୍ତାକ୍ଷର କର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଜର୍ମାନୀ ଅଥବା ୟୁରୋପକୁ ଅନ୍ୟ କେହି ରାଷ୍ଟ୍ର ଆକ୍ରମଣ କଲେ ବା କରିବା ପରିସ୍ଥିତି ସୃଷ୍ଟି କଲେ ସମସ୍ତ ସଦସ୍ୟ ରାଷ୍ଟ୍ରମାନଙ୍କର ସେନା ସହାୟତା ପ୍ରଦାନ କରିବେ । ଯଦିଓ ଏଥିରେ ସୋଭିଏତ୍ ସଂଘର ନାମ ଉଲ୍ଲେଖ କରାଯାଇ ନଥିଲେ ମଧ୍ୟ ଏହାର ମୁଖ୍ୟ ଉଦ୍ଦେଶ୍ୟ ଜର୍ମାନୀ ବଦଳରେ ସୋଭିଏତ୍ ସଂଘ ବିରୁଦ୍ଧରେ ଥିଲା ।

୧୯୪୬ ମାର୍ଚ୍ଚ ସୁଦ୍ଧା ଇରାନରୁ ସୋଭିଏତ୍ ସଂଘ ସୈନ୍ୟ ପ୍ରତ୍ୟାହାର କାର୍ଯ୍ୟ ସମାପ୍ତ ନ କରିବାରୁ ସେଠାରେ ଏକ ସଙ୍କଟ ସୃଷ୍ଟି ହୋଇଥିଲା । ଯୁଦ୍ଧ ସମୟରେ ଇରାନ୍ ମଧ୍ୟ ଦେଇ ସୋଭିଏତ୍ ସଂଘକୁ ସାହାଯ୍ୟ ପଠାଇବାରେ ଏକ ପ୍ରଧାନ ମାର୍ଗ ଥିଲା । ଇରାନ୍‌ରେ ପ୍ରବଳ ମାତ୍ରାରେ ତେଲ ଥିଲା । ସୋଭିଏତ୍ ସଂଘ ଇରାନ୍‌ର ତୈଳ ଉପଯୋଗ କରିବା ପାଇଁ ବିଶେଷ ଅଧିକାର ଦାବି କରିଥିଲା ଏବଂ ଇରାନର ସୈନ୍ୟଙ୍କୁ ସୋଭିଏତ୍ ଅଧିକୃତ ଅଞ୍ଚଳକୁ ପ୍ରବେଶ କରିବା ପାଇଁ ମନା କରି ଦେଇଥିଲା । ଉକ୍ତ ପରିସ୍ଥିତିରେ ଆମେରିକା ସଂଯୁକ୍ତ ରାଷ୍ଟ୍ରର ସୁରକ୍ଷା ପରିଷଦରେ ସୋଭିଏତ୍ ସଂଘର ସେନାଙ୍କୁ ଇରାନ ଛାଡିବା ପାଇଁ ଚାପ ପକାଇଥିଲା ।

ତୁର୍କୀରେ ସୋଭିଏତ୍ ସଂଘ ବୋସ୍‌ପୋରସ୍ ପ୍ରଣାଳୀକୁ ଆନ୍ତରାଷ୍ଟ୍ରୀୟକରଣ ପାଇଁ ଚାହିଁଥିଲା । କିନ୍ତୁ ପାଶ୍ଚାତ୍ୟ ମିତ୍ର ରାଷ୍ଟ୍ରମାନେ ଏହାର ବିରୋଧ କରିଥିଲେ । ଗ୍ରୀସ୍‌ରେ ଆମେରିକା ଏବଂ ସୋଭିଏତ୍ ସଂଘ ବିରୋଧୀ ଗୋଷ୍ଠୀମାନଙ୍କୁ ସମର୍ଥନ ପ୍ରଦାନ କରିଥିଲେ । ଗ୍ରୀସ୍‌ର ରକ୍ଷଣଶୀଳ ଗୋଷ୍ଠୀ ଆମେରିକାଠାରୁ ମଧ୍ୟ ସାହାଯ୍ୟ ମାଗିଥିଲେ ।




ମାନଚିତ୍ର ୨୫ ୧୯୫୦ର ମହାଶକ୍ତି ରାଷ୍ଟ୍ରର ବୁଝାମଣା

ଉକ୍ତ ପରିସ୍ଥିତିରେ ଆମେରିକାର ରାଷ୍ଟ୍ରପତି ଟ୍ରୁମେନ ନିଜର ଏକ ନୀତି ପ୍ରଣୟନ କରିଥିଲେ ଯାହାକୁ ଟ୍ରୁମେନ୍ ସିଦ୍ଧାନ୍ତ କୁହାଯାଏ । ଟ୍ରୁମେନ୍‌ଙ୍କ ସିଦ୍ଧାନ୍ତ ଅବରୋଧ ଉପରେ ଆଧାରିତ ଥିଲା । ଏହାର ଅର୍ଥ ହେଲା ଯେ ସାମ୍ୟବାଦକୁ ସେହି କ୍ଷେତ୍ରଠାରେ ସୀମିତ ବା ଅବରୁଦ୍ଧ କରିବା ଦରକାର ଯେଉଁ ଅଞ୍ଚଳକୁ ଏହା ପ୍ରଥମେ ଅଧିକାର କରିଅଛି ଏବଂ ଏହାକୁ ଆଉ ଆଗକୁ





ବିସ୍ତାରିତ ହେବାକୁ ନ ଦେବା । ଏହି ପ୍ରକାର ଆମେରିକାର ବିଦେଶ ନୀତି ତାକୁ ବିଚ୍ଛିନ୍ନତାବାଦି ଠାରୁ ବଦଳାଇ ହସ୍ତକ୍ଷେପ ବାଦୀରେ ପରିଣତ କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ବିଶ୍ୱର ଯେ କୌଣସି ସ୍ଥାନରେ ସାମ୍ୟବାଦର ବିସ୍ତାରକୁ ବନ୍ଦ କରିବା ।

କେତେକ ପଶ୍ଚିମ ୟୁରୋପୀୟ ଦେଶମାନଙ୍କରେ ମଧ୍ୟ ସାମ୍ୟବାଦ କ୍ଷୀପ୍ର ଗତିରେ ବୃଦ୍ଧି ପାଇଥିଲା । ଯୁଦ୍ଧ ଦ୍ୱାରା କ୍ଷତ ବିକ୍ଷତ ୟୁରୋପର ରାଷ୍ଟ୍ରଗୁଡିକ ଯୁଦ୍ଧ ପରେ ଉନ୍ନତି ସାଧନ କରିବାର ପ୍ରୟାସ କରିଥିଲେ ମାତ୍ର ଏହା ଫଳବତୀ ହୋଇ ନଥିଲା । ୟୁରୋପର ରାଷ୍ଟ୍ରୀୟ ଅର୍ଥ ବ୍ୟବସ୍ଥା ତଥା ଉଦ୍ୟୋଗଗୁଡିକ ଏଥିରୁ ମୁକ୍ତି ପାଇଁ ସଂଘର୍ଷ କରୁଥାଆନ୍ତି ଏବଂ ଏହି ଦେଶମାନଙ୍କରେ ସାମ୍ୟବାଦୀ ଦଳର ସଂଖ୍ୟା ନିରନ୍ତର ବଢୁଥାଏ । ଏହି ପୃଷ୍ଠଭୂମିରେ ଆମେରିକାର ରାଷ୍ଟ୍ର ସଚିବ ମାର୍ଶାଲ ୟୁରୋପର ଆର୍ଥିକ ପୁନଃ ନିର୍ମାଣର ଯୋଜନା ତିଆରି କରିଥିଲେ ଯାହାକୁ ମାର୍ଶାଲ ଯୋଜନା ନାମରେ ଜଣାଯାଏ । ଉକ୍ତ ଯୋଜନାରେ ଆମେରିକା ୨୦ ବର୍ଷ ମଧ୍ୟରେ ୧୦ ବିଲିୟନ ଡଲାର ଠାରୁ ଅଧିକ ଧନରାଶି ୟୁରୋପକୁ ଦେବା ପାଇଁ ବ୍ୟବସ୍ଥା କରିଥିଲା । ଏଥିରେ ଆଶା କରାଯାଇଥିଲା ଯେ ଉକ୍ତ ଧନ ଦ୍ୱାରା ୟୁରୋପ ଯୁଦ୍ଧରେ ହୋଇଥିବା କ୍ଷତିପୁରଣ କରିପାରିବ ଏବଂ ନିଜର ଭୌତିକ ଅବସ୍ଥା ତଥା ରାଜନୈତିକ ଅବସ୍ଥାକୁ ସୁଧାରି ପାରିବ । ଏହା ମଧ୍ୟ ବିଶ୍ୱାସ କରାଯାଇଥିଲା ଯେ କେବଳ ଏକ ସ୍ଥିର ୟୁରୋପ ଉଭୟ ଆଭ୍ୟନ୍ତରିଣ ତଥା ବାହ୍ୟ ସାମ୍ୟବାଦର ମୁକାବିଲା କରିପାରିବ । ମହତ୍ୱପୂର୍ଣ୍ଣ ବିଷୟ ହେଲା ଯେ ଉକ୍ତ ସହାୟତା ପ୍ରସ୍ତାବ ମଧ୍ୟ ପୂର୍ବ ୟୁରୋପୀୟ ଦେଶମାନଙ୍କ ସମ୍ମୁଖରେ ରଖା ଯାଇଥିଲା । ଟ୍ରୁମେନ ସିଦ୍ଧାନ୍ତ ଏବଂ ମାର୍ଶାଲ ଯୋଜନାର ଜବାବରେ ସୋଭିଏତ୍ ସଂଘ ନିଜସ୍ୱ ଭାବେ କୋମିନ୍‌ଫର୍ମ (ସମାଜବାଦୀ ସୂଚନା ବ୍ୟୁରୋ)କୁ ପୁନଃ ଜୀବିତ କରିଥିଲା । ଏହାର ଉଦ୍ଦେଶ୍ୟ ଥିଲା ସମସ୍ତ ସାମ୍ୟବଦୀ ସରକାରମାନଙ୍କୁ ମସ୍କୋ ନୀତି ଅନୁସାରେ ସୋଭିଏତ୍ ପ୍ରଭାବ କ୍ଷେତ୍ରକୁ ଆଣିବା । ପୂର୍ବ ୟୁରୋପରେ ସାମ୍ୟବାଦକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏହା ହେଉଛି ଏକ ପ୍ରୟାସ ।

୪ ଏପ୍ରିଲ ୧୯୪୯ରେ ଉତ୍ତର ଆଟ୍‌ଲାଣ୍ଟିକ ସନ୍ଧି ସଂଗଠନ ଅର୍ଥାତ୍ ନର୍ଥ ଆଟ୍‌ଲାଣ୍ଟିକ ଟ୍ରୀଟୀ ଅରଗାନାଇଜେସନ (NATO) ସ୍ୱାକ୍ଷରିତ ହୋଇଥିଲା । ଉକ୍ତ ସନ୍ଧି "ଅବରୋଧ" ନୀତି ଦ୍ୱାରା ପ୍ରଭାବିତ ହୋଇ ସ୍ୱାକ୍ଷର କରାଯାଇଥିଲା । ଏହା ଆମେରିକା ଏବଂ ଅନ୍ୟାନ୍ୟ ୟୁରୋପୀୟ ଦେଶ ଯଥା ବ୍ରିଟେନ, ଫ୍ରାନ୍ସ, ବେଲଜିଅମ୍, କାନାଡା, ଡେନମାର୍କ, ଆଇସ୍‌ଲାଣ୍ଡ, ଇଟାଲି, ନେଦରଲାଣ୍ଡ, ଲକ୍ସମ୍‌ବାର୍ଗ, ନରୱେ ଏବଂ ପର୍ତ୍ତୁଗାଲ ମଧ୍ୟରେ ହୋଇଥିଲା । ଉକ୍ତ ଚୁକ୍ତି ସୋଭିଏତ୍ ବ୍ଲକ ବିରୁଦ୍ଧରେ ଏକ ସୈନ୍ୟ ସାମୁଖ୍ୟ ଥିଲା । ନାଟୋ ସନ୍ଧିର ଅନୁଚ୍ଛେଦ ୫ ହେଲା ତା'ର ଅର୍ନ୍ତନିହିତ ପ୍ରତିବନ୍ଧ/ଉଦ୍ଦେଶ୍ୟ ଏବଂ ଏହା ଅନୁସାରେ ନାଟୋର ଯେକୌଣସି ସଦସ୍ୟ ଉପରେ ଆକ୍ରମଣର ଅର୍ଥ ହେଲା ଅନ୍ୟ ସମସ୍ତ ସଦସ୍ୟ ରାଷ୍ଟ୍ର ଉପରେ ଆକ୍ରମଣ ବୋଲି ବୁଝାଯିବ । ଏଥି ସହିତ ସଦସ୍ୟ ରାଷ୍ଟ୍ରମାନଙ୍କୁ ଅଧିକାର ଦିଆ ଯାଇଥିଲା ଯେ ସେମାନେ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କୁ କି ପ୍ରକାର ସାହାଯ୍ୟ ପ୍ରଦାନ କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି । ପରବର୍ତ୍ତୀ ସମୟରେ ଗ୍ରୀସ୍ ଏବଂ ଜର୍ମାନ ମଧ୍ୟ ନାଟୋର ସଦସ୍ୟ ହୋଇ ଯାଇଥିଲା ।



ଟିପ୍ପଣୀ

୧୯୪୫ ପରେ ପରେ ଚୀନ ଏବଂ କୋରିଆରେ ହୋଇଥିବା ବିକାଶ ଦ୍ୱାରା ଶୀତଳ ଯୁଦ୍ଧ ବଳବତ୍ତର ହୋଇଥିଲା । ୧୯୪୯ରେ ମାଓ-ସେ-ତୁଙ୍ଗଙ୍କ ନେତୃତ୍ୱରେ ସାମ୍ୟବାଦୀମାନେ କ୍ଷମତାକୁ ଆସି ଚୀନ ଲୋକତାନ୍ତ୍ରୀକ ଗଣତନ୍ତ୍ରର ସ୍ଥାପନା କରିଥିଲେ । ସଂଯୁକ୍ତ ରାଷ୍ଟ୍ର ଆମେରିକା ଚୀନର ଲୋକତାନ୍ତ୍ରୀକ ଗଣତନ୍ତ୍ରକୁ ମାନ୍ୟତା ଦେଇ ନଥିଲା । ଚୀନକୁ ସଂଯୁକ୍ତ ରାଷ୍ଟ୍ରରେ (UNO) ପ୍ରବେଶର ଅଧିକାର ଦିଆଗଲା ନାହିଁ । କିନ୍ତୁ କେବଳ ତାଇୱାନକୁ (ରାଷ୍ଟ୍ରବାଦୀ ଚୀନ)ହିଁ ମାନ୍ୟତା ଦିଆ ଯାଇଥିଲା । ଆମେରିକା ତା'ର ଭିଟୋ (Veto) ଅଧିକାର ବ୍ୟବହାର କରି ଚୀନ୍‌କୁ ସଂଯୁକ୍ତ ରାଷ୍ଟ୍ର ସଂଘର ବାହାରେ ରଖିଥିଲା । ସୋଭିଏତ୍ ସଂଘ ସଂଯୁକ୍ତ ରାଷ୍ଟ୍ର ସଂଘର ଏ ପ୍ରକାର କାର୍ଯ୍ୟକଳାପ ଦେଖି ତା ସହିତ ଆଉ ସମ୍ପର୍କ ରଖି ନଥିଲା । ଉକ୍ତ ଘଟଣାରୁ ଚୀନ୍ ଏବଂ ସୋଭିଏତ୍ ସଂଘ ମଧ୍ୟରେ ସମ୍ପର୍କ ନିବିଡ ହେଲା ବୋଲି କହି ହେବନାହିଁ । କାରଣ ୧୯୫୦ ପରେ ଏମାନଙ୍କ ସମ୍ପର୍କ ଖରାପରୁ ଖରାପ ଆଡକୁ ଗତିକଲା ।

ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଜାପାନ ହାରିଯିବା ପରେ ପୋର୍ଟଡେମ୍ ସମ୍ମିଳନୀ ଅନୁସାରେ କୋରିଆ ଦୁଇ ଭାଗରେ ବିଭକ୍ତ ହେଲା । ଉତ୍ତର କୋରିଆ ସୋଭିଏତ୍ ସଂଘ ଅଧିନରେ ଥିବା ବେଳେ ଦକ୍ଷିଣ କୋରିଆ ଆମେରିକା ଆୟତରେ ରହିଲା । ଦକ୍ଷିଣ କୋରିଆରେ ଆମେରିକାର ସିଧା ସଳଖ ସମର୍ଥନରେ ଏକ ଶକ୍ତିଶାଳୀ ଏକଛତ୍ର ବ୍ୟବସ୍ଥାର ସ୍ଥାପନ ହୋଇଥିଲା । ଉତ୍ତର କୋରିଆରେ ସୋଭିଏତ୍ ସଂଘ ସମର୍ଥିତ ସରକାର ସ୍ଥାପିତ ହେଲା । ସୋଭିଏତ୍ ସଂଘ ଏବଂ ଆମେରିକା ନିଜ ନିଜର ବିରୋଧି ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିଲେ । ୧୯୫୦ରେ ଉତ୍ତର କୋରିଆ ଦକ୍ଷିଣ କୋରିଆ ଉପରେ ଆକ୍ରମଣ କରିଥିଲା । ସଂଯୁକ୍ତ ରାଷ୍ଟ୍ର ସଂଘ (UNO), ଯାହାର ସ୍ଥାୟୀ ସୁରକ୍ଷା ପରିଷଦରେ ପୁଞ୍ଜିବାଦୀ ରାଷ୍ଟ୍ରମାନଙ୍କର ସଂଖ୍ୟା ଗରିଷ୍ଠତା ଥିଲା, ଉତ୍ତର କୋରିଆକୁ ଆକ୍ରମଣକାରୀ ଭାବରେ ଘୋଷଣା କରିଥିଲା ଏବଂ ତାକୁ ଜବାବ ଦବା ପାଇଁ ଏକ ଏକତ୍ରୀତ ସଂଯୁକ୍ତ ରାଷ୍ଟ୍ର କମାଣ୍ଡ ସ୍ଥାପନ କରିଥିଲା । ଆମେରିକାର ଜେନେରାଲ ମେକ୍ ଆର୍ଥର (Mac Arthur)ଙ୍କୁ ଉକ୍ତ ସେନାବାହିନୀର କମାଣ୍ଡର ଭାବେ ନିଯୁକ୍ତି କରାଯାଇଥିଲା । ସଂଯୁକ୍ତ ରାଷ୍ଟ୍ର ସଂଘର ସେନାବାହିନୀ ଉତ୍ତର କୋରିଆ ସେନାମାନଙ୍କୁ ଦକ୍ଷିଣ କୋରିଆରୁ ବିତାଡିତ କରିଥଲେ ଏବଂ ଉତ୍ତର କୋରିଆର ସୀମାର ବହୁ ଅନ୍ତରକୁ ଚୀନର ସୀମା ପର୍ଯ୍ୟନ୍ତ ମାଡିଯାଇଥିଲେ । ଏହି ସମୟରେ ଚୀନ ସଂଯୁକ୍ତ ରାଷ୍ଟ୍ରସଂଘର ସେନାକୁ ଦକ୍ଷିଣ କୋରିଆକୁ ତଡିଦେବା ପାଇଁ ଉତ୍ତର କୋରିଆ ସୈନ୍ୟସହିତ ଯୋଗ ଦାନ କରିଥିଲା । ୧୯୫୩ରେ ଏକ ଯୁଦ୍ଧ-ବିରତି ଚୁକ୍ତି ସ୍ୱାକ୍ଷରୀତ ହୋଇଥିଲା ଯାହାଦ୍ୱାରା ଏକ ବିଶାଳ ଖୋଲା ଯୁଦ୍ଧର ଆଶଙ୍କାକୁ ଏଡାଇ ଦିଆ ଯାଇପାରିଥିଲା । ଉକ୍ତ କୋରିଆର ସଂକଟ(Korean-crisis) ଶୀତଳ ଯୁଦ୍ଧର ପ୍ରଥମ ସେନା-ସଂଘର୍ଷ ଅଟେ । ସୋଭିଏତ୍ ସଂଘ, ଆମେରିକା ଏବଂ ଚୀନ ପରସ୍ପର ସହିତ ସିଧାସଳଖ ଯୁଦ୍ଧରେ ଲିପ୍ତ ହୋଇ ନଥିଲା (ଯଦିଓ ଉତ୍ତର-କୋରିଆର ଉଡାଜାହାଜ ଗୁଡିକ ପ୍ରକୃତରେ ସୋଭିଏତ୍ ପାଇଲଟ୍ ମାନେ ପରିଚାଳିତ କରୁଥିଲେ) କିନ୍ତୁ ଏଥିରେ ଜଣେ-ଅନ୍ୟଜଣକ ଉପରେ ଆଶ୍ରିତ ଶକ୍ତିମାନଙ୍କ(କୋରିଆର ଗଣତନ୍ତ୍ର ଏବଂ କୋରିଆର ପ୍ରଜାତନ୍ତ୍ରିକ ଗଣରାଜ୍ୟ, ଯେଉଁଥିରେ ପ୍ରକୃତରେ କେହି ବି ପ୍ରଜାତନ୍ତ୍ର ନଥିଲା) ସହିତ ଯୁଦ୍ଧ କରୁଥିଲେ ।



ଟିପ୍ପଣୀ

### ୨୫.୩ - ପାଠଗତ ପ୍ରଶ୍ନ-

୧. ଯାତ୍ରା ସମ୍ମିଳନୀରେ କେଉଁ ଦେଶର ଭବିଷ୍ୟତ ଉପରେ ଚର୍ଚ୍ଚା ହୋଇଥିଲା ?

..............................................................................

୨. "ଲୁହାର ଆବରଣ" ଶବ୍ଦକୁ କେଉଁ ନେତା ବ୍ୟବହାର କରିଥିଲେ ?

..............................................................................

୩. ଟ୍ରୁମେନ ସିଦ୍ଧାନ୍ତର କ'ଣ ଉଦ୍ଦେଶ୍ୟ ଥିଲା ?

..............................................................................

୪. ନାଟୋର ପୁରା ନାମ କ'ଣ ଅଟେ ?

..............................................................................

## ୨୫.୪: ଶୀତଳ ଯୁଦ୍ଧର ଅନ୍ୟ ଚରଣ/ସୋପାନ: ଟ୍ରୁମେନ୍-ଷ୍ଟାଲିନଙ୍କ ପରବର୍ତ୍ତୀ ଯୁଗ

ଦ୍ୱିତୀୟ ଚରଣରେ ଉତ୍ତେଜନା କମିଯାଇଥିଲା କିନ୍ତୁ ଶୀତଳ ଯୁଦ୍ଧର ଆଦୌ ଅନ୍ତ ହୋଇ ନଥିଲା । ଦୁଇ ଦେଶର ସର୍ବୋଚ୍ଚ ନେତୃତ୍ୱର ପରିବର୍ତ୍ତନ ହୋଇଥିଲା । ଆମେରିକାରେ ୧୯୫୩ରେ ଟ୍ରୁମେନଙ୍କ ଶାସନ ଅନ୍ତ ହୋଇଥିଲା ଏବଂ ସେହି ବର୍ଷ ସୋଭିଏତ୍ ସଂଘରେ ଷ୍ଟାଲିନ୍ଙ୍କ ମୃତ୍ୟୁ ହୋଇଥିଲା । ନିକିତା କୃଶ୍ଚେଭ (Nikita Khrushchev) ଷ୍ଟାଲିନ୍ଙ୍କ ଉତ୍ତରାଧିକାରୀ ହୋଇ ତାଙ୍କର ଅନେକ ନୀତିଗୁଡ଼ିକୁ ବଦଳାଇ ଦେଇଥିଲେ । ନୀତିର ସମ୍ମୁଖ ଭାଗରେ କୃଶ୍ଚେଭ ୟୁରୋପରେ ଉତ୍ତେଜନା ହ୍ରାସ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ ଏବଂ ସେଠାରେ ଦେଖା ଦେଇଥିବା ସମସ୍ୟା ପାଇଁ ସୋଭିଏତ୍ ସଂଘ ଦାୟୀ ବୋଲି ସ୍ୱୀକାର କରିଥିଲେ । ଅନ୍ୟ ପକ୍ଷରେ ସେ ଖୋଲାଖୋଲି ଭାବେ ପୋଲାଣ୍ଡ ଏବଂ ହଙ୍ଗେରୀରେ ଦେଖା ଦେଇଥିବା ସୋଭିଏତ୍ ବିରୋଧୀ ନେତା ତଥା ଚିନ୍ତାଧାରାକୁ ଦମନ କରିଥିଲେ । ପୋଲାଣ୍ଡ ଏବଂ ହଙ୍ଗେରୀର ଜାତୀୟତାବାଦ ପରିପ୍ରକାଶ କରୁଥିବା ଉଦାରବାଦୀ ତଥା କେଥୋଲିକମାନଙ୍କର ଗତିବିଧିକୁ ଫାସୀବାଦ କହି ତାଙ୍କୁ ନିନ୍ଦା କରୁଥିଲେ । ସୋଭିଏତ୍ ନେତାମାନେ ସେ ସମୟରେ ଆମେରିକାରେ ଚାଲିଥିବା ଜାତିଗତ (racial) ସଂଘର୍ଷକୁ ସମାଲୋଚନା କରି କହିଥିଲେ ଯେ ତାହା ହେଉଛି ପୁଞ୍ଜିବାଦ ଅସମାନତାର ଅପରିହାର୍ଯ୍ୟ ପରିଣାମ । ଏହି କାରଣରୁ ଆମେରିକା ଏବଂ ତାର ମିତ୍ର ରାଷ୍ଟ୍ରମାନେ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ସୋଭିଏତ୍ ବିରୋଧି ମତବାଦକୁ ଆନ୍ଦୋଳିତ କରିବାର ପ୍ରଚେଷ୍ଟା କରିଥିଲେ ।

ସୋଭିଏତ୍ ସଂଘର ନେତୃତ୍ୱ ପରିବର୍ତ୍ତନ ଏବଂ କୃଶ୍ଚେଭଙ୍କ ଦ୍ୱାରା ଷ୍ଟାଲିନ୍‌ବାଦର ପ୍ରକାଶ୍ୟ ଭାବରେ ନିନ୍ଦାକରିବା ଦ୍ୱାରା ପୋଲାଣ୍ଡ ଏବଂ ହଙ୍ଗେରୀରେ ବିଦ୍ରୋହକୁ ପ୍ରୋତ୍ସାହିତ କରିଥିଲା । ୧୯୫୬ ମସିହାରେ ପୋଲାଣ୍ଡର ପୋଜନନ(Poznan) ସହରରେ ବିଦ୍ରୋହ ଦେଖା ଦେଇଥିଲା ।

କିନ୍ତୁ ଏହାକୁ ଦମନ କରାଯାଇଥିଲା । ଏହି ସମୟରେ ପୋଲାଣ୍ଡର ସାମ୍ୟବାଦୀ ଦଳ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିଲା । ଗୋଟାଏ ଦଳ ଥିଲା ଷ୍ଟାଲିନ୍‌ବାଦୀ ଓ ଅନ୍ୟଟି ଗୋମୁଲ୍କା (Gomulka)ଙ୍କ ନେତୃତ୍ୱରେ ପରିଚାଳିତ ହେଉଥିଲା । ଗୋମୁଲ୍କାଙ୍କ ସମର୍ଥକମାନଙ୍କୁ ସଫଳତା ମିଳିଥିଲା ଏବଂ ପୋଲାଣ୍ଡର ସାମ୍ୟବାଦୀ ପାର୍ଟି ସମାଜବାଦ ପାଇଁ "ଏକ ରାଷ୍ଟ୍ରୀୟ ମାର୍ଗ" (National Road to Socialism) ପାଇଁ ମନୋନିବେଶ କରିଥିଲା । ଏହାର ଅର୍ଥ ହେଲା ଯେ ଯେପର୍ଯ୍ୟନ୍ତ ପୋଲାଣ୍ଡ ପୂର୍ବ ୟୁରୋପର ସୋଭିଏତ୍ ସଂଘର ନେତୃତ୍ୱକୁ ସମ୍ମାନ କରୁଥିବ ସେ ପର୍ଯ୍ୟନ୍ତ ସେ ନିଜ ବ୍ୟାପାରର/ମାମଲାର (ଉଦାହରଣ ସ୍ୱରୂପ ଆର୍ଥିକ ଏବଂ ସୈନିକ ବ୍ୟାପାରରେ)ଉପରେ ଅଧିକ ନିୟନ୍ତ୍ରଣ ରଖି ପାରିବ । ଏହିପରି ଭାବରେ ୟୁଗୋସ୍ଲୋଭିଆ ପରେ ପୋଲାଣ୍ଡ ରାଷ୍ଟ୍ରୀୟ ସାମ୍ୟବାଦର ରାସ୍ତା ଉପରେ ଚାଲିବା ବାଲା ଦ୍ୱିତୀୟ ଦେଶ ହୋଇଥିଲା, ଯାହାକୁ ଅଧିକରେ ସୋଭିଏତ୍ ନେତାଗଣମାନେ ସୀମା ମଧ୍ୟରେ ରହି ସ୍ୱୀକୃତି ପ୍ରଦାନ କରିଥିଲେ ।

୧୯୫୬ରେ ହଙ୍ଗେରୀର ଲୋକମାନେ ଏକ ବିଦ୍ରୋହ କରିଥିଲେ । ପ୍ରାରମ୍ଭ କାଳରେ ସୋଭିଏତ୍ ସଂଘ କିଛି ସଂସ୍କାର ଆଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲା । କିନ୍ତୁ ଯେତେବେଳ ହଙ୍ଗେରୀ ସୋଭିଏତ୍ ସେନାର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି କଲା ଏବଂ ୱାରସ ଚୁକ୍ତିରୁ (ଯାହାକି ସୋଭିଏତ୍ ସଂଘ ଦ୍ୱାରା ନାଟୋ ବିପକ୍ଷରେ ହୋଇଥିଲା) ଓହରି ଆସିଲା ସେତେବେଳେ ସୋଭିଏତ୍ ନେତୃବୃନ୍ଦ ଉକ୍ତ ନୂତନ ପଦକ୍ଷେପ ପାଇଁ ଅତ୍ୟନ୍ତ ବିରକ୍ତ ହୋଇଥିଲେ । ହଙ୍ଗେରୀର ଚୁଡାନ୍ତ ନିରପେକ୍ଷତା ଘୋଷଣା ତଥା ୱାରସ୍ ଚୁକ୍ତିରୁ ଓହରି ଯିବାର ପରିଣାମ ସ୍ୱରୂପ ହଙ୍ଗେରୀର ତତ୍‌କାଳୀନ ନେତା ଇମ୍ରୀ ନାଗୀ (Imre Nagy)ଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ଏବଂ ସୋଭିଏତ୍ ସଂଘ ହଙ୍ଗେରୀ ଉପରେ ଆକ୍ରମଣ କରିଥିଲା । ଏହି କାରଣରୁ ସୋଭିଏତ୍ ସଂଘ ଏହା ସ୍ପଷ୍ଟ କରିଥିଲା ଯେ ସେ ପୋଲାଣ୍ଡରେ ଉଦାରଶୀଳ ସାମ୍ୟବାଦ ଶାସନ ତଥା ବହୁଦଳୀୟ ପ୍ରଜାତନ୍ତ୍ରକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନୁହେଁ । ଏ ସମ୍ବନ୍ଧରେ ଆମେରିକା କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା କାରଣ ତାହା ସୋଭିଏତ୍ ସଂଘ ଏବଂ ଆମେରିକା ମଧ୍ୟରେ ଏକ ସିଧାସଳଖ ଯୁଦ୍ଧରେ ପରିଣତ ହୋଇ ପାରିଥାଆନ୍ତା ।

ବିପ୍ଳବ ପରେ ଜେନେରାଲ ଚିୟାଂ-କାଇ-ଶେକ ନିଜର ସମର୍ଥକମାନଙ୍କୁ ନେଇ ତାଇୱାନ ପ୍ରଣାଳୀ ପାରିହୋଇ ସେଠାରେ ଏକ ଚୀନ ଗଣରାଜ୍ୟ ସ୍ଥାପନ କରିଥିଲା । ଏହା ୧୯୭୧ ପର୍ଯ୍ୟନ୍ତ ସଂଯୁକ୍ତ ରାଷ୍ଟ୍ର ସଂଘରେ ଚୀନର ପ୍ରତିନିଧିତ୍ୱ କରୁଥିଲା । ୧୯୫୦ ପୂର୍ବରୁ ଆମେରିକାର ନୀତି ଏହା ଥିଲା ଯେ ସାମ୍ୟବାଦୀ ଚୀନ୍ (ଚୀନ ଲୋକତାନ୍ତ୍ରିକ ଗଣରାଜ୍ୟ) ଦ୍ୱାରା ତାଇୱାନ ଆକ୍ରମଣର ସ୍ଥିତିରେ ସେ ହସ୍ତକ୍ଷେପ କରିବ ନାହିଁ । କିନ୍ତୁ ୧୯୫୦ରେ କୋରିଆ ଯୁଦ୍ଧ ପରେ ଆମେରିକାର ନୀତିରେ ପରିବର୍ତ୍ତନ ଆସିଥିଲା ଏବଂ ୧୯୫୩ ପରେ ଆମେରିକାର ରାଷ୍ଟ୍ରପତି ଆଇଜନହାବାର(Esenhower) ତାଇୱାନକୁ ଆମେରିକାର ସୈନ୍ୟ ଦ୍ୱାରା ସଶସ୍ତ୍ରୀକରଣ କରିବା ପାଇଁ ଅନୁମତି ଦେଇଥିଲେ ।

୧୯୫୪ରେ ଚୀନ ଲୋକତାନ୍ତ୍ରୀକ ଗଣରାଜ୍ୟ (ଚୀନ) ଘୋଷଣା କଲା ଯେ ତାଇୱାନକୁ (ଆମେରିକା କବଳରୁ) ମୁକ୍ତ କରାଯିବା ଆବଶ୍ୟକ । ଏଥି ସହିତ ସେ ସୈନ୍ୟଚାଳନା ମଧ୍

ଆରମ୍ଭ କରିଥିଲା । ଏହି କାରଣରୁ ଆମେରିକା ପରମାଣୁ ଅସ୍ତ୍ର କ୍ଷେପଣର ଧମକ ଦେବାରୁ ଉଭୟଙ୍କ ମଧ୍ୟରେ ଯୁଦ୍ଧ ଅନିର୍ବାଯ୍ୟ ବୋଲି ମନେହେଲା । ଏ ପରିସ୍ଥିତିରେ ଚୀନ ପଛକୁ ହଟିବା ପାଇଁ ପ୍ରୟାସ କରିଥିଲା ଏବଂ ନାଟୋ ରାଷ୍ଟ୍ରମାନେ ଆମେରିକା ଦ୍ୱାରା ପରମାଣୁ ଅସ୍ତ୍ରର ବ୍ୟବହାରକୁ ବିରୋଧ କରିଥିଲେ । ଏହି ସମୟରେ ଚୀନ ନେତାମାନେ ବିଶ୍ୱାସ କରୁଥିଲେ ଯେ ପରମାଣୁ ହତିଆରକୁ ଲମ୍ବା ଦୂର ପର୍ଯ୍ୟନ୍ତ ନେଇ ଯିବାର ପ୍ରଣାଳୀ (ଆଇସିବିଏମ୍) କ୍ଷେତ୍ରରେ ସୋଭିଏତ୍ ସଂଘ ଦ୍ୱାରା କରାଯାଇଥିବା ଉନ୍ନତି ଦ୍ୱାରା ୟୁରୋପର ଶକ୍ତି ସନ୍ତୁଳନ ପୂର୍ବଗୋଷ୍ଠୀ (Eastern Bloc) ସପକ୍ଷରେ ଢଳି ପଡିଥିଲା । ଚୀନ ଲୋକତାନ୍ତ୍ରିକ ରାଜ୍ୟର ନେତାମାନଙ୍କୁ ଏହା ଜଣା ନଥିଲା ଯେ ରୁଷର ସାମରୀକ ପୁନରୁତ୍‌ଥାନ ତାଙ୍କ ପାଇଁ କ'ଣ ହୋଇପାରେ । ଅନୁମାନ କରାଯାଏ ଯେ ଏହାଦ୍ୱାରା ଆମେରିକା ଦ୍ୱାରା ଚୀନକୁ ଧମକ ଦେବାର ସମ୍ଭାବନା କମି ଯାଇଥିଲା । ଯେତେବେଳେ ୧୯୫୭ରେ ଚୀନ କ୍ୟୁମୋ (Quemoy) ଉପରକୁ ବୋମା ବୃଷ୍ଟି କରିଥିଲା, ସେତେବେଳେ ରୁଷ ହିଁ ଚୀନକୁ ସେଥିରୁ ନିବୃତ୍ତି କରିବା ପାଇଁ ଚାପ ସୃଷ୍ଟି କରିଥିଲା । ଅନ୍ତତଃ ରୁଷ ଏବଂ ଚୀନ ମଧ୍ୟରେ ଏକ ସିଧା ସଳଖ ଯୁଦ୍ଧରୁ ବଞ୍ଚି ଯାଇଥିଲେ କିନ୍ତୁ ରୁଷ ଏବଂ ଆମେରିକା ଉପରେ ଚୀନ ସାମ୍ୟବାଦୀ ସନ୍ଦେହ ଆହୁରି ବଢି ଯାଇଥିଲା ।

୧୯ଶ ଶତାବ୍ଦୀର ମଧ୍ୟ ଭାଗରେ ବ୍ରିଟିଶ ଏବଂ ଫ୍ରାନ୍ସ ଦ୍ୱାରା ସୁଏଜ କେନାଲର ନିର୍ମାଣ କରାଯାଇଥିଲା । ସୁଏଜ୍ କେନାଲ କମ୍ପାନୀ ପାଖରେ ୧୮୬୯ଠାରୁ ୯୯ ବର୍ଷ ପର୍ଯ୍ୟନ୍ତ ଉକ୍ତ କମ୍ପାନୀର ସଞ୍ଚାଳନ କରିବା ତଥା ସେଠାରୁ ଲାଭ ଉଠାଇବାର ଅଧିକାର ରହିଥିଲା । ୧୯୫୬ରେ ମିଶର (Egypt) ଦ୍ୱାରା ସୁଏଜ କେନାଲକୁ ରାଷ୍ଟ୍ରୀୟ କରଣ କରିବା ଅର୍ଥାତ୍ ଏହାକୁ ମିଶରର ରାଷ୍ଟ୍ରର ଅଂଶ ବନାଇବା ପାଇଁ ସିଦ୍ଧାନ୍ତ ଦ୍ୱାରା ଏକ ସଙ୍କଟ ଦେଖା ଦେଇଥିଲା । ବ୍ରିଟେନ, ଫ୍ରାନ୍ସ ଏବଂ ଇସ୍ରାଏଲ, ମିଶର ବିରୁଦ୍ଧରେ ମିଳିତ ସୈନ୍ୟ ଅଭିଯାନ ପାଇଁ ପ୍ରସ୍ତୁତି କରିଥିଲେ । ଆମେରିକା ଉକ୍ତ ସୈନ୍ୟ ଶକ୍ତି ପ୍ରୟୋଗର ବିରୁଦ୍ଧରେ ଥିଲା । କିନ୍ତୁ ଇସ୍ରାଏଲ, ବ୍ରିଟେନ ଏବଂ ଫ୍ରାନ୍ସ ସହିତ ଏକତ୍ର ହୋଇ ମିଶର ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଏଥିପାଇଁ ଆମେରିକା ନିଜ ମିତ୍ର ରାଷ୍ଟ୍ରମାନଙ୍କୁ ନିନ୍ଦା କରିବା ପାଇଁ ବାଧ୍ୟ ହୋଇଥିଲା ଏବଂ ଶୀତଳ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଆମେରିକା ଏବଂ ରୁଷ ଏହି ବିଷୟ ପାଇଁ ଏକତ୍ରୀତ ହୋଇଥିଲେ । ବ୍ରିଟେନ ଏବଂ ଫ୍ରାନ୍ସକୁ ଉକ୍ତ କେନାଲ ପାଇଁ ସଂଯୁକ୍ତ ରାଷ୍ଟ୍ରର ଶାନ୍ତି ସେନାକୁ ସ୍ୱୀକାର କରିବାକୁ ପଡିଥିଲା । ଫ୍ରାନ୍ସ ଯିଏ ଏପର୍ଯ୍ୟନ୍ତ ଆମେରିକା ସୁରକ୍ଷା ଗୋଷ୍ଠୀ ଠାରୁ ଅଲଗା ରହିବା ପାଇଁ ଆଶା କରିଥିଲା ତାର ସାମ୍ରାଜ୍ୟର ପତନ "ସୁଏଜ୍ ସଙ୍କଟ" ପରେ ପରେ ତୀବ୍ରତାର ସହିତ ବୃଦ୍ଧି ହୋଇଥିଲା । ବ୍ରିଟେନ ମଧ୍ୟ ଏବେ ସାମାନ୍ୟ ତମ ଦ୍ୱିତୀୟ ଶ୍ରେଣୀୟ ଶକ୍ତି ହିସାବରେ ଆମେରିକାର ଏକ କନିଷ୍ଠ ବନ୍ଧୁ ରୂପରେ ନିଜକୁ ପ୍ରତିପାଦିତ କରିଥିଲା ।

କ୍ୟୁବାରେ ଫାଇଡେଲ କେଷ୍ଟ୍ରୋ (Fidel Castro) ଅନେକ ବର୍ଷ ପର୍ଯ୍ୟନ୍ତ ସଂଘର୍ଷ କରିବା ପରେ ୧୯୫୯ରେ କ୍ଷମତା ପ୍ରାପ୍ତ କରିଥିଲେ । ଖୁବ୍ ଅଳ୍ପ ବର୍ଷ ମଧ୍ୟରେ ସେ କ୍ୟୁବାର ସୋଭିଏତ୍ ସଂଘ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରିଥିଲେ । ଏଣୁ ଆମେରିକା କ୍ୟୁବା ସହିତ କୂଟ ନୈତିକ ସମ୍ପର୍କ କାଟି ଦେଇଥିଲା ଓ କ୍ୟୁବାରୁ ଚିନି କିଣିବାକୁ ମନା କରି ଦେଇଥିଲା । ଏହା ବ୍ୟତୀତ



ଟିପ୍ପଣୀ

କ୍ୟୁବାରୁ ନିର୍ବାସିତ ହୋଇ ଆମେରିକାରେ ନିର୍ବାସନ ଦଣ୍ଡ ଭୋଗୁଥିବା କେଷ୍ଟ୍ରୋ ବିରୋଧି ଲୋକମାନଙ୍କୁ ଆମେରିକା ସହଯୋଗ କରି ୧୯୬୧ରେ କ୍ୟୁବା ବିରୁଦ୍ଧରେ ହୋଇଥିବା ଅଭିଯାନକୁ ସାହାଯ୍ୟ କରିଥିଲା । ନିର୍ବାସିତ କ୍ୟୁବୀୟମାନେ ପିଗ୍ ସମୁଦ୍ରରେ (Pig Sea) ଅବତରିବାର ଯୋଜନା କରିଥିଲେ କିନ୍ତୁ କ୍ୟୁବାର ଜନତାଙ୍କ କୌଣସି ସହଯୋଗ ନ ପାଇବାରୁ ଏ ଅଭିଯାନ ସମ୍ପୂର୍ଣ୍ଣ ଭାବେ ଅସଫଳ ହୋଇଥିଲା । ଏଥିପାଇଁ ସୋଭିଏତ୍ ସଂଘ କ୍ୟୁବାରେ ଏକ ପରମାଣୁ ବୋମା ନିକ୍ଷେପକାରୀ ବିମାନ ଏବଂ ଭୂମିପୃଷ୍ଠରୁ ଭୂମିକୁ ନିକ୍ଷେପକାରୀ ମିସାଇଲ ସ୍ଥାପନ କରିଥିଲା । (ଏଥି ମଧ୍ୟରୁ କେତେକ ଆମେରିକାଠାରୁ ମାତ୍ର ୧୫୦ କି.ମି. ଦୂରତ୍ୱରେ) । ଏଥି ସହିତ ସୋଭିଏତ୍ ସଂଘ ଏକ ଡର୍ଜନ (Dozen) ଦୀର୍ଘ ଦୂରତ୍ୱକୁ କ୍ଷେପଣ କରିପାରୁଥିବା ମିସାଇଲ କ୍ୟୁବାକୁ ପଠାଇଥିଲା (୧୯୪୯ ମସିହାରୁ ତୁର୍କୀ, ନରୱେ ଏବଂ ସୋଭିଏତ୍ ସଂଘକୁ ସିଧାସଳଖ ଭାବେ ସଂଯୋଗ କରୁଥିବା ଅଞ୍ଚଳମାନଙ୍କରେ ଆମେରିକା ପରମାଣୁ ବୋମା ନିକ୍ଷେପକାରୀ ବିମାନ ଏବଂ ମିସାଇଲ ଘାଟି ସ୍ଥାପନ କରି ସାରିଥିଲା ।)

ଏହାର ପ୍ରତିବଦଳରେ ଆମେରିକା କ୍ୟୁବାକୁ ଅବରୋଧ କରିବା ପାଇଁ ଘୋଷଣା କରିଥିଲା । ଏହି ପରିପ୍ରେକ୍ଷୀରେ ଦୁଇ ମହାଶକ୍ତି ମଧ୍ୟରେ ଯୁଦ୍ଧ ହେବାର ପ୍ରବଳ ସମ୍ଭାବନା ଦେଖା ଦେଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ସୋଭିଏତ୍ ସଂଘ ଅବରୋଧକୁ ନିନ୍ଦା କରିଥିଲା କିନ୍ତୁ ପରବର୍ତ୍ତୀ ସମୟରେ ମିସାଇଲଗୁଡିକୁ ହଟାଇ ନେବା ଏକ ସର୍ତ୍ତ ରଖିଥିଲା । ସର୍ତ୍ତଟି ହେଲା ଯେ ଆମେରିକା କ୍ୟୁବା ଉପରେ ଆକ୍ରମଣ କରିବ ନାହିଁ ଏବଂ ତୁର୍କୀରୁ ନିଜର ମଧ୍ୟ ଦୁରତ୍ୱକୁ ଭେଦ କରୁଥିବା ମିସାଇଲଗୁଡିକୁ ହଟାଇନେବ । ପ୍ରଥମ ସର୍ତ୍ତକୁ ଆମେରିକା ପୂରଣ କରିବା ପାଇଁ ରାଜି ହୋଇଥିଲା ଏବଂ ପରେ ତୁର୍କୀରୁ ନିଜର ମିସାଇଲଗୁଡିକୁ ଯୁଗୋପଯୋଗୀ ନୁହେଁ ବୋଲି ବାହାନା କରି ଫେରାଇ ନେଇଥିଲେ । ସମ୍ଭବତଃ ଶୀତଳ ଯୁଦ୍ଧ ସମୟରେ ଏହାହିଁ ଥିଲା ଦୁଇ ମହାଶକ୍ତିମାନଙ୍କ ମଧ୍ୟରେ ହେବାକୁ ଥିବା ପରମାଣୁ ଯୁଦ୍ଧର ସର୍ବ ବୃହତ୍ ସମ୍ଭାବନା ।

ବର୍ଲିନରୁ ସୋଭିଏତ୍ ସଂଘ ବାସ୍ତବରେ ପାଶ୍ଚାତ୍ ଶକ୍ତିମାନଙ୍କୁ ଛଅମାସ ମଧ୍ୟରେ ବର୍ଲିନ୍‌ରୁ ନିଜ ନିଜର ସୈନ୍ୟବାହିନୀକୁ ପୁରାପୁରି ଭାବରେ ନିରସ୍ତ୍ରୀକରଣ କରିବା ପାଇଁ ଏକ ଚରମ ପତ୍ର ଦେଇଥିଲା ଏବଂ କହିଥିଲା ଯେ ଯଦି ଅନ୍ୟାନ୍ୟ ଦେଶମାନେ ଏହା ଅବଲମ୍ବନ କରିବେ ତେବେ ସେ ମଧ୍ୟ ନିଜର ସେନାବାହିନୀକୁ ଅପସାରଣ କରି ଆଣିବ । ଛଅ ମାସ ମଧ୍ୟରେ ଉକ୍ତ ସର୍ତ୍ତ ପୂରଣ ନହେଲେ ସୋଭିଏତ୍ ସଂଘ ପୂର୍ବ ବର୍ଲିନ୍‌ରେ ନିଜର ଅଧିଗ୍ରହଣ କ୍ଷମତାକୁ ଜର୍ମାନ୍ ପ୍ରଜାତାନ୍ତ୍ରିକ ଗଣରାଜ୍ୟ (ପୂର୍ବ ଜର୍ମାନୀ)କୁ ହସ୍ତାନ୍ତର କରିବ । ଯେତେବେଳେ ସୋଭିଏତ୍ ସଂଘର ସେନାବାହିନୀ ସହରର ଚାରିପଟକୁ ଘେରି ଯାଇଥିଲେ ସେତେବେଳେ ପଶ୍ଚିମ ବର୍ଲିନବାସୀ ଏବଂ ବିଦେଶୀ ଅଧିଗ୍ରହଣ କର୍ତ୍ତାମାନଙ୍କୁ ଏକ ଆକାଶମାର୍ଗ ମାଧ୍ୟମରେ ଯୋଗାଇ ଦିଆ ଯାଇଥିଲା । ଅତି ଶୀଘ୍ର ସୋଭିଏତ୍ ନେତାମାନେ ବୁଝି ପାରିଥିଲେ ଯେ ପାଶ୍ଚାତ୍ୟ ଶକ୍ତିମାନଙ୍କୁ ଅତି ସହଜରେ ବର୍ଲିନ ବାହାରକୁ ବିତାଡିତ କରି ହେବ ନାହିଁ । କାରଣ ତାକୁ ନିଜ ଅଧିଗ୍ରହଣରେ ରଖିବା ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ନିଜର ତିନି ଲକ୍ଷ ସେନାଙ୍କୁ ବଳି ପକାଇବାକୁ ପଡିଥିଲା । ବର୍ଲିନ ସଙ୍କଟରୁ ବିଜୟ ଲାଭ କରିବା ପଶ୍ଚିମି ଶକ୍ତିମାନଙ୍କ ପାଇଁ ସହଜ ହୋଇ ନଥିଲା ।

୧୯୫୦ ଦଶକରେ ବର୍ଲିନ ମଧ୍ୟ ଦେଇ ଅନେକ ଶ୍ରମିକ ତଥା ପେଶାଦାର ଲୋକମାନେ ପୂର୍ବ ଜର୍ମାନୀରୁ ପଶ୍ଚିମ ଜର୍ମାନୀକୁ ପଳାୟନ କରିବାରୁ ସୋଭିଏତ୍ ସଂଘର ବ୍ୟସ୍ତତା ଲାଗି ରହିଥିଲା । ସେମାନେ ଯେତେବେଳେ ବର୍ଲିନର ସ୍ଥିତି ଉପରେ ପାଶ୍ଚାତ୍ୟ ଶକ୍ତିମାନଙ୍କ ଉପରେ ଚାପ ପ୍ରୟୋଗ କରିବା ଆରମ୍ଭ ହେବାରୁ ସେମାନେ ଅଧିଗ୍ରହଣର କିଛି ସର୍ତ୍ତକୁ ପରିବର୍ତ୍ତନ କରିଥିଲେ କାରଣ ଏହାଦ୍ୱାରା ଜର୍ମାନୀ ପାଇଁ ହେବାକୁ ଥିବା ଏକ ବୃହତ ଯୁଦ୍ଧକୁ ଏଡାଇ ଦିଆଯାଇ ପାରିଥିଲା । ୧୯୫୫ ପରେ ପଶ୍ଚିମ ଜର୍ମାନୀ, ଜର୍ମାନ ସଂଘୀୟ ଗଣତନ୍ତ୍ର ସଶସ୍ତ୍ରୀକରଣ ଚାଲୁ ରଖିଥିଲା ଏବଂ ଅଧିକତର ପଶ୍ଚିମୀ ଅଧିଗ୍ରହଣ କ୍ଷେତ୍ର ଉପରେ ନଜର ନିୟନ୍ତ୍ରଣ ସ୍ଥାପନ କରିଥିଲା ଏବଂ ସେଠାରେ କିଛି ସମୟ ପାଇଁ କମ୍ୟୁନିଷ୍ଟମାନଙ୍କୁ ଅପରାଧୀ ବୋଲି ଘୋଷଣା କରିଥିଲେ । ୧୯୬୧ରେ ସୋଭିଏତ୍ ସଂଘ ପୂର୍ବ ଜର୍ମାନୀରୁ ପଶ୍ଚିମ ଜର୍ମାନୀ ପଳାୟନକୁ ପ୍ରତିରୋଧ କରିବା ପାଇଁ ଏକ କଂକ୍ରୀଟର ପାଚେରୀ ନିର୍ମାଣ କରିଥିଲା । ଉକ୍ତ ବର୍ଲିନ ପାଚେରୀ ସେତେଦିନ ପର୍ଯ୍ୟନ୍ତ ଶୀତଳ ଯୁଦ୍ଧର ରାଜନୀତିର ଏକ ପ୍ରତୀକ ହୋଇ ରହିଥିଲା ଯେତେଦିନ ପର୍ଯ୍ୟନ୍ତ ସନ ୧୯୮୯-୯୦ରେ ଜର୍ମାନ୍‌ବାସୀମାନେ ଏହାକୁ ଭାଙ୍ଗି ଦେଇନଥିଲେ । ଶୀତଳ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ମହାଶକ୍ତିମାନଙ୍କ ମଧ୍ୟରେ ଉତ୍ତେଜନା କିଛି ଅଂଶରେ ତରଳି ଯାଇଥିଲା । କିନ୍ତୁ ଅନ୍ୟ କେତେକ ଘଟଣାରେ ଯଥା ୧୯୬୨ର କ୍ୟୁବା ମିସାଇଲ ସଂଘର୍ଷ ସମୟରେ ଉତ୍ତେଜନା ବହୁପରିମାଣରେ ବୃଦ୍ଧି ପାଇଥିଲା । ପରମାଣୁ ଯୁଦ୍ଧର ସମ୍ଭାବନା ତଥା ଏହାର ଭୟାଭୟ ପରିଣାମ ଦୁଇଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଅଟେ ଯାହାଦ୍ୱାରା ଦୁଇ ମହାଶକ୍ତି ନିଜ ନିଜର ଚିନ୍ତାଧାରା ତଥା ଗତିପଥ ବଦଳାଇବା ପାଇଁ ବାଧ୍ୟ ହୋଇଥିଲେ ଏବଂ ଦୁଇ ଦେଶରେ ସାମରିକ ଖର୍ଚ୍ଚ କାଟ ପାଇଁ ବହୁ ଚାପ ଦେଖା ଦେଇଥିଲା ।

ଦୁଇ ମହାଶକ୍ତି ମଧ୍ୟରେ ଥିବା ସମ୍ପର୍କକୁ ସୁଧାରିବା ପାଇଁ କେତେକ ପଦକ୍ଷେପ ନିଆ ଯାଇଥିଲା । ୧୯୬୩ରେ ସୋଭିଏତ୍ ସଂଘ, ଆମେରିକା ଏବଂ ବ୍ରିଟେନ ଏକ ପରମାଣୁ ପରୀକ୍ଷଣ ପ୍ରତିବନ୍ଧ ଚୁକ୍ତି ସ୍ୱାକ୍ଷର କରିଥିଲେ । ଏଥି ସହିତ ମଧ୍ୟ ଏକମତ ହୋଇଥିଲେ ଯେ ପରବର୍ତ୍ତୀ ସମୟରେ କେବଳ ଭୂଗର୍ଭରେ ହିଁ ପରମାଣୁ ଅସ୍ତ୍ର ପରୀକ୍ଷା କରାଯିବ କାରଣ ଏହାଦ୍ୱାରା ବାତାବରଣ ପ୍ରଦୂଷଣକୁ ମଧ୍ୟ ରୋକାଯାଇ ପାରିବ । ସେହି ବର୍ଷ ମସ୍କୋ ଏବଂ ଆମେରିକା ମଧ୍ୟରେ ହଟ୍‌ଲାଇନ୍ (Hot line) କୁହାଯାଉଥିବା ଟେଲିଫୋନ ସେବାର ଆରମ୍ଭ କରାଯାଇଥିଲା କାରଣ ଏହାଦ୍ୱାରା ତତ୍କାଳ ସମ୍ପର୍କ ସ୍ଥାପନ କରିବା ସୁନିଶ୍ଚିତ ହୋଇ ପାରିଥିଲା ।

### ୨୫.୪-ପାଠଗତ ପ୍ରଶ୍ନ

୧. କେଉଁ ସୋଭିଏତ୍ ନେତା ୟୁରୋପକୁ ନେଇ ଉତ୍ତେଜନା କମାଇବା ସହିତ ସୋଭିଏତ୍ ବିରୋଧୀ ନେତାମାନଙ୍କର ଚିନ୍ତାଧାରାର ପରିବର୍ତ୍ତନ ପାଇଁ ଏକକାଳୀନ ପଦକ୍ଷେପ ନେଇଥିଲା ?

୨. ପି.ଆର୍.ସି.ର ପୂର୍ଣ୍ଣ ନାମ କ'ଣ ଅଟେ ?

୩. ବର୍ଲିନର ପାଚେରୀ କେବେ ଭାଙ୍ଗି ପଡିଥିଲା ?



ଟିପ୍ପଣୀ

## ୨୫.୫-ଉତ୍ତେଜନା ହ୍ରାସ-The Detente

ବର୍ତ୍ତମାନ ସୋଭିଏତ୍ ସଂଘ ଏବଂ ଆମେରିକା ମଧ୍ୟରେ ସମ୍ପର୍କ ଏକ ନୂତନ ଅଧ୍ୟାୟରେ ପ୍ରବେଶ କରିଥିଲା ଯାହାକୁ ଡିଟାଣ୍ଟ (Detente) ଅର୍ଥାତ୍ ଉତ୍ତେଜନାରେ ହ୍ରାସ କୁହାଯାଉଥିଲା । ଡିଟାଣ୍ଟ ଶବ୍ଦର ପ୍ରୟୋଗ, ପାଶ୍ଚାତ ଏବଂ ପୂର୍ବ ମଧ୍ୟରେ ଉତ୍ତେଜନାକୁ ହ୍ରାସ କରିବା ପାଇଁ କରାଯାଇଥିଲା । ଉତ୍ତେଜନା ହ୍ରାସ ପାଇଁ ଚୀନକୁ ମଧ୍ୟ ଧ୍ୟାନ ଦିଆଯାଇଥିଲା । ଆମେରିକା ଓ ଚୀନ ସମ୍ପର୍କରେ କିଛି ବର୍ଷ ହେଲା ଉତ୍ତେଜନା ଦେଖା ଦେଇଥିଲା । ଚୀନ ସହ ଉତ୍ତେଜନା ହ୍ରାସ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା । ଏହି ପର୍ଯ୍ୟାୟରେ ଶୀତଳ ଯୁଦ୍ଧରେ ପରିସମାପ୍ତି ଘଟି ନଥିଲେ ମଧ୍ୟ ପରସ୍ପର ମଧ୍ୟରେ ବୁଝାମଣାରେ ବହୁ ଉନ୍ନତି ଘଟିଥିଲା । ଆମେରିକାର ଜଣେ ଅଧିକାରୀ ହେନେରୀ କିସିଞ୍ଜାର (Henery Kissinger) ଡିଟାଣ୍ଟକୁ, "ବିରୋଧି ଶକ୍ତିମାନଙ୍କ ମଧ୍ୟରେ ଶୃଙ୍ଖଳା ବିକାଶର ଏକ ଢଙ୍ଗ" ବୋଲି କହିଥିଲେ । ଲିୟୋନେଡ୍ ବ୍ରେଜନେଭ, ଯେ କ୍ୟୁବାର ମିସାଇଲ ସଙ୍କଟ ପରେ ସୋଭିଏତ୍ ସଂଘର ନେତା ରୂପେ କୃଶ୍ଚେଭଙ୍କ ଠାରୁ କ୍ଷମତା ଲାଭ କରିଥିଲେ ତାଙ୍କ ଅନୁସାରେ "ଏହା ମତଭେଦ ଏବଂ ବିବାଦକୁ ତାକତ, ଧମକ ଏବଂ ସୈନ୍ୟ ଶକ୍ତିର ବିନା ଉପଯୋଗରେ ଶାନ୍ତିପୂର୍ଣ୍ଣ ଉପାୟରେ ଆପୋଶ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଏକ ଉପାୟ ।" ଏହାର ଅର୍ଥ "ଜଣେ ଅନ୍ୟ ଜଣଙ୍କ ଉପରେ ଭରସା କରିବା ଏବଂ ଅନ୍ୟର ନ୍ୟାୟିକ ଅଧିକାରକୁ ବିଚାର କରିବା ମଧ୍ୟ ।" ଆମେରିକାର ରାଷ୍ଟ୍ରପତି ନିକ୍ସନ୍‌ଙ୍କୁ ଡିଟାଣ୍ଟର ଜନକ କୁହାଯାଏ । କିନ୍ତୁ ଏହା ଚୀନ ଏବଂ ଆମେରିକାର ସମ୍ପର୍କ ବିଷୟରେ ଅଧିକ ପ୍ରଯୁଜ୍ୟ ଥିଲା । ଯଦିଓ ନିକ୍ସନ୍ ୧୯୪୦ରୁ ୧୯୬୦ ମଧ୍ୟରେ ନିଜର ରାଜନୈତିକ ଜୀବନ ଏକ କଟ୍ଟର ପନ୍ଥୀ କମ୍ୟୁନିଷ୍ଟ ବିରୋଧି ହିସାବରେ ଆରମ୍ଭ କରିଥିଲେ । ୧୯୬୮ରେ ରାଷ୍ଟ୍ରପତି ହେଲାପରେ ସେ ଚୀନ୍ ସହିତ ଆମେରିକାର ସମ୍ପର୍କକୁ ସୁଧାରିବା ପାଇଁ ପ୍ରୟାସ କରିଥିଲେ ।

ଉତ୍ତେଜନା ହ୍ରାସ ପାଇଁ ଉଭୟ ରାଷ୍ଟ୍ରମାନେ ଅନେକ ଚେଷ୍ଟା କରିଥିଲେ । ୧୯୬୮ରେ ୟୁକେ, ୟୁ.ଏସ୍.ଏ. ଏବଂ ୟୁ.ଏସ୍.ଏସ୍.ଆର ମଧ୍ୟରେ ଏକ ପରମାଣୁ ଅପସାରଣ ଚୁକ୍ତି ସ୍ୱାକ୍ଷରୀତ ହୋଇଥିଲା । ଦୁଇ ମହାଶକ୍ତି ମଧ୍ୟରେ ମତାନ୍ତରର ମୁଖ୍ୟକାରଣ ଜର୍ମାନୀ ଏବଂ ବର୍ଲିନ ହୋଇଥିଲା । ୧୯୬୯ରେ ପଶ୍ଚିମ ଜର୍ମାନୀ "ଅଷ୍ଟପଲିଟିକ୍" (Ostpolitik) ନାମକ ନୀତି ଅବଲମ୍ବନ କରିଥିଲା । ଏହାର ଅର୍ଥ ହେଲା ପୂର୍ବ ପାଇଁ ନୀତି । ପଶ୍ଚିମ ଜର୍ମାନୀ ପୂର୍ବ ୟୁରୋପୀୟ ରାଷ୍ଟ୍ରମାନଙ୍କ ସହିତ ସାଧାରଣ ସମ୍ପର୍କ ପୁନଃ ସ୍ଥାପନ କରିଥିଲା । ଦୁଇ ଜର୍ମାନୀ ପରସ୍ପରକୁ ମାନ୍ୟତା ପ୍ରଦାନ କରିଥିଲେ । ଏହାଛଡା ମହାଶକ୍ତି ଦ୍ୱୟ ସ୍ୱତନ୍ତ୍ର ଜର୍ମାନୀକୁ ସ୍ୱାଧୀନ ଏବଂ ଆଇନତଃ ସ୍ୱତନ୍ତ୍ର ରାଷ୍ଟ୍ର ହିସାବରେ ମାନ୍ୟତା ଦେଇଥିଲେ । ୧୯୭୩ ମସିହାରେ ଦୁଇ ଜର୍ମାନୀ ମିଳିତ ଜାତିସଂଘରେ ଯୋଗ ଦାନ କରିଥିଲେ ।

୧୯୭୨ରେ ସୋଭିଏତ୍ ସଂଘ ଏବଂ ଆମେରିକା ସାମରିକ ପରିସୀମିତ ସନ୍ଧି (ସଲଟ୧)ରେ ସ୍ୱାକ୍ଷର କରିଥିଲେ । ଏହି ସନ୍ଧିରେ ଅସ୍ତ୍ରଶସ୍ତ୍ରରେ କୌଣସି ହ୍ରାସ ଘଟାଇ ନଥିଲା ବରଂ ଏହା ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହେବାର ପ୍ରତିଯୋଗିତାକୁ ହ୍ରାସ କରିଥିଲା । ସୋଭିଏତ୍ ସଂଘ ଏବଂ ଆମେରିକାର ରାଷ୍ଟ୍ରପତି ମଧ୍ୟରେ ତିନିଥର ସାକ୍ଷାତକାର ହୋଇଥିଲା (ବ୍ରେଜନେଭ ଏବଂ

ନିକ୍ସନ୍)। ଆମେରିକା ମଧ୍ୟ ସୋଭିଏତ୍ ରୁଷକୁ ଗହମ ରପ୍ତାନୀ ଆରମ୍ଭ କରିଥିଲା। ଜୁଲାଇ ୧୯୭୫ରେ ହେଲସିଂକି (Helsinkim in Finland) ସମ୍ମିଳନୀରେ ପ୍ରାୟ ୩୫ଟି ରାଷ୍ଟ୍ର ଯୋଗଦାନ କରିଥିଲେ। ଏହାର ଅନ୍ତିମ ଚୁକ୍ତିଟି ଶୀତଳ ଯୁଦ୍ଧକୁ କିଛି ସମୟ ପାଇଁ କବର ଦେଇଥିଲା ବୋଲି ବିଶ୍ୱାସ କରାଯାଏ। ଉକ୍ତ ଚୁଡାନ୍ତ ଚୁକ୍ତିଟିରେ ଦଶଟି ସିଦ୍ଧାନ୍ତ ଥିଲା। ସେଥିରୁ ସର୍ବ ଗୁରୁତ୍ୱପୂର୍ଣ୍ଣଟି ହେଲା ଯେ ସମସ୍ତ ରାଷ୍ଟ୍ରମାନେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରସ୍ତୁତ ହୋଇଥିବା ୟୁରୋପୀୟ ସୀମାରେଖାକୁ ଗ୍ରହଣ କରିଥିଲେ। ଏଣୁ ଜର୍ମାନୀର ବିଭାଜନକୁ ଗ୍ରହଣ କରାଯାଇଥିଲା। ସାମ୍ୟବାଦୀ ଦେଶମାନେ ନିଜର ଜନସାଧାରଣଙ୍କୁ ବାକ୍ ସ୍ୱାଧୀନତା ଏବଂ ଦେଶ ଛାଡିବାର ସ୍ୱାଧୀନତା ସହିତ "ମାନବାଧିକାର" ମଧ୍ୟ ପ୍ରଦାନ କରିଥିଲେ।

ଡିଟେଣ୍ଟ ଯୁଗରେ ୟୁଏସ୍ଏ ଏବଂ ଚୀନ ମଧ୍ୟରେ ଥିବା ସମ୍ବନ୍ଧରେ ଅନେକ ଉନ୍ନତି ଦେଖା ଦେଇଥିଲା। ରାଷ୍ଟ୍ରପତି ନିକ୍ସନ୍ ଏବଂ ରାଷ୍ଟ୍ର ସଚିବ ହେନେରୀ କିସିଞ୍ଜାର ଚୀନ ସହିତ ସମ୍ପର୍କକୁ ସୁଧାରିବା ପାଇଁ ଅନେକ ପ୍ରୟାସ କରିଥିଲେ। ୧୯୭୧ରେ ତାଇୱାନକୁ ବହିଷ୍କାର କରାଯାଇ ଚୀନ ମିଳିତ ଜାତିସଂଘର ସଭ୍ୟ ହିସାବରେ ସାମିଲ ହୋଇଥିଲା। ୧୯୭୮ରେ ଆମେରିକା ଜାତୀୟବାଦୀ ଚୀନଠାରୁ ନିଜର ମାନ୍ୟତାକୁ ରଦ୍ଦ କରିବା ସହିତ ୧୯୭୯ରେ କମ୍ୟୁନିଷ୍ଟ ଚୀନକୁ ମାନ୍ୟତା ପ୍ରଦାନ କରିଥିଲା ଏବଂ ପରସ୍ପର ମଧ୍ୟରେ ରାଷ୍ଟ୍ରଦୂତଙ୍କୁ ନିଯୁକ୍ତି ଦେଇଥିଲେ।

## ୨୫.୫-ପାଠଗତ ପ୍ରଶ୍ନ

୧. ଡିଟେଣ୍ଟ କ'ଣ? ଏହାର ଜନକ କିଏ?

..............................................................................

୨. ଏନ୍.ପି.ଟି. କ'ଣ ଥିଲା?

..............................................................................

୩. ସଲ୍ଟ-୧ କ'ଣ ଥିଲା?

..............................................................................

୪. ଅଷ୍ଟୋପଲିଟିକ୍ ନୀତି କ'ଣ ଅଟେ?

..............................................................................

## ୨୫.୬-ନୂତନ ଶୀତଳ ଯୁଦ୍ଧ

ହେଲସିଂକି ସମ୍ମିଳନୀ ପରେ ଡିଟେଣ୍ଟର ପ୍ରକ୍ରୀୟାରେ ଶିଥିଳତା ଦେଖା ଦେଇଥିଲା। ଆମେରିକା ଏବଂ ସୋଭିଏତ୍ ସଂଘ ସମ୍ପର୍କ ଏତେ ପରିଣାମରେ ଖରାପ ହୋଇ ଯାଇଥିଲା ଯେ ୧୯୮୦ ବେଳକୁ ଶୀତଳଯୁଦ୍ଧ ପୁନଃ ଜୀବିତ ହେଲା ଭଳି ଲାଗୁଥିଲା। ଉକ୍ତ ନୂତନ ଅସ୍ଥିରତାକୁ ନୂତନ ଶୀତଳଯୁଦ୍ଧ ଆଖ୍ୟା ଦିଆଯାଇଥିଲା। ନୂତନ ଶୀତଳ ଯୁଦ୍ଧ ପୂର୍ବ ଶୀତଳ ଯୁଦ୍ଧ ଠାରୁ ଏହି ଅର୍ଥରେ ଅଲଗା ଥିଲା ଯେ ଏଥିରେ ବିଚାର ଧାରାରେ ମତଭେଦ ପରିବର୍ତ୍ତେ ଏହା ଶକ୍ତି ସନ୍ତୁଳନ ଉପରେ ଆଧାରିତ ଥିଲା। ନୂତନ ଶୀତଳ ଯୁଦ୍ଧରେ ଚୀନ୍ ଲୋକତାନ୍ତ୍ରୀକ ଗଣ ରାଜ୍ୟ ନାମରେ

ଏକ ନୂତନ ଶକ୍ତିର ଆର୍ବିଭାବ ହୋଇଥିଲା ଯାହାକୁ ପରାଜୟ କରାଯାଇ ପାରି ନଥିଲା କି ତାକୁ ହେୟ ମନେ କରି ହୋଇନଥିଲା । ୧୯୭୯ରେ ସୋଭିଏତ ସଂଘର ଆଫ୍‌ଗାନୀସ୍ଥାନରେ ହସ୍ତକ୍ଷେପ ଏକ ମହତ୍ୱପୂର୍ଣ୍ଣ ଘଟଣା ଥିଲା । ନୂତନ ଶୀତଳ ଯୁଦ୍ଧ ସମୟରେ ଦୁଇ ଦେଶ ବିଶେଷ କରି ୟୁରୋପ ବାହାରେ ନିଜ ନିଜର ପ୍ରଭାବକୁ ବୃଦ୍ଧି କରିବା ପାଇଁ ଚେଷ୍ଟା କରିଥିଲେ । ଏଥିପାଇଁ ୟୁରୋପ ବାହାରେ ଚାଲିଥିବା ସଂଘର୍ଷକୁ ଅତ୍ୟନ୍ତ ମହତ୍ୱ ପ୍ରଦାନ କରାଯାଇଥିଲା ଯାହାକି କେବେ ଦେଖିବାକୁ ମିଳି ନଥିଲା । ସୋଭିଏତ୍ ସଂଘ ପାଇଁ ଡିଟେଣ୍ଟ (Detente)ର ଅର୍ଥ ଥିଲା କେବଳ ୟୁରୋପରେ ସ୍ଥିତାବସ୍ଥା ବଜାୟ ରଖିବା । ଇଣ୍ଡୋଚୀନ, ଆଫ୍ରିକା, ଆଫଗାନୀସ୍ଥାନ ଆଦି ଦେଶମାନଙ୍କର ଉଭୟ ଶକ୍ତି ପରସ୍ପର ବିରୋଧି ଗୋଷ୍ଠୀଙ୍କୁ ସମର୍ଥନ ପ୍ରଦାନ କରିବା ଆରମ୍ଭ କରି ଦେଇଥିଲେ । ସୋଭିଏତ୍ ରୁଷ ଆଫ୍‌ଗାନୀସ୍ଥାନର ରାଷ୍ଟ୍ରପତିଙ୍କ ଆସନରେ ନିଜ ସମର୍ଥକ ଏବଂ ପସନ୍ଦ ଯୋଗ୍ୟ ରାଷ୍ଟ୍ରପତିଙ୍କୁ ବସାଇଥିଲା । ପ୍ରାୟ ଏକ ଲକ୍ଷ ସୋଭିଏତ୍ ସୈନ୍ୟମାନଙ୍କୁ ଆଫଗାନୀସ୍ଥାନରେ ଅବସ୍ଥାପିତ କରାଯାଇଥିଲା । ଆଫଗାନିସ୍ଥାନରେ ସୋଭିଏତ ସୈନ୍ୟଙ୍କ ଉପସ୍ଥିତିକୁ ଆମେରିକା ଇରାନ୍ ପ୍ରତି ବିପଦ ବୋଲି ଚିନ୍ତାକରି ନିଜର ଯୁଦ୍ଧ ଜାହାଜଗୁଡିକୁ ଉପସାଗରକୁ ସ୍ଥାନାନ୍ତରିତ କରିଥିଲା । ଏଥିସହିତ ଦୁଇ ଦେଶ ବିଳାସକାରୀ ଅସ୍ତ୍ରଶସ୍ତ୍ର ନିର୍ମାଣରେ ଲାଗିପଡିଥିଲେ । ଆମେରିକାର ରାଷ୍ଟ୍ରପତି ରୋନାଲ୍ଡ ରିଗାନ (Ronald Reegan) ନୂତନ ଅସ୍ତ୍ରଶସ୍ତ୍ର-ପ୍ରଣାଳୀର ବିକାଶ କରିବା ଯୋଜନାକୁ ସ୍ୱୀକୃତି ପ୍ରଦାନ କରିଥିଲେ । ଏହି ନୂତନ ପ୍ରଣାଳୀକୁ ସମରକୌଶଳ ପ୍ରତିରୋଧ ପ୍ରବର୍ତ୍ତନ (Strategic Defence Initiative)ବା ଏସ୍‌ଡିଆଇ (SDI) କୁହାଯାଏ । ଏହା ମଧ୍ୟ ଷ୍ଟାର ୱାର୍ସ (Star wars) ନାମରେ ଜଣାଯାଏ ।

## ୨୫.୭- ଶୀତଳ ଯୁଦ୍ଧର ପରିସମାପ୍ତି

ଅନେକ ପୂର୍ବ ୟୁରୋପୀୟ ଦେଶମାନଙ୍କରେ ସାମ୍ୟବାଦର ପରିସମାପ୍ତି ସହିତ ଶୀତଳଯୁଦ୍ଧ ମଧ୍ୟ ଶେଷ ହୋଇଥିଲା । ଉକ୍ତ ପତନ ଏତେ ପ୍ରବଳ ବେଗରେ ହୋଇଥିଲା ଯେ ସାମ୍ୟବାଦ ନିଜର ଜନ୍ମସ୍ଥାନ ସୋଭିଏତ୍ ସଂଘରୁ ମଧ୍ୟ ନିର୍ବାପିତ ହୋଇଯାଇଥିଲା । ୧୯୮୮ରେ ପୋଲାଣ୍ଡରେ ଆରମ୍ଭ ହୋଇଥିଲା ଯେତେବେଳେ ସଲିଡାରିଟି ଶ୍ରମିକ ସଂଗଠନ(Solidarity trade union)ବିଶାଳ ସରକାର ବିରୋଧି ଧର୍ମଘଟର ଡାକରା ଦେଇଥିଲା ଏବଂ ସରକାରଙ୍କୁ ମୁକ୍ତ ନିର୍ବାଚନ କରିବା ପାଇଁ ବାଧ୍ୟ କରିଥିଲା । ଉକ୍ତ ନିର୍ବାଚନରେ କମ୍ୟୁନିଷ୍ଟମାନେ ମୂଳପୋଛ ହୋଇ ଯାଇଥିଲେ । ଠିକ୍ ଏହି ପ୍ରକାର ସ୍ଥିତି ହଙ୍ଗେରୀ, ବୁଲଗେରିଆ, ରୁମାନିୟା, ଚେକୋସ୍ଲୋଭାକୀୟାରେ ମଧ୍ୟ ଦେଖିବାକୁ ମିଳିଥିଲା । ପୂର୍ବ ଜର୍ମାନୀରେ ସାମ୍ୟବାଦୀ ନେତା ଏରିକ୍ ହୋନିକେର (Eric Honecker) ପ୍ରଦର୍ଶନକାରୀମାନଙ୍କ ଉପରେ ବଳ ପ୍ରୟୋଗ କରିବା ପାଇଁ ଇଚ୍ଛା ପ୍ରକାଶ କରିବା ସତ୍ତ୍ୱେ ତାଙ୍କର ସହକର୍ମୀମାନେ ଏଥିରେ ରାଜି ହୋଇ ନଥିଲେ । ୧୯୮୯ ଶେଷ ବେଳକୁ ପୂର୍ବ ଜର୍ମାନୀର ସାମ୍ୟବାଦୀ ସରକାରଙ୍କୁ ଇସ୍ତଫା ଦେବାକୁ ପଡିଥିଲା । ୧୯୮୯ରେ ଶୀତଳ ଯୁଦ୍ଧର ପ୍ରତୀକ ଥିବା ବର୍ଲିନ ପ୍ରାଚୀରକୁ ଜନସାଧାରଣଙ୍କର ଉଲ୍ଲାସ ଉଦ୍ଦିପନା ମାଧ୍ୟମରେ ଭାଙ୍ଗି ଦିଆଯାଇଥିଲା । ବର୍ଲିନ ପ୍ରାଚୀରର ପତନ ଶୀତଳ ଯୁଦ୍ଧର ପରିସମାପ୍ତି ଘୋଷଣା କରିଥିଲା । ଯେପରିକି ଏହାର ନିର୍ମାଣକୁ ଶୀତଳ ଯୁଦ୍ଧର ପ୍ରାରମ୍ଭ ବିବେଚନା ଯାଉଥିଲା । ୧୯୯୦ ବେଳକୁ ପଶ୍ଚିମ ଜର୍ମାନୀର ମୁଦ୍ରାକୁ ପୂର୍ବଜର୍ମାନୀରେ ପ୍ରଚଳନ କରାଯାଇଥିଲା ।

ଏହାପରେ ଦୁଇ ଜର୍ମାନୀ ଏକ ହୋଇ ଯାଇଥିଲା । ପଶ୍ଚିମ ଜର୍ମାନୀର ସଂଘୀୟ ଗଣ ରାଜ୍ୟର ଚାନ୍‌ସେଲର/ସର୍ବୋଚ୍ଚ କର୍ତ୍ତାଙ୍କୁ ଏକତ୍ରୀତ ଜର୍ମାନୀର ମୁଖ୍ୟ ହିସାବରେ ନିଯୁକ୍ତି କରାଗଲା । ତାଙ୍କ ଦ୍ୱାରା ବଜାର ଉପରେ ଆଧାରିତ ଅର୍ଥ ବ୍ୟବସ୍ଥା ଏବଂ ପାଶ୍ଚାତ ରାଷ୍ଟ୍ରଭଳି ପ୍ରଜାତନ୍ତ୍ର ସରକାରକୁ ଗ୍ରହଣ କରାଯାଇଥିଲା ।

ସୋଭିଏତ୍ ସଂଘରେ ମଧ୍ୟ ସାମ୍ୟବାଦର ଅବସାନ ହୋଇଥିଲା । ମିଖାଇଲ ଗୋର୍ବାଚଭ (Mikhail Gorbachev) ନିଜର ଗ୍ଲାସନୋଷ୍ଟ (Glasnost) (ମୁକ୍ତ) ଏବଂ ପେରିସ୍ତ୍ରୋଇକା / ପୁନଃ ନିର୍ମାଣ (Perestorika) ଯାହାର ଅର୍ଥ ହେଲା ଆର୍ଥିକ ଏବଂ ସାମାଜିକ ସଂସ୍କାର ଭଳି ନୀତି ଦ୍ୱାରା ଦେଶକୁ ପୁନଃ ଶକ୍ତିଶାଳୀ କରିବା ପାଇଁ ଅନେକ ଚେଷ୍ଟା କରିଥିଲେ । ଏହା ସଫଳ ହୋଇ ନଥିଲା ବରଂ ୧୯୯୧ ବେଳକୁ ସୋଭିଏତ୍ ସଂଘ ଅଲଗା ଅଲଗା ଗଣରାଜ୍ୟରେ ବିଭକ୍ତ ହୋଇ ଯାଇଥିଲା । ରୁଷିଆ ଏକୁଟିଆ ପୂର୍ବ ସୋଭିଏତ୍ ସଂଘ ଭଳି ପ୍ରଭାବଶାଳୀ ହୋଇ ପାରି ନଥିଲା । ଶୀତଳ ଯୁଦ୍ଧର ପରିସମାପ୍ତି ହୋଇଥିଲା । ଅନେକ ରାଜନୈତିକ ବାଖ୍ୟାକାରମାନଙ୍କ ମତ ଅନୁସାରେ ଶୀତଳ ଯୁଦ୍ଧର ସମାପ୍ତି ସହିତ ବିଶ୍ୱର ସମସ୍ତ ସମସ୍ୟାଗୁଡିକ ମଧ୍ୟ ଉଭେଇ ଯିବ କିନ୍ତୁ ଏଥି ସହିତ ନୂଆ ସମସ୍ୟା ଏବଂ ସଂଘର୍ଷର ନୂଆ କ୍ଷେତ୍ର ମଧ୍ୟ ସୃଷ୍ଟି ହୋଇଗଲାଣି ।

### ୨୫.୬-ପାଠଗତ ପ୍ରଶ୍ନ

୧. ଏସ୍.ଡି.ଆଇ. କ'ଣ ଥିଲା ?

.........................................................................................

୨. ଗ୍ଲାସନାଟ୍ ଏବଂ ପେରିସ୍ତ୍ରୋଇକା କ'ଣ ଅଟେ ?

.........................................................................................

୩. ଶୀତଳ ଯୁଦ୍ଧର ସମାପ୍ତର ପ୍ରତୀକ କ'ଣ ଥିଲା ?

.........................................................................................

### ତୁମେ କ'ଣ ଶିଖିଲ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷ ବେଳକୁ ଶୀତଳ ଯୁଦ୍ଧ ଆରମ୍ଭ ହୋଇଥିଲା । ତଥାପି ଏହାର ସଙ୍କେତ ଯୁଦ୍ଧ ସମୟରୁ ମିଳିଥିଲା । ଏହାର ପ୍ରାଥମିକ ପର୍ଯ୍ୟାୟରେ ଆମେରିକା ଏବଂ ସୋଭିଏତ୍ ସଂଘ ଦ୍ୱାରା ନିଜର ପ୍ରଭାବ ଏବଂ ବିଚାର ଧାରାକୁ ବର୍ଦ୍ଧିତ କରିବା ପାଇଁ ପ୍ରଚେଷ୍ଟା କରିଥିଲେ । ଉକ୍ତ ଦୁଇ ଶକ୍ତି ମଧ୍ୟରେ ସନ୍ଦେହ ଏବଂ ଅବିଶ୍ୱାସ ପୁରି ରହିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ମହାଶକ୍ତି ମଧ୍ୟରେ ଉତ୍ତେଜନା କିଛି ପରିମାଣ ହ୍ରାସ ପାଇଥିଲା । ଏହା ସତ୍ତ୍ୱେ ସନ୍ଦେହ ଓ ଅବିଶ୍ୱାସ ପୁରି ରହିଥିଲା । ଡିଟେଣ୍ଟେର ତୁରନ୍ତ ପରେ ପରେ ନୂତନ ଶୀତଳ ଯୁଦ୍ଧର ଆରମ୍ଭ ହୋଇଥିଲା । ଏହି ସମୟରେ ଚୀନ ଲୋକତାନ୍ତ୍ରୀକ ଗଣରାଜ୍ୟ ନାମରେ ଏକ ନୂତନ ଶକ୍ତିର ଆବିର୍ଭାବ ହୋଇଥିଲା । ପୂର୍ବ ୟୁରୋପୀୟ ଦେଶ ତଥା ରୁଷରେ ସାମ୍ୟବାଦର ପରିସମାପ୍ତି ପରେ ଶୀତଳ ଯୁଦ୍ଧ ଶେଷ ହୋଇଥିଲା ।

ଟିପ୍ପଣୀ

## ପଠାନ୍ତ ପ୍ରଶ୍ନ

୧. ଶୀତଳ ଯୁଦ୍ଧ କହିଲେ କ'ଣ ବୁଝ ? ଏହା ଖୋଲା ଯୁଦ୍ଧଠାରୁ କି ପ୍ରକାର ଅଲଗା ଥିଲା ?

୨. ଶୀତଳ ଯୁଦ୍ଧର କାରଣମାନ ଉଲ୍ଲେଖ କର ।

୩. ଶୀତଳ ଯୁଦ୍ଧର ପ୍ରଥମ ସୋପାନରେ ପୋଲାଣ୍ଡର ଭୂମିକା ଉପରେ ଉଲ୍ଲେଖ କର ।

୪. ବର୍ଲିନ ଅବରୋଧର ଅର୍ଥ କ'ଣ ?

୫. ଶୀତଳ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ସୁଏଜକେନାଲ ସଙ୍କଟ ଉପରେ ଆଲୋଚନା କର ।

୬. ଶୀତଳ ଯୁଦ୍ଧର ଡିଟେଣ୍ଟ ପର୍ଯ୍ୟାୟ ଆଲୋଚନା କର ।

୭. ନୂତନ ଶୀତଳ ଯୁଦ୍ଧ କ'ଣ ? ଶୀତଳ ଯୁଦ୍ଧ ଠାରୁ ଏହା କିପରି ଭାବରେ ଅଲଗା ?

## ପାଠଗତ ପ୍ରଶ୍ନର ଉତ୍ତର

**୨୫.୧**

୧. ରାଜନୈତିକ ଏବଂ ଆର୍ଥିକ ଉଦାରୀକରଣ ଏବଂ ମାର୍କ୍ସବାଦ-ଲେନିନବାଦ୍ ।

୨. ଭଏସ୍ ଅଫ୍ ଆମେରିକା ଏବଂ ରେଡିଓ ମସ୍କୋ ।

**୨୫.୨**

୧. ୨୫.୨ର ତୃତୀୟ ପାରା ଦେଖ

୨. ୨୫.୨ର ତୃତୀୟ ପାରା ଦେଖ

୩. ୨୫.୨ର ଶେଷ ପାରା ଦେଖ । ପୂର୍ବ ୟୁରୋପ, ସୋଭିଏତ୍ ସଂଘ ଦ୍ୱାରା ପଶ୍ଚିମି ୟୁରୋପ ଆମେରିକା ଦ୍ୱାରା ।

**୨୫.୩**

୧. ପୋଲାଣ୍ଡ

୨. ଚର୍ଚ୍ଚିଲ

୩. ଅବରୋଧ ନିୟନ୍ତ୍ରଣ କରିବା

୪. ନର୍ଥ ଆଟ୍ଲାଣ୍ଟିକ ଟ୍ରିଟି ଅର୍ଗାନାଇଜେସନ

**୨୫.୪**

୧. ନିକିତା କ୍ରୁଶ୍ଚେଭ

୨. ଲୋକତାନ୍ତ୍ରୀକ ପିପୁଲ୍ସ ରିପାବ୍ଲିକ୍ ଅଫ୍ ଚାଇନା

୩. ୧୯୮୯-୯୦

**୨୫.୫**

୧. ଡିଟେଣ୍ଟ ପୂର୍ବ-ପଶ୍ଚିମ ସଂଘର୍ଷକୁ କମ୍ କରିବା ପାଇଁ ପ୍ରଯୁକ୍ତ ଶବ୍ଦ । ଆମେରିକା ରାଷ୍ଟ୍ରପତି ନିକ୍ସନ୍ ଏହାର ଜନକ ।

୨. ନିଉକ୍ଲିଅର ନନ୍ ପ୍ରଲିଫିକେସନ୍ ଟ୍ରିଟି

୩. ସ୍ତ୍ରାଟାଜିକ୍ ଆର୍ମ ଲିକିଟେସନ ଟ୍ରିଟି-୧

୪. ପଶ୍ଚିମ ଜର୍ମାନୀର ନୀତି ଯାହାର ଅର୍ଥ ହେଲା ପୂର୍ବ ପାଇଁ ନୀତି ।

**୨୫.୬**

୧. ଷ୍ଟାଟେଜିକ ଡିଫେନ୍ସ ଇନିସିଏଟିଭ୍

୨. ମୁକ୍ତ ଏବଂ ପୁନଃ ନିର୍ମାଣ

୩. ବର୍ଲିନ ପାଚେରୀ ଭଙ୍ଗ

## ପାଠାନ୍ତ ପ୍ରଶ୍ନର ଉତ୍ତର

୧. ୨୫.୧ ଦେଖ

୨. ୨୫.୨ ଦେଖ

୩. ୨୫.୩ ଅନୁଚ୍ଛେଦ ୨ ଦେଖ

୪. ୨୫.୩ ଅନୁଚ୍ଛେଦ ୫ ଦେଖ

୫. ୨୫.୪ ଅନୁଚ୍ଛେଦ ୬ ଦେଖ

୬. ୨୫.୫ ଦେଖ

୭. ୨୫.୬ ଦେଖ

**ଶବ୍ଦାବଳୀ**

କୋମିନ ଫାର୍ମ: - ସାମ୍ୟବାଦୀ ସୂଚନା ବ୍ୟୁରୋ ସୋଭିଏତ୍ ସଂଘ ୧୯୪୭ରେ ଏହାର ସ୍ଥାପନା କରିଥିଲା । ଆନ୍ତରାଷ୍ଟ୍ରୀୟ ସାମ୍ୟବାଦୀ ଏକତାର ବୃଦ୍ଧି ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

ଅସ୍ଥିବିକାଶ ଚରଣ: - ୧୯୪୫-୪୭ ମଧ୍ୟରେ ଶୀତଳ ଯୁଦ୍ଧର ପ୍ରାଥମିକ ଚରଣ ଏହାପରେ ଶୀତଳ ଯୁଦ୍ଧ ସଘନ ହୋଇଥିଲା ।

ଲୌହ ଆବରଣ: - ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ ଏହାର ନିର୍ମାତା ବଲ୍‌କାନ ଅଞ୍ଚଳର ସ୍ଥିତିକୁ ବର୍ଣ୍ଣନା କରିବା ପାଇଁ ସେ ଏହାର ବ୍ୟବହାର କରିଥିଲେ । ଏଥିରେ ଗ୍ରାସ୍ ବ୍ୟତୀତ ସମସ୍ତ ଦେଶ ଋଷ ଆଧିପତ୍ୟକୁ ଆସିଥିଲେ ।

ବର୍ଲିନ ଅବରୋଧ - ସୋଭିଏତ୍ ସଂଘ ଦ୍ୱାରା ବର୍ଲିନ ଉପରେ ଲଗାଇ ଥିବା ପ୍ରତିବନ୍ଧ । ଯାହା ଦ୍ୱାରା ଏହାର ପଶ୍ଚିମ କ୍ଷେତ୍ର ସହିତ ତାର ସମ୍ପର୍କ ଅନ୍ତ

ହୋଇଥିଲା । ପାଶ୍ଚାତ୍ ମିତ୍ରମାନେ ଜର୍ମାନୀ ମୁଦ୍ରାର ସଂସ୍କାର ଆଣିବାକୁ ଚାହିଁଥିଲେ ।

ବ୍ରସେଲ ଚୁକ୍ତି - ଏହାଦ୍ୱାରା ବ୍ରିଟେନ, ଫ୍ରାନ୍ସ ଏବଂ ବେଲଜିୟମ୍ ଜର୍ମାନୀ ବିରୁଦ୍ଧରେ କରିଥିଲେ କିନ୍ତୁ ଏହା ପ୍ରକୃତରେ ସୋଭିଏତ୍ ବିରୋଧି ହୋଇଥିଲେ ।

ଟ୍ରୁମେନ ସିଦ୍ଧାନ୍ତ - ଏହା ଏକ ଅବରୋଧର ନୀତି ଅଟେ । ଏହାର ଉଦ୍ଦେଶ୍ୟ ଥିଲା ସାମ୍ୟବାଦକୁ ତା ନିଜ ପ୍ରଭାବିତ ଅଞ୍ଚଳରେ ସୀମିତ ରଖିବା ଯେଉଁଠାରେ ତାର ଚେର ବ୍ୟାପିଛି ।

ମାର୍ଶାଲ ଯୋଜନା - ଏହି ଯୋଜନା ଅନୁସାରେ ଯୁଦ୍ଧ ସମୟର କ୍ଷତିରୁ ମୁକ୍ତ ହେବା ପାଇଁ ଆମେରିକା ୨୦ ବର୍ଷରେ ୟୁରୋପୀୟ ଦେଶମାନଙ୍କୁ ୧୦ ବିଲିୟନ୍ ଡଲାରରୁ ଅଧିକ ଧନରାଶି ପ୍ରଦାନ କରିଥିଲା ।

ନାଟୋ: - ନର୍ଥ ଆଟ୍‌ଲାଣ୍ଟିକ ଟ୍ରିଟ୍ରୀ ଅରଗାନାଇଜେସନ୍ । ଆମେରିକା ଏବଂ କେତେକ ୟୁରୋପୀୟ ଦେଶମାନେ ମିଳିତହୋଇ ଏହାର ଗଠନ କରିଥିଲେ । ଏହା ସୋଭିଏତ୍ ବିରୋଧି ଏକ ସୈନ୍ୟ ସଂଗଠନ ଅଟେ ।

ଡିଟେଣ୍ଟ - ପୂର୍ବ ଏବଂ ପାଶ୍ଚାତ୍ ଦେଶମାନଙ୍କ ମଧ୍ୟରେ ଶତୃତାକୁ କମ୍ କରିବା ପାଇଁ ପ୍ରଯୁକ୍ତ ଶବ୍ଦ । ଏହାଦ୍ୱାରା ଦୁଇ ମହାଶକ୍ତି ମଧ୍ୟରେ ସମ୍ପର୍କ ଉପରେ ଅନେକ ସୁଧାର ହୋଇଥିଲା । ଏହାଦ୍ୱାରା ମଧ୍ୟ ଚୀନ ସହିତ ଆମେରିକାର ସମ୍ପର୍କରେ ଉନ୍ନତି ଘଟିଥିଲା ।

ସଲ୍ଟ ୧ - ଷ୍ଟ୍ରେଟେଜିକ୍ ଆର୍ମ ଲିମିଟେସନ ଟ୍ରାଟି । ଆମେରିକା ଏବଂ ସୋଭିଏତ୍ ସଂଘ ମଧ୍ୟରେ ସ୍ୱାକ୍ଷରିତ ହୋଇ ପରସ୍ପର ମଧ୍ୟରେ ଅସ୍ତ୍ରଶସ୍ତ୍ରର ବିକାଶରେ ମାନ୍ଦା ଭାବ ସୃଷ୍ଟି କରିଥିଲେ ।

ଏସ୍.ଡି.ଆଇ - ଷ୍ଟ୍ରାଟେଜିକ ଡିଫେନ୍ସ ଇନିସିଏଟିଭ୍ । ଏହାକୁ ଷ୍ଟାର ୱାର ନାମରେ ମଧ୍ୟ ଜଣାଯାଏ । ଏହାଦ୍ୱାରା ବିନାଶର ନୂତନ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ବୃଦ୍ଧି ହୋଇଥିଲା ।

ଗ୍ଲାସନଷ୍ଟ - ଏହି ନୀତିର ଉଦ୍ଦେଶ୍ୟ ଥିଲା ମୁକ୍ତ କରିବା ଏହାକୁ ସୋଭିଏତ୍ ରାଷ୍ଟ୍ରପତି ଗୋର୍ବାଚଭ ଆରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ ଥିଲା ଦେଶକୁ ପରିବର୍ତ୍ତନ ତଥା ସୁଦୃଢ କରିବା ।

ପେରେପୋଇକା - ଗୋର୍ବାଚଭଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ନୀତିର ଉଦ୍ଦେଶ୍ୟ ଥିଲା ସାମାଜିକ ଏବଂ ଆର୍ଥିକ କ୍ଷେତ୍ରରେ ପୁର୍ନ ଗଠନ କରିବା ।

ଅଷ୍ଟୋପଲିଟିକ - ପଶ୍ଚିମ ଜର୍ମାନୀର ସରକାର ଏହାମମମମ ଆରମ୍ଭ କରିଥିଲେ । ଏହାର ଅର୍ଥ ହେଲା ପୂର୍ବ ପାଇଁ ନୀତି । ପଶ୍ଚିମ ଜର୍ମାନୀ ପୂର୍ବ ୟୁରୋପୀୟ ଦେଶମାନଙ୍କ ସହିତ ସମ୍ବନ୍ଧରେ ଉନ୍ନତି ଘଟାଇଥିଲା ଏବଂ ଦୁଇ ଜର୍ମାନୀ ପରସ୍ପରକୁ ମାନ୍ୟତା ପ୍ରଦାନ କରିଥିଲେ । ଏହା ସହିତ ମହାଶକ୍ତି ଦ୍ୱୟ ମଧ୍ୟ ଦୁଇ ଜର୍ମାନୀକୁ ସ୍ୱତନ୍ତ୍ର ଏବଂ ବୈଧ ରାଷ୍ଟ୍ରର ଆଖ୍ୟା ପ୍ରଦାନ କରିଥିଲେ ।



ଟିପ୍ପଣୀ

**୨୬**

# ରାଷ୍ଟ୍ରୀୟ ମୁକ୍ତି ଆନ୍ଦୋଳନ : ଅଣ ଉପନିବେଶବାଦ ଓ ବିକାଶ ୧୯୪୫-ବର୍ତ୍ତମାନ

ବିଂଶ ଶତାବ୍ଦୀରେ ଔପନିବେଶିକ ଶାସନ ଅଧୀନରେ ଥିବା ଲକ୍ଷ ଲକ୍ଷ ଲୋକ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଭାବରେ ରାଷ୍ଟ୍ରୀୟ ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୪୫ରୁ ୧୯୮୦ ମଧ୍ୟରେ ଏସିଆ, ଆଫ୍ରିକା, ଓସିଆନା (ପଶ୍ଚିମ ପ୍ରଶାନ୍ତ ମହାସାଗରରେ ଥିବା)ଏବଂ କାରିବିୟାନ ଦେଶ ଗୁଡିକରେ ଯାହାକି ୟୁରୋପୀୟ ଜାପାନୀ ଏବଂ ଆମେରିକୀୟ ଶାସନ ଅଧିନରେ ଥିଲେ ସେ ସମସ୍ତ ରାଷ୍ଟ୍ରଗୁଡିକ ନିଜ ନିଜକୁ ନୂତନ ସ୍ୱାଧୀନ ରାଷ୍ଟ୍ର ହିସାବରେ ସଂଗଠିତ କରି ପାରିଥିଲେ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ (୧୯୩୯-୪୫)ପରାଜିତ ଶକ୍ତି ଜର୍ମାନୀ ଏବଂ ଜାପାନର ସାମ୍ରାଜ୍ୟବାଦୀ ଏବଂ ବିସ୍ତାରବାଦୀ ଲକ୍ଷ ପଣ୍ଡ ହୋଇ ଯାଇଥିଲା। ଏପରିକି ବ୍ରିଟେନ, ଫ୍ରାନ୍ସ ଏବଂ ନେଦରଲ୍ୟାଣ୍ଡ ଭଳି ବିଜୟୀ ଔପନିବେଶିକ ରାଷ୍ଟ୍ରମାନେ ମଧ୍ୟ ନିଜର ସାମ୍ରାଜ୍ୟବାଦୀ ପ୍ରତିଶ୍ରୁତିକୁ ପୂର୍ଣ୍ଣ କରିବା ପାଇଁ ଅସମର୍ଥ ହୋଇଥିଲେ। ଏଥି ସହିତ ସେମାନଙ୍କର ନେତୃ ବୃନ୍ଦ ଔପନିବେଶବାଦକୁ ସମାପ୍ତ କରିବା ପାଇଁ ଉପନିବେଶର ଜନସାଧାରଣ ଏବଂ ଜାତୀୟ ନାଗରିକମାନଙ୍କ ତରଫରୁ କେବଳ ନୁହେଁ ବରଂ ଦ୍ୱୟ ନୂତନ ମହାଶକ୍ତି ଯଥା ଆମେରିକା ଏବଂ ସୋଭିଏତ୍ ଋଷ ତରଫରୁ ମଧ୍ୟ ଚାପ ପଡ଼ିଥିଲା । ୧୯୪୫ ପରେ ଅଧିକାଂଶ ପଶ୍ଚିମ ଆଫ୍ରିକା, ଫିଲିପାଇନସ (ଆମେରିକାର ଏସିଆରେ ଥିବା ଉପନିବେଶ) ଏବଂ ଅନ୍ୟ କେତେକ ଅଞ୍ଚଳଗୁଡ଼ିକ ଅତ୍ୟଧିକ ରକ୍ତାକ୍ତ ସଂଘର୍ଷ ବିନା ସ୍ୱାଧୀନତା ପ୍ରାପ୍ତ ହୋଇଥିଲା । କେବଳ ଆଲଜିରିୟା, ଇଣ୍ଡୋ-ଚୀନ, ମଳୟ, ଏଙ୍ଗୋଲା, ମୋଜାମ୍ବିକ ଏବଂ ଅନ୍ୟ ରାଜ୍ୟଗୁଡ଼ିକ ବର୍ଷ ବର୍ଷ ଧରି ସ୍ୱାଧୀନତା ସଂଗ୍ରାମ ଚଳାଇ ସ୍ୱାଧୀନତା ପ୍ରାପ୍ତ କରିଥିଲେ ।

ରାଜନୈତିକ ସ୍ୱାଧୀନତା ଉପନିବେଶର ଜନତା ଦେଖୁଥିବା ସୁବିଧା-ସୁଯୋଗର ସ୍ୱପ୍ନକୁ ସଂଗେ ସଂଗେ ସାକାର କରିନଥିଲା । ନୂତନ ରାଷ୍ଟ୍ରର ଆର୍ଥିକ-ବିକାଶ ତଥା ଆଧୁନିକୀକରଣର ସମସ୍ୟା ଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥିଲା ଏବଂ ଏହାର ସମାଧାନ କରିବା ପାଇଁ ସେମାନଙ୍କୁ "ନବ-ଉପନିବେଶୀକରଣ"(Neo-colonialism) ଠାରୁ ବଞ୍ଚିବାର ଉପାୟ ଏବଂ ବୁଦ୍ଧିର ଆବଶ୍ୟକତା ଅନୁଭବ କରିଥିଲେ । ଅଧିକାଂଶ ସ୍ୱାଧୀନ ରାଷ୍ଟ୍ରଗୁଡ଼ିକର ଜୀବନଶୈଳୀ ପଶ୍ଚିମ-ୟୁରୋପ ତଥା ଉତ୍ତର-ଆମେରିକାର ବିକଶିତ ଦେଶମାନଙ୍କ ସହିତ ସମାନ ନଥିଲା । ଆଜିକାଲି ମଧ୍ୟ ଅନେକ ବ୍ୟକ୍ତି ଉକ୍ତ ମତପୋଷଣ କରନ୍ତି ଯେ ପୂର୍ବର ସ୍ୱାଧୀନ ଜାତୀୟତା ଭିତ୍ତିକ ରାଷ୍ଟ୍ରମାନଙ୍କରେ (Nation-States) ଏବେ ବି ଔପନିବେଶିକ ଆଧିପତ୍ୟର ସ୍ୱରୂପ ତଥା ଶୋଷଣ ମଧ୍ୟ ବିଦ୍ୟମାନ।



ଟିପ୍ପଣୀ

### ଉଦ୍ଦେଶ୍ୟ

ଏହାର ଅଧ୍ୟୟନ ପରେ ତୁମେ

- ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଜାଣିବ ।
- ଔପନିବେଶିକତାବାଦରୁ ମୁକ୍ତି ପାଇଁ ବିଶ୍ୱ ରାଜନୀତିର ଭୂମିକାକୁ ବିଶ୍ଳେଷଣ କରିପାରିବ ।
- ପରବର୍ତ୍ତୀ ଔପନିବେଶିକବାଦ ଯୁଗରେ ନିର୍ଭରତା ଏବଂ ଅସମାନତା ମଧ୍ୟରେ ସମ୍ପର୍କର ଆଲୋଚନା କରିପାରିବ ।
- ରାଷ୍ଟ୍ରୀୟ ବିକାଶ ବିଷୟରେ କିଛି ସମସ୍ୟା ଏବଂ ଏହାର ସମାଧାନର ବିଷୟରେ ଜାଣିପାରିବ ।

## ୨୬.୧. ରାଷ୍ଟ୍ରୀୟ ସ୍ୱାଧୀନତା ଓ ରାଷ୍ଟ୍ରୀୟ ବିକାଶର ପ୍ରତିରୂପ: ଔପନିବେଶବାଦରୁ ମୁକ୍ତିର ପ୍ରାରମ୍ଭ

**ମଡେଲ:**

ବିଂଶ ଶତାବ୍ଦୀର ରାଷ୍ଟ୍ରୀୟ ସ୍ୱାଧୀନତା ଆନ୍ଦୋଳନର ନେତାମାନେ ରାଷ୍ଟ୍ରୀୟ ସ୍ୱାଧୀନତା ଏବଂ ବିକାଶର ପୂର୍ବ ଉଦାହରଣ ଦ୍ୱାରା ପ୍ରେରଣା ପାଇଥିଲେ । ସେଥିରେ ଆଧୁନିକ ନାଗରିକତାର ଚିନ୍ତାଧାରା ଅର୍ଥାତ୍ ଏକ ରାଷ୍ଟ୍ରର ସମସ୍ତ ସଦସ୍ୟଙ୍କର ସମାନ ଅଧିକାର ଏବଂ ଦାୟୀତ୍ୱକୁ ଉପସ୍ଥାପିତ କରାଯାଇଥିଲା ।

ଆମେରିକାର ସ୍ୱାଧୀନତା ସଂଗ୍ରାମ ପରେ ନୂତନ ଯୁକ୍ତରାଷ୍ଟ୍ର ଆମେରିକାରେ ସ୍ଥାୟୀ, ପ୍ରଜାତାନ୍ତ୍ରିକ ସରକାରର ସୃଷ୍ଟି ହୋଇଥିଲା । କାଳକ୍ରମେ ରାଷ୍ଟ୍ରର ସମସ୍ତ ଅଧିବାସୀମାନଙ୍କୁ ପୂର୍ଣ୍ଣ ନାଗରିକତାର ଅଧିକାର ପ୍ରଦାନ କରାଯାଇଥିଲା । ଏଥି ସହିତ କ୍ଷୁଦ୍ର ଆୟତନ ବିଶିଷ୍ଟ ଆମେରିକାର ସୈନ୍ୟବାହିନୀ ନାଗରିକ ସଂସ୍ଥାଗୁଡିକର କାର୍ଯ୍ୟ କଳାପରେ ହସ୍ତକ୍ଷେପ କରି ନଥିଲେ । ଏସିଆ ତଥା ଆଫ୍ରିକାର ପରାଧୀନ ଜନତାଙ୍କୁ ଏହା ଆକର୍ଷିତ କରିଥିଲା । କାରଣ ସେମାନଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ସେମାନଙ୍କ ଉପରେ ବାରମ୍ବାର ସୈନ୍ୟବାହିନୀକୁ ପ୍ରୟୋଗ କରୁଥିଲେ ।

୧୭୮୯ର ଫରାସୀ ରାଷ୍ଟ୍ର ବିପ୍ଳବ ବୈଦେଶିକ ଶକ୍ତି ବିରୁଦ୍ଧରେ ଏକ ବିଦ୍ରୋହ ହିସାବରେ ଆରମ୍ଭ ହୋଇ ନଥିଲେ ମଧ୍ୟ ବିପ୍ଳବୀମାନେ ୟୁରୋପର ବିଭିନ୍ନ ଅଞ୍ଚଳରେ ସ୍ୱତନ୍ତ୍ରତା, ସମାନତା ତଥା ଭାତୃତ୍ୱ ଆଦି ସାର୍ବଭୌମିକ ସିଦ୍ଧାନ୍ତର ପ୍ରଚାର ପାଇଁ ଅଭିଜାନ କରିଥିଲେ । ଫରାସୀ ବିପ୍ଳବ ୟୁରୋପର ତଥା ଫରାସୀ ଉପନିବେଶର ଜନତାଙ୍କୁ ଉକ୍ତ ସିଦ୍ଧାନ୍ତର ନାମ ଅନୁସାରେ ଫରାସୀ ଶାସନ ବିରୁଦ୍ଧରେ ବିଦ୍ରୋହ କରିବା ପାଇଁ ପ୍ରେରଣା ଦେଇଥିଲା । ଉକ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ ସମସ୍ତେ ଗଣତନ୍ତ୍ର ଅଥବା ସମାନତା ଉପରେ ପ୍ରଗାଢ ବିଶ୍ୱାସ କରୁନଥିଲେ ମଧ୍ୟ ଅଧିକାଂଶ ଏଥିରେ ବିଶ୍ୱାସ କରୁଥିଲେ ଯେ ବିଦେଶୀ ଶାସନ ବିରୁଦ୍ଧରେ ଲଢିବା ପାଇଁ ଜନସାଧାରଣଙ୍କୁ ପ୍ରସ୍ତୁତି କରିବା ଆବଶ୍ୟକ ।







ଔପନିବେଶିକ ଶାସନାଧୀନ ଲୋକମାନେ ଆମେରିକାର ସ୍ୱାଧୀନତା ସଂଗ୍ରାମ ଏବଂ ବିକାଶକୁ ଆଦର୍ଶ ଭାବେ ଗ୍ରହଣ କରି ପ୍ରଶଂସା କରିବାରେ ଅନ୍ୟ କେତେକ କାରଣ ଥିଲା। ଆମେରିକୀୟମାନେ ୧୮୬୫ ଏବଂ ୧୯୫୦ ମଧ୍ୟରେ ବିଶ୍ୱର ସବୁଠାରୁ ବୃହତ ଅର୍ଥ ବ୍ୟବସ୍ଥାର ବିକାଶ କରିଥିଲେ। ଏହା ପୁଞ୍ଜୀବାଦୀ, କୃଷି, ବୃହତ ଶିଳ୍ପାନୁଷ୍ଠାନ ଏବଂ ସାମୁହିକ ଉପଭୋକ୍ତା - ବ୍ୟୟ ଉପରେ ଆଧାରିତ ଥିଲା। ସାରା ସଂସାରର ଅଧିକାଂଶ ଲୋକ ଏହା ବିଶ୍ୱାସ କରୁଥିଲେ ଯେ ସଂଯୁକ୍ତ ରାଷ୍ଟ୍ର ଆମେରିକା ସାରା ବିଶ୍ୱରେ ଗଣତନ୍ତ୍ର ମାଧ୍ୟମରେ ନିଜସ୍ୱ-ଶାସନ (Self rule) ପ୍ରତିଷ୍ଠା ପାଇଁ ବଦ୍ଧପରିକର । ତେଣୁ ଉପନିବେଶର ଜନତାଙ୍କୁ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ପ୍ରତ୍ୟକ୍ଷଭାବେ ସାହାଯ୍ୟ କରି ଉପନିବେଶବାଦ ବିରୁଦ୍ଧରେ ଏକ ବିଶାଳ ଶକ୍ତି ରୂପେ ଦଣ୍ଡାୟମାନ ହେବ ।

୧୯୧୭-୧୯୨୧ ମଧ୍ୟରେ ହୋଇଥିବା ଋଷ୍ (ବୋଲ୍‌ସେଭିକ୍) ବିପ୍ଳବ ସାରା ବିଶ୍ୱକୁ ପ୍ରଭାବିତ କରିଥିଲା । ବୋଲ୍‌ସେଭିକ୍ ମାନଙ୍କର ଯୁକ୍ତି ଥିଲା ଯେ ବିଶ୍ୱର ସମସ୍ତ ଜାତୀୟତାବାଦୀ ମାନେ ସ୍ୱାଧୀନଭାବରେ ରହିବା ତଥା ନିଜର ଭବିଷ୍ୟତକୁ ସ୍ଥିର କରିବାର ଅଧିକାର ଅଛି । ଋଷ୍ ବିପ୍ଳବୀମାନେ ମଧ୍ୟ ପୁଞ୍ଜିବାଦୀ ପାଶ୍ଚାତ୍ ଦେଶଠାରୁ ଭିନ୍ନ ଏକ ତୀବ୍ର ସାମାଜିକ ତଥା ଆର୍ଥିକ ବିକାଶର ଏକ ବିକଳ୍ପ ପନ୍ଥା ପ୍ରଦାନ କରିଥିଲେ। ୧୯୪୧ରେ ଅନେକ ଋଷ ନାଗରିକମାନେ ନିଜନିଜର ଜେଜେବାପା ଏବଂ ଜେଜେମା'ଙ୍କ ଅପେକ୍ଷା ଏକ ଉଚ୍ଚସ୍ତରୀୟ ବସ୍ତୁବାଦୀ ଜୀବନ ଶୈଳୀକୁ ଉପଭୋଗ କରୁଥିଲେ।

ରୁଷିଆର ନେତାମାନେ ରାଜନୈତିକ ଏବଂ ଆର୍ଥିକ ଦୃଷ୍ଟିରୁ ଶାସିତ ଅନେକ ଦେଶ ତଥା ଉପନିବେଶର ନାଗରିକମାନଙ୍କୁ ନୈତିକ ତଥା ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲା। ମାର୍କ୍ସବାଦୀ ସିଦ୍ଧାନ୍ତ ଶିକ୍ଷା ଦେଇଥିଲା ଯେ ସାରା ସଂସାରର ଛୋଟ ଚାଷୀ ଏବଂ ସର୍ବହରା ଗୋଷ୍ଠୀର ଅଧିକାର ସମାନ ଏବଂ ସେମାନେ ମଧ୍ୟବିତ୍ତ ଶ୍ରେଣୀ ତଥା ସାମ୍ରାଜ୍ୟବାଦୀମାନଙ୍କୁ ହଟାଇବା ପାଇଁ ନିଜନିଜ ମଧ୍ୟରେ ସହଯୋଗର ଆବଶ୍ୟକତା ଦରକାର। କେତେକ ଉପନିବେଶର ଜାତୀୟତାବାଦୀମାନେ ସୋଭିଏତ୍ ରୁଷ ଭ୍ରମଣରେ ଯାଇଥିଲେ ଅଥବା ସେଠାରେ ପଢାଶୁଣା କରିଥିଲେ ଏବଂ ସେଠାରୁ ରାଷ୍ଟ୍ରୀୟ ସ୍ୱାଧୀନତା ସଂଗ୍ରାମର ଆୟୋଜନ କରିବା ପାଇଁ ଶିକ୍ଷା ଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ଭିଏତ୍‌ନାମର ରାଷ୍ଟ୍ରବାଦୀ ନେତା ହୋ-ଚି-ମିନ୍, ଚୀନର ରାଷ୍ଟ୍ରବାଦୀ ନେତା ଚ୍ୟାଙ୍ଗ-କାଇ-ଶେକ୍(୧୮୮୭-୧୯୭୫)ଏବଂ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସ ନେତା ଜବାହାର ଲାଲ ନେହେରୁ ଯେ କି ଗଣତାନ୍ତ୍ରୀକ-ସମାଜବାଦ ଉପରେ ଆସ୍ଥା ରଖିଥିଲେ ଏବଂ ସୋଭିଏତ୍ ପ୍ରଭୂତ୍ୱ ବାଲା ଅର୍ଥ ବ୍ୟବସ୍ଥାକୁ ଭାରତରେ ଅନୁକରଣ କରିବା ପାଇଁ ଚିନ୍ତା ପ୍ରକାଶ କରିଥିଲେ।

## ଉପନିବେଶବାଦ ଉଚ୍ଛେଦର ଆରମ୍ଭ

ଗ୍ରେଟ୍ ବ୍ରିଟେନ ଏବଂ ଫ୍ରାନ୍ସ ସ୍ୱ-ଶାସନ ଏବଂ ସ୍ୱରାଜ ପାଇଁ କ୍ରମ ବର୍ଦ୍ଧିଷ୍ଣୁ ବିଦ୍ରୋହକୁ ଧ୍ୟାନ ଦେବା ପାଇଁ ବାଧ୍ୟ ହୋଇଥିଲା। ୧୮୬୭ରେ ବ୍ରିଟେନ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ତଥା କାନାଡାର କିଛି ଅଞ୍ଚଳରେ ସ୍ୱରାଜ ପ୍ରଦାନ କରିବା ଆରମ୍ଭ କରିଥିଲେ। କାରଣ

ସେହି ଅଞ୍ଚଳର ଅଧିବାସୀମାନଙ୍କୁ ଘଉଡାଇ ଦେଇ ଅଥବା ମାରି ଦେଇ ସେଠାରେ ୧୬୦୦ ଖ୍ରୀ:ରୁ ବହୁସଂଖ୍ୟକ ୟୁରୋପୀୟ ଲୋକମାନେ ବସତି ସ୍ଥାପନ କରିଥିଲେ । ଏହି ସ୍ଥାନରେ ଥିବା ଗୋରା ଉପନିବେଶୀୟମାନଙ୍କୁ ନିର୍ବାଚିତ ବିଧାନସଭା ଏବଂ ସାଂସଦ ମାଧ୍ୟମରେ ଆଭ୍ୟନ୍ତରିଣ ବ୍ୟାପାରରେ ନିଷ୍ପତ୍ତି ନେବାର ଅଧିକାର ଦିଆଯାଇଥିଲା କିନ୍ତୁ ଅନ୍ୟ ଉପନିବେଶ ତଥା ଜାତୀୟତାବାଦୀ ରାଷ୍ଟ୍ରମାନଙ୍କ ସହିତ ସମ୍ପର୍କ ଲଣ୍ଡନର ସାମ୍ରାଜ୍ୟବାଦି କର୍ତ୍ତୃପକ୍ଷଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ୧୯୧୦ ପରେ ଉକ୍ତ ଉପନିବେଶୀ ରାଷ୍ଟ୍ରଗୁଡ଼ିକୁ ସ୍ୱତନ୍ତ୍ର ଉପନିବେଶ (Dominion) ଅଥବା ସହଯୋଗୀ ରାଷ୍ଟ୍ରମାନଙ୍କର ବ୍ରିଟିଶ ରାଷ୍ଟ୍ର ମଣ୍ଡଳ (Common wealth of cooperative nations) କୁହାଗଲା । ବ୍ରିଟେନ ମଧ୍ୟ ଦକ୍ଷିଣ ଆଫ୍ରିକୀୟ ସଂଘକୁ ରାଷ୍ଟ୍ରମଣ୍ଡଳର ଆଖ୍ୟା ପ୍ରଦାନ କରିଥିଲା (ଯେଉଁଠାରେ କୃଷ୍ଣକାୟ ଆଫ୍ରିକୀୟମାନେ ସଂଖ୍ୟାରେ ୟୁରୋପୀୟମାନଙ୍କୁ ପଛରେ ପକାଇଥିଲେ କିନ୍ତୁ ଏମାନଙ୍କୁ ମତଦାନ ଦେବାର ଅନୁମତି ଦିଆଯାଇ ନଥିଲା ।)

ବ୍ରିଟିଶ୍ ଏବଂ ଅନ୍ୟ ପାଶ୍ଚାତ୍ ଦେଶମାନଙ୍କ ଭଳି ଅଧିକାଂଶ ଫରାସୀମାନେ ବିଶ୍ୱାସ କରୁଥିଲେ ଯେ ସେମାନଙ୍କ ଭଳି କେତେକ ଜାତି ଏବଂ ସମାଜ ଉନ୍ନତ ଅଟେ ଏବଂ ଅନ୍ୟାନ୍ୟମାନେ ଆଦିମ ଅଟନ୍ତି । ସେମାନେ ଯୁକ୍ତି ଦ୍ୱାରା ଦର୍ଶାଇଥିଲେ ଯେ ଉନ୍ନତ ସମାଜଗୁଡ଼ିକର ଏହା ନୈତିକ ଦାୟୀତ୍ୱ ଯେ ସେମାନେ ଅଧିକ ଆଦିମ ସମାଜଗୁଡ଼ିକୁ ମାର୍ଗ ଦର୍ଶନ ଦେବେ ଅଥବା ଏମାନଙ୍କୁ ଶିକ୍ଷିତ କରିବେ । ୧୯୧୪ ମସିହା ପରେ ଫରାସୀ ଉପନିବେଶଗୁଡ଼ିକରେ ଥିବା ଅଣ-ଫରାସୀ ନାଗରିକମାନଙ୍କୁ ଭୋଟ ପ୍ରଦାନ ମାଧ୍ୟମରେ ଅଥବା ନିଜ ନିଜର ବିଧାନସଭାରେ ଯୋଗଦାନ କରାଇ ନିଜର ସମାଜକୁ ଶାସନ କରିବା ପାଇଁ ଅଧିକାର ପ୍ରଦାନ କରିଥିଲେ ।

ବ୍ରିଟିଶ, ଫରାସୀ ତଥା ଡଚ୍ ଔପନିବେଶିକ ଶାସକମାନେ ବିଶ୍ୱାସ କରୁଥିଲେ ଯେ ଉପନିବେଶଗୁଡ଼ିକର ଲୋକମାନେ, ଭାବ ପ୍ରବଣତା କାରଣରୁ (ଯେଉଭଳି ୟୁରୋପିୟ ସଂସ୍କୃତି ପ୍ରତି ଦୁର୍ବଳତା) ଅଥବା ଏହି ଚିନ୍ତା ଧାରାରୁ ଯେ ମାତୃ-ଦେଶ ସହିତ ଯୋଡି ରହିଲେ ନିଜର ଆର୍ଥିକ ଲାଭ ହେବ, ଉକ୍ତ ଆଂଶିକ ସ୍ୱାଧୀନତାକୁ ସ୍ୱୀକାର କରିନେବେ । ଅନେକ ଉପନିବେଶଗୁଡ଼ିକ ପୂର୍ଣ୍ଣ ସ୍ୱାଧୀନତାର ପ୍ରଥମ ସୋପାନ ହିସାବରେ ୟୁରୋପୀୟ ମାର୍ଗ ଦର୍ଶନ ଅନ୍ତର୍ଗତ ହୁଗୁଳା ରାଷ୍ଟ୍ର ସଂଘର ଯୋଜନାକୁ ସ୍ୱୀକାର କରି ନେଇଥିଲେ । କିନ୍ତୁ ଭାରତ ଭଳି ଅନ୍ୟ କେତେକ ଜାତୀୟତାବାଦୀ ଉପନିବେଶଗୁଡ଼ିକ ନିଜର ସ୍ୱତନ୍ତ୍ରତା ପାଇଁ ସଂଘର୍ଷ ଆରମ୍ଭ କରିଥିଲେ ।

ଆମ୍ଭେ ଏହା ମଧ୍ୟ ଜାଣି ପାରିବା ଯେ ୧୯୪୫ ପୂର୍ବରୁ ଔପନିବେଶିକ ଶାସନରେ କରାଯାଇଥିବା ସଂଶୋଧନ ବାସ୍ତବରେ ୟୁରୋପୀୟ ଉପନିବେଶବାଦୀମାନଙ୍କର ସ୍ଥିତିକୁ କମ୍‌ଜୋର କରି ନଥିଲା ଏବଂ ଉପନିବେଶ ଗୁଡ଼ିକର ଅଧିବାସୀମାନଙ୍କୁ ଅଳ୍ପ କିଛି ଲାଭ ପ୍ରଦାନ କରିଥିଲା ।

## ୨୬.୨-ଉପନିବେଶବାଦ ବିରୋଧି ସଂଘର୍ଷ ଉପରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରଭାବ

ଦ୍ୱିତୀୟ ବିଶ୍ୱଯୁଦ୍ଧ ଔପନିବେଶିକ ଦୁନିଆର ସେହି ଲୋକମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲା ଯେଉଁମାନଙ୍କୁ ପ୍ରଥମ ପର୍ଯ୍ୟାୟର ରାଷ୍ଟ୍ରୀୟ ସ୍ୱାଧୀନତା ଆନ୍ଦୋଳନ ସ୍ପର୍ଶ କରି ନଥିଲା । କେତେକ କ୍ଷେତ୍ରରେ ଉକ୍ତ ସୈନ୍ୟ ସଂଘର୍ଷ ଉପନିବେଶର ଲୋକମାନଙ୍କୁ ଆକ୍ରମଣକାରୀ (ମୁଖ୍ୟତଃ-ଜାପାନ)ବିରୁଦ୍ଧରେ ଏକତ୍ରିତ କରିଥିଲା । ଯେତେବେଳେ ସେହି ଆକ୍ରମଣକାରୀ ୟୁରୋପୀୟମାନଙ୍କ

ଉପନିବେଶଗୁଡିକୁ ଅଧିକାର କରିବା ପାଇଁ ଅଗ୍ରସର ହୋଇଥିଲା । ଆଫ୍ରିକୀୟ ତଥା ଏସିଆର ଲୋକମାନଙ୍କୁ ବିଶ୍ୱର ସୁଦୂର କୋଣରେ ଥିବା ଜର୍ମାନୀ, ଇଟାଲିୟ ତଥା ଜାପାନୀମାନଙ୍କ ବିରୁଦ୍ଧରେ ଲଢିବା ପାଇଁ ଔପନିବେଶିକ ସୈନ୍ୟବାହିନୀରେ ସାମିଲ କରାଯାଇଥିଲା । ଏହାଦ୍ୱାରା ସେମାନେ ଜାଣିବାକୁ ପାଇଥିଲେ ଯେ ୟୁରୋପୀୟମାନେ ପୃଥିବୀର ଅଜେୟ ଅଧିପତି ନୁହନ୍ତି । ଯୁଦ୍ଧ ସମୟରେ ପ୍ରାୟ ପଚାଶ ଲକ୍ଷ ଭାରତୀୟ ସୈନିକ ବ୍ରିଟିଶ ନେତୃତ୍ୱରେ ଥିବା ସୈନ୍ୟବାହିନୀରେ ସେବାରତ ଥିଲେ । ଏସିଆ ଏବଂ ଆଫ୍ରିକାର ସୈନିକମାନେ ଅନ୍ୟାନ୍ୟ ଉପନିବେଶର ଲୋକ ତଥା ୟୁରୋପୀୟ ଏବଂ ଆମେରିକି ସୈନିକ ତଥା ସାଧାରଣ ନାଗରିକମାନଙ୍କ ସହିତ ସମ୍ବନ୍ଧ ରଖିଥିଲେ । ଜର୍ମାନୀ ଏବଂ ଜାପାନୀ ଏକଛତ୍ରବାଦ ବିରୁଦ୍ଧରେ ଲଢିବା ପାଇଁ ପ୍ରଶିକ୍ଷିତ ହୋଇଥିବା ଏହି ସୈନିକମାନେ ନିଜ ଔପନିବେଶିକ ଶାସକଙ୍କ ପାଇଁ ଏକ ନୂତନ ପ୍ରକାରର ଧମକ ଉପସ୍ଥାପନ କରିଥିଲେ । ୧୯୪୦ ଦଶକରେ ଏସିଆ, ଆଫ୍ରିକା ତଥା କରବୀୟ ଦେଶମାନଙ୍କର ପୋଲିସ୍ ଏବଂ ସୈନିକ (ଯେଉଁଥିରେ ନିଜ ଦେଶବାସୀମାନେ ଯୋଗ ଦେଇଥିଲେ)ଙ୍କ ଆକ୍ରମଣ ସତ୍ତ୍ୱେ ଆନ୍ଦୋଳନ ଏବଂ ସାମୁହିକ ବିକ୍ଷୋଭରେ ଯୋଗଦାନ କରିଥିଲେ । ୧୯୪୫ ବେଳକୁ ଯୁଦ୍ଧର ଆରମ୍ଭ ବେଳର ତୁଳନାରେ ସଂଖ୍ୟାଧିକ ଲୋକମାନେ ପୂର୍ଣ୍ଣ ନାଗରିକତାର ଅଧିକାର ତଥା ରାଷ୍ଟ୍ରର ସ୍ୱାଧୀନତା ପାଇଁ ସ୍ୱର ଉତ୍ତୋଳନ କରିଥିଲେ ଏବଂ ନିଜ ଲକ୍ଷ୍ୟକୁ ବିରୋଧ କରୁଥିବା ଶକ୍ତି ବିରୁଦ୍ଧରେ ଲଢିବା ପାଇଁ ଅତ୍ୟଧିକ ଆତ୍ମ ବିଶ୍ୱାସରେ ପରିପୂର୍ଣ୍ଣ ହୋଇଥିଲେ ।

୧୯୩୯ ପୂର୍ବରୁ ଆଫ୍ରିକୀୟ ବୁଦ୍ଧିଜିବୀ, ପେଷାଦାର ତଥା ବେସାମରିକ କର୍ମଚାରୀମାନେ ଜାତୀୟତାବାଦୀ ଆନ୍ଦୋଳନର ଆଧାର ତିଆରି କରି ଦେଇଥିଲେ । ୧୯୪୫ ପରେ ପରେ ଉକ୍ତ ନେତାମାନେ ଗଣତାନ୍ତ୍ରିକ ସଂସ୍କାର ତଥା ସ୍ୱାଧୀନତା ପାଇଁ ନିଜ ନିଜ ଦେଶର ଚାଷୀ ତଥା ମଜୁରିଆ ଗୋଷ୍ଠୀର ସ୍ତ୍ରୀ-ପୁରୁଷମାନଙ୍କଠାରୁ ଅତ୍ୟଧିକ ଚାପର ସମ୍ମୁଖୀନ ହୋଇଥିଲେ । ଏଥି ସହିତ ସେମାନେ ଆର୍ଥିକ ସମାନତାକୁ ସ୍ୱାଧୀନତା ସଂଗ୍ରାମରେ ସାମିଲ କରିବା ପାଇଁ ସଶକ୍ତ ଦାବି ଉପସ୍ଥାପନା କରିଥିଲେ ।

## ଜାତୀୟ ମୁକ୍ତି ଆନ୍ଦୋଳନ

୧୯୩୦ ଦଶକରେ ହୋ ଚି ମିନ୍ ଫ୍ରାନ୍ସର ଇଣ୍ଡୋଚୀନ୍‌ରେ ସାମ୍ୟବାଦୀ ବିଚାରର ପ୍ରସାର ପାଇଁ ପଦକ୍ଷେପ ନେଇଥିଲେ । ୧୯୪୦-୪୧ରେ ଜାପାନୀମାନେ ଇଣ୍ଡୋଚିନରୁ ଫରାସୀମାନଙ୍କୁ ବିତାଡିତ କରି ଏହାକୁ ଅଧିକାର କରିଥିଲେ । ଏମାନଙ୍କୁ ବହିଷ୍କାର କରିବା ପାଇଁ ହୋ ଏକ ରାଷ୍ଟ୍ରୀୟ ଜନ ମୋର୍ଚ୍ଚା (ଭିଏତ୍ ମିନ୍) ସ୍ଥାପନ କରିଥିଲେ । ୧୯୪୫ରେ ବ୍ରିଟେନ ଏବଂ ଆମେରିକାର ସହମତି ଦ୍ୱାରା ଯେତେବେଳେ ଇଣ୍ଡୋଚିନର ଶାସକ ରୂପେ ଫ୍ରାନ୍ସକୁ ପୁନଃସ୍ଥାପନ କଲେ ସେତେବେଳେ ହୋ ଏବଂ ଭିଏତ୍ ମିନ୍ ଫ୍ରାନ୍ସ ବିରୁଦ୍ଧରେ ଅଭିଜାନ ଜାରି ରଖିଥିଲେ ଏବଂ ଶେଷରେ ୧୯୫୪ ବେଳକୁ ଇଣ୍ଡୋଚୀନର ଅଧିକାଂଶ ଅଞ୍ଚଳ ଉପରେ ନିଜର ଆଧିପତ୍ୟ ବିସ୍ତାର କରି ପାରିଥିଲେ । ସେହି ବର୍ଷ ଭିଏତ୍‌ନାମ୍ ଦୁଇଟି ନାମ ମାତ୍ର ସ୍ୱାଧୀନ ରାଷ୍ଟ୍ରରେ ବିଭକ୍ତ ହୋଇଥିଲା । ଉତ୍ତରାର୍ଦ୍ଧ ଅଞ୍ଚଳ ହୋ ଏବଂ ତାଙ୍କ ମିତ୍ର ଶକ୍ତି ପରିଚାଳିତ ହେବା ସମୟରେ



ଟିପ୍ପଣୀ

ଭିଏତ୍‌ନାମ୍‌ର ଦକ୍ଷିଣାର୍ଦ୍ଧ ଅଞ୍ଚଳରେ ଆମେରିକାର ରାଜନୈତିକ, ସାମରିକ ତଥା ଆର୍ଥିକ ଉପସ୍ଥିତି ବଢ଼ିବାରେ ଲାଗିଥିଲା । ଉକ୍ତ ସଂଘର୍ଷରେ ପ୍ରାୟ ୫୦,୦୦୦ ଆମେରିକୀ ସୈନିକ ମୃତ୍ୟୁ ବରଣ କରିଥିବା ବେଳେ ଲକ୍ଷ ଲକ୍ଷ ଭିଏତ୍‌ନାମି ନିଜର ଜୀବନ ଅର୍ପଣ କରିଥିଲେ । ଶେଷରେ ୧୯୭୫ରେ ଭିଏତ୍‌ନାମିମାନେ ବିଶ୍ୱର ସର୍ବ ବୃହତ୍ ସାମ୍ରାଜ୍ୟବାଦୀ ଶକ୍ତିକୁ ଅପସରି ଯିବାକୁ ବାଧ କରି ପାରିଥିଲେ ।

ଭାରତର ସାରା ଦେଶରେ କଂଗ୍ରେସ ନେତୃତ୍ୱରେ ବ୍ରିଟିଶ ଶାସନ ବିରୁଦ୍ଧରେ ସାମୁହିକ ଆନ୍ଦୋଳନ ହୋଇଥିଲା । ଏହା ବ୍ୟତୀତ କମ୍ୟୁନିଷ୍ଟମାନଙ୍କ ନେତୃତ୍ୱରେ ଚାଷି ତଥା ମଜୁରିଆମାନଙ୍କ ସହିତ ଯୁବକ, ଲେଖକ, ମହିଳା ତଥା ନୀଚ ବର୍ଗର ଲୋକଙ୍କ ଦ୍ୱାରା ମଧ୍ୟ ସ୍ୱାଧୀନତା ଆନ୍ଦୋଳନ ଜାରି ରହିଥିଲା । ଶେଷରେ ବ୍ରିଟିଶମାନେ ୧୯୪୭ରେ ଭାରତ ପରିତ୍ୟାଗ କରିବାକୁ ବାଧ ହୋଇଥିଲେ । ସ୍ୱାଧୀନତା ବିଭାଜନ ସହିତ ଆସିଥିଲା ଏବଂ ଭାରତ ଓ ପାକିସ୍ଥାନ ଦୁଇଟି ସ୍ୱାଧୀନରାଷ୍ଟ୍ରକୁ ସୃଷ୍ଟି କରିଥିଲା ।

### ୨୬.୧- ପାଠଗତ ପ୍ରଶ୍ନ

୧. ୧୮୬୭ ଏବଂ ୧୯୧୪ ମଧ୍ୟରେ ସ୍ୱତନ୍ତ୍ର ଅଥବା ଅର୍ଦ୍ଧ ସ୍ୱତନ୍ତ୍ର ହୋଇଥିବା କିଛି ଦେଶର ନାମ ଉଲ୍ଲେଖ କର ।

.................................................................................................

୨. ଦ୍ୱିତୀୟ ବିଶ୍ୱଯୁଦ୍ଧ ଔପନିବେଶିକ ଦେଶର ଲୋକଙ୍କୁ କେଉଁ ପ୍ରକାର ପ୍ରେରଣା ପ୍ରଦାନ କରିଥିଲା ?

.................................................................................................

୩. ୧୯୪୫ ପରେ ସଶସ୍ତ୍ର ସଂଘର୍ଷରେ ରାଷ୍ଟ୍ରୀୟ ସ୍ୱାଧୀନତା ପ୍ରାପ୍ତ କରିଥିବା କିଛି ଦେଶର ନାମ ଉଲ୍ଲେଖ କର ।

.................................................................................................

## ୨୬.୩-ଔପନିବେଶିକ ଜାତୀୟତାବାଦ, ସ୍ୱାଧୀନତା ସଂଗ୍ରାମ ଏବଂ ଆନ୍ତରାଷ୍ଟ୍ରୀୟ ସହଯୋଗ

୧୯୪୫ ଖ୍ରୀଷ୍ଟାବ୍ଦ ପରେ ଏସିଆ ଏବଂ ଆଫ୍ରିକାର କେତେକ ଜାତୀୟତାବାଦି ନେତୃଗଣ ସୋଭିଏତ୍ ଅଥବା ଆମେରିକାର ସହାୟତା ମାଗିଥିଲେ ଅଥବା ପାଇଥିଲେ । ଏହା ବ୍ୟତୀତ ଏମାନେ ସଂଯୁକ୍ତ ରାଷ୍ଟ୍ର ସଂଘ (୧୯୪୫ରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଅବସ୍ଥିତ)ଭଳି ନୂତନ ଆନ୍ତଃରାଷ୍ଟ୍ରୀୟ ସଂଗଠନ ମାଧ୍ୟମରେ ନିରପେକ୍ଷ କଥାବାର୍ତ୍ତା ଆଶା କରିଥିଲେ । ଠିକ୍ ସେହି ପ୍ରକାର ସମାନ ଉଦ୍ଦେଶ୍ୟ ଥିବା ଯଥା ଜାତୀୟ ସ୍ୱାଧୀନତା ଓ ବିକାଶ ପାଇଁ ସେମାନେ ସ୍ୱାଧୀନ ରାଷ୍ଟ୍ରମାନଙ୍କରେ ଏକ ଆଞ୍ଚଳିକ ସଂଘ ମଧ୍ୟ ସ୍ଥାପନ କରିଥିଲେ । ଉକ୍ତ ସଂଘମାନଙ୍କ ମଧ୍ୟରୁ

ଟିପ୍ପଣୀ

ଗୋଟାଏ ଥିଲା ଆଫ୍ରିକାର ଏକତା ସଂଗଠନ (O.A.U.) ଯାହାର ସ୍ଥାପନା ୧୯୬୩ ମସିହାରେ ହୋଇଥିଲା । ଏହାର ଲକ୍ଷ୍ୟ ଥିଲା ନୂତନ ରାଷ୍ଟ୍ରମାନଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦରେ ମଧ୍ୟସ୍ଥତା କରିବା ତଥା ଔପନିବେଶିକ ଶକ୍ତିଠାରୁ ଅବଶିଷ୍ଟ ଆଫ୍ରିକୀୟ ନିର୍ଭରଶୀଳତାର ପରିସମାପ୍ତି ପାଇଁ ଚାପ ପ୍ରୟୋଗ କରିବା । ଅନ୍ୟ ଏକ ମହତ୍ୱପୂର୍ଣ୍ଣ ଅଭିବ୍ୟକ୍ତ ଥିଲା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ (NAM)ଏଥିରେ ଅନ୍ୟ ଦେଶମାନଙ୍କ ବ୍ୟତୀତ ଚୀନ, ଭାରତ, ପାକିସ୍ଥାନ, ଇଣ୍ଡୋନେସିଆ, ଇରାନ ଏବଂ ଇଜିପ୍ଟ ଯୋଗ ଦେଇଥିଲେ । ସାମ୍ରାଜ୍ୟବାଦ, ରାଷ୍ଟ୍ରୀୟ ଆକ୍ରମଣ, ବର୍ଣ୍ଣ ବିଦ୍ୱେଶ (racism) ତଥା ପରମାଣୁ ଅସ୍ତ୍ରଶସ୍ତ୍ର ଇତ୍ୟାଦିକୁ ଖଣ୍ଡନ କରିବା ପାଇଁ ୨୯ଟି ରାଷ୍ଟ୍ରର ନେତୃବୃନ୍ଦ ଇଣ୍ଡୋନେସିଆର ବାନ୍ଦୁଙ୍ଗଠାରେ ୧୯୫୫ରେ ଏକ ସମ୍ମିଳନୀର ଆୟୋଜନ କରିଥିଲେ ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ତୃତୀୟ ବିଶ୍ୱର ପରସ୍ପର ଦେଶମାନଙ୍କ ମଧ୍ୟରେ ତଥା ଉଭୟ ମହାଶକ୍ତିମାନଙ୍କ ସହିତ ଶାନ୍ତିପୂର୍ଣ୍ଣ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲା । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ ଯୋଗ ଦେଇଥିବା ରାଷ୍ଟ୍ରମାନଙ୍କର ଅଧିକାଂଶ ନେତାମାନେ ଏକ ମଧ୍ୟମ ମାର୍ଗ ଖୋଜିବା ପାଇଁ ତଥା ଅନୁସରଣ କରିବା ପାଇଁ ଦରକାର କରୁଥିଲେ ଯାହାକି ସମ୍ପୂର୍ଣ୍ଣ ଭାବେ ସାମ୍ୟବାଦୀ ତଥା ପୂର୍ଣ୍ଣ ପୁଞ୍ଜିବାଦୀ ହୋଇ ନଥିବ । ୧୯୫୦ ଏବଂ ୧୯୭୦ ଦଶକ ମଧ୍ୟରେ ସମାଜବାଦ ଆଡକୁ ଏସିଆ ତଥା ଆଫ୍ରିକାର ଗତି ବିଷୟରେ ଅନେକ ଚର୍ଚ୍ଚା ହୋଇଥିଲା । ସ୍ୱାଧୀନତାର ପରେ ପରେ ଆଫ୍ରିକାର ଅନେକ ନୂତନ ରାଷ୍ଟ୍ରଗୁଡିକ ଏକଛତ୍ରବାଦର ଶିକାର ହୋଇଥିଲେ । ଯଥା:-ଜାଇରି (Zaire) (ବେଲଜିୟମ ଅଧିନରେ ଥିବା) ମୁବୁତ ସେସ୍ ସେକୋ (Sese Seko)ଙ୍କ ଅଧିନରେ (ରାଷ୍ଟ୍ରପତି ୧୯୬୫-୧୯୯୭) ଏବଂ ଉଗାଣ୍ଡା (ପୂର୍ବ ବ୍ରିଟିଶ୍ କଲୋନି) ଇଦ୍ ଅମୀନ ଦାଦାଙ୍କ ଅଧିନରେ (୧୯୨୪-୨୦୦୩, ପଦତ୍ୟାଗ ୧୯୭୯)ଏକଛତ୍ରବାଦୀ ରାଷ୍ଟ୍ର ହୋଇ ଯାଇଥିଲେ ।

ସାହାରା ଆଫ୍ରିକାର(ଇଜିପ୍ଟ୍ ଏବଂ ଲିବିଆ ଭଳି) କେତେକ ନେତାଗଣ ଆର୍ଥିକ ବିକାଶ ମାମଲାରେ ଏବଂ ଇସ୍ରାଏଲ୍ ରାଷ୍ଟ୍ରର ପାଲେଷ୍ଟାଇନ୍ ଅଞ୍ଚଳ ଉପରେ ଅବୈଧ ଭାବେ ଅର୍ଦ୍ଧ-ଔପନିବେଶିକ ଦଖଲ ସମାପ୍ତ କରିବା ପାଇଁ ମଧ୍ୟ ପୂର୍ବ ରାଷ୍ଟ୍ରମାନଙ୍କ ସହିତ ସହଯୋଗ କରିଥିଲେ । ଏହା ପାନ ଆରବ (Pan-Arab) ଆନ୍ଦୋଳନର ଏକ ଅଂଶ ଥିଲା । ୧୯୭୦ ଦଶକରୁ ୧୯୮୦ ଦଶକ ମଧ୍ୟରେ କୃଷ୍ଣକାୟ ଆଫ୍ରିକାର ନେତାମାନେ ରୋଡେଶିଆ ଏବଂ ଦକ୍ଷିଣ ଆଫ୍ରିକାକୁ ଶାସନ କରୁଥିବା ଅଳ୍ପ ସଂଖ୍ୟକ ଗୋରା ସରକାରଙ୍କୁ ବର୍ଣ୍ଣ ବିଦ୍ୱେଶ ଏବଂ କଳା ଲୋକଙ୍କ ପ୍ରତି ପାତର ଅନ୍ତର ନୀତିର ପରିସମାପ୍ତି ପାଇଁ ଚାପ ପକାଇ ଚାଲିଥିଲେ । ସେମାନେ ଅଳ୍ପ ସଂଖ୍ୟକ ଗୋରା ସରକାରଙ୍କ ଦ୍ୱାରା ବେଆଇନ ଘୋଷଣା କରାଯାଇଥିବା ମୁକ୍ତି ଆନ୍ଦୋଳନକୁ ସାହାଯ୍ୟ ପ୍ରଦାନ କରିଥିଲେ (ଯଥା:-ଦକ୍ଷିଣ ଆଫ୍ରିକାରେ ଆଫ୍ରିକାୟ ଜାତୀୟ କଂଗ୍ରେସ)

ନୂତନ ଭାବେ ସ୍ୱାଧୀନ ହୋଇଥିବା ରାଷ୍ଟ୍ରଗୁଡିକ ଶୀତଳ ଯୁଦ୍ଧ ସମୟରେ (୧୯୪୫-୧୯୯୧) ରାଷ୍ଟ୍ରୀୟ ସ୍ୱାଧୀନତା ଏବଂ ବିକାଶ ସମ୍ପର୍କରେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସାମ୍ୟବାଦ ପ୍ରତି ସହାନୁଭୂତି ରଖିଥିବା ଏବଂ ଏହାକୁ ବିରୋଧ କରୁ ନଥିବା ନେତାମାନେ



ଟିପ୍ପଣୀ

ଲୋକପ୍ରିୟତା ହାସଲ କରିଥିଲେ । କିନ୍ତୁ ଯେତେବେଳେ ଏମାନେ ପୁରୁଣା ଔପନିବେଶିକ ଶିକ୍ଷିତ ନିବାସୀଙ୍କ ସ୍ଥିତିକୁ ଦୁର୍ବଳ କରିବାର ପ୍ରଚେଷ୍ଟା କରିବା ସମୟରେ ବିରୋଧର ସମ୍ମୁଖୀନ ହୋଇଥିଲେ ।

ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମୀ ଅହମଦ୍ ସୁକର୍ଣ୍ଣୋ (୧୯୦୧-୧୯୭୦) ୧୯୨୦ ଦଶକରେ ଭାରତୀୟ ଜାତୀୟ କଂଗ୍ରେସ ପରି ଇଣ୍ଡୋନେସିଆରେ ଏକ ଜାତୀୟତାବାଦୀ ଦଳ ଗଠନ କରିଥିଲେ । ସୁକର୍ଣ୍ଣ ଜାତୀୟ ସ୍ୱାଧୀନତା ପାଇଁ ପାଞ୍ଚଟି ସିଦ୍ଧାନ୍ତ ଘୋଷଣା କରିଥିଲେ । ସେଗୁଡିକ ହେଲା: ଈଶ୍ୱରଙ୍କ ଉପରେ ବିଶ୍ୱାସ, ମାନବତାବାଦ, ଜାତୀୟ ସ୍ୱାଧୀନତା, ଗଣତନ୍ତ୍ର ଏବଂ ସାମାଜିକ ନ୍ୟାୟ (ଯାହାର ଅର୍ଥ ଥିଲା କେନ୍ଦ୍ରୀୟ ଆର୍ଥିକ ମାର୍ଗଦର୍ଶନ ଏବଂ ଧନର ପୁନଃ ବିତରଣ) । ମୁସଲମାନମାନେ (ସଂଖ୍ୟାଧିକ ଧାର୍ମିକ ଗୋଷ୍ଠୀ) ଏକ କେନ୍ଦ୍ରୀୟ ଇଣ୍ଡୋନେସିଆ ରାଷ୍ଟ୍ର ଦ୍ୱାରା ଶାସିତ ହେବା ପାଇଁ ରାଜି ହୋଇଥିଲେ କାରଣ ଏହାଦ୍ୱାରା ସେମାନଙ୍କ ନିକଟରେ କିଛି ସ୍ଥାନୀୟ ନିୟନ୍ତ୍ରଣ ବିଶେଷ କରି ଧର୍ମ ସମ୍ବନ୍ଧରେ ରହିବ । ୧୯୫୦ ଦଶକରେ ସୁକର୍ଣ୍ଣ ଚୀନ ଦ୍ୱାରା ଅନୁପ୍ରାଣିତ ହୋଇ ସମାଜବାଦୀ- ଜନସଂଗ୍ରାମ ଆରମ୍ଭ କରିଥିଲେ କିନ୍ତୁ ୧୯୫୯ରେ ସେ ଗୋଟାଏ ଏକଛତ୍ର ଶାସନ ସ୍ଥାପନ କରିଥିଲେ ଯଦିଓ ସେ ସାମ୍ୟବାଦୀ ଆନ୍ଦୋଳନର ବୈଧତା ସ୍ୱୀକାର କରିଥିଲେ । ୧୯୬୫ରେ ସୁକର୍ଣ୍ଣଙ୍କ ଆଭ୍ୟନ୍ତରିଣ ଶତ୍ରୁମାନେ (ବିଶେଷକରି ସୈନ୍ୟ ଅଧିକାରୀମାନେ)ତାଙ୍କୁ ଶାସନରୁ ହଟାଇ ଲକ୍ଷାଧିକ ଲୋକଙ୍କୁ ହତ୍ୟାକରି ଇଣ୍ଡୋନେସିଆର କମ୍ୟୁନିଷ୍ଟମାନଙ୍କୁ ଆବଦ୍ଧ କରି ରଖିଥିଲେ । ସୋଭିଏତ୍ ସଂଘ ଏସବୁ ଘଟଣାକୁ ପାଖରୁ ଦେଖୁଥିବା ବେଳେ ଆମେରିକୀୟମାନେ ଗୁପ୍ତ ଭାବରେ ସାମରିକ ଅଧିକାରୀମାନଙ୍କୁ ସାହାଯ୍ୟ ପ୍ରଦାନ କରୁଥିଲେ । ଇଣ୍ଡୋନେସିଆ ଖୁବ୍ ଅଳ୍ପସମୟ ପୂର୍ବ ପର୍ଯ୍ୟନ୍ତ ଏକ ସାମରିକ ଏକଛତ୍ରବାଦ ରାଷ୍ଟ୍ର ହୋଇ ରହିଥିଲା ।

### ୨୬.୨ ପାଠଗତ ପ୍ରଶ୍ନ

ବାମପଟ ଶବ୍ଦଗୁଡିକୁ ଡାହାଣପଟ ଶବ୍ଦ ବା ଅର୍ଥ ସହିତ ମିଳାଅ ।

୧. ଇଦ୍ ଅମୀନ.........୧୯୪୫ରେ ସ୍ଥାପିତ

୨. ସୁକର୍ଣ୍ଣ................ ଏଥିରେ ଭାରତ ଥିଲା

୩. ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ.........ଆଫ୍ରିକାର ଏକଛତ୍ରବାଦ

୪. ସଂଯୁକ୍ତ ରାଷ୍ଟ୍ର ସଂଘ.........ଇଣ୍ଡୋନେସିଆ

## ୨୬.୪ ଉପନିବେଶ ବାଦରୁ ମୁକ୍ତିକରଣ ଏବଂ ବିଶ୍ୱସ୍ତରୀୟ ରାଜନୀତି- Decolonization and Global Politics

ଉପନିବେଶବାଦକୁ ବିରୋଧ କରିବାରୁ ହଜାର ସଂଖ୍ୟାରେ ସ୍ତ୍ରୀ ପୁରୁଷଙ୍କୁ ଦଣ୍ଡ ଭୋଗ କରିବାକୁ ପଡିଥିଲା । ଉଦାହରଣ ସ୍ୱରୂପ ଫରାସୀ ଟ୍ୟୁନିସିଆର (ଉତ୍ତର ଆଫ୍ରିକା) ସ୍ୱାଧୀନତା ସଂଗ୍ରାମର

ନେତା ହବିବ ବୁରଗିବା (Habib Bourguiba) (୧୯୦୩-୨୦୦୦) ଏବଂ ବ୍ରିଟିଶ ପଶ୍ଚିମ ଆଫ୍ରିକାର ଘାନାର ସ୍ୱାଧୀନତା ସଂଗ୍ରାମର ମୁଖ୍ୟ କ୍ୱାମୀ ଏନ୍ କ୍ରୁମାର (୧୯୦୯-୧୯୭୨)। ଏହା ବ୍ୟତୀତ ଅନ୍ୟମାନେ ଯୁଦ୍ଧର ମଧ୍ୟବର୍ତ୍ତୀ ସମୟରେ ନିଜ ନିଜର ଔପନିବେଶିକ ଶାସକମାନଙ୍କର ଗୃହ ରାଷ୍ଟ୍ରରେ ରହି ରାଜନୈତିକ ବିଚାର ତଥା ସଂଗଠନର ଟେକ୍‌ନିକ୍ ଉପରେ ଶିକ୍ଷା ଗ୍ରହଣ କରିଥିଲେ। ହୋ ଚି ମିନ୍ (୧୮୯୪-୧୯୬୯) ୧୯୧୮ ରୁ ୧୯୩୦ ମଧ୍ୟରେ ଫ୍ରାନ୍ସରେ ରହିଥିଲେ ସେଠାରେ ଭିଏତ୍‌ନାମ୍ ସ୍ୱାଧୀନତା ସଂଗ୍ରାମରେ ଲଢ଼ିବା ପାଇଁ ଫରାସୀ ଇଣ୍ଡୋ ଚୀନ୍ ଫେରିବା ପୂର୍ବରୁ ଫ୍ରାନସ୍‌ରେ ସାମ୍ୟବାଦୀ ଦଳର ସ୍ଥାପନା କରିଥିଲେ। ଲିଓ ପଲ୍‌ଡ୍ ସେଦର ସେନଘୋର (୧୯୦୬-୨୦୦୧) ଫ୍ରାନ୍ସର ଏକ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ଜଣେ କବି ଥିଲେ। ସେ ସେନେଗଲର ଗଣତାନ୍ତ୍ରୀକ ବ୍ଲକର ନେତୃତ୍ୱ ପ୍ରଦାନ ପାଇଁ ନିଜର ମୂଳ ସ୍ଥାନ ପଶ୍ଚିମ ଆଫ୍ରିକା ଫେରିବା ପୂର୍ବରୁ ସେ ୧୯୬୦ରୁ ୧୯୮୦ ପର୍ଯ୍ୟନ୍ତ ସେନେଗଲର ପ୍ରଥମ ରାଷ୍ଟ୍ରପତି ହୋଇଥିଲେ।

୧୯୪୫ ପରେ ଉପନିବେଶଗୁଡ଼ିକ ଦୃତ ଗତିରେ ମୁକ୍ତ ହୋଇଥିଲା। କେତେକ ସ୍ଥାନରେ ସୀମିତ ହିଂସା ଏବଂ ଜନ-ସଂହାର ଘଟି ଉପନିବେଶଗୁଡ଼ିକ ମୁକ୍ତ ହୋଇଥିଲେ। ଉଦାହରଣ ସ୍ୱରୂପ ୧୯୫୮ ପରେ ଫରାସୀ ଆଧିପତ୍ୟ ଅଞ୍ଚଳ ପଶ୍ଚିମ ଆଫ୍ରିକା ଭାଗ ଭାଗ ହୋଇ ସେନେଗଲ, ମାରୀସିୟାନା, ମାଲୀ, ଆଇଭରି କୋଷ୍ଟ, ଗୁଇନିଆ ଏବଂ ଅନ୍ୟାନ୍ୟ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା। ଅନ୍ୟ ପକ୍ଷରେ ୧୯୫୭ରୁ ୧୯୬୧ ମଧ୍ୟରେ ବ୍ରିଟିଶ ପଶ୍ଚିମ ଆଫ୍ରିକା ଭାଗ ଭାଗ ହୋଇ ଘାନା, ସିୟରା ଲିଆନ୍ ଏବଂ ନାଇଜେରିଆ ଇତ୍ୟାଦି ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହୋଇଥିଲା।

ସନ୍ ୧୯୪୨ରେ ଭାରତ ଛାଡ ଆନ୍ଦୋଳନ ସମୟରେ ଇଂରେଜମାନେ ହଜାର ହଜାର ଭାରତୀୟମାନଙ୍କୁ ବନ୍ଦୀ କରିଥିଲେ କିନ୍ତୁ ଏହାପରେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭାରତୀୟ ତଥା ଇଂରେଜମାନଙ୍କ ମଧ୍ୟରେ ହିଂସା ଭାବ କମି ଯାଇଥିଲା। ତଥାପି ଲକ୍ଷ୍ୟାଧିକ ଦକ୍ଷିଣ ଏସିଆର ଅଧିବାସୀମାନେ ଆଗାମୀ ଭାରତ-ପାକିସ୍ଥାନ ବିଭାଜନ ସମୟରେ ପ୍ରାଣ ତ୍ୟାଗ କରିଥିଲେ ଏବଂ ସୀମା ଆରପାରିରେ ବିସ୍ଥାପିତ ହୋଇଥିଲେ। ବ୍ରିଟିଶ ଅଧିନସ୍ଥ କେତେକ ପଡୋଶୀ ରାଷ୍ଟ୍ର ଯଥା ସିଂହଳ (ଏବେର ଶ୍ରୀଲଙ୍କା) ଏବଂ ବର୍ମା (ଏବେର ମାୟମାର) କମ୍ ହିଂସାରେ ହିଁ ସ୍ୱାଧୀନ ପ୍ରାପ୍ତି କରିଥିଲେ।

୧୯୫୦ ଦଶକରେ ଉତ୍ତରୀ ଆଫ୍ରିକାର ମରକ୍କୋ ଏବଂ ଟ୍ୟୁନିସିଆ ଶାନ୍ତି ପୂର୍ଣ୍ଣ ଭାବେ ଫ୍ରାନ୍ସ୍ ଠାରୁ ଅଲଗା ହୋଇ ଯାଇଥିଲେ। କିନ୍ତୁ ପଡୋଶି ଆଲ୍‌ଜିରିଆ ଆଠ ବର୍ଷ ଧରି ସଂଘର୍ଷ କରି ସ୍ୱାଧୀନତା ପ୍ରାପ୍ତି କରିଥିଲା। ଉକ୍ତ ସଂଘର୍ଷରେ ହଜାର ହଜାର ଆଲଜେରିୟ ତଥା ଫରାସୀମାନେ ମୃତ୍ୟୁ ବରଣ କରିଥିଲେ। ଆଜିର ଆଙ୍ଗୋଲା ଏବଂ ମୋଜାମ୍ବିକ (ଦକ୍ଷିଣ ଆଫ୍ରିକାର) ଦଶ ବର୍ଷ ଲଢାଇ କରି ୧୯୭୫ରେ ପର୍ତ୍ତୁଗାଲ ଶାସନରୁ ନିଜକୁ ସ୍ୱାଧୀନ କରି ପାରିଥିଲେ। ଏଥିରେ ବହୁ ଆଫ୍ରିକୀୟ ତଥା ପର୍ତ୍ତୁଗାଲୀମାନେ ପ୍ରାଣ ବଳି ଦେଇଥିଲେ। ବର୍ତ୍ତମାନର ମାଲେସିଆର ଲୋକମାନେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଜାପାନୀମାନଙ୍କ ଦଖଲ ବିରୁଦ୍ଧରେ ସଂଘର୍ଷ



ଟିପ୍ପଣୀ

କରିଥିଲେ ଏବଂ ସେହି ମଲାୟୀ ଜାପାନ-ବିରୋଧୀ ଜନସେନାମାନେ ବ୍ରିଟେନ ଦ୍ୱାରା ପୁନଃ ଦଖଲ କରିବାର ପ୍ରୟାସକୁ ପ୍ରତିହତ କରିଥିଲେ । ପରବର୍ତ୍ତୀ ଦଶବର୍ଷ ପର୍ଯ୍ୟନ୍ତ ପ୍ରାୟ ଏକ ଲକ୍ଷ ସୈନ୍ୟ ବ୍ରିଟିଶ ନେତାମାନେ କହୁଥିବା "କମ୍ୟୁନିଷ୍ଟ ବିଦ୍ରୋହୀ"ଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ମଲୟରେ ଉପସ୍ଥିତ ଥିଲେ । ୧୯୫୭ରେ ବ୍ରିଟେନକୁ ନିଜର ସେନାକୁ ଫେରାଇ ଆଣିବାକୁ ପଡିଥିଲା ଏବଂ ବ୍ରିଟିଶ ରାଷ୍ଟ୍ର ମଣ୍ଡଳର ଏକ ଅର୍ଦ୍ଧ-ସ୍ୱତନ୍ତ୍ର ସଦସ୍ୟ ରୂପରେ ମାଲେସିଆ ସଂଘକୁ ମାନ୍ୟତା ଦେବାକୁ ପଡିଥିଲା ।

୧୯୪୫ ପରେ ଦୁଇ ମହାଶକ୍ତି ମାନଙ୍କ ମେଣ୍ଟ ମଧ୍ୟରେ ଶତୃତା ଅର୍ଥାତ୍ ଶୀତଳ ଯୁଦ୍ଧ ଏବଂ ଏହାର ରାଜନୀତି ଉପନିବେଶ ବାଦର ମୁକ୍ତି ପାଇବା ସହିତ ବିଶେଷ ଭାବେ ଜଡିତ । ଯେଉଁଥିରେ କି "ପ୍ରଥମ ବିଶ୍ୱ"କୁ ଆମେରିକା ନେତୃତ୍ୱ ପ୍ରଦାନ କରୁଥିବା ବେଳେ ଅନ୍ୟାନ୍ୟ ପୁଞ୍ଜିବାଦି ରାଷ୍ଟ୍ରମାନେ ସାମିଲ ହୋଇଥିଲେ ଏବଂ "ଦ୍ୱିତୀୟବିଶ୍ୱ"କୁ ସୋଭିଏତ୍ ରୁଷ ଏବଂ ବିକଶିତ ହେଉଥିବା ଚୀନ୍ ଗଣରାଜ୍ୟ ପ୍ରତିନିଧିତ୍ୱ କରୁଥିଲେ । ଉପନିବେଶବାଦରୁ ମୁକ୍ତି ପାଇଥିବା ତୃତୀୟ ବିଶ୍ୱର କେତେକ ନୂତନ ରାଷ୍ଟ୍ରମାନେ ଦୁଇ ମହାଶକ୍ତି ମଧ୍ୟରୁ କୌଣସି ଏକ ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ କରି ଲାଭବାନ ହୋଇ ପାରିଥିଲେ ।

୧୯୪୫ରେ କୋରିଆରୁ ଜାପାନ ବହିଷ୍କୃତ ହେଲାପରେ କୋରିଆ ଉପଦୀପର ଉତ୍ତରୀଭାଗ ସୋଭିଏତ୍ ସଂଘ ଏବଂ ଚୀନ୍ ଗଣରାଜ୍ୟର ପ୍ରଭାବରେ ଆସିଥିଲା ଏବଂ ଦକ୍ଷିଣ ଭାଗ ଆମେରିକା ଉପରେ ଆଶ୍ରୟ ନେଇଥିଲା । ୧୯୫୩ରୁ ୧୯୭୦ ମଧ୍ୟରେ ଆମେରିକା ଦକ୍ଷିଣ କୋରିଆକୁ "ବିକାଶ ସହାୟତା" ନାମରେ ଦଶ ମିଲିଅନ୍ ଡଲାରଠାରୁ ଅଧିକ ଧନରାଶି ପ୍ରଦାନ କରିଥିଲା । ଅର୍ଥଶାସ୍ତ୍ରୀମାନେ ୧୯୭୦ ଦଶକ ବେଳକୁ ଦକ୍ଷିଣ କୋରିଆ, ତାଇଓ୍ୱାନ, ହଂକଂ ଏବଂ ସିଙ୍ଗାପୁରକୁ ଏସିଆର "ଛୋଟ ଡ୍ରାଗନ" କହୁଥିଲେ । ଔଦ୍ୟୋଗିକ ବସ୍ତୁମାନଙ୍କର (ଇସ୍ପାତ, ଜାହଜ ଏବଂ ଇଲୋକ୍ଟ୍ରୋନିକ୍ ଉପକରଣ) ଉତ୍ପାଦନ ଉପରେ ଆଧାରିତ ତଥା ଦ୍ରୁତଗତିରେ ବୃଦ୍ଧି ପାଉଥିବା ନିଜର ଅର୍ଥ ବ୍ୟବସ୍ଥା କାରଣ ହେତୁ ଜାପାନ ଏବଂ ଚୀନ୍ ଗଣରାଜ୍ୟକୁ "ବଡ ଡ୍ରାଗନ" କୁହାଯାଉଥିଲା । ଛୋଟ ଡ୍ରାଗନ ବିକଶିତ ଦେଶ ମୁଖ୍ୟତଃ ଆମେରିକା, ଜାପାନ ତଥା ଗ୍ରେଟବ୍ରିଟେନଠାରୁ ମିଳୁଥିବା ଅତ୍ୟଧିକ ସହାୟତା ରାଶି ଏବଂ ଋଣ ସହିତ ବ୍ୟାପାରିକ ବୁଝାମଣା ଦ୍ୱାରା ଲାଭବାନ ହେଉଥିଲେ ।

କିନ୍ତୁ ଆଫ୍ରିକାରେ ୟୁରୋପୀୟମାନେ ନିଜ ଅଧିକୃତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅନ୍ୟାନ୍ୟ ମାନବ ବିକାଶ ପାଇଁ ଅତି କମ୍ ମାତ୍ରାରେ ଖର୍ଚ୍ଚ କରିଥିଲେ । ଏପରିକି ଲାଟିନ ଆମେରିକାରେ ଯେଉଁଠି ୧୯୦୦ ମସିହା ବେଳକୁ କିଛି ଔପଚାରିକ ଉପନିବେଶ ରହିଥିଲା, ସେଠାରେ ଅଧିକାଂଶ ଲୋକମାନେ ଗରିବ, ଅଶିକ୍ଷିତ ଏବଂ ରାଜନୈତିକ ଦୃଷ୍ଟିରୁ ଶକ୍ତିହୀନ ହୋଇ ରହିଥିଲେ ଯେପରିକି ୧୮ଶ ଏବଂ ୧୯ଶ ଶତାବ୍ଦୀରେ ଏମାନଙ୍କର ପୂର୍ବଜମାନେ ରହିଥିଲେ ।



ଟିପ୍ପଣୀ

### ୨୬.୩-ପାଠଗତ ପ୍ରଶ୍ନ

୧. ୧୯୪୫ ପରେ କିପରି ଭାବେ ମହାଶକ୍ତିମାନେ ଉପନିବେଶ ବିରୋଧି ସଂଘର୍ଷରେ ନିଜର ରୁଚି ବ୍ୟକ୍ତ କରିଥିଲେ ?

..........................................................................................

୨. ୧୯୫୩ରୁ ୧୯୮୦ ମଧ୍ୟରେ ଏସିଆର କିଛି "ଛୋଟ ଡ୍ରାଗନ"ମାନଙ୍କ ନାମ ଉଲ୍ଲେଖ କର ।

..........................................................................................

୩. ୧୯୪୫ ପରେ କେଉଁ ମହାଦେଶ ଅତି ନିକୃଷ୍ଟ ଭାବରେ ବିକଶିତ ହୋଇଥିଲା ?

..........................................................................................

## ୨୬.୫- ଚୀନ: ଜାତୀୟ ସ୍ୱାଧୀନତା, ଦୁଇ ରାଷ୍ଟ୍ର (China, National liberation, Two states)

୧୯୧୧-୧୨ ମସିହାରେ ଏକ ସମ୍ରାଟଙ୍କ ଦ୍ୱାରା ନିୟନ୍ତ୍ରିତ ଚୀନର ଏକଛତ୍ର ଶାସନର ପରିସମାପ୍ତି ଘଟିଥିଲା ଏବଂ ସେ ସ୍ଥାନରେ ଏକ ସାଧାରଣତନ୍ତ୍ର ସ୍ଥାପିତ ହୋଇଥିଲା । କିନ୍ତୁ ଉକ୍ତ ନୂତନ ସରକାର ବିଦେଶୀମାନଙ୍କ ଆଧିପତ୍ୟକୁ ହଟାଇବାରେ ଅସମର୍ଥ ହୋଇଥିଲା । ୧୯୨୦ ଦର୍ଶକର ଅନ୍ତିମ ପର୍ଯ୍ୟାୟରେ ମାଓ ସେ ତୁଙ୍ଗ, (୧୮୯୩-୧୯୭୬) ଚାଉ-ଏନ୍-ଲାଇ ଏବଂ ଡେଙ୍ଗ୍ ସିଆଓ ଫିଙ୍ଗ ଏବଂ ଅନ୍ୟମାନଙ୍କ ନେତୃତ୍ୱରେ କମୁନିଷ୍ଟମାନେ ଜାତୀୟତାବାଦୀଙ୍କ ବିରୁଦ୍ଧରେ ଲଢି ଏବଂ ଉଭୟପକ୍ଷ ଜାପାନକୁ ବହିଷ୍କାର କରିବା ପାଇଁ ଚେଷ୍ଟା କରିଥିଲେ କାରଣ ଜାପାନ ୧୮୯୦ଦର୍ଶକରୁ ଏହା ଉପରେ କ୍ଷେତ୍ରିୟ ଏବଂ ଆର୍ଥିକ ନିୟନ୍ତ୍ରଣ ଜାରି ରଖିଥିଲା ।

ମାଓ ବିଶ୍ୱାସ କରୁଥିଲେ ଯେ ଚୀନ ଜାତୀୟତାବାଦୀମାନେ ସାମାଜିକ ତଥା ଆର୍ଥିକ ପରିବର୍ତ୍ତନ ଆଣିବା ପାଇଁ ଆଶା କରୁନାହାନ୍ତି, ଯାହାଦ୍ୱାରା ଜନତାମାନେ ଉଦ୍ଧାର ହୋଇ ପାରିବେ ଏବଂ ଏମାନେ ଏତେ ପରିମାଣରେ ଭ୍ରଷ୍ଟାଚାରୀ ଯେ ବିଦେଶୀମାନଙ୍କୁ ବିରୋଧ କରି ପାରୁନାହାନ୍ତି । ଉକ୍ତ କାରଣରୁ ଚୀନ କମ୍ୟୁନିଷ୍ଟମାନେ ୧୯୪୯ ମସିହା ବେଳକୁ କେବଳ ମାତ୍ର ଜାପାନ, ଫ୍ରାନ୍ସ ଓ ବ୍ରିଟେନକୁ ଅଧିକାଂଶ ରାଷ୍ଟ୍ରୀୟ କ୍ଷେତ୍ରରୁ ହଟିଯିବା ପାଇଁ ବାଧ୍ୟ କରି ନଥିଲେ ବରଂ ନିଜ ବିରୋଧୀ ଚୀନ୍ ଜାତୀୟତାବାଦୀ କୁମିଙ୍ଗଟାଙ୍ଗକୁ ଚୀନର ମୁଖ୍ୟ ଭୂମିରୁ ଏକ ସଂକୀର୍ଣ୍ଣ ପ୍ରଣାଳୀ ଦେଇ ଫଂରମଜା ଦ୍ୱୀପ-ବର୍ତ୍ତମାନର ତାଇୱାନକୁ ବହିଷ୍କାର କରିଦେଇଥିଲେ । ହଂକଂ ୧୯୭୭ ପର୍ଯ୍ୟନ୍ତ ବ୍ରିଟେନର ଉପନିବେଶ ଥିଲା । ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା ତାଇୱାନକୁ ଚୀନର ମୁଖ୍ୟ ଭୂମି ସହିତ ମିଶାଇଦବା ଯାହାକି ଏକ ଅଲଗା ରାଷ୍ଟ୍ରରେ ପରିଣତ ହୋଇ ରହିଥିଲା ।

୧୯୪୫ରେ ଚୀନର ଇତିହାସରେ ସମ୍ଭବତ ସବୁଠାରୁ ବଡ ଧରଣର ବିପ୍ଳବ ଆସୁଥିଲା ଏବଂ ଏହା ଚୀନର (ଯାହାର ଅଧିକାଂଶ ବାଣିଜ୍ୟବ୍ୟବସାୟ ଫରାସୀ ବ୍ରିଟିଶ ଏବଂ ଆମେରିକୀୟମାନଙ୍କ ଦ୍ୱାରା ନିୟନ୍ତ୍ରତ ହେଉଥିଲା) ମୂଳଶ୍ରେଷ୍ଠ ଜନଦ୍ୱାରା ଆଧିପତ୍ୟ ବିସ୍ତାର କରିଥିବା କୃଷକ ବହୁଳ





ରାଷ୍ଟ୍ରକୁ ଚୀନ ଗଣରାଜ୍ୟ ନାମକ ଏକ ସମାଜବାଦୀ ରାଷ୍ଟ୍ରରେ ବଦଳାଇ ଦେଇଥିଲେ । ସମାଜବାଦୀ ରାଷ୍ଟ୍ରର ଅର୍ଥ ହେଲା ଔଦ୍ୟୋଗିକ ପ୍ରତିଷ୍ଠାନଗୁଡ଼ିକ ଉପରେ ରାଷ୍ଟ୍ରର ମାଲିକାନା ତଥା ସାମୁହିକ କୃଷି ଏବଂ ସାମୁହିକ ଭାବେ ଜମିର ମାଲିକାନା ପ୍ରାପ୍ତ କରିବା ।

କିନ୍ତୁ ୧୯୮୦ରୁ ସମାଜବାଦୀ ଦଳର ନେତୃତ୍ୱରେ ଉତ୍ପାଦନ ତଥା ବାଣିଜିକ କ୍ରିୟା କଲା ପରେ ମୁକ୍ତ ଉଦ୍ୟମକୁ ପ୍ରୋତ୍ସାହିତ କରିଥିଲା । ୧୯୯୩ ବେଳକୁ ଚୀନ ଗଣରାଜ୍ୟର ଦଶ ପ୍ରତିଶତ ଠାରୁ କମ୍ ଔଦ୍ୟୋଗିକ ଉତ୍ପାଦନ କେନ୍ଦ୍ରୀୟ ଯୋଜନାର ଅଧିନରେ ଥିଲା । ୧୯୮୦ଦଶକରେ ଚୀନ ଗଣରାଜ୍ୟରେ ନିଜ ଆର୍ଦଶର ବିରୁଦ୍ଧ ପନ୍ଥୀ ଦେଶମାନଙ୍କ ଠାରୁ ସହସ୍ର ବିଲିୟନ୍ (ଆମେରିକୀୟ) ଡଲାର ର ବିଦେଶୀ ନିବେଶକୁ ସ୍ୱାଗତ କରିଥିଲା । କେତେକ ଅର୍ଥଶାସ୍ତ୍ରୀ ଅନୁମାନ କରନ୍ତି ଯେ ଚୀନ ଗଣରାଜ୍ୟ ୨୦୨୦ ବେଳକୁ ବିଶ୍ୱର ସର୍ବ-ବୃହତ୍ତ ଅର୍ଥବ୍ୟବସ୍ଥା ହେବ ଯେପରି ଚୀନ ୧୮୦୦ ପୂର୍ବରୁ ଥିଲା । ଏଥି ସହିତ ଆର୍ଥିକ ଉଦାରୀକରଣ ଏବଂ ସରକାରୀ ନିୟନ୍ତ୍ରଣର କୋହଳତା ଦ୍ୱାରା ୧୯୪୯ ରୁ ୧୯୮୦ ମଧ୍ୟରେ ଚାଲିଥିବା ପ୍ରବୃତ୍ତିର ଗତିଧାରାକୁ ବିପରୀତ ମୁଖି କରିଥିଲା । ଯେତେବେଳେ ଚୀନ ସରକାରର ଲକ୍ଷ୍ୟଥିଲା ଚୀନ ଲୋକମାନଙ୍କୁ ସମସ୍ତ ସମ୍ଭବପର ଉପାୟରେ ଅଧିକାଧିକ ସମାନ କରିବା । ଯେତେବେଳେ ଚୀନ ଗଣରାଜ୍ୟ ପାଶ୍ଚାତ ଆକ୍ରମଣ ଏବଂ ପରମାଣୁ ଅସ୍ତ୍ରର ବିକାଶକୁ ନିନ୍ଦା କରୁଥିଲା ସେତେବେଳେ ସେ ୧୯୬୦ ଦଶକର ପ୍ରାରମ୍ଭ ବେଳକୁ ନିଜେ ଏକ ପରମାଣୁ ଶକ୍ତିବିଶିଷ୍ଟ ରାଷ୍ଟ୍ରରେ ପରିଣତ ହୋଇଥିଲା । କୋରିଆ ଯୁଦ୍ଧ (୧୯୫୦-୫୩) ସମୟରେ ଆମେରିକୀୟ ନେତାମାନେ ଚୀନ ଉପରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାର ପ୍ରୟାସ କରିଥିଲେ କହି ଚୀନ ନେତାମାନେ ନିଜର ସାମାରିକ ନିର୍ମାଣକୁ ଯୁକ୍ତି ଯୁକ୍ତି ବୋଲି ଦର୍ଶାଇଥିଲେ । ଠିକ୍ ସେହି ସମୟରେ ଚୀନ୍ ଏବଂ ସୋଭିଏତ୍ ଋଷ ମଧ୍ୟରେ ସମ୍ପର୍କରେ ତିକ୍ତତା ଦେଖା ଯାଉଥିଲା କାରଣ ମାଓ ବିଶ୍ୱାସ କରୁଥିଲେ ଯେ ମାର୍କ୍ସବାଦ ଏବଂ ଲେନିନ୍‌ବାଦକୁ ଚୀନର ସ୍ଥିତି ଅନୁସାରେ ଉପଯୋଗୀ କରାଇବା ଆବଶ୍ୟକ ଏବଂ ସେ ନିଜେ ଏବଂ ଅନ୍ୟ ନେତାମାନେ ସୋଭିଏତ୍ କର୍ତ୍ତୃତ୍ୱ ପ୍ରାଧାନ୍ୟ ପ୍ରତି ଭୟଭିତ ହୋଇ ଯାଇଥିଲେ । ୧୯୬୦ ଏବଂ ୧୯୭୦ ଦଶକ ବେଳକୁ ସୋଭିଏତ୍ ଋଷ ଆମେରିକୀୟଙ୍କ ବିରୁଦ୍ଧରେ ଲଢୁଥିବା ଭିଏତ୍‌ନାମୀ କମ୍ୟୁନିଷ୍ଟମାନଙ୍କୁ ସାମାରିକ ସାହାର୍ଯ୍ୟ ପ୍ରଦାନ କରିଥିଲା କିନ୍ତୁ ଚୀନ କରିବା ପାଇଁ ମନା କରି ଦେଇଥିଲା । ଠିକ୍ ସେତିକବେଳେ ଚୀନ ଆଫ୍ରିକାରେ ଚାଲିଥିବା ସମାଜବାଦ-ସମର୍ଥକ ଜନ-ଆନ୍ଦୋଳନକୁ ସାହାର୍ଯ୍ୟ ପ୍ରଦାନ କରିଥିଲା । ଚୀନ ତୃତୀୟ ବିଶ୍ୱର ଅନେକ ଦେଶମାନଙ୍କର ବିକାଶ ପାଇଁ ସାହାର୍ଯ୍ୟ ପ୍ରଦାନ କରିଥିଲା ।

## ୨୬.୪ ପାଠଗତ ପ୍ରଶ୍ନ

୧. ଚୀନ କମ୍ୟୁନିଷ୍ଟ ପାଟିଦ୍ୱାରା ୧୯୩୦ ଦଶକରେ ଚୀନର ଶତ୍ରୁରୂପେ ଚିହ୍ନିତ ଦୁଇଟି ରାଷ୍ଟ୍ରର ନାମ ଉଲ୍ଲେଖ କରେ ।

..............................................................................................

୨. ୧୯୮୦ରୁ ଚୀନର ସାମ୍ୟବାଦୀ ନେତୃତ୍ୱ ସମାଜବାଦ ଏବଂ ବିକାଶ ପାଇଁ ନିଜର ଚିନ୍ତାଧାରାର ସଂଶୋଧନ କରିଥିଲା । ଏହା ପ୍ରମାଣିତ କର ?

..........................................................................................

୩. ଭିଏତ୍‌ନାମର୍ ସ୍ୱାଧୀନତା ସଂଗ୍ରାମରେ ଚୀନ ଗଣରାଜ୍ୟ କଣ ସାହାର୍ଯ୍ୟ ଅଥବା ପ୍ରସ୍ତାହିତ କରିଥଲା ?

..........................................................................................

## ୨୬.୬ ଉପନିବେଶ ବାଦର ପରବର୍ତ୍ତୀ ବିଶ୍ୱରେ ବିକାଶର ସମସ୍ୟା

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତଥା ପରେ ବୃହତ୍ତ ଶକ୍ତିଗୁଡିକର ନେତୃବୃନ୍ଦମାନେ ବିଶ୍ୱ ସ୍ତରରେ ଅଧିକ ନ୍ୟାୟ ସଙ୍ଗତ-ଧନର ବିତରଣକୁ ବିଶ୍ୱର ଶାନ୍ତି ଏ ସ୍ଥାୟୀତ୍ୱ ପାଇଁ ଅନିବାର୍ଯ୍ୟ ବୋଲି ସ୍ୱୀକୃତି ପ୍ରଦାନ କରିଥିଲେ। ୧୯୪୫ ପରେ ପରେ ଧନ-ଉତ୍ପାଦନ ତଥା ବାଣିଜ୍ୟ ବ୍ୟବସାୟରେ ପ୍ରବେଶାଧିକାର ପାଇଁ ଦେଖା ଦେଇଥିବା ବିବାଦଗୁଡିକୁ ଆୟତ୍ତାଧୀନ କରିବା ପାଇଁ ସଂଯୁକ୍ତ ରାଷ୍ଟ୍ର ସଂଘ (UNO), ଆର୍ନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ (IMF) ଏବଂ ବିଶ୍ୱବ୍ୟାଙ୍କ ଭଳି ନୂତନ ବିଶ୍ୱସ୍ତରୀୟ (global) ସଂସ୍ଥାଗୁଡ଼ିକୁ ସ୍ଥାପନ କରାଯାଇଥିଲା। ଆନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ସେହି ଦେଶମାନଙ୍କ ପାଇଁ ଋଣର ବ୍ୟବସ୍ଥା କରିଥିଲା ଯେଉଁମାନେ ନିଜର ଆମଦାନୀ ଉପରେ ହେଉଥିବା ନିଜର ବ୍ୟୟକୁ ସନ୍ତୁଳିତ କରିବା ପାଇଁ ନିଜର ରପ୍ତାନୀରୁ ପର୍ଯ୍ୟାପ୍ତ ପରିମାଣର ଧନ ଅର୍ଜ୍ଜନ କରି ପାରୁନଥିଲେ। ବିଶ୍ୱବ୍ୟାଙ୍କ ଜଳସେଚନ ଏବଂ ଜଳ-ବିଦ୍ୟୁତ ପ୍ରକଳ୍ପ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଭିତ୍ତିଭୂମିନିର୍ମାଣ (Infrastructure)କାର୍ଯ୍ୟର ଉନ୍ନତି ପାଇଁ ରାଷ୍ଟ୍ରମାନଙ୍କୁ ବିକାଶ-ସହାୟତା ରାଶି ନାମରେ ଋଣ ପ୍ରଦାନ କରୁଥିଲା। ଏହି ପ୍ରକଳ୍ପଗୁଡିକ ମୁଖ୍ୟତଃ ଉତ୍ପାଦକତା ତଥା ଆର୍ଥିକ ସୁରକ୍ଷା ବଢାଇବା ପାଇଁ ଉଦ୍ଦିଷ୍ଟ ଥିଲା।

କିନ୍ତୁ ଅନେକ ଲୋକମାନେ ଯୁକ୍ତି ବାଢନ୍ତି ଯେ ଉକ୍ତ ସଂସ୍ଥାଗୁଡିକ ସେହି ରାଷ୍ଟ୍ରମାନଙ୍କର ସ୍ୱାର୍ଥକୁ ଅନୁଗ୍ରହ ପ୍ରଦାନ କରିଥିଲା ଯେଉଁଗୁଡିକ ପୂର୍ବରୁ ହିଁ ବିକଶିତ ଥିଲେ। ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ଋଣ ଗ୍ରହଣ କରୁଥିବା ସରକାରମାନଙ୍କୁ ନିଜର ନିଅଣ୍ଟିଆ ପରିସ୍ଥିତିକୁ କମ୍ କରିବା ପାଇଁ ଆଶା ପ୍ରକାଶ କରୁଥିଲା। ଏହି କାରଣରୁ ସେମାନେ ନିଜନିଜର ସାମାଜିକ ପ୍ରକଳ୍ପ ଖର୍ଚ୍ଚକୁ (ଯଥା:-ଶିକ୍ଷା, ସ୍ୱାସ୍ଥ୍ୟ ଓ ବାସଗୃହ ପାଇଁ ଖର୍ଚ୍ଚକୁ) କମାଇଥିଲେ। ଆନ୍ତଃରାଷ୍ଟ୍ରୀୟ ମୁଦ୍ରାକୋଷ ସରକାରମାନଙ୍କୁ ନିଜ ନିଜର ମୁଦ୍ରାକୁ ଅବମୂଲ୍ୟାୟନ (devaluation) କରିବା ପାଇଁ ପରାମର୍ଶ ଦେଇଥିଲା କାରଣ ଏହା ଦ୍ୱାରା ବିଶ୍ୱ ବଜାରମାନଙ୍କରେ ସେମାନଙ୍କ ଦ୍ୱାରା ରପ୍ତାନି କରାଯାଉଥିବା ଦ୍ରବ୍ୟଗୁଡିକର ଦର କମ୍ ହୋଇଥାଏ।

୧୯୪୫ ପରେ ସଂଯୁକ୍ତ ରାଷ୍ଟ୍ର ସଂଘର ସ୍ଥାୟୀ ସୁରକ୍ଷା ପରିଷଦରେ ରୁଷ, ଆମେରିକା, ରାଷ୍ଟ୍ରବାଦୀ ଚୀନ (୧୯୭୦ ପର୍ଯ୍ୟନ୍ତ), ଗ୍ରେଟବ୍ରିଟେନ ଏବଂ ଫ୍ରାନ୍ସ ସାମିଲ ହୋଇଥିଲେ। ଶୀତଳ ଯୁଦ୍ଧ ସମୟରେ ବ୍ରିଟେନ ଏବଂ ଫ୍ରାନ୍ସ ସୁରକ୍ଷା ପରିଷଦରେ ଉଠିଥିବା ଦୁଇ-ତୃତୀୟାଂଶ

ପ୍ରଶ୍ନ ଉପରେ ଆମେରିକାର ପକ୍ଷ ନେଇଥିଲେ, ଯେଉଁଥିରେ ବିଶ୍ୱର ରାଜନୀତି ତଥା ଆର୍ଥିକ ବିଷୟରେ ଆମେରିକାର ପ୍ରାଥମିକତା ଏବଂ ନିଷ୍ପତ୍ତି ବଳବତ୍ତର ରହିଥିଲା ।

ଏସିଆ, ଆଫ୍ରିକା ଏବଂ ଲାଟିନ୍ ଆମେରିକାର କିଛି ବ୍ୟକ୍ତିଙ୍କ ଦୃଷ୍ଟିରେ ବିକଶିତ ପୁଞ୍ଜିବାଦୀ ସମାଜର ନେତାମାନଙ୍କ ଦ୍ୱାରା ସ୍ୱାଧୀନତା ଏବଂ ନ୍ୟାୟ ବିଷୟରେ କରାଯାଇଥିବା ଦାବି ଲଜ୍ଜାଜନକ ବୋଲି ଅନୁମେୟ ଏବଂ ଏମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନୀତିଗୁଡିକ ଛଳନାତ୍ମକ ବୋଲି ପ୍ରତୀୟମାନ ହୁଏ । ସେହି ସମୟରେ ସାରା ବିଶ୍ୱର ଲୋକମାନେ ପତ୍ରପତ୍ରିକା, ସିନେମା ଏବଂ ଟେଲିଭିଜନ ମାଧ୍ୟମରେ ପାଶ୍ଚାତ ପୁଞ୍ଜିବାଦୀ ଜୀବନଶୈଳୀ ସହ ଗଭୀର ସମ୍ପର୍କରେ ଆସିବା ଦ୍ୱାରା ପାଶ୍ଚାତ (ବିଶେଷ କରି ଆମେରିକୀୟ) ଶୈଳୀରେ ନିଜର ଆର୍ଥିକ ତଥା ଅନ୍ୟ କ୍ରୀୟା କଳାପକୁ ପ୍ରସ୍ତୁତ କରିବା ପାଇଁ ପରୋକ୍ଷରେ ସମ୍ମତି ପ୍ରଦାନ କରିଥିଲେ ।

**ଆମେରିକୀ ଅର୍ଥଶାସ୍ତ୍ରୀ-** ଡବ୍ଲୁ. ଡବ୍ଲୁ ରୋଷ୍ଟୋ ବିଶ୍ୱାସ କରନ୍ତି ଯେ ପୂର୍ବରୁ ଥିବା ଉପନିବେଶଗୁଡିକ ବ୍ରିଟେନ ଭଳି ପ୍ରାରମ୍ଭିକ ଔଦ୍ୟୋଗିକ ରାଷ୍ଟ୍ରଦ୍ୱାରା ଅନୁସରଣ କରାଯାଇଥିବା ମାର୍ଗ ଦ୍ୱାରା ପରିଚାଳିତ ହୋଇ ନିଜର କୃଷିର ଉତ୍ପାଦନ ବୃଦ୍ଧି କରି ଏବଂ ମୁକ୍ତ ବାଣିଜ୍ୟ ନୀତି ଦ୍ୱାରା ଉଦ୍ୟୋଗର ବିକାଶ ପାଇଁ ପୁଞ୍ଜି ଏକତ୍ର କରି ଆର୍ଥିକ ଆଧୁନିକତା ଆଡକୁ ଅଗ୍ରସର ହୋଇ ପାରିବେ । ବିକାଶର ଏହି ଚିନ୍ତାଧାରାକୁ ଅଧୁନିକୀକରଣର ସିଦ୍ଧାନ୍ତ କୁହାଯାଏ ।

ପ୍ରଥମେ ଆର୍ଜେଣ୍ଟିନା ଏବଂ ପରେ ବ୍ରାଜିଲ ଉକ୍ତ ପନ୍ଥାକୁ ଅନୁସରଣ କରିବାକୁ ଚେଷ୍ଟା କରି କିଛି ଉଦ୍ୟୋଗର ବିକାଶ କରିଥିଲା ବେଳେ ଲାଟିନ ଆମେରିକା, ଆଫ୍ରିକା ଏବଂ ଏସିଆର କେତେକ ଦେଶଗୁଡିକ ୧୯୬୦ ଏବଂ ୧୯୮୦ ଦଶକ ମଧ୍ୟରେ ବିକାଶର ସଙ୍କଟର ସମ୍ମୁଖୀନ ହୋଇଥିଲେ ଏବଂ ସେଗୁଡିକର ଔଦ୍ୟୋଗୀକରଣ ସ୍ଥିର ହେବା ସହିତ ଦାରିଦ୍ର୍ୟ ବୃଦ୍ଧି ପାଇଥିଲା । ୧୯୬୦ ପରେ ଲାଟିନ ଆମେରିକାରେ ବିଦେଶୀ କମ୍ପାନୀମାନଙ୍କ ଦ୍ୱାରା ନିବେଶିତ ଧନଠାରୁ ବହୁ ଅଧିକ ଧନ(ଲାଭ ରୂପରେ) କାଢ଼ିନେଇ ଯାଇଥିଲେ । ନିଜସ୍ୱ ତଥା ଆନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ଠାରୁ ନିଆଯାଇଥିବା ଋଣ ଦ୍ୱାରା ପରିସ୍ଥିତି ସୁଧାରି ନଥିଲା । ୧୯୮୦ ଦଶକରେ ଲାଟିନ ଆମେରିକାର ଦେଶଗୁଡିକୁ ପ୍ରାୟ ୨୦୦ ବିଲିୟନ ଆମେରିକୀ ଡ଼ଲାର ଠାରୁ ଅଧିକ ଅର୍ଥ ଋଣ ବାବଦରେ ପରିଶୋଧ କରିବାକୁ ପଡ଼ିଥିଲା । ୧୯୯୦ ଦଶକର ପ୍ରାରମ୍ଭରେ ୬୦ ପ୍ରତିଶତରୁ ଅଧିକ ଲାଟିନ୍ ଆମେରିକୀ ପରିବାର ନିଜସ୍ୱ ପ୍ରାଥମିକ ଆବଶ୍ୟକତା ଯଥା:-ଖାଦ୍ୟ, ବସ୍ତ୍ର ଏବଂ ବାସଗୃହକୁ ପୂରଣ କରିବା ପାଇଁ ଆବଶ୍ୟକୀୟ ଅର୍ଥ ଉପାର୍ଜନ ପାଇଁ କାର୍ଯ୍ୟକ୍ଷମ ହୋଇ ପାରିନଥିଲେ । ଆଫ୍ରୀକାର ଆର୍ଥିକ ସ୍ଥିତି ଅତ୍ୟଧିକ ଖରାପ ଥିଲା । ୧୯୮୦ ଦଶକରେ ଜାଇରି ଏବଂ ବୁରୁଣ୍ଡି ଭଳି ଆଫ୍ରୀକାର କିଛି ଦେଶରେ ନାକାରତ୍ମକ ବୃଦ୍ଧି ଦେଖା ଦେଇଥିଲା ।

ଲାଟିନ ଆମେରିକାର ଅର୍ଥଶାସ୍ତ୍ରୀ ତଥା ରାଜନୀତିର ବୈଜ୍ଞାନିକମାନେ ରୋଷ୍ଟୋ ଭଳି ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ଯୁକ୍ତିକୁ ଏବଂ କିଛି ପାଶ୍ଚାତ ନେତାମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ବିକାଶ ସମ୍ବନ୍ଧୀୟ ସିଦ୍ଧାନ୍ତକୁ ସମାଲୋଚନା କରିଥିଲେ । ଉକ୍ତ ସମାଲୋଚନାମୂଳକ ବିଚାରକୁ ବେଳେ ବେଳେ ନିର୍ଭରତା ନୀତି ଅଥବା ନିମ୍ନ ବିକାଶ (under development)ର ସିଦ୍ଧାନ୍ତ କୁହାଯାଏ ।

ଟିପ୍ପଣୀ

ରାଓଲ ପ୍ରେବିଶ୍ଚ (Raul Prebisch)ଏବଂ ଅନ୍ୟ ନିର୍ଭରତା ସିଦ୍ଧାନ୍ତବାଦିମାନେ ଜୋର ଦେଇ କହନ୍ତି ଯେ ଶତାବ୍ଦି ଧରି ସ୍ପେନୀୟ ତଥା ପର୍ତ୍ତୁଗାଲୀ ଶାସନ ତା'ପରେ ଦଶନ୍ଧି ଧରି ବ୍ରିଟେନ୍, ଆମେରିକୀ ତଥା ଅନ୍ୟ ଦେଶମାନଙ୍କ ଦ୍ୱାରା ଆର୍ଥିକ ପ୍ରଭୁତ୍ୱ ବିସ୍ତାର ହେତୁ ଅଧିକାଂଶ ଲାଟିନ୍ ଆମେରିକୀୟମାନେ ବିଶେଷ କରି ନିଯୁକ୍ତି ଏବଂ ଆର୍ଥିକ ସମ୍ପଦର ବ୍ୟବହାର କରିବା ଭଳି ଭୌତିକ ପରିସ୍ଥିତିରେ ନିଜ ନିଜର ସ୍ୱାଧୀନତାକୁ ଉପଯୋଗ କରିବା ପାଇଁ ଅସମର୍ଥ ହୋଇଥିଲେ ।

ପ୍ରେବିଶ୍ଚଙ୍କ ଭଳି ୱାଲ୍ଟର ରୋଡ଼ନେ (Walter Rodney)୧୯୭୦ ଦଶକରେ ଆଫ୍ରିକାରେ ନିରୀକ୍ଷଣ କରି ଦେଖିଥିଲେ ଯେ ଶତାବ୍ଦୀ ଧରି ଉପନିବେଶ ବାଦରୁ ସୃଷ୍ଟି ହୋଇଥିବା"ନିର୍ଭରତାର ନମୁନାରୁ"(dependency pattern)ଉପନିବେଶଗୁଡ଼ିକ ସୁରୁଖୁରୁରେ ବାହାରି ପାରୁନାହାନ୍ତି । (ଉପନିବେଶବାଦର ଆଲୋଚନା ୟୁନିଟ ୫.୧ରେ ଦେଖ) । ଏମାନେ ଗୁରୁତ୍ୱ ଦେଇ ପ୍ରକାଶ କରନ୍ତି ଯେ ଯେଉଁ ପର୍ଯ୍ୟନ୍ତ ବଡ଼ ଜମିଦାରମାନେ ଗରିବ ଚାଷୀ ଏବଂ ଶ୍ରମିକମାନଙ୍କୁ ଶୋଷଣ ବନ୍ଦ ନ କରିବେ ସେତେ ପର୍ଯ୍ୟନ୍ତ କୃଷି ଅନୁନ୍ନତ ରହିବ । ଏଥିପାଇଁ ବଡ଼ ଜାଗୀରି (ଭାରତର ଜମିଦାରୀ ଭଳି)ଗୁଡ଼ିକୁ ଭାଙ୍ଗି କୃଷକମାନଙ୍କ ମଧ୍ୟରେ ପୁନଃ ବିତରଣ କରିବା ଦରକାର ।

ତୃତୀୟ ବିଶ୍ୱର ଅନେକ ସଫଳ ରାଜନେତାମାନେ ସୋଭିଏତ୍ ସଂଘ ତଥା ଚୀନ୍‌ର ଅନୁଭୂତି ଉପରେ ଆଧାରିତ କଠିନ ଓ ସାହସ ପୂର୍ଣ୍ଣ ଉଦ୍ୟମ ତଥା ସମ୍ପଦ ଉପରେ ରାଷ୍ଟ୍ରର ପ୍ରଭୁତ୍ୱ ଅଥବା ନିୟନ୍ତ୍ରଣ ଉପରେ ଆଧାରିତ ଆର୍ଥିକ ବିକାଶର ରଣ କୌଶଳକୁ ଅନୁସରଣ କରିଥିଲେ । ଏମାନେ ବିଦେଶୀ ରାଷ୍ଟ୍ର ତଥା ନିବେଶକମାନଙ୍କୁ ଅଧିକ ମାତ୍ରାରେ ଲାଭାଂଶ ଯିବାକୁ ମଧ୍ୟ ପ୍ରତିରୋଧ କରିଥିଲେ । ଏହା ବ୍ୟତୀତ ବିନା ଖର୍ଚ୍ଚରେ ଶିକ୍ଷା ଏବଂ ସୁଲଭ ସ୍ୱାସ୍ଥ୍ୟ ସେବା ଇତ୍ୟାଦି ମାଧ୍ୟମରେ ଗରୀବମାନଙ୍କର ଉତ୍ଥାନ ପାଇଁ ମଧ୍ୟ ଚେଷ୍ଟାରତ ଥିଲେ । ଉଦାହରଣ ସ୍ୱରୂପ କ୍ୟୁବାରେ ଫାଇଡେଲ କେଷ୍ଟ୍ରୋ (Fidol Castro) ୧୯୫୦ ଦଶକରେ ଏକ ଜାତୀୟତାବାଦୀ ଆନ୍ଦୋଳନର  ନେତୃତ୍ୱ ଗ୍ରହଣ କରିଥିଲେ ଏବଂ କ୍ୟୁବାର ଜନତାଙ୍କ ହିତପାଇଁ ଉକ୍ତ ନୀତିମାନ ଅନୁସରଣ କରିଥିଲେ । ଏହି କେଷ୍ଟ୍ରା ବିଦ୍ରୋହ କେତେକ ଲାଟିନ ଆମେରିକୀୟ ଦେଶରେ ବେଶ୍ ଲୋକପ୍ରିୟ ହୋଇ ପାରିଥିଲା । ଏହା ନିଜ ଦେଶରେ ଆମେରିକା ଦ୍ୱାରା ପ୍ରେରିତ ଏକଛତ୍ରବାଦୀ ଏବଂ ଚାଲିଥିବା ବିଦେଶୀ ପ୍ରଭାବ ବିରୁଦ୍ଧରେ କ୍ରୋଧ ପ୍ରକାଶ କରିଥିଲା । ଅଧିକାଂଶ କ୍ୟୁବାର ନାଗରିକମାନଙ୍କର ଜୀବନ ଯାପନ ପ୍ରଣାଳୀ ଧନୀ ଦେଶ ଲୋକଙ୍କ ଅପେକ୍ଷା ଅଧିକ ଉଚ୍ଚକୋଟୀର ଥିଲା ।

୧୯୬୦ ମସିହା ପରେ ଅନ୍ୟ ଲାଟିନ ଆମେରିକୀୟ ଦେଶମାନେ କେତେକ ବିଷୟରେ କ୍ୟୁବାର ଉଦାହରଣ ଅନୁସରଣ କରିଥିଲେ । ସଲଭାଡର ଏଲେଣ୍ଡି (Salvador Allende)ଏକ ସମାଜବାଦୀ ରୂପେ ଚିଲୀର ରାଷ୍ଟ୍ରପତି ଭାବେ ୧୯୭୦ରେ ନିର୍ବାଚିତ ହୋଇଥିଲେ । ନିଜର ସଂକ୍ଷିପ୍ତ କାର୍ଯ୍ୟକାଳ ସମୟରେ ସେ ଚିଲୀର ବିଦେଶୀ ନିଗମମାନଙ୍କ ଦ୍ୱାରା ନିୟନ୍ତ୍ରିତ ଖଣିଜ ସମ୍ପଦକୁ "ରାଷ୍ଟ୍ରୀୟକରଣ" କରିବା ପାଇଁ ପ୍ରୟାସ କରିଥିଲେ । ଆମେରିକାର ସାହାଯ୍ୟ ଦ୍ୱାରା ଏକ ଆଭ୍ୟନ୍ତରୀଣ ଶତ୍ରୁ ତାଙ୍କୁ ଗାଦିଚ୍ୟୁତ କରି ୧୯୭୩ ମସିହାରେ ତାଙ୍କୁ ହତ୍ୟା କରିଥିଲେ ଦେଇଥିଲେ ଏବଂ ତାଙ୍କ ସ୍ଥାନରେ ଏକ ଏକଛତ୍ର ଶାସକ (ଜେନେରାଲ ପିନୋଚେଟ୍ General



ଟିପ୍ପଣୀ

Pinochet)ଙ୍କୁ ୧୯୯୦ ପର୍ଯ୍ୟନ୍ତ ଶାସନରେ ବସାଇଥିଲେ । ନିକଟ ଅତୀତରେ ଏକ ସେନାଧିକାରୀ ହ୍ୟୁଗୋ ଚାଭେଜ (Hugo Chavez)୧୯୯୮ରେ ଭେନେଜୁଆଲାର ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ଭେନେଜୁଆଲାକୁ ଦାରିଦ୍ରତାରୁ ମୁକ୍ତି କରିବା ପାଇଁ ସେ ରାଷ୍ଟ୍ରାୟତ ତୈଳ କମ୍ପାନୀମାନଙ୍କଠାରୁ ପ୍ରାପ୍ତ ରାଜସ୍ୱକୁ ବିନିଯୋଗ କରିଥିଲେ । ତାଙ୍କ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସାମାଜିକ କାର୍ଯ୍ୟକ୍ରମ ଉପରେ ସରକାରୀ ବ୍ୟୟ ନାଟକୀୟ ଭାବେ ବୃଦ୍ଧି କରାଯାଇଥିଲା ଏବଂ ସେ ସଫଳତାର ସହିତ ଆମେରିକାର ମୁକାବିଲା କରି ପାରିଥିଲେ । କ୍ୟୁବାରେ କାଷ୍ଟ୍ରୋଙ୍କ ଶାସନ ଏବଂ ଭେନେଜୁଆଲାରେ ଚାଭେଜଙ୍କ ଉତ୍ଥାନ ଜାତୀୟତାବାଦୀ ବିକାଶଶୀଳ ବିଶ୍ୱର ମାର୍ଗରେ ବଳ ଏବଂ ବିକାଶରେ ଲୋକାଭିମୁଖି ଦୃଷ୍ଟାନ୍ତକୁ ପ୍ରଦର୍ଶିତ କରିଥିଲା ।

## ୨୬.୫ ପାଠଗତ ପ୍ରଶ୍ନ

ବାମ ସ୍ତରରେ ଦିଆଯାଇଥିବା ଶବ୍ଦଗୁଡିକୁ ଡ଼ାହାଣ ସ୍ତମ୍ଭର ଦିଆଯାଇଥିବା ଶବ୍ଦ ସହିତ ମିଳାଅ ।

| | | | |
|---|---|---|---|
| ୧. | ଡ଼ବ୍ଲୁ ଡ଼ବ୍ଲୁ ରୋଷ୍ଟୋ | - | ବଳକାଦେୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ |
| ୨. | ଆର୍ନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ | - | କ୍ୟୁବା |
| ୩. | ପ୍ରିବିଶ୍ଚ | - | ଭେନେଜୁଆଲାର ରାଷ୍ଟ୍ରୀୟ ନେତା |
| ୪. | ଫାଇଡ଼େଲ କେଷ୍ଟ୍ରୋ | - | ଆଧୁନିକୀକରଣର ସିଦ୍ଧାନ୍ତ |
| ୫. | ଚାଭେଜ | - | ଆଶ୍ରିତର ସିଦ୍ଧାନ୍ତ |

## ତୁମେ କ'ଣ ଶିଖିଲ

ଆଜିର ପୃଥିବୀ ଅନେକ ଜାତୀୟ ରାଷ୍ଟ୍ରରେ ବିଭାଜିତ ହୋଇଅଛି । ଯେଉଁମାନେ ନିଜ ନିଜର ମାମଲାରେ ନିର୍ଣ୍ଣୟ ନେବା ପାଇଁ ପୁରାପୁରି ମୁକ୍ତ । ୟୁରୋପୀୟ ଦେଶଗୁଡିକ ଏବେ ନିଜଠାରୁ ବୃହତ୍ତ ତଥା ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ ଉପରେ ଶାସନ କରୁ ନାହାନ୍ତି । ଶତାଧିକ ଜାତୀୟ ସ୍ୱାଧୀନତା ସଂଗ୍ରାମ, ଯେଉଁଗୁଡିକ ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଆରମ୍ଭ ହୋଇଥିଲା, ଯୁଦ୍ଧ ପରେ ପରେ ସଫଳ ହୋଇଥିଲେ । ଦେଶ ଦେଶ ମଧ୍ୟରେ ବିବାଦ ଏବଂ ଜାତୀୟ ସ୍ୱତନ୍ତ୍ରତା ଆନ୍ଦୋଳନଗୁଡିକ (ଲୋକମାନେ ନିଜ ରାଷ୍ଟ୍ର ଗଠନ ପାଇଁ ଅଥବା ଅନ୍ୟ ରାଷ୍ଟ୍ରରେ ମିଶିବା ପାଇଁ) ଚାଲୁଥିବା ସମୟରେ ଉକ୍ତ ବିବାଦକୁ କମାଇବା ପାଇଁ ପରଦେଶୀୟ ସଂସ୍ଥା ଏବଂ ସଂଗଠନଗୁଡିକ ରହିଥିଲେ । ଏମାନଙ୍କ ମଧ୍ୟରୁ କେତେକ ସଂଗଠନଗୁଡିକ ପୂର୍ବ ଉପନିବେଶଗୁଡିକୁ ଏବଂ ଅନ୍ୟାନ୍ୟ ଦରିଦ୍ରତମ ଅଞ୍ଚଳଗୁଡିକର ବିକାଶ ପାଇଁ ଗଠନ କରାଯାଇଥିଲା । ତଥାପି ଜାତୀୟ ସ୍ୱାଧୀନତା ସଂଗ୍ରାମର ଆରମ୍ଭ ହେବାର ପଚାଶ ବର୍ଷ ପରେ ମଧ ପାଞ୍ଚ-ଛଅଟି ରାଷ୍ଟ୍ର ଅନ୍ୟ ସମସ୍ତ ରାଷ୍ଟ୍ରର ସମ୍ମିଳିତ ଧନରାଶି ଅପେକ୍ଷା ଅଧିକ ଧନକୁ ନିଜ ନିଜର ନିୟନ୍ତ୍ରଣରେ ରଖିପାରିଛନ୍ତି । ବିଶ୍ୱର ଅସମାନ ଆର୍ଥିକ ଶକ୍ତି ବିଷୟରେ ତର୍କ ମଧ ଚାଲୁ ରହିଅଛି ।

ଟିପ୍ପଣୀ

## ପାଠାନ୍ତ ପ୍ରଶ୍ନ

୧. ପୁରାତନ ଆଧୁନିକ ବିପ୍ଳବ (ଫ୍ରାନ୍ସ ଏବଂ ଆମେରିକାର) ଏବଂ ୧୯୧୭ ମସିହାର ଋଷ ବିପ୍ଳବ କିପରି ଭାବେ ବିଂଶ ଶତାବ୍ଦୀର ଜାତୀୟ ମୁକ୍ତି ଆନ୍ଦୋଳନକୁ ପ୍ରଭାବିତ କରିଥିଲା ?

..............................................................................................

୨. ଉପନିବେଶ-ବିରୋଧୀ ସଂଗ୍ରାମରେ ଏପରି କିଛି ନେତାଙ୍କ ବିଷୟରେ ଉଲ୍ଲେଖ କର ଯେଉଁମାନେ ନିଜ ଔପନିବେଶିକ ରାଷ୍ଟ୍ରରେ ରହି କାର୍ଯ୍ୟ କରୁଥିଲେ ?

..............................................................................................

୩. କେଉଁ ଉପନିବେଶ-ବିରୋଧୀ ଜାତୀୟ ସ୍ୱାଧୀନତା ସଂଗ୍ରାମ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭରେ ହୋଇଥିଲା ବା ସେଥିରୁ ସୃଷ୍ଟି ହୋଇଥିଲା ?

..............................................................................................

୪. ଏହା କହିବା କ'ଣ ପାଇଁ ଉଚିତ୍ ହେବ ଯେ ବିଂଶ ଶତାବ୍ଦୀର ଚୀନ୍ ବିପ୍ଳବ ଇତିହାସର ମହାନ୍ତମ ବିପ୍ଳବ ହୋଇ ରହିଅଛି ?

..............................................................................................

୫. ରାଷ୍ଟ୍ରୀୟ ବିକାଶର କିଛି ପ୍ରମୁଖ (ଭିନ୍ନ) ରଣ ନୀତି ଗୁଡ଼ିକର ବର୍ଣ୍ଣନା କର ।

..............................................................................................

୬. ବିଶ୍ୱ ବ୍ୟାପାର ଏବଂ ବିକାଶରେ ସମାନତା ଆଣିବା ପାଇଁ କ'ଣ କ'ଣ ଆନ୍ତର୍ଜାତୀୟ ସଂସ୍ଥାଗୁଡ଼ିକୁ ଗଠନ କରାଯାଇଅଛି ?

..............................................................................................

## ପାଠଗତ ପ୍ରଶ୍ନର ଉତ୍ତର

**୨୬.୧**

୧. ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, କାନାଡା

୨. ଉପନିବେଶୀ ଜନତାଙ୍କୁ ସାର୍ବଭୌମ ସୈନ୍ୟବାହିନୀରେ ସାମିଲ କରିବ । ଏବଂ ଯୁଦ୍ଧ ସରଞ୍ଜାମ ଉତ୍ପାଦନରେ ଯୋଗଦାନ ଉପନିବେଶର ଲୋକମାନଙ୍କୁ ପୂର୍ଣ୍ଣ ନାଗରିକ ଅଧିକାର ଏବଂ ଜାତୀୟ ସ୍ୱାଧୀନତା ପାଇଁ ପ୍ରେରଣା ପ୍ରଦାନ କରିଥିଲା ।

୩. ଆଲ୍‌ଜେରିଆ, ମଳୟ, ଏଙ୍ଗୋଲା, ମୋଜାମ୍ବିକ, ଭିଏତ୍‌ନାମ୍

**୨୬.୨**

୧. ଆଫ୍ରିକାର ଏକଛତ୍ର ଶାସନ





୨. ଇଣ୍ଡୋନେସିଆ

୩. ଭାରତ

୪. ୧୯୪୫ରେ ସ୍ଥାପିତ

**୨୬.୩**

୧. ୧୯୪୫ ପରେ ପରେ ସୋଭିଏତ୍ ରୁଷ ଅନେକ ସ୍ୱାଧୀନତା ସଂଗ୍ରାମକୁ ସାହାଯ୍ୟ ପ୍ରଦାନ କରିଥିଲା । ଆମେରିକା କେତେକ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ବିରୋଧ କରିଥିଲା ଏବଂ କେତେକକୁ ପ୍ରସ୍ତୋହିତ କରିଥିଲା । ମହାଶକ୍ତିମାନେ ଏହି କଥା ଉପରେ ଧ୍ୟାନଦେଇ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଅଥବା ବିରୋଧ କରୁଥିଲେ ଯେ ଏହାଦ୍ୱାରା ତାର ବିରୋଧୀ ମାନଙ୍କ ଉପରେ କଣ ପ୍ରଭାବ ପଡିବ ।

୨. ଦକ୍ଷିଣ କୋରିଆ , ତାଇଓ୍ୱାନ, ହଂଗକଂଗ, ସିଂଗାପୁର

୩. ଆଫ୍ରିକା ଏବଂ ଲାଟିନ ଆମେରିକା

**୨୬.୪**

୧. ସୋଭିଏତ୍ ସଂଘ ସହିତ ଜାପାନ ଆମେରିକା ଏବଂ ଚୀନ ଲୋକ ତାନ୍ତ୍ରିକ ଗଣରାଜ୍ୟର ସମ୍ପର୍କ ୧୯୫୭ ପର ତୁଳନାରେ ପ୍ରଥମରୁ ଉତ୍ତମ ଥିଲା । ଚୀନ ଗଣରାଜ୍ୟର ବ୍ରିଟେନ ସହିତ ଖରାପ ସମ୍ପର୍କ ଥିଲା କାରଣ ଏହାର ହଂଗକଂଗ ଉପରେ ସେ ଅଧିକାର ସାବ୍ୟସ୍ତ କରିଥିଲା (୧୯୯୭ ପର୍ଯ୍ୟନ୍ତ)

୨. ୧୯୮୦ରେ ଚୀନ କମ୍ୟୁନିଷ୍ଟ ପାଟିର ପିଛିଲା ତିନି ଦଶକ ତୁଳନାରେ ଉଦ୍ୟୋଗ ଏକ ଛୋଟ ଅଂଶ ଉପରେ ନିୟନ୍ତ୍ରଣ ଥିଲା ଏବଂ ସେ ବିଶାଳ ବିଦେଶୀ ନିବେଶକୁ ଆମନ୍ତ୍ରିତ ଏବଂ ପ୍ରାପ୍ତ ମଧ୍ୟ କରିଥିଲା ।

୩. ଚୀନ ଗଣରାଜ୍ୟ ଆମେରିକା ବିରୁଦ୍ଧରେ ଭିଏତ୍‌ନାମକୁ ସହାୟତା ଦେଇନଥିଲା କିନ୍ତୁ ସମାଜବାଦୀ ଆଦର୍ଶ ଅନୁସାରେ ତାଙ୍କୁ ଏହା କରିବାର ଉଚିତ୍ ଥିଲା ।

**୨୬.୫**

୧. ଆଧୁନିକୀ କରଣର ସିଦ୍ଧାନ୍ତ

୨. ବଳକା-ଦେୟପ୍ରଦାନ ବିଷୟରେ ସମସ୍ୟାର ନିବାରଣ

୩. ନିର୍ଭରତାର ସିଦ୍ଧାନ୍ତ

୪. କ୍ୟୁବା

୫. ଭେନେଜୁଆଲାର ରାଷ୍ଟ୍ରୀୟନେତା

## ପାଠାନ୍ତ ପ୍ରଶ୍ନ ପାଇଁ ସଂକେତ

୧. ପାରା ୨୬.୧ ଦେଖ

୨. ପାରା ୨୬.୪ ଦେଖ

୩. ପାରା ୨୬.୨ ଦେଖ

୪. ପାରା ୨୬.୫ ଦେଖ

୫. ପାରା ୨୬.୬ ଦେଖ ଉପପାରା ୪ରୁ ୯

୬. ପାରା ୨୬.୬ ଉପପାରା ୧.୨

ଟିପ୍ପଣୀ

## ଶବ୍ଦାବଳୀ

ଉପନିବେଶକରଣରୁ ମୁକ୍ତ - ଏହା ସାମ୍ରାଜ୍ୟବାଦର ଓଲଟା ପ୍ରକୀୟା ଅଟେ । ଯେଉଁଠାରେ ଉପନିବେଶ ରାଜନୈତିକ ଦୃଷ୍ଟିରେ ସ୍ୱତନ୍ତ୍ରରାଷ୍ଟ୍ରରେ ପରିଣତ ହେଉ ଥିଲା ଐତିହାସିକ ଦୃଷ୍ଟିରୁ ୧୯୪୫ରୁ ୧୯୯୦ର ମଧ୍ୟବର୍ତ୍ତୀ ସମୟକୁ କୁହାଯାଏ ।

ଶୀତଳ ଯୁଦ୍ଧ - ୧୯୪୫ରୁ - ୧୯୯୦ ପର୍ଯ୍ୟନ୍ତ ସମୟରେ ଦୁଇ ନୂଆ ମହାଶକ୍ତିମାନେ ନିଜ ମଧ୍ୟରେ ସିଧା ସଳଖ ଯୁଦ୍ଧ ନକରି ଅନ୍ୟର ସାମ୍ରାଜ୍ୟ ବିସ୍ତାରକୁ ବିରୋଧ କରିବା ଆରମ୍ଭ କରିଥିଲେ । ଏହାର ମୁଖ୍ୟ ସଂଘର୍ଷ ଥିଲା ସୋଭିଏତ୍ ସଂଘ ଦ୍ୱାରା ଭିଏତ୍‌ନାମ ରାଷ୍ଟ୍ରୀୟ ସ୍ୱାଧୀନତା ସଂଗ୍ରାମକୁ ସହାୟତା ପ୍ରଦାନ ଏବଂ ଆମେରିକା ଦ୍ୱାରା ସୋଭିଏତ ସଂଘ ବିରୁଦ୍ଧରେ ଯୁଦ୍ଧରତ ଆଫଗାନୀ ସ୍ୱତନ୍ତ୍ରତା ସୈନ୍ୟଙ୍କୁ ସାହାର୍ଯ୍ୟ କରିବା ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ - ୧୯୫୦ ପୂର୍ବବର୍ତ୍ତୀ ଉପନିବେଶ ରାଷ୍ଟ୍ରମାନଙ୍କରେ ଏକ ସଂଘ । ଉକ୍ତ ରାଷ୍ଟ୍ରଗୁଡିକ ଆମେରିକା ଓ ସୋଭିଏତ୍ ସଂଘ ଉପରେ ନୂଆକରି ନିର୍ଭର କରିବାକୁ ଚାହାନ୍ତି ନାହିଁ । ଏଥିରେ ଭାରତ , ପାକିସ୍ତାନ, ଇଜିପ୍‌ଟ, କ୍ୟୁବା, ଇଣ୍ଡୋନେସିଆ ଆଦି ରାଷ୍ଟ୍ର ଅର୍ନ୍ତଭୁକ୍ତ । ନିରପେକ୍ଷ ରହିବାର ଶପଥ ନେଇଥିଲେ ମଧ୍ୟ କେତେକ ରାଷ୍ଟ୍ର ସାମରିକ ସୁରକ୍ଷା, ବାଣିଜ୍ୟ ବ୍ୟାପର ଏବଂ ଆର୍ଥିକ ବିନିମୟ ଭଳି କାର୍ଯ୍ୟକ୍ରମରେ କୌଣସି ଏକ ମହାଶକ୍ତି ଉପରେ ନିର୍ଭର କଲେଣି ।

ତୃତୀୟ ବିଶ୍ୱ - ବିକାଶ (ଆର୍ଥିକ ଆଧୁନିକୀକରଣ) ର ଆବଶ୍ୟକତା ଥିବା ପୂର୍ବବର୍ତ୍ତୀ ଉପନିବେଶିକ ରାଷ୍ଟ୍ରଗୁଡିକ ଦର୍ଶାଇବା ପାଇଁ ୧୯୫୦ ଦଶକର ପ୍ରାରମ୍ଭରେ ଗଢାଯାଇଥିବା ଶବ୍ଦ । ପ୍ରଥମ ବିଶ୍ୱ ଯୁକେ, ଆମେରିକା ଏବଂ କାନାଡା ସହିତ ଧନୀ ପୁଞ୍ଜିବାଦୀ ଏବଂ ଅଣକମୁନିଷ୍ଟ ରାଷ୍ଟ୍ରମାନଙ୍କୁ କୁହାଯାଏ । ଦ୍ୱିତୀୟ ବିଶ୍ୱରେ (୧୯୯୦ ପର୍ଯ୍ୟନ୍ତ) ସୋଭିଏତ୍ ସଂଘ





ଏବଂ ଏହାର ସମାଜବାଦୀ ମାର୍ଗ ଅବଲମ୍ବନ କରୁଥିବା ଅନ୍ୟାନ୍ୟ ୟୁରୋପୀୟ ଦେଶ ଅଛନ୍ତି ଯେପରି ପୋଲାଣ୍ଡ ଏବଂ ବୁଲଗେରିଆ ।

ବିକାଶ ସହାୟତା - ଧନୀ ରାଷ୍ଟ୍ର(ବା ଏହି ରାଷ୍ଟ୍ରମାନଙ୍କର ସଂଘ) ଦ୍ୱାରା ଗରିବ ଦେଶମାନଙ୍କୁ ତାଙ୍କର ଆର୍ଥିକ ଆଧୁନିକୀକରଣ ପାଇଁ ଦିଆ ଯାଉଥିବା ଧନ ଅଥବା ଋଣ ରାଶି । ଶୀତଳ ଯୁଦ୍ଧ ସମୟରେ ମହାଶକ୍ତି ଅଥବା ଏମାନଙ୍କର ସହଯୋଗୀ ରାଷ୍ଟ୍ରଦ୍ୱାରା ବିକାଶ ସହାୟତା ରାଶି ପ୍ରଦାନକରି ଉପନିବେଶିକ ରାଷ୍ଟ୍ରମାନଙ୍କୁ ଆମେରିକା ବା ସୋଭିଏତ୍ ଋଷର ପକ୍ଷଭୁକ୍ତ କରିବା ପାଇଁ ପ୍ରୟାସ କରାଯାଇଥିଲା ।

ଆଧୁନିକୀକରଣର ସିଦ୍ଧାନ୍ତ - ଆମେରିକାର ଅର୍ଥଶାସ୍ତ୍ରୀ ଡବ୍ଲ୍ୟୁ.ଡବ୍ଲ୍ୟୁ.ରୋଷ୍ଟୋଙ୍କ ଦ୍ୱାରା ୧୯୫୦ ଦଶକରେ ପ୍ରତିପାଦିତ ଆର୍ଥିକ ବିକାଶର ସିଦ୍ଧାନ୍ତ । ସେ ବିଶ୍ୱାସ କରୁଥିଲେ ଯେ ଆର୍ଥିକବିକାଶ ଏବଂ ଆଧୁନିକୀକରଣରେ ଔଦ୍ୟୋଗୀକରଣ /ଶିଳ୍ପାୟନ ଅନ୍ତର୍ଭୁକ୍ତ ହେବ କିନ୍ତୁ ଏହା ପୁଞ୍ଜୀବାଦୀ କୃଷିର ବିକାଶର ଆଗରୁ ହେବା ଦରକାର । ମୋଟ ଉପରେ କହିବାକୁ ଗଲେ ବ୍ରିଟେନ, ଆମେରିକା, ଓ ଜର୍ମାନୀ ଏପରି ଉଦାହରଣ ଥିଲେ ଯାହାକୁ ତୃତୀୟ ବିଶ୍ୱର ଦେଶମାନେ ଅନୁସରଣ କଲେ ।

ବଜାରର ସମାଜବାଦ - ଚୀନ ଲୋକ ତାନ୍ତ୍ରିକ ଗଣରାଜ୍ୟର ନେତାମାନଙ୍କ ଦ୍ୱାରା ୧୯୮୦ ମସିହାରୁ ନିଜର ବିକାଶ ପାଇଁ ମିଶ୍ରିତ ବା ସଂଯୁକ୍ତ ରଣନୀତକୁ ପରିଭାଷିତ କରିବା ପାଇଁ ଶବ୍ଦ । ସାରା ଦେଶରେ ସଶକ୍ତ କେନ୍ଦ୍ରୀୟ (ଆର୍ଥିକ) ଯୋଜନା ଏବଂ ସମ୍ପଦ ଉପରେ (ଉତ୍ପାଦନ ସାମଗ୍ରୀ ରାଷ୍ଟ୍ରରେ ପ୍ରଭୁତ୍ୱକୁ ବଜାଇ ରଖି, ଯାହାକୁ ୧୯୮୦ ମସିହା ପୂର୍ବରୁ ଥିଲା ।)ବିଦେଶୀ ଅଶଂଧନକାରୀ ମାନଙ୍କୁ ପୁଞ୍ଜିପତି ସହିତ ନିଜସ୍ୱ ନିବେଶକମାନଙ୍କୁ ଲାଭ କରିବା ଅନୁମତି ଦିଆଯାଇଥାଏ । ବିଦେଶୀ ଅଶଂଧନକାରୀ ମାନଙ୍କୁ ପୁଞ୍ଜୀପତି ମାନଙ୍କ ସହିତ ନିଜ ନିଜର ନିବେଶକ ମାନଙ୍କ ପାଇଁ ଲାଭ କରିବା ଉଦ୍ଦେଶ୍ୟରେ ଅନୁମତି ପ୍ରଦାନ କରାଯାଥିଲା । ବିଶେଷ "ମୁକ୍ତ ଉଦ୍ୟମ କ୍ଷେତ୍ର"କୁ ମାନ୍ୟତା ପ୍ରଦାନକରି ଚୀନ ସେଥିରେ ପୁଞ୍ଜୀବାଦୀ କାର୍ଯ୍ୟ ଚଳାଇବା ପାଇଁ ଅନୁମତି ଦେଇଥିଲା ।

## ମଡ୍ୟୁଲ - ୫

**ସମସାମୟୀକ ବିଶ୍ୱ**



**ଟିପ୍ପଣୀ**

# ୨୭

# ସାମାଜିକ ପରିବର୍ତ୍ତନ

୨୬ତମ ଅଧ୍ୟାୟରେ ତୁମ୍ଭେମାନେ ଉନ୍ନବିଂଶ ଶତାବ୍ଦୀରେ ହୋଇଥିବା ଔପନିବେଶକ ବିସ୍ତାର ତଥା ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଫଳସ୍ୱରୂପ ହୋଇଥିବା ପରିବର୍ତ୍ତନ ଅଧ୍ୟୟନ କଲା ପରେ ଉକ୍ତ ଅଧ୍ୟାୟରେ ଆମ୍ଭେ ବିଂଶଶତାବ୍ଦୀରେ ଉକ୍ତ ସାମାଜିକ ପ୍ରକ୍ରିୟାର ତୀବ୍ରତା ଏବଂ ଗଭୀର ପ୍ରଭାବର ଅଧ୍ୟୟନ କରିବା ଯାହାକି ଉନ୍ନବିଂଶ ଶତାବ୍ଦୀର ପରିଚୟ ପ୍ରଦାନକରି ମାନବ ଜୀବନ ଉପରେ ପ୍ରଗାଢ଼ ପ୍ରଭାବ ପକାଇଥିଲା ।

ବିଂଶଶତାବ୍ଦୀର ଶେଷ ଦଶକ ୟୁରୋପରେ ସମାଜବାଦୀ ସମାଜ ଏବଂ ପୁଞ୍ଜିବାଦୀ ଜନମଙ୍ଗଳ ପତନ ହୋଇଥିଲା । ଏହାଦ୍ୱାରା ପୁଞ୍ଜିବାଦୀ ଦେଶ ମାନଙ୍କରେ ଏବଂ ପୁଞ୍ଜିବାଦୀ ଦେଶମାନଙ୍କ ରାଜ୍ୟରେ ଘୋର ଅସାମାନତା ବୃଦ୍ଧି ପାଇଥିଲା । ଆମ୍ଭେ ଏହା ବିଷୟରେ କିଛି ଜାଣିବା ସହିତ ପୁଞ୍ଜିବାଦ ତଥା ସମାଜବାଦୀ ସଂଗଠନ ଗୁଡ଼ିକର ଭିନ୍ନତା ଏବଂ ସମାଜିକ ପରିବର୍ତ୍ତନ ଗୁଡ଼ିକର ମଧ୍ୟ ଅଧ୍ୟୟନ କରିବା ।

**ଉଦ୍ଦେଶ୍ୟ:**

**ଉକ୍ତ ପାଠ ଅଧ୍ୟୟନ କରିବାପରେ ତୁମେ**

- ଔଦ୍ୟୋଗୀକରଣର ବିକାଶ ଦ୍ୱାରା ବିଶ୍ୱର ଅଧିକାଂଶ ଭାଗରେ ହୋଇଥିବା ମୌଳିକ ସାମାଜିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିପାରିବ ।
- ଜାଣିପାରିବ ଯେ ପ୍ରଥମରୁ ବିକଶିତ ଦେଶ ତଥା ବିଂଶଶତାବ୍ଦୀରେ ଉପନିବେଶ ବାଦର ମୁକ୍ତ ହୋଇଥିବା ଦେଶ ମଧ୍ୟରେ ଥିବା ବିକାଶର ଅନ୍ତର ।
- ସମୟ ସହିତ ବିକଶିତ ଦେଶମାନଙ୍କରେ ହୋଇଥିବା ପରିବର୍ତ୍ତନର ମଧ୍ୟ ଅଧ୍ୟୟନ କରିପାରିବା
- ପୁଞ୍ଜିବାଦୀ ତଥା ସମାଜବାଦୀ ଦେଶମଧ୍ୟରେ ଥିବା ପ୍ରଭେଦ ମଧ୍ୟ ସ୍ପଷ୍ଟ କରିପାରିବା ।

## ୨୭.୧. ଜନସଂଖ୍ୟାରେ ପରିବର୍ତ୍ତନ

ଉନ୍ନବିଂଶ ଶତାବ୍ଦୀରେ ଦେଖା ଦେଇଥିବା ଜନସଂଖ୍ୟାରେ ପରିବର୍ତ୍ତନ ମଧ୍ୟ ପରବର୍ତ୍ତୀ ଶତାବ୍ଦୀରେ ଜାରିରହିଥିଲା । ଉନବିଂଶ ଶତାବ୍ଦୀର ନବେ ଦଶକରେ ବିଶ୍ୱର ଜନସଂଖ୍ୟା ୫ ରୁ ୯ ବିଲିୟନ ଥିବାବେଳେ ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ଏହା ତିନିଗୁଣରେ ପରିଣତ ହୋଇଥିଲା ଏହି ବିଶାଳ ଜନସଂଖ୍ୟା ପ୍ରାୟ ୧୮.୭୦ କୋଟୀ ଲୋକଙ୍କ ସ୍ୱଭାବିକ ଏବଂ ଅନ୍ୟାନ୍ୟ କାରଣ ପାଇଁ ମୃତ୍ୟୁ ସତ୍ତ୍ୱେ ସମ୍ଭବ ହୋଇଥିଲା ।

ବିଂଶ ଶତାବ୍ଦୀରେ ବିଶ୍ୱ ଜନସଂଖ୍ୟାର ଅଭିବୃଦ୍ଧି ଦେଖା ଦେଇଥିଲା । ପଶ୍ଚିମ ୟୁରୋପ ତଥା ଉତ୍ତର ଆମେରିକାରେ ଏହା ସାଧାରଣତଃ ଉନ୍ନତି ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିଶୁ ମୃତ୍ୟୁହାରରେ ହ୍ରାସ ଏବଂ ସର୍ବୋପରି ସାମଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ସମ୍ଭବ ହୋଇଥିଲା । ପୂର୍ବ ୟୁରୋପ ତଥା ଅନ୍ୟ ମହାଦେଶରେ ଏହି ଅଭିବୃଦ୍ଧିର ମୁଖ୍ୟ କାରଣଥିଲା ଜନ୍ମହାରରେ ଦ୍ରୁତ ବୃଦ୍ଧି ।



ଟିପ୍ପଣୀ

୧୯୩୦ ଠାରୁ ପୂର୍ବ ୟୁରୋପରେ ଜନସଂଖ୍ୟା ବୃଦ୍ଧି ନିମ୍ନମାନର ଥିଲା ଏବଂ ୧୯୭୦ ସୁଦ୍ଧା ସାରା ୟୁରୋପରେ ପ୍ରଜନନ ହାର ଅତି ନିମ୍ନ ସ୍ତରରେ ଥିଲା କିନ୍ତୁ ନ୍ୟୁନ୍ୟ ମୃତ୍ୟୁହାର ଏହାକୁ ସନ୍ତୁଳିତ କରିଥିଲା । ତେଣୁ ବିକଶିତ ଦେଶମାନଙ୍କରେ ଜନସଂଖ୍ୟାର ବୃଦ୍ଧି ହୋଇଥିଲା ।

ବିଂଶ ଶତାବ୍ଦୀର ଦୁଇ ବିଶ୍ୱଯୁଦ୍ଧ ୟୁରୋପର ଜନସଂଖ୍ୟା ବୃଦ୍ଧିରେ ନାକରାତ୍ମକ ପ୍ରଭାବ ପକାଇଥିଲା । ଯୁଦ୍ଧରେ ବହୁଲୋକଙ୍କ ମୃତ୍ୟୁ, ବିଳମ୍ବରେ ବିବାହ ଏବଂ ପାରିବାରିକ ଜୀବନରେ ଅସ୍ଥିରତା ଏହାର ମୁଖ୍ୟ କାରଣଥିଲା ।

୧୯୪୫ ପରେ ବିକାଶଶୀଳ ଦେଶମାନଙ୍କରେ ପାଶ୍ଚାତ୍ୟ ତୁଳନାରେ ବହୁ ଅଧିକ ଜନସଂଖ୍ୟା ବୃଦ୍ଧି ଦେଖାଯାଇଥିଲା । ବିଂଶ ଶତାବ୍ଦୀର ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ପ୍ରଚୀନ କୃଷିଭିତ୍ତିକ ସମାଜିକ ବ୍ୟବସ୍ଥା (ଯେଉଁଥିରେ ସାମାଜିକ ସୁରକ୍ଷା ଓ କୃଷିର ଉନ୍ନତି ପାଇଁ ଅଧିକ ପିଲା ଚାହୁଁଥିଲେ) କ୍ଷୀପ୍ର ଜନସଂଖ୍ୟା ବୃଦ୍ଧିର କାରଣ ହୋଇଥିଲା ।

ତୁଳନାକଲେ ଦେଖାଯାଏ ଯେ ଶତାବ୍ଦୀ ଶେଷ ବେଳକୁ ପାଶ୍ଚାତ୍ୟ ଦେଶମାନଙ୍କରେ ସମଗ୍ର ବିଶ୍ୱର ୧/୯ଭାଗ ଲୋକ ବସବାସ କରୁଥିଲେ ।

ଜନସଂଖ୍ୟାରେ ପରିବର୍ତ୍ତନ ମାନବର ବସତି ତଥା ଜନସଂଖ୍ୟା ବିତରଣକୁ ମଧ ପ୍ରଭାବିତ କରିଥିଲା । ଉଦାହରଣ ସ୍ୱରୂପ ପ୍ରବାସ ବା ସ୍ଥାନାନ୍ତିକରଣ ବିଂଶଶତାବ୍ଦୀର ଜନସଂଖ୍ୟା ବିତରଣକୁ ବହୁଳଭାବରେ ପ୍ରଭାବିତ କରିଥିଲା । ୧୯୦୧ ରୁ ୧୯୧୫ ମଧରେ ୟୁରୋପରୁ ବହୁମାତ୍ରାରେ ଲୋକ ପଳାୟନ କରୁଥିଲେ ଏବଂ ଉତ୍ତର ୟୁରୋପରେ ଲୋକମାନଙ୍କର ଯିବା ଆସିବା ଲାଗିରହିଥିଲା କିନ୍ତୁ ପଶ୍ଚିମ ୟୁରୋପରେ ପ୍ରବାସୀଙ୍କ ସଂଖ୍ୟା ବହୁ ଅଧିକ ହୋଇଥିଲା କାରଣ ସେଠାରୁ କେହି ପ୍ରାୟ ଯାଉନଥିଲେ । ଏହା ସାଧାରଣତଃ ଶ୍ରମ ଚାହିଦାର ହ୍ରାସ ବୃଦ୍ଧି ତଥା ରାଜନୈତିକ ପ୍ରଭାବ ଉପରେ ଆଧାରିତ ଥିଲା । ଉଦାହରଣ ସ୍ୱରୂପ ନାଜୀ ନୀତି ଜର୍ମାନୀର ଇହୁଦୀ, ଅଳ୍ପସଂଖ୍ୟକ ତଥା ରାଜନୈତିକ ଅପରାଧୀଙ୍କ ଜର୍ମାନଛାଡ଼ିବାର ମୁଖ୍ୟ କାରଣ ଥିଲା ଅନ୍ୟପକ୍ଷରେ ଯୁଦ୍ଧ ପରର ପୂନଃନିର୍ମାଣ (Reconstruction ) ପାଇଁ ବହୁସଂଖ୍ୟକ ତୁର୍କ ଶ୍ରମିକ ଜର୍ମାନ ଆସିଥିଲେ । ଋଷ ଏବଂ ସ୍ପେନ୍‌ରେ ହୋଇଥିବା ଗୃହଯୁଦ୍ଧ ମଧ ଦେଶାନ୍ତର ଗାମନକୁ ଉତ୍ସାହିତ କରିଥିଲା ।

ଏଣୁ ଆମ୍ଭେ ଦେଖିଲୁଯେ ଜନସଂଖ୍ୟାରେ ବୃଦ୍ଧି ଏବଂ ସ୍ଥାନାନ୍ତରିକରଣ କେତେକ ମହତ୍ୱପୂର୍ଣ୍ଣ ଘଟଣା ଉପରେ ନିର୍ଭର କରେ । ଏବେ ପ୍ରଶିକ୍ଷିତ ଓ କୁଶଳି ମଧବର୍ଗ ଗରିବ ରାଷ୍ଟ୍ରର ଲୋକମାନେ ପାଶ୍ଚାତ୍ୟ ଧନଶାଳୀ ରାଷ୍ଟ୍ରକୁ ପଳାୟନ କରୁଛନ୍ତି କିନ୍ତୁ ଗରିବ ଲୋକଙ୍କ ପାଇଁ ଉକ୍ତ ରାଷ୍ଟ୍ରର ଆଇନକାନୁନ ବାଧକ ସାଜୁଛି । ଏଥିସତ୍ତ୍ୱେ ଗରିବ ଲୋକମାନେ କିଛି ସଂଖ୍ୟାରେ ମଧ ପ୍ରାଚ୍ୟକୁ ଯିବାପାଇ ସକ୍ଷମ ହେଉଛନ୍ତି ।

ପୁତ୍ର ସନ୍ତାନ ଇଚ୍ଛା ଆଶା ଭାରତ ଏବଂ ଚୀନ ପରି ଦେଶରେ ଲିଙ୍ଗ ସମାନୁପାତିକକୁ ନଷ୍ଟକରି ଦେଇ ଅଛି ଏବଂ ଏହା ଏକ ଚିନ୍ତାର ବିଷୟ ହୋଇଯାଇଛି ।

## ୨୭.୨ ସହରୀଜୀବନ

ଆଧୁନିକ ସହରୀଜୀବନ ପୁଞ୍ଜିବାଦୀ ଔଦ୍ୟୋଗିକରଣ ସହିତ ଜଡ଼ିତ । ସହରୀକରଣର ଅର୍ଥହେଲା ସହରର ବୃଦ୍ଧି ହେବା ସହିତ ଗ୍ରାମ ଜନସଂଖ୍ୟା ବୃଦ୍ଧି ଠାରୁ ସହର ଜନସଂଖ୍ୟାରେ ଦୃତ ଅଭିବୃଦ୍ଧି । ତେଣୁ ସହରୀକରଣ ପ୍ରାକୃତିକ ସ୍ୱାଭାବିକ ଜନସଂଖ୍ୟା ବୃଦ୍ଧିର ଫଳାଫଳ ନୁହେଁ ବରଂ ଔଦ୍ୟୋଗିକରଣ ଓ ଆର୍ଥିକ ଅଭିବୃଦ୍ଧିପାଇଁ

ଗ୍ରାମବାସୀ ସହରରେ ଯାଇ ବସବାସ କରିବା ତୁମ୍ଭେମାନେ ଏହି ପ୍ରକ୍ରିୟା ବିଷୟରେ ୟୁନିଟ୍ ୧ ରେ କିଛି ପଢ଼ିଅଛ । ଏହି ପ୍ରକ୍ରିୟା ସାରା ବିଶ୍ୱ ତଥା ସମଗ୍ର ୟୁରୋପରେ ବା ଏକ ଦେଶରେ ଏକା ପ୍ରକାର ନୁହେଁ, ଏବଂ ଏହି ପ୍ରକ୍ରିୟା ଅଚାନକ ଆସିନଥିଲା ।

ଔଦ୍ୟାଗୀକରଣ ତଥା ଅନୌଦିଗିକରଣ ଏବଂ କୃଷି ଯାନ୍ତ୍ରୀକକରଣ ତଥା ସାଧାରଣ କୃଷି  କ୍ଷେତ୍ରରେ ଉକ୍ତ ପରିବର୍ତ୍ତନର ଘୋର ଅସମାନତା ଦେଖାଯାଏ । ଔଦ୍ୟୋଗିକରଣ ଦ୍ୱାରା ବହୁଲୋକ ଉତ୍ପାଦାନ ତଥା ସେବା କ୍ଷେତ୍ରରେ ନିଯୁକ୍ତି ପାଇଥାଆନ୍ତି କାରଣ ଉଭୟ ସହରରେ କେନ୍ଦ୍ରିଭୂତ ହୋଇଥାଏ ।

ସର୍ବପ୍ରଥମେ ଔଦ୍ୟୋଗୀକରଣ ହେଇଥିବା ଦେଶ ଇଂଲଣ୍ଡରେ ୧୯୦୦ ମସିହା ବେଳକୁ ସର୍ବବୃହତ୍ତ ଔଦ୍ୟୋଗିକ ରାଷ୍ଟ୍ରର ମାନ୍ୟତା ପାଇଥିଲା କାରଣ ଏହାର ପ୍ରାୟ ୭୭% ଲୋକ ସହରରେ ବସବାସ କରୁଥିଲେ ଅନ୍ୟପକ୍ଷରେ ଦୃତଗତିରେ ଔଦ୍ୟୋଗିକରଣ ହୋଇଥିବା ଜର୍ମନୀର ମାତ୍ର ୫୬% ଲୋକ ସହରରେ ବସବାସ କରୁଥିଲେ । ଅନ୍ୟ ଦେଶ ମାନଙ୍କରେ ୫୦ପ୍ରତିଶତରୁ କମ୍ ଲୋକ ସହରରେ ରହୁଥିଲେ । ଉକ୍ତ ଶତାବ୍ଦୀ ପ୍ରାରମ୍ଭରେ ସାରା ବିଶ୍ୱକୁ ପରିଗଣନା କଲେ ଜଣାଯାଏ ଯେ ପ୍ରାୟ ୭୦ ପ୍ରତିଶତ ଲୋକ ଏବେବି ଗ୍ରାମରେ ବସବାସ କରୁଛନ୍ତି ।

ବିଂଶ ଶତାବ୍ଦୀରେ ବିଜ୍ଞାନ ତଥା କାରିଗରି କୌଶଳର ପରିବର୍ତ୍ତନ ହେତୁ ଉତ୍ପାଦାନରେ ବୃଦ୍ଧି ଘଟିବା ସହିତ ସହରୀକରଣ ଆହୁରି ବିସ୍ତାର ଲାଭ କରିଅଛି ।

ଇଂଲଣ୍ଡ ଏବଂ ଆମେରିକାରେ ବିଶଂଶତାବ୍ଦୀର ସପ୍ତମ ଦଶକରେ ୯୫%ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଲୋକମାନେ ଉତ୍ପାଦାନ ତଥା ସେବା କ୍ଷେତ୍ରରେ କାର୍ଯ୍ୟରତ ଥିଲେ ଏବଂ କୃଷି କ୍ଷେତ୍ରରେ ମାତ୍ର ୫% ଲୋକ ନିଯୁକ୍ତ ଥିଲେ । ସେହିପରି ୟୁରୋପରେ ( ଋଷିଆ ବ୍ୟତୀତ) ଅଷ୍ଟମ ଦଶନ୍ଧିର ମଧ୍ୟ ଭାଗରେ ୭୦ ପ୍ରତିଶତରୁ ଅଧିକ ଲୋକ ସହରରେ ବସବାସ କରୁଥିଲେ ଏବଂ ଜାପାନର ୮୦ ପ୍ରତିଶତରୁ ଅଧିକ ଲୋକ ଉତ୍ପାଦାନ ତଥା ସେବା କ୍ଷେତ୍ରରେ ଥିବାବେଳେ ୨୦ ପ୍ରତିଶତରୁ କମ୍ ଲୋକ କୃଷିକ୍ଷେତ୍ରରେ ଥିଲେ ।

ଋଷରେ ୧୯୧୭ ବେଳକୁ ଅଧିକାଂଶ ଲୋକ ଗ୍ରାମରେ ବସବାସ କରୁଥିଲେ ଯଦିଓ ୧୯୩୦ ପରେପରେ ଏବଂ ଶତାବ୍ଦୀର ଶେଷାର୍ଦ୍ଧରେ ଦୃତଗତିରେ ଔଦ୍ୟେଗୀକରଣ ବିସ୍ତାର ଲାଭ କରିଥିଲା । ଭାରତ ସହିତ ଏସିଆ ଓ ଆଫ୍ରିକାର ଅଧିକାଂଶ ଦେଶର କୃଷି ଏବେ ମଧ୍ୟ ଏକ ମୁଖ୍ୟ କ୍ଷେତ୍ର ଯେଉଁଥିରେ ଅଧିକାଂଶ ଲୋକ ନିଯୁକ୍ତି ପାଇଥାଆନ୍ତି ।

ସହରୀକରଣରେ ବଡ଼ବଡ଼ ସହରର ଅଭିବୃଦ୍ଧି ହେବା ସହିତ ଆମ ଭାରତଭଳି ବିକାଶଶୀଳ ଦେଶରେ ଛୋଟଛୋଟ ସହର ଅଭିବୃଦ୍ଧିକୁ ବୁଝାଇଥାଏ । ୧୯୦୦ ମସିହାରେ ୧୬ଟି ସହର ଏକଲକ୍ଷ୍ୟ ଜନସଂଖ୍ୟାରୁ ଅଧିକ ଥିବାବେଳେ ୧୯୫୦ରେ ଏହାର ସଂଖ୍ୟା ୯୭ ଥିଲା ଏବଂ ୧୯୮୫ରେ ଏହା ବୃଦ୍ଧିପାଇ ୨୫୦ରୁ ଅଧିକରେ ପହଞ୍ଚିଥିଲା । ୧୯୮୫ ବେଳକୁ ସାରା ପୃଥିବୀର ୪୦ ପ୍ରତିଶତ ଲୋକ ସହରରେ ବସବାସ କରୁଥିବା ବେଳେ ଏବେ ଏହା ୫୦ ପ୍ରତିଶତ ହୋଇଅଛି ।

ଏହି ପ୍ରବୃତ୍ତି ତୁମେ ଆମ ଦେଶରେ ମଧ୍ୟ ଦେଖିପାରିବ । ଏଠାରେ ହଜାର ହଜାର ସଂଖ୍ୟାରେ ଲୋକ ଚାକିରୀ ଏବଂ ଜିବିକା ଉଦ୍ଦେଶ୍ୟରେ ବଡ଼ବଡ଼ ସହରକୁ ପଳାୟନ କରୁଛନ୍ତି । ବାସ୍ତବରେ ବିକାଶଶୀଳ ଦେଶଗୁଡ଼ିକର କେତେକ ସହର ବିଶ୍ୱର ବଡ଼ବଡ଼ ନଗର ମାନଙ୍କ ମଧ୍ୟରେ ସ୍ଥାନ ପାଇଅଛି ଯଥା:- କଲିକତା, ଦିଲ୍ଲୀ, ମୁମ୍ବାଇ, କାୟୋର, ସଂଘାଇ, ନାଇରୋବି, ସେୟୋଲ, ବେଙ୍କକ୍ ଇତ୍ୟାଦି ।

ଟିପ୍ପଣୀ

### ପାଠଗତ ପ୍ରଶ୍ନ ୨୭.୧

୧. ଜନସଂଖ୍ୟା ବୃଦ୍ଧି କିପରି ବିଶ୍ୱଯୁଦ୍ଧଦ୍ୱାରା ପ୍ରଭାବିତ ହୋଇଥିଲା ?

.........................................................................................

୨. ଜର୍ମାନୀର ରାଜନୈତିକ ଅବସ୍ଥା କିପରିଭାବେ ଦେଶାନ୍ତର ଗମନକୁ ପ୍ରଭାବିତ କରିଥିଲା ?

.........................................................................................

୩. ସହରୀକରଣ କହିଲେ କ'ଣ ବୁଝ ?

.........................................................................................

୪. ବିକାଶଶୀଳ ଦେଶମାନଙ୍କର ବଡ଼ବଡ଼ ସହରର ନାମ ବର୍ଣ୍ଣନା କର ।

.........................................................................................

## ୨୭.୩ ଆଧୁନିକ ସାମାଜିକ ବର୍ଗ / ଶ୍ରେଣୀ

ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଦ୍ୱାରା ଆଧୁନିକ ସାମାଜିକ ବର୍ଗ ବା ଶ୍ରେଣୀର ସୃଷ୍ଟି ହେଲା । ପୂର୍ବରୁ ଥିବା ସାମାଜିକ ଶ୍ରେଣୀ ବା ବ୍ୟବସ୍ଥା ରୂପାନ୍ତରିତ ହୋଇ ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥା ତଥା ପୁଞ୍ଜିବାଦୀ ସମାଜରେ ପରିଣତ ହେବା ସହିତ ଦୁଇଟି ନୂଆ ସାମାଜିକ ଶ୍ରେଣୀ ସୃଷ୍ଟିକଲା । ସେଗୁଡ଼ିକ ହେଲା ମଧ୍ୟବିତ ଶ୍ରେଣୀ ଏବଂ ଶ୍ରମିକ ଗୋଷ୍ଠୀ । ପୂର୍ବ ପୁଞ୍ଜିବାଦ ବ୍ୟବସ୍ଥାରେ ଭୂସମ୍ପତ୍ତି ତଥା ଭୂମାଲିକ ନିଜ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ଉକ୍ତ ବ୍ୟବସ୍ଥା ବିଶ୍ୱର ବିଭିନ୍ନ ଅଞ୍ଚଳରେ ପୁଞ୍ଜିବାଦ ଉଦ୍ୟୋଗୀକରଣର ପ୍ରସାର ହେବା ଦ୍ୱାରା ଅତି ଗୁରୁତର ଭାବରେ ପ୍ରଭାବିତ ହେଲା । ଜନସଂଖ୍ୟା ତଥା ସହରୀକରଣରେ ପରିବର୍ତ୍ତନ ସଙ୍ଗେସଙ୍ଗେ ସାମାଜିକ ବ୍ୟବସ୍ଥାରେ ତତ୍‌କ୍ଷଣାତ୍ ତଥା ଏକ ପ୍ରକାରର ପ୍ରଭାବ ପକାଇ ନଥିଲା ।

ୟୁରୋପର ଅଧିକାଂଶ ସ୍ଥାନରେ ୧୯ଶହ ଶତାବ୍ଦୀ ଏକ ମହତ୍ତ୍ୱପୂର୍ଣ୍ଣ ଯୁଗ ଯାହାକି କୃଷି ସାମନ୍ତମାନଙ୍କ ଜୀବନ ଶୈଳିକୁ ପରିବର୍ତ୍ତନ କରିଥିଲା । ଇଂଲଣ୍ଡରେ ସେମାନେ ଆଧୁନିକ ଜମିଦାର ହୋଇ ତାଙ୍କର ଉପାର୍ଜନ ଭୂସମ୍ପତ୍ତି ତଥା ଅନ୍ୟାନ୍ୟ ପୁଞ୍ଜିବାଦୀ ବ୍ୟବସ୍ଥା ଯଥା:- ବାଣିଜ୍ୟ, ଖଣିଜ ଉତ୍ପାଦାନ, ରେଲୱେ ଇତ୍ୟାଦିରୁ କରୁଥିଲେ ବିଶଂ ଶତାବ୍ଦୀରେ ମଧ୍ୟ ଉକ୍ତ ଆଧୁନିକ ଜମିଦାରମାନେ ନିଜନିଜର ଆଧିପତ୍ୟ ବିସ୍ତାର କରି ରଖିଥିଲେ ।

ବିଶଂଶତାବ୍ଦୀର ଚତୁର୍ଥ ଦଶନ୍ଧି ବେଳକୁ କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ହେବା ପର୍ଯ୍ୟନ୍ତ ୟୁରୋପରେ କୃଷି ଶ୍ରମିକଙ୍କ ସଂଖ୍ୟା କମିନଥିଲା । ସେମାନଙ୍କର ଜମିଦାରମାନଙ୍କ ସହିତ ସମ୍ପର୍କ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ବିଶଂଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସାରା ପଶ୍ଚିମ ଜଗତରେ କୃଷକଙ୍କ ସଂଖ୍ୟା ଉଭେଇଯିବା ସଙ୍ଗେ ସଙ୍ଗେ ଜାପନ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଅତିମାତ୍ରାରେ କମିଯାଇଥିଲା । ଆଫ୍ରିକାର ସାହର ଅଞ୍ଚଳ, ଭାରତ ତଥା ଚୀନ୍‌ରେ ବହୁସଂଖ୍ୟକ କୃଷକ ରହିଥିଲେ ।

ତୃତୀୟ ବିଶ୍ୱର ଦେଶମାନଙ୍କ ମଧ୍ୟରୁ ବିଶେଷକରି ଏସିଆ ତଥା ଆଫ୍ରିକାର ସରକାରଙ୍କ ଆତ୍ମସମର୍ପଣ କୃଷି କ୍ଷେତ୍ରରେ ବିପଦ ସୃଷ୍ଟି କରିବା ସହିତ ଉକ୍ତ ଅଞ୍ଚଳର କୃଷକମାନଙ୍କୁ ହତାଶ କରିଥିଲା । ଏହାଦ୍ୱାରା କୃଷକଙ୍କ ମଧ୍ୟରେ ଭୂମିହୀନତା ବୃଦ୍ଧି ହେବା ସହିତ ବ୍ୟବସାୟିକ କୃଷି ଫସଲର ଅଭିବୃଦ୍ଧି ହୋଇ ଫସଲର ସ୍ଥାନାନ୍ତରଣ ହୋଇଥିଲା ବ୍ୟବସାୟୀକ କୃଷି ଫସଲର ଚାହିଦା ଅଗ୍ରଣୀ ୟୁରୋପୀୟ ଦେଶମାନଙ୍କରେ ଅଧିକ ଥିବାରୁ ଖାଦ୍ୟଶଶ୍ୟ ଉତ୍ପାଦାନରେ ବହୁପରିମାଣରେ ହ୍ରାସ ହୋଇଥିଲା ଯାହାର ପରିଣାମ ସ୍ୱରୂପ ଅଧିକାଂଶ କୃଷକମାନେ ଖାଦ୍ୟଶଶ୍ୟ ଉପଭୋଗ କରିବାରେ ଯଥେଷ୍ଟ ସ୍ଥିରତା ପରିଲକ୍ଷିତ ହୋଇଥିଲା । ଉକ୍ତ ପରିସ୍ଥିତି ଦ୍ୱାରା ହଜାର ହଜାର କୃଷକ ଆତ୍ମହତ୍ୟା କରିବା ସହିତ ସମର୍ଥନ ମୂଲ୍ୟ (Support Price), ଉତ୍ପାଦାନମୂଲ୍ୟହ୍ରାସ ଏବଂ ଜଳ ଓ ଜଳସେଚନପାଇଁ ବିଦ୍ୟୁତ ଦାବିକରି ଅନେକଗୁଡ଼ିଏ କୃଷକ ଆନ୍ଦୋଳନ ଦେଖା ଦେଇଥିଲା । ଚୀନ୍ ନଜର କୃଷି ବ୍ୟବସ୍ଥାକୁ ରାଜନୀତିର ଏକ ଅପରିହାର୍ଯ୍ୟ ଅଙ୍ଗରେ ପରିଣତ କରିଥିଲା । କିନ୍ତୁ ଗତ ଦୁଇ ଦଶକରେ ବଜାରରେ ସୁଧାର, ବଜାର ସଂସ୍କାର ଏବଂ ଔଦ୍ୟୋଗୀକରଣପାଇଁ ଚାଷଜମିଉପରେ ଚାପ ଇତ୍ୟାଦି କୃଷକ ଅସନ୍ତୋଷକୁ ବୃଦ୍ଧି କରିଥିଲା ।

ବିଂଶ ଶତାବ୍ଦୀରେ ମଧ୍ୟବିତ ଶ୍ରେଣୀ ଏକ ପ୍ରଗତିଶୀଳ ତଥା କ୍ଷମତାଶାଳୀ ଗୋଷ୍ଠୀ ରୂପେ ମୁଣ୍ଡ ଟେକିଥିଲା । ଉନବିଂଶ ଶତାବ୍ଦୀ ଶେଷବେଳକୁ ସମଗ୍ର ପଶ୍ଚିମ ୟୁରୋପର ଧନୀଗୋଷ୍ଠୀ ତଥା ମଧ୍ୟବିତ୍ତ ପ୍ରଭାବଶାଳୀ ଲୋକମାନେ ସାଧାରଣତଃ ପୁଞ୍ଜିପତି, ଉଦ୍ୟୋଗପତି, କାରଖାନା ମାଲିକ, ବ୍ୟାଙ୍କଅଧିକାରୀ ତଥା ଖଣି ଅଧିକାରୀ ହୋଇଥିଲେ । ବ୍ୟବସାୟୀ, ପ୍ରବନ୍ଧକ, ଓକିଲ, ଡ଼ାକ୍ତର, ଇଂଞ୍ଜିନିୟର, ଶିକ୍ଷକ ତଥା ଅନ୍ୟାନ୍ୟ ଚାକିରୀଆମାନେ ମଧ୍ୟବିତ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିଲେ । ଶିକ୍ଷାର ପ୍ରସାର ସହିତ ଉକ୍ତ ଶ୍ରେଣୀର ଲୋକମାନଙ୍କର ମଧ୍ୟ ସଂଖ୍ୟା ବୃଦ୍ଧି ହୋଇଥିଲା । ବିଂଶଶତାବ୍ଦୀ ବେଳକୁ କମ ବେତନ ଭୋଗି ନିମ୍ନ ମଧ୍ୟବିତ ଶ୍ରେଣୀର ଆର୍ବିଭାବ ହୋଇଥିଲା । ଉକ୍ତ ଗୋଷ୍ଠୀ ସର୍ବାଧିକ ଅସୁରକ୍ଷିତ ତଥା ଅର୍ଥବ୍ୟବସ୍ଥାରେ ଅଗ୍ରଗତି ତଥା ଅଧୋଗତି ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେଉଥିଲେ ।

ପାରିଶ୍ରମିକ ଉପରେ ନିର୍ଭର କରୁଥିବା ଶ୍ରମିକଗୋଷ୍ଠୀର ସୃଷ୍ଟି ପୁଞ୍ଜିବାଦୀ ଉଦ୍ୟୋଗ ସହିତ ଜଡ଼ିତ ଥିଲା । ତତ୍‌କ୍ଷଣାତ ତଥା ଏକସଂଗରେ ସମସ୍ତ ଶିଳ୍ପନୁଷ୍ଠାନ ଯାନ୍ତ୍ରୀକ କରଣ ଦ୍ୱାରା ପ୍ରଭାବିତ ହୋଇନଥିବାରୁ ସାରା ୟୁରୋପର ଶ୍ରମିକଶ୍ରେଣୀ ସନ୍ତୁଷ୍ଟ ତଥା ଭିନ୍ନ ହୋଇ ରହିଥିଲେ ।

ବୃହତ ଶିଳ୍ପନୁଷ୍ଠାନର ସ୍ଥାପନ ହେତୁ କିଛି କୁଶଳୀ ହସ୍ତଶିଳ୍ପର ବିନାସ ଘଟିବା ସହିତ ନୂତନ ଯୋଗ୍ୟତାର ଆବଶ୍ୟକତା ଉପଲବ୍ଧି ହୋଇଥିଲା । ନୂତନ ଦକ୍ଷ ଶ୍ରମିକମାନେ ଧାତୁ, ଇଲେକ୍‌ଟ୍ରିକ୍ ଏବଂ ପରେପରେ ଇଲେକ୍‌ଟ୍ରୋନିକ୍‌ସ, ପ୍ରତିଷ୍ଠାନ ସହିତ ଜଡ଼ିତ ହୋଇଥିଲେ । କିନ୍ତୁ ଏକ ସମୟରେ କୁଶଳୀ କାରିଗର, ଗୃହଚାକର, ଦର୍ଜି, ଧୋବା, ଛପାଖାନା କାରିଗର ରାଜମିସ୍ତ୍ରୀ ତଥା ଶ୍ରମିକ, ଡ଼ାକ କର୍ମଚାରୀ, ରେଳ କର୍ମଚାରୀ, ଖଣି ଶ୍ରମିକ ତଥା କୁଶଳୀ ଓ ଅଣ କୁଶଳୀ ଶ୍ରମିକମାନେ ସମସ୍ତ ସହର ମାନଙ୍କରେ ବିଦ୍ୟମାନ ଥିଲେ । ମହିଳାମାନେ ବର୍ତ୍ତମାନ ଶ୍ରମିକ ଗୋଷ୍ଠୀର ଏକ ଅଭିନ୍ନ ଅଂଗ ହେବା ସହିତ ନିଯୁକ୍ତି କ୍ଷେତ୍ରରେ ଅଂଶୀଦାର ହୋଇଥିଲେ ଯାହାକି ପୂର୍ବରୁ ନିଷିଦ୍ଧ ଥିଲା । ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ପରି ଔପନିବେଶକ ଦେଶମାନଙ୍କରେ ଏହିପ୍ରକାର ବ୍ୟବସ୍ଥା ବିଦ୍ୟମାନଥିଲା ପରବର୍ତ୍ତୀ କାଳରେ ଏମାନେ ସ୍ୱାଧୀନ ହୋଇଥିଲେ ।



ଟିପ୍ପଣୀ

## ୨୭.୪ ନଗର ତଥା ସମାଜିକ ଜୀବନ

ନଗର ତଥା ସମାଜିକ ଜୀବନ ଧନୀ ତଥା ଗରୀବଙ୍କ ମଧ୍ୟରେ ଥିବା ପ୍ରଭେଦକୁ ପ୍ରତିଫଳନ କରିଥିଲା । ଏମାନଙ୍କର ବାସସ୍ଥାନ ପୁରାପୁରି ଅଲଗା ସ୍ଥାନରେ ରହିବା ସହିତ ମିଳୁଥିବା ସୁବିଧା ସୁଯୋଗ ମଧ୍ୟ ପୁରାପୁରୀ ଭିନ୍ନ ଥିଲା । ବହୁ ମହାଲା ବିଶିଷ୍ଟ ପ୍ରାସାଦ, ଏବଂ ଷ୍ଟୋର, ବ୍ୟବସାୟୀଙ୍କ ମଲ, ପାର୍କ ତଥା କୃଷି ଶୋଭିତ ସମସ୍ତ ମାର୍ଗ ଇତ୍ୟାଦି ଅଧୁନିକ ନଗରୀର ରୂପରେଖକୁ ବଦଳାଇବା ସହିତ, ଜନସଂଖ୍ୟା, ଦୁର୍ଗନ୍ଧ ନାଳ ନର୍ଦ୍ଦମା, ଝୁମ୍ପୁଡ଼ିପଟି, ଦୁଇ ତିନି ପରିବାରର ଏକ କୋଠରୀରେ ଅବସ୍ଥାନ ମଧ୍ୟ ବିଦ୍ୟମାନ ହୋଇଥାଏ । ଉକ୍ତ ବ୍ୟବସ୍ଥା ଏବେ ମଧ୍ୟ ବିଶ୍ୱର ବିଭିନ୍ନ ସହରର ଦୃଷ୍ଟିଗୋଚର ହୁଏ । ବେକାରୀ ସମସ୍ୟା ଏବେ ଏକ ଗମ୍ଭୀର ସମସ୍ୟା ହୋଇଅଛି ।

## ୨୭.୫ ପରିବାର

ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଦ୍ୱାରା ଏକକ ତଥା ଯୌଥ ପରିବାରରେ ଏକ ବିଶିଷ୍ଟ ପରିବର୍ତ୍ତନ ଦେଖାଯାଇଛି । ଆର୍ଥିକ ଅଗ୍ରଗତି ପୂର୍ବରୁ ଗୃହସ୍ତିର ଅର୍ଥ ଥିଲା ଯେ କୌଣସି ପାରିବାରିକ ଉତ୍ସବ ତଥା ଶ୍ରମରେ କୌଣସି ପ୍ରକାରେ ଅନ୍ତର ନ ଦେଖିବା ଯଦିଓ ପୁରୁଷ ଓ ସ୍ତ୍ରୀମାନେ କୌଣସି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଲଗା ଅଲଗାଢ଼ଙ୍ଗରେ କରୁଥିଲେ ।

ପୁଞ୍ଜିବାଦୀ ଔଦ୍ୟେଗୀକରଣରେ ପରିବାର ଉତ୍ପାଦନର ଏକ ଅଙ୍ଗ ନ ହୋଇ ଉପଭୋଗର ଏକ ବିଶିଷ୍ଟ ଅଙ୍ଗ ହୋଇଥିଲା । ଉତ୍ପାଦକ ତଥା କାରଖାନାର ବୃଦ୍ଧି ଶ୍ରମ ମୂଲ୍ୟ ବା ମଜୁରୀକୁ ଜନ୍ମ ଦେଇଥିଲା ଯେଉଁଥିରେକି ପରିବାରର ପ୍ରତ୍ୟେକ ଲୋକ ପୃଥକ ପୃଥକ ଭାବେ ମଜୁରୀ ପାଉଥିଲେ । ମଧ୍ୟବିତ୍ତ ଶ୍ରେଣୀର ମାନସିକତାର ପ୍ରାଧାନ୍ୟତା ହେତୁ ଏକ ବ୍ୟକ୍ତି ବିଶେଷ ମଜୁରୀ ପାରିବାରିକ ଆୟ ବୋଲି ଧରାଯାଉଥିଲା କାରଣ ଏକ ବ୍ୟକ୍ତିଙ୍କ ଆୟରେ ସମଗ୍ର ପରିବାର ଚଳୁଥିଲେ ତଥା ମହିଳା ମାନଙ୍କ କାମ ମୁଖ୍ୟତ ଗୃହ ପରିଚାଳନା ତଥା ପିଲାମାନଙ୍କ ଯତ୍ନନେବାରେ ସୀମିତ ଥିଲା । ଏହା ସାଧାରଣତଃ ମଧ୍ୟବିତ୍ତ ମୂଲ୍ୟବୋଧ ଉପରେ ଆଧାରିତ ଥିଲା ଯେଉଁଥିରେ ସେମାନେ ଉତ୍ତମ କାମ କାର୍ଯ୍ୟ ଆଶା କରୁଥିଲେ କିନ୍ତୁ ଏହା ଶ୍ରମିକ ବର୍ଗପାଇଁ ପ୍ରଜୁଯ୍ୟ ନଥିଲା ।

ଶ୍ରମିକ ଶ୍ରେଣୀର ମହିଳାମାନେ ପୁରୁଷଙ୍କ ଭଳି ଶ୍ରମିକଥିଲେ । ବାସ୍ତବରେ କିଛି ଉଦ୍ୟୋଗ ମହିଳା ବା ଶିଶୁ ଶ୍ରମିକ ମାନଙ୍କୁ ଅଧିକ ପସନ୍ଦ କରୁଥିଲେ କାରଣ ସେମାନଙ୍କୁ କମ୍ ମଜୁରୀ ଦେବାକୁ ପଡ଼ିଥାଏ । ସମାନ କାମ ସମାନ ମଜୁରୀ ପ୍ରଥା ସମାଜରେ ମହିଳାମାନଙ୍କ ପାଇଁ ଲାଗୁ ହୋଇ ନଥିଲା ।

### ପ୍ରଥା ଅନୁସାରେ

ଆଧୁନିକ ସଂସାରରେ ସାଧାରଣତଃ ମହିଳାମାନେ ଗୃହକାର୍ଯ୍ୟ କରିବା ସହିତ ଅର୍ଥ ଉତ୍ପାଦାନର ବୋଝ ମଧ୍ୟ ବହନ କରୁଛନ୍ତି । ଏଭଳି ପରିସ୍ଥିତି ସହିତ ସମସ୍ତେ ପରିଚିତ ଅଟନ୍ତି ।

### ପାଠ୍ୟକ୍ରମ ପ୍ରଶ୍ନ ୨୭.୨

୧. ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଦ୍ୱାରା କେଉଁ ଦୁଇ ଶ୍ରେଣୀର ସୃଷ୍ଟି ହେଲା ।

..........................................................................................

୨. ମଧ୍ୟବିତ୍ତ ଶ୍ରେଣୀ ସହିତ କେଉଁମାନେ ଜଡ଼ିତ ଥିଲେ ?

..............................................................................

୩. ବୃହତ କାରଖାନା ପ୍ରତିଷ୍ଠାନ କିପରି ଶ୍ରମିକ ମାନଙ୍କୁ ପ୍ରଭାବିତ କରିଥିଲା ?

..............................................................................

୪. ମହିଳା ମାନଙ୍କୁ ନିଯୁକ୍ତି ଦେବାରେ ପୁଞ୍ଜିବାଦୀ ଔଦ୍ୟୋଗୀକରଣ କି ପ୍ରଭାବ ପକାଇଥିଲା ?

..............................................................................

## ୨୭.୬. ମହିଳାଙ୍କ ସମାନତା ତଥା ନାରୀବାଦ

ବିଂଶ ଶତାବ୍ଦୀର ଆର୍ଥୀକ ବିକାଶ ତଥା ସାକ୍ଷାରତା ଶ୍ରମିକ ତଥା ମଧ୍ୟବିତ୍ତ ଶ୍ରେଣୀର ମହିଳାଙ୍କପାଇଁ ନୂତନ ମାର୍ଗ ପ୍ରଦର୍ଶନ କରିଥିଲା । ଗୃହକର୍ମ ବ୍ୟତିତ ବର୍ତ୍ତମାନ ମହିଳାମାନେ ଦୋକନ ତଥା ଅଫିସରେ କାର୍ଯ୍ୟକଲେ । ନର୍ସ ତଥା ସ୍କୁଲ ଶିକ୍ଷୟିତ୍ରୀ ଆଦି ଚାକିରି ମହିଳାଙ୍କ ଅନୁକୁଳ ବୋଲି ଧରାଯାଏ । ଦୁଇ ବିଶ୍ୱଯୁଦ୍ଧରେ ବହୁସଂଖ୍ୟକ ପୁରୁଷମାନେ ଯୋଗଦେଇଥିବାରୁ ଉକ୍ତ ଶୂନ୍ୟ ସ୍ଥାନ ମାନଙ୍କରେ ବହୁ ସଂଖ୍ୟକ ମହିଳାମାନଙ୍କୁ ଯୋଗଦେବାରେ ସୁଯୋଗ ସୃଷ୍ଟି କରିଥିଲେ । ଏହି ସବୁ ନାରୀମାନଙ୍କର ସାମାଜିକ ସ୍ଥିତି ତଥା ଆଶା ଓ ଆକାଂକ୍ଷାରେ ଏକ ପରିବର୍ତ୍ତନ ଆଣିଥିଲି ।

ମଧ୍ୟବର୍ଗୀୟ ମହିଳାଙ୍କ ମତଦାନ ଅଧିକାରର ଦାବି ତାଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ଇଚ୍ଛାର ଏକ ଜ୍ୱଳନ୍ତ ଉଦାହରଣ । ପଶ୍ଚିମ ଜଗତର ଶ୍ରମିକ ତଥା ସମାଜବାଦୀ ଆନ୍ଦୋଳନ ନାରୀମୁକ୍ତି ଆନ୍ଦୋଳନକୁ ଏକ ନୂତନ ଦିଗନ୍ତ ଦେଖାଇଥିଲା କାରଣ ଏହା ସମସ୍ତ ନିର୍ଯ୍ୟାତିତ ମାନଙ୍କପାଇଁ ଉଦିଷ୍ଟଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟଥିଲା ଏକ ବିରାଟ ସମାଜିକ ପରିବର୍ତ୍ତନ ଯେଉଁଥିରେ ମହିଳାଙ୍କ ସହିତ ସମସ୍ତେ ସମାନ ଅଧିକାର ପ୍ରାପ୍ତ ହେବେ । ଏଥିରେ ଅନୁପ୍ରାଣିତ ହୋଇ ବହୁ ସଂଖ୍ୟକ ମହିଳାମାନେ ସଂଘ ତଥା ସମାଜବାଦୀ ସଂଗଠନ ସହିତ ଜଡ଼ିତ ଥିଲେ ଯଦିଓ ନେତୃତ୍ୱ ନେବାରେ ଆଗଭର ହୋଇନଥିଲେ । ଉକ୍ତ ସଂଗଠନ ମାଧ୍ୟମରେ ସମାନ ଅଧିକାର ପାଇବାପାଇଁ ଚେଷ୍ଟାକରିବ । ଆନ୍ଦୋ ସହଜନଥିଲା ଏବଂ ସମାନ ମଜୁରୀ ସମ୍ଭବ ହେଲା ଯେତେବେଳେ ନାରୀଗଣ ତଥା ସମାଜବଦୀ ନେତୃବର୍ଗ ଏହାଉପରେ ଗୁରୁତ୍ୱ ଦେଲେ ।

ରୋଜା ଲକ୍ସମ୍ବର ଓ ବ୍ରେଟିକ୍ ୱେବ୍ ପ୍ରଖ୍ୟାତ ସମାଜବାଦୀ ନେତା ଥିଲେ । କୋଲେଟ୍ ଓ ସେଲ୍ସା ଲେଜରଲଫ୍ ମହତ୍ୱପୂର୍ଣ୍ଣ ଲେଖିକା ଥିଲେ । ବିଂଶାତାବ୍ଦୀର ପ୍ରାରମ୍ଭରେ ନାରୀମାନେ ୱିମ୍ବାଲଡ଼ନ୍, ଫ୍ରାନ୍ସିସି ଓ ଆମେରିକା ଓପନ୍ ଟେନିସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ । ମହିଳାମାନେ ପତ୍ରକରିତା ତଥା ଫଟୋଗ୍ରାଫି ପେସାରେ ଯୋଗ ଦେଇଥିଲେ ଏବଂ ତା ସହିତ ଡ଼ାକ୍ତର ଇଂଜିନିୟର ପଦବୀରେ ଭୂଷିତ ହୋଇଥିଲେ । ସୋଭିଏତ୍ ସଂଘର ବହୁସଂଖ୍ୟକ ମହିଳାମାନେ ଜନବହୁଳ ସଂଗଠନ ସଂସଦତଥା, ବୈଜ୍ଞାନିକ ସଂସ୍ଥାନରେ କାର୍ଯ୍ୟରତ ଥିଲେ ।

ରୁଷ୍ର ଶ୍ରମିକ ଆନ୍ଦୋଳନରେ ମହିଳା ତଥା କୃଷି ମହିଳାମାନଙ୍କର ଏକ ବିଶିଷ୍ଟ ଭୂମିକା ଥିଲା । ରୁଷ୍ରେ ତଥା ଉପନିବେଶ ବିରୋଧି ଆନ୍ଦୋଳନରେ ବହୁ ସଂଖ୍ୟାରରେ ଯୋଗଦେବା ପାଇଁ ମହିଳାମାନେ ଏକ ଉପଯୁକ୍ତ



ଟିପ୍ପଣୀ

ବାତାବରଣ ପାଇଥିଲେ । ଭାରତ ଏବଂ ଚୀନର ମୁକ୍ତି ସଂଗ୍ରାମରେ ନାରୀଶିକ୍ଷା ତଥା ଅନୁନ୍ନତ ସାମାଜିକ ବ୍ୟବସ୍ଥାକୁ ବିରୋଧ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଉଭୟ ପୁରୁଷ ଓ ନାରୀମାନେ ଏହାକୁ ଅତି ତିବ୍ରଭାବରେ ପରିପ୍ରକାଶ କରି ଭାରତ ଏବଂ ଚୀନ୍‌ର ମହିଳାମାନେ ପୁରୁଷଙ୍କ ସହିତ ସମାନ ହିସାବରେ ମତଦାନ ଅଧିକାର ପାଇଥିଲେ । ୧୯୧୭ ମସିହା ଋଷ ବିପ୍ଳବ ପରେପରେ ଏହା ଋଷ ମହିଳାଙ୍କ ପାଇଁ ସମ୍ଭବ ହୋଇଥିଲା ।

୧୯୯୦ ବେଳକୁ ମହିଳାମାନେ ୧୯ଟି ଦେଶର ଶାସନ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ । ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ଦେଶମାନଙ୍କର କର୍ମକ୍ଷେତ୍ରରେ ସେମାନଙ୍କ ସଂଖ୍ୟା ନାଟକୀୟ ଭାବେ ବୃଦ୍ଧି ପାଇଥିଲା । ମରୀଶସ୍ ଏହାର ଏକ ବଡ଼ ନମୁନା ଅଟେ । ଚୀନ୍ ତଥା ପୂର୍ବ ୟୁରୋପରେ ପ୍ରାୟ ଶତପ୍ରତିଶତ ମହିଳା କାର୍ଯ୍ୟରତ ଥିଲେ ।

ଏହିସବୁ ନାରୀମାନଙ୍କର ସମ ଅଧିକାରର ସଂଗ୍ରାମକୁ ପରିସମାପ୍ତି କରିନଥିଲା ପୃଥିବୀର ବିଭିନ୍ନ ସ୍ଥାନରେ ଏହା ପ୍ରଯୁଜ୍ୟ ହୋଇନଥିଲା । ୧୯୦୦ ପରବର୍ତ୍ତୀ ନୂତନ ଆର୍ଥୀକ ଉଦାର ନୀତି ବେରୋଜକାରୀକୁ ବଢ଼ାଇଥିଲା । ପୂର୍ବ ସମାଜବାଦୀ ରାଷ୍ଟ୍ରମାନଙ୍କ ସହିତ ସାରା ବିଶ୍ୱରେ ମହିଳାମାନେ ଅଣସାଂଗଠନିକ କ୍ଷେତ୍ରରେ ବିନା ଶ୍ରମିକ ଅଧିକାର ତଥା ନ୍ୟୁନତମ ମଜୁରୀହାର ବିନା କାମ କରିବାକୁ ବାଧ ହୋଇଥିଲେ । ଘରୋଇକାମ ମହିଳାଙ୍କୁ ନିଯୁକ୍ତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ବିଂଶଶତାବ୍ଦୀର ଶେଷଦଶନ୍ଧିରେ ଶିଶୁକନ୍ୟାହତ୍ୟା ତଥା କନ୍ୟାଭ୍ରୁଣହତ୍ୟା ବହୁପରିମାଣରେ ବୃଦ୍ଧିପାଇଥିଲା । ଭାରତରେ ଯୌତୁକ ହତ୍ୟା ସଂଙ୍ଗେସଙ୍ଗେ ସାରା ପୃଥିବୀରେ ଗୃହହିଂସାର ବୃଦ୍ଧି ଘଟିଥିଲା ।

## ୨୭.୭ କର୍ମଶୈଳୀରେ ପରିବର୍ତ୍ତନ

ଇତିମଧ୍ୟରେ କାରଖାନା ପ୍ରଣାଳୀରେ ବିକାଶ ହେବା ସହିତ କର୍ମଧାରାରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଥିଲା । ୟୁରୋପରେ ଏହା ଉନ୍ନବିଂଶ ଶତାବ୍ଦୀରେ ଦେଖାଦେବା ବେଳେ ବାକି ଦେଶ ମାନଙ୍କରେ ଏହା ବିଂଶ ଶତାବ୍ଦୀର ଘଟିଥିଲା । ଶ୍ରମିକର କାର୍ଯ୍ୟସ୍ଥଳୀଟି କାରଖାନା ହୋଇଯାଇଥିଲା । ତାକୁ ଏକ ନିର୍ଦ୍ଦିଷ୍ଟ ସମୟ ତାଲିକାକୁ ମାନି ଚଳିବାକୁ ପଡ଼ିଥିଲା ମହିଳା ଏବଂ ଶିଶୁ ଶ୍ରମିକ ମାନଙ୍କ ମଧ୍ୟ କାରଖାନାର ନିୟମ କାନୁନ୍‌କୁ ମାନି ଚଳିବାକୁ ପଡୁଥିଲା । ସେଠାରେ ବିସ୍ତୃତ ଭାବରେ କାରଖାନା ଶକ୍ତିଶୃଙ୍ଖଳା ତଥା ଆଇନକାନୁନର ବ୍ୟବସ୍ଥା ଥିଲା ଏବଂ ଶ୍ରମିକ ବଦଳରେ ମେସିନ୍ କାମର ସ୍ୱରୂପ ଓ ସ୍ଥାନ ନିର୍ଦ୍ଧାରଣ କରୁଥିଲା । ନୂତନ କାରିଗରୀ କୌଶଳର ପ୍ରଚଳନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶ୍ରମିକମାନେ ଦାରିଦ୍ର୍ୟ ଓ ବେରୋଜକାରୀର ସମ୍ମୁଖୀନ ହେଉଥିଲେ । ସମୟସମୟରେ ସେମାନେ ନୂତନ ଦକ୍ଷତା ହାସଲ କରି ନିଜକୁ ନୂତନ ମେସିନ୍ ସହିତ ନିୟୋଜିତ କରୁଥିଲେ ।

ଶତାବ୍ଦୀର ପରବର୍ତ୍ତୀ ସମୟରେ କାର୍ଯ୍ୟସ୍ଥଳରେ ଏକ ପ୍ରକାର ପରିବର୍ତ୍ତନ ଦେଖାଦେଇଥିଲା । ପାଶ୍ଚାତ୍ୟ ଦେଶର କିଛି ବଡ଼ବଡ଼ କମ୍ପାନୀ ଜାଣିବାକୁ ପାଇଲେ ଯେ ଘରେ ବସି କମ୍ପ୍ୟୁଟର ଦ୍ୱାରା ବିନା ଅଫିସ୍ ଖର୍ଚ୍ଚରେ କାର୍ଯ୍ୟକରିବା ସମ୍ଭବ । ଉକ୍ତ ପରିବର୍ତ୍ତନ କର୍ମଚାରୀମାନଙ୍କୁ ସୁବିଧା ଯୋଗାଇଥିଲା କିନ୍ତୁ ପ୍ରକୃତରେ କର୍ମଚାରୀମାନେ କାମରୁ ମୁକ୍ତ ହୋଇ ପାରୁନଥିଲେ ବା ଛୁଟି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବି କରିପାରୁନଥିଲେ କାରଣ ଏମାନେ ଅଫସରେ କାମ କରୁନଥିଲେ ଏବଂ ଶ୍ରମିକ ସଂଗଠନ ଗଢ଼ିବା ତଥା ଅନ୍ୟ କର୍ମଚାରୀଙ୍କ ସହିତ ନିଜ ମନରେ ଥିବା ଆପତ୍ତି ଅଭିଯୋଗ ବ୍ୟକ୍ତ କରିବାର ସୁଯୋଗ ପାଉନଥିଲେ ।



ଟିପ୍ପଣୀ

ନୂତନ ସଫ୍ଟଓୟାର୍ (Softwere) କର୍ମଚାରୀଙ୍କ କାମ ତଥା କର୍ମସମୟକୁ ଅତି ନିକଟରୁ କମ୍ପ୍ୟୁଟର ଦ୍ୱାରା ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ମାଲିକକୁ ଦେଇଥିଲା ତୁମ୍ଭେମାନେ ଖବର କାଗଜରୁ ଜାଣିଥିବ ଯେ ଛତୁ ଫୁଟିବା ଭଳି ଗଢ଼ି ଉଠିଥିବା (BPO) ବିପିଓ ତଥା କଲ୍ ସେଣ୍ଟର (Call centre)ରେ କର୍ମରତ ଲୋକଙ୍କର ଦୁରବସ୍ଥା ।

ଅନ୍ୟ ଏକପ୍ରକାର ପରିବର୍ତ୍ତନ ଆଉଟ୍ ସୋରସିଂ ଦ୍ୱାର ଦେଖାଦେଇଛି । ବହୁଉ ରାଷ୍ଟ୍ରୀୟ କମ୍ପାନୀମାନେ ତାଙ୍କର କିଛି କାମକୁ କମ୍ ମଜୁରୀ ଥିବା ତୃତୀୟରାଷ୍ଟ୍ର ଦେଶମାନଙ୍କ ଉପରେ ନ୍ୟସ୍ତ କରୁଛନ୍ତି । ଏଥି ସହିତ ଉକ୍ତ ସରକାରଙ୍କ ଉପରେ ଟିକସ ସୁବିଧା ଓ ସୁରକ୍ଷାପାଇଁ ପ୍ରବର୍ତ୍ତାଉଛନ୍ତି । ଏହାଦ୍ୱାରା ପାଶ୍ଚାତ୍ୟଦେଶ ମାନଙ୍କରେ ବେରୋଜଗାରୀ ଦେଖାଯିବା ସହିତ ତୃତୀୟ ବିଶ୍ୱ ଦେଶଗୁଡ଼ିକ ନିଜ ଲୋକଙ୍କ ପାଇଁ ପ୍ରତିକୂଳ ପରିସ୍ଥିତି ମଧ୍ୟରେ କିଛି ନିଯୁକ୍ତି ପାଉଛନ୍ତି ।

ବୃହତ ରାଷ୍ଟ୍ରୀୟ କମ୍ପାନୀମାନେ ଛୋଟ ଦୋକାନଦାରମାନଙ୍କୁ ଡ଼ାକି ଆଣି ନିଜ କାମକୁ ଠିକା ଆକାରରେ ଦେଉଛନ୍ତି । ଯାହାର ଅର୍ଥହେଲା ଉତ୍ପାଦାନ ଘରେ ହିଁ ହେଉଅଛି । ଏହି ପରିସ୍ଥିତିରେ ବେତନ କମ୍ ଥିବାରୁ ଶ୍ରମିକମାନେ ଶୋଷିତ ହେଉଥିଲେ । ତୃତୀୟ ରାଷ୍ଟ୍ରୀୟ ଦେଶମାନଙ୍କରେ ଏପ୍ରକାର କାର୍ଯ୍ୟ ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ଯେଉଁ ଥିରେ କି ମୁଖ୍ୟତଃ ମହିଳାମାନେ ଉକ୍ତ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି ।

### ପାଠଗତ ପ୍ରଶ୍ନ ୨୭.୩

୧. ବିଂଶଶତାବ୍ଦୀରେ କିପ୍ରକାର ଚାକିରୀରେ ମହିଳାମାନେ ନିଯୁକ୍ତି ପାଉଥିଲେ ।

..............................................................................................

୨. ଉନ୍ନବିଂଶାତାବ୍ଦୀର ଶେଷଦଶକରେ ହୋଇଥିବା ନୂତନ ଉଦାର ଅର୍ଥନୀତି କିପରି ଭାବେ ମହିଳାମାନଙ୍କୁ ପ୍ରଭାବିତ କରିଥିଲା ।

..............................................................................................

୩. କାରଖାନା ବ୍ୟବସ୍ଥା କାର୍ଯ୍ୟସ୍ଥଳରେ କି ପ୍ରକାର ପରିବର୍ତ୍ତନ ଆଣିଥିଲା ।

..............................................................................................

୪. ଆଉଟ୍ ସୋର୍ସିଂ ଦ୍ୱାରା ଆସିଥିବା ପରିବର୍ତ୍ତନର ବାଖ୍ୟାକର ।

..............................................................................................

## ୨୭.୮ ସାମାଜିକ ଓ ରାଜନୈତିକ ସଂଗଠନ ।

ବିଂଶାତାବ୍ଦୀରେ ସାମାଜିକ ତଥା ରାଜନୈତିକ ସଂଗଠନର ସଂଖ୍ୟା ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି ପାଇଥିଲା । ରାଜନୈତିକ ଦଳ ତଥା ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସଂଗଠନ ବ୍ୟତିତ ମହିଳା, ଛାତ୍ର ଓ ଲେଖକ ସଂଗଠନ ସହିତ ବର୍ତ୍ତମାନ ସମସ୍ତ ପ୍ରକାର ମତବାଦୀ ଏବଂ ଆଶାବାଦୀ ସଂଗଠନ ଗୁଡ଼ିକ ପ୍ରତିଫଳିତ ହୋଇଥିଲା ସେଗୁଡ଼ିକ ଶିକ୍ଷା, ଜନସ୍ୱାସ୍ଥ୍ୟ, ସଂଖ୍ୟାଲଘୁ ଅଧିକାର, ମାନବ ଅଧିକାର, ଶନ୍ତି ଆନ୍ଦୋଳନ, ସଂସ୍କୃତି, ସମଲିଙ୍ଗୀକ ଅଧିକାର, ପର୍ଯ୍ୟାବରଣ ତଥା ସଂରକ୍ଷଣ, ରଣ ତଥା ନିଜ କାମ ନିଜେ କରିବା ଉପରେ ଆଧାରିତି ଥିଲା । ଜୀବନ ସହିତ ଜଡ଼ିତ ପ୍ରାୟ ସମସ୍ତ ଦିଗ ଏଥିରେ ସାମିଲ ହୋଇଥିଲା ।

## ୨୭.୯ ପୁଞ୍ଜିବାଦ, ସମାଜବାଦ ଏବଂ ଅସମାନତା

ବିଂଶ ।ତାବ୍ଦୀର ବୈଷୟିକ ତଥା ବୈଜ୍ଞାନିକ ସଫଳତା ମାନବ ଜଗତକୁ ମହାନ ପ୍ରଗତି ପଥରେ ନେଇ ଲାଭବାନ କରିଥିଲା । ସାରବିଶ୍ୱ ଜନସଂଖ୍ୟାର ଦାୟିତ୍ୱ ବହନକରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାର ସମ୍ଭାବନା ମଧ୍ୟ ଦେଖାଯାଇଛି କିନ୍ତୁ ବିଶ୍ୱକରଣ ଏବଂ ଆର୍ଥିକ ମାନଦଣ୍ଡ ଗରିବ ତଥାଧନୀ ମଧ୍ୟରେ ପାର୍ଥକ୍ୟକୁ ବୃଦ୍ଧି କରିବାରେ ଲାଗିଛି । ପୁଞ୍ଜିବାଦୀ ଦେଶରେଥିବା ଧନୀ ଓ ଦରୀଦ୍ରମଧ୍ୟରେ ପ୍ରଭେଦକୁ ଦୂରକରି ସମାଜବାଦୀ ରାଷ୍ଟ୍ର ତା'ର ଦୁର୍ବଳତା ସତ୍ତ୍ୱେ ଏକ ସାମ୍ୟବାଦ ସମାଜ ଗଠନରେ ସଫଳ ହୋଇଛନ୍ତି । ସୋଭିଏତ୍ ଋଷ୍ ତଥା ପୂର୍ବ ୟୁରୋପରେ ସମାଜବାଦର ପତନ ୟୁରୋପରେ ପୁଞ୍ଜିବାଦୀ ରାଷ୍ଟ୍ର ସମୁହ ପ୍ରଜା କଲ୍ୟାଣକାରି କାର୍ଯ୍ୟରେ ଖର୍ଚ୍ଚକାଟ କରିଛନ୍ତି । ଏହାର ପରିଣାମ ସ୍ୱରୂପ ଦାରିଦ୍ର୍ୟତା ବିଶ୍ୱର ଅଧିକାଂଶ ଲୋକଙ୍କୁ ଗ୍ରାସ କଲା ।

## ତୁମେ କ'ଣ ଶିଖିଲ

ଉକ୍ତ ଅଧ୍ୟାୟରେ ତୁମେ ପଢ଼ିଲ ଯେ ଉନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ସମାଜିକ ପ୍ରକ୍ରୀୟା ବିଂଶଶତାବ୍ଦୀରେ ଅଧିକ ତିବ୍ରତର ହୋଇଥିଲା । ଏଥିରେ ଜନସଂଖ୍ୟାରେ ପରିବର୍ତ୍ତନ, ସହରୀକରଣରେ ବୃଦ୍ଧି ତଥା ସହରୀଜୀବନ ଯାପନରେ ପରିବର୍ତ୍ତନ ଆଣିଥିଲା । ପୁଞ୍ଜୀବଦୀ ଔଦ୍ୟୋଗୀକରଣର ବିକାଶ ସହିତ ସାରା ବିଶ୍ୱରେ ଏକ ଆଧୁନିକ ଶ୍ରେଣୀର ସୃଷ୍ଟି କରିବା । ଏହାଦ୍ୱାରା  ଲୋକପ୍ରିୟ ଆନ୍ଦୋଳନ ଉତ୍ସାହିତ କରିବା ସହିତ ରାଜନୈତିକ ତଥା ସାମାଜିକ ସଂଗଠନକୁ ଜନ୍ମଦେଇଥିଲା ସଂଙ୍ଗେସଙ୍ଗେ ପରିବାର ତଥା କର୍ମ ଶୈଳୀରେ ପରିବର୍ତ୍ତନ ଆଣିଥିଲା ଲୋକଙ୍କ ପ୍ରତିନିଧିତ୍ୱ କରୁଥିଲା ।

ପୁଞ୍ଜିବାଦୀ ଔଦ୍ୟୋଗୀକରଣର ବିସ୍ତାର ବିଂଶଶତାବ୍ଦୀରେ ହେବାଦ୍ୱାରା ଦୃତ ପ୍ରଗତି ସମ୍ଭବ ହେବାସତ୍ତ୍ୱେ ସାରା ବିଶ୍ୱରେ ଅସମାନତାର ବୃଦ୍ଧି ଘଟାଇଥିଲା ।

## ପାଠଅନ୍ତ ପ୍ରଶ୍ନ

୧. ପଶ୍ଚିମ ୟୁରୋପ ଏବଂ ଉତ୍ତର ଆମେରିକାରେ ଜନସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣମାନ ଉଲ୍ଲେଖ କର ।

୨. ଆଧୁନିକ ଶ୍ରେଣୀର ସମାଜ କହିଲେ କ'ଣ ବୁଝ ?

୩. ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କ ଉପରେ କୃଷି ସଂଙ୍କଟର ପ୍ରଭାବ ବର୍ଣ୍ଣନାକର ।

୪. ଧନୀ ଓ ନିର୍ଦ୍ଧନଙ୍କ ଜୀବନକୁ ନଗର କିପରିଭାବେ ପ୍ରତିଫଳନ କରେ ?

୫. ଶ୍ରମିକତଥା ସମାଜବାଦୀ ଆନ୍ଦୋଳନ ମହିଳାମାନଙ୍କୁ କିପରିଭାବେ ପ୍ରଭାବିତ କରିଥିଲା ।

୬. କମ୍ପ୍ୟୁଟର ଦ୍ୱାରା କାର୍ଯ୍ୟ ପଦ୍ଧତିରେ ହୋଇଥିବା ପରିବର୍ତ୍ତନ ଉଲ୍ଲେଖକର ।

୭. ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ କିଭଳି ମାନବ ଜୀବନର ଉତ୍କର୍ଷସାଧନ କରିଥିଲା ତା'ର ଉଦାହରଣ ପ୍ରଦାନ କର ।

## ପାଠଗତ ପ୍ରଶ୍ନର ଉ

୧. ବହୁସଂଖ୍ୟାର ମୃତ୍ୟୁ, ଡ଼େରିରେ ବିବାହ, ପରିବାରିକ ଜୀବନରେ ଅସ୍ଥିରତା

୨. ନାଜୀ ନୀତି ଦ୍ୱାରା ଇହୁଦିମାନେ, ଅଳ୍ପସଂଖ୍ୟକ ଗୋଷ୍ଠୀ ଏବଂ ରାଜନୈତିକ ଅପରାଧୀମାନେ ଜର୍ମାନୀରୁ ପଳାୟନ କଲେ । ଯୁଦ୍ଧ ପରବର୍ତ୍ତୀ ପୁନଃର୍ବାସଦ୍ୱାରା ବହୁସଂଖ୍ୟକ ତୁର୍କି ଶ୍ରମିକମାନେ ଜର୍ମାନୀକୁ ଆସିଥିଲେ ।

୩. ଔଦ୍ୟୋଗୀକରଣ ତଥା ଆର୍ଥିକ ସୁବିଧା ପାଇଁ ଗ୍ରାମର ଲୋକମାନେ ସହରକୁ ପଳାୟନ କରୁଛନ୍ତି ।

୪. କଲିକତା, ଦିଲ୍ଲୀ, ମୁମ୍ବାଇ, ସାଂଘୋଇ, ନାଇରବି, ସିଓଲ, ବ୍ୟାଙ୍କକ୍

**୨୭.୨**

୧. ମଧ୍ୟବର୍ଗ, ଶ୍ରମିକ ବର୍ଗ

୨. ଉଦ୍ୟୋଗପତି, ବ୍ୟାଙ୍କ କର୍ମଚାରୀ, ଓକିଲ, ଶିକ୍ଷକ, ଏବଂ ଅନ୍ୟକର୍ମଚାରୀ ବର୍ଗ ।

୩. କିଛି ରୋଜଗାର କ୍ଷମ ହେଲେ, ଅନ୍ୟମାନେ ବେରୋଜଗାରିର ସମ୍ମୁଖୀନ୍ନ ହେଲେ କାରଖାନାର ମଜୁରୀ, ଶ୍ରମିକ ଶ୍ରେଣୀରେ ପରିବର୍ତ୍ତନ ହେଲା ।

୪. ଗୃହ ବାହାରେ ନିଯୁକ୍ତି, ଅସମାନ ବେତନ, କାରଖାନା ଅନୁଶାସନ.

**୨୭.୩**

୧. କାରଖାନରେ କାମ, ଶିକ୍ଷକ, କାର୍ଯ୍ୟାଳୟ ଓ ଦୋକାନ

୨. ବେରୋଜଗାରୀରେ ବୃଦ୍ଧି, ଅଣସଂଗଠିତ କ୍ଷେତ୍ର ଓ ଗୃହକର୍ମରେ ନିବେଶ ।

୩. ସ୍ଥାନ, ଢ଼ଙ୍ଗ, କାର୍ଯ୍ୟସମୟ, ଅନୁଶାସନ

୪ ବହୁରାଷ୍ଟ୍ରୀୟ କମ୍ପାନୀମାନେ ସେମାନଙ୍କ କାର୍ଯ୍ୟର କିଛି ଅଂଶକୁ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କୁ ଅର୍ପଣକଲେ ଯେଉଁଠାରେ ମଜୁରୀ କମ୍‌ଥିଲା ଏଥିସହିତ ଉକ୍ତ ସରକାରଙ୍କ ଉପରେ ଟିକସ ସୁବିଧା ଓ ସୁରକ୍ଷା ପାଇଁ ଚାପ ପ୍ରୟୋଗ କରୁଥିଲେ ।

**ପଠନାନ୍ତେ ପ୍ରଶ୍ନର ସଂକେତ**

୧. ୨୭-୧ ଅନୁଛେଦ ୨ ଦେଖ ।

୨. ୨୭-୩ ଅନୁଛେଦ ୧ ଦେଖ ।

୩. ୨୭-୩ ଅନୁଛେଦ ୫ ଦେଖ ।

୪. ୨୭-୪ ଅନୁଛେଦ ୫ ଦେଖ ।

୫. ୨୭-୯ ଅନୁଛେଦ ୨ ଦେଖ ।

୬. ୨୭-୭ ଅନୁଛେଦ ୨ ଓ ୩ ଦେଖ ।

୭. ଉତ୍ତର ବିଷୟରେ ଚିନ୍ତାକର ।

୮. ଯାହା ଚିନ୍ତା କରୁଛ ଲେଖ ।

ଟିପ୍ପଣୀ

# ୨୮

# ବିଂଶ ଶତାବ୍ଦୀରେ ସାଂସ୍କୃତିକ ପରିବର୍ତ୍ତନ

ବଲସେଭିକ୍ ବିପ୍ଳବ, ଦୁଇ ବିଶ୍ୱ ଯୁଦ୍ଧ, ଫାସୀବାଦ, ଏସିଆ ଓ ଆଫ୍ରିକାର ଉପନିବେଶବାଦରୁ ମୁକ୍ତି ପାଇଁ ହୋଇଥିବା ମୁକ୍ତି ଆନ୍ଦୋଳନ ଆଦି ବିଶିଷ୍ଟ ଘଟଣାଗୁଡିକ ପାଇଁ ଆମେ ବିଂଶ ଶତାବ୍ଦୀକୁ ପ୍ରାୟ ମନେପକାଇଥାଉ ।



ଚିତ୍ର-୨୮.୧.୧ ବଲସେଭିକ ବିପ୍ଳବରେ ଦୁର୍ଗ ଉପରେ ଆକ୍ରମଣ



ଚିତ୍ର-୨୮.୧.୨ ଆଫ୍ରିକାର ମୁକ୍ତି ସଂଗ୍ରାମ



ଚିତ୍ର-୨୮.୧.୩ ପର୍ଲହାର୍ବର ଉପରେ ଆକ୍ରମଣ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ



ଚିତ୍ର-୨୮.୧.୪ ଇଟାଲୀର ଫାସୀବାଦ



ଚିତ୍ର-୨୮.୧.୫ ଇଥିଓପିଆର ମୁକ୍ତି ସଂଗ୍ରାମ



ଚିତ୍ର-୨୮.୧.୬ ପ୍ରଥମ ବିଶ୍ୱ ଯୁଦ୍ଧର ଏକ ଖାଇ

ଉକ୍ତ ସମସ୍ତ ବିକାଶ ନିଃସନ୍ଦେହରେ ନିର୍ଣ୍ଣାୟକ ଥିଲା ଏବଂ ଏହା ସମସାମୟିକ ବିଶ୍ୱ ଉପରେ ପ୍ରଗାଢ଼ ପ୍ରଭାବ ପକାଇଥିଲା । ତଥାପି ଏହା କୁହାଯାଇପାରେ ଯେ ସମାଜରେ ଆସିଥିବା ପରିବର୍ତ୍ତନ ଏକ ନାଟକୀୟ ଢ଼ଙ୍ଗରେ ଘଟି ନଥିଲା ବରଂ ଆର୍ଥିକ, ସାଂସ୍କୃତିକ ତଥା ଜନସଂଖ୍ୟା କ୍ଷେତ୍ରରେ ବହୁ ଧିରେ ଧିରେ ଏବଂ ଦୀର୍ଘକାଳୀନ ପରିବର୍ତ୍ତନର ପରିଣାମ ଅଟେ । ବିଂଶ ଶତାବ୍ଦୀ ମଧ୍ୟ ବହୁ ପରିବର୍ତ୍ତନର ଏକ ସମୟ ସେ ମଧ୍ୟରୁ କିଛି ସେ ସମୟର ଲୋକଙ୍କ ପାଇଁ ଅନୁପଲବ୍ଧ ଥିଲେ ମଧ୍ୟ ତାହା ସାରା ବିଶ୍ୱକୁ ବର୍ତ୍ତମାନର ରୂପ ଦେବା ପାଇଁ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।







ପୂର୍ବ ପାଠରେ ତୁମ୍ଭେମାନେ ଏ ପ୍ରକାର ଅନେକ ବିକାଶଶୀଳ ଘଟଣା ସମ୍ବନ୍ଧରେ ପଢ଼ିଥିବ ଯଥା:-ଜନସଂଖ୍ୟାରେ ବିସ୍ଫୋଟ, ଦୃଢ଼ ସହାରୀକରଣ ତଥା ପୂର୍ବ ଶତାବ୍ଦୀ ତୁଳନାରେ ମଧ୍ୟବର୍ଗ ଓ ଶ୍ରମିକ ଶ୍ରେଣୀରେ ଅଭୂତପୂର୍ବ ବୃଦ୍ଧି ।

ସାମାଜିକ ଗଠନ ତଥା ବିଭିନ୍ନ ଦେଶର ସାମାଜିକ ଶ୍ରେଣୀ ମଧ୍ୟରେ ସମ୍ପର୍କରେ ଆସିଥିବା ପରିବର୍ତ୍ତନ ସହିତ ଏହି ସମୟରେ ଏକ ସାଂସ୍କୃତିକ ପରିବର୍ତ୍ତନ ଆସିଥିଲା । ଯାହାକି ଲୋକମାନଙ୍କର ମୂଲ୍ୟ, ମନୋବୃତ୍ତି, କଳାତ୍ମକ ରୁଚିକୁ ଧିରେ ତଥା ଦୀର୍ଘକାଳ ପାଇଁ ପରିବର୍ତ୍ତନ କରିଥିଲା । ପରବର୍ତ୍ତୀ ଅଧ୍ୟାୟରେ ଆମ୍ଭେ ଏଥି ମଧ୍ୟରୁ କିଛି ସାଂସ୍କୃତିକ ପରିବର୍ତ୍ତନ ବିଷୟରେ ବିସ୍ତୃତ ପରୀକ୍ଷା କରିବା ସହିତ ଜାଣିବା ପାଇଁ ଚେଷ୍ଟା କରିବା ଯେ ଏହା ଆଜିର ଏକ ସାର୍ବଜନୀନ ବିଶ୍ୱ ସଂସ୍କୃତି ଆଡକୁ ଅଥବା ସଂସ୍କୃତି ମଧ୍ୟରେ ଅତ୍ୟଧିକ ପ୍ରସାରଣ ଓ ସଂଘର୍ଷତା ଆଡକୁ ଗତି କରୁଛି ସଂଘର୍ଷଣ ।

## ଉଦ୍ଦେଶ୍ୟ

ଏହା ପଢ଼ିବା ପରେ ତୁମ୍ଭେ ଜାଣିପାରିବ

- ସଂସ୍କୃତିର ବିଭିନ୍ନ ଅର୍ଥର ବ୍ୟାଖ୍ୟା
- ସଂସ୍କୃତିର ଲକ୍ଷଣ ତଥା ସଂସ୍କୃତିର ବ୍ୟାଖ୍ୟା କରିବାର ସମସ୍ୟା
- ବିଂଶ ଶତାବ୍ଦୀରେ ବିଜ୍ଞାନ, କଳା, ଧର୍ମ, ଶିକ୍ଷା, ଖବର, ମନୋରଞ୍ଜନ, ବ୍ୟବହାର ଓ ମୂଲ୍ୟ ବିଷୟରେ ଘଟିଥିବା ବିଭିନ୍ନ ପରିବର୍ତ୍ତନର ସଂକ୍ଷିପ୍ତ ବର୍ଣ୍ଣନା ଓ
- ବିଶ୍ୱକରଣ ତଥା ଏକକ ବିଶ୍ୱ ଅର୍ଥ ବ୍ୟବସ୍ଥା ଏବଂ ସଂସ୍କୃତି ତଥା ବର୍ତ୍ତମାନ ଚାଲିଥିବା ପାଶ୍ଚାତ୍ ଆଧିପତ୍ୟର ବିରୋଧ ମଧ୍ୟରେ ସନ୍ତୁଳନର ଆକଳନ କରିପାରିବ ।

## ୨୮.୧ ସଂସ୍କୃତିର ବ୍ୟାଖ୍ୟା

ବିଂଶ ଶତାବ୍ଦୀର ସାଂସ୍କୃତିକ ପରିବର୍ତ୍ତନକୁ ଯିବା ପୂର୍ବରୁ ବିଭିନ୍ନ ବିଭାଗ ଦ୍ୱାରା ସଂସ୍କୃତିର କରିଥିବା ବ୍ୟାଖ୍ୟାକୁ ଭଲ ଭାବରେ ନିରିକ୍ଷଣ କରିବା ଦରକାର । ବାସ୍ତବରେ ସଂସ୍କୃତି ସମାଜ ବିଜ୍ଞାନର ଏକ ଜଟିଳ ଶବ୍ଦ ଅଟେ । ଏହାର କାରଣ ହେଲା ଯେ ଏହି ଶବ୍ଦ ପ୍ରଥା, ରୀତିନୀତି ଏବଂ ମୂଲ୍ୟ ଇତ୍ୟାଦି ସହିତ ଜଡିତ ଦେଇଥାଏ ଯାହାକୁ ମାପିବା ବା ପରିଣାମ ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ଏଥି ସହିତ ବିଭିନ୍ନ ମନିଷୀମାନେ ଏହାକୁ ବିଭିନ୍ନ ଅର୍ଥରେ ବ୍ୟବହାର କରିଛନ୍ତି ।

ଉଦାହରଣ ସ୍ୱରୂପ ସରକାରୀ ଘୋଷଣା ଏବଂ ସାମଚାର ଇସ୍ତାହାରରେ ଏହି ଶବ୍ଦ ମୁଖ୍ୟତଃ କଳାତ୍ମକ ସୃଜନଶୀଳତା ଓ ବୌଦ୍ଧିକ ସଫଳତାରେ ବାରମ୍ବାର ବ୍ୟବହୃତ ହୋଇଥାଏ । ଶାସ୍ତ୍ରୀୟ ତଥା ଲୋକ ସଙ୍ଗୀତ ନୃତ୍ୟ ଶୈଳୀ, ସାହିତ୍ୟ ଇତ୍ୟାଦି ମାଧ୍ୟମରେ ପ୍ରଦର୍ଶିତ ହେଉଥିବା ଭାରତୀୟ ସଂସ୍କୃତି ପାଇଁ ଏହା ବ୍ୟବହାର କରାଯାଇଥାଏ ।

ଉକ୍ତ ଧାରଣାରୁ ଦୂରେଇ ଯାଇ ମାନବ ବିଜ୍ଞାନୀମାନେ ସଂସ୍କୃତି ଶବ୍ଦକୁ ଏକ ମାନବ ଗୋଷ୍ଠୀର ସମ୍ପୂର୍ଣ୍ଣ ଜୀବନ ଶୈଳୀକୁ ବୁଝାଇଥାଏ ଯେଉଁଥିରେ ସେମାନଙ୍କର ଖାଦ୍ୟପାନୀୟ, ବେଶଭୂଷା,



ଟିପ୍ପଣୀ

କାମ, ଅବସର ବିନୋଦନର କାର୍ଯ୍ୟ ନିର୍ଘଣ୍ଟ ସହିତ ଲୋକପ୍ରିୟ ପରମ୍ପରା, ପର୍ବପର୍ବାଣୀ ଇତ୍ୟାଦିକୁ ବୁଝାଇଥାଏ । ଉକ୍ତ ପ୍ରଥା ଅନୁଯାୟୀ ନିର୍ଣ୍ଣୟକ ବା ଶାସ୍ତ୍ରୀୟ କଳାକାର ତଥା ଦାର୍ଶନିକ ମାନଙ୍କର କୃତିତ୍ୱକୁ ଗୁରୁତ୍ୱ ନଦେଇ ଦୈନନ୍ଦିନ କାର୍ଯ୍ୟାବଳୀ ଯାହାକି ଗତାନୁଗତିକ ରୀତିରେ ସମାଜରେ ପ୍ରଚଳିତ ତଥା ଗୃହୀତ ପ୍ରଥା ଉପରେ ଗୁରୁତ୍ୱ ଆରୋପ କରିଥାଏ । ଉକ୍ତ ସଂଜ୍ଞା ଅନୁସାରେ ଭାରତୀୟ ସଂସ୍କୃତିର ବ୍ୟାଖ୍ୟା ଲୋକପ୍ରିୟ ପର୍ବପର୍ବାଣୀ, ଧାର୍ମିକ ପରମ୍ପରା ଏବଂ ଜାତିପ୍ରଥା ଉପରେ ଗୁରୁତ୍ୱ ଆରୋପ କରିଥାଏ ।

ଅନ୍ୟ ଏକ ଅର୍ଥରେ ସଂସ୍କୃତିର ଅର୍ଥ ହେଲା ସମାଜର ଉପଲବ୍ଧ ମୂଲ୍ୟ, ବିଶ୍ୱାସ ଏବଂ ଆଚାର ବ୍ୟବହାର ଯାହାକି ସେହି ଗୋଷ୍ଠୀରେ ବିଦ୍ୟମାନ ବା ପ୍ରଚଳିତ ଏବଂ ସଂସ୍କୃତର ମୂଳଧାରା ରୂପେ ସ୍ୱୀକୃତ । ଏଣୁ ଭାରତୀୟ ସଂସ୍କୃତିରେ ପାରମ୍ପରିକ ପାରିବାରିକ ବନ୍ଧନ ଏବଂ ଗୁରୁଜନଙ୍କୁ ସମ୍ମାନ ଉପରେ ପାଶ୍ଚାତ୍ ଦେଶମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଆରୋପ କରିଥାଏ କାରଣ ସେଠାରେ ବିବାହ ପରେ ସନ୍ତାନମାନେ ପିତାମାତାଙ୍କୁ ଛାଡି ଚାଲିଯାଆନ୍ତି ଏବଂ ତାଙ୍କର ବୈବାହିକ ବନ୍ଧନରେ ଅଧିକ ମାତ୍ରାରେ ଭଙ୍ଗ ପ୍ରବଣତା ଦେଖା ଦେଇଥାଏ ।

ଉକ୍ତ ମାନସିକତା ବା ଆଦର୍ଶ ଏବଂ ବିଶ୍ୱାସ ପଦ୍ଧତିର ବ୍ୟତିରେକ ପ୍ରତ୍ନତତ୍ତ୍ୱବୀତ୍‌ମାନେ ଖନନରୁ ପାଇଥିବା ପ୍ରାଚୀନ ସମ୍ପ୍ରଦାୟର ବସ୍ତୁବାଦୀ ସଂସ୍କୃତି ବା ସର୍ବ ସାଧାରଣରେ ବ୍ୟବହୃତ ବସ୍ତୁବାଦି ସଂସ୍କୃତି ଯଥା:-ମାଟିପାତ୍ର, ଗହଣା, ଗୃହ ଇତ୍ୟାଦିକୁ ଗୁରୁତ୍ୱ ଦେବା ପାଇଁ ଅଧିକ ପସନ୍ଦ କରନ୍ତି ।

ପୂର୍ବ ବର୍ଣ୍ଣିତ ସଂଜ୍ଞାକୁ ଧ୍ୟାନ ପୂର୍ବକ ସମୀକ୍ଷା କଲେ ଜଣାଯିବ ଯେ ସଂସ୍କୃତିର ଅଧ୍ୟୟନ ମସ୍ତିଷ୍କର ଦୁଇ ବିଭିନ୍ନ ମାନଦଣ୍ଡ ଉପରେ ଆଧାରିତ:- ଏକ ପକ୍ଷରେ କଳାତ୍ମକ ଓ ବୌଦ୍ଧିକ ସଂସ୍କାର ଏବଂ ଅନ୍ୟ ପକ୍ଷରେ ଐତିହାସିକ ରୂପରେ କରାଯାଇଥିବା ଭାଗିଦାରୀ ଅଥବା ଲୋକପ୍ରୀୟ ପରମ୍ପରା । ଲୋକପ୍ରିୟ ପରମ୍ପରାକୁ ମଧ୍ୟ ବିଭିନ୍ନ ସ୍ତରରେ ଜାଣିହେବ ଯଥା:- ଭୌତିକ ବସ୍ତୁ, ପ୍ରଥା ବା ମୂଲ୍ୟ ଏବଂ ମନୋବୃତ୍ତି । ସଂସ୍କୃତିର ବିଭିନ୍ନ ରୂପରେଖକୁ ଅନୁସରଣ କରି ବର୍ତ୍ତମାନ ଆମ୍ଭେ ବିଂଶ ଶତାବ୍ଦୀରେ ବିଜ୍ଞାନ, କଳା, ମନୋରଞ୍ଜନ, ମୂଲ୍ୟବୋଧ, ଧର୍ମ ଓ ଶିକ୍ଷା କ୍ଷେତ୍ରରେ ଘଟିଥିବା କିଛି ଅସାଧାରଣ ବିକାଶ ବିଷୟରେ ଅନୁଧ୍ୟାନ କରିବା ।

## ୨୮.୧ ପାଠଗତ ପ୍ରଶ୍ନ

୧. ବିଂଶ ଶତାବ୍ଦୀରେ ଘଟିଥିବା କ୍ରାନ୍ତିକାରୀ ତଥା ଧିରେ ଧିରେ ହୋଇଥିବା ପରିବର୍ତ୍ତନର ଦୁଇଟି ଲେଖାଏଁ ଉଦାହରଣ ଦିଅ ।

୨. ସଂସ୍କୃତି ଶବ୍ଦର ବିଭିନ୍ନ ବ୍ୟାଖ୍ୟାର ତୁଳନା ତଥା ବୈଷମ୍ୟ ଉଲ୍ଲେଖ କର । ତୁମ୍ଭେ ଉକ୍ତ ବ୍ୟାଖ୍ୟାର କିଛି ସାଧାରଣ ଲକ୍ଷଣ ପାଇପାରିବ ?

୩. ସାମାଜିକ ବିଜ୍ଞାନରେ ସଂସ୍କୃତି କାହିଁକି ଏକ ଜଟିଳ ଶବ୍ଦ ଅଟେ ?

## ୨୮.୨ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନକୌଶଳ

ବିଂଶ ଶତାବ୍ଦୀରେ ମହତ୍ୱପୂର୍ଣ୍ଣ ସାଫଲ୍ୟ ହେଲା ବିଜ୍ଞାନ ଏବଂ ବୈଶୟିକ ଜ୍ଞାନକୌଶଳରେ ମହତ୍ୱପୂର୍ଣ୍ଣ ସାଫଲ୍ୟ ଯାହାକି ମନୋରଞ୍ଜନ ଓ ଶିକ୍ଷାଠାରୁ ପରିବହନ ଏବଂ ସଂଚାର ପର୍ଯ୍ୟନ୍ତ

ଟିପ୍ପଣୀ

ମାନବ ଜୀବନର ପ୍ରତି ଦିଗକୁ ଏହି ସମୟରେ ପ୍ରଭାବିତ ତଥା ପରିବର୍ତ୍ତିତ କରିଥିଲା । ପୂର୍ବ ଶତାବ୍ଦୀରେ ଆଧୁନିକ ଜ୍ଞାନ କୌଶଳ ଦ୍ୱାରା କାର୍, ଉଡାଜାହାଜ, ରେଡିଓ, ଟ୍ରାଞ୍ଜିଷ୍ଟର, ସିନେମା ଓ ଟେଲିଭିଜନ, କାଲକୁଲେଟର ଏବଂ କମ୍ପୁଟର, ସେଟ୍‌ଲାଇଟ୍ ଏବଂ ମୋବାଇଲ ଫୋନ ତଥା ଲେଜର ଏବଂ ଅଙ୍ଗ ପ୍ରତିରୋପଣ ଆଦି ନୂଆ ଉତ୍ପାଦନ ଓ ସେବା ଉପଲବ୍ଧ ହୋଇଥିଲା । ଉକ୍ତ ବୈଷୟିକ ଜ୍ଞାନ କୌଶଳର ଆବିଷ୍କାର ପଛରେ ବିବିଧ ବୈଜ୍ଞାନିକ କ୍ଷେତ୍ର ଯେପରି କି ଏଟୋମିକ୍ ଫିଜିକ୍ସ୍, ଅନୁପୁବଂଶୀକ ଏବଂ ଅଣୁ ଜୀବବିଜ୍ଞାନ ଓ ଆଭ୍ୟନ୍ତରୀକ୍ଷ ଅନୁସନ୍ଧାନରେ ଜଟିଳ ବିକାଶ ହୋଇଥିଲା । ଏହି ସବୁ ବିଷୟରେ ପ୍ରମୁଖ ଆବିଷ୍କାର କରିଥିବା ବୈଜ୍ଞାନିକମାନେ ହେଲେ:- ମ୍ୟାରିକ୍ୟୁରୀ, ଆଲ୍‌ବାଟ୍ ଆଇନଷ୍ଟାଇନ, ପାଇନିମେନ ଓ ହୋମି ଜେ. ଭାବା

କିନ୍ତୁ ମୁଖ୍ୟତଃ ଆଜିକାଲିର ବୈଜ୍ଞାନିକ ବିକାଶ କୌଣସି ଏକ ପ୍ରତିଭାବାନ ବ୍ୟକ୍ତିଙ୍କର ବ୍ୟକ୍ତିଗତ



ଚିତ୍ର ୨୮.୨.୧
ମାଡାମ୍ କ୍ୟୁରୀ
ରେଡିଓ ଆକ୍ଟିଭିଟିର ଉଦ୍‌ଭାବନ



ଚିତ୍ର ୨୮.୨.୨
ରିଚାର୍ଡ ପି. ଫିନ୍‌ମେନ୍



ଚିତ୍ର ୨୮.୨.୩
ଆଲ୍‌ବାର୍ଟ ଆଇନଷ୍ଟାଇନ୍,
ପରମାଣୁ ବୈଜ୍ଞାନିକ



ଚିତ୍ର ୨୮.୨.୪
ହୋମି ଜେ. ଭାବା,
ପରମାଣୁ ବୈଜ୍ଞାନିକ

ପ୍ରଗତି ନୁହେଁ ପରନ୍ତୁ ବିଶ୍ୱର ବିଭିନ୍ନ ଦେଶ ଓ ବିକଶିତ ଦେଶ ବିଶେଷ କରି ଆମେରିକାର ଅତ୍ୟଧିକ ବ୍ୟୟ ବହୁଳ ଅନୁସନ୍ଧାନ କେନ୍ଦ୍ରର ବୈଜ୍ଞାନିକ ମାନଙ୍କର ପ୍ରଗତିର ଫଳ ଅଟେ ।

ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ସମସାମୟିକ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନ କୌଶଳ ମାନବ ସମାଜକୁ ବହୁତ ପ୍ରକାର ସୁବିଧା ସୁଯୋଗ ଦେବା ସତ୍ତ୍ୱେ ସେହି ସମୟରେ ଲୋକଙ୍କମଧ୍ୟରେ ବିଜ୍ଞାନ ପ୍ରତି ଭୟ ଏବଂ ଆଶଙ୍କା ସୃଷ୍ଟି କରିଅଛି ।

ଆଂଶିକ ଭାବରେ ଏହାର କାରଣ ହେଲା ଶିକ୍ଷିତ ଜନ ସାମାନ୍ୟ (Layman) ଙ୍କ ଆଧୁନିକ ବିଜ୍ଞାନରେ ନୂଆ ନୂଆ ଉନ୍ନତି ବିଷୟରେ ଅଜ୍ଞାନତା ହିଁ ଅଟେ । ଆଧୁନିକ ବିଜ୍ଞାନକୁ ଅତ୍ୟଧିକ ଭୟଙ୍କର କରିବାରେ ଅଧିକରୁ ଅଧିକ ଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଉତ୍ପାଦନରେ ଏହାର ଶକ୍ତିର ଉପଯୋଗ ପୃଥିବୀର ସମବେଦନଶୀଳ ପରିସ୍ଥିତିର ସନ୍ତୁଳନ ପ୍ରତି ବିପଦ ସୃଷ୍ଟି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଅଛି ।

ବର୍ତ୍ତମାନ ପରିପ୍ରେକ୍ଷୀରେ ବୈଜ୍ଞାନିକ ଅନୁସନ୍ଧାନକୁ ପ୍ରେତ୍ସାହିତ ତଥା ନିୟନ୍ତ୍ରଣ କରିବାରେ ବୈଜ୍ଞାନିକ ତଥା ସରକାରମାନଙ୍କର ସାମାଜିକ ଉତ୍ତରଦାୟୀତ୍ୱ ଓ କର୍ତ୍ତବ୍ୟ ବହୁତ ଅଧିକ ଅଟେ ।



ଟିପ୍ପଣୀ

**କଳା ଓ ସାହିତ୍ୟ**

ବିଜ୍ଞାନ ବ୍ୟତୀତ ବିଭିନ୍ନ କଳା ଯଥା:-ଚିତ୍ରକଳା, ସଙ୍ଗୀତ ଓ ସାହିତ୍ୟ ଏବଂ ସିନେମା ଓ ରେକର୍ଡ କରାଯାଇଥିବା ସଙ୍ଗୀତ ଭଳି ନୂଆ କଳାତ୍ମକ ମାଧ୍ୟମରେ ବିଂଶ ଶତାବ୍ଦୀରେ ମହତ୍ୱପୂର୍ଣ୍ଣ ପ୍ରଗତି ହୋଇଅଛି ।

ଏହି ସମୟରେ ସମ୍ପୂର୍ଣ୍ଣ ରାଷ୍ଟ୍ରରେ ନୂତନ ସୃଜନଶୀଳ କାର୍ଯ୍ୟକୁ ରୂପ ଦେଇଥିବା କିଛି ମୁଖ୍ୟ କଳା ଆନ୍ଦୋଳନ ମଧ୍ୟରେ ଆଧୁନିକତାବାଦ୍, ସାମାଜିକ ଯଥାର୍ଥବାଦ ଏବଂ ଉତ୍ତର ଆଧୁନିକତାବାଦ ପ୍ରମୁଖ ଅଟେ । ବାସ୍ତବରେ ଆଧୁନୀକତାବାଦ ଉନବିଂଶ ଶତାବ୍ଦୀର ଶେଷ ଚତୁର୍ଥାଂଶରେ ୟୁରୋପରେ ଅଗ୍ରଣୀ ଲେଖକ ବର୍ଗ ବା ଅଗ୍ରଣୀ କଳା ପ୍ରବୃତି ରୂପେ ବିକଶିତ ହୋଇଥିଲା ଏବଂ ଏହା ବିଂଶ ଶତାବ୍ଦୀରେ ସମ୍ପୂର୍ଣ୍ଣ ବିଶ୍ୱକୁ ପ୍ରଭାବିତ କରିଥିଲା ।

ଯଦିଓ ଆଧୁନିକତା ବାଦର ବିଭିନ୍ନ ଶାଖାମାନ ଅଛି ଯଥା:-ପ୍ରତୀକବାଦ, ପ୍ରଭାବବାଦ ଏବଂ ଅତି ଯଥାର୍ଥବାଦ ତଥାପି ଏହି ସବୁରେ ଏକ ମୁଖ୍ୟ ସାର୍ବଜନୀନ ପ୍ରବୃତ୍ତି ଅଛି ଯାହା କି ପ୍ରତ୍ୟକ୍ଷ ବିଶ୍ୱରେ ଦେଖା ଯାଉଥିବା ବ୍ୟକ୍ତି ଓ ବସ୍ତୁକୁ ଯଥାରୂପ ଚିତ୍ରଣ କରିବା ସ୍ଥାନରେ ଅବଚେତନ ମନର ଭାବନା ଏବଂ ବିଚାରର ଗଭୀରତାକୁ ପ୍ରକଟ କରିବା ପାଇଁ ଜୋର ଦିଆଯାଇଛି । ଅଧିକନ୍ତୁ ଆଧୁନିକତାବାଦକୁ ବ୍ୟକ୍ତିନିଷ୍ଠ ଏବଂ ଅବଚେତନା ତତ୍ୱ ସହିତ ଅଭିବ୍ୟକ୍ତି କରିବା ପାଇଁ କଳାତ୍ମକ ଅଭିବ୍ୟକ୍ତିକୁ ପାରମ୍ପରିକ ରୂପରେ ମଧ୍ୟ ଶ୍ରେଷ୍ଠ କରାଗଲା ଏବଂ ବାରମ୍ବାର ସାହସିକ ପ୍ରୟୋଗ ପାଇଁ ପ୍ରୟାସ କରାଗଲା । ଏହା ଏକ ସାଧାରଣ ଦର୍ଶକକୁ ଅତ୍ୟନ୍ତ ସୂକ୍ଷ୍ମ ଏବଂ ଅବୋଧଗମ୍ୟ ଲାଗିଲା ।

କେତେକ ମହାନ ଆଧୁନିକତାବାଦୀ ନିଜସ୍ୱ ଶୈଳୀର ବିକାସ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ସ୍ପେନର ଚିତ୍ରକର ପାବ୍ଲୁ ପିକାସୋ (Pablo Picasso) ଯିଏ କ୍ୟୁବିଜିମ୍ (Cubism) ବା ବହୁ ପରିସର (Multidimensional) ଚିତ୍ର ଆରମ୍ଭ କରିଥିଲେ । ଏଥି ସହିତ ଆଇରିସ୍ ଲେଖକ ଜେମସ୍ ଜୟସୀ (James Joyee) ଓଲିସେସ (Ulysses) ନାମକ ନିଜ ପୁସ୍ତକରେ ଦି ଷ୍ଟ୍ରୀମ ଅଫ୍ କନ୍‌ସିଆସ୍‌ନେସ୍ (The Stream of consciousness)ର ଟେକ୍‌ନିକ୍‌ର ଶୁଭାରମ୍ଭ କରିଥିଲେ ।



ଚିତ୍ର ୨୮.୩ - ପିକାସୋ

ବିଡମ୍ବନା ଏହି ଯେ ଅଧିକାଂଶ ଆଧୁନିକତାବାଦୀମାନେ ନିଜନିଜର ଶୈଳୀର ବିକାଶ କରିବା ପାଇଁ ଅତ୍ୟନ୍ତ ଦୃଢ଼ ଏବଂ ଅଭିଜ୍ଞ ଥିଲେ ମଧ୍ୟ ଅନେକ ନିଜର ସାମାଜିକ ତଥା ରାଜନୈତିକ ଦୃଷ୍ଟିକୋଣରୁ ସେ ସମୟର ରାଜନୈତିକ ବିବାଦ ପ୍ରତି ଉଦାସୀନ ରହିବା ସତ୍ତ୍ୱେ ଆଧୁନିକ ସଭ୍ୟତା ଓ ମାନବିକ ସ୍ଥିତି ପ୍ରତି ଅତ୍ୟନ୍ତ ନୈରାଶ୍ୟଜନକ ସ୍ଥିତିରେ ଥିଲେ ।



ଟିପ୍ପଣୀ



ଠିକ୍ ଏହି ସମୟରେ ଅନ୍ୟ ଏକ ଗୋଷ୍ଠୀର କଳାକାରମାନେ ସାମାଜିକ ଯଥାର୍ଥବାଦ ଶୈଳିକୁ ମାଧ୍ୟମ କରି ଅଧିକ ପ୍ରଗତିଶୀଳ ଏବଂ ସାମାଜିକ ପରିବର୍ତ୍ତନ ପ୍ରତି ଆଶାବାଦୀ ଦୃଷ୍ଟିକୋଣ ରଖି କଳାତ୍ମକ ଅଭିବ୍ୟକ୍ତି କରିଥିଲେ। ଜର୍ମାନର ନାଟ୍ୟକାର ବାରଟୋଲ୍ଡ ବ୍ରୀଚ (Bertold Brecht) ଇଂଲଣ୍ଡର ଜର୍ଜ ବାନାର୍ଡ ସ (Gerge Bernard Shaw), ଔପନ୍ୟାସିକ ମେକ୍ସିମ୍‌ଗର୍କୀ (Maxim Gorki) ଏବଂ କବି ଆଲେକଜାଣ୍ଡର ବ୍ଲକ (Alexander Blok) ଇତ୍ୟାଦିମାନେ ଉକ୍ତ ନୂତନ ଶୈଳିର ଦୀଗ୍‌ଦର୍ଶକ ଥିଲେ। ଉକ୍ତ କବି ଓ ଲେଖକମାନେ ସମତାବାଦୀ ପରିବର୍ତ୍ତନର ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇଥିଲେ।

ବୋଲସେଭିକ ବିପ୍ଳବ ଏବଂ ସୋଭିଏତ୍ ସଂଘର ସୃଷ୍ଟି ଅନେକଙ୍କୁ ପ୍ରେରଣା ଦେଇଥିଲା ଏବଂ କଳାତ୍ମକ ପ୍ରବୃତି ରୂପରେ ସାମାଜିକ ଯଥାର୍ଥବାଦ ଅନେକ ଅଣ-କମ୍ୟୁନିଷ୍ଟ ଦେଶକୁ ସୃଜନାତ୍ମକ କାମ କରିବାକୁ ଉତ୍ସାହିତ କରିଥିଲା। ଯେଉଁମାନେ କି ସେହି ସମୟରେ ଔପନିବେଶିକ ସାମନ୍ତବାଦୀ ତଥା ପୁଞ୍ଜୀବାଦି ଶୋଷଣର ଭୟଙ୍କର ଜାଲରେ ଛନ୍ଦି ହୋଇଥିଲେ। ଉଦାହରଣ ସ୍ୱରୂପ ଭାରତରେ ୧୯୪୦ରେ ବାମପନ୍ଥୀଙ୍କ ସ୍ୱଷ୍ଟ ସହନୁଭୂତିରେ କମି ମାଜାଜ (Majaz) ଓ ଜୋସ୍ (Josh) ପ୍ରଗତିଶୀଳ ଲେଖକ ସଂଘ ଗଠନ କରିଥିଲେ। ଅନ୍ୟାନ୍ୟ ବିଦ୍ୱାନ ଲେଖକମାନଙ୍କ ମଧ୍ୟରେ ପ୍ରେମଚାନ୍ଦ ସେମାନଙ୍କ ଲେଖା ମାଧ୍ୟମରେ ସେ ସମୟର ପ୍ରକୃତ ଗ୍ରାମୀଣ ଜୀବନ ପ୍ରତି ସାମାଜିକ ସମ୍ୱନ୍ଧକୁ ପ୍ରତିଫଳନ କରିଥିଲେ ସେହିପରି ଭାବରେ ଚୀନ୍‌ରେ ସାମଜବାଦୀ ଚିନ୍ତାଦ୍ୱାରା ପ୍ରେରିତ ଯଥାର୍ଥବାଦୀ ଲେଖାଗୁଡିକ ଲୁ ସୁନ୍ (Lu-Hsun)ଙ୍କ ଭଳି ମହାନ୍ ବିଦ୍ୱାନଙ୍କ ଦ୍ୱାରା ରଚିତ ହୋଇଥିଲା। ଲାଟିନ ଆମେରିକାରେ ଆମେରିକା ବିରୋଧୀ ପ୍ରତିରୋଧ ପ୍ଲାବ୍ଲୋ ନିରୁଦା (Pablo Neruda)ଙ୍କ କବିତାକୁ ପ୍ରେରଣା ଦେଇଥିଲେ।

ବାସ୍ତବରେ ଉନବିଂଶ ଏବଂ ବିଂଶ ଶତାବ୍ଦୀରେ ଏସିଆ ଆଫ୍ରିକା ଓ ଲାଟିନ ଆମେରିକା ଆଦି ଦେଶମାନଙ୍କରେ ଦେଖା ଦେଇଥିବା କଳା ଓ ସାହିତ୍ୟର ପରିସ୍ଫୁଟନ ଏଇ ଯୁଗର ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ ଅଟେ। ଏହି ଦେଶମାନଙ୍କର କଳାକାରମାନେ ଏକପକ୍ଷରେ ଜାତୀୟତାବାଦୀ ଉଚ୍ଚ ଅଭିଳାଷକୁ ପରିପ୍ରକାଶ କରିବା ସଙ୍ଗେ ସଙ୍ଗେ ନିଜ ସମାଜରେ ଚାଲିଥିବା ସାମନ୍ତବାଦୀ ଓ ମୁଣ୍ଡ ଟେକିଥିବା ପୁଞ୍ଜିବାଦୀ ଶୋଷଣକୁ ମଧ୍ୟ ଉଲ୍ଲେଖ କରିଥିଲା। ଏଥି ସହିତ ଦ୍ରୁତ ଗତିରେ ଆସୁଥିବା ଆଧୁନିକୀକରଣର ଲହରୀକୁ ଅସାଧାରଣ ଦ୍ୱନ୍ଦ ମଧ୍ୟରେ ନିଜର ପରମ୍ପରାକୁ ସଂଶ୍ଲେଷଣ କରିବା ମଧ୍ୟ ପ୍ରକାଶ କରିଥିଲେ। ଶହେ ବର୍ଷ ପୂର୍ବର ସୃଜନାତ୍ମକ ଲେଖକ ରବୀନ୍ଦ୍ର ନାଥ ଟେଗୋରଠାରୁ ଆରମ୍ଭ କରି ଉପନିବେଶବାଦର ପରବର୍ତ୍ତୀ ଯୁଗର ଲାଟିନ୍ ଆମେରିକାର ଗ୍ରେବିଏଲ୍ ଗର୍ସିଆ ମାର୍କୁରଜ (Gabriel Garcia Marquez)ଏକ ଆଫ୍ରିକାର ଚିନୁଆ ଏସିବ୍ (Chinua Acebe)ଙ୍କ ଚିନ୍ତାଧାରା ଆଜିକାଲିର ସୃଜନାତ୍ମକ ସାହିତ୍ୟ ରଚନା କରିଥିଲେ।

### ଦର୍ଶନ ଓ ମାନବ ବିଜ୍ଞାନ

ବିଂଶ ଶତାବ୍ଦୀରେ ବିଶେଷ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ଛାତ୍ର, ବିଶ୍ୱବିଦ୍ୟାଳୟର ବିଭାଗ ଏବଂ ପ୍ରକାଶନ ହିସାବରେ ମାନବ ବିଜ୍ଞାନ (ସାମାଜିକ ବିଜ୍ଞାନ ଏବଂ ମନୋବିଜ୍ଞାନ)ର ଏକ ଅଭୁତ ପୂର୍ବ ବୃଦ୍ଧି ଘଟିଅଛି। ଏହି ବିସ୍ତାର ସତ୍ୱେ ଏବଂ ପ୍ରକାଶନରେ ଦୃଢ଼ ପ୍ରସାର ତଥା ସାମାଜିକ ବୈଜ୍ଞାନିକ ମାନଙ୍କର ପ୍ରଗତି ଦ୍ୱାରା ବିଶେଷଜ୍ଞତା ତଥା ବିଶେଷଜ୍ଞ ହେବାପାଇଁ ଜ୍ଞାନ ତଥା ବିଶିଷ୍ଠ ଶବ୍ଦାବଳୀର ବ୍ୟବହାର, ଯାହାକି ଆଜିକାଲିର ଶିକ୍ଷା ସଂକ୍ରାନ୍ତ ଲେଖାର ମୂଳ ଚରିତ୍ର, ଅଧିକ ମାତ୍ରାରେ ଦେଖା ଦେଇଅଛି।



ଟିପ୍ପଣୀ

ସାମାଜିକ ଓ ଦର୍ଶାନତ୍ମକ ଅନୁସନ୍ଧାନରେ ବ୍ୟାପକ ଏବଂ ଅଣ-ବିଶେଷଜ୍ଞ ମନୋନିବେଶ କେତେକ ନୂତନ ବିଶେଷ ଜ୍ଞାନ ହାସଲ କରିବା ପାଇଁ ବିଷୟଗୁଡ଼ିକୁ ଜନ୍ମ ଦେବା ଘଟଣା ଉନବିଂଶ ଶତାବ୍ଦୀ ୟୁରୋପ ସହିତ ଜଡ଼ିତ ଯେତେବେଳେ ଅର୍ଥଶାସ୍ତ୍ର, ରାଜନୀତିବିଜ୍ଞାନ, ସମାଜ ବିଜ୍ଞାନ, ମାନବ ବିଜ୍ଞାନ ମନୋବିଜ୍ଞାନ ଏବଂ ମନସ୍ତତ୍ୱବିଜ୍ଞାନ ଆସ୍ତେ ଆସ୍ତେ ନିଜର ବିଶିଷ୍ଟ ପଦ୍ଧତି ସହିତ ପୃଥକ ଅଧ୍ୟୟନର ବିଷୟ ରୂପେ ବିକଶିତ ହୋଇଥିଲା ।

ଏହି ସମୟରେ ଏ.ଜେ.ଆୟାର (A.J. Ayre) ଉଟ୍‌ଗେନ ଷ୍ଟାଇନ (Wittgenstein) ଙ୍କ ପରି ବିଚାରକଙ୍କ ପ୍ରଭାବରୁ ଦର୍ଶନ ଶାସ୍ତ୍ର ନିଜର ବିଚାର ଦୃଷ୍ଟିରୁ ଗତିକୁ ନୈତିକତା ଓ ରାଜନୀତିର ବ୍ୟାପକ ପ୍ରଶ୍ନର ଅନ୍ୱେଷଣରୁ କଠୋର ଭାବେ ଜଡ଼ିତ ରହି ଭାଷା ଓ ପ୍ରତୀକର ପ୍ରକୃତିକୁ ବ୍ୟାଖ୍ୟା କରିବା ପାଇଁ ପରିବର୍ତ୍ତନ କରିଥିଲା । ଏହା ମାଧ୍ୟମରେ ବିଭିନ୍ନ ବିବାଦୀୟ ବିଷୟକୁ ଉପସ୍ଥାପନ କରାଯାଏ ।

**ମହାନ ବିଚାରକ**



ଚିତ୍ର ୨୮.୪.୧
ଇ.ପି. ଥମ୍ପସନ୍



ଚିତ୍ର ୨୮.୪.୨
ଅମର୍ତ୍ୟ ସେନ

ଏହାର ଅଭିପ୍ରାୟ ଏହା ନୁହେଁ ଯେ କାର୍ଯ୍ୟକାରିତା, ମାନବ ପ୍ରକୃତି ଓ ପରିବର୍ତ୍ତନ ସମ୍ବନ୍ଧୀୟ ବ୍ୟାପକ ପ୍ରଶ୍ନ ଆଜି ଉଠା ଯାଉନାହିଁ । ବାଟ୍ରାଣ୍ଡ ରସେଲ (Bertraind Russell) ନୋଏମ୍ ଚୈମ୍‌ସ୍କି (Noam chomsky) ଓ ଲୁଇସ୍ ଆଲୁଥୁସାର (Louis Athusser) ବ୍ୟାପକ ବିଷୟରେ ଲେଖା ଜାରି ରଖିଛନ୍ତି ।

## ପାଠଗତ ପ୍ରଶ୍ନ ୨୮.୨.୧

୧. ବିଂଶ ଶତାବ୍ଦୀର ଚାରିଜଣ ବିଶିଷ୍ଟ ବୈଜ୍ଞାନିକଙ୍କ ନାମ ସହିତ ସେମାନଙ୍କର ଆବିଷ୍କାର ବିଷୟରେ ଉଲ୍ଲେଖ କର ।

.......................................................................................

୨. ବିଂଶ ଶତାବ୍ଦୀରେ ହୋଇଥିବା କଳା ଆନ୍ଦୋଳନର ନାମ ଉଲ୍ଲେଖ କର ଯାହା ବିଭିନ୍ନ ରାଷ୍ଟ୍ରରେ କଳାକାର ଓ ଲେଖକମାନଙ୍କୁ ପ୍ରଭାବିତ କରିଥିଲା ।

..........................................................................................

୩. କେତେକ ବିଚାରକଙ୍କ ନାମ ଲେଖ ଯେଉଁମାନେ ନୂତନ ଶୈଳୀରେ ଓ ରାଜନୀତି ଉପରେ ଲେଖା ଜାରି ରଖିଥିଲେ ଯେତେବେଳେ ଅତିରିକ୍ତ ବିଶେଷତା ଏବଂ ବଳିଷ୍ଠ ଶବ୍ଦାବଳୀ ବ୍ୟବହାର ପୂର୍ବ ଶତାବ୍ଦୀର ଅଧିକାଂଶ ଲେଖକମାନେ କରୁଥିଲେ ।

..........................................................................................



## ୨୮.୩ ସାଂସ୍କୃତିକ ସଂସ୍ଥା ଓ ପ୍ରତୀକ

ସାଂସ୍କୃତିକ ଇତିହାସରେ ବୈଜ୍ଞାନିକ, ଦର୍ଶନଶାସ୍ତ୍ରୀ ତଥା କଳାକାର ମାନଙ୍କର କୃତିତ୍ୱ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସାଂସ୍କୃତିକ ସଂଗଠନରେ ପରିବର୍ତ୍ତନ ଯଥା:-ଧର୍ମ, ଲୋକଗୀତ, ଭାଷା, ଶିକ୍ଷା ବ୍ୟବସ୍ଥା ଏବଂ ମାସ୍ ମିଡିଆ (Mass Media) ଇତ୍ୟାଦି ସାଂସ୍କୃତିକ ପରିବର୍ତ୍ତନର ଅଧ୍ୟୟନରେ ଉଲ୍ଲେଖନୀୟ ସ୍ଥାନ ଗ୍ରହଣ କରିଥାଏ । ମାନବ ବିଜ୍ଞାନୀ ଏହି ସାଂସ୍କୃତିକ ସଂସ୍ଥା ବା ପ୍ରତୀକ ପ୍ରଣାଳୀ ପ୍ରତି ସଙ୍କେତ ଦିଅନ୍ତି ଯିଏ ଏହାର ଭାଗୀଦାରିର ମୂଲ୍ୟ ଓ ଏହାର ବିଶ୍ୱ ଦୃଷ୍ଟି କୋଣର ସମ୍ବନ୍ଧ ପଦ୍ଧତିକୁ ପ୍ରତିନିଧିତ୍ୱ କରେ । ଏହି ସାଂସ୍କୃତିକ ପ୍ରତୀକର ବହୁ ଐତିହାସିକ ମହତ୍ୱ ରହିଅଛି । ଏହାର କାରଣ କେବଳ ଏତିକି ନୁହେଁ ଯେ ଏହା କେବଳ ସୂଚନା, ମନୋରଞ୍ଜନ ଏବଂ ବିଶ୍ୱାସ ଅଥବା ଜୀବନର ମାନକୁ ସମ୍ବୋଧନ କରିଥାଏ । ଏତ୍ ସହିତ ସେଗୁଡିକ ମଧ୍ୟ ବିଭିନ୍ନ ସାମାଜିକ ଶ୍ରେଣୀର ମୂଲ୍ୟ, ବିଶ୍ୱାସ, ମାନସିକ ଆବେଗ ଏବଂ ଆଚାର ବ୍ୟବହାର ଶୈଳୀକୁ ରୂପ ରେଖ ଦେବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।

କିନ୍ତୁ ଏଠାରେ ଧ୍ୟାନ ଦେବା ଉଚିତ୍ ଯେ ଅଧିକାଂଶ ସମାଜ ଆଇନ୍ କାନୁନ୍ ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡିକ ଯଥା ଶିକ୍ଷା ଓ ମାସ୍ ମିଡିଆ (Mass Media) ଗୁଡିକର ନିୟନ୍ତ୍ରଣ ପ୍ରଭାବୀ ଆଭିଜାତ୍ୟ ବର୍ଗର ଲୋକଙ୍କ ହାତରେ ଥିଲା । ସେମାନେ ସାଧାରଣତଃ ସମ୍ପତ୍ତି ସହିତ କ୍ଷମତାକୁ ମଧ୍ୟ ନିୟନ୍ତ୍ରଣ କରୁଥିଲେ । ତୁମେ ଜାତିପ୍ରଥା, ସତୀ ପ୍ରଥା ଇତ୍ୟାଦି ବିଷୟରେ ଥିବା ହିନ୍ଦୁ ବିଶ୍ୱାସ ପ୍ରତି ବ୍ରାହ୍ମଣମାନଙ୍କର ପ୍ରାଦୁଃର୍ଭାବ ବିଷୟରେ ଆଗରୁ ଜାଣିଥିବ ଯେଉଁଥିରେ ବିଶେଷ ରୂପରେ ପ୍ରାଚୀନ ଭାରତରେ ଉଚ୍ଚ ଜାତିର ଲୋକମାନେ ଶୁଦ୍ରମାନଙ୍କ ପାରିଶ୍ରମିକ ଫଳକୁ ନିଜ ଆୟତରେ ରଖିଥିଲେ । ସେହିପରି ଭାବରେ ଆଧୁନିକ ଯୁଗରେ ପୁଞ୍ଜୀବାଦୀ ବର୍ଗ ବ୍ୟାପକ ଜନ ମାନସକୁ (Mass Media) ବ୍ୟାପକ ଭାବେ ପ୍ରଭାବିତ କରୁଛନ୍ତି ଏବଂ ବିଶ୍ୱାସ ଏବଂ ଆଚାର ବ୍ୟବହାରକୁ ଏଭଳି ଢ଼ାଞ୍ଚାରେ ପକାଇବାକୁ ଚେଷ୍ଟା କରୁଛନ୍ତି ଯାହାଦ୍ୱାରା ଏହା ଶୋଷିତ ଗୋଷ୍ଠୀକୁ ବଳପ୍ରୟୋଗ ଦ୍ୱାରା ବା ବିନା ବଳ ପ୍ରୟୋଗ ଦ୍ୱାରା ନିଜର ନିୟନ୍ତ୍ରଣରେ ରଖି ପାରିବେ ।

ଏହି ସାଧାରଣ ନିୟମର ବଶବର୍ତ୍ତୀ ହୋଇ ଚାଲୁଥିବା ସାଂସ୍କୃତିକ ଅନୁଷ୍ଠାନ ଗୁଡିକ ମଧ୍ୟରେ ସେମାନଙ୍କର ସ୍ୱଭାବରେ ବିବିଧତା ଦୃଷ୍ଟି ଗୋଚର ହୁଏ । ବିଗତ ଶତାବ୍ଦୀ ବାସ୍ତବରେ ଦୃଢ଼ ପରିବର୍ତ୍ତନର ଏକ ଉତ୍କୃଷ୍ଟ ସମୟ ଥିଲା ଯେତେବେଳେ କେବଳ ଶିକ୍ଷାର ସନ୍ଦେଶ ଓ ବିଷୟବସ୍ତୁ, ଧର୍ମ ଓ ଲୋକ ସଂସ୍କୃତିରେ ମୌଳିକ ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ସାରା



ଟିପ୍ପଣୀ

ପୃଥିବୀର ଦେଶମାନଙ୍କରେ ଥିବା ସାଂସ୍କୃତିକ ଅନୁଷ୍ଠାନମାନଙ୍କ ମଧ୍ୟରେ ଥିବା ସନ୍ତୁଳନରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଥିଲା ।

**ଭାଷା**

ଯେ କୌଣସି ସଂସ୍କୃତିର ମୁଖ୍ୟ ଉପାଦାନ ଏହାର ଭାଷା ଅଟେ । ବିଂଶ ଶତାବ୍ଦୀରେ ବିଶ୍ୱ ଭାଷା ତତ୍ତ୍ୱ ମାନଚିତ୍ରରେ ଏକ ନାଟକୀୟ ପରିବର୍ତ୍ତନ ଦେଖା ଯାଇଥିଲା ଏହାଦ୍ୱାରା ସର୍ବ ସାଧାରଣ ବିଦିତ ସ୍ଥାନୀୟ ଭାଷା ସଙ୍ଗେ ସଙ୍ଗେ ସଂସ୍କୃତ ଏବଂ ଲାଟିନ ଭଳି ଉତ୍କୃଷ୍ଟ ଭାଷା, ଯାହାକି ଶତାବ୍ଦୀ ଧରି ବିଦ୍ୱାନମାନଙ୍କର ଜ୍ଞାନ ପାଇଁ ବିଶିଷ୍ଟ ମାଧ୍ୟମ ଥିଲା, କେତେକ ବିଶିଷ୍ଟ ରାଷ୍ଟ୍ରୀୟ ଭାଷାକୁ ଜନ୍ମ ଦେଇଥିଲା ଯାହାକୁ ବିଭିନ୍ନ ଅଞ୍ଚଳ ନିଜ ନିଜର ମୁଣ୍ଡ ଟେକି ଉଠିଥିବା ଜାତୀୟତା ବୋଧର ପରିପ୍ରକାଶ ପାଇଁ ଗ୍ରହଣ କରିଥିଲେ । ଏହା ଅନୁମାନ କରାଯାଏ ଯେ ଏବେ ମଧ୍ୟ ସାରା ବିଶ୍ୱରେ ପ୍ରାୟ ୬୫୦୦ ଭାଷା ପ୍ରଚଳିତ ଅଛି । ଏହାର ପ୍ରାୟ ଅର୍ଦ୍ଧେକ ଛୋଟ ଛୋଟ ସମୁଦାୟ ଦ୍ୱାରା ବିଦିତ ଅଛି ଏବଂ ଲୁପ୍ତ ହେବା ପ୍ରକ୍ରିୟାରେ ହିଁ ଅଛନ୍ତି । ଦଶଟି ପ୍ରମୁଖ ଭାଷା ବିଶ୍ୱର ଅର୍ଦ୍ଧାଧିକ ଲୋକଙ୍କର ମାତୃଭାଷା ଅଟେ (ସୌଜନ୍ୟ:-Foundation for Endangered languages website)

ସାମ୍ପ୍ରତିକ ସମୟରେ ବିଶ୍ୱର ଭାଷା ଶୈଳୀରେ ଏକ ପରିବର୍ତ୍ତନ ଆସିଅଛି । ତାହାହେଉଚି ଦ୍ୱିଭାଷିକତା ବା ଦୁଇଟି ଭାଷାରେ ଲେଖା ପଢ଼ା କରିବାର ପ୍ରୟାସ । ଏହା ସାଧାରଣତଃ ପୃଥିବୀର ବର୍ଦ୍ଧିତ ଶିକ୍ଷିତ ସମାଜଠାରେ ଦେଖାଯାଏ । ବିଶେଷ କରି ଇଂରାଜୀ ଭାଷା ବୈଶିକରଣ (Globalization) ଏବଂ ଇଣ୍ଟରନେଟର ବିକାଶ ସଙ୍ଗେ ସଙ୍ଗେ ଦ୍ୱିତୀୟ ପୋଷ୍ୟ ଭାଷାର ମାନ୍ୟତା ପ୍ରାପ୍ତ ହୋଇଛି । ଯଦିଓ ଚୀନ ଭାଷା ଏବେ ବିଶ୍ୱର ସର୍ବ ବୃହତ୍ ଭାଷା ତତ୍ତ୍ୱ ମଣ୍ଡଳୀରେ ରହିଛି, ସେହିପରି ଇଂରାଜୀ ଜାଣିଥିବା ଲୋକଙ୍କ ସଂଖ୍ୟା (ବିଶ୍ୱଜନ ସଂଖ୍ୟାର ୧୦ ପ୍ରତିଶତ) ଦୁଇ ନମ୍ବରରେ ଅଛି ଶେଷରେ ଇଂରାଜୀକୁ ଦ୍ୱିତୀୟ ଭାଷା ହିସାବରେ ଜାଣିଥିବା ଲୋକଙ୍କର ସଂଖ୍ୟା ବିଶ୍ୱରେ ସର୍ବାଧିକ ଅଟେ । ଶିକ୍ଷାର ବୃଦ୍ଧି ଓ ପ୍ରଚାର ଓ ପ୍ରସାରର ପ୍ରଭାବ ହେତୁ ଭାଷାମାନଙ୍କ ମଧ୍ୟରେ ପରସ୍ପର ଆଦାନ ପ୍ରଦାନ ଦ୍ୱାରା ହୋଇଥିବା ମିଶ୍ରଣ ବିଂଶ ଶତାବ୍ଦୀରେ ଭାଷାମାନଙ୍କ ମଧ୍ୟରେ ହୋଇଥିବା ବିକାଶର ଅନ୍ୟ ଏକ ମୁଖ୍ୟ ଅଙ୍ଗ ଅଟେ । ଯଦିଓ ଇଂରାଜୀ ଭାଷା ଫରାସୀ ଓ ହିନ୍ଦି ସହିତ ଅନ୍ୟ ଭାଷାମାନଙ୍କର ଅନେକ ଶବ୍ଦକୁ ଗ୍ରହଣ କରିଅଛି ସେତେବେଳେ ଭାରତର ହିଂଗଲିସ (Hinglish) ର ବିକାଶ ବା ଇଂରାଜୀ, ହିନ୍ଦି ଓ ଉର୍ଦ୍ଦୁର ମିଶ୍ରଣରେ ହୋଇଥିବା କଥିତ ଭାଷା ଭାରତୀୟମାନଙ୍କ ଦ୍ୱାରା ବ୍ୟବହାର ଏଇ ପରିପ୍ରେକ୍ଷୀରେ ଏକ ଉଲ୍ଲେଖନୀୟ ଘଟଣା ।

**ଲୋକ ପରମ୍ପରା**

ବିଂଶ ଶତାବ୍ଦୀରେ ବିଭିନ୍ନ ସମାଜର ଲୋକପ୍ରିୟ ସଂସ୍କୃତିର ଲୋକକଥା ସ୍ଥିତିରେ ବଡ ପରିବର୍ତ୍ତନ ଆସିଥିଲା । ବିଗତ ଶତାବ୍ଦୀରେ ବିକାଶଶୀଳ ଜଗତର ଡର୍ଜନେ (Dorzen) ପ୍ରାୟ ପରମ୍ପରିକ କଳା ଓ ମନୋରଞ୍ଜନର ରୀତି ଯଥା:-କଣ୍ଢେଇ ନାଚ, କାହାଣୀ ଶୁଣାଇବା, ପୌରାଣିକ ନାଟକ, ଲୋକନୃତ୍ୟ ଆଦି ଧିରେ ଧିରେ କିନ୍ତୁ ନିଶ୍ଚିତ ଭାବେ ଲୀନ ହୋଇଯାଇଥିଲା । ସମାଜରେ ପ୍ରଚଳିତ ପୁରୁଣା ଗୀତ, କାହାଣୀ ଓ ପୌରାଣିକ ଉପାଖ୍ୟାନ ଇତ୍ୟାଦି ଯାହାକି ବିଭିନ୍ନ ସମୁଦାୟ ଦ୍ୱାରା ନିଜର ବିଚାର ଧାରାକୁ ସମ୍ପ୍ରେଷଣ କରିବା ପାଇଁ ଏବଂ ଆଗତ ନୂଆ ପିଢ଼ିଙ୍କ ମୂଲ୍ୟବୋଧ

ଟିପ୍ପଣୀ

ପାଇଁ ବ୍ୟବହାର କରୁଥିଲେ ତାହା ତୀବ୍ର ଗତିରେ ଲୋପ ପାଇ ଗଲା ଏବଂ ସେ ସ୍ଥାନରେ ଆଧୁନିକ ପ୍ରଚାର ପ୍ରସାର ମାଧ୍ୟମରେ ବ୍ୟବସାୟ ପାଇଁ ତିଆରି ହୋଇଥିବା ମନୋରଞ୍ଜନ ଓ ସମାଚାର କାର୍ଯ୍ୟକ୍ରମ ନିଜର ସ୍ଥାନ ସ୍ଥାପନକଲା ।

ଏହା ସତ୍ତ୍ୱେ ରାଜ୍ୟ ତଥା ନାଗରୀକ ପ୍ରତିନିଧିଙ୍କ ଦ୍ୱାରା ଯେପରିକି ଭାରତ ଭଳି ଦେଶରେ ବର୍ତ୍ତମାନ ଆର୍ଥିକଅନୁଦାନ ତଥା ସଂସ୍ଥାଗତ ସମର୍ଥନ ଦ୍ୱାରା ଏହାର ରକ୍ଷଣାବେକ୍ଷଣା କରାଯାଉଅଛି ।

**ଜନ ସଂଚାର ମାଧ୍ୟମ** (Mass Media)

ଅନ୍ୟ ପକ୍ଷରେ ରେଡିଓ, ସିନେମା, ଗ୍ରାମଫୋନ ରେକଡ, ଟେଲିଭିଜନ, କେସେଟ ଏବଂ ସିଡି ଓ କମ୍ପ୍ୟୁଟର ଓ ମୋବାଇଲ ଫୋନ ଆଜି ଅତି କ୍ଷିପ୍ର ଗତିରେ ମାନବ ଜୀବନକୁ ପ୍ରଭାବିତ କରିଛି ଏବଂ ଆମ ସୂଚନା ପ୍ରାପ୍ତିର ପଥରେ, ମନୋରଞ୍ଜନ କରିବାରେ ଏବଂ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନରେ ତଥା ଏପରିକି ସାମାଜିକ ଓ ରାଜନୈତିକ ବ୍ୟାପାରରେ ପ୍ରତିକ୍ରିୟା ବ୍ୟକ୍ତ କରିବାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି ଦେଇଛି ।

ଯଦିଓ ସିନେମା ଓ ଟେଲିଭିଜନ ଭଳି କେତେକ ନୂଆ ମାଧ୍ୟମ ଦ୍ୱାରା ଚାର୍ଲି ଚାପଲିନ୍ (Charlie Chaplin) ସତ୍ୟଜିତ ରାୟ (Satyajit Ray) ଓ ଷ୍ଟିଭେନ ସ୍ପିଲବର୍ଗ (Steven Spielberg)ଙ୍କ ଭଳି ଶତାବ୍ଦୀର ମହାନ କଳାକାରମାନଙ୍କୁ ଅତ୍ୟନ୍ତ ଉଚ୍ଚକୋଟିର କଳାତ୍ମକ ସିନେମା ତଥା ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମର ପ୍ରସ୍ତୁତି ପାଇଁ ନିଯୁକ୍ତ କରାଯାଇଥିବା ସତ୍ତ୍ୱେ ବିଜ୍ଞାପନ ପାଇଁ ଉଦ୍ଦିଷ୍ଟ ଓ ଲୋକପ୍ରିୟତା ପାଇଁ ପ୍ରତିଯୋଗୀତା ଯାହା କି ସଂଚାର ମାଧ୍ୟମରେ ଗତିପଥର ଏକ ଉତ୍ସ ଏବେ ଉତ୍ତେଜନାପୂର୍ଣ୍ଣ, ଯୌନ ସମ୍ବନ୍ଧୀୟ ଓ ହିଂସାତ୍ମକ କାର୍ଯ୍ୟକ୍ରମକୁ ପ୍ରତ୍ସାହିତ କରୁଛନ୍ତି ।

ଧ୍ୟାନ ଆକର୍ଷଣ କରୁଥିବା ଜନ ସଂଚାର ଓ ମନୋରଞ୍ଜନର ଏହି ନୂତନ ଚେନେଲଗୁଡିକ ବାସ୍ତବିକ ଐତିହାସିକ । ଏକ ପର୍ଯ୍ୟବେକ୍ଷଣରୁ ଜଣା ଯାଇଛି ଯେ ୧୯୮୦ ମସିହାରେ ଆମେରିକାର ଅଧିକାଂଶ ପରିବାର ପାଖରେ ଦୁଇ ଦୁଇଟି ଟେଲିଭିଜନ ସେଟ୍ ଥିବା ବେଳେ ସେଠାରେ ଜଣେ ବାଳକ ନିଜର ପଢ଼ା ବା ଖେଳର ଦୁଇଗୁଣ ସମୟ ଟେଲିଭିଜନ ସମ୍ମୁଖରେ କଟାଉଥିଲା ।

**ଧର୍ମ**

ପାରମ୍ପରିକ କଳାର ରୂପ ଏବଂ ଲୋକ ଐତିହ୍ୟ ବ୍ୟତୀତ ଅନ୍ୟ ଏକ ସାଂସ୍କୃତିକ ସଂସ୍ଥା ହେଲା ଧର୍ମ ଯାହାର ଭୂମିକା ଗତ ଶତାବ୍ଦୀରେ ଅଧିକାଂଶ ସମାଜରେ ସୀମିତ ହୋଇଥିଲା । ବିକଶିତ ତଥା ବିକାଶଶୀଳ ଦେଶମାନଙ୍କରେ ପୂର୍ବାପେକ୍ଷା ଅଧିକ ପ୍ରଭାବଶାଳୀ ଧର୍ମ ନିରପେକ୍ଷ ଦୃଷ୍ଟି କୋଣ ଏବଂ ନିଷ୍ଠାଗୁଡିକ ଯଥା:-ମାନବବାଦ, ରାଷ୍ଟ୍ରବାଦ ଏବଂ ଲୋକତନ୍ତ୍ର ବିଗତ ଶତାବ୍ଦୀର ଲୋକମାନଙ୍କ ମଧ୍ୟରେ ଏକ ବ୍ୟାପକ ଆନ୍ଦୋଳନ ତଥା ପ୍ରତିଶ୍ରୁତି ପାଇଁ ପ୍ରବର୍ତ୍ତାଇ ଥିଲା । ଏହାର ଅଭିପ୍ରାୟ ଏହା ନଥିଲା ଯେ ରାଷ୍ଟ୍ରବାଦୀ (ଯେ ଖୋଲାଖୋଲି ଭାବରେ ରାଷ୍ଟ୍ରପତି ଆନୁଗତ୍ୟ ପ୍ରକାଶ କରନ୍ତି) ଏବଂ ମାନବବାଦୀ (ଯେ ମାନବଜୀବନକୁ ପରବର୍ତ୍ତୀ ଜୀବନ ଅପେକ୍ଷା ଅଧିକ ଗୁରୁତ୍ୱ ଦିଏ)ମାନେ ଏକ ସଙ୍ଗରେ ଧାର୍ମିକ ହୋଇ ପାରିବେ ନାହିଁ । ବାସ୍ତବରେ ପ୍ରାୟ ସମସ୍ତ ଦେଶରେ ଅଧିକାଂଶ ଲୋକ (ବିଶେଷ କରି ମହିଳାମାନେ) ଆଜି ମଧ୍ୟ ନିଜକୁ ଆସ୍ଥାବାନ ବୋଲି ବିଶ୍ୱାସ କରନ୍ତି । ଉଦାହରଣ ସ୍ୱରୂପ ୧୯୮୧ରେ ଯୁକ୍ତରାଷ୍ଟ୍ର ଆମେରିକାରେ ଧାର୍ମିକ ଆସ୍ଥା ଉପରେ ହୋଇଥିବା ଏକ ପର୍ଯ୍ୟବେକ୍ଷଣରୁ ଜଣାଯାଏ ଯେ କେବଳ ୧୦



ଟିପ୍ପଣୀ

ପ୍ରତିଶତ ଲୋକ ନିଜକୁ ନାସ୍ତିକ ବୋଲି ପରିପ୍ରକାଶ କରିଥିଲେ । ଏଥି ସହିତ ତୀର୍ଥ ଯାତ୍ରା ତଥା ଭକ୍ତି ସାହିତ୍ୟ ଓ ଭଜନର ପ୍ରକାଶନରେ ବିଗତ ଶତାବ୍ଦୀ ଅପେକ୍ଷା ଅତ୍ୟଧିକ ବୃଦ୍ଧି ହୋଇଥିଲା ।

ତଥାପି ନିତିଦିନିଆ ଜୀବନରେ ଧର୍ମର ସଙ୍କୋଚିତ ପ୍ରଭାବ ଉକ୍ତ ବିଷୟରୁ ସ୍ପଷ୍ଟ ହେଉଅଛି ଯେ ଧର୍ମ ଦୈନନ୍ଦିନ ପ୍ରବୃତି ଯଥା:-ଅଭିବାଦନ, ଖାଇବା ପିଇବା, ଉତ୍ସବ, ସାର୍ବଜନୀନ ସମାରୋହ ଇତ୍ୟାଦିରେ ସାଧାରଣତଃ ସହରମାନଙ୍କରେ ତୁଳନାତ୍ମକ ଭାବେ ସୀମିତ ହୋଇଯାଇଅଛି । ଯେପରିକି ଶହେ ବର୍ଷ ପୂର୍ବରୁ ଏହା ସମାହିତ ହେଉଥିଲା । ଦ୍ୱିତୀୟତଃ, ପୂର୍ବଭଳି ଧାର୍ମିକ ମୂଲ୍ୟ ଏବଂ ଦୃଷ୍ଟିକୋଣ ଅନ୍ୟାନ୍ୟ ମୁଖ୍ୟ ସାମାଜିକ ଅନୁଷ୍ଠାନଗୁଡିକୁ ଯଥା ରାଜ୍ୟ, କଳା ଇତ୍ୟାଦିକୁ ପରିବେଷ୍ଟନ କରିପାରିନାହିଁ । ତଥାପି ଆଜିକାଲିର ଅନେକ ପ୍ରଥାଗୁଡିକ ବାସ୍ତବରେ ସାଧାରଣ ଧାର୍ମିକ ବିଶ୍ୱାସର ପୁରାପୁରି ପ୍ରତିକୂଳ ଅଟେ । ଏହିଭଳି ଏକ ଶତାବ୍ଦୀ ପୂର୍ବର ପାଶ୍ଚାତ ଦେଶମାନଙ୍କରେ ମଧ୍ୟ ଅଧିକାଂଶ ବିବାହ ଏବଂ ନବଜାତ ଶିଶୁର ନାମକରଣ ଆଦିପର୍ବ ଗୀର୍ଜାରେ ସମ୍ପାଦିତ ହେବା ଅନିବାର୍ଯ୍ୟ ଥିଲା । ୧୯୯୦ ମସିହ ପର୍ଯ୍ୟନ୍ତ ଏହା ଦେଖିବାକୁ ମିଳିଲା ଯେ ଫ୍ରାନ୍ସରେ କେବଳ ୩୦ ପ୍ରତିଶତ ଦମ୍ପତ୍ତି ଗୀର୍ଜାରେ ବିବାହ ହୋଇଥିଲେ । ଗୀର୍ଜା ଦ୍ୱାର ନିଷିଦ୍ଧ ହୋଇଥିବା ଛାଡ଼ପତ୍ର ଓ ଗର୍ଭପାତ ପାଶ୍ଚାତ ଦେଶମାନଙ୍କରେ ଆଇନ ଦ୍ୱାରା ଅନୁମୋଦିତ ହେବାରୁ ଏହାକୁ କଳଙ୍କ ବୋଲି ନଭାବି ବହୁସଂଖ୍ୟାରେ ଲୋକେ ଏହାକୁ ସ୍ୱୀକାର କଲେଣି । ଏସିଆ ଓ ଆଫ୍ରିକାର ଅନେକ ରାଷ୍ଟ୍ରମାନଙ୍କରେ ଉପରୋକ୍ତ ଚିନ୍ତାଧାରା ଦୃଷ୍ଟିଗୋଚର ହେଲାଣି ।

### ଶିକ୍ଷା

ଆଜିକାଲି ଯେତେବେଳେ ଧର୍ମ ବର୍ଦ୍ଧିତ ସାମାଜିକ କ୍ଷେତ୍ରର ଚଳନ୍ତି ନିୟମ ଏବଂ ଆଦର୍ଶକୁ ବ୍ୟାଖ୍ୟା କରିବାରୁ ନିବୃତ୍ତ ରହିବାରୁ ଧର୍ମନିରପେକ୍ଷତା ଓ ବୈଜ୍ଞାନିକ ଜ୍ଞାନଉପରେ ଆଧାରିତ ଆଧୁନିକଶିକ୍ଷାର ପ୍ରସାରରେ ସେହି ସମୟରେ ଚମତ୍କାରିତା ଦେଖିବାକୁ ମିଳୁଛି । ରାଷ୍ଟ୍ର ତଥା ଔଦ୍ୟୋଗିକ ଏବଂ ସେବା କ୍ଷେତ୍ରରେ ଥିବା ଆଧୁନିକ ପଦପଦବୀରେ ନିଯୁକ୍ତି ହେବା ସଂଗେ ସଂଗେ ଦେଶ ପାଇଁ ଆନ୍ତରିକତା ଓ ନିଷ୍ଠା ଥିବା ଏକ ନାଗରିକ ଗୋଷ୍ଠୀର ସୃଷ୍ଟି ପାଇଁ ଲେଖାପଢା ତଥା ଗଣନାରେ ପ୍ରବୀଣ ଥିବା ଏବଂନିଜ ରାଷ୍ଟ୍ରର ଇତିହାସ ତଥା ପରମ୍ପରା ପାଇଁ ଗର୍ବିତ ଥିବା ଏକ ଶିକ୍ଷିତ ଆଧୁନିକ ନାଗରୀକ ଗୋଷ୍ଠୀର ଆବଶ୍ୟକତା ଅନୁଭୁତ ହେଲା ।

### ଲୋକ ପରମ୍ପରା

ଉନବିଂଶ ଶତାବ୍ଦୀରେ ବହୁତ ପାଶ୍ଚାତ ଦେଶ ସ୍କୁଲ ଶିକ୍ଷାକୁ ବାଧ୍ୟତାମୂଳକ ଓ କମ୍ ବ୍ୟୟସାପେକ୍ଷ ବା ନିଶୁଳ୍କ କରିଦେଇଥିଲେ । ବିଗତ ଶତାବ୍ଦୀରେ ଏସିଆ ଏବଂ ଆଫ୍ରିକାର ନୂତନଭାବେ ସ୍ୱାଧୀନ ପାଇଥିବା ଦେଶଗୁଡିକ ଏହି ପ୍ରକାର ପଦକ୍ଷେପ ନେଇ ବିଶେଷ ଭାବରେ ସଫଳ ହୋଇ ପାରିନଥିଲା । ଏହାର ମୁଖ୍ୟ କାରଣ ହେଲା ସୀମିତ ସମ୍ପଦ ଏବଂ ବ୍ୟୟବହୁଳ ଉପନିବେଶ ବାଦ ଓ ବିଦେଶୀ ଢ଼ାଞ୍ଚାର ଶିକ୍ଷା ବ୍ୟବସ୍ଥା । ଆମ ଦେଶରେ ୧୯୮୦ ପର୍ଯ୍ୟନ୍ତ ପ୍ରାୟ ଅର୍ଦ୍ଧେକ ଲୋକ ସ୍ୱାକ୍ଷର ନଥିଲେ ଏବଂ ଏହାର ଦୁଇ ଦଶନ୍ଧି ପୂର୍ବରୁ ଅଶିକ୍ଷିତଙ୍କ ଆନୁପାତିକ ହାର ଖସି ପ୍ରାୟ ୨୫ ଶତାଂଶରେ ଥିଲା ।

ଇତି ମଧ୍ୟରେ ବିଂଶ ଶତାବ୍ଦୀର ମଧ୍ୟଭାଗରୁ ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷିପ୍ର ଗତିରେ ବିସ୍ତାର ଲାଭ କରିଥିଲା । ୧୯୩୯ ବେଳକୁ ବ୍ରିଟେନ ଏବଂ ଫ୍ରାନ୍ସ୍ ଭଳି ବିକସିତ ଦେଶମାନଙ୍କରେ ୦.୧ ପ୍ରତିଶତରୁ କମ୍ ଲୋକ କଲେଜରେ ନାମ ଲେଖାଉଥିଲେ । କିନ୍ତୁ ୧୯୯୦ ଦଶକ ବେଳକୁ ଉକ୍ତ ଦେଶମାନଙ୍କରୁ ପ୍ରାୟ

ଦୁଇ ପ୍ରତିଶତ ଲୋକ କଲେଜ ଶିକ୍ଷା ପ୍ରାପ୍ତ ହେଉଥିଲେ (୨୦ଗୁଣ ବୃଦ୍ଧି) । ପ୍ରାଥମିକ ତଥା ବ୍ୟବସାୟୀକ ଶିକ୍ଷାର ବିକାଶ ହୋଇନଥିବା ସ୍ଥଳେ ୧୯୬୦ ଏବଂ ୧୯୮୦ ମସିହା ମଧ୍ୟରେ ବିକାଶଶୀଳ ଦେଶମାନଙ୍କରେ ଉଚ୍ଚ ଶିକ୍ଷାର ବିକାଶରେ ଚମତ୍କାରିତା ଦେଖାଯାଇଥିଲା ଏବଂ ସେହି ଅନୁପାତରେ ଗରିବ ଦେଶର ଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ନିଜ ନିଜର ନାମ ଲେଖାଇଥିଲେ । ଏଥି ସହିତ ଏହାର ଅର୍ଥ ବ୍ୟବସ୍ଥାର ଏକ ଅତି ଛୋଟ ଅଂଶ ସଂଗଠିତ ହୋଇଥିବା କାରଣରୁ ଏହି ଦେଶମାନଙ୍କରେ ଶିକ୍ଷିତ ବେରୋଜଗାରି ସମସ୍ୟା ମଧ୍ୟ ଅତି ଉତ୍କଟ ରୂପ ଧାରଣ କରିଥିଲା

ବିଶ୍ୱବିଦ୍ୟାଳୟର ଛାତ୍ରମାନେ ସାମାଜିକ ତଥା ସାଂସ୍କୃତିକ ବିଦ୍ରୋହରେ ସକ୍ରିୟ ଥିଲେ । ୧୯୬୮ରେ ହୋଇଥିବା ବ୍ୟାପକ ଏବଂ ଏକାକାଳୀନ ଛାତ୍ର ବିଦ୍ରୋହ ନିଉୟର୍କ ଏବଂ ସାନ୍‌ଫ୍ରାନ୍‌ସିସ୍‌କୋ ଠାରୁ ପ୍ୟାରିସ୍ ଏବଂ ପ୍ରାଗ୍ ପର୍ଯ୍ୟନ୍ତ ଏକ ଜଙ୍ଗଲି ନିଆଁପରି ବ୍ୟାପି ଯାଇଥିଲା । ଏହା ଆଜି ମଧ୍ୟ ଆମ ମାନସପଟରେ ପ୍ରତିଫଳିତ ହେବାର କାରଣ ହେଲା ଯେ ଏମାନଙ୍କ ମୌଳିକତାବାଦ ଯାହାକି ନିଜ ଦେଶର ଦମନକାରୀ ରାଷ୍ଟ୍ରନୀତି ଏବଂ ଶିକ୍ଷିତ ଶକ୍ତିଶାଳୀ ଗୋଷ୍ଠୀକୁ ବିରୋଧ କରିବା ସଙ୍ଗେ ସଙ୍ଗେ ଭିଏତ୍‌ନାମ୍‌ରେ ଯୁକ୍ତରାଷ୍ଟ୍ର ଆମେରିକାର ହସ୍ତକ୍ଷେପକୁ ବିରୋଧ କରି ଶକ୍ତିଶାଳୀ ଆନ୍ତରାଷ୍ଟ୍ରୀୟବାଦ, ଯୁଦ୍ଧ ବିରୋଧି ଏବଂ ସାମ୍ରାଜ୍ୟବାଦ ବିରୋଧି ଭାବନାକୁ ଜାଗୃତ କରିଥିଲା । ଏହା ସତ୍ତ୍ୱେ ବିଗତ ଦଶନ୍ଧିରେ ବିଶେଷ କରି ସୋଭିଏତ୍ ଋଷର ପତନ ପରେ ପରେ ଏବଂ ପଳାୟନବାଦୀ ମନୋରଞ୍ଜନ ଚେନାଲ (Channel)ଗୁଡିକର ଦୃତ ପ୍ରସାର ଯୋଗୁଁ ସାରା ବିଶ୍ୱର ଛାତ୍ର ଆନ୍ଦୋଳନରେ ଏକ ଶାନ୍ତ ପରିବେଶ ଦେଖା ଦେଇଛି ।

### ୨୮.୩ ପାଠଗତ ପ୍ରଶ୍ନ

୧) ଦିଆଯାଇଥିବା ପାଠ୍ୟକ୍ରମରେ "ସାଂସ୍କୃତିକ ସଂସ୍କାର"ର ଅର୍ଥ କ'ଣ ? ସଂସ୍କୃତିର କେତେକ ପ୍ରମୁଖ ସଂସ୍କାର ନାମ ଲେଖ ।

..........................................................................................

୨) ବିଂଶ ଶତାବ୍ଦୀରେ ବିଶ୍ୱର ଭାଷା ନମୁନାରେ (Pattern) କି ପ୍ରକାର ପରିବର୍ତ୍ତନ ଦେଖାଦେଲା ?

..........................................................................................

୩) ଆଜିକାଲି ସମାଚାର, ସୂଚନା ପ୍ରାପ୍ତି ଓ ମନୋରଞ୍ଜନ ତଥା କଥାବାର୍ତ୍ତାର ଶୈଳୀରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିବା ଜନ ସଂଚାରର (Mass Communication) ବିଭିନ୍ନ ନୂତନ ଚାନେଲଗୁଡିକର ନାମ ଉଲ୍ଲେଖ କର ।

..........................................................................................

## ୨୮.୪ ବିଶ୍ୱକରଣ /ବିଶ୍ୱବ୍ୟାପ୍ତି

ଆଧୁନିକ ଶିକ୍ଷା, ଜନସଂଚାର ମାଧ୍ୟମ (Mass Media), ଧର୍ମ ନିରପେକ୍ଷ ରାଜନୈତିକ ସିଦ୍ଧାନ୍ତ ଆଦିର ପ୍ରସାର ବିଂଶ ଶତାବ୍ଦୀର ଅନ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ବିକାଶରେ ଯୋଗଦାନ କରିଅଛି ଯାହାକୁ ବିଶ୍ୱବ୍ୟାପ୍ତି କୁହାଯାଏ । ବିଶ୍ୱବ୍ୟାପ୍ତି ପ୍ରକ୍ରିୟାର ସଂଜ୍ଞା ହେଲା ଯେଉଁଠାରେ କ୍ରମ ବର୍ଦ୍ଧିତ ବହୁରାଷ୍ଟ୍ରୀୟ ବ୍ୟାପାର, ଉତ୍ପାଦନ ଏବଂ ବିତ୍ତ ସହିତ ରାଜନୈତିକ ଏବଂ କଲ୍ୟାଣକାରୀ ସଂଗଠନ ଯଥା:-ମିଳିତ ରାଷ୍ଟ୍ର ସଂଘ ଏବଂ ବିଶ୍ୱ ସାମାଜିକ ମଞ୍ଚ ଭଳି ବ୍ୟବସାୟୀକ ଗୋଷ୍ଠୀ ଯାହାକି ପରସ୍ପର ନିର୍ଭରଶୀଳ ଅଧିକାଂଶ ଲୋକଙ୍କୁ ଅସୁମଚିତ

ଚୁକ୍ତି ଦ୍ୱାରା ଏକତ୍ରିତ କରି ଏକ ସଙ୍କୁଚିତ ବିଶ୍ୱ ସ୍ଥାପନ ଯେଉଁଠାରେ କି ଧନୀମାନଙ୍କୁ ଅନୁଗ୍ରହ ଦେଖାଯାଇଥାଏ ।

ବହୁ ରାଷ୍ଟ୍ରୀୟ ନିଗମର ବିକାଶ, ନଗରୀର ମଲ୍ (Mall) ଏବଂ ଇଣ୍ଟରନେଟ୍ ମାଧ୍ୟମରେ ସାରା ବିଶ୍ୱର ଜିନିଷପତ୍ର ଓ ସେବାର ଉପଲବ୍ଧି, ଶସ୍ତା ତଥା ତତ୍‌କ୍ଷଣାତ୍ ବିଚାର, ସମାଚାର ଓ ସୂଚନାଦି ପାଇଁ ସାରା ବିଶ୍ୱ ସହିତ ସଂଯୋଗ, ଫେସନ୍, ଖାଦ୍ୟଦ୍ରବ୍ୟ ଏବଂ ମନୋରଞ୍ଜନରେ ବିଶ୍ୱ ପ୍ରବଣତା ତଥା ବିଶ୍ୱ ମାର୍କେଟର ସ୍ଥାପନ ଇତ୍ୟାଦି ଆଜିକାଲିର ବିଶ୍ୱକରଣ (Globalization) କୁ ସୁଚାଇ ଥାଏ ।

ଏଠାରେ ଏହା ବୁଝିବା ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଯେ ବିଶ୍ୱକରଣର ସୃଷ୍ଟି ଅଚାନକ ଭାବେ ବିଂଶ ଶତାବ୍ଦୀରେ ହୋଇନଥିଲା । ବିଶ୍ୱସ୍ତରୀୟ ବ୍ୟାପାରିକ ନେଟ୍‌ୱାର୍କ ଏବଂ ଚିକିତ୍ସା ଓ ବୈଷୟିକ ଜ୍ଞାନକୌଶଳର ପ୍ରବାହ ଧାରା ବିଗତ ସମୟରେ ମଧ୍ୟ ପରିଲକ୍ଷିତ ହୁଏ । ୟୁରୋପୀୟ ରାଷ୍ଟ୍ରମାନଙ୍କ ଦ୍ୱାରା ଅଣ-ୟୁରୋପୀୟ ରାଷ୍ଟ୍ରମାନଙ୍କ ଉପରେ ଉପନିବେଶ ସ୍ଥାପନର ପ୍ରକ୍ରୀୟା ଏକ ଅଦ୍ଭୁତ ଢ଼ଙ୍ଗରେ ବିଶ୍ୱକୁ ଅସମାନଭାବେ ଏକତ୍ରୀକରଣରେ ସହାୟତା ଦେଲା ଯାହାକି ଷୋଡଶ ଶତାବ୍ଦୀର ପ୍ରାରମ୍ଭରେ ଆରମ୍ଭ ହୋଇଥିଲା । ଅନ୍ୟପକ୍ଷରେ ଶକ୍ତିଶାଳୀ ଏବଂ ସୁଦୁର ପ୍ରସାରୀ ଟ୍ରାନ୍‌ସ୍‌ନେସନାଲ କର୍ପରେସନ (Transnational Corporation) ଏବଂ ସଂଗଠନର ବିକାଶ ଓ ଗ୍ଲୋବାଲ ମିଡିଆ ନେଟ୍‌ୱାର୍କର (Global Media Network) ବିକାଶ ମୁଖ୍ୟତ ବିଗତ ଶତାବ୍ଦୀରେ ହୋଇଥିଲା ।

ଉକ୍ତ ସମ୍ବାଦ ସଂସ୍ଥା (News Channels) ଗୁଡିକ ସାରା ବିଶ୍ୱରେ ଜିନିଷପତ୍ର, ସେବା ଓ ସୂଚନା ପ୍ରବାହକୁ ସମ୍ଭବ କରିବା ସଙ୍ଗେ ସଙ୍ଗେ ଅଧିକ ପସନ୍ଦର ସୁବିଧା ସହିତ କେତେକ ଅଞ୍ଚଳର ସମୃଦ୍ଧି ମଧ୍ୟ ଆଶା କରାଯାଇଥିଲା । କିନ୍ତୁ ବାସ୍ତବରେ ଦେଖାଗଲା ଯେ ଏଗୁଡିକ ଅତ୍ୟନ୍ତ ପ୍ରାଚୀନ ସାଂସ୍କୃତିକ ପଦ୍ଧତି ଓ ସାମାଜିକ ପ୍ରଥାଗୁଡିକୁ ସଙ୍ଗେ ସଙ୍ଗେ ଖଣ୍ଡ ବିଖଣ୍ଡିତ କରି ଦେବା ସହିତ ସାରା ବିଶ୍ୱରେ ଧନୀ ଏବଂ ଗରିବ ମଧ୍ୟରେ ଥିବା ପ୍ରଭେଦକୁ ଅଧିକ ତୀବ୍ର କରି ସାରା ବିଶ୍ୱକୁ ପାଶ୍ଚାତ୍ୟ ରୀତିନୀତି ତଥା ମୂଲ୍ୟବୋଧରେ ଗଢ଼ିବା ପାଇଁ ଚେଷ୍ଟା କରିଥିଲା ।

ଦୁର୍ଭାଗ୍ୟବଶତଃ ସାରାବିଶ୍ୱରେ ପାଶ୍ଚାତ ବିଚାର ଏବଂ ରୀତିନୀତିର ପ୍ରସାର ହେବା ସହିତ ସ୍ୱତନ୍ତ୍ରତା, ସମାନତା ଓ ଗଣତନ୍ତ୍ର ଆଦିର ମହାନ ବିଚାରଧାରା ଅଣ-ପାଶ୍ଚାତ ଦେଶକୁ ସ୍ଥାନାନ୍ତରଣ, ପାଶ୍ଚାତ ବ୍ୟକ୍ତିବାଦ, ବସ୍ତୁବାଦ, ଯୁଗ୍ମ ପାରିବାରିକ ଜୀବନ ଏବଂ ସମୁଦାୟ ମଧ୍ୟରେ ସମ୍ପର୍କକୁ ଭାଙ୍ଗିବା, ଏକାକୀଜୀବନ, ମାନସିକ ବିକ୍ଷିପ୍ତତା ଆଦି ସଂକ୍ରାମକ ରୋଗର ପ୍ରସାର ପୂର୍ବ ତୁଳନାରେ ଅଧିକ ହୋଇଅଛି । ଏହାର ଉପରସ୍ତରକୁ ଗଲେ ଦେଖାଯାଏ ଯେ ଅନେକ ବିକାଶଶୀଳ ଦେଶରେ ପ୍ରଚଣ୍ଡ ଦାରିଦ୍ର୍ୟ, ଭ୍ରଷ୍ଟାଚାର, ଅପରାଧିକରଣ, ବେଆଇନ କାର୍ଯ୍ୟକଳାପ ବା ଏକଛତ୍ରବାଦ ଆଦି ସମସ୍ୟାଗୁଡିକ ପରିସ୍ଥିତିକୁ ଜଟିଳ ଓ ଅମଙ୍ଗଳ ସୂଚକ କରୁଛନ୍ତି ।

ଉକ୍ତ ପରିସ୍ଥିତିରେ ଯୁବପିଢ଼ୀଙ୍କ ଉପରେ ଏକ ବିଶାଳ ଦାୟୀତ୍ୱର ବୋଝ ପଡିଅଛି ଯେ ସେମାନେ ପ୍ରଲୋଭନାର ବିକଳ୍ପଗୁଡିକ ମଧ୍ୟରୁ ସଠିକ ବାଟକୁ ଚିହ୍ନଟ କରି ଉକ୍ତ ନୂତନ ଶତାବ୍ଦୀରେ ଆସୁଥିବା ସାଂସ୍କୃତିକ ଏବଂ ସାମାଜିକ ପରିବର୍ତ୍ତନର ଘୂର୍ଣ୍ଣିବାୟୁରୁ ମୁକ୍ତ ହୋଇ ନିଜ ଦେଶର ଗତିପଥକୁ ନିର୍ଦ୍ଦେଶିତ କରିବା ।

## ତୁମ୍ଭେ କ'ଣ ଶିଖିଲ

ନେତା, ଯୁଦ୍ଧ ଏବଂ ବିଦ୍ରୋହ ଆଦି ସମୟ ସମୟରେ ପୃଥିବୀକୁ ବହୁଳଭାବେ ପ୍ରଭାବିତ କରିଥାନ୍ତି କିନ୍ତୁ



ଟିପ୍ପଣୀ

ଜନସାଂଖ୍ୟିକି ଏବଂ ସାମାଜିକ ଶ୍ରେଣୀରେ ହେଉଥିବା ଧିରେ ଧିରେ ତଥା ଅନନୁଭବନୀୟ ପରିବର୍ତ୍ତନ ଏବଂ ବ୍ୟାପକ ଭାବେ ପ୍ରଚଳିତ ବିଶ୍ୱାସ, ମୂଲ୍ୟ ଏବଂ ଆଚାର-ବ୍ୟବହାର ମଧ୍ୟ କ୍ରମବର୍ଦ୍ଧନଶୀଳ ପରିବର୍ତ୍ତନ ଆଣିଥାଏ ।

ବିଂଶ ଶତାବ୍ଦୀ ପରବର୍ତ୍ତୀ ପରିବର୍ତ୍ତନ ପାଇଁ ମଧ୍ୟ ଏକ ଅଦ୍ୱିତୀୟ କାଳଅଟେ। ଏହି ସମୟରେ ବିଜ୍ଞାନ, ଔଦ୍ୟୋଗୀକରଣର ଗତିରେ ଚମତ୍କାର ଭାବେ ବିକାଶ ହେଲା ଯେତେବେଳେ କଳା, ଦର୍ଶନ ଓ ସାହିତ୍ୟରେ ବିଶ୍ୱସ୍ତରୀୟ ଆନ୍ଦୋଳନ ଘଟି ଆଧୁନିକତାବାଦ, ସାମାଜିକ ଯଥାର୍ଥବାଦ ଓ ଉତ୍ତର-ଆଧୂନିକତାବାଦ ଏବଂ ସର୍ବବ୍ୟାପି ସାଂସ୍କୃତିକ ସଂସ୍ଥା ଯଥା-ଭାଷା, ଧର୍ମ, ଶିକ୍ଷା ଏବଂ ମାସ୍ ମିଡିଆ ଇତ୍ୟାଦିର କାର୍ଯ୍ୟ ଓ ବ୍ୟବହାରରେ ମାତ୍ରାଧିକ ଓ ଗୁଣାତ୍ମକ ପରିବର୍ତ୍ତନ ଆସିଥିଲା ।

ସବୁ କ୍ଷେତ୍ରରେ ଏବଂ ତୀବ୍ର ବେଗରେ ହୋଇଥିବା ପରବର୍ତ୍ତନର ପରିଣାମ ସ୍ୱରୂପ ସାରା ପୃଥିବୀ ଏବେ ଅଧିକରୁ ଅଧିକ ବିଶ୍ୱକରଣ ଆଡକୁ ଗତି କରୁଛି । ଏହାଦ୍ୱାରା ବିଶ୍ୱର ଅନେକ ଦେଶମାନଙ୍କ ମଧ୍ୟରେ ଉତ୍ପାଦନ, ଉପଭୋଗ ଓ ସେବା ସହିତ ସମ୍ବାଦ, ସୂଚନା, ବିଚାରଧାରା ଓ ମନୋରଞ୍ଜନର ବିନିମୟ ସହିତ ସେମାନଙ୍କ ମଧ୍ୟରେ ଏକିକରଣର ସମାବେଶ ମଧ୍ୟ ସମ୍ଭବ ହୋଇଛି ।

ଉକ୍ତ ଶ୍ରମ ବର୍ଦ୍ଧିଷ୍ଣୁ ସାଂସ୍କୃତିକ ପରିବର୍ତ୍ତନଗୁଡିକ ଯୁବଗୋଷ୍ଠୀକୁ ଦେଖିବା ପାଇଁ ଏବଂ ଗତିଶୀଳ କରିବା ପାଇଁ ନୂତନ ସୁଯୋଗ ଦେବା ସହିତ ସେମାନଙ୍କ ପାଇଁ କେତେକ ସମସ୍ୟା ସୃଷ୍ଟି କରିଅଛି ଯଥା:- ବଢୁଥିବା ଆନ୍ତର୍ଜାତିକ ପ୍ରତିଯୋଗିତା, ଅହଂକାରର ବୃଦ୍ଧି, ଉପଭୋକ୍ତାବାଦ ଓ ଭୋଗବାଦ ଯାହାର ପରିଣାମ ସ୍ୱରୂପ ପରିବାର, ଦେଶ ଏବଂ ଏକ ସଠିକ୍, ସମୃଦ୍ଧ ଓ ମୁକ୍ତ ସମାଜ ଗଠନ ପାଇଁ ସାମୁହିକ ପ୍ରଚେଷ୍ଟାରୁ ବିଛିନ୍ନ ହୋଇ ରହୁଛନ୍ତି ।

### ପାଠଗତ ପ୍ରଶ୍ନ

୧. ବିଂଶ ଶତାବ୍ଦୀରେ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳରେ ହୋଇଥିବା ଅଭୁତ ପୂର୍ବ ବିକାଶ ଏକ ଅମିଶ୍ରିତ ବରଦାନ । ସମୀକ୍ଷା କର ?

୨. ସାର୍ବଜନୀନ ଜୀବନରେ ଧର୍ମର ଭୂମିକା ଏବେ କମୁଥିବା ବେଳେ ବିଶ୍ୱର ଅଧିକାଂଶ ଲୋକ ନିଜକୁ ଧାର୍ମିକ ବୋଲି କହୁଛନ୍ତି । ବ୍ୟାଖ୍ୟକର ?

୩. ବିଂଶ ଶତାବ୍ଦୀରେ ହୋଇଥିବା ସାଂସ୍କୃତିକ ପରିବର୍ତ୍ତନରେ ଶିକ୍ଷା ଏବଂ ବିଦ୍ୟାର୍ଥୀମାନଙ୍କର ଭୂମିକା ଉଲ୍ଲେଖ କର ।

୪. ବିଶ୍ୱକରଣ ଏବଂ ପଶ୍ଚିମୀକରଣ ମଧ୍ୟରେ ସମନ୍ଧର ବ୍ୟାଖ୍ୟା କରିବା ସହିତ ଭାରତ ଭଳି ଦେଶରେ ସଂସ୍କୃତିରେ ଏହା କି ପ୍ରକାର ପ୍ରତିବନ୍ଧକ ଏବଂ ସୁଯୋଗ ସୃଷ୍ଟି କରିଛି ତାହା ପ୍ରତିଫଳନ କର ।

### ୨୮.୧ ପାଠଗତ ପ୍ରଶ୍ନର ଉତ୍ତର

୧. ବିଂଶ ଶତାବ୍ଦୀରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନରେ ୧୯୧୭ରେ ସୋଭିଏତ୍ ୟୁନିଅନର ଜନ୍ମ ଓ ୧୯୪୭ ରୁ ଭାରତ ନେତୃତ୍ୱରେ ଏସିଆ ଓ ଆଫ୍ରିକାର ଔପନିବେଶିକ ରାଷ୍ଟ୍ରମାନଙ୍କର ସ୍ୱାଧୀନତା ଜଡିତ । ଏକ ସମୟରେ ହୋଇଥିବା ଧିରେ ଧିରେ ତଥା ପ୍ରମୁଖ ସାଂସ୍କୃତିକ ପରିବର୍ତ୍ତନର ଉଦାହରଣରେ ଶିକ୍ଷା ଓ ବିଚାରଧାରର ବିକାଶ ହେବା ସଙ୍ଗେ ସଙ୍ଗେ ମାସ୍ ମିଡିଆ ଜରିଆରେ ବିଚାର ଧାରାର ପ୍ରସାର ଏବଂ ମନୋରଞ୍ଜନ, ସମାଚାର ଏବଂ ଜ୍ଞାନର ଉତ୍ପାଦନରେ ବୃଦ୍ଧି ପାଉଥିବା ବିଶ୍ୱକରଣ ସମ୍ମିଳିତ ଅଟେ ।





୨. ସାମାଜିକ ବୈଜ୍ଞାନିକମାନେ ସଂସ୍କୃତି ଶବ୍ଦକୁ ଦୁଇ ପୃଥକ ଭାବରେ ବ୍ୟବହାର କରିଛନ୍ତି । ଯଥା:- କଳା, ସାହିତ୍ୟ, ଦର୍ଶନ ଇତ୍ୟାଦିରେ ସୃଜନାତ୍ମକ କାର୍ଯ୍ୟ ବିଷୟରେ ଉଲ୍ଲେଖ ତଥା କୌଣସି ଗୋଷ୍ଠୀ ବା ସମୁଦାୟର ସାର୍ବଜନୀନ ମୂଲ୍ୟ, ବିଶ୍ୱାସ, ଆଚାର ବ୍ୟବହାର ଆଦି ଯାହାକି ଇତିହାସରୁ ନିସୃତ, ଭୌତିକ ପରିବେଶ ଏବଂ ଭାଷା ଓ ଲୋକ ପରମ୍ପରା ଇତ୍ୟାଦିରୁ ମିଳିତ ତଥ୍ୟ ସମ୍ବଳିତ । ସଂସ୍କୃତିର ପ୍ରଥମ ଧାରଣା ବିଶେଷ ଭାବରେ ଉଚ୍ଚକୋଟୀର ପ୍ରତିଭା ସମ୍ପନ୍ନ ବକ୍ତିଙ୍କ ସହିତ ଜଡିତ ଥିବା ବେଳେ ଅନ୍ୟ ଧାରଣାଟି ସାମାଜିକ ସମୂହ ବିଷୟରେ ଅଟେ । ଉଭୟ ଧାରଣା ମୁଖ୍ୟତଃ ମାନସିକ ଘଟଣାକ୍ରମ ବିଷୟରେ ଜଡିତ ।

୩. ସଂସ୍କୃତି ଶବ୍ଦର ଅଭିବ୍ୟକ୍ତି ସେତିକି କଠିନ ଯେତିକି ଏହା ସାମାଜିକ ବିଜ୍ଞାନୀମାନଙ୍କ ପାଇଁ ମହତ୍ୱପୂର୍ଣ୍ଣ । ଏହାର କାରଣ ହେଲା ଯେ ବିଭିନ୍ନ ବିଚାରକମାନଙ୍କର ବ୍ୟବହାର ରୀତି ବିଭିନ୍ନ ପ୍ରକାରର ହୋଇଥାଏ । ଏଥି ସହିତ ଏହି ଶବ୍ଦ କେତେକ ଅଭୂତପୂର୍ବ ଘଟଣାକୁ ସଙ୍କେତ କରିଥାଏ ଯାହାକି ବାସ୍ତବ ନୁହେଁ ବା ଯାହାକୁ ନିରୁପଣ କରିବା ସମ୍ଭବ ନୁହେଁ ।

**୨୮.୨**

୧. ବିଂଶ ଶତାବ୍ଦୀର ପ୍ରମୁଖ ବୈଜ୍ଞାନିକମାନେ ହେଲେ:-

**ମେଡ଼ମ୍ କ୍ୟୁରୀ:** (ଯେ ରେଡ଼ିଏସନ୍ ପ୍ରକ୍ରୀୟା ଉପରେ କାର୍ଯ୍ୟ କରୁ କରୁ ନିଜ ଜୀବନକୁ ବଳିଦାନ କରିଥିଲେ)

**ଆଲବର୍ଟ ଆଇନ୍‌ଷ୍ଟିନ୍:** (ସାପେକ୍ଷଣର ସିଦ୍ଧାନ୍ତ ସେ ଜାଣିଥିଲେ)

**ଫିନ୍‌ମେନ୍** (Fyne Man): (ସବ୍-ଏଟୋମିକ୍ ପାର୍ଟିକ୍ଲିସ୍ ତରଙ୍ଗ ସିଦ୍ଧାନ୍ତର ବୈଜ୍ଞାନିକ ଗବେଷଣା)

**ଚାର୍ଲସ୍ ବାବେଜ୍:** (କମ୍ପ୍ୟୁଟରର ଉଦ୍‌ଭାବନରେ କାମ କରିଛନ୍ତି)

୨. ଆଧୁନିକତାବାଦ୍, ସାମାଜିକ ଯଥାର୍ଥବାଦ, ଉତ୍ତର-ଆଧୁନିକତାବାଦ

୩. ବାଟ୍ରେଣ୍ଡ ରସେଲ, ନୋଏମ୍ ଚୌମ୍‌ସ୍କି, ଇ.ପି. ଥମ୍ପସନ୍, ଅମର୍ତ୍ତ୍ୟ ସେନ୍ ।

**୨୮.୩**

୧. ସାଂସ୍କୃତିକ ସଂସ୍ଥାଗୁଡ଼ିକ ପ୍ରତୀକ ପ୍ରଣାଳୀ (Symbol System)କୁ ଅବଲମ୍ୱନ କରନ୍ତି ଯାହାଦ୍ୱାରା କୌଣସି ସମୁଦୟର ଦୃଷ୍ଟିଭଙ୍ଗି, ବିଶ୍ୱାସ ଏବଂ ମୂଲ୍ୟକୁ ଆକାର ଦେବା ପାଇଁ ତିଆରି କରାଯାଇଛି । ସବୁ ସମାଜରେ ଦେଖା ଦେଇଥିବା କେତେକ ମୁଖ୍ୟ ସାଂସ୍କୃତିକ ସଂସ୍ଥାଗଡ଼ିକ ହେଲା ଧର୍ମ, ଶିକ୍ଷା, ଭାଷା, ପରମ୍ପରା ଏବଂ ରିତିନୀତି ଏବଂ ଜନସଂଚାରର ସାଧନ ।

୨. ବିଂଶ ଶତାବ୍ଦୀରେ ଏସିଆ ଓ ଆଫ୍ରିକାର ଦେଶମାନଙ୍କରେ ମଧ୍ୟ ସ୍ଥାନୀୟ ଭାଷା ଏବଂ ପ୍ରତିଷ୍ଠିତ ଭାଷା ଦୃଢ଼ୀଭୂତ ହୋଇ ରାଷ୍ଟ୍ରୀୟ ଭାଷା ବା ମୁଖ୍ୟ ପ୍ରାଦେଶିକ ଭାଷାରେ ପରିଣତ ହୋଇଥିଲା । ଏହା ସହିତ ଇଂରେଜି ବିଶ୍ୱକୃତି ପୃଥିବୀର ଏକ ସଂଯୋଗକାରୀ ଭାଷା ହିସାବରେ ପ୍ରତିଷ୍ଠା ଲାଭ କଲା ।

୩. ଟେଲିଫୋନ, ରେଡିଓ, ସିନେମା, ଟେଲିଭିଜନ, ଟେପ୍‌ରେକଡର, କମ୍ପେକ୍ଟ ଡିସ୍କ, କମ୍ପୁଟର, କମୁନିକେଶନ, ସେଟଲାଇଟ ଓ ମୋବାଇଲ ଫୋନ ।ୟ



ଟିପ୍ପଣୀ



ପାଠାନ୍ତ ପ୍ରଶ୍ନର ସଙ୍କେତ

୧. ଦେଖ - ୨୮.୨

୧. ଦେଖ - ୨୮.୩

୧. ଦେଖ - ୨୮.୩.୬

୧. ଦେଖ - ୨୮.୪

**ପରିଯୋଜନା କାର୍ଯ୍ୟ** Project work

ସାଂସ୍କୃତିକ ପରିବର୍ତ୍ତନ ସାଧାରଣତଃ ଅତି ମନ୍ଥର ବା ଅନୁପଲବ୍ଧ ହୋଇଥାଏ । କିନ୍ତୁ ବିଂଶ ଶତାବ୍ଦୀରେ ପୂର୍ବ ତୁଳନାରେ କ୍ଷୀପ୍ରଗତିରେ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ନିଜ ପୂର୍ବଜମାନଙ୍କୁ ପଚାରି ତାଙ୍କର ଜୀବନକାଳରେ ଦେଖା ଦେଇଥିବା କିଛି ସାଂସ୍କୃତିକ ପରିବର୍ତ୍ତନର ଉଦାହରଣ ଦିଅ ଯାହାଦ୍ୱାରା ଉକ୍ତ ପରିବର୍ତ୍ତନକୁ ପ୍ରାଞ୍ଜଳ କରିହେବ ।

ଆଜିକାଲି ଭାରତରେ ଭାରତୀୟ ସଂସ୍କୃତିର ମୂଲ୍ୟ, କଳା, ଅନୁଷ୍ଠାନ ଏବଂ ରୀତୀନୀତିରେ ପ୍ରଚଳିତ ଅନେକତା ମଧ୍ୟରେ ଏକତାର କିଛି ମୌଳିକ ଉପାଦାନଗୁଡିକୁ ଉଲ୍ଲେଖ କର ।

**ଶବ୍ଦାବଳୀ**

**ସଂସ୍କୃତି** - ଏକ ସମୁଦାୟର ମୂଲ୍ୟ (Shared value), ବିଶ୍ୱାସ ଏବଂ ରୀତିନୀତି ଓ ଅନ୍ୟପକ୍ଷରେ କଳା, ସାହିତ୍ୟ, ଦର୍ଶନ ଶାସ୍ତ୍ର ବା ବିଜ୍ଞାନ କ୍ଷେତ୍ରରେ ହୋଇଥିବା ସୃଜନାତ୍ମକ କାର୍ଯ୍ୟ ।

**ବିଶ୍ୱକରଣ / ବିଶ୍ୱବ୍ୟାପ୍ତି** - ସବୁ ଦେଶର ଏପାରି ସେପାରି ସଂଚାର, ମନୋରଞ୍ଜନ, ବ୍ୟାପାର ଏବଂ ରାଜନୀତିର ନେଟୱାର୍କ ମାଧ୍ୟମରେ ବନ୍ଧିତ ବିଶ୍ୱ ଏକିକରଣ ।

**ଅବୋଧ ଭାଷା** (Jargon) - ଜ୍ଞାନ ପ୍ରଦର୍ଶନ ପାଇଁ ନିତିଦିନିଆ ଶବ୍ଦ ବ୍ୟବହାର ନକରି ତା' ସ୍ଥାନରେ ଟେକ୍‌ନିକ୍ ବା ଅପରିଚିତ ଶବ୍ଦର ପ୍ରୟୋଗ କରିବା ।

**ଦ୍ୱିଭାଷୀକରଣ** - ସମାନ କ୍ଷମତା ସହିତ ଦୁଇ ଭାଷାର ପ୍ରୟୋଗ କରିବା ବା ବୁଝିବାର ଯୋଗ୍ୟତା ।

**ଆଧୁନିକତାବାଦ** - ବିଂଶ ଶତାବ୍ଦୀର ଏକ ବଡ ସୌନ୍ଦର୍ଯ୍ୟ ପୂର୍ଣ୍ଣ ପ୍ରବଣତା ଯାହା ଆଧୁନିକ ସମାଜର ଆନ୍ତରିକ ଯନ୍ତ୍ରଣା ଓ ସମସ୍ୟାକୁ ଅଭିବ୍ୟକ୍ତ କରେ ।

**ଧର୍ମନିରପେକ୍ଷତା** - ନାସ୍ତିକତାବାଦର ଉତ୍‌ଥାନକୁ ଜଡିତ ନକରି ସାର୍ବଜନୀନ ଜୀବନରେ ଧର୍ମର ପତନାଭିମୁଖୀ ଭୂମିକା ।